# ଓଡ଼ିଆ ନାଟ୍ୟକଳା

# A CRITICAL STUDY OF THE ORIYA DRAMA

( Up to 1939 )

BY

odia.org

ଚୌଧୁରୀବଜାର, କଟକ

Printed by P. Kar.
UTKAL SAHITYA PRESS,
CUTTACK.
1943.

ମୂଲ୍ୟ ତିନି ଟଙ୍କା ମାତ୍ର

# ବିଜ୍ଞପ୍ତି

ଏହି ପୁସ୍ତକଟି ୧୯୩୯ ମସିହାରେ ଲିଖିତ ହୋଇଥିଲା, ଏଥି ଏଥିରେ ୧୯୩୮ ମସିହାର ଶେଷଭାଗ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ନାଟକମାନଙ୍କ ବିଷୟରେ ଆଲୋଚନା କରାଯାଇଅଛି । ଅତ୍ୟାଧୁନିକ ନାଟକ ଓ ନବୀନ ନାଟ୍ୟକାରମାନଙ୍କ ବିଷୟରେ ଅଧିକ ଲେଖିବାକୁ ସାହସୀ ହୋଇ ନାହିଁ; କାରଣ କଳାଦୃଷ୍ଟିରୁ ସେମାନଙ୍କର ସାହିତ୍ୟିକ ମୂଲ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିରୀକୃତ ହୋଇ ନାହିଁ; କିନ୍ତୁ ଯେଉଁ ଲେଖକମାନେ ବର୍ତ୍ତମାନ ବାସ୍ତବରେ ସାହିତ୍ୟକ୍ଷେତ୍ରରୁ ଅପସୃତ, ସେମାନଙ୍କ ବିଷୟରେ ବିଶେଷ ଆଲୋଚନା କରାଯାଇଅଛି । ସମାଲୋଚନାର ମତାମତ ନିମନ୍ତେ ଲେଖକ ଦାୟୀ, ମାତ୍ର ତାହା ବ୍ୟକ୍ତିଗତ ମତାମତ, କାହାରିକୁ ଆଘାତ କରିବାର ଇଚ୍ଛା ସେଥିରେ ନାହିଁ । କେବଳ ସାହିତ୍ୟିକ ଦୃଷ୍ଟିରୁ ଯାହା ଲେଖକ ସତ୍ୟ ବୋଲି ଉପଲବ୍ଧି କରିଅଛି, ତାହାହିଁ ପୁସ୍ତକରେ ସନ୍ନିବେଶିତ କରାଯାଇଅଛି । ତଥାପି କୌଣସି ବ୍ୟକ୍ତିର କ୍ଷୋଭର କାରଣ ଥିଲେ ଲେଖକ ତାହାର ମାର୍ଜନା ଭିକ୍ଷା କରୁଅଛି ।

ଏ ପୁସ୍ତକର ପ୍ରୁଫ୍ ଦେଖିବାରେ ଯେଉଁମାନେ ସାହାଯ୍ୟ କରିଅଛନ୍ତି, ସେମାନଙ୍କ ନିକଟରେ ଲେଖକ କୃତଜ୍ଞ । ଅଧ୍ୟାପକ ସନାତନ ଦାସଙ୍କ ଚେଷ୍ଟାରେ ପୁରାତନ ଉତ୍କଳ ପତ୍ରିକାମାନ ପ୍ରାଦେଶିକ ମ୍ୟୁଜିଅମରେ ରକ୍ଷିତ ହୋଇଥିବାରୁ ଲେଖକ ତାଙ୍କଠାରେ ମଧ୍ୟ କୃତଜ୍ଞ । କାରଣ ସେହି ଉପାଦାନ ବିନା ଏହିପରି ପୁସ୍ତକ ପ୍ରଣୟନ ସମ୍ଭବପର ହୋଇପାରନ୍ତା ନାହିଁ । ବର୍ତ୍ତମାନ କାଗଜ ଓ ଛପାର ଉପକରଣ ଦୁର୍ମୂଲ୍ୟ, ସାହିତ୍ୟ ମଧ୍ୟ ନୃଷ୍ଟଜନିତ ଗର୍ଭ-ଦୈନ୍ୟଗ୍ରସ୍ତ ଭାବେ ପରିତ୍ୟକ୍ତ, ଏହି ପୁସ୍ତକଟି ଛାପିବାରେ ବହୁ ଅସୁବିଧା ସ୍ୱୀକାର କରିବାକୁ ହୋଇଅଛି । ବର୍ତ୍ତମାନ ପରିସ୍ଥିତିରେ ତାହାର ପ୍ରକାଶ ଅସମ୍ଭବ ହୋଇ ପଡ଼ନ୍ତା, କେବଳ ଛାତ୍ରମାନଙ୍କ ଉତ୍ସାହ ଓ ଛାପାଖାନାର କର୍ମ କର୍ତ୍ତାଙ୍କର ଉଦ୍ୟୋଗରେ ଏ ପୁସ୍ତକର ଛପା ସମ୍ଭବ ହୋଇଅଛି । ସେମାନଙ୍କଠାରେ ଲେଖକ କୃତଜ୍ଞ ।

ବିନୀତ

ଲେଖକ

# ସୂଚୀ


| ବିଷୟ | | | | ପୃଷ୍ଠା |
|---|---|---|---|---|
| **ପ୍ରଥମ ପରିଚ୍ଛେଦ** | | | | |
| ନାଟ୍ୟକଳାର ଅବତରଣିକା | ... | ... | | ୧ |
| **ଦ୍ୱିତୀୟ ପରିଚ୍ଛେଦ** | | | | |
| ଓଡ଼ିଆରେ ନାଟକର ଚୂଡ଼ାକଳ୍ପ | ... | ... | | ୨୦ |
| **ତୃତୀୟ ପରିଚ୍ଛେଦ** | | | | |
| ପ୍ରଥମ ଓଡ଼ିଆ ନାଟକ | ... | ... | ... | ୩୯ |
| **ଚତୁର୍ଥ ପରିଚ୍ଛେଦ** | | | | |
| ଭାସ୍କାବେଶ୍ୱର ପ୍ରଭାବ | ... | ... | ... | ୪୫ |
| **ପଞ୍ଚମ ପରିଚ୍ଛେଦ** | | | | |
| ଓଡ଼ିଆ ନାଟକ ଓ ନାଟ୍ୟଶାଳାର କ୍ରମବୃଦ୍ଧି | ... | ... | | ୭୫ |
| **ଷଷ୍ଠ ପରିଚ୍ଛେଦ** | | | | |
| ଓଡ଼ିଆ ନାଟକର ପ୍ରକାର ଭେଦ | ... | ... | | ୮୨ |
| **ସପ୍ତମ ପରିଚ୍ଛେଦ** | | | | |
| ନାଟ୍ୟଶାଳା ସହିତ ଓଡ଼ିଆ ନାଟକର ସମ୍ପର୍କ | ... | | | ୯୮ |
| **ଅଷ୍ଟମ ପରିଚ୍ଛେଦ** | | | | |
| ଓଡ଼ିଆ ନାଟକର ସାମାଜିକ ପୃଷ୍ଠପଟ | ... | ... | | ୧୨୪ |
| **ନବମ ପରିଚ୍ଛେଦ** | | | | |
| ଓଡ଼ିଆ ନାଟକରେ ନାଟକୀୟ ଦ୍ୱନ୍ଦ୍ୱ | ... | ... | | ୧୩୩ |
| **ଦଶମ ପରିଚ୍ଛେଦ** | | | | |
| ଓଡ଼ିଆ ନାଟକର ରଚନା ପଦ୍ଧତି | | | | |
| (୧) କଥାବସ୍ତୁ | ... | ... | ... | ୧୪୯ |
| (୨) ନାଟକୀୟ ଚରିତ୍ର ଓ ଅବହାର୍ଯ୍ୟ | ... | ... | | ୧୬୭ |
| (୩) ଭାଷା | ... | ... | ... | ୨୦୮ |

# ଓଡ଼ିଆ ନାଟ୍ୟକଳା

## ପ୍ରଥମ ପରିଚ୍ଛେଦ

### ନାଟ୍ୟକଳାର ଅବତରଣିକା

ସାହିତ୍ୟକୁ ଆମ୍ଭେମାନେ ସାଧାରଣତଃ ତିନିଗୋଟି ବିଭାଗରେ ବିଭକ୍ତ କରି ପ୍ରତ୍ୟେକ ବିଭାଗକୁ ପୃଥକଭାବରେ ଅନୁଶୀଳନ ଓ ଆଲୋଚନା କରିଥାଉଁ । ସାହିତ୍ୟିକ ଯେତେବେଳେ ସୁମଧୁର ଶବ୍ଦବିନ୍ୟାସଦ୍ୱାରା ଓ ଛନ୍ଦର ଝଙ୍କାରଦ୍ୱାରା ଆମ୍ଭମାନଙ୍କର ମନକୁ ଆକୃଷ୍ଟ କରନ୍ତି ଓ ପଦାବଳୀର ମାଧୁର୍ଯ୍ୟଦ୍ୱାରା ନିଜର କଳ୍ପନାବିଳାସକୁ ଆମ୍ଭମାନଙ୍କ ମନରେ ସତ୍ୟ ବୋଲି ପ୍ରତିଷ୍ଠିତ କରିବାକୁ ସଚେଷ୍ଟ ହୁଅନ୍ତି, ଯେତେବେଳେ ନିଜ ଅନ୍ତର ପ୍ରଦେଶରେ ସ୍ଫୁରିତ ହେଉଥିବା ଭାବନିଚୟକୁ ସୌନ୍ଦର୍ଯ୍ୟମଣ୍ଡିତ କରି ପାଠକର ମନୋରାଜ୍ୟରେ ସ୍ଥାପିତ କରିବାକୁ ସକ୍ଷମ ହୁଅନ୍ତି କିମ୍ବା ସୁମଧୁର ସ୍ୱରଲହରୀଦ୍ୱାରା ପାଠକର ମନକୁ ଆହ୍ଲାଦିତ କରିବାକୁ ଚେଷ୍ଟା କରନ୍ତି, ସେତେବେଳେ ଆମ୍ଭେମାନେ କାବ୍ୟ ସାହିତ୍ୟର ଉନ୍ମେଷ ଦେଖିଥାଉଁ । କାବ୍ୟ ମଧୁର ଆବେଗମୟ କଥାର ସମଷ୍ଟି, କାବ୍ୟ କବିର ଅନ୍ତରତମ ଅନୁଭୂତିର ବହିଃପ୍ରକାଶ, କାବ୍ୟ ଅନନ୍ତ ବିଶ୍ୱରାଜ୍ୟର ମଧୁର ଛନ୍ଦକଣିକା-ମାନ ସଂଗ୍ରହ କରି ନିଜକୁ ହୃଦୟଗ୍ରାହୀ କରିବାକୁ ସକ୍ଷମ, କାବ୍ୟ କଳ୍ପନା-ରାଜ୍ୟକୁ ସୌନ୍ଦର୍ଯ୍ୟର ଆବେଷ୍ଟନୀଦ୍ୱାରା ଅଳଂକୃତ କରି ବିମୁଗ୍ଧ ପାଠକ ସମ୍ମୁଖରେ ବାସ୍ତବ ରାଜ୍ୟର ଦୈନନ୍ଦିନ ସାମାନ୍ୟରୂପରେ ପ୍ରକାଶିତ କରିବାକୁ ନିରନ୍ତର ସଚେଷ୍ଟ । କାବ୍ୟ ମଧ୍ୟରେ ସ୍ୱରର ମୂର୍ଚ୍ଛନାଦ୍ୱାରା ଅନୁପ୍ରାଣିତ ହୋଇ ଆମ୍ଭେମାନେ ସତ୍ୟାସତ୍ୟର ପ୍ରଭେଦ ଭୁଲିଯାଉଁ, କବିର ଆବେଗମୟ ପ୍ରାଣତନ୍ତ୍ରୀର ଝଙ୍କାରଦ୍ୱାରା ଆକୃଷ୍ଟ ଓ ଅଭିଭୂତ ହୋଇ ଅମୂର୍ତ୍ତ ଅବାସ୍ତବ ଭାବରାଜ୍ୟରେ ବିଚରଣ କରିବାରେ ପ୍ରବୃତ୍ତ ହୋଇ କଳ୍ପନା-ପ୍ରସୂତ ଆଲେଖ୍ୟମାନଙ୍କୁ ଅବାଧରେ ଜୀବନ୍ତ ବୋଲି ଗ୍ରହଣ କରିବାକୁ ଉନ୍ମୁଖ ହୋଇ ଉଠୁଁ ଓ ସୀମା ମଧ୍ୟରେ ଅସୀମର ସନ୍ଧାନ ଅନୁଭବ କରି ଏବଂ ଅପୂର୍ବ ଉନ୍ମାଦନା ହୃଦୟର ଅନ୍ତରତମ ପ୍ରଦେଶରେ ଅନୁଭବ କରିଥାଉଁ ।

ମାତ୍ର ବାସ୍ତବ ସଂସାରର ଜୀବନ୍ତ ପ୍ରତିଛବି ସାହିତ୍ୟ ମଧ୍ୟରେ ଦେବାର ପ୍ରୟାସ ମଧ୍ୟ ହୋଇଥାଏ । ଅନନ୍ତ ଅବ୍ୟକ୍ତ ଅମୂର୍ତ୍ତି କଳ୍ପନାରାଜ୍ୟରେ ବିଚରଣ କରି ଯେତେବେଳେ ଆମ୍ଭେମାନେ କ୍ଳାନ୍ତ ହୋଇପଡ଼ୁଁ, ସେତେବେଳେ ସାଧାରଣ ବାସ୍ତବ ଜଗତର ଚିତ୍ର ଆମ୍ଭମାନଙ୍କୁ ବିମୋହିତ କରେ । ଉପନ୍ୟାସ ଲେଖକ କଳ୍ପନାରେ ମାନବଜୀବନର ଦୈନନ୍ଦିନ ଘଟଣାକୁ ଆଶ୍ରୟ କରି, ଆମ୍ଭମାନଙ୍କ ଚତୁଃପାର୍ଶ୍ୱରେ ଯେଉଁ ଜୀବନସ୍ରୋତ ନିରନ୍ତର ପ୍ରବାହିତ ହେଉଅଛି ତାହାର କ୍ଷୀଣ ଧାରାମାନଙ୍କୁ ଅବଲମ୍ବନ କରି ଓ ତହିଁର ଅନୁଭୂତିମାନଙ୍କର ସଜୀବ ଚିତ୍ର ପାଠକମାନଙ୍କ ସମ୍ମୁଖରେ ଉନ୍ମୁକ୍ତ କରି, ସେମାନଙ୍କୁ ନିଜର ବାସ୍ତବ ଜଗତର ଅଭିଜ୍ଞତା-ଦ୍ୱାରା ବିମୋହିତ କରି ଅପାର ଆନନ୍ଦ ଦାନ କରିବା ନିମନ୍ତେ ଚେଷ୍ଟା କରେ । ଚିତ୍ରକର ଯେପରି ସଦାପରିବର୍ତ୍ତନଶୀଳ ପ୍ରକୃତିର ଆଲେଖ୍ୟକୁ ନିଜର ତୂଳିକାଦ୍ୱାରା ଚିରନ୍ତନ ମୂର୍ତ୍ତି ଦେବାକୁ ଚେଷ୍ଟା କରେ, କୌଣସି ସୁନ୍ଦର ମୁହୂର୍ତ୍ତକୁ ବାନ୍ଧିନେଇ ଚିରକାଳ ନିମନ୍ତେ ତାହାର ସୌନ୍ଦର୍ଯ୍ୟକୁ ଦର୍ଶକର ମାନସପଟରେ ଅଙ୍କିତ କରିବାକୁ ସଚେଷ୍ଟ ହୁଏ, ଔପନ୍ୟାସିକ ସେହିପରି ଜୀବନର ଅନନ୍ତ ସ୍ରୋତ ମଧ୍ୟରୁ କୌଣସି ବିଶେଷ ଅଂଶକୁ ନିଜର କଳ୍ପନାବଳରେ ଚିରନ୍ତନ ମୂର୍ତ୍ତି ଦେବାର ପ୍ରୟାସ କରିଥାଏ । ଆମ୍ଭେମାନେ ସାଧାରଣ ଜୀବନରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଁ, ଯେଉଁ ସବୁ ଅବେଷ୍ଟନୀ ମଧ୍ୟରେ ଆମ୍ଭମାନଙ୍କର ଜୀବନ ପରିଚାଳିତ ହୁଏ, ଯେଉଁ ବାହ୍ୟପ୍ରବାହର ବିରାମହୀନ ଘାତପ୍ରତିଘାତଦ୍ୱାରା ଆମ୍ଭେମାନେ ନିରନ୍ତର ଅଭିଭୂତ ହେଉଁ, ଯେଉଁ ଅନୁଭୂତିମାନଙ୍କଦ୍ୱାରା ଆମ୍ଭମାନଙ୍କର ଜୀବନ ନାନାଭାବରେ ପ୍ରଭାବିତ ହୋଇଥାଏ, ଯେଉଁ ଅନନ୍ତ-ବୈଚିତ୍ର୍ୟମୟ ଘଟଣାଚକ୍ରର ନିରନ୍ତର ପରିକଳ୍ପନାଦ୍ୱାରା ଆମ୍ଭେମାନେ ଜୀବନକୁ ଚିରନୂତନ ଭାବରେ ଅନୁଭବ କରିବାକୁ ସକ୍ଷମ ହେଉଁ, ଯେଉଁ ଜୀବନପ୍ରବାହର ନିତ୍ୟ ସ୍ରୋତ ଆମ୍ଭମାନଙ୍କ ମନରେ ନାନା ସମୟରେ ନାନା ବିଭିନ୍ନ ଭାବ ଅଙ୍କିତ କରି ଜୀବନର ନାନା ବିକାଶ ପ୍ରତି ଆମ୍ଭମାନଙ୍କୁ ଜାଗ୍ରତ କରିଦିଏ, ସେହି ଅବେଷ୍ଟନୀ, ସେହି ଜୀବନପ୍ରବାହର କ୍ଷଣିକ ମୁହୂର୍ତ୍ତମାନଙ୍କୁ ଅଙ୍କିତ କରି ଗଳ୍ପଲେଖକ ଆମ୍ଭମାନଙ୍କୁ ଆନନ୍ଦ ଦାନ କରିବାକୁ ଚେଷ୍ଟା କରେ ଓ ଅନୁଭୂତିମାନଙ୍କର ଯଥାଯଥ ଚିତ୍ର ଦେଇ ଆମ୍ଭମାନଙ୍କୁ ଜୀବନର ଲକ୍ଷ୍ୟ ବିଷୟରେ ସୁସ୍ପଷ୍ଟ ଇଙ୍ଗିତ ଦେଇଥାଏ । କବିର ପ୍ରେରଣା ସୁମଧୁର ଛନ୍ଦର ବିଚିତ୍ର ଝଙ୍କାରଦ୍ୱାରା ଅନୁପ୍ରାଣିତ, ଉପନ୍ୟାସ ଲେଖକର ପ୍ରେରଣା ବାସ୍ତବ

ଜଗତର ସୂକ୍ଷ୍ମ ଅବେକ୍ଷଣର କଳ୍ପନାଦ୍ୱାରା ଉଦ୍ଭାସିତ । ଉଭୟଙ୍କର କଳ୍ପନା ବିଭିନ୍ନ ଦିଗରେ ପ୍ରସାରିତ ଓ ବିଭିନ୍ନ ପ୍ରକାର ପରିକଳ୍ପନାରେ ବ୍ୟସ୍ତ ।

ଉପନ୍ୟାସ ପରି ନାଟକରେ ମଧ୍ୟ ଆମ୍ଭେମାନେ ବାସ୍ତବ ଜୀବନର ଛବି ପାଇଥାଉଁ । ସାଧାରଣ ଜୀବନର ସମସ୍ୟା, ସାଧାରଣ ଜୀବନର ଅବେକ୍ଷଣ, ସାଧାରଣ ଜୀବନଯାତ୍ରାର ପ୍ରଣାଳୀମାନ ନାଟ୍ୟକାରର ଲେଖାକୁ ଅନୁପ୍ରାଣିତ କରିଥାଏ । ତାହାର ଜୀବନପ୍ରବାହ ମଧ୍ୟରେ ଯେଉଁ ମୁହୂର୍ତ୍ତି ଅନନ୍ତ ଗୌରବପୂର୍ଣ୍ଣ ହୋଇ ତାହାର ମାନସପଟରେ ଚିରକାଳ ଉଦ୍ଭାସିତ ହୋଇ ରହିବାର ଯୋଗ୍ୟ, ସୃଷ୍ଟିବର୍ଣ୍ଣିତ ନାନା ଉପାଖ୍ୟାନ ମଧ୍ୟରେ ଯାହା ମନୋବୃତ୍ତିକୁ ଉତ୍ତେଜିତ କରିବାକୁ ସକ୍ଷମ, ନାନାପ୍ରକାର ସାମାଜିକ ସମସ୍ୟା ମଧ୍ୟରେ ଯାହା ତାହାର ଜୀବନକୁ ସାମୟିକ ଭାବରେ ଉଦ୍ବେଳିତ କରେ ବା ତାହାର ଆଦର୍ଶକୁ ନିସ୍ପନ୍ଦ କରିବାକୁ ସଚେଷ୍ଟ ହୁଏ ଅଥବା ଦୈନନ୍ଦିନ ସୁଖଦୁଃଖମୟ ଜୀବନପ୍ରବାହର ଯେଉଁ ମୁହୂର୍ତ୍ତ-ଗୁଡ଼ିକ ବ୍ୟକ୍ତିଗତ ଜୀବନରେ ଗଭୀର ରେଖା ଅଙ୍କନ କରିବାକୁ ସମର୍ଥ ହୁଏ, ସେହି ସବୁ ସମସ୍ୟା, ସେହି ସବୁ ଗୌରବମୟ ମୁହୂର୍ତ୍ତ, ସେହି ଅବେକ୍ଷଣମାନଙ୍କୁ ଯଥାଯଥ ଭାବରେ ଚିତ୍ରିତ କରି ଓ କଳ୍ପନାଦ୍ୱାରା ଅନୁରଞ୍ଜିତ କରି ଜନସମାଜରେ ପ୍ରଚାରିତ କରିବା ଓ ସ୍ଥାୟୀ ଭାବରେ ଅଙ୍କିତ କରି ସେମାନଙ୍କୁ ଅନନ୍ତ ଆନନ୍ଦର ଉପାଦାନ କରିବା ନାଟ୍ୟକାରର ଉଦ୍ଦେଶ୍ୟ ।

ନାଟ୍ୟକାର ଓ ଉପନ୍ୟାସଲେଖକ ଉଭୟେ ଗଳ୍ପ ଲେଖନ୍ତି, ଉଭୟେ କୌଣସି ବାସ୍ତବ ଜଗତର ଦୃଶ୍ୟକୁ ଅବଲମ୍ବନ କରି କଥାବସ୍ତୁର ପରିକଳ୍ପନା ଓ ବିନ୍ୟାସଦ୍ୱାରା ପାଠକମାନଙ୍କୁ ଆନନ୍ଦ ଦାନ କରିବାକୁ ସଚେଷ୍ଟ ହୁଅନ୍ତି । ଉଭୟେ ଜୀବନର ଯଥାଯଥ ଚିତ୍ର ଅଙ୍କିତ କରିବାରେ ବ୍ୟସ୍ତ, ଉଭୟେ ସାଧାରଣ ଜୀବନର ଘଟଣାମାନଙ୍କୁ ଭିତ୍ତି କରି ନିଜର ଗଳ୍ପମାନ ରଚନା କରନ୍ତି, ଉଭୟେ ସାଧାରଣ ଜୀବନର ଅବେକ୍ଷଣ ମଧ୍ୟରୁ ନିଜର କଳ୍ପନାର ଉପାଦାନମାନ ସଂଗ୍ରହ କରନ୍ତି ଓ ଉଭୟେ ନିଜର କଳ୍ପନାବଳୀକୁ ବାସ୍ତବ ଜୀବନ୍ତ ପାର୍ଥିବ ଅବେକ୍ଷଣ ଦ୍ୱାରା ସଂଯତ କରି ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରନ୍ତି । ଉଭୟଙ୍କର ଲକ୍ଷ୍ୟ ଏକ, ଉଭୟଙ୍କର ଉପାଦାନ ଏକ, ଉଭୟଙ୍କର ରସବିନ୍ୟାସର ଉଦ୍ଦେଶ୍ୟ ଏକ ଓ ଉଭୟେ ଏକ ଆଦର୍ଶଦ୍ୱାରା ଅନୁପ୍ରାଣିତ ହୋଇ ସାହିତ୍ୟ ରଚନାରେ ଅଗ୍ରସର ହୋଇଥାନ୍ତି ।

ମାତ୍ର ଉପାଦାନ ଓ ଉଦ୍ଦେଶ୍ୟ ଏକାପ୍ରକାରର ହେଲେହେଁ ଏମାନଙ୍କର ରଚନା ପଦ୍ଧତିରେ ବିଶେଷ ପାର୍ଥକ୍ୟ ଦେଖାଯାଏ । ଉପନ୍ୟାସ କେବଳ ପାଠ କରିବା ଉଦ୍ଦେଶ୍ୟରେ ଲିଖିତ । ପାଠକ ବିଶ୍ରାମ ସମୟରେ ନିଜ ଗୃହରେ ଉପନ୍ୟାସ ଖଣ୍ଡିଏ ଧରି କଥାବସ୍ତୁର ବୈଚିତ୍ର୍ୟ ମଧ୍ୟରେ, ଚରିତ୍ରଚିତ୍ରଣର ନାଟକୀୟତା ମଧ୍ୟରେ, ଘଟଣା ବିନ୍ୟାସର ମଧୁର ଉତ୍କଣ୍ଠା ମଧ୍ୟରେ ନିଜର ଶ୍ରମ ଅପନୋଦନ କରିବାକୁ ସଚେଷ୍ଟ । ଗୋଟିଏ ଉପନ୍ୟାସ ଆଦ୍ୟନ୍ତ ପର୍ଯ୍ୟନ୍ତ ତାହାର ଚିତ୍ତବିନୋଦନ କରିବାକୁ ସମର୍ଥ, ନିଜର ଇଚ୍ଛାନୁସାରେ କଥାବସ୍ତୁର ଅଂଶବିଶେଷ ସେ ନିଜର ବିଶ୍ରାମ ସମୟରେ ପାଠ କରିବାକୁ ସକ୍ଷମ । ପାଠକ ନିଜର କଳ୍ପନାବଳରେ ଉପନ୍ୟାସ-ବର୍ଣ୍ଣିତ ଚରିତ୍ରମାନଙ୍କୁ ଜୀବନ୍ତ ବୋଲି ଉପଲବ୍ଧି କରିପାରେ ଓ ଘଟଣା-ବିନ୍ୟାସର ପାରିପାଟ୍ୟଦ୍ୱାରା ବିମୋହିତ ହୋଇ ପରିଚ୍ଛେଦବିଶେଷକୁ ପୁନଃପୁନଃ ପାଠ କରି ଆନନ୍ଦଲାଭ କରିପାରେ । ଉପନ୍ୟାସରେ ଲେଖକ ନିଜର ବର୍ଣ୍ଣନାଚାତୁରୀର ସମ୍ୟକ୍ ପରିଚୟ ଦେଇ ପାରନ୍ତି । ସେ ଚରିତ୍ର ବିଶ୍ଳେଷଣ କରି ପାଠକମାନଙ୍କୁ ସେମାନଙ୍କର ଅନ୍ତର୍ନିହିତ ଭାବ ସହଜରେ ବୁଝିବା ନିମନ୍ତେ ସାହାଯ୍ୟ କରିପାରନ୍ତି ଓ ଘଟଣାମାନଙ୍କ ଉପରେ ନିଜର ଟିପ୍ପଣୀ ଯୋଗ କରି ସେମାନଙ୍କୁ ପରିସ୍ଫୁଟ କରିବା ନିମନ୍ତେ ସଚେଷ୍ଟ ହୋଇ ପାରନ୍ତି । ଉପନ୍ୟାସଲେଖକ ନିଜର କଳ୍ପନାରାଜ୍ୟକୁ ପାଠକ ସମକ୍ଷରେ ଉଦ୍‌ଘାଟିତ କରି ଯଥୋଚିତ ବିଶ୍ଳେଷଣଦ୍ୱାରା ତାହାର ଅନ୍ତର୍ନିହିତ ଭାବକୁ ବୁଝାଇଦେବା ନିମନ୍ତେ ସଦା ବ୍ୟସ୍ତ, ଚରିତ୍ରଚିତ୍ରଣ ଓ ଘଟଣା ସମାବେଶର ଅର୍ଥ ପରିସ୍ଫୁଟ କରିବା ନିମନ୍ତେ ସତତ ବ୍ୟାକୁଳ ଓ ଅଙ୍କିତ ଚରିତ୍ରମାନଙ୍କର ଅନ୍ତର୍ନିହିତ ଭାବମାନଙ୍କୁ ଟୀକା ଟିପ୍ପଣୀଦ୍ୱାରା ପରିଷ୍କାର ଭାବରେ ଉପସ୍ଥାପିତ କରିବା ନିମନ୍ତେ ନିରନ୍ତର ବ୍ୟସ୍ତ ।

ମାତ୍ର ନାଟ୍ୟକାର ଏହିରୂପ କରିବା ନିମନ୍ତେ ଏକାନ୍ତ ଅପାରଗ । ନାଟ୍ୟକାରଙ୍କୁ ସର୍ବଦା ଯବନିକାର ଅନ୍ତରାଳରେ ରହିବାକୁ ହେବ, ନାଟକୀୟ କଥାବସ୍ତୁକୁ କେବଳ ବର୍ଣ୍ଣନା ନ କରି ଚରିତ୍ରମାନଙ୍କର କଥାବାର୍ତ୍ତା ବା କାର୍ଯ୍ୟାବଳୀଦ୍ୱାରା ପ୍ରକାଶିତ କରିବାକୁ ହେବ, ନାଟକୀୟ ଚରିତ୍ର-ମାନଙ୍କର ସୃଷ୍ଟି କରି ଓ ସେମାନଙ୍କର ଆବେଷ୍ଟନୀ ପରିକଳ୍ପନା କରି ଚରିତ୍ରମାନଙ୍କୁ ନିଜର କଥାବାର୍ତ୍ତା ବା କାର୍ଯ୍ୟକଳାପଦ୍ୱାରା ପାଠକ ବା ଦର୍ଶକମାନଙ୍କ ସମ୍ମୁଖରେ ସମ୍ୟକ୍ ବିକାଶ କରିବା ନିମନ୍ତେ ଛାଡ଼ି ଦେବାକୁ ହେବ, ପାଠକ ବା ଦର୍ଶକମାନଙ୍କ ନିଜର କଳ୍ପନାବଳରେ ବୁଝିନେଇ

ସେମାନଙ୍କୁ ନିଜ ନିଜ ପ୍ରକୃତି ଅନୁସାରେ ନାଟକୀୟ କଥାବସ୍ତୁର ଅଥ ପ୍ରକାଶ କରିବାକୁ ଦେଇ ନିଜକୁ ସେମାନଙ୍କ ପଶ୍ଚାତରୁ ଅପସୃତ କରିବାକୁ ହେବ ଓ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜର ସହାନୁଭୂତିକୁ ଉଦ୍‌ଘାଟିତ କରିବାକୁ ହେବ । ଉପନ୍ୟାସ ସଙ୍ଗୀତ ରସକଳ୍ପନା, ଉପନ୍ୟାସ-ଲେଖକ ପାଠକ ସମ୍ମୁଖ ନିଜ ଭାଷ୍ୟରେ ଅବାଧ ଓ ଅନବରତ ପାଠକର ରସାସ୍ୱାଦନରେ ସାହାଯ୍ୟ କରିବାରେ ବ୍ୟସ୍ତ, ମାତ୍ର ନାଟକରେ କଥାବସ୍ତୁର ପରିକଳ୍ପନା କରି ଓ ନାଟକୀୟ ଚରିତ୍ରମାନଙ୍କୁ ସୃଷ୍ଟି କରି ନାଟ୍ୟକାର ନେପଥ୍ୟରୁ ଅନ୍ତର୍ହିତ ହୋଇଯାନ୍ତି ଓ ଦର୍ଶକମାନେ ତାଙ୍କଠାରୁ ଆଉ କୌଣସି ସାହାଯ୍ୟ ପାଇ ପାରନ୍ତି ନାହିଁ । ନାଟକକୁ ପାଠକ ନିଜ ଗୃହରେ ପାଠ କରି ପାରେ, ମାତ୍ର ରଙ୍ଗାଳୟରେ ଅଭିନୟ ଦର୍ଶନ କରିବା ଦ୍ୱାରା ଦର୍ଶକର ଚିତ୍ତବିନୋଦନ କରିବା ନିମନ୍ତେ ତାହା ମୁଖ୍ୟତଃ ଲିଖିତ ଓ ରଙ୍ଗାଳୟରେ ଅଭିନୟହିଁ ନାଟକଲେଖାର ମୁଖ୍ୟ ଉଦ୍ଦେଶ୍ୟ । ଅଭିନୟ ହେତୁ ହୃଦୟଗ୍ରାହୀ ହୁଏ, ଯେତେ ଲୋକାନନ୍ଦକର ହୁଏ, ନାଟକର ସୌନ୍ଦର୍ଯ୍ୟ ସେତେ ପ୍ରକଟିତ ହୋଇଥାଏ । ସାଧାରଣତଃ ଗୋଟିଏ ନାଟକର ଅଭିନୟରେ ତିନି ଚାରି ଘଣ୍ଟାକାଳ ଅତିବାହିତ ହୋଇଥାଏ । ଏହି ସମୟ ମଧ୍ୟରେ କଥାବସ୍ତୁକୁ ଯଥାଯଥ ଭାବରେ ପ୍ରକାଶିତ କରିବାକୁ ହେବ, ଚରିତ୍ରଚିତ୍ରଣ ଯଥାଯଥ ଭାବରେ ସମାପ୍ତ କରିବାକୁ ହେବ, ଦର୍ଶକର ମନକୁ ଆକୃଷ୍ଟ କରି ତାହାର ଚିତ୍ତବିନୋଦନରେ ସାହାଯ୍ୟ କରିବାକୁ ହେବ ଓ ସମସ୍ତ ସମୟ ନିଜେ ଅନ୍ତରାଳରେ ରହି ବିଷୟ-ବସ୍ତୁକୁ ବିଭିନ୍ନ ଚରିତ୍ରଙ୍କଦ୍ୱାରା ପରିସ୍ଫୁଟ କରାଇବାକୁ ହେବ । ଏହିସବୁ କାରଣରୁ ନାଟ୍ୟକାରଙ୍କୁ ଉପନ୍ୟାସଲେଖକ ଅପେକ୍ଷା ପୃଥକ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ଓ ଏହି ସମସ୍ୟାମାନଙ୍କର ଯଥାଯଥ ସମାଧାନ ଉପରେ ତାହାର ଉତ୍କର୍ଷତା ନିର୍ଭର କରେ ।

ଉପନ୍ୟାସ କେବଳ ପାଠ୍ୟ । ନାଟକ ସାହିତ୍ୟରୂପରେ ପାଠ୍ୟ, ମାତ୍ର କଳାରୂପରେ ଦୃଶ୍ୟ । ନାଟ୍ୟକାର ପାଠକଙ୍କୁ ଉପେକ୍ଷା କରି ପାରେ ନାହିଁ, ମାତ୍ର ରଙ୍ଗାଳୟର ଦର୍ଶକ ତାହାର ପ୍ରଧାନ ଲକ୍ଷ୍ୟ, ଦର୍ଶକର ଚିତ୍ତ ବିନୋଦନ କରିବା ତାହାର ପ୍ରଧାନ ଉଦ୍ଦେଶ୍ୟ । ପାଠକ ଓ ଦର୍ଶକ ଉଭୟର ରସାସ୍ୱାଦନରେ ସାହାଯ୍ୟ କରିବା ପ୍ରୟୋଜନ ହେବାରୁ ନାଟକ ରଚନା ଏକାନ୍ତ ଦୁରୂହ ବ୍ୟାପାର । ରଙ୍ଗାଳୟରେ ଦୃଶ୍ୟପଟଦ୍ୱାରା, ବାସ୍ତବ ଅଙ୍ଗସଜ୍ଜାଦ୍ୱାରା, ଉତ୍ତେଜନାମୂଳକ ବାକ୍ୟର ଯଥାଯଥ ବିନ୍ୟାସଦ୍ୱାରା,

ହାସ୍ୟରସାତ୍ମକ ଅଙ୍ଗଭଙ୍ଗୀଦ୍ୱାରା, ଅଭିନେତାମାନଙ୍କର ରୁଚିଲକ୍ଷଣଭଙ୍ଗୀ ବା କାର୍ଯ୍ୟକ୍ରମଦ୍ୱାରା ନାଟକର ବିଷୟବସ୍ତୁ ନାନାପ୍ରକାରେ ବୋଧଗମ୍ୟ ହୋଇଥାଏ; ମାତ୍ର ନାଟକ ପାଠ କଲା ସମୟରେ ପାଠକ ଏହିସବୁ ସାହାଯ୍ୟରୁ ବଞ୍ଚିତ ହୋଇ କେବଳ ନିଜର କଳ୍ପନାବଳରେ ରଙ୍ଗାଳୟର ଅବେକ୍ଷଣୀକୁ କିଞ୍ଚିତ୍ ପରିମାଣରେ ଅନୁଭବ କରି ନାଟକର ବିଷୟ-ବସ୍ତୁକୁ ଅନୁସରଣ କରିବାକୁ ଚେଷ୍ଟା କରେ । ନାଟ୍ୟକାରଙ୍କୁ ଏହି ଶ୍ରେଣୀର ପାଠକମାନଙ୍କର ସାହାଯ୍ୟ ନିମନ୍ତେ ଅଭିନୟକାଳୀନ ବିଷୟବସ୍ତୁର ବ୍ୟାଖ୍ୟାର କେତେକ ଅଂଶ ନାଟକ ମଧ୍ୟରେ ଦେବାକୁ ପଡ଼େ ଓ ଏହି ସାହାଯ୍ୟ ସମ୍ୟକ୍ ଏବଂ ଯଥାଯଥ ନ ହେଲେ ନାଟକର ରସଗ୍ରହଣ କରିବା ପାଠକ ପକ୍ଷରେ ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇଥାଏ ଓ ତାହାର ମାନସପଟରେ ନାଟକଟି ସମ୍ୟକ୍ ପ୍ରଭାବ ବିସ୍ତାର କରି ପାରେ ନାହିଁ । ଅଭିନୟ ସମୟରେ ଦର୍ଶକ ପ୍ରଯୋଜକ ଓ ଅଭିନେତାଠାରୁ ସମ୍ୟକ୍ ସାହାଯ୍ୟ ପାଇ ବିଷୟବସ୍ତୁକୁ ସମ୍ୟକ୍ ଅନୁଧାବନ କରି ପାରେ ମାତ୍ର ନାଟ୍ୟକାର ନିଜ ଲେଖା ମଧ୍ୟରେ ଯଦି ଏପ୍ରକାର ସାହାଯ୍ୟର ଇଙ୍ଗିତ ଦିଅନ୍ତି, ତେବେ ତାହା ଦର୍ଶକ ପକ୍ଷରେ ହିତକର ହୁଏ । ଏହି କାରଣରୁ ନାଟ୍ୟ ସାହିତ୍ୟର ନାନା ଶ୍ରେଣୀବିଭାଗ ମଧ୍ୟ ଦେଖାଯାଏ । କେତେକ ନାଟକ କେବଳ ପାଠ କରିବା ନିମନ୍ତେ ରଚିତ । ନାଟକାକାରରେ ଲିଖିତ ହୋଇଥିଲେହେଁ ସେଗୁଡ଼ିକର ଅଭିନୟ ଅସମ୍ଭବ ଓ ସେଗୁଡ଼ିକରେ ନାଟକୀୟ କଥାବସ୍ତୁର ବିନ୍ୟାସ ସହିତ ରଙ୍ଗାଳୟର ଅବେକ୍ଷଣର କୌଣସି ସମ୍ପର୍କ ନାହିଁ । ପୁଣି କୌଣସି କୌଣସି ନାଟକ ସମ୍ପୂର୍ଣ୍ଣଭାବରେ ଅଭିନୟ ଉଦ୍ଦେଶ୍ୟରେ ଲିଖିତ । ପାଠ କରିବା ସମୟରେ ଏମାନଙ୍କର ରସ ଗ୍ରହଣ ଅସମ୍ଭବ ଓ କୌଣସି ଅଭିନେତାର ଯଥାଯଥ ଅଭିନୟଦ୍ୱାରା ଏହାର ଅର୍ଥ ପରିସ୍ଫୁଟ ନ ହେଲେ ଏହା କେବେହେଁ ପ୍ରୀତିକର ହୋଇ ନ ପାରେ । ମାତ୍ର ସାହିତ୍ୟିକ ନାଟକର ଏହି ଉଭୟ ଗୁଣ ରହିବା ପ୍ରୟୋଜନ । ଏକ ଦିଗରେ ନାଟ୍ୟ ବ୍ୟବସାୟୀର କେବଳ ଉତ୍ତେଜନାପୂର୍ଣ୍ଣ, ଗୀତବାଦ୍ୟମୁଖର, ଅବର୍ଜନା କଣ୍ଟକିତ, ରଙ୍ଗାଳୟର ସମ୍ପୂର୍ଣ୍ଣ ଉପଯୋଗୀ, ଚିତ୍ତବିନୋଦନକାରୀ, ଅଭିନୟ ଉଦ୍ଦେଶ୍ୟରେ ଲିଖିତ ନାଟକ—ଅନ୍ୟ ଦିଗରେ ଅଭିନୟର ଏକାନ୍ତ ଅନୁପଯୋଗୀ, କବିତ୍ୱମୟ, ଦୀର୍ଘ ବାକାଡ଼ମ୍ବରପୂର୍ଣ୍ଣ, ପ୍ରହେଳିକାମୟ ନାଟକାକାରରେ ଲିଖିତ ସାହିତ୍ୟ ସନ୍ଦର୍ଭ; ଏହି ଉଭୟ ପ୍ରକାର ରଚନାର ସୌନ୍ଦର୍ଯ୍ୟ ଅପହରଣ କରି ସାହିତ୍ୟିକ

ନାଟକ ରଚିତ ହୋଇଥାଏ । ଏଥିରେ କେବଳ ଉନ୍ମାଦନା, କେବଳ ଚମତ୍କାରିତା, କେବଳ ଚରିତ୍ର ବା କେବଳ ବାକ୍ୟବିନ୍ୟାସ ନ ଥାଏ, ମାତ୍ର ଏ ସମସ୍ତର ସମ୍ମିଳିତ ଶକ୍ତିଦ୍ୱାରା ନାଟ୍ୟକାର ଏକ ଅପୂର୍ବ ରସବସ୍ତୁ ସୃଷ୍ଟି କରିବାରେ ସମର୍ଥ ହୋଇଥାନ୍ତି ।

ନାଟ୍ୟକାର ରଙ୍ଗାଳୟର ଅବେକ୍ଷଣୀଦ୍ୱାରା ଯେ ବିଶେଷଭାବରେ ପ୍ରଭାବିତ ହୋଇଥାନ୍ତି, ତାହା କହିବା ବାହୁଲ୍ୟ ମାତ୍ର । ଅବଶ୍ୟ ସାଧାରଣତଃ ନାଟ୍ୟକାର ନିଜର କଳ୍ପନାନୁଯାୟୀ ଖଣ୍ଡେ ଗ୍ରନ୍ଥ ଲେଖି ଦେଲେ, ନିଜର ଇଚ୍ଛାନୁସାରେ କେତେକ ଦୃଶ୍ୟ ସନ୍ନିବିଷ୍ଟ କଲେ, ନିଜର ପ୍ରୟୋଜନାନୁସାରେ କେତେକ ଚରିତ୍ର ସୃଷ୍ଟି କଲେ ଓ ଗ୍ରନ୍ଥଟି ରଚନା କରି ତାହା ସର୍ବସମକ୍ଷରେ ପ୍ରକାଶିତ କଲେ, ପରେ ପ୍ରଯୋଜକ ଓ ଅଭିନେତାମାନେ ନିଜର ସୁବିଧାନୁସାରେ ଗ୍ରନ୍ଥଟିର ଅଭିନୟ କରି ପାରନ୍ତି, ମାତ୍ର ଅନେକ କ୍ଷେତ୍ରରେ ନାଟ୍ୟକାର କୌଣସି ବିଶେଷ ଦଳ ବା ରଙ୍ଗମଞ୍ଚ ସହିତ ସଂଯୁକ୍ତ ଥିବାରୁ ଓ ନାଟକର ପ୍ରଯୋଜକ ରୂପରେ ଦଳଟିକୁ ଶୃଙ୍ଖଳିତ କରିବାକୁ ବାଧ୍ୟ ହେଉଥିବାରୁ ବିଶେଷ ଅଭିନେତା ପ୍ରତି ଦୃଷ୍ଟି ରଖି ବିଶେଷ ଚରିତ୍ର ସୃଷ୍ଟି କରିଥାନ୍ତି ଓ ଏହି ଚରିତ୍ରଗୁଡ଼ିକର ବର୍ଣ୍ଣନାରେ ମଧ୍ୟ ବିଶେଷ ଅଭିନେତା ପ୍ରତି ଦୃଷ୍ଟି ଲକ୍ଷ୍ୟ ରଖାଯାଇଥାଏ ।

ଉପନ୍ୟାସର <u>ପାତ୍ର</u> <u>ରଚନା</u> । ଲେଖକ ନିଜେ ନାନା ଦୃଶ୍ୟାବଳୀର ବର୍ଣ୍ଣନା କରି ପାରନ୍ତି ବା ନିଜର ସୃଷ୍ଟ ଚରିତ୍ରମାନଙ୍କ ମଧ୍ୟରୁ କାହାଦ୍ୱାରା ବିଷୟବସ୍ତୁକୁ ଚିତ୍ରିତ କରି ମାନସିକ ବୃତ୍ତିମାନଙ୍କର ଯଥୋଚିତ ବିଶ୍ଳେଷଣ କରି ପାରନ୍ତି । ଉପନ୍ୟାସର ଉତ୍କର୍ଷ ଏହି ବର୍ଣ୍ଣନାବୃତ୍ତିର ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ମାତ୍ର ନାଟକର ପ୍ରଧାନ ବସ୍ତୁ କାର୍ଯ୍ୟ ଓ କଥା । ନାଟକୀୟ ଚରିତ୍ରମାନେ ନିଜର କାର୍ଯ୍ୟାବଳୀଦ୍ୱାରା ଓ ନିଜର କଥାବାର୍ତ୍ତାଦ୍ୱାରା ବିଷୟବସ୍ତୁକୁ ପ୍ରକଟିତ କରିବାକୁ ଚେଷ୍ଟା କରନ୍ତି ଓ ଦର୍ଶକମାନଙ୍କ ମନରେ ନିଜର ବିଶେଷତ୍ୱକୁ ଉଦ୍ଭାସିତ କରି ସେମାନଙ୍କୁ ରସବସ୍ତୁ ଉପଭୋଗ କରିବାରେ ସାହାଯ୍ୟ କରନ୍ତି । ଦର୍ଶକ ଅଭିନୟ ସମୟରେ ପ୍ରଯୋଜକର ସୁରୁଚି ଓ ଅଭିନେତାର କୌଶଳଦ୍ୱାରା ମୁଗ୍ଧ ହୋଇ ସାମୟିକ ଭାବରେ ଅବାସ୍ତବ ଅବେକ୍ଷଣୀକୁ ବାସ୍ତବ ବୋଲି ସ୍ୱୀକାର କରେ । ପ୍ରଯୋଜକ ଓ ଅଭିନେତାର ସାହାଯ୍ୟ ନ ପାଇଲେ ଅତ୍ୟନ୍ତ ସରସ ନାଟକ ମଧ୍ୟ ପ୍ରାଣହୀନ ଓ ନୀରସ ହୁଏ, ପୁଣି ଅନେକ ସମୟରେ ସେମାନଙ୍କର କୌଶଳ ଯୋଗୁଁ ଅତ୍ୟନ୍ତ ସାଧାରଣ ନାଟକ

ମଧ୍ୟ ଦର୍ଶକମାନଙ୍କ ମନରେ ଅପୂର୍ବ ଉନ୍ମାଦନା ଜାତ କରି ସେମାନଙ୍କର ସାମୟିକ ଆକର୍ଷଣ କରିବାକୁ ସକ୍ଷମ ହୋଇଥାଏ । ଅନେକ ସମୟରେ ପୁଣି ଅଭିନେତାମାନଙ୍କର ଅଭିନୟ କୌଶଳଦ୍ୱାରା ନାଟକୀୟ ଚରିତ୍ର ଜୀବନ୍ତ ଭାବରେ ଦର୍ଶକମାନଙ୍କ ସମ୍ମୁଖରେ ପ୍ରତିଭାତ ହୋଇଥାଏ ଓ ନାଟ୍ୟକାରର ସୃଷ୍ଟି ନାନାରୂପରେ ଅର୍ଥପୂର୍ଣ୍ଣ ହୋଇ ଉଠେ । ନାଟ୍ୟକାର ଏହିସବୁ କାରଣ ଯୋଗୁ ଅନେକାଂଶରେ ଏମାନଙ୍କର ସାହାଯ୍ୟ ଉପରେ ନିର୍ଭର କରେ ଓ ନିଜକୁ ଅନ୍ତରାଳରେ ଗୁପ୍ତ ରଖିଲେହେଁ ଏମାନଙ୍କ ଉପରେ ନିର୍ଭର କରି ଦର୍ଶକମାନଙ୍କ ମନକୁ ପ୍ରଭାବିତ କରିବାର ଚେଷ୍ଟା କରେ ।

ଉପନ୍ୟାସ ଓ ନାଟକ ଉଭୟର ଅବଲମ୍ବନ କଥାବସ୍ତୁ । ଏହି କଥାବସ୍ତୁ କଳ୍ପିତ ହେଉ ବା କୌଣସି ପ୍ରାଚୀନ ଗ୍ରନ୍ଥ ବା ଇତିହାସରୁ ସଂଗୃହୀତ ହେଉ, ଗୋଟିଏ ସୁସ୍ପଷ୍ଟ କଥାବସ୍ତୁର ବିନ୍ୟାସ ଏକାନ୍ତ ପ୍ରୟୋଜନ । ଉପନ୍ୟାସରେ ଲେଖକ ଧୀର ସଂଯତଭାବରେ କଥାବସ୍ତୁକୁ ପ୍ରକାଶ କରନ୍ତି ଓ ବହୁବର୍ଷବ୍ୟାପୀ ଘଟଣାମାନଙ୍କୁ କ୍ରମଶଃ ପ୍ରକାଶ ଓ ସମ୍ୟକ୍ ବିଶ୍ଳେଷଣଦ୍ୱାରା ସରସ କରି ପାରନ୍ତି । ନାନା ବର୍ଣ୍ଣନାଶୃଙ୍ଖଳା, ନାନା ଗୌଣ କଥାବସ୍ତୁର ଏକତ୍ର ସମାବେଶ, ନାନା ଚରିତ୍ରବିଶ୍ଳେଷଣ ଓ ନାନା ବାସ୍ତବ ଚିତ୍ରଦ୍ୱାରା ଉପନ୍ୟାସ ଲେଖକ ନିଜର ଗ୍ରନ୍ଥକୁ ପରିପୁଷ୍ଟ କରିବାକୁ ସକ୍ଷମ ହୁଅନ୍ତି । ମାତ୍ର ନାଟ୍ୟକାରଙ୍କୁ ଦୁଇଗୋଟି କାଳକ୍ରମ ପ୍ରତି ଅବହିତ ହୋଇ ଗ୍ରନ୍ଥ ରଚନା କରିବାକୁ ପଡ଼େ । ଯାହା ବାସ୍ତବ ଜୀବନରେ ଦୀର୍ଘ କାଳ ମଧ୍ୟରେ ଘଟିବାର ସମ୍ଭବ, ତାକୁ ସଙ୍କୁଚିତ କରି ରଙ୍ଗାଳୟରୁ ଅଭିନୟକାଳ ମଧ୍ୟରେ ସାମଞ୍ଜସ୍ୟ ରଖି ପ୍ରକାଶିତ କରିବାରେ ନାଟ୍ୟକାରର କୌଶଳ ଦେଖାଯାଇଥାଏ । ବାସ୍ତବ ଜୀବନରେ ଯେଉଁ ଘଟଣା ଦୁଇ ଦିନ, ଦୁଇ ମାସ, ଦୁଇ ବର୍ଷ ବା ଦୁଇ ଶତାବ୍ଦୀ ମଧ୍ୟରେ ଘଟିବା ସମ୍ଭବ, ତାହା ରଙ୍ଗାଳୟରେ ତିନି ଘଣ୍ଟା ମଧ୍ୟରେ ପ୍ରକାଶିତ କରିବାକୁ ହେବ, ଅଥଚ ଏହା ଯେପରି ଦର୍ଶକମାନଙ୍କ ସମ୍ମୁଖରେ ଅବାସ୍ତବ ବୋଲି ପ୍ରତିଭାତ ନ ହେବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ବାସ୍ତବ କାଳ ଓ ଅଭିନୟ କାଳ ଏହି ଦୁଇଗୋଟି କାଳ ପ୍ରତି ସମ୍ୟକ୍ ଅବହିତ ନ ହୋଇ ବାସ୍ତବ କାଳକୁ ଅଭିନୟ କାଳ ମଧ୍ୟରେ ଯଥାଯଥ ଭାବରେ ସଜ୍ଜିତ କରି ନ ପାରିଲେ ନାଟକଟି ବ୍ୟର୍ଥ ହୋଇଯିବ । ଏହି କାରଣରୁ ଗ୍ରୀକ୍ ନାଟ୍ୟସମାଲୋଚକମାନେ ବାସ୍ତବ

କାଳ ଓ ଅଭିନୟ କାଳର ଏକତ୍ୱ ଉପରେ ଏତେ ଗୁରୁତ୍ୱ ଦେଇଥାନ୍ତି । ସେମାନଙ୍କ ମଧ୍ୟରେ ଅତି ଉତ୍ସାହୀମାନେ ଯାହା ବାସ୍ତବ ଜୀବନରେ ଅଠ ଚାଳିଶ ଘଣ୍ଟା ମଧ୍ୟରେ ଘଟି ପାରେ, କେବଳ ସେହିପରି ଘଟଣାମାନ ଅଭିନୟରେ ପ୍ରଦର୍ଶିତ ହେବା ବୋଲି ନିର୍ଦ୍ଦେଶ କରି ଦେଇଥିଲେ । ମାତ୍ର ନାଟକ ଏହିପରି ନିୟମାବଳୀଦ୍ୱାରା ଶୀର୍ଣ୍ଣ ହୋଇ ପଡ଼ିବାରୁ ଲେଖକମାନେ କ୍ରମଶଃ ବାସ୍ତବ କାଳ ଓ ଅଭିନୟ କାଳ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରି ନାନା କୌଶଳଦ୍ୱାରା ଦର୍ଶକମାନଙ୍କ ମନରେ ଅଭିନୟ କାଳକୁ ବାସ୍ତବ-ରୂପରେ ପ୍ରତିଭାତ କରିବାକୁ ସଚେଷ୍ଟ ହୋଇଥିଲେ ଓ ଦୃଶ୍ୟପଟର ପରିବର୍ତ୍ତନ, ଯବନିକାପାତ ବା ଚରିତ୍ରମାନଙ୍କର କଥାବାର୍ତ୍ତା ମଧ୍ୟରେ ନାନା ଇଙ୍ଗିତ ଦେଇ ବାସ୍ତବ କାଳର ଗତି ନିର୍ଦ୍ଦେଶ କରିବାକୁ ସକ୍ଷମ ହୋଇଥିଲେ ଏବଂ ଦର୍ଶକମାନେ ମଧ୍ୟ ଯବନିକାର ଅଳ୍ପକ୍ଷଣସ୍ଥାୟୀ ବ୍ୟବଧାନକୁ ପରମ୍ପରା ସୂତ୍ରଅନୁସାରେ ବାସ୍ତବ ଜଗତର ଦଶ ପନ୍ଦର ବର୍ଷର ବ୍ୟବଧାନ ରୂପରେ ଗ୍ରହଣ କରିବାକୁ ଅଭ୍ୟସ୍ତ ହୋଇଥିଲେ । କାଳବ୍ୟବଧାନ ସୂଚନା କରିବାର କୌଶଳମାନ ନାଟ୍ୟକାରଙ୍କର ଜଣା ନ ଥିଲେ ଦର୍ଶକମାନଙ୍କ ମନରେ ଅଭିନୟ ବାସ୍ତବ ଜଗତର ଚିତ୍ରରୂପରେ ପ୍ରତିଭାତ କରିବାକୁ ସକ୍ଷମ ହେବ ନାହିଁ ।

ଉପନ୍ୟାସରେ କଥାବସ୍ତୁର ବର୍ଣ୍ଣନାର କୌଣସି ସୀମା ରେଖା ନ ଥିବା ସ୍ଥଳେ ଲେଖକ ନାନା ପରିଚ୍ଛେଦଦ୍ୱାରା ତାଙ୍କ କଥାବସ୍ତୁକୁ ବର୍ଣ୍ଣନା କରି ପାରେ ଓ ନିଜର ଇଚ୍ଛାନୁସାରେ ବର୍ଣ୍ଣନାକୁ ସଙ୍କୀର୍ଣ୍ଣ ବା ବିସ୍ତୀର୍ଣ୍ଣ କରି ପାରେ ଅଥବା ପୁସ୍ତକର ଆକାରକୁ ବଢ଼ାଇ ପାରେ ବା କମାଇ ପାରେ । ମାତ୍ର ନାଟ୍ୟକାରର ସେ ସମସ୍ତ କରିବାର ଅଧିକାର ନାହିଁ । କୌଣସି ନାଟକ ଯଦି ଏତେ ବୃହତ୍ ହୁଏ ଯେ ତାହା ଅଭିନୟ କରିବା ନିମନ୍ତେ ୧୦।୧୨ ଘଣ୍ଟା ଅନ୍ତତଃ ସମୟର ପ୍ରୟୋଜନ ହେବ, ତେବେ ତାହା କୌଣସି ଆଧୁନିକ ରଙ୍ଗମଞ୍ଚରେ ଅଭିନୀତ ହୋଇ ପାରିବ ନାହିଁ, ପୁଣି କୌଣସି ନାଟକ ଯଦି ଅର୍ଦ୍ଧଘଣ୍ଟା ବା ଏହିପରି ସ୍ୱଳ୍ପକାଳ ମଧ୍ୟରେ ଅଭିନୀତ ହୋଇ ପାରେ, ତେବେ ତାହା ପୂର୍ଣ୍ଣାଙ୍ଗ ନାଟକ ହେବାକୁ ସ୍ୱୀକୃତ ହୋଇ ପାରିବ ନାହିଁ ଓ ତାହାର ଅଭିନୟ ଦର୍ଶକମାନଙ୍କର ତୃପ୍ତିକର ମଧ୍ୟ ହେବ ନାହିଁ । ସାଧାରଣତଃ ଅଭିନୟ ଦେଶରେ ପୂର୍ଣ୍ଣାଙ୍ଗ ନାଟକର ଅଭିନୟ ଦରେ ତିନିଘଣ୍ଟାବ୍ୟାପୀ ପ୍ରହସନ ଅଭିନୀତ ହୋଇଥାଏ । ମାତ୍ର ସେଥିର ପ୍ରହସନ ପୂର୍ଣ୍ଣାଙ୍ଗନାଟକର ସ୍ଥାନ ଦାବୀ କରି ନ ପାରେ । କଥା-

ନାଟକ ଓ କ୍ଷୁଦ୍ର ପ୍ରହସନ ମଧ୍ୟରେ ସେହିପରି କଳାଗତ ପାର୍ଥକ୍ୟ ଲକ୍ଷିତ ହୋଇଥାଏ । ମାତ୍ର କ୍ଷୁଦ୍ର ଗଳ୍ପ ନାନା କଳ୍ପନାମୂଳକ, ନାନାବିଧ ରସପରିପୁଷ୍ଟ ହେଉଥିଲେହେଁ ପ୍ରହସନ ସାଧାରଣତଃ ବାସ୍ତବ ଜୀବନର ହାସ୍ୟପରିହାସମୟ ବ୍ୟଙ୍ଗକୁ ଅବଲମ୍ବନ କରି ରଚିତ ହୋଇଥାଏ ।

ବିଷୟବସ୍ତୁକୁ ନାଟକୀୟ କଥାବସ୍ତୁ ରୂପରେ ପରିଣତ କରିବା ସମୟରେ ତାକୁ ନାନା ରୂପରେ ସଙ୍କୁଚିତ ଓ ପ୍ରସାରିତ କରିବାର ପ୍ରୟୋଜନ ହୋଇଥାଏ । କୌଣସି କୌଣସି ସ୍ଥଳରେ ଅବାନ୍ତର ବିଷୟବସ୍ତୁ ସଂଯୋଜିତ କରିଯାଇ ନାଟକକୁ ସରସ କରିବାର ପ୍ରୟାସ କରାଯାଇଥାଏ ଓ ଅନେକ ସ୍ଥାନରେ ସଙ୍ଗୀତାଦି ଯୋଗ କରାଯାଇ ଦର୍ଶକମାନଙ୍କର ମନକୁ ମୋହିତ କରିବାର ଚେଷ୍ଟା ମଧ୍ୟ କରାଯାଇଥାଏ । କି ପରିମାଣରେ ନୃତ୍ୟଗୀତାଦିର ଯୋଗ ହୋଇ ପାରିବ, କି ସ୍ଥଳରେ ଅବାନ୍ତର ହାସ୍ୟପରିହାସର ଅବତାରଣା କରାଯାଇ ପାରିବ, କି ନିୟମାନୁସାରେ କଥାବସ୍ତୁକୁ ସଙ୍କୁଚିତ ଓ ପ୍ରସାରିତ କରାଯିବ, ଏ ସମସ୍ତ ନାଟ୍ୟକାରର ଦକ୍ଷତା ଉପରେ ନିର୍ଭର କରେ । ନାଟକର ଉତ୍କର୍ଷତା ବା ଅପକର୍ଷତା ପ୍ରଧାନତଃ ଏ ସମସ୍ତର ସୁବିହିତ ବିନ୍ୟାସ ଉପରେ ନିର୍ଭର କରିଥାଏ ଓ ଏହି ସମସ୍ତର ଆଧିକ୍ୟ ବା ସ୍ୱଳ୍ପତା ହେତୁରୁ ନାଟକର ନାନା ସ୍ତର ସାହିତ୍ୟରେ ପ୍ରଚଳିତ ହୋଇଅଛି । କେଉଁ ନାଟକକୁ ଆମ୍ଭେମାନେ ଗୀତନାଟ୍ୟ କହୁଁ, ତାହାକୁ ପ୍ରହସନ ବୋଲି ଅଭିହିତ କରୁଁ, ତାହାକୁ ନାଟିକା ଆଖ୍ୟା ପ୍ରଦାନ କରିଥାଉଁ ଓ କାହାକୁ ପୁଣି ଗୀତାଭିନୟ ବୋଲି ମଧ୍ୟ ନିର୍ଦ୍ଦେଶିତ କରିଥାଉଁ । ଅଭିନେୟବସ୍ତୁର ପାର୍ଥକ୍ୟ ଅନୁସାରେ ପୁଣି କେଉଁ ନାଟକ ଐତିହାସିକ, କେଉଁଟି ସାମାଜିକ, କିଏ ବା ରୂପକ । କଥାବସ୍ତୁର ପରିଣତି ଅନୁସାରେ କେଉଁ ନାଟକ ବିୟୋଗାନ୍ତ କିଏ ବା ମିଳନାନ୍ତ । ଏହିପରି ନାନା ଶ୍ରେଣୀବିଭାଗଦ୍ୱାରା ନାଟକର ସ୍ୱରୂପ ନିର୍ଦ୍ଦେଶିତ ହୋଇଥାଏ ଓ ଏହି ଶ୍ରେଣୀବିଭାଗ ଅନୁଯାୟୀ ବିଶ୍ଳେଷଣ କଲେ ଆମ୍ଭେମାନେ ନାଟକର ନାନାପ୍ରକାର ପରିକଳ୍ପନା ଓ ଅଙ୍ଗବିନ୍ୟାସର ସମ୍ୟକ୍ ପରିଚୟ ପ୍ରାପ୍ତ ହୋଇ ପାରୁଁ ।

ନାଟକରେ ଯେଉଁ ବିଷୟବସ୍ତୁ ଗୃହୀତ ହୁଏ, ତାହା ଯଥାରୀତି ରଙ୍ଗମଞ୍ଚରେ ଅଭିନୀତ ହୋଇ ପାରିବ ଏହିପରି ବିଷୟବସ୍ତୁ ହେବା ପ୍ରୟୋଜନ । ଔପନ୍ୟାସିକ ବର୍ଣ୍ଣନା କଲେ, ଯେଉଁ ବିସ୍ତୀର୍ଣ୍ଣ ସମରପ୍ରାଙ୍ଗଣରେ ସହସ୍ର ସହସ୍ର ଯୋଦ୍ଧାମାନଙ୍କର ଭୀଷଣ ସଂଗ୍ରାମ ବର୍ଣ୍ଣନା ତାହା

ରଙ୍ଗମଞ୍ଚରେ ଅସମ୍ଭବ, ତେଣୁ ଏସବୁ କଥାବସ୍ତୁକୁ ନାଟ୍ୟକାର ସାଧାରଣତଃ ସଙ୍କୁଚିତ କରିବାକୁ ଚେଷ୍ଟା କରେ ଓ ନାନା ନାଟକୀୟ ସୂତ୍ର ଅବଲମ୍ବନ କରି ଦୃଶ୍ୟକ୍ଷେତ୍ରର ଗଣ୍ଡି ପରିସ୍ଫୁଟ କରି ପାରେ ଓ ବହୁ ଲେଖକର ସୃଷ୍ଟ ପ୍ରଚେଷ୍ଟାକୁ ଅନ୍ୟ ଲୋକଙ୍କର ଉଭୟତଃ ସୂତ୍ରରେ ପରିବେଷିତ କରିବାକୁ ବାଧ୍ୟ ହୁଏ । ବାସ୍ତବରେ ଦୃଶ୍ୟଗତ ପ୍ରଦର୍ଶନରେ ସୀମିତିଏ ନାଟକୀୟ ସମ୍ଭ୍ରମର ପ୍ରୟୋଗ ନିରନ୍ତର ନାଟ୍ୟକାର ଗ୍ରହଣ କରିଥାଏ । ଦର୍ଶକମାନେ ପରମ୍ପରାକ୍ରମେ ଏହିପରି ବିଭ୍ରମରେ ଅଭ୍ୟସ୍ତ ଥିବାରୁ ନାଟ୍ୟକାର ଏପ୍ରକାର ଅଧିକନ୍ତୁ ଅନୁପଯୋଗୀ ଅବାସ୍ତବ ଘଟଣାକୁ ସଙ୍କୁଚିତ କରି ବାସ୍ତବ ଆକାରରେ ନିଜର କଥାବସ୍ତୁ ମଧ୍ୟରେ ସ୍ଥାନ ଦେଇ ପାରେ । ନାଟକ ରଚନାରେ ପରମ୍ପରାଗତ ଏହିପରି ଅନ୍ୟ କେତେକ ସୂତ୍ର ମଧ୍ୟ ଅହରହଃ ପରିଲକ୍ଷିତ ହୁଏ । ଯଥା—ଚାରି ପାଞ୍ଚୋଟି ଲୋକର ସମାଗମ ଓ ବାଦ୍ୟଟିକୁ ବିରାଟ ଜନସଂଖ୍ୟା ରୂପରେ କଳ୍ପନା କରିବା କିମ୍ବା ରାଜା ଓ ଅନ୍ୟ କେତେକ ଲୋକର ଏକତ୍ର ଅବସ୍ଥାନକୁ ରାଜସଭା ରୂପରେ କଳ୍ପନା କରିବା । ଏହି ସବୁ ପ୍ରଚଳିତ ସୂତ୍ରଦ୍ୱାରା ପରିଚାଳିତ ହୋଇ ନାଟ୍ୟକାର କଥାବସ୍ତୁକୁ ବାଛି ନିଏ ଓ ଏହି ସୂତ୍ରମାନଙ୍କ ଯୋଗୁଁ ନାଟକ ମଧ୍ୟ କେତେକ ବିଶେଷ କଥାବସ୍ତୁକୁ ଆଶ୍ରୟ କରି ରଚିତ ହୋଇ ପାରେ । ଔପନ୍ୟାସିକର ଅବାଧ ନିର୍ବାଚନ ତାହାଠାରେ ଆଶା କରାଯାଇ ନ ପାରେ, କାରଣ ଅଭିନୟକାଳୀନ ବାସ୍ତବତା ଉପରେ ନାଟକର ଜୀବନ ସମ୍ପୂର୍ଣ୍ଣ ନିର୍ଭର କରେ ।

ଉପନ୍ୟାସର କଥାବସ୍ତୁ ନାଟକର କଥାବସ୍ତୁଠାରୁ ଅନ୍ୟ ପ୍ରକାରରେ ମଧ୍ୟ ଭିନ୍ନ । ଉପନ୍ୟାସରେ ଯାହା ବର୍ଣ୍ଣିତ ହୁଏ, ତାହା ପୂର୍ବବର୍ଣ୍ଣିତ ଘଟଣାମାନଙ୍କର ସ୍ୱାଭାବିକ ପରିଣତିସ୍ୱରୂପ କଳ୍ପିତ ହୁଏ ଓ କୌଣସି ବିଶେଷ ଅବସ୍ଥାର ଘାତ ପ୍ରତିଘାତ କିମ୍ବା ଜୀବନସ୍ରୋତର କୌଣସି ବିଶେଷ ଅବଧିର ଛବି ଅଥବା କୌଣସି ସମସ୍ୟାର ସମାଧାନ ପ୍ରୟାସ ସେଥିରେ ଥିଲେହେଁ ଉପନ୍ୟାସରେ ବର୍ଣ୍ଣିତ ବିଷୟମାନଙ୍କର ପ୍ରାୟଶଃ ଏକମୁଖୀ ଅଗ୍ରଗତି ଦେଖାଯାଇଥାଏ । ମାତ୍ର ନାଟକର ପ୍ରଧାନ ବିଷୟ ଦ୍ୱନ୍ଦ୍ୱ ଓ ପ୍ରତ୍ୟେକ ଦୃଶ୍ୟରେ ଓ ପ୍ରତ୍ୟେକ କଥାବସ୍ତୁ ମଧ୍ୟରେ ଦ୍ୱନ୍ଦ୍ୱର ଆଭାସ ନ ରହିଲେ ନାଟକ କେବେହେଁ ହୃଦୟଗ୍ରାହୀ ହୋଇ ନ ପାରେ । ନାଟକରେ ଲେଖକର ମତବାଦ ସୁସ୍ପଷ୍ଟଭାବରେ

ସାହିତ୍ୟରେ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପର ଯେପରି ପାର୍ଥକ୍ୟ ଅଛି, ପୂର୍ଣ୍ଣାଙ୍ଗ ନାଟକ ଓ କ୍ଷୁଦ୍ର ପ୍ରହସନ ମଧ୍ୟରେ ସେହିପରି କଳାଗତ ପାର୍ଥକ୍ୟ ଲକ୍ଷିତ ହୋଇଥାଏ । ମାତ୍ର କ୍ଷୁଦ୍ର ଗଳ୍ପ ନାନା କଳ୍ପନାମୂଳକ, ନାନାବିଧ ରସପରି-ପୁଷ୍ଟ ହୋଇଥିଲେହେଁ ପ୍ରହସନ ସାଧାରଣତଃ ବାସ୍ତବ ଜୀବନର ହାସ୍ୟ-ପରିହାସମୟ ବ୍ୟଙ୍ଗକୁ ଅବଲମ୍ବନ କରି ରଚିତ ହୋଇଥାଏ ।

ବିଷୟବସ୍ତୁକୁ ନାଟକୀୟ ତଥା ବସ୍ତୁ ରୂପରେ ପରିଣତ କରିବା ସମୟରେ ତାକୁ ନାନା ରୂପରେ ସଙ୍କୁଚିତ ଓ ପ୍ରସାରିତ କରିବାର ପ୍ରୟୋଜନ ହୋଇଥାଏ । କୌଣସି କୌଣସିଠାରେ ଅବାନ୍ତର ବିଷୟବସ୍ତୁ ସଂଯୋଜିତ କରାଯାଇ ନାଟକକୁ ସରସ କରିବାର ପ୍ରୟାସ କରାଯାଇଥାଏ ଓ ଅନେକ ସ୍ଥାନରେ ସଙ୍ଗୀତାଦି ଯୋଗ କରାଯାଇ ଦର୍ଶକମାନଙ୍କର ମନକୁ ମୋହିତ କରିବାର ଚେଷ୍ଟା ମଧ୍ୟ କରାଯାଇଥାଏ । କି ପରିମାଣରେ ନୃତ୍ୟ-ଗୀତାଦିର ଯୋଗ ହୋଇ ପାରିବ, କି ସ୍ଥଳରେ ଅବାନ୍ତର ହାସ୍ୟପରିହାସର ଅବତାରଣା କରାଯାଇ ପାରିବ, କି ନିୟମାନୁସାରେ କଥାବସ୍ତୁକୁ ସଙ୍କୁଚିତ ଓ ପ୍ରସାରିତ କରାଯିବ ଏ ସମସ୍ତ ନାଟ୍ୟକାରର ଦକ୍ଷତା ଉପରେ ନିର୍ଭର କରେ । ନାଟକର ଉତ୍କର୍ଷତା ବା ଅପକର୍ଷତା ପ୍ରଧାନତଃ ଏ ସମସ୍ତର ବାସ୍ତବ ବିନ୍ୟାସ ଉପରେ ନିର୍ଭର କରିଥାଏ ଓ ଏହି ସମସ୍ତର ଆଧିକ୍ୟ ବା ସ୍ୱଳ୍ପତା ହେତୁରୁ ନାଟକର ନାନା ରୂପ ସାହିତ୍ୟରେ ପ୍ରଚଳିତ ହୋଇଅଛି । କେଉଁ ନାଟକକୁ ଆମ୍ଭେମାନେ ଗୀତିନାଟ୍ୟ କହୁଁ, କାହାକୁ ପ୍ରହସନ ବୋଲି ଅଭିହିତ କରୁଁ, କାହାକୁ ନାଟିକା ଆଖ୍ୟା ପ୍ରଦାନ କରିଥାଉଁ ଓ କାହାକୁ ପୁଣି ଗୀତାଭିନୟ ବୋଲି ମଧ୍ୟ ନିର୍ଦ୍ଦେଶିତ କରିଥାଉଁ । ଆଖ୍ୟାନବସ୍ତୁର ପାର୍ଥକ୍ୟ ଅନୁସାରେ ପୁଣି କେଉଁ ନାଟକ ଐତିହାସିକ, କେଉଁଟି ସାମାଜିକ, କିଏ ବା ରୂପକ । କଥାବସ୍ତୁର ପରିଣତି ଅନୁସାରେ କେଉଁ ନାଟକ ବିୟୋଗାନ୍ତ କିଏ ବା ମିଳନାନ୍ତ । ଏହିପରି ନାନା ଶ୍ରେଣୀ-ବିଭାଗଦ୍ୱାରା ନାଟକର ସ୍ୱରୂପ ନିର୍ଦ୍ଧେଶିତ ହୋଇଥାଏ ଓ ଏହି ଶ୍ରେଣୀବିଭାଗ ଅନୁଯାୟୀ ବିଶ୍ଳେଷଣ କଲେ ଆମ୍ଭେମାନେ ନାଟକର ନାନାପ୍ରକାର ପରିକଳ୍ପନା ଓ ଅବେକ୍ଷଣର ସମ୍ୟକ୍ ପରିଚୟ ପ୍ରାପ୍ତ ହୋଇ ପାରୁଁ ।

ନାଟକରେ ଯେଉଁ ବିଷୟବସ୍ତୁ ଗୃହୀତ ହୁଏ, ତାହା ଯଥାଯଥ ରଙ୍ଗମଞ୍ଚରେ ଅଭିନୀତ ହୋଇ ପାରିବ ଏହିପରି ବିନ୍ୟସ୍ତ ହେବା ପ୍ରୟୋଜନ । ଔପନ୍ୟାସିକ ବର୍ଣ୍ଣନା କରେ, ତେଣୁ ବିସ୍ତୀର୍ଣ୍ଣ ସମର-ପ୍ରାଙ୍ଗଣରେ ସହସ୍ର ସହସ୍ର ଯୋଦ୍ଧାମାନଙ୍କର ଭୀଷଣ ସଂଗ୍ରାମ ବର୍ଣ୍ଣନା ତାହା

ପଡ଼ିବା ସମ୍ଭବ; ମାତ୍ର ସେପରି ଦୃଶ୍ୟର ଯଥାଯଥ ଅଭିନୟ ସାଧାରଣ ରଙ୍ଗମଞ୍ଚରେ ଅସମ୍ଭବ; ତେଣୁ ଏପରି କଥାବସ୍ତୁକୁ ନାଟ୍ୟକାର ସାଧାରଣତଃ ସଙ୍କୁଚିତ କରିବାକୁ ଚେଷ୍ଟା କରେ ଓ ନାନା ନାଟକୀୟ ରୀତି ଅବଲମ୍ବନ କରି ସୁଦୀର୍ଘ ଘଟଣା ପରସ୍ପରଠୁ ଭରି ପାରେ ଓ ବହୁ ଲୋକଙ୍କର ସୂକ୍ଷ୍ମ ପ୍ରଚେଷ୍ଟାକୁ ଅଳ୍ପ ଲୋକଙ୍କର ଲକ୍ଷ୍ୟଗତ ସୂତ୍ରରେ ସନ୍ନିବେଶିତ କରିବାକୁ ବାଧ୍ୟ ହୁଏ । ବାସ୍ତବରେ ସୁନ୍ଦର ପ୍ରଦର୍ଶନରେ ଯେଉଁଠି ନାଟକୀୟ ବୈଚିତ୍ର୍ୟ ଏହାକୁ ନିରନ୍ତର ନାଟ୍ୟକାର ଗ୍ରହଣ କରିଥାଏ । ଦର୍ଶକମାନେ ସରଳଭାବରେ ଏହିପରି ଦୃଶ୍ୟପଟରେ ଅଭ୍ୟସ୍ତ ଥିବାରୁ ନାଟ୍ୟକାର ଏପ୍ରକାର ଅଭିନୟ ଅନୁପଯୋଗୀ ଅବାସ୍ତବ ବିଷୟକୁ ସଙ୍କୁଚିତ କରି ବାସ୍ତବ ଆକାରରେ ନିଜର କଥାବସ୍ତୁ ମଧ୍ୟରେ ସ୍ଥାନ ଦେଇ ପାରେ । ନାଟକ ରଚନାରେ ପରିବର୍ତ୍ତିତ ଏହିପରି ଅନ୍ୟ କେତେକ ରୀତି ମଧ୍ୟ ଅଧିକନ୍ତୁ ପରିଲକ୍ଷିତ ହୁଏ । ଯଥା—ଗୁରୁ ସାଙ୍ଗଠି ଲୋକର ସମାଗମ ଓ ବାଲୁତାକୁ ବିଚିତ୍ର ଜନତାର ରୂପରେ କଳ୍ପନା କରିବା କିମ୍ବା ରାଜା ଓ ଅନ୍ୟ କେତେକ ଲୋକଙ୍କର ଏକାଠି ଅବସ୍ଥାନକୁ ରାଜସଭା ରୂପରେ କଳ୍ପନା କରିବା । ଏହି ସବୁ ପ୍ରଚଳିତ ରୀତିଦ୍ୱାରା ପରିଚାଳିତ ହୋଇ ନାଟ୍ୟକାର କଥାବସ୍ତୁକୁ ବାଛି ନିଏ ଓ ଏହି ରୀତିମାନଙ୍କ ଯୋଗୁଁ ନାଟକ ମଧ୍ୟ କେତେକ ବିଶେଷ କଥାବସ୍ତୁକୁ ଆଶ୍ରୟ କରି ରଚିତ ହୋଇ ପାରେ । ଔପନ୍ୟାସିକର ଅବାଧ ନିର୍ବାଚନ ତାହାଠାରେ ଆଶା କରାଯାଇ ନ ପାରେ, କାରଣ ଅଭିନୟକାଳୀନ ବାସ୍ତବତା ଉପରେ ନାଟକର ଜୀବନ ସମ୍ପୂର୍ଣ୍ଣ ନିର୍ଭର କରେ ।

ଉପନ୍ୟାସର କଥାବସ୍ତୁ ନାଟକର କଥାବସ୍ତୁଠାରୁ ଅନ୍ୟ ପ୍ରକାରରେ ମଧ୍ୟ ଭିନ୍ନ । ଉପନ୍ୟାସରେ ଯାହା ବର୍ଣ୍ଣିତ ହୁଏ, ତାହା ପୂର୍ବବର୍ତ୍ତୀ ଘଟଣାମାନଙ୍କର ସ୍ୱାଭାବିକ ପରିଣତିସ୍ୱରୂପ କଳ୍ପିତ ହୁଏ ଓ କୌଣସି ବିଶେଷ ଅବସ୍ଥାର ଘାତ ପ୍ରତିଘାତ କିମ୍ବା ଜୀବନସ୍ରୋତର କୌଣସି ବିଶେଷ ଆବର୍ତ୍ତର ଛବି ଅଥବା କୌଣସି ସମସ୍ୟାର ସମାଧାନ ପ୍ରସ୍ତାବ ହୋଇଥିଲେ ଥିଲେହେଁ ଉପନ୍ୟାସରେ ବର୍ଣ୍ଣିତ ବିଷୟମାନଙ୍କର ପ୍ରାୟଶଃ ଏକମୁଖୀ ଅଗ୍ରଗତି ଦେଖାଯାଇଥାଏ । ମାତ୍ର ନାଟକର ପ୍ରଧାନ ବିଷୟ ଦ୍ୱନ୍ଦ୍ୱ ଓ ପ୍ରତ୍ୟେକ ଦୃଶ୍ୟରେ ଓ ପ୍ରତ୍ୟେକ କଥାବସ୍ତୁ ମଧ୍ୟରେ ଦ୍ୱନ୍ଦ୍ୱର ଆଭାସ ନ ରହିଲେ ନାଟକ କେବେହେଁ ହୃଦୟଗ୍ରାହୀ ହୋଇ ନ ପାରେ । ନାଟକରେ ଲେଖକର ମତବାଦ ସୁସ୍ପଷ୍ଟଭାବରେ

ବ୍ୟକ୍ତ ହୁଏ ନାହିଁ । ନାଟକୀୟ ଚରିତ୍ରମାନଙ୍କ ନିଜର କାର୍ଯ୍ୟକଳାପ ଓ କଥାବାର୍ତ୍ତା ଦ୍ୱାରା କଥାବସ୍ତୁକୁ ପରିସମାପ୍ତି ଦିଗରେ ଅଗ୍ରସର କରାଇ ନିଅନ୍ତି । ଏଣୁ ଦ୍ୱନ୍ଦ୍ୱର କଳ୍ପନା ନ ଥିଲେ କଥାବସ୍ତୁ କେବେହେଁ ଆକର୍ଷକ ହୋଇ ନ ପାରେ । ଏହି ଦ୍ୱନ୍ଦ୍ୱ ପୁଣି ଏତେ ବିଭିନ୍ନ ପ୍ରକାରର ଯେ ପ୍ରତ୍ୟେକ ନାଟକୀୟ କଥାବସ୍ତୁ ମଧ୍ୟରେ ଦ୍ୱନ୍ଦ୍ୱର ଅସ୍ତିତ୍ୱ ଥିଲେହେଁ ତାହା କେବେହେଁ ସୂଚିତ ହୁଏ ନାହିଁ କିମ୍ବା ଚିତ୍ତବିନୋଦନରେ ଅଶକ୍ତ ମଧ୍ୟ ହୁଏ ନାହିଁ । ଦ୍ୱନ୍ଦ୍ୱ ମନୁଷ୍ୟ ମନୁଷ୍ୟ ମଧ୍ୟରେ ହୋଇ ପାରେ, ମନୁଷ୍ୟ ଓ ଅଦୃଷ୍ଟ ଅଥବା ମନୁଷ୍ୟ ଓ କୌଣସି ଐଶୀ ଅତିପ୍ରାକୃତ ଶକ୍ତି ମଧ୍ୟରେ ହୋଇ ପାରେ କିମ୍ବା ଜଣେ ମନୁଷ୍ୟର ବିଭିନ୍ନ ମାନସିକ ପ୍ରବୃତ୍ତିମାନଙ୍କ ମଧ୍ୟରେ ମଧ୍ୟ କଳ୍ପନା କରାଯାଇ ପାରେ । ଅନେକ ସମୟରେ ପୁଣି ମନୁଷ୍ୟର ଅବେଷ୍ଟନୀ ଓ ତାହାର ପ୍ରବୃତ୍ତିମାନଙ୍କ ମଧ୍ୟରେ ଏହି ଦ୍ୱନ୍ଦ୍ୱ ସୂଚିତ ହୋଇ ପାରେ । ନାଟ୍ୟକାରମାନେ ଦ୍ୱନ୍ଦ୍ୱର ନାନା ଉପାଦାନ ପ୍ରତି ଦୃଷ୍ଟି ରଖି ନାଟକର ବିଷୟ ନିର୍ବାଚନ କରିଥାନ୍ତି । ଐତିହାସିକ ବା ଯୁଦ୍ଧସମ୍ପର୍କୀୟ ନାଟକମାନଙ୍କରେ ନାଟକୀୟ ଚରିତ୍ରମାନଙ୍କ ମଧ୍ୟରେ ପରସ୍ପର ଦ୍ୱନ୍ଦ୍ୱ ବା ଯୁଦ୍ଧ ପ୍ରଦର୍ଶିତ ହୋଇଥାଏ, ମାତ୍ର ଅନ୍ୟ ସମୟରେ ମନୁଷ୍ୟକୁ ଐଶୀ ଶକ୍ତି ସହିତ ସଂଗ୍ରାମ କରିବାକୁ ହୋଇଥାଏ । ନିୟତିଦ୍ୱାରା ଅଭିଭୂତ ହୋଇ ମନୁଷ୍ୟ ଅନେକ ସମୟରେ ନିଜର ସଂକଳ୍ପରୁ ବିଚ୍ୟୁତ ହୋଇପଡ଼େ । ନିୟତି ସହିତ ଦ୍ୱନ୍ଦ୍ୱ କରି ନାନା ଘାତ ପ୍ରତିଘାତରେ ଜର୍ଜରିତ ହୋଇ ନାୟକ ଅବଶେଷରେ ମୃତ୍ୟୁର ଶାନ୍ତିମୟ କୋଡ଼କୁ ଆଶ୍ରୟ କରେ । ନିୟତି ସହିତ ଏହି ଦ୍ୱନ୍ଦ୍ୱ ସମୟ ସମୟରେ ମନୁଷ୍ୟର ପ୍ରବୃତ୍ତି ଓ ତାହାର ଅବେଷ୍ଟନୀ ମଧ୍ୟରେ ଦ୍ୱନ୍ଦ୍ୱ ରୂପରେ ମଧ୍ୟ ପରିକଳ୍ପିତ ହୋଇଥାଏ । ନିଜର ସତ୍ପ୍ରବୃତ୍ତି ବା କର୍ତ୍ତବ୍ୟବୋଧ ସତ୍ତ୍ୱେ ନାୟକ ପରିବେଷ୍ଟନୀ ବା ଐଶୀ ଶକ୍ତିଦ୍ୱାରା ଅଭିଭୂତ ହୋଇ ଜଘନ୍ୟ ପାପକାର୍ଯ୍ୟ କରିବାକୁ ବାଧ୍ୟ ହୁଏ,—ଏପ୍ରକାର ପରିକଳ୍ପନା ଆମ୍ଭେମାନେ ଅନେକ ନାଟକରେ ପାଇଥାଉଁ । ଏକଆଡ଼େ କର୍ତ୍ତବ୍ୟ ବୁଦ୍ଧି ଅନ୍ୟଆଡ଼େ ସ୍ନେହପ୍ରବୃତ୍ତି, ଏକଆଡ଼େ ଦେଶଭକ୍ତି ଅନ୍ୟଆଡ଼େ କାମପ୍ରବୃତ୍ତି, ଏକ ଦିଗରେ ବୈରାଗ୍ୟ ଅନ୍ୟ ଦିଗରେ ଧନଲାଳସା, ଏକ ଦିଗରେ ଦେଶହିତୈଷଣା ଅନ୍ୟ ଦିଗରେ ଅଭିମାନ—ଏହିପରି ନାନା ମାନସିକ ଦ୍ୱନ୍ଦ୍ୱ ନାଟକର କଥାବସ୍ତୁର ଉପାଦାନ ଯୋଗାଇଥାଏ । ମାକବେଥ ଅତି ସୁଜନ, ଅଦ୍ୱିତୀୟ ଯୋଦ୍ଧା, ରାଜାଙ୍କର ଅତ୍ୟନ୍ତ ବିଶ୍ୱାସଭାଜନ, କିନ୍ତୁ ପ୍ରାନ୍ତରରେ ଡାଆଣୀମାନଙ୍କର ଭବିଷ୍ୟତ୍ ବାଣୀରେ ତାହାର ମନରେ ରାଜା ହେବାର

ଯେଉଁ ପ୍ରବଳ ଇଚ୍ଛା ଜାଗ୍ରତ ହେଲା, ସେଥିରୁ ତାହାର ମାନସିକ ଦ୍ୱନ୍ଦ୍ୱର ଉତ୍ପତ୍ତି । ଏକଆଡ଼େ ବୀର ଉଚ୍ଚାଭିଳାଷୀ ପତ୍ନୀ ସହିତ ନିଜର ସଦ୍‌ବୁଦ୍ଧିର ଦ୍ୱନ୍ଦ୍ୱ, ଅନ୍ୟଆଡ଼େ ନିଜର କର୍ତ୍ତବ୍ୟବୁଦ୍ଧି ଓ ରାଜାନୁଗତ୍ୟ ସହିତ ଉଚ୍ଚାଭିଳାଷ ଓ ରାଜପଦଲାଳସାର ପ୍ରବଳ ଦ୍ୱନ୍ଦ୍ୱ—ଏହି ଦ୍ୱନ୍ଦ୍ୱମାନଙ୍କଦ୍ୱାରା ପରିଚାଳିତ ହୋଇ ନାନା ହତ୍ୟାଦ୍ୱାରା ଜୀବନର ଅଧୋଗତି ଓ ମୃତ୍ୟୁରେ ପରିଣତ ଏହି ନାଟକକୁ ଜନସମାଜରେ ଏତେ ହୃଦୟଗ୍ରାହୀ କରି ପାରିଅଛି । ପ୍ରତ୍ୟେକ ନାଟକରେ ଏହିପରି ଦ୍ୱନ୍ଦ୍ୱର ଅବକାଶ ଓ ଶେଷ ସମାଧାନ ଥାଏ ବୋଲି ନାଟକ ଲେଖକମାନଙ୍କର ଏତେ ପ୍ରିୟ ହୁଏ ଓ ତାହାର ଅଭିନୟ ଏତେ ଚିତ୍ତାକର୍ଷକ ହୁଏ । ଉପନ୍ୟାସର ବର୍ଣ୍ଣନାକୌଶଳ ମଧ୍ୟରେ ଦ୍ୱନ୍ଦ୍ୱର ସ୍ଥାନ ଅଳ୍ପ ମାତ୍ର ନାଟକରେ ଦ୍ୱନ୍ଦ୍ୱର ଅବକାଶ ନ ଥିଲେ ତାହାର ବିଷୟବସ୍ତୁ କେବେହେଁ ନାଟକୀୟ ହୋଇ ନ ପାରେ ।

ବାସ୍ତବିକ 'ନାଟକୀୟ' ଏହି ଶବ୍ଦଦ୍ୱାରା ଦ୍ୱନ୍ଦ୍ୱର ଅବକାଶ, ଅପ୍ରତ୍ୟାଶିତ ଘଟଣାର ସହସା ସଂଘଟନ, ଅନ୍ତରସ୍ଥ ଉତ୍ତେଜିତ ପ୍ରବୃତ୍ତି-ମାନଙ୍କର ବହିଃପ୍ରକାଶ ଏହି ସବୁ ବିଷୟହିଁ ସୂଚିତ ହୋଇଥାଏ । ହଠାତ୍ କୌଣସି ଦୃଶ୍ୟର ପରିବର୍ତ୍ତନ, ହଠାତ୍ ଅପ୍ରତ୍ୟାଶିତ ଭାବରେ କୌଣସି ଦ୍ୱନ୍ଦ୍ୱର ସମାଧାନକୁ ଆମ୍ଭେମାନେ ନାଟକୀୟ ବୋଲି କହୁଥାଉଁ । ଜଣେ ସତୀ ସ୍ତ୍ରୀ ନିଜର ସତୀତ୍ୱ ରକ୍ଷା କରିବା ନିମନ୍ତେ ବ୍ୟାକୁଳଭାବରେ ଦୁର୍ବୃତ୍ତ-ମାନଙ୍କୁ ମିନତି କରୁଅଛି, ଦୁର୍ବୃତ୍ତମାନେ ତାହାର କାତରୋକ୍ତିରେ କର୍ଣ୍ଣପାତ ନ କରି ତାକୁ ଆକ୍ରମଣ କରିବାକୁ ଉଦ୍ୟତ, ଏହି ସମୟରେ ହଠାତ୍ କୌଣସି ରକ୍ଷକର ଆବିର୍ଭାବ ଓ ଦୁର୍ବୃତ୍ତମାନଙ୍କର ପଳାୟନକୁ ଆମ୍ଭେମାନେ ନାଟକୀୟ ବୋଲି କହୁଁ । ଜଣେ ବନ୍ଦୀ ବଧଭୂମିରେ ନିଜର ଜୀବନ ଦେବା ନିମନ୍ତେ ପ୍ରସ୍ତୁତ, ତାହାର ଶୋଚନୀୟ ପରିଣାମ ଦର୍ଶନରେ ସମସ୍ତେ ବ୍ୟସ୍ତ, ତାହାର ମୁକ୍ତି ନିମନ୍ତେ ସମସ୍ତେ ଉଦ୍‌ଗ୍ରୀବ, ତାହା ପ୍ରତି ସମସ୍ତଙ୍କର ହୃଦୟ ସମବେଦନାରେ ପୂର୍ଣ୍ଣ, ଏହି ସମୟରେ କୌଣସି ଅପ୍ରତ୍ୟାଶିତ ଲୋକର ପ୍ରବେଶଦ୍ୱାରା ବା ଆଦେଶଦ୍ୱାରା ବନ୍ଦୀ ମୁକ୍ତିଲାଭ କଲା, ଏହିପରି ବିଷୟବିନ୍ୟାସ ମଧ୍ୟ 'ନାଟକୀୟ' ବୋଲି ପରିଚିତ । ଯେଉଁଥିରେ କୌଣସି ଅପ୍ରତ୍ୟାଶିତ ଘଟଣା ଘଟିବାର ଅବକାଶ ଥାଏ, ଯେଉଁ ଘଟଣା ସମାବେଶରେ ମାନସିକ ବା ଅନ୍ୟ ପ୍ରକାର ଦ୍ୱନ୍ଦ୍ୱର ଅବକାଶ ଥାଏ, ଯେଉଁ ବିଷୟବସ୍ତୁରେ ଆବେଗମୟ ମାନସିକ ଉତ୍ତେଜନା ହଠାତ୍ ଭିନ୍ନ ମାର୍ଗରେ ପ୍ରଧାବିତ ହୁଏ, ଯେଉଁ ଘଟଣାମାନଙ୍କର ମୁହୁର୍ମୁହୁଃ

ଘଟଣାବଳିର ଅନୁଷ୍ଠାନଙ୍କର ମନକୁ ଆନ୍ଦୋଳିତ କରେ, ସେ ସବୁ ନାଟକର ଉପାଦାନ । ଏହି ସବୁ କଥାବସ୍ତୁକୁ ଆଶ୍ରୟ କରି ନାଟକ ରଚିତ ହୋଇଥାଏ ଓ କେଉଁସବୁ କଥାବସ୍ତୁ ନାଟକରେ ସଫଳଭାବରେ ବ୍ୟବହୃତ ହୋଇ ପାରିବ କି ନାହିଁ ଏହା ବିଚାର କରିବା ସମୟରେ ସର୍ବଦା ଏହି ସବୁ ବିଷୟ ପ୍ରତି ଲକ୍ଷ୍ୟ ରଖିବାକୁ ହୁଏ ।

ନାଟକର ମୁଖ୍ୟ ଉଦ୍ଦେଶ୍ୟ ଚିତ୍ତବିନୋଦନ କରିବା । ରଙ୍ଗାଳୟର ଦୃଶ୍ୟପଟସଜ୍ଜା, ଅଭିନେତାମାନଙ୍କର ବିବିଧ ଅଭିନୟ-କୌଶଳ, ଭାଷାର ଅନ୍ତର୍ନିହିତ ବକ୍ରତ୍ୱ, ସଙ୍ଗୀତର ମନୋହର ଝଙ୍କାର ଓ ନୃତ୍ୟାଦିର ମନକଳ୍ପନା ନାନାପ୍ରକାରେ ଦର୍ଶକମାନଙ୍କର ଚିତ୍ତବିନୋଦନରେ ସାହାଯ୍ୟ କରିଥାଏ । ମୁଖ୍ୟତଃ ରଙ୍ଗାଳୟରେ ଦର୍ଶକମାନଙ୍କର ଚିତ୍ତବିନୋଦନ କରିବା ନିମନ୍ତେ ନାଟକ ଲିଖିତ ହେଉଥିବାରୁ ନାଟ୍ୟକାର ଏ ସମସ୍ତ ଦିଗରେ ସମ୍ୟକ୍ ଅବହିତ ହୋଇଥାନ୍ତି; ମାତ୍ର ନାଟକ ମୁଦ୍ରିତ ପୁସ୍ତକରୂପେ ପାଠକର ଚିତ୍ତବିନୋଦନ କରି ପାରିବ ଏଥିପ୍ରତି ମଧ୍ୟ ତାଙ୍କର ଦୃଷ୍ଟି ଥାଏ । ଚିତ୍ତବିନୋଦନ କରିବା ଯାହାର ମୁଖ୍ୟ ଉଦ୍ଦେଶ୍ୟ ତାହାର କଥାବସ୍ତୁରେ ଅଯଥା ଶିକ୍ଷା ଦେବା ପ୍ରୟାସ, ବାକ୍ୟବିନ୍ୟାସରେ ଅଯଥା ଜଟିଳତା, ଚରିତ୍ରଚିତ୍ରଣରେ ଅପ୍ରାକୃତତା ପ୍ରଭୃତି ଯେ ସର୍ବଥା ପରିହାର୍ଯ୍ୟ ଏଥିରେ ସନ୍ଦେହ ନାହିଁ । ନାଟ୍ୟକାର ଜୀବନ୍ତ ମନୁଷ୍ୟର ଚିତ୍ର ଅଙ୍କିତ କରେ; କାରଣ, ତାହା ଦର୍ଶକମାନଙ୍କର ଚିତ୍ତବିନୋଦନ କରିବାକୁ ସମର୍ଥ । ନାଟ୍ୟକାର ବ୍ୟଙ୍ଗର ବ୍ୟବହାର କରେ, କାରଣ ଅନ୍ୟର ଦୋଷ ନିର୍ଦ୍ଦେଶ କରିବା ଲୋକଙ୍କର ପ୍ରୀତିକର । ନାଟ୍ୟକାର ପୌରାଣିକ ଆଖ୍ୟାନ ଅବଲମ୍ବନ କରେ, କାରଣ, ଆଖ୍ୟାନ ବସ୍ତୁ ସହିତ ପରିଚିତ ଥିବାରୁ ଦର୍ଶକମାନେ ଏହାର ଅଭିନୟ ଦର୍ଶନରେ ଆନନ୍ଦ ଉପଭୋଗ କରି ପାରନ୍ତି । ନାଟ୍ୟକାର ଦୋଷୀର ଦଣ୍ଡ ବିଧାନ କରି ସଜ୍ଜନକୁ ପୁରସ୍କୃତ କରେ; କାରଣ, ସଂସାରରେ ନୈତିକ ବ୍ୟବସ୍ଥାକ୍ରମ କଳ୍ପନା କରି ଲୋକେ ସାନନ୍ଦ ଚିତ୍ତରେ ନାଟ୍ୟଶେଷରେ ଗୃହମୁଖ ହୁଅନ୍ତି । ନାଟକରେ ବିଷୟବସ୍ତୁ ସନ୍ନିବେଶରେ ନାଟ୍ୟକାର ଏସବୁ ପ୍ରତି ଅବହିତ ନ ହେଲେ ନାଟକ କେବେହେଁ ପ୍ରୀତିପ୍ରଦ ହୋଇ ନ ପାରେ ଓ ତାହାର ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟ ସାଧିତ ହୋଇ ନ ପାରେ । ରଙ୍ଗମଞ୍ଚର ଦୃଶ୍ୟପଟ, ଅଭିନେତାମାନଙ୍କର ବାସ୍ତବ ଜୀବନର ଅନୁକରଣ, ଅପ୍ରତ୍ୟାଶିତ ଘଟଣାମାନଙ୍କର ସଂଘଟନ ପ୍ରଭୃତି ସମସ୍ତ ବ୍ୟବସ୍ଥା ଏହାକୁ ସମଧିକ ଭାବରେ ଦର୍ଶକମାନଙ୍କର ଚିତ୍ତବିନୋଦନ କରିବାରେ ସାହାଯ୍ୟ

କରେ ଓ ବିଶେଷ ବିଶେଷ ଭାବାପନ୍ନ ଦର୍ଶକମାନଙ୍କର ରୁଚିକୁ ସ୍ପର୍ଶ କରିବା ନିମନ୍ତେ ବିଭିନ୍ନ ପ୍ରକାରର ନାଟକର ପ୍ରୟୋଜନ ହୋଇଥାଏ । କେଉଁ ନାଟକରେ ରୂପକର ଅତ୍ୟଧିକ ବ୍ୟବହାର ଦେଖାଯାଏ, କେଉଁଥିରେ ସଙ୍ଗୀତର ଆଧିକ୍ୟଦ୍ୱାରା କଥାବସ୍ତୁ ସମ୍ପୂର୍ଣ୍ଣଭାବରେ ଲୁପ୍ତ ହୋଇଯାଏ, କେଉଁଥିରେ ସମାଜସଂସ୍କାରର ପ୍ରେରଣା ଥାଏ, ପୁଣି କେଉଁଥିରେ ପୌରାଣିକ କଥାବସ୍ତୁକୁ ଚିରନ୍ତନ ନୂତନ ରୂପ ଦିଆଯାଇ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥାଏ; ମାତ୍ର ନାଟକ ଯେଉଁ ରୂପରେ ଲିଖିତ ହେଉ ବା କାହିଁକି, କୌଣସି ପ୍ରକାର ଆଭାସ ବା ପରିଚୟ ନ ଥିଲେ ତାହା କେବେହେଁ ଚିତ୍ତାକର୍ଷକ ହୋଇ ପାରେ ନାହିଁ ।

ଦ୍ୱନ୍ଦ୍ୱର ନାନାପ୍ରକାର ପ୍ରକାଶଦ୍ୱାରା ନାଟକ ବିଭିନ୍ନ ରୂପ ଧାରଣ କରିଥାଏ । ସାଧାରଣତଃ ଆମ୍ଭେମାନେ ନାଟକକୁ କରୁଣରସାତ୍ମକ ଓ ହାସ୍ୟରସାତ୍ମକ ଏହି ଦୁଇ ଭାଗରେ ବିଭକ୍ତ କରିଥାଉଁ ଓ କରୁଣରସାତ୍ମକ ନାଟକର ଶେଷରେ ମୃତ୍ୟୁ ବା ବିରହ ଓ ହାସ୍ୟରସାତ୍ମକ ନାଟକର ଶେଷରେ ବିବାହ ବା ମିଳନ ପ୍ରଭୃତି ପରିକଳ୍ପିତ ହୋଇଥାଏ । ମାତ୍ର ବାସ୍ତବରେ ନାଟକର ଏହି ଶ୍ରେଣୀବିଭାଗକୁ କେବଳ କଥାବସ୍ତୁର ପରିଣତି ଦିଗରୁ ବିଚାର କରିବା ସମୀଚୀନ ନୁହେଁ । କେବଳ ମୃତ୍ୟୁ ଆମ୍ଭମାନଙ୍କ ମନରେ କରୁଣରସ ଉତ୍ପାଦନ କରେ ନାହିଁ କିମ୍ବା କେବଳ ବିବାହ ଆମ୍ଭମାନଙ୍କ ମନରୁ କରୁଣରସର ଛାୟା ସମ୍ପୂର୍ଣ୍ଣଭାବରେ ଅପନୋଦନ କରି ପାରେ ନାହିଁ; ବରଂ ରାବଣର ମୃତ୍ୟୁ ଆମ୍ଭମାନଙ୍କୁ ଆନନ୍ଦ ଦାନ କରିବାକୁ ସମର୍ଥ ହୁଏ ଓ ଅଧର୍ମର ପରାଜୟ ଦେଖି ଅତ୍ୟାଚାରୀର ମୃତ୍ୟୁଦ୍ୱାରା ଆମ୍ଭମାନଙ୍କ ମନ ପୁଲକିତ ହୁଏ । ଯେଉଁ କଥାବସ୍ତୁରେ ଏପରି ଏକ ଦ୍ୱନ୍ଦ୍ୱର ପରିକଳ୍ପନା ଥାଏ ଯେ, ଜଣେ ଲୋକ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଦ୍ୱନ୍ଦ୍ୱର ବିପକ୍ଷବସ୍ତୁକୁ ଦୂର କରି ପାରେ ନାହିଁ, ସେହିଠାରେ ଆମ୍ଭେମାନେ କରୁଣ ରସର ଆସ୍ୱାଦ ପାଉଁ । ମେଘନାଦର ବର୍ଣ୍ଣିତ ମୃତ୍ୟୁମାତ୍ର ସେହି ନାଟକକୁ କରୁଣରସମୟ କରୁ ନାହିଁ । ମେଘନାଦ ନିଜର ସମସ୍ତ ବଳବୀର୍ଯ୍ୟଦ୍ୱାରା ନିୟତିକୁ ପରାସ୍ତ କରି ନ ପାରି ଅବଶେଷରେ ମୃତ୍ୟୁ ବରଣ କରିବାକୁ ବାଧ୍ୟ ହେଲେ, ନିୟତି ସହିତ ଏହି ସଂଗ୍ରାମ ଓ ବଳବାନ୍ ପୁରୁଷର ବିଫଳ ପ୍ରଚେଷ୍ଟା ଦେଖି ଏ ନାଟକଟିର କଥାବସ୍ତୁକୁ ଆମ୍ଭେମାନେ କରୁଣ-ରସାତ୍ମକ ବୋଲି ଜ୍ଞାନ କରିଥାଉଁ । ମାତ୍ର ଯେଉଁ ସ୍ଥାନରେ ଏହି ଦ୍ୱନ୍ଦ୍ୱର ବିପକ୍ଷୀଭୂତ ପଦାର୍ଥକୁ ସହଜରେ ଦୂର କରାଯାଇ ପାରେ, ସେଠାରେ

ଅନ୍ୟେମାନେ ହାସ୍ୟରସାତ୍ମକ ବିଷୟର ଆସ୍ୱାଦ ପାଆନ୍ତି । ପୁଣି ଯେଉଁ କ୍ଷେତ୍ରରେ ଏହି ଦ୍ୱନ୍ଦ୍ୱ ଅତି ସାମାନ୍ୟ ବା ଅକିଞ୍ଚିତ୍କର ପଦାର୍ଥ ଘେନି ରଚିତ ହୋଇଥାଏ, ତାହା ପ୍ରହସନର ବିଷୟୀଭୂତ ହୋଇଥାଏ । ଦ୍ୱନ୍ଦ୍ୱର ଏହିପରି ନାନାବିଧ ପରିକଳ୍ପନାଦ୍ୱାରା ନାଟକ ବିଚିତ୍ରରୂପ ପରିଗ୍ରହ କରେ, ନାନା ରସଦ୍ୱାରା ଅଭିସିଞ୍ଚିତ ହୋଇ ଲୋକମାନଙ୍କର ଆନନ୍ଦଦାୟକ ହୋଇଥାଏ । ଏଣୁ ପ୍ରତ୍ୟେକ ନାଟକର ଆଲୋଚନା କରିବା ସମୟରେ ତାହାର କଥାବସ୍ତୁର ଅନ୍ତର୍ନିହିତ ଦ୍ୱନ୍ଦ୍ୱକୁ ବିଶେଷଭାବରେ ବିଚାର କରିବା ଏକାନ୍ତ ପ୍ରୟୋଜନ ହୁଏ ।

ଅଭିନୟ ଦର୍ଶନଦ୍ୱାରା ନାଟକର ସବିଶେଷ ବିଚାର କରିବା ସହଜସାଧ୍ୟ ହୁଏ; ମାତ୍ର ଅଭିନୟ ସମୟରେ ଦର୍ଶକର ଚିତ୍ତବିଭ୍ରମ ଜାତ କରିବା ନିମନ୍ତେ ନାନାପ୍ରକାର ବ୍ୟବସ୍ଥା କରାଯାଇଥାଏ । ଅଭିନୟ ଦର୍ଶନକାଳରେ ଦର୍ଶକ ଖୋଜନ୍ତି ଦ୍ରୁତ ଘଟଣାସମାବେଶ । ଯେଉଁ ସ୍ଥାନରେ କେବଳ ବାଦାନୁବାଦ ବା ଦୀର୍ଘ ବକ୍ତୃତା ଅଛି, ସେ ସବୁ ସ୍ଥାନ ଦର୍ଶକ-ମାନଙ୍କର ପ୍ରୀତିପ୍ରଦ ହୁଏ ନାହିଁ । ଦର୍ଶକ ଖୋଜନ୍ତି ଗୋଟିକ ପରେ ଗୋଟିଏ ଉତ୍ତେଜନାପୂର୍ଣ୍ଣ ଘଟଣାବଳି ତାହାର ଚିତ୍ତବିନୋଦନ କରିବ । ସେ ଖୋଜନ୍ତି ଯେ, ନାନା ଅପ୍ରତ୍ୟାଶିତ ଘଟଣାପରମ୍ପରାଦ୍ୱାରା କଥାବସ୍ତୁଟି ସରସଭାବରେ ପ୍ରକାଶିତ ହେବ । ପ୍ରୟୋଜକର କୌଶଳରେ ସେ ମୁଗ୍ଧ ହୁଏ । ସମୁଦ୍ର, ବନ, ନଦୀତଟରେ ତରଣୀ, ଗିରିନିର୍ଝର ନିକଟରେ ପ୍ରେମ ନିବେଦନ ପ୍ରଭୃତି ଦୃଶ୍ୟପଟରେ ଥିବା ଚିତ୍ରମାନଙ୍କଦ୍ୱାରା ବିମୋହିତ ହୋଇ ସେ କେବଳ ଘଟଣାପରମ୍ପରା ପ୍ରତି ଅତି ଅଳ୍ପ ମାତ୍ରାରେ ଅବହିତ ଥାଏ । ମନୋମୁଗ୍ଧକର ଝଙ୍କାର, ଆଲୋକମାଳାର ପ୍ରୀତିପ୍ରଦ ଔଜ୍ଜ୍ୱଲ୍ୟ, ଅଭିନେତାମାନଙ୍କର ହାସ୍ୟଲାସ୍ୟ ପ୍ରଭୃତି ନାନା ବ୍ୟବସ୍ଥାଦ୍ୱାରା ତାହାର ଚିତ୍ତ ଏତେଦୂର ବିକ୍ଷିପ୍ତ ହୁଏ ଯେ, ଦର୍ଶକ କେବଳ କଥାବସ୍ତୁର ବିନ୍ୟାସ ପ୍ରତି ଅବହିତ ହୋଇ ପାରେ ନାହିଁ । କିନ୍ତୁ ଯେତେବେଳେ ପାଠକ ନିଜ ବିଶ୍ରାମ ସମୟରେ ସେହି ନାଟକଟି ପଢ଼େ, ସେତେବେଳେ ସେ କଥାବସ୍ତୁ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଘଟଣାପରମ୍ପରା ଅପେକ୍ଷା ଚରିତ୍ରମାନଙ୍କର କଥାବାର୍ତ୍ତା ମଧ୍ୟରେ ନାଟ୍ୟକାରଙ୍କର କଳ୍ପନାପାରିପାଟ୍ୟ ପ୍ରତି ସମଧିକ ଆକୃଷ୍ଟ ହୁଏ । ଏଣୁ ଦର୍ଶକ ଯାହା ଖୋଜନ୍ତି ପାଠକ ତାହା ଖୋଜନ୍ତି ନାହିଁ, ମାତ୍ର ନାଟକ ଉଭୟ ପ୍ରକାର ଲୋକଙ୍କର ଚିତ୍ତବିନୋଦନ କରିବା ନିମନ୍ତେ ଲିଖିତ ହୋଇଥିବାରୁ ନାଟ୍ୟକାର ଭାଷାର ସୌଷ୍ଠବ ଓ ଘଟଣା-

ସମାବେଶ ଏବଂ ଚରିତ୍ର ସମସ୍ତଙ୍କୁ ଯଥାଯଥ ଭାବରେ ସନ୍ନିବେଶିତ କରିବା ନିମନ୍ତେ ସଚେଷ୍ଟ ହୁଏ ।

କୌଣସି ଏକ କଥାବସ୍ତୁ ନାଟକର ଉପାଦାନ ସ୍ୱରୂପ ଗ୍ରହଣ କରିବା ପରେ ନାଟ୍ୟକାରଙ୍କୁ ତାହାର ଦୈର୍ଘ୍ୟ, ବିସ୍ତାର, ଆରମ୍ଭ ଓ ଶେଷ ପ୍ରତି ବିଶେଷ ସତର୍କତା ସହିତ ଲକ୍ଷ୍ୟ ରଖି ନାଟକ ରଚନା କରିବାକୁ ହୋଇଥାଏ । ନାଟକୀୟ କଥାବସ୍ତୁ ଉପନ୍ୟାସ ଭଳି ବିସ୍ତୀର୍ଣ୍ଣଭାବରେ ଲିଖିତ ହୋଇ ପାରେ ନାହିଁ । ଏହାକୁ କେତେଗୋଟି ଅଙ୍କ ଓ ଗର୍ଭାଙ୍କରେ ସୁବିନ୍ୟସ୍ତ ଭାବରେ ବିଭକ୍ତ କରିବାକୁ ହୁଏ ଓ କୌଣସି ଅଙ୍କ ଅଯଥା ଦୀର୍ଘ ବା ଅତ୍ୟନ୍ତ କ୍ଷୁଦ୍ର ହେଲେ ଅଭିନୟ ସମୟରେ ଦର୍ଶକ ଲୋକଙ୍କର ଆନନ୍ଦ ଜାତ ହୋଇ ପାରେ ନାହିଁ । ପୁଣି ନାଟକଟିର ଅଭିନୟ ଆରମ୍ଭ ହେବା ସମୟକୁ ଦର୍ଶକମାନେ ସାଧାରଣତଃ ଏକତ୍ରିତ ନ ହୋଇଥିବାରୁ ଓ ନାଟକୀୟ ବିଷୟବସ୍ତୁଟି ପୂର୍ଣ୍ଣଭାବରେ ପ୍ରଦର୍ଶିତ ହେଲା ପରେ ଦର୍ଶକମାନଙ୍କର ଉତ୍ସାହ ନଷ୍ଟ ହୋଇଯିବା ସ୍ୱାଭାବିକ ଥିବାରୁ କଥାବସ୍ତୁଟି ଆରମ୍ଭ କରିବା ପୂର୍ବରୁ କିଛି ଅବାନ୍ତର ଦୃଶ୍ୟ ବା ସଙ୍ଗୀତାଦି ଦ୍ୱାରା ନାଟକର କଳେବର ପୂର୍ଣ୍ଣ କରିବାର ଚେଷ୍ଟା କରାଯାଇଥାଏ ଓ ନାଟକବର୍ଣ୍ଣିତ ଚରମ ଘଟଣାକୁ ପୁସ୍ତକର ଶେଷ ସୀମା ପର୍ଯ୍ୟନ୍ତ ନେଇଯିବାର ପ୍ରୟାସ ପ୍ରାୟ ପ୍ରତ୍ୟେକ ନାଟ୍ୟକାର କରିଥାନ୍ତି । ଚରମ ଘଟଣା ପରେ ନାଟକୀୟ ବିଷୟବସ୍ତୁରେ ଲୋକଙ୍କର ଚିତ୍ତ ଅବହିତ ରଖିବା ସମ୍ଭବପର ହୁଏ ନାହିଁ । ଲେଖକ ଖୁବ୍ କୌଶଳୀ ନ ହେଲେ ଚରମ ଘଟଣା ପରେ ଆଉ କୌଣସି ଘଟଣା ସନ୍ନିବେଶ କରିବା ସମ୍ଭବପର ନୁହେଁ ।

ମାତ୍ର ନାଟକରେ କଥାବସ୍ତୁ ଅପେକ୍ଷା ଚରିତ୍ରାଙ୍କଣ ଅଧିକ ଅପରିହାର୍ଯ୍ୟ ଓ ନାଟକର ଦୋଷ ଗୁଣ ଏହି ଚରିତ୍ରାଙ୍କଣ ଉପରେ ଆଂଶିକଭାବରେ ନିର୍ଭର କରେ । ଅନେକ ସମୟରେ କୌଣସି ବିଶେଷ ପ୍ରକାର ଲୋକକୁ ବିଶେଷ ଚିହ୍ନ—ନାମ ଦେଇ ଦର୍ଶକମାନଙ୍କ ନିକଟରେ ପରିଚିତ କରାଇ ଦିଅନ୍ତି ଓ ଏମାନଙ୍କର ଚରିତ୍ର ନାମାନୁଯାୟୀ ବିଶିଷ୍ଟତା ବିଷୟରେ ମଧ୍ୟ ପାଠକମାନଙ୍କୁ ସତର୍କ କରନ୍ତି । ମାତ୍ର ସାଧାରଣତଃ ନାଟ୍ୟକାର ଜୀବନ୍ତ ଚରିତ୍ର ଚିତ୍ରଣ କରିବାକୁ ଚେଷ୍ଟା କରିଥାନ୍ତି । ପୌରାଣିକ କଥାକୁ ବିଷୟବସ୍ତୁ ଗ୍ରହଣ କଲେ ନାଟ୍ୟକାର ଏ ବିଷୟରେ ନାନା ଅସୁବିଧା ଭୋଗ କରେ, କାରଣ ପୌରାଣିକ ଚରିତ୍ରମାନଙ୍କୁ ପରିବର୍ତ୍ତିତ କରିବାର ଅଧିକାର ତାହାର ନାହିଁ; ମାତ୍ର ଅନ୍ୟ ଆଖ୍ୟାନବସ୍ତୁ

ଗ୍ରହଣ କଲେ ମଧ୍ୟ ତାହାର ନିର୍ବାଚନଶକ୍ତି ଅନେକ ପରିମାଣରେ ସୀମାବଦ୍ଧ କରାଯାଇଥାଏ । ସାଧାରଣତଃ ମନୁଷ୍ୟ ପରିବର୍ତ୍ତନଶୀଳ । ଆଜି ତାହାର ମନରେ ଯେଉଁ ଭାବରାଶି ଜାଗ୍ରତ ହେଉଅଛି, କାଲି ତାହା ବିଲୀନ ହୋଇଯାଇ ପାରେ । ତାହାର ଚିନ୍ତାଧାରା ଓ କାର୍ଯ୍ୟ କାଲି ଠିକ୍ ଭାବରେ ଦେଖାଯାଏ ନାହିଁ । ନାଟକୀୟ କଥାବସ୍ତୁର ବାସ୍ତବ ଘଟଣାକାଳ ଅନେକ ବର୍ଷ ଥିବାରୁ ଚରିତ୍ରମାନଙ୍କର ପରିବର୍ତ୍ତନ ଅବଶ୍ୟମ୍ଭାବୀ; ମାତ୍ର ଅଭିନୟ କାଳ ସଂକ୍ଷିପ୍ତ ଓ ତିନି ଚାରି ଘଣ୍ଟା ମଧ୍ୟରେ ସୀମାବଦ୍ଧ ଥିବାରୁ ସେହି ସ୍ୱଳ୍ପକାଳ ମଧ୍ୟରେ ଚରିତ୍ରର ପରିବର୍ତ୍ତନ ଅସଙ୍ଗତ ଓ ଅସ୍ୱାଭାବିକ ହେବା ସମ୍ଭବ । ଏଣୁ ନାଟ୍ୟକାର ବାସ୍ତବିକ ଏକ ସମସ୍ୟାରେ ପଡ଼େ । ତାକୁ ଚରିତ୍ରମାନଙ୍କୁ ଜୀବନ୍ତ ହେବାର ଅନୁକରଣରେ ପରିବର୍ତ୍ତନଶୀଳ କରିବାକୁ ହେବ, ପୁଣି ଏହି ପରିବର୍ତ୍ତନକୁ ଅଳ୍ପକାଳ ମଧ୍ୟରେ ସ୍ୱାଭାବିକ ବୋଲି ପ୍ରଦର୍ଶିତ କରିବାକୁ ହେବ । ଦର୍ଶକମାନଙ୍କ ମନରେ କେତେଗୁଡ଼ିଏ ନାଟକୀୟ ରୀତିର ବ୍ୟବହାର ବିଷୟରେ ଜ୍ଞାନ ନ ଥିଲେ ନାଟ୍ୟକାର ଏ ଉଭୟ କର୍ତ୍ତବ୍ୟକୁ ଯଥାଯଥ ଭାବରେ ସମ୍ପାଦିତ କରି ପାରି ନ ଥାନ୍ତା । ମାତ୍ର ଚରିତ୍ରଚିତ୍ରଣର ଏହି କୌଶଳ ଉପରେ ଓ ଅନ୍ୟ କଥାବାର୍ତ୍ତା ବା କାର୍ଯ୍ୟରେ ତାହାର ବ୍ୟକ୍ତିତ୍ୱକୁ ସୁପରିସ୍ଫୁଟ କରି ପାରିବାରେ ନାଟକର ଉତ୍କର୍ଷ ସମ୍ପୂର୍ଣ୍ଣଭାବରେ ନିର୍ଭର କରେ ।

ନାଟକୀୟ ଚରିତ୍ରଗୁଡ଼ିକ ନିଜର କାର୍ଯ୍ୟାବଳୀ ଓ କଥାବାର୍ତ୍ତାଦ୍ୱାରା ନିଜକୁ ପରିସ୍ଫୁଟ କରି ପାରିବା ପ୍ରୟୋଜନ । ନାଟ୍ୟକାର ସେମାନଙ୍କୁ ରଙ୍ଗମଞ୍ଚ ଉପରେ ଛାଡ଼ିଦେଇ ଦର୍ଶକସମ୍ମୁଖରୁ ବିଦାୟ ଗ୍ରହଣ କରେ । ଏଣୁ ସେମାନେ ନିଜର କାର୍ଯ୍ୟାବଳୀଦ୍ୱାରା ବା ପରସ୍ପର କଥାବାର୍ତ୍ତା-ଦ୍ୱାରା ନିଜର ସମ୍ୟକ୍ ପରିଚୟ ଦେଇ ପାରନ୍ତି ଓ ନିଜର ବ୍ୟକ୍ତିତ୍ୱକୁ ଦର୍ଶକ ବା ପାଠକମାନଙ୍କ ସମ୍ମୁଖରେ ବିକଶିତ କରି ପାରନ୍ତି । ସେପରି ଆତ୍ମପରିଚୟ ଦେବାର ଶକ୍ତି ନ ଥିଲେ କୌଣସି ଚରିତ୍ର ଦର୍ଶକମାନଙ୍କର ଚିତ୍ତାକର୍ଷକ ହୋଇ ନ ପାରେ । ପୁଣି କୌଣସି ନାଟକରେ ଯେତିକି ଚରିତ୍ର ରହିଲେ ନାଟକୀୟ କଥାବସ୍ତୁ ସମଗ୍ରଭାବରେ ପ୍ରକାଶିତ ହୋଇ ପାରିବ କେବଳ ସେତିକି ଚରିତ୍ର ରହିବା ପ୍ରୟୋଜନ । ଅନାବଶ୍ୟକ ଚରିତ୍ର-ବହୁଳ ନାଟକ ବା ଅତ୍ୟଳ୍ପ ଚରିତ୍ରଯୁକ୍ତ ନାଟକ କେବେହେଁ ପ୍ରୀତିକର ହୋଇ ନ ପାରେ । ଅଭିନୟ ସମୟରେ ମଧ୍ୟ ଅଭିନେତାମାନଙ୍କୁ ବିଶ୍ରାମ ଦେବା ନିମନ୍ତେ ଅନେକଗୁଡ଼ିଏ ଚରିତ୍ରର ଅବତାରଣା କରିବାକୁ ହୁଏ;

ପୁଣି ଦର୍ଶକମାନଙ୍କ ମନରେ ବିଭ୍ରମ ଯେପରି ଜାତ ନ ହେବ ସେଥିପାଇଁ ଚରିତ୍ରଗୁଡ଼ିକର ଅଯଥା ବାହୁଲ୍ୟ ମଧ୍ୟ ପରିହୃତ ହୋଇଥାଏ ।

ନାଟକରେ ଲିଖିତ କାର୍ଯ୍ୟାବଳୀ ଓ କଥାବାର୍ତ୍ତା ବିଷୟରେ କିଛି ନିୟମ ସୁସ୍ପଷ୍ଟଭାବରେ ଉଲ୍ଲେଖ କରିବା ଅସମ୍ଭବ । ସ୍ୱାଭାବିକତା ହିଁ ନାଟକର ପ୍ରାଣ । ଯଦି ନାଟକର କୌଣସି ଅଂଶ ଅଭିନୟ ସମୟରେ ଅବାସ୍ତବ ବୋଲି ପ୍ରତୀତ ହୁଏ, ତେବେ ତାହା ଉତ୍କୃଷ୍ଟ ନାଟକକୁ ଦୁଷ୍ଟ କରିଦିଏ । ନାନା ନାଟକୀୟପରମ୍ପରା, ନାଟକୀୟ ରୀତି, ନାଟକୀୟ କୌଶଳକୁ ଆଶ୍ରୟ କରି ଦର୍ଶକମାନେ ବାସ୍ତବ ଓ ଅବାସ୍ତବର ବିଚାର କରିଥାନ୍ତି । ଦେବତାମାନଙ୍କର ସତ୍ତା ଅପ୍ରାକୃତ ଓ ଅବାସ୍ତବ ହେଲେହେଁ ହିନ୍ଦୁ ଦର୍ଶକମାନେ ତାକୁ ବାସ୍ତବ ବୋଲି ଗ୍ରହଣ କରିଥାନ୍ତି; ପୁଣି ଆମ୍ଭମାନଙ୍କର ପରମ୍ପରାଗତ ବିଶ୍ୱାସକୁ ଅବଲମ୍ବନ କରିଥିବାରୁ ଗଜଲକ୍ଷ୍ମୀ ବା ନାରଦର ରଙ୍ଗମଞ୍ଚରେ ପ୍ରବେଶକୁ ମଧ୍ୟ ଆମ୍ଭେମାନେ ଅବାସ୍ତବ ବୋଲି ମନେ କରୁ ନାହିଁ । ଏହିପରି ପଠାଣ ଚରିତ୍ରମାନଙ୍କର ଓଡ଼ିଆରେ କଥାବାର୍ତ୍ତା ଅବାସ୍ତବ ହେଲେହେଁ ଦର୍ଶକମାନେ ତାକୁ ମାନି ନେବାକୁ ସମର୍ଥ ଓ ସ୍ୱଗତୋକ୍ତି ବା ଏକାନ୍ତ କଥାବାର୍ତ୍ତା ଅଭିନୟ ସମୟରେ ଅପ୍ରାକୃତ ବୋଧ ହେଲେହେଁ ସେଥିରେ ମଧ୍ୟ ଦର୍ଶକମାନେ ଅଭ୍ୟସ୍ତ । ଆଜିକାଲି ବାସ୍ତବିକତାର ଦୋହାଇ ଦେଇ ଏଥିରୁ ଦେଶରେ ନାନା ପରିବର୍ତ୍ତନର ଚେଷ୍ଟା ଚାଲିଅଛି, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପ୍ରକାର ରୀତି ନାଟକର ଅଙ୍ଗୀଭୂତ ଓ ଦର୍ଶକମାନଙ୍କଦ୍ୱାରା ମଧ୍ୟ ସ୍ୱୀକୃତ ।

# ଦ୍ୱିତୀୟ ପରିଚ୍ଛେଦ

## ଓଡ଼ିଆରେ ନାଟକର ପୂର୍ବାବସ୍ଥା

ଓଡ଼ିଆରେ ନାଟକ ରଚନା ଅତି ଅଳ୍ପ ଦିନ ହେଲା ଆରମ୍ଭ ହୋଇଅଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସ୍ଥାନେ ସ୍ଥାନେ କଥୋପକଥନ ଓ ନାଟକୀୟ ଭଙ୍ଗୀ ଦୃଷ୍ଟିଗୋଚର ହେଲେହେଁ ପୂର୍ଣ୍ଣାବୟବ ନାଟକ ଆଦୌ ଦେଖାଯାଏ ନାହିଁ । ଯେଉଁ ନାଟକମାନ ବର୍ତ୍ତମାନ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରୁଅଛି, ସେଗୁଡ଼ିକ ସମସ୍ତ ବିଗତ ପଚାଶ ବର୍ଷ ମଧ୍ୟରେ ରଚିତ ଓ ଓଡ଼ିଶାରେ ଇଂରେଜ ଶାସନ ସୁପ୍ରତିଷ୍ଠିତ ହେବା ପରେ ଓ ଇଂରେଜୀ ସାହିତ୍ୟ ଏବଂ ବଙ୍ଗଳା ସାହିତ୍ୟର ବିଶେଷ ଚର୍ଚ୍ଚାରୁ ଉଦ୍ଭୂତ । ସ୍ଥାୟୀ ରଙ୍ଗମଞ୍ଚର ପରିକଳ୍ପନା ଓଡ଼ିଶାରେ ପୂର୍ବେ ଆଦୌ ନ ଥିଲା ଓ ଏହିପରି କଳ୍ପନା ମଧ୍ୟ ଅନ୍ୟ ଦେଶର ପ୍ରଭାବରୁ ଏ ଦେଶରେ ଜାତ ହୋଇଅଛି । ନାଟକର ଗୋଟିଏ ଉଦ୍ଦେଶ୍ୟ ଲୋକମାନଙ୍କୁ ଆନନ୍ଦ ପ୍ରଦାନ । ଅନେକ ଲୋକ ଏକତ୍ରିତ ହେଲେ ସେମାନଙ୍କର ଚିତ୍ତବିନୋଦନ ନିମନ୍ତେ ନାଟକର ଅଭିନୟ କରାଯାଇଥାଏ ଓ ଅଭିନୟ କାଳୋପଯୋଗୀ ହେଲେ ତାହା ସମସ୍ତଙ୍କର ପ୍ରୀତିକର ହୁଏ । ଅନ୍ୟକୁ ଅନୁକରଣ କରିବା ବା ଅଭିନୟ କରିବା ମନୁଷ୍ୟର ସହଜାତ ଓ ସ୍ୱାଭାବିକ ପ୍ରବୃତ୍ତି, ତେଣୁ ଅଭିନେତାମାନେ ଅଭିନୟ କରି ନିଜେ ଆନନ୍ଦ ପାଆନ୍ତି ଓ ଅପରକୁ ଆନନ୍ଦ ଦାନ କରିବାକୁ ସମର୍ଥ ହୋଇଥାନ୍ତି । ଅନ୍ୟ ପ୍ରକାର ସାହିତ୍ୟରେ କେବଳ ଦୁଇଗୋଟି ପକ୍ଷ ସାମୟିକ ଆନନ୍ଦ ଲାଭ କରି ପାରନ୍ତି; ମାତ୍ର ନାଟକର ଅଭିନୟକାଳରେ ଲେଖକ, ଅଭିନେତା ଓ ଦର୍ଶକ ଏହି ତିନି ଶ୍ରେଣୀର ଲୋକ ଯୁଗପତ୍ ଆନନ୍ଦ ଲାଭ କରି ପାରନ୍ତି । ତେଣୁ ସାମାଜିକ ଉତ୍ସବମାନଙ୍କରେ ଯେଉଁଠାରେ କୌଣସି ଧନୀଲୋକ ଗୃହରେ ବହୁ ନିମନ୍ତ୍ରିତ ଲୋକଙ୍କର ସମାଗମ ହୁଏ, ସେଠାରେ ନାଟକର ଅଭିନୟ ସେମାନଙ୍କର ଚିତ୍ତବିନୋଦନ କରିବାର ଏକ ପ୍ରକୃଷ୍ଟ ଉପାୟ । ପୁଣି ରଙ୍ଗମଞ୍ଚରେ ଅଭିନୟ ଦର୍ଶନ ନିମନ୍ତେ ବହୁଲୋକ ଏକତ୍ରିତ ହୋଇ ଦୁଇ ତିନି ଘଣ୍ଟା ବିମଳ ଆନନ୍ଦ ଉପଭୋଗ କରି ପାରନ୍ତି । ବାସ୍ତବରେ ଅନେକ ଲୋକଙ୍କୁ ଏକତ୍ର କରି ସମସ୍ତ ଆନନ୍ଦ ଦେବା ନିମନ୍ତେ ସାହିତ୍ୟର ନାନା ବିଭାଗ ମଧ୍ୟରେ ନାଟକହିଁ ସମର୍ଥ ଓ ଏହି କାରଣରୁ ନାଟକର

ଉଦ୍ଭବ ବହୁ ପ୍ରାଚୀନକାଳରୁ ହୋଇଥିବା ସମସ୍ତେ ଅନୁମାନ କରି ପାରନ୍ତି ।

ମାତ୍ର ନାଟକର ଆରମ୍ଭ ଏହି ଆନନ୍ଦଦାନ ଇଚ୍ଛାରୁ ନୁହେଁ । ଗ୍ରୀସ ଦେଶରେ, ଇଂଲଣ୍ଡରେ, ଭାରତରେ—ପ୍ରତ୍ୟେକ ସ୍ଥାନରେ ଧର୍ମାନୁଷ୍ଠାନ ସହିତ ନାଟକ ରଚନାର ସମ୍ପର୍କ ଥିଲା ଓ ଧର୍ମାନୁମୋଦିତ ଗଳ୍ପଗୁଡ଼ିକ ଲୋକମାନଙ୍କ ମନରେ ଦୃଢ଼ଭାବରେ ଅଙ୍କିତ କରିବା ନିମନ୍ତେ ଧର୍ମଯାଜକମାନେ ନାଟ୍ୟାକାରରେ ସେହି ଗଳ୍ପମାନଙ୍କର ଅଭିନୟ ପ୍ରଦର୍ଶନ କରୁଥିଲେ । ଗ୍ରୀସ୍‌ଦେଶରେ ଉପାସନା ସମୟରେ ଯେଉଁ ସ୍ତବଗୁଡ଼ିକ ରଚିତ ହେଉଥିଲା, କାଳକ୍ରମେ ସେହି ସ୍ତବଗୁଡ଼ିକ ଦୁଇଜଣ ନଟମଧ୍ୟରେ କଥୋପକଥନ ରୂପରେ ଗୀତ ହେଲା । ଏହିପ୍ରକାର ଗୀତବଦ୍ଧ କଥୋପକଥନରୁ ସମୟରେ ନାଟକର ଉତ୍ପତ୍ତି ହୋଇଥିଲା । ଇଂଲଣ୍ଡରେ ସେହିପରି ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ଓ ତତ୍‌ସମ୍ବନ୍ଧ ସହିତ ସଂଯୁକ୍ତ ବାଇବେଲ୍‌ର ଗଳ୍ପଗୁଡ଼ିକ ଧର୍ମମନ୍ଦିରରେ ଅଭିନୀତ ହେଉଥିଲା । କ୍ରମଶଃ ଏହିପରି ଅଭିନୟଦ୍ୱାରା ଏହାର ଅନ୍ତର୍ନିହିତ ଭାବମାନ ଲୋକସମାଜରେ ପ୍ରଚଳିତ ହେଲା । କାଳକ୍ରମେ ଧର୍ମ-ସମ୍ପର୍କରୁ ବିଚ୍ୟୁତ ହୋଇ ନାନାପ୍ରକାର ନାଟକର ଅଭିନୟ ଆରମ୍ଭ ହେଲା । ସଂସ୍କୃତ ନାଟକ ମଧ୍ୟ ଏହିପରି ପ୍ରଥମରେ ଧର୍ମ-ସମ୍ବନ୍ଧୀୟ 'ସ୍ତବ-ଗୀତରୁ' ଉଦ୍ଭୂତ ହୋଇଥିବାର ଅନୁମିତ ହୁଏ; ମାତ୍ର କ୍ରମଶଃ ସଂସ୍କୃତ ସାହିତ୍ୟରେ ଯେଉଁ ନାଟକଗୁଡ଼ିକ ରଚିତ ହେଲା, ସେଗୁଡ଼ିକରେ ଧର୍ମର ସମ୍ପର୍କ ଅଦୌ ରହିଲା ନାହିଁ ଓ ଲୋକଶିକ୍ଷା ସେମାନଙ୍କର ଗୌଣ ଉଦ୍ଦେଶ୍ୟ ଥିଲେ ମଧ୍ୟ ଦର୍ଶକମାନଙ୍କର ଚିତ୍ତ-ବିନୋଦନ ସେଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହୋଇ ପଡ଼ିଲା । ଏହି କାରଣରୁ ସଂସ୍କୃତରେ ବର୍ତ୍ତମାନ ଯେତେ ଗୁଡ଼ିଏ ନାଟକ ଦେଖାଯାଏ, ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ନଟ-ନଟୀମାନଙ୍କର ଅଭିନୟକାଳୀନ ହାବଭାବଦ୍ୱାରା ଓ ବିଦୂଷକ ପ୍ରଭୃତିଙ୍କର ହାସ୍ୟୋଦ୍ଦୀପକ ଅଙ୍ଗଭଙ୍ଗୀଦ୍ୱାରା ସରସ ପାଣ୍ଡିତ୍ୟ ସୃଷ୍ଟି କରିବା ଓ କାବ୍ୟର ମାଧୁର୍ଯ୍ୟ ସାଧାରଣ ଲୋକମାନଙ୍କ ମନରେ ପରିବ୍ୟାପ୍ତ କରିବା । ସଂସ୍କୃତ ନାଟକ ମୂଳତଃ ନାଟ୍ୟକାବ୍ୟ ଅର୍ଥାତ୍ କାବ୍ୟ ସହିତ ଏହା ବିଶେଷଭାବରେ ସଂପୃକ୍ତ । ଚରିତ୍ରମାନଙ୍କର କଥୋପକଥନ ମଧ୍ୟରେ ଏହି କାରଣରୁ ମଧୁର ଶ୍ଲୋକଗୁଡ଼ିକ ସ୍ଥାନ ପାଇଥାଏ ଓ ନାନା ଉପମା ବା ଅନ୍ୟ ଅଳଙ୍କାରଦ୍ୱାରା ସେମାନେ ନିଜର ବକ୍ତବ୍ୟକୁ ସୁମଧୁର ଓ ସରସ କରିବାକୁ ବିଶେଷଭାବରେ ଚେଷ୍ଟା କରିଥାନ୍ତି । ସଂସ୍କୃତରେ

ନାଟକକୁ ରୂପକ ବୋଲି ଗ୍ରହଣ କରାଗଲେହେଁ ଓ ଅଭିନୟ ଏହାର ଏକମାତ୍ର ଉଦ୍ଦେଶ୍ୟ ବୋଲି ସ୍ୱୀକାର କରାଗଲେହେଁ ନାଟକରେ କଥାବସ୍ତୁ ଅପେକ୍ଷା ରସବସ୍ତୁର ସନ୍ଧାନ ପାଇବା ନିମନ୍ତେ ଦର୍ଶକମାନେ ଉଦ୍‌ଗ୍ରୀବ ହୋଇଥାନ୍ତି ଓ ସେମାନଙ୍କର ରସ-ପିପାସା ମେଣ୍ଟାଇବାକୁ ଲେଖକ ନାନା ସ୍ଥାନରେ ସ୍ୱାଭାବିକତାକୁ ନଷ୍ଟ କରି ଅନ୍ୟ ଉପାୟଦ୍ୱାରା ନିଜର ଲେଖାକୁ ଶ୍ରୀସମ୍ପନ୍ନ କରିବାକୁ ଚେଷ୍ଟା କରନ୍ତି । କିପରି ଭାବରେ ଅଭିନୟ କରିବାକୁ ହେବ, କିପରି ଭାବରେ ଦୃଶ୍ୟମାନଙ୍କୁ ଯଥାଯଥ ଭାବରେ ବିନ୍ୟସ୍ତ କରିବାକୁ ହେବ, ଚରିତ୍ରମାନଙ୍କୁ କିପରି ଭାବରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ କରାଇବାକୁ ହେବ ଓ କଥା କୁହାଇବାକୁ ହେବ, କିଭଳି ବିଷୟବସ୍ତୁକୁ ଅବଲମ୍ବନ କରିବାକୁ ହେବ, ନାୟକ, ନାୟିକା କିଭଳି ଚରିତ୍ରର ଲୋକ ହେବେ, କିଭଳି ବିଷୟମାନଙ୍କର ଅଭିନୟ ଅକାର୍ଯ୍ୟ, ନାଟକର ବିଷୟବସ୍ତୁ କିପରି ଭାବରେ ଆରବ୍ଧ ହେବ ଓ କିଭଳି ଭାବରେ ତାହା ଶେଷ କରିଯିବ, ଏହିପରି ନାନା ବିଷୟ ସଂସ୍କୃତ ଅଳଙ୍କାର ଗ୍ରନ୍ଥମାନଙ୍କରେ ଅତି ସୂକ୍ଷ୍ମଭାବରେ ଆଲୋଚିତ ହୋଇଅଛି ଓ ଏହିପରି ଆଲୋଚନାଦ୍ୱାରା ସଂସ୍କୃତ ନାଟକମାନଙ୍କର ଗତି ନିୟନ୍ତ୍ରିତ ହୋଇ ତାହା ନାଟ୍ୟକାବ୍ୟ ରୂପରେ ସାହିତ୍ୟର ଏକ ବିଶେଷ ଅଙ୍ଗରେ ପରିଣତ ହୋଇଥିଲା ।

ମାତ୍ର ମୁସଲମାନ ଅଭ୍ୟୁଦୟ ପରେ ନାନା କାରଣରୁ ସଂସ୍କୃତ ସାହିତ୍ୟ କ୍ରମଶଃ ନିର୍ଜୀବ ଓ ମୃତପ୍ରାୟ ହୋଇଗଲା । ରାଜାମାନଙ୍କର ଆଶ୍ରୟ, ଅନୁକମ୍ପା ଅଭାବରୁ କ୍ରମଶଃ ଅଭିନୟ କରିବା ଓ ସ୍ଥାୟୀ ରଙ୍ଗମଞ୍ଚ କରିବା ମଧ୍ୟ ସମ୍ଭବପର ହେଲା ନାହିଁ । ପରମ୍ପରା-ବିଚ୍ଛିନ୍ନ ପ୍ରାଦେଶିକ ଭାଷାମାନଙ୍କର ଅଭ୍ୟୁଦୟ ଯୋଗୁଁ ନୂତନ ସାହିତ୍ୟର ଓ ନୂତନ ସାହିତ୍ୟିକ ନିୟମମାନଙ୍କର ପ୍ରଚଳନ ଦେଖାଗଲା ଓ ସାହିତ୍ୟର ବିକାଶ ନୂତନ ନୂତନ ମାର୍ଗ ଅନୁସରଣ କଲା । ପ୍ରାଦେଶିକ ସାହିତ୍ୟ ଯଦି ମୂଳରୁ ସଂସ୍କୃତ ସାହିତ୍ୟର ଅଳଙ୍କାରଶାସ୍ତ୍ରକୁ ଗ୍ରହଣ କରିଥାନ୍ତେ, ପ୍ରଥମରୁ ଯଦି ପୂର୍ବ ନିୟମାନୁସାରେ ରସ ସୃଷ୍ଟି କରିବାକୁ ସାହିତ୍ୟିକମାନେ ନିୟୁକ୍ତ ହୋଇଥାନ୍ତେ, ତେବେ ଓଡ଼ିଆ ଓ ଅନ୍ୟାନ୍ୟ ପ୍ରାଦେଶିକ ଭାଷାର ସାହିତ୍ୟ ଅତି ଦ୍ରୁତଗତିରେ ବିକାଶଲାଭ କରି ପାରିଥାନ୍ତା । ମାତ୍ର ପ୍ରାଦେଶିକ ଭାଷାର ବାଲ୍ୟାବସ୍ଥାରେ ପୁଣି ନୂଆ କରି ସାହିତ୍ୟ ସୃଷ୍ଟିର ଚେଷ୍ଟା ହୋଇ-ଥିଲା । ଏହି ଭାଷାମାନଙ୍କରେ ଶବ୍ଦର ଅଳ୍ପତା, ବ୍ୟାକରଣଗତ ନିୟମମାନଙ୍କର ଅସ୍ଥିରତା ଓ ଭାଷାଭାଷୀମାନଙ୍କର ସଂସ୍କୃତ ସାହିତ୍ୟରେ ଅଜ୍ଞତା କ୍ରମଶଃ

ଦେଶୀୟ ଭାଷାରେ ରଚିତ ସାହିତ୍ୟକୁ ସଂସ୍କୃତ ସାହିତ୍ୟଠାରୁ ବିଶେଷଭାବରେ ପୃଥକ୍ କରିଦେଲା । ଓ ପୂର୍ବପ୍ରଚଳିତ ରୀତି ଓ ଅଳଙ୍କାରର ନିୟମମାନ ପରିତ୍ୟକ୍ତ ହୋଇ ନୂତନ ଭାବରେ ଏକ ନୂତନ ସାହିତ୍ୟ ରଚନାର ପ୍ରଣାଳୀ ବିଭିନ୍ନ ଅଞ୍ଚଳମାନଙ୍କରେ ହୋଇଥିଲା । ପ୍ରତ୍ୟେକ ସାହିତ୍ୟ ଯେପରି ଅତି ହୀନ ଅବସ୍ଥାରୁ କ୍ରମଶଃ ନିଜକୁ ଉନ୍ନତ କରେ ଓ ସାହିତ୍ୟ ସୃଷ୍ଟିର ଅନୁକୂଳ ନିୟମମାନ ଆବିଷ୍କାର କରି ଅଗ୍ରସର ହେବାକୁ ଚେଷ୍ଟା କରେ, ଓଡ଼ିଆ ନାଟ୍ୟ ସାହିତ୍ୟ ମଧ୍ୟ ସେହିପରି ଅତି କ୍ଷୀଣଭାବରେ ଅବରୁଦ୍ଧ ହୋଇ ନିଜ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି, ନିଜ ଶକ୍ତି ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଓ ସାହିତ୍ୟର ଅନୁକୂଳ ନୂତନ ନିୟମମାନ ଅନୁସରଣ କରି କ୍ରମଶଃ ଅଗ୍ରସର ହେବାକୁ ଲାଗିଲା ।

ଓଡ଼ିଆ ସାହିତ୍ୟର ଆରମ୍ଭ ଆଜିକି ଏକ ସହସ୍ର ବର୍ଷ ପୂର୍ବରେ । ଏଥିପୂର୍ବେ ଓଡ଼ିଆ ଭାଷା ଥିଲା, ଓଡ଼ିଆରେ ବହି ଥିଲା, ଓଡ଼ିଆ ଭାଷାରେ ଓଡ଼ିଆ ବହି ରଚିତ ହେଉଥିଲା; ମାତ୍ର ସହସ୍ର ବର୍ଷ ପୂର୍ବ ଲେଖାର ସାହିତ୍ୟିକ ମୂଲ୍ୟ ଅତ୍ୟନ୍ତ ଅଳ୍ପ । ପ୍ରାୟ ସହସ୍ର ବର୍ଷ ପୂର୍ବେ ଓଡ଼ିଆରେ କ୍ଷୀଣଭାବରେ ସାହିତ୍ୟିକ ଉତ୍କର୍ଷ ଦେଖାଯାଇ କ୍ରମଶଃ ତାହା ବୃଦ୍ଧିପ୍ରାପ୍ତ ହେଲା ଓ ପ୍ରତ୍ୟେକ ଦେଶର ସାହିତ୍ୟିକ ବିକାଶର ନିୟମ ଅନୁଯାୟୀ ଓଡ଼ିଆରେ ମଧ୍ୟ ପ୍ରଥମେ କେବଳ କାବ୍ୟ ରଚିତ ହେଉଥିଲା । ପ୍ରତ୍ୟେକ ଦେଶର ସାହିତ୍ୟରେ ପ୍ରଥମେ ପଦ୍ୟ, ତା ପରେ ଗଦ୍ୟ ଓ କ୍ରମଶଃ ଗଦ୍ୟ ଓ ପଦ୍ୟର ବିକାଶ ପରେ ନାଟ୍ୟସାହିତ୍ୟର ଉତ୍କର୍ଷ ଦେଖାଯାଇଥାଏ । ଓଡ଼ିଆରେ ସେହିପରି ଅନେକ ଦିନ ପର୍ଯ୍ୟନ୍ତ କେବଳ ପଦ୍ୟ ରଚିତ ହୋଇଥିଲା । ନାନାପ୍ରକାର ପଦ୍ୟ ଓ କାବ୍ୟଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଥିଲା ଓ ଏହି ସମୃଦ୍ଧିର ପରିମାଣ ଓ ବିଶଦ ବିବରଣୀ ଆଜି ମଧ୍ୟ ଅନେକାଂଶରେ ଅଜ୍ଞାତ ରହିଅଛି । କିନ୍ତୁ ପୂର୍ଣ୍ଣାଙ୍ଗ ନାଟକର ରଚନା ଇଂରେଜମାନଙ୍କର ଓଡ଼ିଶା ବିଜୟର ଅନେକ ଦିନ ପରେ । ୧୮୮୦ ମସିହାରେ ଓଡ଼ିଆରେ ପ୍ରଥମ ନାଟକ ରଚିତ ହୋଇ ଅଭିନୀତ ହୋଇଥିଲା । ମାତ୍ର ପୂର୍ଣ୍ଣାଙ୍ଗ ନାଟକ ଓଡ଼ିଆରେ ଏତେ ଅଳ୍ପକାଳ ପୂର୍ବେ ରଚିତ ହୋଇଥିଲେହେଁ ସେଥିଁ କ୍ରମବିକାଶ ବା ସାମାଜିକ ପରିସ୍ଥିତି ଫଳରେ ନାଟକରଚନା ଓ ଅଭିନୟ ସମ୍ଭବପର ହୋଇଅଛି ତାହା ଆଲୋଚନା କରିବା ଏକାନ୍ତ ପ୍ରୟୋଜନ । ନାଟକର ବାସ୍ତବିକ ଉଦ୍ଦେଶ୍ୟ ଅଭିନୟଦ୍ୱାରା ବିଷୟବସ୍ତୁ ବା ଚରିତ୍ରମାନଙ୍କର ବିଶେଷତ୍ୱକୁ ସମ୍ୟକ୍ ପରିସ୍ଫୁଟ

କରିବାର ପ୍ରୟାସ । ଚିତ୍ତବିନୋଦାର୍ଥେ ଅଭିନୟ ବା ଅନୁକରଣ ଅତି ପ୍ରାଚୀନ ମନୋବୃତ୍ତି । ଆମ୍ଭେମାନେ ନାନାପ୍ରକାରରେ ଅନ୍ୟକୁ ଅନୁକରଣ କରି ହାସ୍ୟରସ ଉଦ୍ରେକ କରିବାରେ ସାହାଯ୍ୟ କରୁଁ ଓ ଅନ୍ୟର ଭାଷା, ସ୍ୱରଭଙ୍ଗୀ କିମ୍ବା ଅନ୍ୟ କୌଣସି ବିଶେଷତ୍ୱକୁ ଯଥାଯଥଭାବରେ ଅନୁକରଣ କଲେ ସ୍ୱତଃ ଲୋକର ମନରେ ଆନନ୍ଦ ରସର ସଞ୍ଚାର ହୋଇଥାଏ । ଅନୁକରଣପ୍ରୟାସର ପ୍ରଧାନ ସାହିତ୍ୟିକ ଅଭିବ୍ୟକ୍ତି ନାଟକ ଓ ରଙ୍ଗମଞ୍ଚରେ ଅଭିନୟ । ମାତ୍ର ଅନୁକରଣପ୍ରବୃତ୍ତି ଅତି ପୁରାତନ ହୋଇଲେହେଁ ଓଡ଼ିଆରେ ବହୁଦିନ ପର୍ଯ୍ୟନ୍ତ ତାହା ସାହିତ୍ୟିକ ଭାବରେ ନିୟନ୍ତ୍ରିତ ହୋଇ ନ ପାରି ନାଟକ ରଚନାରେ ପର୍ଯ୍ୟବସିତ ହୋଇ ପାରି ନ ଥିଲା । ଓଡ଼ିଆ ସାହିତ୍ୟର ପ୍ରଥମାବସ୍ଥାରେ ନାଟକସୂଚନାର ଚେଷ୍ଟା ପରିଲକ୍ଷିତ ହେଲେ ତାହା କାବ୍ୟକାରଙ୍କର କଥୋପକଥନ । ନାନା ଅବସ୍ଥାନ୍ତର ମଧ୍ୟରେ ଏହି କାବ୍ୟ କଥୋପକଥନ ଚମ୍ପୂରୂପରେ ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇଥିବା । ଓଡ଼ିଶାରେ କୃଷ୍ଣଲୀଳାର ବିଶେଷ ପ୍ରଚଳନ ଥିବାରୁ ଓ ଲୋକସମାଜରେ ଶ୍ରୀକୃଷ୍ଣଙ୍କ ଜୀବନ ସହିତ ସମ୍ପୃକ୍ତ ବିଷୟବସ୍ତୁର ବିଶେଷ ଆଦର ଥିବାରୁ ରାଧାକୃଷ୍ଣଙ୍କର ମିଳନ ବିରହ ପ୍ରଭୃତି ବିଷୟବସ୍ତୁ ନେଇ ରଚିତ ଚମ୍ପୂକାବ୍ୟ ଓଡ଼ିଆ ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇଥିଲା ଓ ଏହି ଚମ୍ପୂମାନଙ୍କୁ ପୂର୍ଣ୍ଣାଙ୍ଗ ଗୀତିନାଟ୍ୟରେ ପରିଣତ କରି ଯଥାଯଥ ଅଭିନୟ କରିବାଦ୍ୱାରା ଓଡ଼ିଶାରେ ଏକ ନିଜସ୍ୱ ନାଟ୍ୟଭଙ୍ଗୀ ସୃଷ୍ଟି ହୋଇଥିଲା । ଚମ୍ପୂର ପ୍ରଧାନ ଉପକରଣ ନାୟକ-ନାୟିକାମାନଙ୍କର କଥୋପକଥନ । ସେଥିରେ ଉଲ୍ଲାସ, କ୍ରୋଧ, ପ୍ରେମ ପ୍ରଭୃତି ନାନା ମନୋବୃତ୍ତିର ପରିପୋଷକ ଭାଷା ବ୍ୟବହୃତ ହୋଇଥାଏ ଓ ତାହା ଦ୍ୱାରା ରସସୃଷ୍ଟିଦ୍ୱାରା ନାୟକ-ନାୟିକାମାନଙ୍କର ତାତ୍କାଳୀନ ଭାବଧାରାକୁ ଯଥାଯଥ ଭାବରେ ପ୍ରକାଶ କରିବାର ଚେଷ୍ଟା ମଧ୍ୟ ହୋଇଥାଏ । ଏଣୁ ଚମ୍ପୂକୁ ନାଟକର ଆଦ୍ୟ ଅବସ୍ଥା ବୋଲି ଗଣନା କଲେ ଅସମୀଚୀନ ହେବ ନାହିଁ ।

ଲୋକଙ୍କର ଶିକ୍ଷା ନିମନ୍ତେ ଅନ୍ୟାନ୍ୟ ଦେଶରେ ଯେପରି ଧର୍ମ-ସମ୍ବନ୍ଧୀୟ ବିଷୟମାନଙ୍କୁ ଅଭିନୟଚ୍ଛଳରେ ପ୍ରଦର୍ଶିତ କରାଯାଉଥିଲା, ଓଡ଼ିଆରେ ସେହିପରି ରାମଲୀଳା ଓ କୃଷ୍ଣଲୀଳାର ମଧ୍ୟ ପ୍ରଚଳନ ଥିଲା । ବର୍ତ୍ତମାନ ମଧ୍ୟ ରାମନବମୀ ସମୟରେ ଓଡ଼ିଶାର ଅନେକ ପ୍ରଧାନ ସ୍ଥାନମାନଙ୍କରେ ରାମଚନ୍ଦ୍ରଙ୍କର ଜନ୍ମଠାରୁ ଅଭିଷେକଯାଏ ପର୍ଯ୍ୟନ୍ତ

ରାମାୟଣୋଦ୍ଧୃତ ବିଷୟବସ୍ତୁ ଅଭିନୟ ଛଳରେ ପ୍ରଦର୍ଶିତ ହୋଇ ଲୋକଙ୍କ ମନରେ ଯୁଗପତ୍ ଆନନ୍ଦ ଓ ଶିକ୍ଷା ଦେଉଥିବାର ଚେଷ୍ଟା କରି ଯାଇଥାଏ । ଏହି ଅଭିନୟରେ ରଙ୍ଗମଞ୍ଚର ପ୍ରୟୋଜନ ନାହିଁ । ଅଭିନେତାମାନେ ସେମାନଙ୍କର ଭୂମିକା ଉପଯୋଗୀ ନାନା ବେଶ ପିନ୍ଧି ପ୍ରକାଶ୍ୟ ସ୍ଥାନରେ ଅଭିନୟ କରୁଥିଲେ ଓ ଗ୍ରାମ୍ୟ ଅଭିନେତାମାନଙ୍କ ମଧ୍ୟରୁ ଅନେକଙ୍କର ଭାଷାଜ୍ଞାନର ଅଭାବ ଥିବାରୁ ସାଧାରଣତଃ ସେମାନଙ୍କୁ କଥା କହିବାକୁ ହେଉ ନ ଥିଲା । ସେମାନେ କେବଳ କଥାବସ୍ତୁର ଆନୁଷଙ୍ଗିକ ମୂକ ଅଭିନୟ ପ୍ରଦର୍ଶନ କରୁଥିଲେ । ସମଗ୍ର କଥାବସ୍ତୁ ସଙ୍ଗୀତ ଆକାରରେ ଗୀତ ହେଉଥିଲା ଓ ଉପସ୍ଥିତ ଦର୍ଶକମାନଙ୍କ ମଧ୍ୟରୁ ଅନେକେ ଏହି ଗୀତ-ବାଦ୍ୟରେ ଯୋଗ ଦେଉଥିଲେ । ନଟମାନେ କେବଳ ସଙ୍ଗୀତର ଆନୁଷଙ୍ଗିକ ଦୈହିକ ଅଭିନୟ ପ୍ରଦର୍ଶନ କରୁଥିଲେ ମାତ୍ର । ରାମଙ୍କ ସହିତ କୌଣସି ରାକ୍ଷସର ଯୁଦ୍ଧ ବର୍ଣ୍ଣନା କରିବା ସମୟରେ ନଟମାନେ ଯୁଦ୍ଧର ଅଭିନୟ ପ୍ରଦର୍ଶନ କରୁଥିଲେ, କିନ୍ତୁ ସଙ୍ଗୀତଦ୍ୱାରା ଯୁଦ୍ଧର ବର୍ଣ୍ଣନା ବା ବୀରମାନଙ୍କର ଯୁଦ୍ଧକାଳୀନ ଅସ୍ତ୍ରଚାଳନ ବର୍ଣ୍ଣିତ ହେଉଥିଲା । ଏହିପରି ନୌକାଦ୍ୱାରା ରାମଙ୍କର ନଦୀ ପାରି ହେବା, ରାମ ସୀତାଙ୍କର ବନଗମନ ଦୃଶ୍ୟ ପ୍ରଭୃତି ନାନା ଦୃଶ୍ୟମାନଙ୍କର ଅଭିନୟ ସଙ୍ଗୀତ ଓ ମୂକ ଅଭିନୟର ଏକତ୍ର ସମାବେଶଦ୍ୱାରା ଶୋଭାନ୍ୱିତ ହେଉଥିଲା । ରାମ ଯାତ୍ରାରେ ଯୁଦ୍ଧକାଳୀନ ବୀରରସ, ରାମ-ସୀତାଙ୍କ ମିଳନରେ ଶୃଙ୍ଗାର-ରସ, ରାମଙ୍କର ବନଗମନରେ ଓ ସୀତାଙ୍କର ରାବଣଦ୍ୱାରା ଅପହରଣରେ କରୁଣରସ, ଶୂର୍ପଣଖାର ପ୍ରେମନିବେଦନରେ ହାସ୍ୟରସ ଓ ସୀତା-ଉଦ୍ଧାରରେ ଶାନ୍ତିରସର ଅବକାଶ ଅଛି । ନାନା ରସର ଏକତ୍ର ସମାବେଶଦ୍ୱାରା ବିଷୟବସ୍ତୁ ଜନସମାଜର ଆନନ୍ଦକର ହୋଇଥାଏ ଓ ସଙ୍ଗୀତର ସୁମଧୁର ସ୍ୱରଲହରୀଦ୍ୱାରା ଅଭିନୟ ସରସ ଓ ହୃଦୟଗ୍ରାହୀ ମଧ୍ୟ ହେଉଥିଲା । କ୍ରମଶଃ ସଙ୍ଗୀତର ଅନ୍ତରାଳରେ ଗଦ୍ୟ କଥୋପକଥନ ପ୍ରବର୍ତ୍ତିତ ହେଲା, ମାତ୍ର ସେତେବେଳେ ମଧ୍ୟ ଅଭିନେତାମାନେ ମୂକ ଅଭିନୟ କରୁଥିବାରୁ ଜଣେ 'ଅବଧାନ' ବା 'ବଇନାକାର'ଙ୍କ ଦ୍ୱାରା ଗଦ୍ୟ କଥାମାନ ପ୍ରକାଶିତ ହେଉଥିଲା ଓ 'ଅବଧାନ' କହିସାରି ରାମଙ୍କ ନିକଟରେ ଥାଇ ରାମଙ୍କ କଥ୍ୟବସ୍ତୁ ପ୍ରକାଶ କରି ପରକ୍ଷଣରେ ରାବଣ ନିକଟକୁ ଯାଇ ରାବଣର କଥ୍ୟବସ୍ତୁ ପ୍ରକାଶ କରୁଥିଲେ ଓ ସମସ୍ତ ସମୟରେ ଏହି କଥୋପକଥନ ମଧ୍ୟରେ ସଙ୍ଗୀତ ପ୍ରଯୁକ୍ତ ହୋଇଥିବାରୁ

ସମସ୍ତ ବିଷୟକୁ ପରିସ୍ଫୁଟ ହୋଇ ପାରୁଥିଲା । ରାମନବମୀ ଯାତ୍ରାରେ ଏହି ସବୁ ବିଶେଷତ୍ୱ ତାକୁ ନାଟକ ପଦରେ ଅତି ନିକଟ ଅଗ୍ରସର କରାଇଦିଏ । ତମ୍ଭୂରେ କେବଳ ଗୀତାକାରରେ କଥୋପକଥନ ଥିଲା । ମାତ୍ର ରାମଲୀଳାରେ ରଙ୍ଗମଞ୍ଚ ନ ଥିଲେ ମଧ୍ୟ ଅଭିନେତାମାନେ ଯଥାଯଥ ବେଶ ପିନ୍ଧି ଅବତୀର୍ଣ୍ଣ ହେଉଥିଲେ ଓ ନିଜେ କିଛି କଥା ନ କହିଲେ ମଧ୍ୟ ନାନାପ୍ରକାର ଅଭିନୟଦ୍ୱାରା ବିଷୟବସ୍ତୁକୁ ଯଥାଯଥଭାବରେ ପ୍ରକାଶ କରିବାରେ ସାହାଯ୍ୟ କରୁଥିଲେ । ରାମଲୀଳା ନାଟକର ଅନୁରୂପ ହେଲେହେଁ ପୂର୍ଣ୍ଣାଙ୍ଗ ନାଟକ ନୁହେଁ, କାରଣ ଏଥିରେ ରଙ୍ଗମଞ୍ଚ, ଯଥାଯଥ ଅଭିନୟ ଓ ବାକ୍ୟପ୍ରୟୋଗଦ୍ୱାରା ବିଷୟବସ୍ତୁକୁ ପରିସ୍ଫୁଟ କରିବାର ପ୍ରୟାସ ପ୍ରକୃତ ଲକ୍ଷିତ ହୁଏ ନାହିଁ । ଅଧିକନ୍ତୁ ରାମଲୀଳାରେ ଯେଉଁ ସଙ୍ଗୀତମାନ ସଯୋଜିତ ହୁଏ, ସେଗୁଡ଼ିକରେ କବି ନିଜକୁ ରଚୟିତା ବୋଲି ସୁସ୍ପଷ୍ଟ ନିର୍ଦ୍ଦେଶ କରନ୍ତି । ଏହାଦ୍ୱାରା ଚରିତ୍ରମାନଙ୍କର କଥୋପକଥନ ବା କାର୍ଯ୍ୟଦ୍ୱାରା ନାଟକୀୟ କଥାବସ୍ତୁର ବିକାଶ ସାଧନ କରି ନ ଯାଇ କାବ୍ୟାକାରରେ କବିଙ୍କର ବର୍ଣ୍ଣନାମାତ୍ର ସୂଚିତ ହୋଇଥାଏ ଓ ନାଟକର ମୂଳନୀତି ଏହାଦ୍ୱାରା ସମ୍ପୂର୍ଣ୍ଣଭାବରେ ନଷ୍ଟ ହୋଇଯାଏ । ମାତ୍ର ଉତ୍କଳର ପ୍ରତିପଲ୍ଲୀରେ ରାମଲୀଳା ପ୍ରଚଳିତ ଥିବାରୁ ଓ ନାନା କବି ନିଜ ନିଜ ରଚନାଦ୍ୱାରା ଏହାକୁ ସମୃଦ୍ଧ କରିଥିବାରୁ ଏହା ଲୋକଙ୍କର ଚିତ୍ତକୁ ଅଭିନୟଦ୍ୱାରା ଆନନ୍ଦଦାନ କରିବା ନିମନ୍ତେ ପ୍ରବୃତ୍ତ କରିବା ସ୍ୱାଭାବିକ ।

ରାମଲୀଳାର ଅଭିନୟ ଏପରି ସର୍ବଜନପ୍ରିୟ ହେଲେହେଁ ଓଡ଼ିଶାରେ କୃଷ୍ଣଲୀଳାର ସେପରିକ ପ୍ରଚଳନ ନାହିଁ । ଓଡ଼ିଶାରେ ଦୋଳ ଗୋଟିଏ ପ୍ରଧାନ ପର୍ବ ଓ ଶ୍ରୀକୃଷ୍ଣଙ୍କ ଜୀବନୀ ସହିତ ଏହି ମହୋତ୍ସବ ଅନେକ ମାତ୍ରାରେ ସଂଶ୍ଳିଷ୍ଟ ଓ ଦୋଳ ସମୟରେ ଗୋପେ କୃଷ୍ଣ, ନନ୍ଦ, ଯଶୋଦା ପ୍ରଭୃତି ବେଶଧାରୀ ଲୋକମାନେ ନାନାପ୍ରକାର ସଙ୍ଗୀତଦ୍ୱାରା ଲୋକଙ୍କର ଆନନ୍ଦ ଉତ୍ପାଦନ କରୁଥାନ୍ତି । ମାତ୍ର ଏହି ଉତ୍ସବ ବହୁଦିନବ୍ୟାପୀ ହୁଏ ନାହିଁ ଓ ବସନ୍ତୋତ୍ସବ ବର୍ଷର ଅନ୍ୟ ଏକ ଅଂଶରେ ପଡ଼ୁଥିବାରୁ ଦୋଳ ସମୟର ସଙ୍ଗୀତମାନଙ୍କରେ ମଧ୍ୟ ବିଶେଷ ଉତ୍କର୍ଷ ଲକ୍ଷିତ ହୁଏ ନାହିଁ । ଭାରତର ପଶ୍ଚିମାଞ୍ଚଳରେ କୃଷ୍ଣଲୀଳା ଯେପରି ଭାବରେ ପ୍ରଚଳିତ, ଓଡ଼ିଶାରେ ସେପରି ବ୍ୟାପକଭାବରେ ପ୍ରଚଳିତ ନ ଥିବାରୁ ସାଧାରଣତଃ ଲୋକ-ମାନେ ରାମଲୀଳାର ବହୁ ଦିବସବ୍ୟାପୀ ଉତ୍ସବରୁ ଆନନ୍ଦ ସଂଗ୍ରହର ଚେଷ୍ଟା କରନ୍ତି ଓ ସେ ସମୟରେ ବିଶେଷ ଅନ୍ୟ କାର୍ଯ୍ୟ ନ ଥିବାରୁ ଓ ରବିଶସ୍ୟ

ଆନନ୍ଦାତ୍ମକ ହୋଇଥିବାରୁ ଗ୍ରାମ୍ୟଜୀବନରେ ଏହି ଉତ୍ସବ ସହିତ ଅଭିନୟ ଅଧିକ ସଂଯୋଗ କରାଯାଇଥିଲା ।

ମୁସଲମାନମାନଙ୍କର ଓଡ଼ିଶା ଅଧିକାର ପୂର୍ବେ ଏହି ରାମଲୀଳା ଛଡ଼ା ଅନ୍ୟ କୌଣସି ପ୍ରକାର ଅଭିନୟ ପ୍ରଚଳିତ ଥିଲା କି ନାହିଁ ତାହା ନିର୍ଣ୍ଣୟ କରିବା ସୁକଠିନ । ସମ୍ଭବତଃ ଅନ୍ୟ କୌଣସି ପ୍ରକାର ସାଧାରଣ ଅଭିନୟ ପ୍ରଚଳିତ ନ ଥିଲା । ମୁସଲମାନ ଅଧିକାର ପରେ ସମ୍ଭ୍ରାନ୍ତ ଲୋକ-ମାନଙ୍କର ଏକତ୍ର ସାମାଜିକ ବୈଠକସ୍ୱରୂପ 'ମଜଲିସ୍'ର ପ୍ରଚଳନ ହେଲା ଓ ଏହି ମଜଲିସ୍‌ମାନଙ୍କରେ ଲୋକମାନଙ୍କ ମଧ୍ୟରେ ଆନନ୍ଦ ବୃଦ୍ଧି କରିବା ନିମନ୍ତେ ନୃତ୍ୟ ଗୀତର ବ୍ୟବସ୍ଥା ମଧ୍ୟ କରିବାକୁ ହୋଇଥିଲା । ମୁସଲମାନମାନଙ୍କ ପ୍ରଭାବରୁ ଏକ ଦିଗରେ ପାଲାର ଅଭ୍ୟୁଦୟ, ଅନ୍ୟ ଦିଗରେ ଯାତ୍ରାର ଆରମ୍ଭ । ପାଲା ବଙ୍ଗ ଦେଶରୁ ଓଡ଼ିଶାକୁ ଆସୁ ବା ନାହିଁକି ଓ ମୁସଲମାନମାନଙ୍କ ପ୍ରଭାବ ଏଥିରେ ଯେତେ ପରିମାଣରେ ଦେଖାଯାଉ ବା ନାହିଁକି, ଏହା କ୍ରମଶଃ ଓଡ଼ିଶାର ପ୍ରାଚୀନ ପ୍ରଧାନ କବିମାନଙ୍କର ସଙ୍ଗୀତକୁ ଅବଲମ୍ବନ କରି ରୂପାନ୍ତର ଗ୍ରହଣ କରିବାକୁ ସକ୍ଷମ ହୋଇ-ଥିଲା ଓ ଜାତୀୟ ଜୀବନରେ ନାନା ସାମୟିକ ସାମାଜିକ ଅନୁଷ୍ଠାନମାନଙ୍କରେ ପାଲା ଲୋକମାନଙ୍କର ଚିତ୍ତବିନୋଦନ ନିମିତ୍ତ ବ୍ୟବହୃତ ହେଉଥିଲା । ମାତ୍ର ପାଲାରେ କଥାବସ୍ତୁ ଓ କଥୋପକଥନ ଓ ସାମାନ୍ୟ ଅଭିନୟ ଥିଲେ ମଧ୍ୟ ଏହା ନାଟକଠାରୁ ଅନେକାଂଶରେ ଭିନ୍ନ ଓ ନାଟକର ଆବିର୍ଭାବ ସହିତ ଏହାର ସମ୍ପର୍କ ଅତି ଅଳ୍ପ ।

ମଜଲିସରେ ନୃତ୍ୟଗୀତର ପ୍ରଚଳନ ଥିବାରୁ ସମ୍ଭବତଃ ଯାତ୍ରାର ଆରମ୍ଭ ହୋଇଥିବ; ମାତ୍ର ଯାତ୍ରାର ବାସ୍ତବିକ ଉତ୍ପତ୍ତିକାଳ ବିଷୟରେ ନିର୍ଦ୍ଦିଷ୍ଟଭାବରେ କିଛି କହିବା ଅସମ୍ଭବ । ସାଧାରଣତଃ କୌଣସି ମେଳା-ସ୍ଥାନକୁ ଧର୍ମ ଉପଲକ୍ଷେ ଅନେକ ଲୋକ ଯାତ୍ରା କରିବା ସମୟରେ ବାଟରେ ଚିତ୍ତବିନୋଦନ ନିମନ୍ତେ 'ଯାତ୍ରା'ର ସୃଷ୍ଟି ହୋଇଥିଲା ବୋଲି କାହାରି କାହାରି ମତ । ପୁଣି କେହି କେହି କହନ୍ତି ଯେ, ତୀର୍ଥଯାତ୍ରାର ଶେଷରେ ଯେତେବେଳେ ଅନେକ ଲୋକ ଏକତ୍ର ମିଳିତ ହୁଅନ୍ତି, ସେତେବେଳେ ସେମାନଙ୍କ ମଧ୍ୟରେ ତୀର୍ଥଦେବତାଙ୍କ ମହିମା ଅଭିନୟ-ଛଳରେ ବର୍ଣ୍ଣନା କରିବା ପ୍ରଥାରୁ ଯାତ୍ରାର ଉତ୍ପତ୍ତି ହୋଇଅଛି । ମାତ୍ର ଉତ୍ପତ୍ତି ଯେ କାରଣରୁ ଘଟିଥାଉ ବା ନାହିଁକି, ଉତ୍କଳରେ ଯେଉଁ ଯାତ୍ରାର ପ୍ରଚଳନ ଅଛି, ଏହା ଯେ ରାମଲୀଳାର ମଜଲିସର ପରିଣତି, ଏଥିରେ

ସମ୍ବନ୍ଧ ନାହିଁ । ଯାତ୍ରା ସାଧାରଣତଃ ଗ୍ରାମ୍ୟଲୀଳାଠାରୁ ଅନେକାଂଶରେ ଭିନ୍ନ । ଉଭୟରେ ରଙ୍ଗାଳୟର ଅଭାବ ପରିଲକ୍ଷିତ ହୋଇଥାଏ; ଉଭୟରେ ଦର୍ଶକମାନଙ୍କ ମଧ୍ୟସ୍ଥଳରେ ଖୋଲା ସ୍ଥାନରେ ଅଭିନୟ କରିବାକୁ ହୁଏ; ଉଭୟରେ ସଙ୍ଗୀତର ଅତ୍ୟନ୍ତ ବାହୁଲ୍ୟ ଦେଖାଯାଏ; ମାତ୍ର ଯାତ୍ରା ନାନା ବିଷୟବସ୍ତୁ ଅବଲମ୍ବନ କରି ରଚିତ ହୋଇଥାଏ; ସେଥିରେ ଅଭିନେତା-ମାନେ ନିଜେ ନିଜେ ଅଭିନୟ ଓ କଥୋପକଥନ କରିଥାନ୍ତି; ମାତ୍ର ଅଭିନୟରେ ଅନ୍ୟ କେହି ଯୋଗ ନ ଦେଲେ ମଧ୍ୟ ସଙ୍ଗୀତ ସମୟରେ ଅନେକ ଲୋକ ସାହାଯ୍ୟ କରିଥାନ୍ତି ଓ ସମସ୍ୱରରେ ବହୁଲୋକର ଏକତ୍ର ଗାନଦ୍ୱାରା ସଙ୍ଗୀତକୁ ବହୁହୃଦୟଗ୍ରାହୀ କରାଯାଇଥାଏ । ମାତ୍ର ଯାତ୍ରାରେ ମଧ୍ୟ କବି ନାନା ସଙ୍ଗୀତ ମଧ୍ୟରେ ନିଜର ନାମ ସନ୍ନିବିଷ୍ଟ କରି ଯାତ୍ରାର ନାଟକତ୍ୱକୁ ଖର୍ବ କରନ୍ତି ଓ ଯାତ୍ରାମାନଙ୍କରେ ନାଟକର ଅନେକଗୁଡ଼ିଏ ଗୁଣ ଦୃଷ୍ଟ ହେଲେହେଁ ତାହା ପୂର୍ଣ୍ଣାଙ୍ଗ ନାଟକରୂପରେ କେବେହେଁ ପରିଗଣିତ ହୋଇ ନ ପାରେ । କିନ୍ତୁ ଓଡ଼ିଆ ନାଟକ ଯେ ଯାତ୍ରାଠାରେ ଅନେକାଂଶରେ ଋଣୀ ତାହା ମଧ୍ୟ ସ୍ପଷ୍ଟତଃ ସ୍ୱୀକାର କରାଯାଇ ପାରେ ।

ଯାତ୍ରା ନାନା ବିଷୟବସ୍ତୁକୁ ଅବଲମ୍ବନ କରି ରଚିତ ହୋଇଥାଏ । ରାମାୟଣ ମହାଭାରତର ଯେ କୌଣସି କଥା, ପୁରାଣୋଲ୍ଲିଖିତ ଯେ କୌଣସି ଗଳ୍ପ, କପୋଳକଳ୍ପିତ ନାନାପ୍ରକାର କଥାବସ୍ତୁ ଓ ଲୋକ-ପ୍ରଚଳିତ ନାନାବିଧ ଉପାଖ୍ୟାନ ଯାତ୍ରାର ଉପାଦାନ ହୋଇଥାଏ । ମାତ୍ର ପୂର୍ଣ୍ଣାଙ୍ଗ ନାଟକରେ ଘଟନାର ଘାତପ୍ରତିଘାତଦ୍ୱାରା ଲୋକକୁ ଚକିତ କରିବାର ଯେପରି ଚେଷ୍ଟା ହୋଇଥାଏ, ଯାତ୍ରାରେ ସେପରି ଦେଖାଯାଏ ନାହିଁ । ବରଂ ଯାତ୍ରାରେ ସଙ୍ଗୀତର ପ୍ରାଚୁର୍ଯ୍ୟ ଥିବାରୁ ସାମାନ୍ୟ ବିଷୟବସ୍ତୁ ନେଇ ଯାତ୍ରା ରଚିତ ହୋଇ ପାରେ । ଯାତ୍ରାରେ ରଙ୍ଗମଞ୍ଚର ଅଭାବ ଥିବାରୁ ଅଭିନେତାମାନେ ଦୂର ସ୍ଥାନରୁ ବେଶ ହୋଇ ଅଭିନୟ ସ୍ଥାନରେ ପ୍ରବେଶ କରନ୍ତି; ତେଣୁ ଗୋଟିଏ ପ୍ରବେଶଗୀତଦ୍ୱାରା ସେମାନେ ନିଜ ନିଜର ପରିଚୟ ଦେଇ ଅଭିନୟ ସ୍ଥଳରେ ପ୍ରବେଶ ପର୍ଯ୍ୟନ୍ତ କାଳକ୍ଷେପଣ କରନ୍ତି । ଏହି ପ୍ରବେଶଗୀତ ଯାତ୍ରାର ଗୋଟିଏ ପ୍ରଧାନ ବିଶେଷତ୍ୱ ଓ ନାଟକଠାରୁ ଏହାର ପାର୍ଥକ୍ୟ ସୂଚିତ କରିଥାଏ । ଯାତ୍ରା ସମୟରେ ଖୋଲା ସ୍ଥାନରେ ବହୁଲୋକସମାଗମ ହେଉଥିବାରୁ ସଙ୍ଗୀତଗୁଡ଼ିକ ସମସ୍ୱରରେ ବହୁଲୋକ-ଦ୍ୱାରା ଏକତ୍ର ଗୀତ ହୋଇଥାଏ ଓ ଏହି ଗୀତମାନ ଅତି ସାଧାରଣ ସ୍ୱରରେ ଲିଖିତ ହୋଇଥାଏ । କାରଣ, ସଙ୍ଗୀତର ଉଚ୍ଚାଙ୍ଗର ମୂର୍ଚ୍ଛନା

ଏପରି ଖୋଲା ସ୍ଥାନରେ ଓ ଅନେକ ଲୋକଙ୍କର ଏକାନ୍ତ ଭାବ ମଧ୍ୟରେ ପ୍ରକାଶ କରିବା ଅସମ୍ଭବ । ପୁଣି ମୁସଲମାନ ପ୍ରଭାବରୁ ଉର୍ଦ୍ଦୁ ମଜଲିସ ସହିତ ସମ୍ପୃକ୍ତ ଥିବାରୁ ଏହି ଯାତ୍ରାମାନଙ୍କରେ ଅନେକ କ୍ଷେତ୍ରରେ ହିନ୍ଦୀ ଗୀତ ମଧ୍ୟ ପରିବେଷିତ ହୋଇଥାଏ ଓ ତମାସାର ନୀଚ ଆଦର୍ଶ ପ୍ରଭୃତି ନାନା ଧରଣ ଯାତ୍ରାମାନଙ୍କରେ ସର୍ବଦା ଦୃଷ୍ଟ ହେଉଥିବାରୁ ଯାତ୍ରାର ଆଧୁନିକ ପ୍ରକୃତି ସମ୍ୟକ୍ ଦୂଷିତ ହେଉଅଛି ।

ଯାତ୍ରା ବା ଗ୍ରାମ୍ୟ ନାଟକର ପ୍ରାଚୀନ ସଂସ୍କୃତ ନାଟକ ସଙ୍ଗେ ଆଦୌ ସମ୍ପର୍କ ନାହିଁ । ସଂସ୍କୃତ ନାଟକ ଶିକ୍ଷାପ୍ରଦ ସାହିତ୍ୟିକ ସାମଗ୍ରୀ; ନାନା ଅଳଙ୍କାରଭୂଷିତ, ନାନା ରସତତ୍ତ୍ୱର ଲୀଳାସ୍ଥଳ, ରଙ୍ଗମଞ୍ଚରେ ଅଭିନୀତ ହେବାର ଉପଯୁକ୍ତ କାବ୍ୟବସ୍ତୁ; ମାତ୍ର ଯାତ୍ରା ଗ୍ରାମ୍ୟ ସରଳ ଲୋକମାନଙ୍କର ସାମୟିକ ଆନନ୍ଦ ବିଧାନର ଉପାୟ । ଏଥିରେ ରଙ୍ଗମଞ୍ଚର ପ୍ରୟୋଜନ ନାହିଁ, ଅଳଙ୍କାରର ବାହୁଲ୍ୟ ନାହିଁ, ରସର ସୂକ୍ଷ୍ମ ବିନ୍ୟାସ ମଧ୍ୟ ନାହିଁ । ସଂସ୍କୃତ ନାଟକରେ ଯୁଦ୍ଧ, ମୃତ୍ୟୁ ପ୍ରଭୃତିର ଅଭିନୟ ନିଷିଦ୍ଧ; ମାତ୍ର ଗ୍ରାମ୍ୟ ଲୋକମାନେ ପୌରାଣିକ ଉପାଖ୍ୟାନମାନଙ୍କରେ ରାବଣ, କଂସ ପ୍ରଭୃତି ପାପୀମାନଙ୍କର ମୃତ୍ୟୁବର୍ଣ୍ଣନାରେ ଅଭ୍ୟସ୍ତ ଓ ରାମଲୀଳାରେ ଯୁଦ୍ଧର ଅଭିନୟ ଦେଖିବାରେ ମଧ୍ୟ ଏକାନ୍ତ ଅଭ୍ୟସ୍ତ; ତେଣୁ ଯାତ୍ରାରେ ଏ ସମସ୍ତ ଅକୁଣ୍ଠିତଚିତ୍ତରେ ପ୍ରଦର୍ଶିତ ହୋଇଥାଏ । ସଂସ୍କୃତ ଅଳଙ୍କାରଶାସ୍ତ୍ରର ବିରୋଧୀ ଏପରି ଅଭିନୟମାନଙ୍କରେ ଦୋଷ ଦେଖିବା ଲୋକେ ଥାଉ, ଗ୍ରାମ୍ୟ ଲୋକେ ଏ ସବୁକୁ ଆନନ୍ଦଚିତ୍ତରେ ଉପଭୋଗ କରିଥାନ୍ତି । ଯାତ୍ରାର ପୌରାଣିକ କଥାବସ୍ତୁକୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ—ଗୋଟିଏ କୌଣସି ଦୁରାତ୍ମାର ମୃତ୍ୟୁରେ ପର୍ଯ୍ୟବସିତ, ଯଥା—କଂସବଧ, ଇନ୍ଦ୍ରଜିତବଧ ପ୍ରଭୃତି; ଅନ୍ୟଟି କୌଣସି ବିବାହ ବା ମିଳନରେ ପର୍ଯ୍ୟବସିତ—ଯଥା, ଉଷାପରିଣୟ, ସୁଭଦ୍ରାହରଣ, ରୁକ୍ମିଣୀବିବାହ ପ୍ରଭୃତି । ଏହିପରି ଦୁଇଗୋଟି ବିଭିନ୍ନ ବିଷୟ ନେଇ ଯାତ୍ରା ରଚିତ ହୋଇଥିବାରୁ ନାଟକରଚନା ପୂର୍ବରୁ ଲୋକମାନଙ୍କ ମନରେ ଯେ ବିୟୋଗାନ୍ତକ ଓ ମିଳନାନ୍ତକ ନାଟକୀୟ କଥାବସ୍ତୁ ମଧ୍ୟରେ ପାର୍ଥକ୍ୟ ଜାଗ୍ରତ ଥିଲା, ତାହାର ଯଥେଷ୍ଟ ପ୍ରମାଣ ମିଳେ । ଯାତ୍ରାରେ ସାମାଜିକ ବା କପୋଳକଳ୍ପିତ ଯେଉଁ କଥାବସ୍ତୁ ବ୍ୟବହୃତ ହୁଏ, ସେଥିର ମୂଳ ଅଂଶ ( motif ) ଅବୈଧ ପ୍ରଣୟ, ବ୍ୟଭିଚାର ଓ ଉତ୍ତେଜନା ବଶରେ ନିର୍ଦ୍ଦୋଷ ଲୋକଙ୍କୁ ଦଣ୍ଡ ଦେବା ଏବଂ ପରେ

ଦୋଷୀର ଦଣ୍ଡ ଓ ନିର୍ଦ୍ଦୋଷର ପରିତ୍ରାଣ । ଏହିପରି କଥାବସ୍ତୁ ସାଧାରଣ ଲୋକମାନଙ୍କର ଶିକ୍ଷାପ୍ରଦ ଓ ଚିତ୍ତାକର୍ଷକ ହୋଇଥାଏ ଓ ସାଧାରଣ ଯାତ୍ରାରେ ଏହିପରି ବିଷୟମାନ ଚିତ୍ରିତ ହୋଇଥାଏ ।

ଉତ୍କଳରେ ପ୍ରଚଳିତ ପୁରାତନ ଯାତ୍ରାଗୁଡ଼ିକ କେବେ କାହାଦ୍ୱାରା ରଚିତ ହୋଇ ଅଭିନୀତ ହୋଇଥିଲା, ସେ ବିଷୟରେ କିଛି କହିବା ଅସମ୍ଭବ; ମାତ୍ର ସେଗୁଡ଼ିକ ଯେ ଇଂରେଜ ଅଧିକାର ପରେ ବିଶେଷଭାବରେ ପ୍ରଚଳିତ ହୋଇଥିଲା, ତାହାର ନାନା ପ୍ରମାଣ ଆମ୍ଭେମାନେ ପାଉଁ । ଭିକାରି, ବାଳକୃଷ୍ଣ ପ୍ରଭୃତି ନାନା ଅଧୁନା ବିସ୍ମୃତ କବି ଏହି ସବୁ ଯାତ୍ରା ରଚନା କରିଥିଲେ ଓ ଆଧୁନିକ ଯୁଗରେ ବୈଷ୍ଣବ ପାଣି, ବାଳକୃଷ୍ଣ ଦାସ ପ୍ରଭୃତି ନାନା ଗ୍ରାମ୍ୟକବି ନାନାବିଧ ଯାତ୍ରା ବା ସୁଆଙ୍ଗ ରଚନା କରି ଉତ୍କଳର ପୁରପଲ୍ଲୀରେ ପରିଚିତ ହୋଇ ପାରିଅଛନ୍ତି । ପୁରାତନ ଯାତ୍ରାମାନଙ୍କରେ ଗଦ୍ୟର ପ୍ରଚଳନ ଆଦୌ ନ ଥିଲା ଓ ତହିଁରେ ସ୍ୱାଙ୍ଗ ପ୍ରଭୃତି କେତେକ ଅତି ପ୍ରଚଳିତ ଚରିତ୍ର ମଧ୍ୟ ଥିଲା । ପୁଣି ମୂଲନପେଟି ଗୀତ, ବଜାରପେଟର ଗୀତ, ଚନ୍ଦଳି ପ୍ରଭୃତି ନାନା ଅବାନ୍ତର ବିଷୟବସ୍ତୁର ସମ୍ମିଶ୍ରଣରେ ଯାତ୍ରାଗୁଡ଼ିକୁ ସରସ କରିବାର ଚେଷ୍ଟା କରାଯାଉଥିଲା । କ୍ରମଶଃ ପଦ୍ୟ-ସଙ୍ଗୀତର ଅର୍ଥ ବୁଝାଇବା ନିମନ୍ତେ ଯାତ୍ରାରେ ଗଦ୍ୟର ବ୍ୟବହାର ଆରମ୍ଭ ହେଲା ଓ ଆଧୁନିକ ଯାତ୍ରାମାନଙ୍କରେ ପଦ୍ୟ ଓ ଗଦ୍ୟ ଉଭୟ ସମ୍ମିଶ୍ରିତ ହୋଇ ରହିଥାନ୍ତି ଓ ଏହି ସଂମିଶ୍ରଣ ଯୋଗକୁ ଯାତ୍ରାର ବାକ୍ୟବିନ୍ୟାସ ଅନେକାଂଶରେ ସଂସ୍କୃତ ଗଦ୍ୟ ଓ ଶ୍ଳୋକମିଶ୍ରିତ ନାଟକର ଅନୁକରଣ ବୋଲି ଭ୍ରମ ହୋଇଥାଏ, ମାତ୍ର ସଂସ୍କୃତ ନାଟକ ସହିତ ଯାତ୍ରାର ଆଦୌ ସମ୍ପର୍କ ନାହିଁ, ଏହା ନିଶ୍ଚିତ ।

ଓଡ଼ିଶାରେ ଯେତେବେଳେ ପୂର୍ଣ୍ଣାଙ୍ଗ ନାଟକ ରଚିତ ହୋଇ ନ ଥିଲା, ସେତେବେଳେ ଏହି ଯାତ୍ରାହିଁ ଲୋକମାନଙ୍କର ଚିତ୍ତବିନୋଦନର ଏକମାତ୍ର ଉପାୟ ଥିଲା ଓ ଉତ୍ସବ ବା ପର୍ବାଦିରେ ଯାତ୍ରାର ଅଭିନୟ ବିଶେଷ ଭାବରେ ପ୍ରଚଳିତ ଥିଲା ଏବଂ ଗ୍ରାମ୍ୟ ଆଖଡ଼ାମାନ ଅନେକ ସ୍ଥାନରେ ଦେଖାଯାଉଥିଲା । ଅତି ଅଳ୍ପ ବ୍ୟୟରେ ଯାତ୍ରାଗୁଡ଼ିକ ଅଭିନୀତ ହେଉଥିବାରୁ ଲୋକେ ଏହାର ସମଧିକ ଆଦର କରି ପାରୁଥିଲେ ଓ ଟିକଟ ପ୍ରଭୃତିର ପ୍ରୟୋଜନ ନ ଥିବାରୁ ସବୁ ଶ୍ରେଣୀର ଲୋକେ ଯାତ୍ରା ଦେଖିବାର ସୁବିଧା ପାଉଥିଲେ । ଯାତ୍ରାରେ ନାନା ତ୍ରୁଟିପୂର୍ଣ୍ଣ ବିଷୟ ଥାଏ ସତ୍ୟ, ମାତ୍ର ସାଧାରଣ ଲୋକମାନେ ସେଥିରେ ଏତେ ଅଭ୍ୟସ୍ତ ଥିଲେ

ଯେ ସେ ସବୁ ସେମାନଙ୍କ ମନରେ କୌଣସି ଗ୍ଲାନି ବା ଆଘାତ ଜାତ କରିବାକୁ କ୍ଷମ ହେଉ ନ ଥିଲା । କ୍ରମଶଃ ରୁଚି ପରିବର୍ତ୍ତିତ ହେଲା, ଦେଶରେ ଇଂରାଜୀ ଶିକ୍ଷାର ପ୍ରଚଳନ ହେଲା । ଇଂରାଜୀ ନାଟକମାନ ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକରୂପରେ ଶିକ୍ଷିତ ସମାଜରେ ଆଦର ଲାଭ କରିବାକୁ ସମର୍ଥ ହେଲେ । ଇଂରାଜୀ ଶିକ୍ଷାର ପ୍ରଚଳନ ସଙ୍ଗେ ସଙ୍ଗେ ଧନୀ ଦରିଦ୍ର, ଶିକ୍ଷିତ ଅଶିକ୍ଷିତ, ସୁରୁଚି ଓ କୁରୁଚି ମଧ୍ୟରେ ବ୍ୟବଧାନ କ୍ରମଶଃ ଅଧିକରୁ ଅଧିକତର ହେବାକୁ ଲାଗିଲା । ବଙ୍ଗଦେଶରେ ନାଟକ ପ୍ରଚଳିତ ହୋଇ-ଥିବାରୁ ନୂତନ ଆଡ଼ମ୍ବରପୂର୍ଣ୍ଣ ରଙ୍ଗମଞ୍ଚରେ ନାଟକର ଅଭିନୟ ଆଡ଼କୁ ଧନୀ ବଙ୍ଗୀୟମାନଙ୍କର ମନ ସ୍ୱତଃ ବଳିଲା ଓ ନାନା ସ୍ଥାନରେ ନାଟକ ଅଭିନୟର ସୂତ୍ରପାତ ହେଲା ।

ଓଡ଼ିଶାର ସାମାଜିକ ଜୀବନରେ ନାନା ଅବସ୍ଥାନ୍ତର ଇଂରେଜ ରାଜତ୍ୱରେ ଘଟିଥିଲା । ଓଡ଼ିଶା ବିଜୟର ପ୍ରଥମ ୩୦।୪୦ ବର୍ଷ ମଧ୍ୟରେ ଅନେକ ଓଡ଼ିଆ ସମ୍ଭ୍ରାନ୍ତ ପରିବାର ସର୍ବସ୍ୱାନ୍ତ ହୋଇଗଲେ ଓ ଓଡ଼ିଶାର ସବୁଆଡ଼େ ସାହିତ୍ୟ ରଚନାର ପ୍ରତିକୂଳ ଆତଙ୍କ ଓ ଆଶଙ୍କା ବିରାଜିତ କରୁଥିଲା । ଯେଉଁ ଦେଶରେ ସମସ୍ତେ ଭୀତ, ତ୍ରସ୍ତ, ସେଠାରେ ଆମୋଦ ଆହ୍ଲାଦର ଅବସର କିପରି ଥାଇ ପାରେ ? ପୁଣି ଇଂରେଜ ରାଜତ୍ୱର ଆରମ୍ଭରୁ ବଙ୍ଗଦେଶୀୟ ନବାଗତ ବହୁ ବ୍ୟକ୍ତି ରାଜକାର୍ଯ୍ୟ ଉପଲକ୍ଷରେ ଓଡ଼ିଶାର ନାନାସ୍ଥାନରେ ନାନାବିଧ ପଦର ଶୀର୍ଷସ୍ଥଳରେ ଅବସ୍ଥାପିତ ହୋଇଥିଲେ । ଓଡ଼ିଶା ପ୍ରତି ଏମାନଙ୍କର କିଛି ସହାନୁଭୂତି ନ ଥିଲା ଓ ଓଡ଼ିଶାରେ ବଙ୍ଗଳା ଭାଷା ପ୍ରଚାର କରିବା ଉଦ୍ଦେଶ୍ୟରେ ଏମାନଙ୍କ ମଧ୍ୟରୁ କେତେକ ନାନାଭାବରେ ଚେଷ୍ଟା କରିଥିଲେ ଏବଂ ଓଡ଼ିଆ ସାହିତ୍ୟ ପ୍ରତି ଘୋର ଅବଜ୍ଞା ମଧ୍ୟ ପ୍ରକାଶ କରୁଥିଲେ । ସାହିତ୍ୟ ଏଣୁ ରାଜ ଅନୁକମ୍ପାରୁ ବଞ୍ଚିତ ହୋଇ ଅଗ୍ରସର ହୋଇ ପାରୁ ନ ଥିଲା । ବଙ୍ଗଦେଶୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ମଜଲିସ୍ ପ୍ରଭୃତିର ପ୍ରଚଳନ ଥିବାରୁ ସ୍ଥାନେ ସ୍ଥାନେ ବଙ୍ଗଦେଶୀୟ ନାଟ୍ୟ ସମୟ ସମୟରେ ଦେଖା ଯାଉଥିଲେହେଁ ଓଡ଼ିଆ ତାହା କୁରୁଚିପୂର୍ଣ୍ଣ ବୋଲି ସର୍ବଥା ପରିହୃତ ହେଉଥିଲା । ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ନଅଙ୍କ ରୂପ ଭୀଷଣ ଦୁର୍ଭିକ୍ଷ ହେଲା ଓ ଓଡ଼ିଶାର ଏକତୃତୀୟାଂଶ ବ୍ୟକ୍ତି ମୃତ୍ୟୁମୁଖରେ ପତିତ ହେଲେ । ସମାଜରେ ଏକ ଘୋର ବିପ୍ଳବ ଜାତ ହେଲା । ଏହିପରି ନାନା କାରଣରୁ ଇଂରେଜମାନଙ୍କର ଓଡ଼ିଶା ବିଜୟ ପରେ ୬୦।୭୦ ବର୍ଷ ପର୍ଯ୍ୟନ୍ତ ସାହିତ୍ୟ ନାନା ପ୍ରତିକୂଳ ଅବସ୍ଥା ମଧ୍ୟରେ ପଡ଼ି ଅଗ୍ରସର ହୋଇ ପାରି ନ ଥିଲା ଓ

ଓଡ଼ିଆ ଜାତିକୁ ଅନେକର ଅଜ୍ଞାତ ସମ୍ପୂର୍ଣ୍ଣରୂପେ ଉପେକ୍ଷିତ ହୋଇ ଯାଇଥିଲା । ନଅଙ୍କର ୯।୧୦ ବର୍ଷ ପରେ ଯେତେବେଳେ ଓଡ଼ିଶାରେ ପୁଣି ସାଧାରଣ ଜୀବନ ପ୍ରବର୍ତ୍ତିତ ହେଲା, ସେତେବେଳେ ଓଡ଼ିଶାରେ ମଜଲିସର ସଂଖ୍ୟା ଅତି ବିରଳ ଓ ସଙ୍ଗୀତଚର୍ଚ୍ଚା ମଧ୍ୟ ସମାଜରୁ ବିଲୁପ୍ତପ୍ରାୟ । ୧୮୭୫ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରରୁ ପ୍ରକାଶିତ 'ସମ୍ବାଦବାହିକା'ରେ ଓଡ଼ିଆ ଯାତ୍ରା ସମ୍ବନ୍ଧରେ ଆକ୍ଷେପ କରାଯାଇ ଏକ ପ୍ରବନ୍ଧ ଛାପା ଯାଇଥିଲା ଓ ଓଡ଼ିଆ ଯାତ୍ରାର ଅବସ୍ଥା ଭଲ ନ ଥିବାରୁ କିମ୍ବା ତାହାର କିପରି ଉନ୍ନତ ହୋଇ ପାରେ, ଏଥି ନିମନ୍ତେ ଲେଖକ ବ୍ୟାକୁଳତା ପ୍ରକାଶ କରିଥିଲେ; ମାତ୍ର ଏହି ଲେଖା ଉପରେ ଟିପ୍ପଣୀସ୍ୱରୂପ 'ଉତ୍କଳ-ଦୀପିକା'ରେ ସମ୍ପାଦକ ଲେଖିଲେ, "ଯେଉଁଠାରେ ଅବୋଧ ମଜଲିସ୍ ନାହିଁ, ସୁତରାଂ ଯାତ୍ରାଦିର ପ୍ରୟୋଜନ ନାହିଁ, ସେଠାରେ ଏମାନଙ୍କର ଅବସ୍ଥା ଉନ୍ନତ କରିବାକୁ କିଏ ଚେଷ୍ଟିତ ହେବ ? ଏମାନଙ୍କର ଥିବା ନ ଥିବାରେ ଭଦ୍ରଲୋକମାନଙ୍କର କିଛି ଯାଏ ଆସେ ନାହିଁ । ଯେତେବେଳେ ଓଡ଼ିଆମାନେ ଆମୋଦପ୍ରିୟ ହେବେ ଅଥଚ ବିଦ୍ୟା ଓ ଧନଦ୍ୱାରା ଆପଣାର ଉନ୍ନତିର ଚେଷ୍ଟା କରିବେ, ସେତେବେଳେ ଏଠା ଯାତ୍ରାବାଲମାନଙ୍କର ଅବସ୍ଥା ଆପେ ସୁଧୁରିଯିବ । ବର୍ତ୍ତମାନ ତାର ଆଶା ନାହିଁ ।"* ଏହାର କିଛିଦିନ ପରେ ପୂଜା ଉପଲକ୍ଷରେ ବାଲେଶ୍ୱର ରାଜବାଟୀରେ ଯାତ୍ରା ହେବାର ସମ୍ବାଦ ଦେଇ 'ସମ୍ବାଦ-ବାହିକା' ଲେଖିଥିଲା, "ଏବର୍ଷ ମେଦିନୀପୁରରୁ ଅଧିକରୁ ୩୫ ଦଳ ଯାତ୍ରାବାଲା ଆସିଥିଲେ; ମାତ୍ର ବାଲେଶ୍ୱରର ଓଡ଼ିଆମାନେ ନୂଆ ଶିଖି ଯେଉଁ ବଙ୍ଗଳା ଯାତ୍ରା କରୁଥିଲେ ତାହା ସର୍ବୋତ୍କୃଷ୍ଟ ହୋଇଥିଲା···ଏମାନେ ବଙ୍ଗଳାଯାତ୍ରା ଯେରୂପ ଉତ୍ସାହ ସହିତ ଶିଖି ଅଛନ୍ତି, ସେହିପରି ନୂଆ ଧରଣର ଓଡ଼ିଆଯାତ୍ରା ଶିଖିଥିଲେ ବଡ଼ ସୁଖ ହୁଅନ୍ତା ।" ଏହି ଲେଖାର ଟିପ୍ପଣୀରେ 'ଉତ୍କଳଦୀପିକା'ର ସମ୍ପାଦକ ଲେଖିଥିଲେ, "ସମ୍ପ୍ରତି ଓଡ଼ିଶାରେ ଯାତ୍ରା ଯାତ୍ରା ବୋଲି ଖ୍ୟାତ ହେଉଅଛି ଓ ଯାହାକୁ ଶିକ୍ଷାପାତ୍ର ହୋଇ ଭଦ୍ରଲୋକମାନେ ସପରିବାରରେ ଦେଖିବାକୁ ଯାଆନ୍ତି, ତାହା ଅତ୍ୟନ୍ତ ଦୂଷିତ ଓ ତହିଁରୁ ଓଡ଼ିଶାର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଏ । ବଙ୍ଗ ଭାଷାରେ ସ୍ୱଙ୍ଗ ପଛକେ ବାଲେଶ୍ୱରର ଓଡ଼ିଆମାନେ ଏ ବିଷୟରେ ପ୍ରବୃତ୍ତ ହୋଇଅଛନ୍ତି । ଏହାକୁ ଆମ୍ଭେମାନେ ଗୋଟିଏ ଶୁଭଲକ୍ଷଣ ବୋଲି

---

* ଉତ୍କଳ-ଦୀପିକା—ତା ୯-୫-୧୮୭୫

ଅତ୍ୟନ୍ତ ଅଧିକ କରୁଅଛୁଁ । ଯେ କେହି ଓଡ଼ିଆ ଯାତ୍ରା ଏଠାରେ ଆରମ୍ଭ କରିଦେବେ ସେ ବ୍ୟକ୍ତି ଧନ୍ୟବାଦର ପାତ୍ର ହେବେ, ସନ୍ଦେହ ନାହିଁ ।” * ଏହି ଲେଖାର କିଛୁଦିନ ପରେ କଟକ ସହରରେ “ଶୀତଳ ଷଷ୍ଠୀ” ନାମକ ଯାତ୍ରା ଅତିସମାରୋହରେ ଅଭିନୀତ ହୋଇଥିଲା । “ଯାତ୍ରାଟି ୪ ରାତ୍ରି ପର୍ଯ୍ୟନ୍ତ ହୋଇଥିଲା; ପ୍ରଥମ ଦୁଇ ରାତ୍ରି ଖଣ୍ଡୁଆମାନେ କରିଥିଲେ, ପୁଣି ଶେଷ ଦୁଇ ରାତ୍ରି କ୍ଷୁମୁଟିମାନଙ୍କର ହୋଇଥିଲା । ଏଥିରେ ଟଙ୍କା ୬ ହଜାର ଉପରେ ବ୍ୟୟ ହୋଇଥିବ ଓ ଏହି ମହୋତ୍ସବ ଦର୍ଶନାର୍ଥେ ପ୍ରାୟ ୪୦ ହଜାର ଲୋକ ଏକତ୍ରିତ ହୋଇଥିଲେ ।” †

୧୮୭୬ ଖ୍ରୀଷ୍ଟାବ୍ଦର ପୂଜା ଉପଲକ୍ଷେ ବାଲେଶ୍ୱର ଶଙ୍କରବାନ୍ଧିରେ ଯେଉଁ ଯାତ୍ରା ହୋଇଥିଲା, ତହିଁ ମଧ୍ୟରେ ବାଲେଶ୍ୱରରୁ ତିନି ପଣ୍ଡା ଯାତ୍ରାବାଲା ବାହାରି, ଗୋଟିଏ ପଣ୍ଡା ଓଡ଼ିଆରେ ଯାତ୍ରା କରିଥିଲେ ଓ ସେମାନଙ୍କର ଯାତ୍ରା ମଧ୍ୟ ସର୍ବାପେକ୍ଷା ଉତ୍କୃଷ୍ଟ ହୋଇଥିଲା । ଏହାର ଟିପ୍ପଣୀରେ ଉତ୍କଳ ଦୀପିକାର ସମ୍ପାଦକ ଲେଖିଥିଲେ, “ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲିଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତି ଅଟଇ । ପ୍ରଥମ ଦୁଇଟି ବହୁସ୍ଥଳରେ ଦେଖାଯାଏ, ଏମନ୍ତ କି କଟକ ଜିଲ୍ଲାର ପ୍ରତି ବଡ଼ ଗ୍ରାମରେ ଏଥିର ଏକ ଏକ ଆଖଡ଼ା ଅଛି । ସୁଭଦ୍ରାହରଣ ପ୍ରଭୃତି କେବଳ ଭଦ୍ରଣିଆମାନେ କରନ୍ତି । ମାତ୍ର ଆମ୍ଭେମାନେ ଯେତେଦୂର ଦେଖି ଅଛୁଁ, କୌଣସି ଯାତ୍ରାରେ ସଙ୍ଗୀତର ବାଦନା ଶୁଣା ଯାଇ ନାହିଁ ଏବଂ ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ, ସଙ୍ଗୀତ କାହାକୁ ବୋଲାଯାଏ, ଯାତ୍ରା-ବାଲାମାନେ ଜାଣନ୍ତି ନାହିଁ; କେବଳ ସଜ ବେଶ ହୋଇ ଗୁଡ଼ାଏ ପୋଥି ବୋଲନ୍ତି ଓ ନାନା ପ୍ରକାର କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଏବଂ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି । ଏ ଅଞ୍ଚଳର କେତେକ ଲୋକ ବଙ୍ଗଳା ଯାତ୍ରା ଅନୁକରଣ କରିବାକୁ ଚେଷ୍ଟା କରିଥିଲେ ମାତ୍ର ସେପ୍ରକାର ଯୋଗ୍ୟତା ନ ଥିବାରୁ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ ।” ‡

ଏହି ସବୁ ଲେଖାରୁ ଓଡ଼ିଶାବାସୀମାନଙ୍କର ରୁଚିପରିବର୍ତ୍ତନ ଓ ନାଟ୍ୟାଙ୍ଗର ଅଭିନୟ ଦେଖିବା ନିମନ୍ତେ ବ୍ୟଗ୍ରତା ସ୍ପଷ୍ଟ ଜଣା ପଡ଼ୁଅଛି ଓ

---

* ଉତ୍କଳ ଦୀପିକା—ତା ୨୦-୧୧-୧୮୭୫

† ଉତ୍କଳ ଦୀପିକା—ତା ୨୪-୬-୧୮୭୬

‡ ଉତ୍କଳ ଦୀପିକା—ତା ୨୮।୧୦।୧୮୭୬

ଏଠାର ଅନେକ ଲୋକ ବଙ୍ଗଦେଶରେ ନାଟକର ଅଭିନୟ ଦେଖିଥିବାରୁ ନାଟକ ରଚନା ଓ ଅଭିନୟ ନିମନ୍ତେ ମନ ବଳାଇବା ସ୍ୱାଭାବିକ । ଶିକ୍ଷିତ ଲୋକମାନଙ୍କର ମାର୍ଜିତ ରୁଚି ସାଧାରଣ ଲୋକଙ୍କର ପ୍ରୀତିପ୍ରଦ ଯାତ୍ରା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲା ଓ ନିଜର ରୁଚି ଅନୁମୋଦିତ ନାଟକ ରଚନା କରିବାରେ ବ୍ରତୀ ମଧ୍ୟ ହୋଇଥିଲା । ଏହି ପରିସ୍ଥିତିରେ ଜଗନ୍ମୋହନ ଲାଲ (ଡେପୁଟି) ଖଣ୍ଡିଏ କ୍ଷୁଦ୍ର ନାଟକ ରଚନା କରିଥିଲେ ଓ 'ବାବାଜୀ ନାଟକ' ରୂପରେ ଏହା ମୁଦ୍ରିତ ହୋଇ ପ୍ରଚାରିତ ମଧ୍ୟ ହୋଇଥିଲା ( ତା ୨୦।୧୦।୧୮୭୭ )। ଏହି ପୁସ୍ତକର ବିଜ୍ଞାପନରେ ଲେଖା ଥିଲା ଯେ, "ଏଥିରେ କେତେକ ଯଥାର୍ଥ ସାଧୁର ଚରିତ, ବାବୁ ଓ ମଠଧାରୀଙ୍କର ଆଚରଣ, ଡାହାଣୀ, ଭୂତ ଓ ଗୁଣୀବିଦ୍ୟାର ପ୍ରସଙ୍ଗ ଏବଂ ରହସ୍ୟ ଓ ହିତକର କଥାମାନ ଅଛି ।" ଉତ୍କଳଦୀପିକାର ସମ୍ପାଦକ ଏ ପୁସ୍ତକର ପ୍ରାପ୍ତି ସ୍ୱୀକାର କରି ଲେଖିଅଛନ୍ତି, "ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ନାଟକ ରଚନା ହୋଇ ନ ଥିଲା । ଏ ପୁସ୍ତକ ତହିଁର ପ୍ରଥମ ଉଦ୍ୟମ ଅଟଇ । ଇଂରାଜୀ, ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ବୋଲିବାକୁ ମନ ବଳୁ ନାହିଁ······ନାଟକର ଭାଷା ଓ ରଚନା-ଛଟା କି ପ୍ରକାର ହେବ ଏସବୁ ଅତି ଚମତ୍କାରରୂପେ ଗ୍ରନ୍ଥକର୍ତ୍ତା ଦର୍ଶାଇ ଅଛନ୍ତି । ଭଣ୍ଡ ମଠଧାରୀଙ୍କର ଦୋଷ ପ୍ରକାଶ କରିବା, ଭୂତ, ଡାହାଣୀ, ଜଡ଼ିମନ୍ତ୍ର ଇତ୍ୟାଦି ବିଷୟରେ ଲୋକଙ୍କର ପ୍ରଚଳିତ ଭ୍ରମ ଓ କୁସଂସ୍କାର ଛେଦନ କରିବା ଏ ଗ୍ରନ୍ଥର ମୁଖ୍ୟ ଉଦ୍ଦେଶ୍ୟ ଜଣାଯାଏ । ଏହାଦ୍ୱାରା ନାଟକର ବାଟ ଫିଟିଲା, ଅତଏବ ପ୍ରକୃତ ନାଟକ ଓଡ଼ିଆ ଭାଷାରେ ବାହାରି ପାରେ ।" *

ବାସ୍ତବିକ ଏହି 'ବାବାଜୀ ନାଟକ' ପ୍ରକୃତ ନାଟକ ନୁହେଁ, କିନ୍ତୁ ଏହା ଯାତ୍ରା ଅପେକ୍ଷା ଉନ୍ନତ ଓ ସୁରୁଚିସମ୍ପନ୍ନ । ଏଥିରେ କଥୋପକଥନର ବାହୁଲ୍ୟ ଅଛି, ଚରିତ୍ରଚିତ୍ରଣର ପ୍ରୟାସ ଅଛି; ମାତ୍ର ନାଟକରେ ଯେଉଁ କଥାବସ୍ତୁର ବିନ୍ୟାସ ଥାଏ ଓ ନାନା ଚରିତ୍ରର ଏକତ୍ର ସମାବେଶରେ କଥାବସ୍ତୁର ସୌନ୍ଦର୍ଯ୍ୟ ସମ୍ପାଦିତ ହୋଇଥାଏ, ଏଥିରେ ସେ ସବୁ କିଛି ନାହିଁ । ଏହା ଅତି କ୍ଷୁଦ୍ର ଶିକ୍ଷାପ୍ରଦ ଗୀତିନାଟ୍ୟ ଭିନ୍ନ ଅନ୍ୟ କିଛି ନୁହେଁ । ଏହାର ଯଥାଯଥ ଅଭିନୟ ମଧ୍ୟ ଲେଖକଙ୍କ ଘରଠାରେ (ମାହାଙ୍ଗା)

---

* ଉତ୍କଳ-ଦୀପିକା—ତା ୬-୧୧-୧୮୭୭

୧୬୧୭ ବର୍ଷ ପରେ ଥରେ ଧୁଲି ଥିବା ମାତ୍ର ହୋଇଥିଲା ଓ ଏଥିପୂର୍ବରୁ ବଡ଼କୁଦ ଗ୍ରାମରେ ଥରେ ଅଭିନୀତ ହୋଇଥିଲା । * ବାସ୍ତବରେ ଏହି ନାଟକ ଓଡ଼ିଆ ଯାତ୍ରାର ସୁରୁଚିପୂର୍ଣ୍ଣ ସଂସ୍କରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଓଡ଼ିଆ ଯାତ୍ରା ଓଡ଼ିଆ ନାଟକର ଭିତ୍ତି; ଏଣୁ ଯାତ୍ରା ସହିତ ନାଟକର ରୂପରେଖ ସାମଞ୍ଜସ୍ୟ ବିଷୟରେ ଆଲୋଚନା କରିବା ଉଚିତ । ଯାତ୍ରାଗୁଡ଼ିକ ସାଧାରଣତଃ ପୌରାଣିକ ବିଷୟ ନେଇ ରଚିତ ହୋଇଥିବାରୁ ଏଥିରେ ଇନ୍ଦ୍ର, ନାରଦ ପ୍ରଭୃତି ଅତିପ୍ରାକୃତ ଭୂମିକାମାନଙ୍କର ପରିଚୟ ପାଉଥାଉଁ; ମାତ୍ର ଏହି ଅତିପ୍ରାକୃତ ଚରିତ୍ରଗୁଡ଼ିକର ଅଭିନୟ ଅସ୍ୱାଭାବିକ ହେଲେହେଁ ଗ୍ରାମ୍ୟ ଲୋକମାନେ ସେମାନଙ୍କର ଅସ୍ତିତ୍ୱ ବିଷୟରେ ଏତେ ନିଃସନ୍ଦେହ ଓ ସ୍ଥିରନିଶ୍ଚିତ ଯେ ପୂର୍ଣ୍ଣାଙ୍ଗ ନାଟକରେ ମଧ୍ୟ ଏମାନଙ୍କୁ ରଙ୍ଗମଞ୍ଚ ଉପରକୁ ଆଣି ଅଭିନୟ କରାଇବାରେ ଦ୍ୱିଧା ବୋଧ କରନ୍ତି ନାହିଁ । ଓଡ଼ିଆ ନାଟକମାନଙ୍କରେ ଇନ୍ଦ୍ର, କୁବେର, ବ୍ରହ୍ମା, ଶିବ ପ୍ରଭୃତି ଯେଉଁ ଦେବଦେବୀମାନଙ୍କର ଚରିତ୍ର ଦେଖାଯାଏ, ତାହା ଯାତ୍ରାର ସ୍ୱତନ୍ତ୍ର ଅନୁକୃତ ଓ ସଂସ୍କୃତ ଇଂରାଜୀ ନାଟକମାନଙ୍କରେ ଏଭଳି ସ୍ୱତଃ ସୁପ୍ରଚଳିତ ନାହିଁ । ପ୍ରକୃତରେ ଓଡ଼ିଆ ନାଟକମାନଙ୍କରେ ଯେଉଁ ସଙ୍ଗୀତର ବାହୁଲ୍ୟ ଦେଖାଯାଏ, ତାହା ମଧ୍ୟ ମଜଲିସର ନୃତ୍ୟ, ଗୀତ ଓ ଯାତ୍ରାରେ ସଙ୍ଗୀତର ଆଧିକ୍ୟର ଫଳ ବୋଲି ଅନୁମାନ କରାଯାଇ ପାରେ । ଇଂରାଜୀ ନାଟକରେ ସଙ୍ଗୀତର ବାହୁଲ୍ୟ ନ ଥିଲା, କିନ୍ତୁ ଓଡ଼ିଆ ନାଟକରେ ପ୍ରାରମ୍ଭିକ ସଙ୍ଗୀତ ଓ ଶେଷ ସଙ୍ଗୀତ ଛଡ଼ା ପ୍ରାୟ ୨୭ ଗୋଟି ସଙ୍ଗୀତ ସଂଯୋଜିତ ହୋଇଥାଏ । ଓଡ଼ିଶାର ଲୋକମାନେ ଯାତ୍ରାରେ ସଙ୍ଗୀତରେ ଅଭ୍ୟସ୍ତ ଥିବାରୁ ଓ ସଙ୍ଗୀତଚର୍ଚ୍ଚା ଓଡ଼ିଶାରେ ବହୁଳ ପରିମାଣରେ ଦେଖାଯାଉଥିବାରୁ ନାଟକକୁ ସୁଦୃଶ୍ୟଗ୍ରାହ୍ୟ କରିବା ନିମନ୍ତେ ନାଟ୍ୟକାର-ମାନେ ସଙ୍ଗୀତ ରଚନା କରିଥାନ୍ତି । ପୁନଶ୍ଚ ଯାତ୍ରାରେ ହାସ୍ୟରସ ଉଦ୍ଦୀପନ କରିବା ନିମନ୍ତେ ବିଭିନ୍ନ ଭାଷାର ବିକୃତ ବ୍ୟବହାର କରା-ଯାଉଥିଲା । ବୋଧୁ ବୈଦ୍ୟ ସୁଆଙ୍ଗରେ ବଙ୍ଗଳା ଭାଷାକୁ ବିକୃତ କରି ବ୍ୟବହାର କରାଯାଇଅଛି ଓ ଅନ୍ୟ ସ୍ଥାନରେ ବିକୃତ ହିନ୍ଦୀର ମଧ୍ୟ ବ୍ୟବହାର ଅଛି । ଏହି ବିକୃତ ଭାଷାର ବ୍ୟବହାର ଓଡ଼ିଆ ନାଟକ-

* ଉତ୍କଳ ଦୀପିକା — ତା ୧୯-୧୦-୧୯୧୫

ମାନଙ୍କରେ ମଧ୍ୟ ହାସ୍ୟରସ ଉତ୍ପାଦନ କରିବା ନିମନ୍ତେ ବ୍ୟବହୃତ ହୋଇଥାଏ । ପୁଣି ଯାତ୍ରାର ଅନୁକରଣରେ ପେଟିଆ, ଦ୍ୱାରୀ ଓ ନାଟୁଆମାନଙ୍କୁ ହାସ୍ୟରସ ଅବତାରଣା କରିବା ନିମନ୍ତେ ବ୍ୟବହାର କରାଯାଇଥାଏ । ଏଣୁ ଓଡ଼ିଆ ନାଟକ ଏକ ଦିଗରେ ବଙ୍ଗଳା ନାଟକ ଏବଂ ଅନ୍ୟ ଦିଗରେ ସଂସ୍କୃତ ନାଟକଦ୍ୱାରା ପ୍ରଭାବିତ ହେଲେହେଁ ପୂର୍ବବର୍ତ୍ତୀ ଯାତ୍ରାର ପ୍ରଭାବ ସମ୍ପୂର୍ଣ୍ଣଭାବରେ ଉପେକ୍ଷିତ ହୋଇ ପାରି ନାହିଁ ଏବଂ ଏହାହିଁ ସ୍ୱାଭାବିକ । ଲୋକମାନେ ପୂର୍ବେ ଯେଉଁଥିରେ ଆନନ୍ଦ ପାଉଥିଲେ ବା ଅଭ୍ୟସ୍ତ ଥିଲେ, ତାହା ସମ୍ପୂର୍ଣ୍ଣଭାବରେ ବଦଳାଇ ଦେବା ସାହିତ୍ୟର ଧର୍ମ ନୁହେଁ ।

ଓଡ଼ିଆ ନାଟକ ଲେଖା ହେବା ବହୁ ପୂର୍ବରୁ ବଙ୍ଗଳାରେ ନାଟକ ଲିଖିତ ଓ ଅଭିନୀତ ହେଉଥିଲା । ୧୭୯୫ ଖ୍ରୀଷ୍ଟାବ୍ଦରେ ବଙ୍ଗଳାରେ ପ୍ରଥମ ରଙ୍ଗମଞ୍ଚ ସ୍ଥାପିତ ହୋଇଥିଲା ଓ କେତେକ ଇଂରାଜୀ ନାଟକର ପୂର୍ଣ୍ଣ ଅଭିନୟ ମଧ୍ୟ ହୋଇଥିଲା । ୧୮୩୫ ଖ୍ରୀଷ୍ଟାବ୍ଦରେ ପ୍ରଥମେ ବଙ୍ଗଳା ନାଟକର ଅଭିନୟ ଆରମ୍ଭ ହୋଇଥିଲା ଓ ସ୍ଥାୟୀ ରଙ୍ଗମଞ୍ଚ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା । ପରବର୍ତ୍ତୀ କାଳରେ ନାନା ବିଦ୍ୟାଳୟମାନଙ୍କରେ ନାନାବିଧ ଉତ୍ସବ ଉପଲକ୍ଷରେ ନାଟକମାନଙ୍କର ଅଭିନୟ ପ୍ରଦର୍ଶିତ ହେଉଥିଲା ଓ କଲିକତାର ଧନାଢ୍ୟ ଲୋକମାନଙ୍କ ବାସଗୃହରେ ସ୍ଥାୟୀ ରଙ୍ଗମଞ୍ଚର ପ୍ରତିଷ୍ଠା ମଧ୍ୟ ହୋଇଥିଲା । ୧୮୭୨ ଖ୍ରୀଷ୍ଟାବ୍ଦରେ ବଙ୍ଗଦେଶରେ ସାଧାରଣ ନାଟ୍ୟଶାଳାର ପ୍ରତିଷ୍ଠା ହୋଇ ପ୍ରତି ସପ୍ତାହରେ ଅଭିନୟ ପ୍ରଦର୍ଶିତ ହେଲା ।* ଓଡ଼ିଶାରେ ନାଟକ ଲେଖା ବହୁ ପୂର୍ବେ ମଧୁସୂଦନ ଦତ୍ତ, ଗିରିଶଚନ୍ଦ୍ର ଘୋଷ, ଦୀନବନ୍ଧୁ ମିତ୍ର ଓ ମନୋମୋହନ ବସୁ ପ୍ରଭୃତି ନାଟ୍ୟରଥୀମାନଙ୍କ ଉଦ୍ୟମରେ ବଙ୍ଗଳା ନାଟ୍ୟ ସାହିତ୍ୟ ନିଜ ପ୍ରତିଷ୍ଠା ଲାଭ କରିବାକୁ ସକ୍ଷମ ହୋଇଥିଲା । ଓଡ଼ିଆ ନାଟକ ଲେଖା ହେବା ପରେ ମଧ୍ୟ ଅନେକ କ୍ଷେତ୍ରରେ ବଙ୍ଗଳା ନାଟକ ଓଡ଼ିଆ ନାଟକ ଉପରେ ପ୍ରଭାବ ବିସ୍ତାର କରିବାକୁ ସମର୍ଥ ହୋଇଅଛି ଓ ଅନେକଗୁଡ଼ିଏ ବଙ୍ଗଳା ନାଟକୀୟ ରୀତି ଓଡ଼ିଆରେ ସ୍ୱୀକୃତ ଓ ଅନୁକୃତ ହେଉଅଛି ।

ଓଡ଼ିଆରେ ପ୍ରଥମ ନାଟକ ଅଭିନୀତ ହେବା ପୂର୍ବରୁ କେତେକ ବର୍ଷ ବଙ୍ଗଳା ନାଟକର ଅଭିନୟ ଆରମ୍ଭ ହୋଇଥିଲା ଓ ଗୋଟିଏ ଦ୍ରଷ୍ଟବ୍ୟ ବିଷୟ ଏହି କି ଯେ, ପ୍ରଥମ ନାଟକର ଅଭିନୟ କୌଣସି ଧନୀଲୋକର

---

* ବ୍ରଜେନ୍ଦ୍ର ବାନାର୍ଜୀ—ବଙ୍ଗୀୟ ନାଟ୍ୟଶାଳାର ଇତିହାସ ।

ଅନୁକୂଲ୍ୟରେ ସମ୍ପାଦିତ ନ ହୋଇ ସାଧାରଣ ଲୋକଙ୍କ ସାହାଯ୍ୟ ନିର୍ବାହିତ ହୋଇଥିଲା । ୧୮୭୭ ଖ୍ରୀଷ୍ଟାବ୍ଦର ଶେଷ ଭାଗରେ ଦଳେ ଲୋକ କଲିକତାରୁ ବାଲେଶ୍ୱରକୁ ନାଟକର ଅଭିନୟ ଦେଖାଇବାକୁ ଆସିଥିଲେ ଓ ସେମାନଙ୍କର ନାଟକ ଅଧିକାର ଥିଲେ ମଧ୍ୟ ତାହା ଘଟି ପାରିନ ନାହିଁ । * ମାତ୍ର ୧୮୭୮ ଖ୍ରୀଷ୍ଟାବ୍ଦର ପ୍ରଥମ ଭାଗରେ ବସନ୍ତପଞ୍ଚମୀ ରାତିରେ" ଓଡ଼ିଶାରେ ନାଟକର ଅଭିନୟ ପ୍ରଥମ ଥର ହେଲା............ କେତେକ କୃତବିଦ୍ୟ ଯୁବକଙ୍କର ଅସୀମ ପରିଶ୍ରମ ଓ ଯତ୍ନରେ କଟକଠାରେ ଅଭିନୟ ପ୍ରଦର୍ଶିତ ହେଲା; ଏମାନେ ଆପଣା ଆପଣା ମଧ୍ୟରେ ଦେଖା କଲେ ଓ ଏଠାରେ ଭଦ୍ରଲୋକମାନେ ମଧ୍ୟ ତାହାଙ୍କ ପ୍ରାର୍ଥନା ମତେ ଦେଖା ଦେଇ ତାହାଙ୍କ ଉତ୍ସାହ ବଢ଼ାଇଲେ । ବାବୁ ମନୋମୋହନ ବସୁଙ୍କ ପ୍ରଣୀତ ରାମାଭିଷେକ ନାଟକର ଅଭିନୟ ହୋଇଥିଲା" † ଓ ଅଭିନୟ ମଧ୍ୟ ସଫଳ ହୋଇଥିଲା । ଏହାର କିଛିଦିନ ପରେ ୧୭ ତାରିଖ ଫେବୃଆରି ୧୮୭୮ ଖ୍ରୀଷ୍ଟାବ୍ଦରେ ପ୍ରସିଦ୍ଧ ଜମିଦାର ବାବୁ ଗୋକୁଳଚନ୍ଦ୍ର ବୋଷଙ୍କ ଗୃହଠାରେ ଏହି ନାଟକର ଆଉ ଥରେ ଅଭିନୟ ହୋଇଥିଲା ଓ ଦୀପିକା ଟିପ୍ପଣୀରେ "ନାଟକ ଅଭିନୟରେ ଏଠା ଲୋକଙ୍କର ବିଲକ୍ଷଣ ରୁଚି ହୋଇ ଆସୁଅଛି" ବୋଲି ସଙ୍କେତ ଦିଆଯାଇଥିଲା । ‡ ଏହାର କିଛିଦିନ ପରେ ମାନ୍ୟବର **Sir Ashley Eden** ଲେପ୍ଟେ ଲାଟ ମହୋଦୟଙ୍କ କଟକ ଆଗମନ ଉପଲକ୍ଷରେ "ସୋମବାର ରାତିରେ ଦରବାର ଗୃହରେ ଦେଶୀୟ ମଜଲିସ୍ ହେଲା । ଲାଟସାହେବ ରାତି ୯ ଘଣ୍ଟା ସମୟରେ ମଜଲିସରେ ବିରାଜମାନ ହେଲେ । ତହୁଁ ରାମାଭିଷେକ ନାଟକର ଅଭିନୟ ଆରମ୍ଭ ହେଲା...ବାଛି ବାଛି ୭ ଗୋଟି ଗର୍ଭାଙ୍କର ଅଭିନୟ ହେଲା, ୪ ଗୋଟି ଛାଡ଼ି ଦିଆଗଲା, ତଥାପି ୩ ଘଣ୍ଟା କାଳ ଲାଗିଲା । ନାଟ୍ୟମଞ୍ଚର ଯବନିକା ଏଠା କାରିଗର-ଦ୍ୱାରା ସୁରୁଚିରୂପେ ଚିତ୍ରିତ ହୋଇଥିବାରୁ ସମସ୍ତେ ପ୍ରଶଂସା କଲେ ।" §

ପ୍ରଶଂସା ବା ଅନୁକୃତି ଅନ୍ୟର ସାଫଲ୍ୟର ପରିଚୟସୂଚକ; ଏଣୁ ଉପରୋକ୍ତ ଦଳ ନାଟକ ଅଭିନୟ କରିବାରେ ସଫଳକାମ ହେବାରୁ

---

* ଉତ୍କଳ ଦୀପିକା—ତା ୯।୨।୧୮୭୮

† ଉତ୍କଳ ଦୀପିକା—ତା ୯।୨।୧୮୭୮

‡ ଉତ୍କଳ ଦୀପିକା—ତା ୧୩।୨।୧୮୭୮

§ ଉତ୍କଳ ଦୀପିକା—ତା ୯।୩।୧୮୭୮

ଗୋଟିଏ ପ୍ରଭେଦ ଅଭିନେତା ଦଳର ମଧ୍ୟ ସୃଷ୍ଟି ହେଲା । ଅପ୍ରେଲ୍ ୨୮ ତାରିଖ ୧୮୭୮ ଖ୍ରୀଷ୍ଟାବ୍ଦ ଦିନ ବାବୁ ହରମୋହନ ମିଶ୍ରଙ୍କ ଘରଠାରେ ଗୋଟିଏ ଭିନ୍ନ ଦଳ ନାଟକ ଅଭିନୟ କରିଥିଲେ, ମାତ୍ର ଏହି ଅଭିନୟ ପ୍ରତି ଲୋକମାନଙ୍କର ଆଗ୍ରହ ସୂଚିତ ହୋଇ ନ ଥିଲା ଓ ଅଭିନେତାମାନେ ସମସ୍ତେ ଅଳ୍ପବୟସ୍କ ସ୍କୁଲ୍ ବାଳକ ଥିବାରୁ ଏଥିର ତୀବ୍ର ସମାଲୋଚନା ମଧ୍ୟ ହୋଇଥିଲା ।

୧୮୭୯ ଖ୍ରୀଷ୍ଟାବ୍ଦରେ ଆଉ ନାଟକ ଅଭିନୀତ ହୋଇ ନାହିଁ ଓ ଉଭୟ ଦଳ ପରସ୍ପର ମଧ୍ୟରେ ବିବାଦ କରି ଅଭିନୟ ସମ୍ପୂର୍ଣ୍ଣଭାବରେ ବନ୍ଦ କରି ଦେଇଥିଲେ । କେବଳ ଏହି ବର୍ଷ ଦୁର୍ଗାପୂଜା ସମୟରେ କେତେକ ଯୁବକ ମିଶି ଗୋଟିଏ ଅଭିନୟ କରିଥିଲେ, ମାତ୍ର ତାହା ସେତେ ଚିତ୍ତାକର୍ଷକ ହୋଇ ପାରି ନ ଥିଲା । ୧୮୮୦ ଖ୍ରୀଷ୍ଟାବ୍ଦରେ ସରସ୍ୱତୀପୂଜା ଉପଲକ୍ଷେ "ଦୁଇ ଦଳର ଯୁବକ ଏକମେଳରେ ଅଠଦିନ ମଧ୍ୟରେ ପ୍ରସ୍ତୁତ ହୋଇ ଗତ ସୋମବାର ଅଭିନୟ ଦେଖାଇଥିଲେ । 'ଏକେଇକି ବଲେ ସଭ୍ୟତା' ଅଭିନୟର ବିଷୟ ଥିଲା ।" * ଏହି ବର୍ଷ ଫେବ୍ରୁଆରୀ ମାସରେ ଓଡ଼ିଶାରେ ଅବସ୍ଥାପିତ ଜଣେ ବଙ୍ଗୀୟ ଡେପୁଟି ଶ୍ରୀ ରଙ୍ଗଲାଲ ବାନାର୍ଜୀ 'କାଞ୍ଚିକାବେରୀ' ନାମକ ଗୋଟିଏ କାବ୍ୟ ପ୍ରକାଶ କରିଥିଲେ ଓ ଏହି ପଦ୍ୟ ଗ୍ରନ୍ଥର ସମାଲୋଚନା ମଧ୍ୟ ଉତ୍କଳ ଦୀପିକାରେ ପ୍ରକାଶିତ ହୋଇଥିଲା । ଓଡ଼ିଶାରେ ଦୁଇ ତିନି ବର୍ଷ ଏକାଦିକ୍ରମେ ବଙ୍ଗଳା ନାଟକ ଅଭିନୀତ ହେଉଥିବାରୁ ଏଠାରେ ଓଡ଼ିଆ ନାଟକ ରଚନା ଓ ଅଭିନୟ କରିବା ପ୍ରତି ଆଗ୍ରହ ହେବା ସ୍ୱାଭାବିକ ଓ ଏହି ପରିସ୍ଥିତିରେ ଓଡ଼ିଆ ନାଟକ ରଚିତ ଓ ଅଭିନୀତ ହୋଇଥିଲା । ଓଡ଼ିଆ ନାଟ୍ୟକାରଙ୍କ ସମ୍ମୁଖରେ ସଂସ୍କୃତ ନାଟକ, ଇଂରାଜୀ ନାଟକ, ଓଡ଼ିଆ ଯାତ୍ରା, ବଙ୍ଗଳା ନାଟକ ପ୍ରଭୃତିର ଆଦର୍ଶ ଥିଲା ଓ ଏ ସମସ୍ତରୁ ରସ ଗ୍ରହଣ କରି ନିଜର ପ୍ରତିଭାଦ୍ୱାରା ଅନୁପ୍ରାଣିତ ହୋଇ ନାଟ୍ୟକାର ଓଡ଼ିଆ ନାଟକ ଲେଖିବାରେ ପ୍ରବୃତ୍ତ ହେଲେ ।

---

* ଉତ୍କଳ ଦୀପିକା—ତା ୨୮।୨।୧୮୮୦

# ତୃତୀୟ ପରିଚ୍ଛେଦ

## ପ୍ରଥମ ଓଡ଼ିଆ ନାଟକ

ଓଡ଼ିଆରେ ପ୍ରଥମ ନାଟକ ରଚିତ ହେଲା ୧୮୮୦ ମସୀହାରେ । ତାହା ପୂର୍ବରୁ ଯେଉଁ 'ବାବାଜୀ' ନାଟକ ରଚିତ ହୋଇଥିଲା, ତାହା ବାସ୍ତବରେ ନାଟକ ନୁହେଁ । ୧୮୭୮ ମସୀହାରେ କଟକ ନଗରୀରେ କେତେକ ଯୁବକଙ୍କ ଉଦ୍ୟମରେ ପ୍ରଥମରେ ରଙ୍ଗମଞ୍ଚ ଗଢ଼ା ହୋଇ ବଙ୍ଗଳା ନାଟକ ଅଭିନୀତ ହୋଇଥିଲା ଓ ଏହି ସମୟରେ ରାମଶଙ୍କର କଲେଜର ଛାତ୍ର । ୧୮୭୯ ମସୀହାରେ ରାମଶଙ୍କର ବାବୁ ଏଫ୍. ଏ. ପାଶ କରି ବିଦ୍ୟାଳୟର ପାଠ ସାଙ୍ଗ କଲେ ଓ ସଙ୍ଗେ ସଙ୍ଗେ ରାଜକାର୍ଯ୍ୟରେ ନିଯୁକ୍ତ ହେଲେ ଓ ସାହିତ୍ୟଚର୍ଚ୍ଚା କରିବାକୁ ତାଙ୍କୁ ଯଥେଷ୍ଟ ସୁଯୋଗ ଓ ଅବସର ମଧ୍ୟ ମିଳିଲା । ଏହି ସମୟରେ ପ୍ରିଣ୍ଟିଙ୍ଗ୍ କମ୍ପାନୀରେ ସେ ତାଙ୍କ ଜ୍ୟେଷ୍ଠଭ୍ରାତା ଗୌରୀଶଙ୍କର ବାବୁଙ୍କୁ ନାନା ବିଷୟରେ ସାହାଯ୍ୟ ମଧ୍ୟ କରୁଥିଲେ ଓ ରଙ୍ଗଲାଲ ବାବୁଙ୍କ ପ୍ରଣୀତ କାଞ୍ଚିକାବେରୀ କାବ୍ୟଗ୍ରନ୍ଥ ନିଶ୍ଚୟ ପ୍ରଥମରୁ ତାଙ୍କର ଦୃଷ୍ଟିପଥାରୂଢ଼ ହୋଇଥିବ । ପ୍ରଥମରୁ ନାଟକ ରଚନା କରିବା ସମୟରେ ନାଟ୍ୟକାର ସାଧାରଣ ଲୋକଙ୍କର ସାମୟିକ ତୃପ୍ତିବିଧାନ କରିବା ଅପେକ୍ଷା ସେମାନଙ୍କୁ ଶିକ୍ଷା ଦେବା ଅଧିକ ପ୍ରୟୋଜନ ବୋଲି ମନେ କରୁଥିଲେ ଓ ନିଜର ନାଟ୍ୟବସ୍ତୁ ଯେପରି ସୁରୁଚିସଙ୍ଗତ ହୁଏ ଓ ଓଡ଼ିଶାର ଜାତୀୟ ଗୌରବର ଅନୁକୂଳ ହୁଏ, ସେ ବିଷୟ ପ୍ରତି ମଧ୍ୟ ତାଙ୍କର ଦୃଷ୍ଟି ସମ୍ୟକ୍ ଭାବରେ ଆକୃଷ୍ଟ ହୋଇଥିଲା । ନାଟକୀୟ କଥା-ବସ୍ତୁର ଅଭିନୟଦ୍ୱାରା ଲୋକଶିକ୍ଷା ସହଜରେ ସାଧିତ ହୋଇ ପାରିବ, ଏହି ଧାରଣା ସମସ୍ତ ନାଟ୍ୟକାରମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା ଓ ସ୍ୱଜାତିକୁ ଶିକ୍ଷା ଓ ଆନନ୍ଦ ଦେବା ନିମନ୍ତେ ପ୍ରଥମରୁ ରାମଶଙ୍କର ବାବୁ ବ୍ୟସ୍ତ ହୋଇ ଥିଲେ ।

ନାଟ୍ୟକାର ଧାର୍ମିକ କାଞ୍ଚିବିଜୟ ପ୍ରସଙ୍ଗଟି ନିର୍ବାଚନ କଲେ, ତାହାର କୈଫିୟତ ନାଟକର ଆରମ୍ଭରେ ଦେଇଛନ୍ତି । ବଙ୍ଗଦେଶୀୟ ନାଟକ ଓଡ଼ିଶାରେ ଅଭିନୀତ ହେଉଥିବାର ଦେଖି ତାଙ୍କର ମନ ବିଦ୍ରୋହୀ ହେବାରୁ ସେ ଓଡ଼ିଶାର ଗୌରବମୟ ଯୁଗର ଶବ୍ଦ ଘେନି ପ୍ରଥମେ ଓଡ଼ିଆ ନାଟକ ରଚନାରେ ପ୍ରବୃତ୍ତ ହେବା ସ୍ୱାଭାବିକ । ପୁରୁଷୋତ୍ତମ ଦେବ

ଗୋଟିଏ ପ୍ରତିଦ୍ୱନ୍ଦୀ ଅଭିନେତା ଦଳର ମଧ୍ୟ ସୃଷ୍ଟି ହେଲା । ଅପ୍ରେଲ୍ ୨୮ ତାରିଖ ୧୮୭୮ ଖ୍ରୀଷ୍ଟାବ୍ଦ ଦିନ ବାବୁ ବ୍ରଜମୋହନ ମିଶ୍ରଙ୍କ ଘରଠାରେ ଗୋଟିଏ ଭିନ୍ନ ଦଳ ନାଟକ ଅଭିନୟ କରିଥିଲେ, ମାତ୍ର ଏହି ଅଭିନୟ ସ୍ଥଳ ଲୋକମାନଙ୍କର ଆଗ୍ରହ ସୂଚିତ ହୋଇ ନ ଥିଲା ଓ ଅଭିନେତାମାନେ ଅନେକେ ଅଳ୍ପବୟସ୍କ ସ୍କୁଲ ବାଳକ ଥିବାରୁ ଏଥିର ତୀବ୍ର ସମାଲୋଚନା ମଧ୍ୟ ହୋଇଥିଲା ।

୧୮୭୯ ଖ୍ରୀଷ୍ଟାବ୍ଦରେ ଆଉ ନାଟକ ଅଭିନୀତ ହୋଇ ନାହିଁ ଓ ଉଭୟ ଦଳ ପରସ୍ପର ମଧ୍ୟରେ ବିବାଦ କରି ଅଭିନୟ ସମ୍ପୂର୍ଣ୍ଣଭାବରେ ବନ୍ଦ କରି ଦେଇଥିଲେ । କେବଳ ଏହି ବର୍ଷ ଦୁର୍ଗାପୂଜା ସମୟରେ କେତେକ ଯୁବକ ମିଶି ଗୋଟିଏ ଅଭିନୟ କରିଥିଲେ, ମାତ୍ର ତାହା ତେତେ ଚିତ୍ତାକର୍ଷକ ହୋଇ ପାରି ନ ଥିଲା । ୧୮୮୦ ଖ୍ରୀଷ୍ଟାବ୍ଦରେ ସରସ୍ୱତୀପୂଜା ଉପଲକ୍ଷେ "ଦୁଇ ଦଳର ଯୁବକ ଏକତ୍ରମେଳରେ ୧୦ଦିନ ମଧ୍ୟରେ ପ୍ରସ୍ତୁତ ହୋଇ ନାଟ ବେଶନବାରୁ ଅଭିନୟ ଦେଖାଇଥିଲେ । 'ଏକେଇକି ବଲେ ସଭ୍ୟତା' ଅଭିନୟର ବିଷୟ ଥିଲା ।" * ଏହି ବର୍ଷ ଫେବ୍ରୁଆରୀ ମାସରେ ଓଡ଼ିଶାରେ ଅବସ୍ଥାପିତ ଜଣେ ବଙ୍ଗୀୟ ଡେପୁଟି ଶ୍ରୀ ରଙ୍ଗଲାଲ୍ ବାନାର୍ଜ୍ଜୀ 'କାଞ୍ଚିକାବେରୀ' ନାମକ ଗୋଟିଏ କାବ୍ୟ ପ୍ରକାଶ କରିଥିଲେ ଓ ଏହି ପଦ୍ୟ ଗ୍ରନ୍ଥର ସମାଲୋଚନା ମଧ୍ୟ ଉତ୍କଳ ଦୀପିକାରେ ପ୍ରକାଶିତ ହୋଇଥିଲା । ଓଡ଼ିଶାରେ ଦୁଇ ତିନି ବର୍ଷ ଏକାଦିକ୍ରମେ ବଙ୍ଗଳା ନାଟକ ଅଭିନୀତ ହେଉଥିବାରୁ ଏଠାରେ ଓଡ଼ିଆ ନାଟକ ରଚନା ଓ ଅଭିନୟ କରିବା ପ୍ରତି ଆଗ୍ରହ ହେବା ସ୍ୱାଭାବିକ ଓ ଏହି ପରିସ୍ଥିତିରେ ଓଡ଼ିଆ ନାଟକ ରଚିତ ଓ ଅଭିନୀତ ହୋଇଥିଲା । ଓଡ଼ିଆ ନାଟ୍ୟକାରଙ୍କ ସମ୍ମୁଖରେ ସଂସ୍କୃତ ନାଟକ, ଇଂରାଜୀ ନାଟକ, ଓଡ଼ିଆ ଯାତ୍ରା, ବଙ୍ଗଳା ନାଟକ ପ୍ରଭୃତିର ଆଦର୍ଶ ଥିଲା ଓ ଏ ସମସ୍ତରୁ ରସ ଗ୍ରହଣ କରି ନିଜର ପ୍ରତିଭାଦ୍ୱାରା ଅନୁପ୍ରାଣିତ ହୋଇ ନାଟ୍ୟକାର ଓଡ଼ିଆ ନାଟକ ଲେଖିବାରେ ପ୍ରବୃତ୍ତ ହେଲେ ।

---

* ଉତ୍କଳ ଦୀପିକା—ତା ୨୮।୨।୧୮୮୦

# ତୃତୀୟ ପରିଚ୍ଛେଦ

## ପ୍ରଥମ ଓଡ଼ିଆ ନାଟକ

ଓଡ଼ିଆରେ ପ୍ରଥମ ନାଟକ ରଚିତ ହେଲା ୧୮୮୦ ମସିହାରେ । ତାହା ପୂର୍ବରୁ ଯେଉଁ 'ବାବାଜୀ' ନାଟକ ରଚିତ ହୋଇଥିଲା, ତାହା ବାସ୍ତବରେ ନାଟକ ନୁହେଁ । ୧୮୭୮ ମସିହାରେ କଟକ ନଗରରେ କେତେକ ଯୁବକଙ୍କ ଉଦ୍ୟମରେ ପ୍ରଥମରେ ରଙ୍ଗମଞ୍ଚ ଗଢ଼ା ହୋଇ ବଙ୍ଗଳା ନାଟକ ଅଭିନୀତ ହୋଇଥିଲା ଓ ଏହି ସମୟରେ ରାମଶଙ୍କର କଲେଜର ଛାତ୍ର । ୧୮୭୯ ମସିହାରେ ରାମଶଙ୍କର ବାବୁ ଏଫ୍. ଏ. ପାଶ କରି ବିଦ୍ୟାଳୟର ପାଠ ସାଙ୍ଗ କଲେ ଓ ସଙ୍ଗେ ସଙ୍ଗେ ରାଜକାର୍ଯ୍ୟରେ ନିଯୁକ୍ତ ହେଲେ ଓ ସାହିତ୍ୟଚର୍ଚ୍ଚା କରିବାକୁ ତାଙ୍କୁ ଯଥେଷ୍ଟ ସୁଯୋଗ ଓ ଅବସର ମଧ୍ୟ ମିଳିଲା । ଏହି ସମୟରେ ପ୍ରିଣ୍ଟିଂ କମ୍ପାନୀରେ ସେ ତାଙ୍କ ଜ୍ୟେଷ୍ଠଭ୍ରାତା ଗୌରୀଶଙ୍କର ବାବୁଙ୍କୁ ନାନା ବିଷୟରେ ସାହାଯ୍ୟ ମଧ୍ୟ କରୁଥିଲେ ଓ ରଙ୍ଗଲାଲ ବାବୁଙ୍କ ପ୍ରଣୀତ କାଞ୍ଚିକାବେରୀ କାବ୍ୟଗ୍ରନ୍ଥ ବିଷୟ ପ୍ରଥମରୁ ତାଙ୍କର ଦୃଷ୍ଟିପଥାରୂଢ଼ ହୋଇଥିବ । ପ୍ରଥମରୁ ନାଟକ ରଚନା କରିବା ସମୟରେ ନାଟ୍ୟକାର ସାଧାରଣ ଲୋକଙ୍କର ସାମୟିକ ତୃପ୍ତିବିଧାନ କରିବା ଅପେକ୍ଷା ସେମାନଙ୍କୁ ଶିକ୍ଷା ଦେବା ଅଧିକ ପ୍ରୟୋଜନ ବୋଲି ମନେ କରୁଥିଲେ ଓ ନିଜର ନାଟ୍ୟବସ୍ତୁ ଯେପରି ସୁରୁଚିସଙ୍ଗତ ହୁଏ ଓ ଓଡ଼ିଶାର ଜାତୀୟ ଗୌରବର ଅନୁକୂଳ ହୁଏ, ସେ ବିଷୟ ପ୍ରତି ମଧ୍ୟ ତାଙ୍କର ଦୃଷ୍ଟି ସମ୍ୟକ୍ ଭାବରେ ଆକୃଷ୍ଟ ହୋଇଥିଲା । ନାଟକୀୟ କଥାବସ୍ତୁର ଅଭିନୟଦ୍ୱାରା ଲୋକଶିକ୍ଷା ସହଜରେ ସାଧିତ ହୋଇ ପାରିବ, ଏହି ଧାରଣା ସଂସ୍କୃତ ନାଟ୍ୟକାରମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା ଓ ଯୁଗପତ୍ ଶିକ୍ଷା ଓ ଆନନ୍ଦ ଦେବା ନିମନ୍ତେ ପ୍ରଥମରୁ ରାମଶଙ୍କର ବାବୁ ବ୍ୟସ୍ତ ହୋଇ ଥିଲେ ।

ନାଟ୍ୟକାର କାଞ୍ଚି କାବେରୀକୁ ପ୍ରସଙ୍ଗଟି ନିର୍ବାଚନ କଲେ, ତାହାର କୈଫିୟତ ନାଟକର ଅବତରଣରେ ଦେଇଛନ୍ତି । ବଙ୍ଗଦେଶୀୟ ନାଟକ ଓଡ଼ିଶାରେ ଅଭିନୀତ ହେଉଥିବାର ଦେଖି ତାଙ୍କର ମନ ବିଦ୍ରୋହୀ ହେବାରୁ ସେ ଓଡ଼ିଶାର ଗୌରବମୟ ଯୁଗର କଥା ନେଇ ପ୍ରଥମେ ଓଡ଼ିଆ ନାଟକ ରଚନାରେ ପ୍ରବୃତ୍ତ ହେବା ସ୍ୱାଭାବିକ । ପୁରୁଷୋତ୍ତମ ଦେବ

କାଞ୍ଚିଦେଶ ଜୟ କରି ସେଠାରୁ କାଞ୍ଚିରାଜକନ୍ୟା ପଦ୍ମାବତୀଙ୍କୁ ଘେନି ଆସିଥିଲେ ଓ ସେଠାର ଇଷ୍ଟଦେବତା ଗଣପତିଙ୍କୁ ଆଣି ପୁରୀ ଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠା କରିଥିଲେ । ଏହି ଗୌରବମୟ କାହାଣୀ ଓ ଉତ୍କଳୀୟ ସେନାମାନଙ୍କର କାଞ୍ଚିବିଜୟ ଉତ୍କଳ ଇତିହାସର ଏକ ବିଶିଷ୍ଟ ଅଂଶ ଥିବାରୁ ଏହି ବିଷୟଟି ପ୍ରଥମ ଓଡ଼ିଆ ନାଟକରେ ସ୍ଥାନ ହେବା ସ୍ୱାଭାବିକ ହୋଇଅଛି । ପୁନଶ୍ଚ ଏହି କଥାବସ୍ତୁରେ ନାଟକ ବା ଉପନ୍ୟାସର ଜୀବନ୍ତ ବସ୍ତୁ ପ୍ରେମର ଚିତ୍ର ପ୍ରଦର୍ଶିତ ହେବାର ଅବସର ମଧ୍ୟ ରହିଛି । ଓଡ଼ିଆ ସମାଜରେ ବିବାହ ପୂର୍ବରୁ ପ୍ରେମ ଚିତ୍ରଣ କଲେ ତାହା ଅବାସ୍ତବ ଓ ହାସ୍ୟକର ପ୍ରତୀତ ହେବ, ଅଥଚ ପ୍ରେମର ଚିତ୍ର ନ ଥିଲେ ନାଟକ ବା ଉପନ୍ୟାସ ସମ୍ୟକ୍ ହୃଦୟଗ୍ରାହୀ ହୋଇ ନ ପାରେ, ଏହି କାରଣରୁ ପ୍ରାକ୍‌ବିବାହପ୍ରେମର ଚିତ୍ର ଦେବା ଓଡ଼ିଆ ସାହିତ୍ୟ ପୁସ୍ତକମାନଙ୍କରେ ଏକ ଅତି କଠିନ ବ୍ୟାପାର ଓ ନାୟକନାୟିକାମାନଙ୍କର କୌଣସି ସ୍ଥାନରେ ମିଳନ ଓ ପରସ୍ପର ପ୍ରତି ଆକର୍ଷଣର ଚିତ୍ର ଦେବା ଓଡ଼ିଆସମାଜର ପରିସ୍ଥିତି ମଧ୍ୟରେ ଏକାନ୍ତ ଅସମ୍ଭବ । ମାତ୍ର ରଥଯାତ୍ରା ସମୟରେ ପୁରୀରେ ବିରାଟ ଜନ-ସମାଗମ ହୋଇଥାଏ, କାରଣ ନାନା ପ୍ରଦେଶରୁ ସହସ୍ର ସହସ୍ର ଲୋକ ଆସି ଏକତ୍ରିତ ହୁଅନ୍ତି । ଏହି ଜନସମାଗମ ସମୟରେ ପଦ୍ମାବତୀ ଓ ପୁରୁଷୋତ୍ତମ ଦେବଙ୍କ ପରସ୍ପର ପ୍ରତି ପ୍ରେମ ଜାତ ହେବା ସ୍ୱାଭାବିକ ଓ ଉତ୍କଳର ଗୌରବମୟ ଇତିହାସର କିୟଦଂଶ ବର୍ଣ୍ଣନା ସଙ୍ଗେ ସଙ୍ଗେ ପ୍ରେମର ଚିତ୍ର ବର୍ଣ୍ଣନା କରିବାର ଅବକାଶ ଥିବାରୁ ଏହି ବିଷୟ ଅବଲମ୍ବନ କରି ନାଟକ ରଚନା କରିବା ନିମନ୍ତେ ନାଟ୍ୟକାର ନିଶ୍ଚୟ ଉତ୍ସାହିତ ହୋଇ-ଥିଲେ ।

ମାତ୍ର ନାଟକର ପ୍ରଧାନ ଅବଲମ୍ବନ ରଙ୍ଗଲାଲ୍ ବାବୁଙ୍କର କାଞ୍ଚିକାବେରୀ କାବ୍ୟ ଓ ନାଟ୍ୟକାର ଏହି କାବ୍ୟଗତ ବିଷୟକୁ ଅନେକ ସ୍ଥଳରେ ନିଷ୍ଠାସହକାରେ ଅନୁସରଣ କରିଅଛନ୍ତି । କାଞ୍ଚିକାବେରୀ ନାମରେ ଗୋଟିଏ ଓଡ଼ିଆ କାବ୍ୟ ପ୍ରଚଳିତ ଥିଲା । ମାଦଳାପାଞ୍ଜିରେ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ବିଷୟରେ ଅନ୍ୟ ଅନେକ ଜ୍ଞାତବ୍ୟ କଥା ଥିଲା । କିନ୍ତୁ ନାଟ୍ୟକାର ଏ ସମସ୍ତଙ୍କୁ ବ୍ୟବହାର କରିଥିବା ଜଣାଯାଏ ନାହିଁ । ରାଜାଙ୍କର ଯୁଦ୍ଧଯାତ୍ରା, ଦାସଙ୍କର ପ୍ରଗାଢ଼ ଭକ୍ତି, କାଞ୍ଚିଗଡ଼ଠାରେ ହୋଇବାର ଯୁଦ୍ଧ; ଜଗନ୍ନାଥ ଓ ବଳଭଦ୍ରଙ୍କର ରାଜାଙ୍କୁ ସାହାଯ୍ୟ କରିବା ଓ ପରିଶେଷରେ ପଦ୍ମାବତୀଙ୍କ ସହିତ ପୁରୁଷୋତ୍ତମ ଦେବଙ୍କ ମିଳନ ଏହି

ସମସ୍ତ ବିଷୟ ରାମଲାଲ୍ ବାବୁଙ୍କ କାବ୍ୟଗ୍ରନ୍ଥରେ ବିଶଦଭାବରେ ଦିଆଯାଇଅଛି ଓ ଏ ସମସ୍ତ ସମ୍ଭବତଃ ପ୍ରାଚୀନ ଓଡ଼ିଆ କାଞ୍ଚିକାବେରୀ କାବ୍ୟର କଥାବସ୍ତୁ ଉପରେ ସାଧାରଣ ଭାବରେ ପ୍ରତିଷ୍ଠିତ । କେବଳ ଦୁଇଗୋଟି ମୁଖ୍ୟ ବିଷୟରେ ନାଟ୍ୟକାର ରାମଲାଲ୍ ବାବୁଙ୍କ କୃତ କାଞ୍ଚିକାବେରୀ କାବ୍ୟକୁ ଅନୁସରଣ କରି ନାହାନ୍ତି—ଗୋଟିଏ ଭଦ୍ରାର ଚରିତ୍ର ଓ ଅନ୍ୟଟି ପୁରୁଷୋତ୍ତମ ଦେବଙ୍କ ପ୍ରଥମ ପତ୍ନୀତ୍ୟାଗର କାରଣ ନିର୍ଦ୍ଦେଶ । ନାଟକ ମଧ୍ୟରେ ସଙ୍ଗୀତ ସଂଯୋଗ କରିବାର ଏକମାତ୍ର ଉପାୟ ଭଦ୍ରାର ଚରିତ୍ର ସୃଷ୍ଟି ଓ ନାଟ୍ୟକାର ନାଟକ ମଧ୍ୟରେ ସଙ୍ଗୀତ ଦେବା ଏକାନ୍ତ ପ୍ରୟୋଜନ ବୋଧ କରି ଏହି ଚରିତ୍ରର କଳ୍ପନା କରିଅଛନ୍ତି । ପୁଣି ପୁରୁଷୋତ୍ତମ ଦେବଙ୍କ ପତ୍ନୀତ୍ୟାଗ ନିମନ୍ତେ ତାହାଙ୍କର ଭକ୍ତିକୁ ଦାୟୀ କରି ନାଟ୍ୟକାର ଅତ୍ୟନ୍ତ ସ୍ୱାଭାବିକଭାବରେ ସେହି ପତ୍ନୀତ୍ୟାଗର କାରଣ ନିର୍ଦ୍ଦେଶ କରିଅଛନ୍ତି । ବାସ୍ତବରେ କଥାବସ୍ତୁଟି ଉକ୍ତ କାବ୍ୟଗ୍ରନ୍ଥରୁ ମୁଖ୍ୟତଃ ଗୃହୀତ ହୋଇଥିଲେହେଁ, ନାଟ୍ୟକାର କେତେକ ସ୍ଥାନରେ ଏହାର ପରିବର୍ତ୍ତନ କରି କଥାବସ୍ତୁକୁ ସର୍ବଥା ନାଟକୀୟ କରିବା ନିମନ୍ତେ ସଚେଷ୍ଟ ହୋଇଛନ୍ତି ।

କଥାବସ୍ତୁକୁ ଅବଲମ୍ବନ କରି ନାଟକ ରଚନା କରିବା ସମୟରେ ଲେଖକଙ୍କ ସମ୍ମୁଖରେ ଚାରିଗୋଟି ଆଦର୍ଶ ଥିଲା—ପ୍ରଥମ ସଂସ୍କୃତ ନାଟ୍ୟ ସାହିତ୍ୟ, ବିଶେଷତଃ ଶକୁନ୍ତଳା; ଦ୍ୱିତୀୟତଃ ଇଂରାଜୀ ନାଟ୍ୟ ସାହିତ୍ୟ, ବିଶେଷତଃ ସେକ୍ସପିଅର୍ (Shakespeare)ଙ୍କ ଅମର ନାଟକାବଳୀ; ତୃତୀୟତଃ ବଙ୍ଗଳା ନାଟକମାନ ଓ ଚତୁର୍ଥତଃ ଓଡ଼ିଶାରେ ପ୍ରଚଳିତ ଯାତ୍ରା । ଏହି ଆଦର୍ଶମାନଙ୍କ ମଧ୍ୟରୁ ବଙ୍ଗଳା ନାଟକର ଆଦର୍ଶ ତାଙ୍କ ସମ୍ମୁଖରେ ମୁଖ୍ୟତଃ ବିରାଜିତ ଥିଲେହେଁ, ବଙ୍ଗଳା ନାଟକର ପ୍ରତିଦ୍ୱନ୍ଦ୍ୱୀ ରୂପରେ ନାଟକ ରଚନା କରିବା ଉଦ୍ଦେଶ୍ୟରେ ତାଙ୍କର ନାଟକ ରଚିତ ହୋଇଥିବାରୁ, ବଙ୍ଗୀୟ ନାଟକର ପ୍ରଭାବ ପରିହାର କରିବା ନିମନ୍ତେ ସେ ଏକାନ୍ତ ସଚେଷ୍ଟ ଥିଲେ । ବଙ୍ଗଦେଶୀୟ ନାଟକମାନଙ୍କରେ ଏହି ସମୟରେ ଅମିତ୍ରାକ୍ଷର ଛନ୍ଦ ଭାବରାଶି ପ୍ରକାଶ କରିବାରେ ବିଶେଷ ଉପଯୋଗୀ ଥିବାରୁ ନାଟ୍ୟକାର ସ୍ଥାନେ ସ୍ଥାନେ ଅମିତ୍ରାକ୍ଷର ଛନ୍ଦ ପ୍ରଚଳିତ କରିଅଛନ୍ତି । ମାତ୍ର ଓଡ଼ିଶାରେ ଏହି ଛନ୍ଦ ନୂତନ ବ୍ୟବହୃତ ହେଉଥିବାରୁ ଓ ନାଟ୍ୟକାର ସେଥିରେ ସେତେ ଅଭିଜ୍ଞ ନ ଥିବାରୁ, ନାଟକର ଅଧିକାଂଶ ଭାଗ ଗଦ୍ୟରେ ରଚନା କରିଥିଲେ । ବସ୍ତୁତଃ ଏହି ଅମିତ୍ରାକ୍ଷର ଛନ୍ଦ କବିବର ରାଧାନାଥ

ସ୍ରଷ୍ଟାଙ୍କ ହସ୍ତରେ ମାର୍ଜିତ ହୋଇ ନାନା ନୂତନ ରସ ପ୍ରକାଶ କରିବାରେ ସମର୍ଥ ହୋଇଥିଲା ଓ ନାଟ୍ୟକାର ମଧ୍ୟ ଏହାକୁ ଅନ୍ୟାନ୍ୟ ନାଟକରେ ପୂର୍ଣ୍ଣ ମାତ୍ରାରେ ବ୍ୟବହାର କରିଅଛନ୍ତି ।

ଇଂରେଜୀ ନାଟକ ଓ ଓଡ଼ିଶାରେ ପ୍ରଚଳିତ ଯାତ୍ରାର ପ୍ରଭାବ ଗୌଣ-ଭାବରେ ଏହି ନାଟକର ଅନେକ ସ୍ଥାନରେ ଦେଖାଯାଏ ଓ ନାଟ୍ୟକାର ଏମାନଙ୍କଦ୍ୱାରା ପ୍ରଭାବିତ ନ ହୋଇ ଏମାନଙ୍କର କେତେକ ରୀତିକୁ ନିଜସ୍ୱ କରି ପାରିଅଛନ୍ତି । ଯେଉଁ ଯେଉଁ ସ୍ଥାନରେ ପଦ୍ମାବତୀ ଓ ଭଦ୍ରା ସଙ୍ଗୀତଦ୍ୱାରା ନିଜ ନିଜର ମନୋଭାବ ବ୍ୟକ୍ତ କରୁଅଛନ୍ତି, ସେ ସମସ୍ତ ସ୍ଥାନରେ ଯାତ୍ରାର ଅନୁକରଣ ସୁସ୍ପଷ୍ଟ । ବାସ୍ତବରେ ଯାତ୍ରାର ସଙ୍ଗୀତବାହୁଲ୍ୟ ସହିତ ନାଟ୍ୟକାର ଓ ଦର୍ଶକମାନଙ୍କର ପରିଚୟ ନ ଥିଲେ ତୃତୀୟ ଅଭିନୟ ଚତୁର୍ଥ ଦୃଶ୍ୟରେ ପଦ୍ମାବତୀ ଯେପରି ଭାବରେ ସଙ୍ଗୀତଦ୍ୱାରା ନିଜର ମନୋଭାବ ଭଦ୍ରାଠାରେ ବ୍ୟକ୍ତ କରନ୍ତି, ତାହା କେବେହେଁ ସ୍ୱାଭାବିକ ହୋଇ ପାରି ନ ଥାନ୍ତା ଓ ପଦ୍ମାବତୀ ଯେତେବେଳେ ବିକଳ ସ୍ୱରରେ "କି ସୁଖେ ଯେଉଁଥିବ ଭଦ୍ରେ ! ମନ" ବୋଲି ସଙ୍ଗୀତ ଆରମ୍ଭ କଲେ, ସେତେବେଳେ ତାହାର ଅସଙ୍ଗତି ଓ ଅସ୍ୱାଭାବିକତା ଦର୍ଶକମାନଙ୍କର ହାସ୍ୟ ଉଦ୍ରେକ କରିଥାନ୍ତା ।

ସଂସ୍କୃତ ନାଟକର ପ୍ରଭାବ ଏହି ନାଟକର ଅନେକ ଅଂଶରେ ଦେଖାଯାଇଥାଏ । ନାଟକକୁ ପଞ୍ଚାଙ୍କରେ ବିଭକ୍ତ କରି ଅଭିନୟ ପ୍ରଦର୍ଶନ କରିବା ଓ କଥାବସ୍ତୁକୁ ଯଥାଯଥଭାବରେ ବିନ୍ୟସ୍ତ କରିବାର ଚେଷ୍ଟା ଓଡ଼ିଆରେ ଏହି ପ୍ରଥମ । ସଂସ୍କୃତରେ ନାଟକକୁ ପାଞ୍ଚଗୋଟି ବିଭିନ୍ନ ଅଂଶରେ ବିଭାଗ କରିବାର ରୀତି ପ୍ରଚଳିତ ହୋଇଥିଲା ଓ ପାଞ୍ଚଗୋଟି ସନ୍ଧି ଯେପରି ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଷ ଓ ନିର୍ବହଣ—ଏହି ପାଞ୍ଚଗୋଟି ବିଭିନ୍ନ ଅଂଶରେ ନାଟକର କଥାବସ୍ତୁକୁ ବିଭକ୍ତ କରି ଅଭିନୟୋପଯୋଗୀ କରିବାର ରୀତି ପ୍ରଚଳିତ ହୋଇଥିଲା । ଓଡ଼ିଶାର ପ୍ରଥମ ନାଟକରେ ନାଟ୍ୟକାର ଏହି ପାଞ୍ଚଗୋଟି ସନ୍ଧି ପ୍ରତି ଲକ୍ଷ୍ୟ ରଖି ନାଟକର କଥାବସ୍ତୁକୁ ବିଭକ୍ତ କରିଅଛନ୍ତି—ପ୍ରଥମ ଅଭିନୟରେ ପୁରୀଠାରେ କାଞ୍ଚି-ବିଜୟଯାତ୍ରାର ଉଦ୍ୟୋଗ ଓ ଯାତ୍ରାର ଆରମ୍ଭ । ଦ୍ୱିତୀୟ ଅଭିନୟରେ ଯାତ୍ରାକାଳୀନ ଅଦପୁରଠାରେ ବିଜୟର ନୈଶ୍ଚିତ୍ୟ ସୂଚନା ଓ ଜଗନ୍ନାଥ ଦେବଙ୍କର ସାହାଯ୍ୟପ୍ରାପ୍ତି ବିଷୟରେ ନିଶ୍ଚିତତା ଅନୁଭବ କରିବା; ତୃତୀୟ ଅଭିନୟରେ କାଞ୍ଚିରାଜଙ୍କ ପ୍ରଥମ ସମରରେ ଜୟ ଓ ତଜ୍ଜନିତ ଉଲ୍ଲାସ ।

ପୁଣି ପଦ୍ମାବତୀଙ୍କର ସ୍ୱୟମ୍ବରର ଉଦ୍ୟୋଗ ଓ ପଦ୍ମାବତୀଙ୍କର ପୁରୁଷୋତ୍ତମ ଦେବଙ୍କ ପ୍ରତି ପ୍ରେମର ପ୍ରକାଶ; ଚତୁର୍ଥ ଅଭିନୟରେ ପୁରୁଷୋତ୍ତମ ଦେବଙ୍କ ଦୈବଜନିତ ପରାଭବ ପଶ୍ଚାତେ ଅନୁତାପ ଓ ଯୁଦ୍ଧ ଜୟ କରି ପଦ୍ମାବତୀଙ୍କୁ ବନ୍ଦୀ କରି ପୁରୀ ପ୍ରତ୍ୟାବର୍ତ୍ତନ ଓ ପଞ୍ଚମ ଅଭିନୟରେ ପୁରୁଷୋତ୍ତମ ଦେବଙ୍କ ସହିତ ପଦ୍ମାବତୀଙ୍କ ମିଳନ ବର୍ଣ୍ଣିତ ହୋଇଅଛି । ନାଟକୀୟ କଥାବସ୍ତୁରେ ପଦ୍ମାବତୀଙ୍କ ସହିତ ପୁରୁଷୋତ୍ତମ ଦେବଙ୍କର ମିଳନ ମୁଖ୍ୟ ବିଷୟ ଥିବାରୁ ଏହି ମିଳନର ଉଦ୍ୟୋଗରେ କଥାବସ୍ତୁର ଆରମ୍ଭ ହେଲା । ଉଦ୍ୟୋଗର ଅବିଚ୍ଛିନ୍ନତା (continuity), ମିଳନରେ ସାମୟିକ ବାଧା ଓ ତଜ୍ଜନିତ ଉଭୟଙ୍କ ପରସ୍ପର କଷ୍ଟ, ମିଳନର ସମ୍ଭାବନା ଓ ପରିଶେଷରେ ମିଳନ ଏହିପରି ଭାବରେ କଥାବସ୍ତୁକୁ ବିନ୍ୟସ୍ତ କରାଯାଇଅଛି ଓ ନାଟକର ରୀତି ସଂସ୍କୃତ ନାଟକର ନିୟମାନୁସାରେ ମୁଖ୍ୟବସ୍ତୁ ଓ ଏକାନ୍ତ ପ୍ରୟୋଜନୀୟ ଥିବାରୁ ପ୍ରଥମ ଓ ପଞ୍ଚମ ଅଭିନୟରେ ତିନୋଟି, ଦ୍ୱିତୀୟରେ ଗୋଟିଏ ଓ ଚତୁର୍ଥ ଅଭିନୟରେ ଦୁଇଗୋଟି ଦୃଶ୍ୟ ସଂଯୋଜିତ ଥିଲେହେଁ ତୃତୀୟ ଅଭିନୟରେ ପାଞ୍ଚଗୋଟି ବିଭିନ୍ନ ଦୃଶ୍ୟର ସମାବେଶ ନାଟ୍ୟକାର କରିଅଛନ୍ତି ।

ସଂସ୍କୃତ ରୀତି ଅନୁସରଣ କରି ଏହି ପୁସ୍ତକରେ ଗୋଟିଏ ପ୍ରସ୍ତାବନା ମଧ୍ୟ ଯୋଗ କରାଯାଇଅଛି । ସୂତ୍ରଧାର ଆସି ରଙ୍ଗମଞ୍ଚ ଉପରେ ଅଭିନୟର ପ୍ରୟୋଜନ ବ୍ୟାଖ୍ୟା କରିବା, ନଟ ଓ ନଟୀମାନେ ଆସି କାଞ୍ଚୀକାବେରୀ ନାଟକର ଅଭିନୟ ପ୍ରସ୍ତାବ କରିବା ସୁଲଳିତ ସଂଗୀତ ଗାନ କରିବା ଓ ନାଟକୀୟ କଥାବସ୍ତୁର ଆଭାସ ଦେଇ ଦର୍ଶକମାନଙ୍କୁ ତଦ୍ଦର୍ଶନରେ ଉନ୍ମୁଖ କରିବା ପ୍ରଭୃତିରେ ସଂସ୍କୃତ ନାଟକୀୟ ରୀତି ଅନୁସୃତ ହୋଇଅଛି । ଏହି ରୀତି ନାଟ୍ୟକାର ପରବର୍ତ୍ତୀ କେତେକ ନାଟକରେ ଅନୁସରଣ କରି ପରେ ପରିହାର କରିଅଛନ୍ତି । କାଞ୍ଚୀକାବେରୀ ନାଟକର ପ୍ରସ୍ତାବନାଦ୍ୱାରା କେତେକ ବିଶେଷ ଉଦ୍ଦେଶ୍ୟ ସାଧିତ ହୋଇଅଛି ଓ; ବିଷୟବସ୍ତୁର କେତେକ ପ୍ରୟୋଜନୀୟ ତଥ୍ୟମାନ ଦର୍ଶକମାନଙ୍କ ସମ୍ମୁଖରେ ପ୍ରକାଶ କରିବା ଦ୍ୱାରା ସେମାନଙ୍କ ମନରେ କୌତୂହଳର ସଞ୍ଚାର କରାଯାଇଅଛି । ପ୍ରସ୍ତାବନା ଓ ସଙ୍ଗୀତ ଗାନ କରିବା ଦ୍ୱାରା ନାଟକର ବାସ୍ତବ ଅଭିନୟରେ କିଛି ବିଳମ୍ବ ଘଟିଥାଏ । ମାତ୍ର ଅନେକ ଦର୍ଶକ ବିଳମ୍ବରେ ନାଟ୍ୟଶାଳାକୁ ଆସୁଥିବାରୁ ଏହା ଦ୍ୱାରା ସେମାନଙ୍କର କଥାବସ୍ତୁକୁ ଅନୁସରଣ କରିବା ସହଜସାଧ୍ୟ ହୋଇଅଛି । ସାଧାରଣତଃ ସଂସ୍କୃତ

ନାଟକମାନଙ୍କରେ ପ୍ରସ୍ତାବନା ରହୁଥିବାରୁ ନାଟ୍ୟକାର କାଞ୍ଚିକାବେରୀରେ ପ୍ରସ୍ତାବନାର ସଂଯୋଗ କରିଅଛନ୍ତି ଓ ଏହା ଦ୍ୱାରା ନାଟକ ସମ୍ବନ୍ଧରେ ନିଜର ମନୋଭାବ ବ୍ୟକ୍ତ କରିବାର ସୁବିଧା ମଧ୍ୟ ପାଇଅଛନ୍ତି ।

ସଂସ୍କୃତ ନାଟକ ଧର୍ମମୂଳକ ଓ ଏଥିରେ ମର୍ତ୍ତ୍ୟବାସୀ ଲୋକମାନଙ୍କର ସୁଖ ଦୁଃଖ ଅତି ପ୍ରାକୃତ ଲୋକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେବାର ବର୍ଣ୍ଣିତ ଥାଏ । ଇଂରାଜୀ ସାହିତ୍ୟରେ ସାଧାରଣତଃ ଯେପରି ନାଟକୀୟ ଚରିତ୍ରମାନେ ନିଜ ନିଜ ଚରିତ୍ରଗତ କାର୍ଯ୍ୟକଳାପଦ୍ୱାରା ସୁଖଦୁଃଖର ଭାଗୀ ହୋଇଥାନ୍ତି ଓ ସାମାନ୍ୟ କେତେକ ନାଟକ ଛାଡ଼ିଦେଲେ କେବଳ ବାସ୍ତବ ଜଗତ୍‌ରୁ ନାଟକୀୟ କଥାବସ୍ତୁକୁ ପରିଣତିକୁ ନେଇଯାଇ ପାରନ୍ତି, ସଂସ୍କୃତ ସାହିତ୍ୟରେ ସେପରି ନୁହେଁ । ପୁଣି ଗ୍ରୀକ୍ ସାହିତ୍ୟରେ ଯେପରି ଦୁର୍ବାର ନିୟତି ନିଜ ଇଚ୍ଛାନୁସାରେ ଲୋକଙ୍କୁ ବିପଦର ସମ୍ମୁଖୀନ କରିଥାଏ, ସଂସ୍କୃତ ସାହିତ୍ୟରେ ତାହା ମଧ୍ୟ ଦେଖାଯାଏ ନାହିଁ । ସଂସ୍କୃତ ନାଟ୍ୟ-ସାହିତ୍ୟରେ ସୁଖ ଦୁଃଖ ଚରିତ୍ରମାନଙ୍କର ନିଜନିଜର ପାପପୁଣ୍ୟକୁ ଅନୁସରଣ କରେ । ନିୟତି ପ୍ରବଳ । ମାତ୍ର ପାପୀର ସୁଖ ଓ ପୁଣ୍ୟବାନର ଦୁଃଖ କିମ୍ବା ନିରପରାଧଙ୍କର ଅହେତୁକ ଦୁଃଖଭୋଗ ସଂସ୍କୃତ ନାଟକରେ ଅଚଳ । ଏଣୁ ନିୟତି ଓ ମନୁଷ୍ୟର କୃତକର୍ମର ପରିଣାମ, ଏ ଦୁହିଙ୍କ ମଧ୍ୟରେ ଗଭୀର ସାମଞ୍ଜସ୍ୟ ସଂସ୍କୃତ ନାଟକରେ ଦେଖାଯାଇଥାଏ ଓ ଅନେକ କ୍ଷେତ୍ରରେ ନାୟକ ଅତି ପ୍ରାକୃତ ସାହାଯ୍ୟଲାଭ କରି ନିଜର ଜୀବନକୁ ନିୟନ୍ତ୍ରିତ କରିବାକୁ ସଚେଷ୍ଟ ହୁଏ । ଏହା ଦ୍ୱାରା ଜନସାଧାରଣଙ୍କ ମନରେ ଧର୍ମଭାବ ଜାଗରୂକ ହୋଇଥାଏ । କାଞ୍ଚିକାବେରୀରେ ଏହିପରି ପୁରୁଷୋତ୍ତମ ଦେବଙ୍କର ଅତି ପ୍ରାକୃତ ଦୈବୀ ସାହାଯ୍ୟଲାଭ ବର୍ଣ୍ଣିତ ହୋଇଅଛି । ମାତ୍ର ଦେବତାମାନଙ୍କର ସଶରୀରରେ ରଙ୍ଗମଞ୍ଚରେ ଅବତରଣ ଓ ପ୍ରତ୍ୟକ୍ଷରେ ଲୋକମାନଙ୍କର ସୁଖ-ଦୁଃଖ ନିୟନ୍ତ୍ରଣ କରିବା ଅବାସ୍ତବ ବୋଲି ପ୍ରତୀତ ହେବା ଆଶଙ୍କା କରି ନାଟ୍ୟକାର ଜଗନ୍ନାଥ ବଳଭଦ୍ରଙ୍କୁ ସାକ୍ଷାତ୍ ଭାବରେ ରଙ୍ଗମଞ୍ଚ ଉପରକୁ ନ ଆଣି ପରୋକ୍ଷରେ ମାଣିକ ଦେଈଦ୍ୱାରା ସେମାନଙ୍କ ବର୍ଣ୍ଣନା ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ଦ୍ୱାରା ଭକ୍ତିରସ ଓ ବାସ୍ତବତା ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିଅଛନ୍ତି । ମୂଳ କାଞ୍ଚିକାବେରୀ କାବ୍ୟରେ ଜଗନ୍ନାଥ ବଳଭଦ୍ରଙ୍କର ମାଣିକ ଦେଈ ସହିତ କଥୋପକଥନ ପ୍ରଭୃତି ଯାହା ବର୍ଣ୍ଣିତ ହୋଇଅଛି, ନାଟ୍ୟକାର ସେ ସମସ୍ତ ପରିହାର କରି ନାଟକର ବାସ୍ତବତାକୁ ରକ୍ଷା କରିବାକୁ ସମର୍ଥ ହୋଇଅଛନ୍ତି । ଏହି ବାସ୍ତବତା ରକ୍ଷା କରିବା

କିମନ୍ତେ ଯେଉଁ ଯେଉଁ ସ୍ଥାନରେ ଦୈବ ସାହାଯ୍ୟର ବର୍ଣ୍ଣନା ମୂଳ ଗ୍ରନ୍ଥରେ ଅଛି, ସେହି ସ୍ଥାନମାନଙ୍କରେ ଅର୍ଥାତ୍ ଜଗନ୍ନାଥ ଓ ବଳଭଦ୍ରଙ୍କର ଯୁଦ୍ଧଯାତ୍ରା, ପୁରୁଷୋତ୍ତମ ଦେବଙ୍କୁ ଦ୍ୱିତୀୟ ଯୁଦ୍ଧରେ ସାହାଯ୍ୟ କରିବା, ପଦ୍ମାବତୀଙ୍କ ସହ ପ୍ରତ୍ୟାଗମନ ସମୟରେ ନଦୀର ଅପଥା ବୃଦ୍ଧିଦ୍ୱାରା କାଞ୍ଚିରାଜଙ୍କର ସୈନ୍ୟସମୂହ ପ୍ରଭୃତିର କେବଳ ଉଲ୍ଲେଖ ବର୍ଣ୍ଣନା ମାତ୍ର ନାଟକରେ ଦିଆ ଯାଇଅଛି । କାରଣ ଏହିପର ଦୃଶ୍ୟଗୁଡ଼ିକ ପ୍ରତ୍ୟକ୍ଷରେ ଅଭିନୀତ ହୋଇଥିଲେ, ନାଟକଟି ବିସଦୃଶ ହୋଇପଡନ୍ତା । କିନ୍ତୁ ଏସବୁକୁ ଉଲ୍ଲେଖରେ ରଖିବା ଦ୍ୱାରା ଏକ ଦିଗରେ ନାଟକଟିର ବାସ୍ତବ ଅଭିନୟ ସମ୍ଭବପର ହୋଇଅଛି, ଅନ୍ୟ ଦିଗରେ ନାଟକର ଅନ୍ତର୍ନିହିତ ଧର୍ମଭାବ ଯଥା ପାପପୁଣ୍ୟରୁ ଲୋକମାନଙ୍କ ସୁଖ ଦୁଃଖ ଫଳନ୍ତି, ମାନୁଷ ଦୈବବଳରେ ବଳୀୟାନ୍ ହୋଇ ଅସାଧ୍ୟ ସାଧନ କରିବାରେ ସମର୍ଥ ହେବା ପ୍ରଭୃତି ଅତିସୁନ୍ଦର ଭାବରେ ପ୍ରଦର୍ଶିତ ହେଉଅଛି ।

ମନୁଷ୍ୟର ସୁଖ ଦୁଃଖ ଦୈବାଧୀନ—ଏହି ଭାବ ଛଡ଼ା ଅତି ପ୍ରାକୃତ ଚରିତ୍ରମାନଙ୍କର କାର୍ଯ୍ୟାବଳୀ ବର୍ଣ୍ଣନା କରିବା ଦ୍ୱାରା ନାଟକୀୟ କଥାବସ୍ତୁ ଅନ୍ୟ ଦିଗରେ ମଧ୍ୟ ସଫଳ ହୋଇଅଛି । କାରଣ, ଏହି ନାଟକରେ ପୁରୁଷୋତ୍ତମ ଦେବ ଓ କାଞ୍ଚିରାଜା ଉଭୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ମୁଖ୍ୟ ବିଷୟ ଓ କାଞ୍ଚିରାଜାଙ୍କ ମହତ୍ତ୍ୱ ଓ ଦୈବାନୁଗ୍ରହର ବର୍ଣ୍ଣନାଦ୍ୱାରା ତାଙ୍କ ପରାଭବରେ ପୁରୁଷୋତ୍ତମ ଦେବଙ୍କ ଗୌରବବୃଦ୍ଧି ବର୍ଣ୍ଣିତ ହୋଇଅଛି ।

ଓଡ଼ିଶା ରାଜା ଦୈବବଳରେ ବଳୀୟାନ୍ । ସେ ପ୍ରକୃତ ଯୋଦ୍ଧା, କଳାସ୍ରଷ୍ଟା ଓ ଭକ୍ତ । ତାଙ୍କର ଗୁଣରାଶି ତାଙ୍କୁ କାଞ୍ଚିବିଜୟ କରିବାରେ ସମର୍ଥ କରିଅଛି, ଏଣୁହିଁ ନାଟକର ପ୍ରତିପାଦ୍ୟ ବିଷୟ ଓ କାଞ୍ଚିରାଜାଙ୍କର ସାହସ୍ତ୍ୱ ଓ ଅନ୍ୟାନ୍ୟ ସଦ୍‌ଗୁଣର ବର୍ଣ୍ଣନାଦ୍ୱାରା ପୁରୁଷୋତ୍ତମ ଦେବଙ୍କର ବିଜୟ ମହତ୍ତ୍ୱର ପ୍ରତିପାଦିତ ହୋଇଅଛି ।

ସଂସ୍କୃତ ନାଟକର ଗୋଟିଏ ବିଶେଷ ନିୟମ ଏହି ଯେ, ଏଥିରେ ଯୁଦ୍ଧ ପ୍ରଭୃତି ରଙ୍ଗମଞ୍ଚରେ ପ୍ରଦର୍ଶିତ ହୁଏ ନାହିଁ ଓ ସ୍ତ୍ରୀ ରଙ୍ଗମଞ୍ଚର ଅଳ୍ପ ପରିସର ମଧ୍ୟରେ ଯୁଦ୍ଧର ବିପୁଳ ସମାବେଶ ଦେଖାଇବା ମଧ୍ୟ ହାସ୍ୟକର । କାଞ୍ଚିକାବେରୀରେ ଏହି ରୀତି ଅନୁସୃତ ହୋଇଅଛି । ଦୁଇଗୋଟି ବିରାଟ ଯୁଦ୍ଧ କାଞ୍ଚିରାଜା ଓ ଓଡ଼ିଶାରାଜାଙ୍କ ମଧ୍ୟରେ ହୋଇଥିଲା । ଗୋଟିକରେ ଓଡ଼ିଶା ରାଜା ପରାଜିତ ଓ ଅନ୍ୟଟିରେ ବିଜୟୀ ହୋଇଥିଲେ । ମାତ୍ର ଏ ଉଭୟ ଯୁଦ୍ଧ ନାଟକର ରଙ୍ଗମଞ୍ଚରେ ପ୍ରଦର୍ଶିତ ନ ହୋଇ କେବଳ ସୂଚିତ

ଓ ପ୍ରକାରାନ୍ତରରେ ବର୍ଣ୍ଣିତ ହୋଇଅଛି । ଗୋଟିଏ ଦୃଶ୍ୟରେ କାଞ୍ଚୀରାଜା ନିଜର ସେନାପତିଙ୍କୁ ସମ୍ବୋଧନ କରି କହୁଛନ୍ତି, "ଏବେ ବଜ୍ରନାଦ ! କହର ଯୁଦ୍ଧକାଣ୍ଡର ଘଟନା ହେଲା, ଗୋଟି ଗୋଟି ସମସ୍ତ ବର୍ଣ୍ଣନା କରି ଦେଖୁଛଳୀଙ୍କୁ ସୁଖୀ କର ।" ସେନାପତିଙ୍କର ଯୁଦ୍ଧ ବର୍ଣ୍ଣନା ଯେ କେବଳ କାଞ୍ଚିରାଜଙ୍କ ପାଇଁ ହୋଇଥିଲା, ତାହା ନୁହେଁ; ତାହା ଅଭିନୟର ସମସ୍ତ ଦର୍ଶକ, ଶ୍ରୋତା ଓ ପୁସ୍ତକର ସମସ୍ତ ପାଠକମାନଙ୍କ ପାଇଁ ଅଭିପ୍ରେତ । ମାତ୍ର ଯୁଦ୍ଧବର୍ଣ୍ଣନାର ପୁନରାବୃତ୍ତି ଲୋକଙ୍କର ମୁଖକର ହେବ ନାହିଁ, ଏହି ଆଶଙ୍କାରେ ନାଟ୍ୟକାର ଦ୍ୱିତୀୟ ଯୁଦ୍ଧର ବିଶଦ ବର୍ଣ୍ଣନା ନ ଦେଇ ରାଜାଙ୍କ ମୁଖରେ ଗୋଟିଏ ଚୁମ୍ବକ ପରାଜୟର କାରଣ ନିର୍ଦ୍ଦେଶ ଓ ତାହାର ଫଳସ୍ୱରୂପ ଅନ୍ତଃପୁର ମଧ୍ୟରେ ବାଜସ୍ତ୍ରୀ ସୈନ୍ୟମାନଙ୍କ ଦ୍ୱାରା ପଦ୍ମାବତୀଙ୍କର ବନ୍ଦୀ ହେବାର ବର୍ଣ୍ଣନା କରିଅଛନ୍ତି ଓ କାଞ୍ଚିରାଜାଙ୍କର ସୈନ୍ୟ 'ଗୋଟିକରୁ ବନସ୍ତ' ହେବା କଥା ମଧ୍ୟ କହିଅଛନ୍ତି । ଏହି ସବୁ ସୂଚନାରୁ ଯୁଦ୍ଧର ଭୀଷଣତା ଅନୁମାନ କରିବା ନିମନ୍ତେ ନାଟ୍ୟକାର ଦର୍ଶକମାନଙ୍କ କଳ୍ପନାକୁ ଆବାହନ କରିଅଛନ୍ତି ।

ସଂସ୍କୃତ ନାଟକର ହାସ୍ୟରସର ଲୀଳାସ୍ଥଳୀ ବିଦୂଷକ ମଧ୍ୟ ଏହି ନାଟକରେ ସ୍ଥାନ ପାଇଅଛନ୍ତି । ବିଦୂଷକର ପ୍ରଚଣ୍ଡ କ୍ଷୁଧା ଓ ସର୍ବଦା ଖାଦ୍ୟ ପେୟର ଚିନ୍ତା ଯାହା ସଂସ୍କୃତ ନାଟକମାନଙ୍କରେ ବର୍ଣ୍ଣିତ ହୋଇଥାଏ, ସେହି ସୂତ୍ର ମଧ୍ୟ ଏ ନାଟକରେ ଅନୁସୃତ ହୋଇଅଛି ଓ ବିଦୂଷକଦ୍ୱାରା ନାଟକର କେତେକ ସ୍ଥଳରେ ହାସ୍ୟରସର ଅବତାରଣା କରାଯାଇଅଛି । ପୁରୁଷୋତ୍ତମ ଦେବ ଯେତେବେଳେ ପ୍ରତିଶୋଧଚିନ୍ତାରେ ଯୁଦ୍ଧ ନିମନ୍ତେ ବ୍ୟାକୁଳ, ବିଦୂଷକ ସେତେବେଳେ ନିଜର ଖାଦ୍ୟପେୟ ଚିନ୍ତାରେ ଅସ୍ଥିର ଓ ନାନା ଅଙ୍ଗଭଙ୍ଗୀଦ୍ୱାରା ଦର୍ଶକମାନଙ୍କର ଚିତ୍ତବିନୋଦନରେ ବ୍ୟସ୍ତ । ବିଦୂଷକର ଏହିପରି କାର୍ଯ୍ୟଦ୍ୱାରା ନାଟକରେ ରସବିପର୍ଯ୍ୟୟ ଘଟେ ସତ୍ୟ, ମାତ୍ର ନାଟ୍ୟକାର ସଂସ୍କୃତ ନାଟକର ରୀତି ଅନୁସରଣ କରି ନାଟକୀୟ ଚରିତ୍ରମାନଙ୍କ ମଧ୍ୟରେ ବିଦୂଷକଙ୍କୁ ସ୍ଥାନ ଦେଇଅଛନ୍ତି । ବିଦୂଷକ ଭିନ୍ନ ଅନ୍ୟ କେତେକ ଦୃଶ୍ୟରେ କେତେକ ନାଗରିକମାନଙ୍କର (ଯଥା—ଝୁଝୁର ପଣ୍ଡାମାନେ) ଏକତ୍ର ବୈଠକ ଓ କଳହ ପ୍ରଭୃତିରେ ମଧ୍ୟ ହାସ୍ୟରସ ଅବତାରଣା କରିବାରେ ନାଟ୍ୟକାର ସମର୍ଥ ହୋଇଛନ୍ତି ଓ ପରବର୍ତ୍ତୀ ନାଟକମାନଙ୍କରେ ସଂସ୍କୃତ ରୀତିକୁ ଛାଡ଼ିବା ସଙ୍ଗେ ସଙ୍ଗେ ବିଦୂଷକ ଚରିତ୍ର ମଧ୍ୟ ସର୍ବଥା ପରିହାର କରିଅଛନ୍ତି ।

ନାଟକୀୟ ଚରିତ୍ରମାନଙ୍କ ମଧ୍ୟରେ ଅନ୍ତର୍ନିହିତ ସମତା ସଂସ୍କୃତ ନାଟକର ପ୍ରଧାନ ଲକ୍ଷଣ । ଇଂରାଜି ନାଟକମାନଙ୍କରେ ମଧ୍ୟ ଅନେକ ସ୍ଥଳରେ ଏହି ଚରିତ୍ରଗତ ସମତା ଦେଖାଯାଇଥାଏ । କାଞ୍ଚିକାବେରୀ ନାଟକରେ ପୁରୁଷୋତ୍ତମ ଦେବ ନାୟକ; ତେଣୁ ତାଙ୍କ ସହିତ ସଂସ୍କୃତ ନାଟକର ରୀତି ଅନୁଯାୟୀ ମନ୍ତ୍ରୀ, ସେନାପତି, ସଭାସଦ୍‌ବର୍ଗ ଓ ବିଦୂଷକ ମଧ୍ୟ ଚିତ୍ରିତ ହୋଇଅଛନ୍ତି । କାଞ୍ଚୀରାଜା ତାଙ୍କର ପ୍ରତିଦ୍ୱନ୍ଦ୍ୱୀ, ଏଣୁ ସମତା ରକ୍ଷା କରିବା ନିମନ୍ତେ ତାଙ୍କର ମଧ୍ୟ ମନ୍ତ୍ରୀ, ସେନାପତି ଓ ସଭାସଦ୍‌ମାନଙ୍କର ଅବତାରଣା ଅଛି । ପୁଣି ପୁରୁଷୋତ୍ତମ ଦେବଙ୍କ ବୀରତ୍ୱ, ଭକ୍ତି ପ୍ରଭୃତି ସଦ୍‌ଗୁଣମାନଙ୍କ ସହିତ ସମତା ରକ୍ଷି ପ୍ରତିପକ୍ଷର ଦମ୍ଭ, ଶୌର୍ଯ୍ୟ, ଭକ୍ତି ପ୍ରଭୃତି ପ୍ରଦର୍ଶିତ ହୋଇଅଛି ଓ ଏକ ପକ୍ଷରେ ଜଗନ୍ନାଥ ଯେପରି ଭକ୍ତଙ୍କ ସାହାଯ୍ୟ କରୁଛନ୍ତି, ଅନ୍ୟ ଦିଗରେ ପ୍ରତିପକ୍ଷ ମଧ୍ୟ ଗଣପତିଙ୍କ ପୂଜା ଅର୍ଚ୍ଚନା ଦ୍ୱାରା ବିଜୟଲାଭ କରିବା ପାଇଁ ସଚେଷ୍ଟ ହେଉଅଛନ୍ତି । କିନ୍ତୁ କାଞ୍ଚିକାବେରୀରେ ସମସ୍ତ ସ୍ତ୍ରୀଚରିତ୍ର ଏକ ପକ୍ଷର, ଅର୍ଥାତ୍ ପଦ୍ମାବତୀ, ସଖୀ, ଭଦ୍ରା ପ୍ରଭୃତି ସମସ୍ତେ କାଞ୍ଚିରାଜାଙ୍କ ସହିତ ସମ୍ପୃକ୍ତ, ମାତ୍ର ଏହା ଦ୍ୱାରା ନାଟକର ସମତା ନଷ୍ଟ ହୋଇ ନାହିଁ । କାରଣ, ପଦ୍ମାବତୀ କାଞ୍ଚିରାଜାଙ୍କର ଦୁହିତା ହେଲେହେଁ ଶେଷରେ ପୁରୁଷୋତ୍ତମ ଦେବଙ୍କର ପତ୍ନୀ ହୋଇଅଛନ୍ତି ଓ ତାଙ୍କ ଦ୍ୱାରା ଉଭୟ ରାଜାଙ୍କ ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇ ଯାଇଅଛି ।

ପଦ୍ମାବତୀ ଏହି ନାଟକର ନାୟିକା; ଏଣୁ ସଂସ୍କୃତ ନାଟକର ନିୟମାନୁସାରେ ସଖୀ ଭଦ୍ରାର ଅବତାରଣା କାଞ୍ଚିକାବେରୀରେ କରାଯାଇଅଛି । ଶକୁନ୍ତଳା ଯେପରି ନିଜର ପ୍ରେମ ବିଷୟ ଅନସୂୟା ଓ ପ୍ରିୟମ୍ବଦା ନିକଟରେ ବ୍ୟକ୍ତ କରିଥିଲେ ଓ ଆଶ୍ରମରୁ ଯିବା ସମୟରେ ସେମାନଙ୍କଠାରୁ କରୁଣ ବିଦାୟ ଗ୍ରହଣ କରିଥିଲେ, ସେହିପରି ପଦ୍ମାବତୀ ମଧ୍ୟ ସଖୀ ଭଦ୍ରାଙ୍କ ନିକଟରେ ପୁରୁଷୋତ୍ତମ ଦେବଙ୍କ ପ୍ରତି ନିଜର ହୃଦୟର ଆସକ୍ତି ପ୍ରକାଶ କରି କହିଥିଲେ ଓ ବନ୍ଦିନୀ ହେବା ସମୟରେ ତାଙ୍କଠାରୁ ବିଦାୟ ମଧ୍ୟ ଗ୍ରହଣ କରିଥିଲେ । ଏହିପରି ଭାବରେ ସଂସ୍କୃତ ନାଟକର ନାନାବିଧ ରୀତି ଅନୁସରଣ କରି ନାଟ୍ୟକାର କାଞ୍ଚିକାବେରୀ ନାଟକକୁ ସମୃଦ୍ଧ କରିବାରେ ଚେଷ୍ଟିତ ହୋଇଅଛନ୍ତି ।

ଅବଶ୍ୟ ସଂସ୍କୃତ ନାଟକର ନିୟମମାନଙ୍କୁ ସେ ସବୁ ସ୍ଥାନରେ ଅନୁସରଣ କରି ନାହାନ୍ତି । ସଂସ୍କୃତ ନାଟକ ମୁଖ୍ୟତଃ ନାଟ୍ୟକାବ୍ୟ; ତେଣୁ ସେଥିରେ ଅନେକ ସ୍ଥାନରେ ଗଦ୍ୟ ଓ ପଦ୍ୟ ମିଶ୍ରିତ ହୋଇଥାଏ ଓ

ନାଟକଗୁଡ଼ିକର ଅଭିନୟ କରିବା ସମ୍ଭବ ହେଲେହେଁ, ମୁଖ୍ୟତଃ ଏହା କାବ୍ୟରସାମୋଦୀର ଚିତ୍ତବିନୋଦନ ନିମନ୍ତେ ରଚିତ ହୋଇଥାଏ । ଓଡ଼ିଆରେ ନାଟକ ଲେଖିବା ସମୟରେ ନାଟ୍ୟକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ ଅଭିନୟୋପଯୋଗୀ ନାଟକ ରଚନା କରିବା; ଏଣୁ କାଞ୍ଚିକାବେରୀରେ ପଦ୍ୟର ବାହୁଲ୍ୟ ଅଦୌ ନାହିଁ ଓ ନାଟ୍ୟକାର ନାଟ୍ୟକାବ୍ୟ ରଚନାରେ ପ୍ରବୃତ୍ତ ନ ହୋଇଥିବାରୁ ପଦ୍ୟର ଲାଳିତ୍ୟ ଓ ମାଧୁର୍ଯ୍ୟ ପ୍ରତି ଯଥେଷ୍ଟ ଅବହିତ ହୋଇ ନାହାନ୍ତି ।

କାଞ୍ଚିକାବେରୀର ଭାଷାକୁ ଅନୁଶୀଳନ କଲେ ଆମ୍ଭେମାନେ ଦେଖୁଁ ଯେ, ବାସ୍ତବତା ରକ୍ଷା କରିବା ଉଦ୍ଦେଶ୍ୟରେ ଲେଖକ ବିଭିନ୍ନ ଚରିତ୍ର-ମାନଙ୍କର ବିଭିନ୍ନ ଭାଷାରେ କଥୋପକଥନ କରିବାର ଚିତ୍ର ଦେଇ ନାହାନ୍ତି । କାଞ୍ଚିରାଜା ଓଡ଼ିଆ ଭାଷା ବ୍ୟବହାର କରୁ ନ ଥିଲେ, କିନ୍ତୁ ଲେଖକଙ୍କର ଉଦ୍ଦେଶ୍ୟ ଓଡ଼ିଆ ନାଟକ ରଚନା; ଏଣୁ ସେ ଓଡ଼ିଆ ଭାଷାର ସମ୍ୟକ୍ ଓ ଅବାଧ ବ୍ୟବହାର କରିଅଛନ୍ତି ଓ ଦୁଇ ତିନି ସ୍ଥାନରେ ସଂସ୍କୃତ ଶ୍ଳୋକ ଦେଇଥିଲେହେଁ ସଙ୍ଗେ ସଙ୍ଗେ ସେହି ଶ୍ଳୋକମାନଙ୍କର ଭାବାର୍ଥ ମଧ୍ୟ ସନ୍ନିବେଶିତ କରିଅଛନ୍ତି । ସଂସ୍କୃତ ନାଟକରେ ଯେପରି ସଂସ୍କୃତ ଓ ପ୍ରାକୃତ ଉଭୟ ପ୍ରକାର ଭାଷା ବ୍ୟବହୃତ ହୁଏ, ଏଥିରେ ସେପରି ନାହିଁ, ବରଂ ଏକ ଦିଗରେ ସଂସ୍କୃତାନୁସାରୀ ସାହିତ୍ୟକ ଭାଷା ଓ ଅନ୍ୟ ଦିଗରେ ଜନସାଧାରଣଙ୍କ ମଧ୍ୟରେ ପ୍ରଚଳିତ ଭାଷାର ମଧ୍ୟବର୍ତ୍ତୀ ଭାଷା ବ୍ୟବହାର କରି ଶିକ୍ଷିତ ଓ ଅଶିକ୍ଷିତ ଉଭୟ ପ୍ରକାର ଦର୍ଶକମାନଙ୍କୁ ଆନନ୍ଦ ଦେବାର ଚେଷ୍ଟା କରିଅଛନ୍ତି ।

ସଂସ୍କୃତ ନାଟକର ନିୟମମାନଙ୍କୁ ଅନେକ ସ୍ଥାନରେ ଅନୁସରଣ ଓ ଅନ୍ୟ କେତେକ ସ୍ଥାନରେ ପରିହାର କରିଥିଲେହେଁ, ମୋଟ ଉପରେ ସଂସ୍କୃତ ନାଟକର ଛାୟା ବହୁଳଭାବରେ ଏହି ନାଟକ ଉପରେ ପଡ଼ିଅଛି । ମାତ୍ର ନାଟ୍ୟକାର କେବଳ ନିଜ ଇଚ୍ଛାନୁସାରେ ବା କେବଳ ପୂର୍ବବର୍ତ୍ତୀ ନିୟମମାନଙ୍କୁ ଅନୁସରଣ କରି ନାଟକ ରଚନା କରନ୍ତି ନାହିଁ । ତାଙ୍କୁ ସମସାମୟିକ ଲୋକଙ୍କ ଇଚ୍ଛା ଓ ପ୍ରବୃତ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ହୁଏ ଓ ସେମାନଙ୍କୁ ଆନନ୍ଦ ଦେବା ଉଦ୍ଦେଶ୍ୟରେ ନାଟକ ରଚନା କରୁଥିବାରୁ ଅନେକ ସ୍ଥାନରେ ନିଜର ଇଚ୍ଛା ଓ ରୁଚି ବହିର୍ଭୂତ କାର୍ଯ୍ୟ ମଧ୍ୟ କରିବାକୁ ପଡ଼େ । ଓଡ଼ିଶାରେ ନାଟକ ଦର୍ଶନାର୍ଥୀ ଲୋକମାନେ ଚାହାନ୍ତି ସଙ୍ଗୀତ, ସଙ୍ଗୀତର ବାହୁଲ୍ୟ ନ ଥିଲେ ସେମାନେ କେବଳ

ନାଟକର କଥାବସ୍ତୁଦ୍ୱାରା ଆନନ୍ଦଲାଭ କରି ପାରନ୍ତି ନାହିଁ । ଏଣୁ ଦର୍ଶକମାନଙ୍କୁ ଆନନ୍ଦ ଦେବା ନିମନ୍ତେ କାନ୍ତିକାବେରୀ ନାଟକରେ ଅନେକଗୁଡ଼ିଏ ସଙ୍ଗୀତ ସନ୍ନିବେଶିତ ହୋଇଅଛି । ମାତ୍ର ସଙ୍ଗୀତର ଅବାସ୍ତବତା ଅନୁଭବ କରି ଅଧିକାଂଶ ସଙ୍ଗୀତ ନେପଥ୍ୟରୁ ଗାନ କରିବାର ସଙ୍କେତ ଦିଆଯାଇଅଛି । ଏହାପରି ସଙ୍କେତଦ୍ୱାରା ସେ ସବୁ ଯେ ନାଟକର ସ୍ୱାଭାବିକ ବା ଅନ୍ତରଙ୍ଗ ଅଂଶ ନୁହେଁ ଓ କେବଳ ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ ସନ୍ନିବେଶିତ ହୋଇଅଛି, ତାହାର ସୁସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଅଛି। ଏହି ଗୀତମାନ ପୁଣି ପ୍ରଚଳିତ ଓଡ଼ିଆ ଗୀତଠାରୁ ଭିନ୍ନ । ନାଟ୍ୟକାର ନିଜେ ଲେଖିଛନ୍ତି, "କେବଳ ପ୍ରଚଳିତ ରାଗ-ରାଗିଣୀର ଗୀତ ରଙ୍ଗମଞ୍ଚର ଅନୁପଯୁକ୍ତ ବିବେଚନା କରି ମୁଁ ହିନ୍ଦୁସ୍ଥାନୀ ରାଗରାଗିଣୀରେ ଓଡ଼ିଆ ଗୀତ ବସାଇ କାନ୍ତିକାବେରୀରେ ଲୋକ ସମ୍ମୁଖରେ ପ୍ରଥମ ଆଗତ କଲି ଓ ତହିଁରେ ଲୋକେ ମୁଗ୍ଧ ହେବାର ଦେଖି ଅନ୍ୟାନ୍ୟ ନାଟକରେ ମଧ୍ୟ ତାହା ବସାଇଅଛି ।" (ଗ୍ରନ୍ଥାବଳୀର ଉପକ୍ରମଣିକା) । ଏଣୁ ଏହି ସଙ୍ଗୀତଗୁଡ଼ିକ ନାଟ୍ୟକାରଙ୍କ ସଙ୍ଗୀତ ପ୍ରତି ଆସକ୍ତି ଓ ସଙ୍ଗୀତ ରଚନା ଦକ୍ଷତାରେ ପ୍ରତିଭା ପ୍ରକାଶ କରୁଅଛି ଓ ଅନ୍ୟ ଦିଗରେ ଦର୍ଶକମାନଙ୍କର ମନୋରଞ୍ଜନ ନିମନ୍ତେ ଏମାନଙ୍କର ପ୍ରୟୋଜନ ପୂରଣ କରୁଅଛି । ତାତ୍କାଳୀନ ଦର୍ଶକମାନଙ୍କର ରୁଚିକୁ ଦୃଷ୍ଟି କରି ନାଟକଟି ଲେଖା ହୋଇଥିବାରୁ ଏଥିରେ ଚୋଟିଏ ପ୍ରମାଦ ମଧ୍ୟ ସ୍ଥାନ ପାଇଅଛି । ପୁରୁଷୋତ୍ତମ ଦେବଙ୍କ ସମୟରେ ଗୋଲା ଗୁଳିର ପ୍ରଚଳନ ଆଦୌ ହୋଇ ନ ଥିଲା । ମୂଳ କାଞ୍ଚିକାବେରୀ କାବ୍ୟରେ ଗୋଲା ଗୁଳି ବ୍ୟବହାରର ସୂଚନା ଦେଇ ଲେଖକ ତାହାର ଅବାସ୍ତବତା ଦୋଷ ଦୂର କରିବା ନିମନ୍ତେ କମାଣ ପ୍ରଭୃତିର ବ୍ୟବହାର ଆରମ୍ଭ ହୋଇଥିଲା ବୋଲି ଲେଖିଅଛନ୍ତି ଓ ସେହି କାବ୍ୟକୁ ଅନୁସରଣ କରି ନାଟ୍ୟକାର ମଧ୍ୟ କାନ୍ଥିପୁର ସମ୍ମୁଖରେ ଗୋଲା-ଗୁଳିମାଡ଼ ଦୃଶ୍ୟକୁ ଇଙ୍ଗିତ କରିଅଛନ୍ତି । ଏହାଦ୍ୱାରା ଐତିହାସିକ କାଳକ୍ରମର ବିପର୍ଯ୍ୟୟ ସାଧିତ ହୋଇ ନ ଥିଲେ ମଧ୍ୟ ଏହା ଅପ୍ରାକୃତ ଅଟେ । ମାତ୍ର ଦର୍ଶକମାନେ ଯୁଦ୍ଧକାଳୀନ ତୋପ ଆଦି ସହିତ ବିଶେଷ ପରିଚିତ ଥିବାରୁ ଏହା ସେମାନଙ୍କୁ ଅବାସ୍ତବ ବୋଲି ପ୍ରତୀୟମାନ ହୁଏ ନାହିଁ ।

ଏହି ନାଟକରେ ଓଡ଼ିଆରେ ପ୍ରଥମ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ହୋଇଅଛି ଓ ନାଟକର ସ୍ଥାନେ ସ୍ଥାନେ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର କରିବାଦ୍ୱାରା ଭାବଗୁଡ଼ିକୁ ଅଧିକ ସ୍ପଷ୍ଟ ଓ ସ୍ୱାଭାବିକ ଭାବରେ ପ୍ରକାଶ କରିବାର ଚେଷ୍ଟା

କରିଅଛନ୍ତି । ଏଥିପୂର୍ବେ ବଙ୍ଗଦେଶରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଆରମ୍ଭ ହୋଇଥିଲା ଓ ମେଘନାଦବଧ କାବ୍ୟ ଲୋକଙ୍କ ନିକଟରେ ଆଦର ଲାଭ କରି ପାରିଥିଲା । ବଙ୍ଗଳାରେ ପ୍ରଚଳିତ ଅମିତ୍ରାକ୍ଷର ଛନ୍ଦର ନିୟମ ଅନୁସରଣ କରି ନାଟ୍ୟକାର ଏହି ନାଟକର ସ୍ଥାନେ ସ୍ଥାନେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରିଅଛନ୍ତି । ପ୍ରଚଳିତ ଅମିତ୍ରାକ୍ଷର ଛନ୍ଦର ନିୟମ ହେଉଛି,— ପ୍ରତ୍ୟେକ ପଂକ୍ତିରେ ୧୪ ଗୋଟି ଅକ୍ଷର ରହିବ ଓ ଏହି ଅକ୍ଷରମାନଙ୍କର ପ୍ରଥମ ଆଠୋଟି ଅକ୍ଷର ପରେ ଯତିପାତ ହେବା ଉଚିତ, ଅର୍ଥାତ୍ ପ୍ରତ୍ୟେକ ପଂକ୍ତିକୁ ୮+୬ ଏହିପରି ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ପ୍ରତ୍ୟେକ ପଂକ୍ତିର ଶେଷରେ ଯତି ବା ବିଶ୍ରାମସ୍ଥାନ ରହିବ କି ନାହିଁ, ତାହା ଲେଖକର କୌଶଳ ଉପରେ ନିର୍ଭର କରେ । ଯଦି ଲେଖକ କୌଶଳୀ ହୁଏ, ତେବେ ପ୍ରତ୍ୟେକ ପଂକ୍ତି ଶେଷରେ ବିଶ୍ରାମ ନ ରଖି ଅନ୍ୟ ପଂକ୍ତିର ମଧ୍ୟକୁ ଯତି ଚଳାଇ ନେବେ । ଇଂରାଜୀରେ ଏପରି ପଂକ୍ତିମାନଙ୍କୁ ଅବିଚ୍ଛିନ୍ନ ପଂକ୍ତି କୁହାଯାଏ । ଯଦି ପ୍ରତ୍ୟେକ ପଂକ୍ତିର ଶେଷରେ ବିଶ୍ରାମ ଥିଲେ ତାକୁ ବିଚ୍ଛିନ୍ନ ପଂକ୍ତି କୁହାଯାଏ । ଏହି ନାଟକରେ ସର୍ବପ୍ରଥମ ମିତ୍ରାକ୍ଷର ଛନ୍ଦର ବ୍ୟବହାର ହୋଇଥିବାରୁ ପଂକ୍ତିଗୁଡ଼ିକ ପ୍ରାୟ ସବିଶ୍ରାମ । ନାଟ୍ୟକାରଙ୍କର ଅମିତ୍ରାକ୍ଷର ଛନ୍ଦ ରଚନା ବିଷୟରେ ଆତ୍ମପ୍ରତ୍ୟୟ ଥିଲା ନ ଥିବାରୁ ସେ ଅତି ଅଳ୍ପ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର କରିଛନ୍ତି । ପ୍ରଥମ ଅଭିନୟର ଆରମ୍ଭରେ ବର୍ଷାର ଆଗମ ଅମିତ୍ରାକ୍ଷର ଛନ୍ଦରେ ରଚିତ ହୋଇଅଛି । ପୁଣି ସେହି ଅଭିନୟର ତୃତୀୟ ଦୃଶ୍ୟରେ ସାଧାରଣଭାବରେ ଶୁକ୍ରବ୍ୟାପାର ବର୍ଣ୍ଣନାକାଳରେ ଥରେ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର କରିଛନ୍ତି । ଏ ଉଭୟ ବର୍ଣ୍ଣନା କେବଳ ଅମିତ୍ରାକ୍ଷର ଛନ୍ଦର ଅବତାରଣା ସକାଶେ ଦିଆଯାଇଅଛି । କାରଣ ଉଭୟ କ୍ଷେତ୍ରରେ ବର୍ଣ୍ଣନାଟି ଅବାନ୍ତର ଓ ନାଟ୍ୟକାର କେବଳ ଅଭିନୟ ଉଦ୍ଦେଶ୍ୟରେ ପୁସ୍ତକଟି ଲେଖିଥିଲେ ଏହି ବର୍ଣ୍ଣନା ଦୁଇଟି ଦେବାର କୌଣସି ପ୍ରୟୋଜନ ନ ଥାନ୍ତା । ଏ ଦୁଇଟି ବର୍ଣ୍ଣନାକୁ ଉଠାଇଦେଲେ ଅଭିନୟକାଳୀନ କୌଣସି ଅସଙ୍ଗତି ଲକ୍ଷିତ ହେବ ନାହିଁ । ଏହି ନାଟକ ରଚିତ ହେବାର ବହୁପୂର୍ବେ ବଙ୍ଗଦେଶରେ ନାଟକମାନଙ୍କରେ ଅମିତ୍ରାକ୍ଷର ଛନ୍ଦର ବହୁଳ ବ୍ୟବହାର ହୋଇଥିଲା ଓ ନାଟ୍ୟକାର ମଧ୍ୟ ନିଜର ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ ଅମିତ୍ରାକ୍ଷର ଛନ୍ଦର ବହୁଳ ବ୍ୟବହାର କରିଛନ୍ତି । ମାତ୍ର ଏହି ନାଟକ ରଚନା ସମୟରେ ନାଟ୍ୟକାର ଏହି ଛନ୍ଦ ରଚନାରେ ସିଦ୍ଧହସ୍ତ ହୋଇ ନ ଥିବାରୁ

କାଦମ୍ବରୀର ଅନ୍ୟ ସ୍ଥଳରେ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର କରିଛନ୍ତି । ତୃତୀୟ ଅଭିନୟରେ ଦୃଶ୍ୟାଂଶରେ ଗୋଟିଏ ଅତି ଦୀର୍ଘ ଅମିତ୍ରାକ୍ଷର ଛନ୍ଦରେ ରଚିତ ଉକ୍ତି ସନ୍ନିବେଶିତ ହୋଇଅଛି । ଏହି ଉକ୍ତିଟି ଭାବସମ୍ମୂଳକ ଥିବାରୁ ଏହା ସ୍ପୃହଣୀୟ ହୋଇ ନାହିଁ । ଏଠାରେ ଅମିତ୍ରାକ୍ଷର ଛନ୍ଦ ଅଭିନୟ ସମୟରେ ଅବାସ୍ତବ ବୋଲି ପ୍ରତୀତ ହେଲେହେଁ ଦର୍ଶକମାନଙ୍କ ମନରେ ଓଡ଼ିଶାର ଅପମାନର ପ୍ରତିକ୍ରିୟାରୂପରେ ଉତ୍ତେଜନା ଆଣିବା ସକାଶେ ନାଟ୍ୟକାର ଏପ୍ରକାର ବ୍ୟବହାର କରିଥିବା ସମ୍ଭବ । ପୁଣି ସେହି ଦୃଶ୍ୟରେ ମନ୍ତ୍ରୀମୁଖରେ ଯେଉଁ ନାତିଦୀର୍ଘ ଅମିତ୍ରାକ୍ଷର ଛନ୍ଦର କବିତା ଦିଆଯାଇଅଛି, ତାହା ମଧ୍ୟ ପ୍ରଥମ ଅଭିନୟ ପରେ କେବଳ କାବ୍ୟ ରଚନା ଉଦ୍ଦେଶ୍ୟରେ ରଚିତ ହୋଇଥିବା ସମ୍ଭବ । କାରଣ ଦୃଶ୍ୟରେ ଏହାର ଭାବ-ଆବେଦୀ ସରସ ଦୃଷ୍ଟାନ୍ତ ନାହିଁ । ବସ୍ତୁତଃ ନାଟ୍ୟକାରଙ୍କର ଉଦ୍ଦେଶ୍ୟ କେବଳ ଅଭିନୟ ଉପଯୋଗୀ ନାଟକ ରଚନା ନୁହେଁ, ତାହାଙ୍କର ଉଦ୍ଦେଶ୍ୟ ସାହିତ୍ୟ ସୃଷ୍ଟି; ଏଣୁ କାଦମ୍ବରୀରୁ ଏହି ଦୁଇ ପଦକୁ ବାହାର କରିବାକୁ ହେବ ।

ଅମିତ୍ରାକ୍ଷର ଛନ୍ଦ ଭିନ୍ନ ଦୁଇ ତିନୋଟି ସ୍ଥାନରେ ଚଉଦ ଅକ୍ଷରଯୁକ୍ତ ମିତ୍ରାକ୍ଷର ପଦ୍ୟ ମଧ୍ୟ କାଦମ୍ବରୀ ନାଟକରେ ଦେଖାଯାଏ । ଏଗୁଡ଼ିକ ଇଂରାଜୀ ଅମିତ୍ରାକ୍ଷର ନାଟକର ଅନୁକରଣ ବୋଲି ସହଜରେ ଅନୁମାନ କରିଯାଇ ପାରେ । ଇଂରାଜୀରେ ଅନେକ ସମୟରେ ଅମିତ୍ରାକ୍ଷର ଲିଖିତ ନାଟକମାନଙ୍କର ସ୍ଥଳେ ସ୍ଥଳେ ଦୀର୍ଘ ବକ୍ତୃତାର ଶେଷ ଦୁଇ ପଂକ୍ତିକୁ ମିତ୍ରାକ୍ଷର କରାଯାଏ ଓ କେତେକ ସ୍ଥାନରେ କେବଳ ଟିକିଏ ନୂତନତ୍ୱ ଆଣିବା ସକାଶେ ମଧ୍ୟ ଅମିତ୍ରାକ୍ଷର ବକ୍ତୃତା ମଧ୍ୟରେ ମିତ୍ରାକ୍ଷର ବ୍ୟବହୃତ ହୋଇଥାଏ । ଏହି ରୀତିର ଅନୁକରଣ କରି କାଦମ୍ବରୀ ନାଟକର ତୃତୀୟ ଅଭିନୟର ଦ୍ୱିତୀୟ ଦୃଶ୍ୟରେ ରାଜାଙ୍କ ମୁଖରେ ଚତୁର୍ଦ୍ଦଶ ଅକ୍ଷର-ଯୁକ୍ତ ମିତ୍ରାକ୍ଷର କବିତା ଦିଆଯାଇଅଛି ଓ ଦ୍ୱିତୀୟ ଅଭିନୟରେ ରାଜାଙ୍କର ଅମିତ୍ରାକ୍ଷର ଛନ୍ଦର ବକ୍ତୃତା ଶେଷରେ ଓ ତୃତୀୟ ଅଭିନୟର ଦ୍ୱିତୀୟ ଦୃଶ୍ୟରେ କାଦମ୍ବରୀଙ୍କର ଅମିତ୍ରାକ୍ଷର ଛନ୍ଦଯୁକ୍ତ ବକ୍ତୃତା ଶେଷରେ ମିତ୍ରାକ୍ଷର ଛନ୍ଦର ଦୁଇପଙ୍କ୍ତି ବ୍ୟବହୃତ ହୋଇଅଛି । ଯଥା :—

ପଶୁର ଟୋକ୍କା ଦାସ ବା ତାର ପ୍ରାର୍ଥନା
ସେ ଯାହା ଇଚ୍ଛିବ ତାହିଁ ତହିଁ ମୋର ମନା

×        ×        ×        ×

ବାନ୍ଧ ହସ୍ତପଦ ଖଟରେ କାଗ୍ରତାରେ ଦଅ,
ନୋହିଲେ ଧାଇଁବ ଖଡ଼୍ଗ ଶାଣିତ ନିଶ୍ଚୟ ।

ଏହି ରୂପ ପଙ୍‌କ୍ତିରେ ଛନ୍ଦ ଓ ଶେଷ ପଦର ମିଳନ ଅନାପ୍ସିତ ମନେ ହୋଇ ପାରେ । ମାତ୍ର ବାସ୍ତବରେ ତାହା ବଙ୍ଗଳା ନାଟକର ଅନୁକରଣରେ ବହୁବାର ଶେଷ ଭାଗରେ ପଦସମାପ୍ତି ସ୍ଥାପନ କରିବା ନିମନ୍ତେ ଲିଖିତ ।

ପୂର୍ବେ କୁହାଯାଇଅଛି ଯେ, ଏହି ନାଟକରେ ପ୍ରେମ ନୈତିକ ପାର୍ଥିବ ବିଷୟମାନଙ୍କର ବର୍ଣ୍ଣନା ଥିଲେହେଁ ଓ ଗୋଟିଏ ଐତିହାସିକ ବିଷୟକୁ ଅବଲମ୍ବନ କରି ଏହା ଲିଖିତ ହୋଇଥିଲେହେଁ, ବାସ୍ତବରେ ଏହା ଭକ୍ତିରସାତ୍ମକ । ନାଟ୍ୟକାର ଏହାକୁ ଭକ୍ତିରସାତ୍ମକ କରିବା ନିମନ୍ତେ ନାନା ସ୍ଥାନରେ ଜଗନ୍ନାଥଙ୍କ ମହିମା କୀର୍ତ୍ତନ ଓ ଭକ୍ତମାନଙ୍କ ପ୍ରତି ଅହୈତୁକୀ ଦୟା ଓ ଭଗବତ୍‌କୃପାରୁ ସେମାନଙ୍କ ଶତ୍ରୁଭାବ ବୁଦ୍ଧି ପ୍ରଭୃତି ଦେଖାଇ ଭଗବାନଙ୍କ ମହିମା କୀର୍ତ୍ତନ କରିଅଛନ୍ତି ଓ ସଙ୍ଗୀତଗୁଡ଼ିକରୁ ଅଧିକାଂଶ ମଧ୍ୟ ଏହି ଉଦ୍ଦେଶ୍ୟ ନେଇ ରଚିତ । ନାଟକ ମଧ୍ୟରେ ଭକ୍ତିକୁ ପ୍ରଧାନ ପ୍ରତିପାଦ୍ୟରୂପେ ବ୍ୟବହାର କରି ନାଟ୍ୟକାର ସମସାମୟିକ ଲୋକମାନଙ୍କର ଚିତ୍ତବିନୋଦନ କରିବାକୁ ସମର୍ଥ ହୋଇଥିଲେ । କାରଣ ନାଟକଟି ଲେଖା ହେବା ସମୟରେ ଓଡ଼ିଶାର ଲୋକେ ପୁରୁଷୋତ୍ତମ ଦେବଙ୍କୁ ନିଜ ଦେଶର ଗୌରବସ୍ଥଳ ବୋଲି ଜାଣି ନ ଥିଲେ ମଧ୍ୟ ଜଗନ୍ନାଥ ଦେବଙ୍କର ମହିମା ସମସ୍ତଙ୍କ ହୃଦୟରେ ପ୍ରତିଷ୍ଠିତ ଥିବ ।

କାଞ୍ଚୀକାବେରୀର କଥାବସ୍ତୁ ପୁରୁଷୋତ୍ତମ ଦେବଙ୍କୁ ଆଶ୍ରୟ କରି ଲିଖିତ; ଏଣୁ ପ୍ରଥମ ଅଭିନୟରେ ପୁରୁଷୋତ୍ତମ ଦେବଙ୍କ ଯାତ୍ରାର ଉଦ୍‌ଯୋଗ, ଦ୍ୱିତୀୟ ଅଭିନୟରେ ଯାତ୍ରାର ମଧ୍ୟସ୍ଥଳରେ ମାଣିକ ପାଟଣା ସ୍ଥାପନ କରିବା ବିଷୟ ବର୍ଣ୍ଣିତ ହୋଇଅଛି । ତୃତୀୟ ଓ ଚତୁର୍ଥ ଅଭିନୟମାନ ନାଟକର ଗର୍ଭ; ଏଣୁ ତହିଁରେ କାଞ୍ଚୀଦେଶରେ ଯୁଦ୍ଧ ଓ ତହିଁର ପରିଣାମ ବର୍ଣ୍ଣନାଦ୍ୱାରା ଏକ ଦିଗରେ ପୁରୁଷୋତ୍ତମ ଦେବଙ୍କ ଯୁଦ୍ଧ-ଯାତ୍ରାର ପରିସମାପ୍ତି ଓ ଅନ୍ୟ ଦିଗରେ ପଦ୍ମାବତୀ ସହିତ ମିଳନର ସୂଚନା ଦିଆଯାଇଅଛି । ପଞ୍ଚମ ଅଭିନୟରେ କାଞ୍ଚୀବିଜୟ ପରେ ପୁରୁଷୋତ୍ତମ ଦେବଙ୍କ ସହିତ ପଦ୍ମାବତୀଙ୍କ ମିଳନ ବିଷୟ ବର୍ଣ୍ଣିତ ହୋଇଅଛି । ଏଣୁ ଏହି ନାଟକରେ ଅଙ୍କମାନଙ୍କ ମଧ୍ୟରେ ଦୃଶ୍ୟସ୍ଥାନର ବିଶେଷ ପରିବର୍ତ୍ତନ ନାହିଁ ଓ କଳ୍ପନା ସହଜରେ କଥାବସ୍ତୁକୁ ଅନୁସରଣ କରି ପାରେ । ବିଷୟବସ୍ତୁକୁ

ସରଳ କରିବା ଦ୍ୱାରା ନାଟ୍ୟକାର ନିଜର ନାଟକ ରଚନା ପ୍ରତିଭାର ପରିଚୟ ଦେଇଅଛନ୍ତି । କାରଣ ତାଙ୍କ ସମ୍ମୁଖରେ କୌଣସି ଆଦର୍ଶ ନ ଥିଲା । ପୁଣି ଏ ନାଟକରେ ଠିକ୍ ଏକବର୍ଷବ୍ୟାପୀ ଋତୁପ୍ରକୃତିର ବର୍ଣ୍ଣିତ ହୋଇଅଛି ଓ ନାଟକ ମଧ୍ୟରେ ସମୟର ସ୍ଥିର ନିର୍ଦ୍ଦେଶ ଦେଇ ନାଟ୍ୟକାର ଦର୍ଶକମାନଙ୍କ ମନରେ ଘଟଣାର ବାସ୍ତବତା ସମ୍ବନ୍ଧରେ ଯଥାଯଥ ଚିତ୍ର ଅଙ୍କିତ କରିବାର ଚେଷ୍ଟା କରିଅଛନ୍ତି । ପ୍ରଥମ ଅଭିନୟର ପ୍ରଥମ ଦୃଶ୍ୟରେ ବର୍ଷାକାଳର ଆରମ୍ଭ ସୂଚିତ ହୋଇଅଛି ଓ ରାଜାଙ୍କର ଶେଷ ବକ୍ତୃତାରେ "ଆଜି ଯେପରି ଅନ୍ତେବାସର ଏକାଦଶୀ ମଧ୍ୟରେ ମହାପ୍ରଭୁଙ୍କର ତିନି ରଥଯାକ ଗୁଣ୍ଡିଚାଘରୁ ଆସି ସିଂହଦ୍ୱାରରେ ଛିଡ଼ା କଲେ, ଆଉ ଦେବେ ସେପରି ନିର୍ବିଘ୍ନରେ ସିଂହାସନରେ ଉପବେଶନ କଲେ, ଏଥିରୁ ଅନୁମିତ ହେଉଅଛି—ହେବେ ଅଧୀନ ହୁଡ଼ ନିତାନ୍ତ ପ୍ରତିକୂଳ ନୁହନ୍ତି । ଏହା ଦ୍ୱାରା ବାହୁଡ଼ା ଦଶମୀ ସମୟ ନିଶ୍ଚିତଭାବରେ ସୂଚିତ ହେଉଅଛି । ପୁଣି ଦ୍ୱିତୀୟ ଦୃଶ୍ୟରେ "ହେ କୋମ୍ପ୍ତ ପୂରନେଇର ଦପଦ୍ୱାର ଧୂସର ପଥ ନୁହଁ କି ? ଆଜି ହେଲା ଦଶମୀ"; ଏହା କହିବା ଦ୍ୱାରା ପୂର୍ବରାତ୍ର ସେହି ରଥଯାତ୍ରା ସମ୍ପୃକ୍ତ ନିରବଚ୍ଛିନ୍ନଭାବରେ ଲକ୍ଷିତ କରାଯାଇଅଛି ଓ ଶେଷ ଦୃଶ୍ୟରେ ଜଗନ୍ନାଥ ଦେବଙ୍କ ପହଣ୍ଡି ଓ ରଥଯାତ୍ରା ଦୃଶ୍ୟ ଦେଖାଇବା ଦ୍ୱାରା ପରବର୍ତ୍ତୀ ରଥଯାତ୍ରାକୁ ନିର୍ଦ୍ଦେଶ କରି ନାଟ୍ୟକାର ଠିକ୍ ଏକବର୍ଷ ସମୟକୁ ନାଟକୀୟ କାଳ ବୋଲି ନିର୍ଦ୍ଦେଶ କରିଅଛନ୍ତି । ସ୍ଥାନ, କାଳ ଓ ପାତ୍ରର ସମତା ସର୍ବତୋଭାବରେ ରକ୍ଷା କରାଯାଇଥିବାରୁ ଏହା ଓଡ଼ିଆରେ ପ୍ରଥମ ନାଟକ ହେଲେହେଁ ସାହିତ୍ୟକ୍ଷେତ୍ରରେ ବର୍ତ୍ତମାନ ପର୍ଯ୍ୟନ୍ତ ଉଚ୍ଚସ୍ଥାନ ଅଧିକାର କରି ରହିଅଛି ।

ଏହି ନାଟକ ଲେଖିବା ସମୟରେ ନାଟ୍ୟକାର ସଦ୍ୟ କଲେଜରୁ F.A ପାସ୍ କରି ବାହାରିଥିଲେ । ଏଣୁ ଇଂରାଜୀ ନାଟକର ଛାୟା କେତେକ ପଦମାନଙ୍କରେ ଏଥିରେ ପଡ଼ିଥିବା ସମ୍ଭବ । ଏ ବିଷୟରେ ଏଥି ପୂର୍ବେ ଯାହା ସୂଚନା ଦିଆଯାଇଅଛି, ତାହାଠାରୁ ଅଧିକ କିଛି ସ୍ଥିରସିଦ୍ଧାନ୍ତ କରି କହିବା ଅସମ୍ଭବ । ମାତ୍ର 'ଧନ୍ୟ ଲୋକେ, କାଏ ତମର ରାଜା ହେବାକୁ ଇଚ୍ଛା କରେ' ( କାଞ୍ଚୀକାବେରୀ ୮୮ ପୃଷ୍ଠା ) ଏହି ବାକ୍ୟଟି Scott ଙ୍କ Lady of the Lake କବିତାର Who would wish to be thy king ର ଯେ ଅନୁବାଦ, ସେଥିରେ ସନ୍ଦେହ ଥାଇ ନ ପାରେ । Scott ଙ୍କର ଏହି

ସଂସ୍କୃତ ଉତ୍ତରରାମଚରିତ F. A, ପରୀକ୍ଷାର ପାଠ୍ୟ ଥିବାରୁ ନାଟ୍ୟକାରଙ୍କ ମନରେ ପ୍ରଭାବ ବିସ୍ତାର କରିଥିବା ସ୍ୱାଭାବିକ।

କାଞ୍ଚିକାବେରୀ ଯେତେବେଳେ ରଚିତ ହେଲା, ସେତେବେଳେ ସ୍ଥାୟୀ ରଙ୍ଗମଞ୍ଚ ଓଡ଼ିଶାରେ ନ ଥିଲା ଓ ଅଭିନୟର ସୁବନ୍ଦୋବସ୍ତ ମଧ୍ୟ ନ ଥିଲା। ସେ ସମୟରେ ମଜଲିସର ପ୍ରବେଶଦ୍ୱାରରେ ଅସ୍ଥାୟୀ ମଞ୍ଚ ନିର୍ମିତ ହୋଇ ଅଭିନୟ ପ୍ରଦର୍ଶିତ ହେଉଥିଲା ଓ ଦର୍ଶକମାନେ ଚନ୍ଦ୍ରାତପତଳେ ବସି ଅଭିନୟକୁ ଉପଭୋଗ କରୁଥିଲେ। ରଙ୍ଗମଞ୍ଚର ଏହି ବ୍ୟବସ୍ଥା 'କାଞ୍ଚିକାବେରୀ' ର ପ୍ରସ୍ତାବନାରେ ସୂଚିତ ହୋଇଅଛି ଓ 'ସୁନ୍ଦର ଚନ୍ଦ୍ରାତପ ଦୀପମାଳାରେ ଶୋଭିତ ସେହି ସଭାସ୍ଥଳର ସୌନ୍ଦର୍ଯ୍ୟ ବୃଦ୍ଧି' କରିବା କଥା ଲେଖାଯାଇଥିବାରୁ ସେ ସମୟର ରଙ୍ଗମଞ୍ଚର ଅସ୍ପଷ୍ଟ ସୂଚନାଟିଏ ଅମ୍ଭେମାନେ ପାଉଅଛୁଁ। ଅର୍ଥାଭାବ, ସ୍ଥାୟୀ ରଙ୍ଗମଞ୍ଚର ଅଭାବ, ଆଦର୍ଶର ଅଭାବ ପ୍ରଭୃତି ନାନା ଅଭାବ ଅସୁବିଧା ମଧ୍ୟରେ ଅତି ତରୁଣବୟସ୍କ ସଦ୍ୟ କଲେଜରୁ ଆଗତ ନାଟ୍ୟକାରଙ୍କଦ୍ୱାରା ରଚିତ ହୋଇଥିଲେହେଁ ଏହି ନାଟକ ସାହିତ୍ୟିକ ମର୍ଯ୍ୟାଦା ଲାଭ କରି ପାରିଅଛି। ଏହା ଦ୍ୱାରା ନାଟ୍ୟକାରଙ୍କ ପ୍ରତିଭା ମଧ୍ୟ ସୂଚିତ ହେଉଅଛି।

# ଚତୁର୍ଥ ପରିଚ୍ଛେଦ

## କାଞ୍ଚିକାବେରୀର ପ୍ରଭାବ

କାଞ୍ଚିକାବେରୀ ଓଡ଼ିଆରେ ପ୍ରଥମ ନାଟକ । ଏଥିରେ ପ୍ରଥମ ହୋଇ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର କରାଯାଇଥିଲା ଓ ପ୍ରଥମ ହୋଇ ହିନ୍ଦୁସ୍ଥାନୀ ରାଗରାଗିଣୀରେ ଗୀତମାନ ରଚିତ ହୋଇ ନାଟକରେ ସ୍ଥାନ ପାଇଥିଲା । ପରବର୍ତ୍ତୀ କାଳରେ ଏହିପରି ସଙ୍ଗୀତମାନଙ୍କୁ ଥିଏଟର ସଙ୍ଗୀତ ବୋଲି ଅନ୍ୟାନ୍ୟ ପ୍ରଚଳିତ ସଙ୍ଗୀତମାନଙ୍କଠାରୁ ପୃଥକ୍‌ଭାବରେ ପରିଚିତ କରାଯାଉଥାଏ । ଯେତେବେଳେ କାଞ୍ଚିକାବେରୀ ରଚିତ ହେଲା, ସେତେବେଳେ ସ୍ଥାୟୀ ରଙ୍ଗମଞ୍ଚ ଓଡ଼ିଶାରେ ଆଦୌ ନ ଥିଲା । ଶିକ୍ଷିତ ଯୁବକମାନେ ନିଜର ଅଭିନୟସ୍ପୃହା ଚରିତାର୍ଥ କରିବା ନିମନ୍ତେ ଅସ୍ଥାୟୀଭାବରେ ତେଣେତେଣେ କୁଣ୍ଡିଏ କାଠର ତକ୍ତପୋଷକୁ ଏକାଠି କରି ବେଦୀ ରଚନା ପୂର୍ବକ ତଦୁପରି ଅଭିନୟ କରୁଥିଲେ ଓ ଉପଯୁକ୍ତ ଦୃଶ୍ୟପଟ ପ୍ରଭୃତିର ମଧ୍ୟ ବିଶେଷ ଅଭାବ ଲକ୍ଷିତ ହେଉଥିଲା । ସେହି ଯୁବକମାନଙ୍କ ମଧ୍ୟରୁ କେତେକ ସ୍ତ୍ରୀ ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ ଓ ଓଡ଼ିଶାର ତାତ୍‌କାଳୀନ ପରିସ୍ଥିତିରେ ସ୍ତ୍ରୀଲୋକମାନଙ୍କଦ୍ୱାରା ସ୍ତ୍ରୀ ଭୂମିକାର ଅଭିନୟ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ଯୁବକମାନଙ୍କର ଉତ୍ସାହ ଏକମାତ୍ର ସହାୟ; ସେମାନଙ୍କର ଅର୍ଥର ଅଭାବ, ତାଙ୍କୁ ଉତ୍ସାହ ଦେବା ଓ ତାଙ୍କର ଅଭିନୟକୁ ନିୟନ୍ତ୍ରଣ କରିବା ଲୋକର ଅଭାବ ବିଶେଷଭାବରେ ଅନୁଭୂତ ହୋଇଥିଲା । ପୁଣି ସେମାନେ ଥିଏଟରରେ ଯୋଗ ଦେବା ଦ୍ୱାରା ଯେ ନିଜର ସର୍ବନାଶରେ ଯତ କରୁଅଛନ୍ତି, ଏ ଧାରଣା ମଧ୍ୟ ସେମାନଙ୍କ ଅଭିଭାବକମାନଙ୍କ ମନରେ ବଦ୍ଧମୂଳ ଥିଲା ଓ ଏହାକୁ ଲକ୍ଷ୍ୟ କରି ୧୮୯୧ ମସିହାରେ ରଚିତ (ଅର୍ଥାତ୍ କଟକରେ ନାଟ୍ୟାଭିନୟର ଆରମ୍ଭର ଠିକ୍ ଦଶ ବର୍ଷ ପରେ) ବୃନ୍ଦାବନବାସ ନାଟକର ପ୍ରସ୍ତାବନାରେ ଏହି କଥାକୁ ଲକ୍ଷ୍ୟ କରି ନାଟ୍ୟକାର ଲେଖିଅଛନ୍ତି, "ସେମାନଙ୍କର ମତ ଏହି ଯେ, ଓଡ଼ିଶାରେ ନାଟକାଭିନୟ କରିବାଦ୍ୱାରା ବାବୁଘରର ଅଣଭରସା ସ୍ୱରୂପ ଯୁବକବୃନ୍ଦର ଇହକାଳ ଓ ପରକାଳ ଉଭୟ ନଷ୍ଟ କରିବାର ସୂତ୍ରପାତ ହୋଇଅଛି ।" ରାମପାଳ ମିଶ୍ରଙ୍କ ଗୀତାଭିନୟ ନାଟକରେ ଶ୍ରୀଅଭିରାମ ଭଞ୍ଜ ଦେଓ ଭୂମିକା ଲେଖିଥିଲେ, ସେଥିରେ ମଧ୍ୟ ଏହାର ଆଭାସ ମିଳୁଛି ।

ସ୍ଥାୟୀ ରଙ୍ଗାଳୟର ଅଭାବରୁ ଲୋକଙ୍କ ବସିବା ନିମନ୍ତେ ଚନ୍ଦ୍ରାତପହିଁ ଏକମାତ୍ର ଉପାୟ ଥିଲା ଓ ଏହାକୁ ଲକ୍ଷ୍ୟ କରି ଓଡ଼ିଶାର ପ୍ରଥମ ନାଟକରେ ଲେଖକ ପ୍ରସ୍ତାବନାରେ ରଙ୍ଗାଳୟ ବର୍ଣ୍ଣନା ସ୍ଥଳରେ ଲେଖିଅଛନ୍ତି, "ମନୋଜ୍ଞ ଚନ୍ଦ୍ରାତପ ଦୀପମାଳାରେ ଶୋଭିତ ହୋଇ ଅପୂର୍ବ ଶ୍ରୀ ଧାରଣ କରି ଦର୍ଶକମନ ବିମୋହିତ କରୁଅଛନ୍ତି।" ଏହି ସବୁ ଅଭାବ, ଅସୁବିଧା, ଲୋକମାନଙ୍କର ବିରୋଧ ଓ ଶତ୍ରୁତା ମଧ୍ୟରେ ଓଡ଼ିଆ ନାଟକର ଜନ୍ମ। ଧନୀ ଲୋକମାନଙ୍କ ମଧ୍ୟରେ ଶିକ୍ଷାର ଓ ମାର୍ଜିତ ରୁଚିର ଅଭାବ, ଉପଯୁକ୍ତ ଶିକ୍ଷିତ ଲୋକମାନଙ୍କ ହାତରେ ଅର୍ଥର ଅଭାବ, ତେବେଣି ଓଡ଼ିଶା ଅଳ୍ପଦିନ ତଳେ ନଅଙ୍କ ଦୁର୍ଭିକ୍ଷ କବଳରୁ ସଦ୍ୟ ମୁକ୍ତ, ଉତ୍କଳ ସମାଜର ମୁଖ୍ୟଲୋକମାନେ ଋଣଗ୍ରସ୍ତରେ ଜର୍ଜରିତ ଓ ସମାଜରେ ଧର୍ମ ଓ ଅର୍ଥନୀତି କ୍ଷେତ୍ରରେ ଏକ ବିଶେଷ ବିପ୍ଳବ ଉପସ୍ଥିତ। ଏହି ସବୁ କାରଣରୁ ବଙ୍ଗଦେଶରେ ନାଟ୍ୟ ସାହିତ୍ୟ ଯେପରି ଦ୍ରୁତବେଗରେ ଉନ୍ନତ ହୋଇଥିଲା, ଓଡ଼ିଶାରେ ତାହା ସମ୍ଭବପର ହୋଇ ନାହିଁ ଓ ଅନେକଦିନ ପର୍ଯ୍ୟନ୍ତ ରାମଶଙ୍କର ବାବୁ ଓଡ଼ିଆରେ ଏକମାତ୍ର ନାଟ୍ୟକାର ବୋଲି ପରିଗଣିତ ଥିଲେ ଓ କାଞ୍ଚିକାବେରୀରେ ସେ ଯେଉଁ ନାଟ୍ୟକଳାର ଆଦର୍ଶ ଦେଖାଇ-ଥିଲେ, ଓଡ଼ିଶାରେ ତାହାହିଁ ଏକମାତ୍ର ଅନୁକରଣୀୟ ବୋଲି ଗୃହୀତ ହୋଇଥିଲା।

କାଞ୍ଚିକାବେରୀର ପ୍ରଥମାଂଶରେ ସଂସ୍କୃତ ନାଟକରୀତି ଅନୁସାରେ ପ୍ରସ୍ତାବନା ଓ ସୂତ୍ରଧର ଏବଂ ନଟନଟୀମାନଙ୍କୁ ସ୍ଥାନ ଦାନ କରାଯାଇଅଛି। ଏହି ରୀତି ପରବର୍ତ୍ତୀ ଅନ୍ୟ ଅନେକ ନାଟକରେ ମଧ୍ୟ ଅନୁସୃତ ହୋଇ-ଥିଲା। ଏହି ପ୍ରସ୍ତାବନା କାମପାଳ ମିଶ୍ରଙ୍କ ସୀତାବିବାହରେ ଅତି କ୍ଷୁଦ୍ର ଗୀତରୂପରେ ମାତ୍ର ପର୍ଯ୍ୟବସିତ ଅଛି; କିନ୍ତୁ ହରିହର ରଥ, ଦାମୋଦର ମିଶ୍ର, ପଦ୍ମଚରଣ ଦାସ ପ୍ରଭୃତି ଅନ୍ୟାନ୍ୟ ନାଟ୍ୟକାରମାନଙ୍କ ଲେଖାରେ ଏହି ପ୍ରସ୍ତାବନାର ବିଶେଷ ବ୍ୟବହାର ଦେଖାଯାଇଥାଏ। ମାତ୍ର ଏହା ଯେ କାଞ୍ଚିକାବେରୀର ପ୍ରଭାବରୁ ଘଟିଅଛି ତାହା ନୁହେଁ, ସଂସ୍କୃତ ନାଟକମାନଙ୍କରେ ଏରୂପର ପ୍ରସ୍ତାବନା ଥିବାରୁ ଓ ଏହି ପ୍ରସ୍ତାବନା ଦ୍ୱାରା ନାଟକର ଅନ୍ତର୍ନିହିତ ଭାବ ବା କଥାବସ୍ତୁର ସାର ଅଂଶ ପ୍ରକାଶ କରିବାର ସୁବିଧା ଥିବାରୁ ଓ ସମସ୍ତ ସମୟରେ ପ୍ରସ୍ତାବନାର ସଂଳାପାଂଶ ଦ୍ୱାରା କଥାବସ୍ତୁର ଆରମ୍ଭ କରିବା ମଧ୍ୟ ସହଜ ଥିବାରୁ ଏବଂ ଏହି ରୀତି ସଂସ୍କୃତ ନାଟକରେ ପ୍ରଚଳିତ ଥିବାରୁ ଅନେକ ନାଟକରେ ଏହି ପ୍ରସ୍ତାବନାର ବ୍ୟବହାର ଦେଖାଯାଉଥିଲା। କାମପାଳ

ମିଶ୍ରଙ୍କର ସୀତାବିବାହ ନାଟକରେ ପ୍ରସ୍ତାବନା ସଙ୍ଗୀତର ଶେଷ ଅଂଶରେ "ଶରଦନ ସୀତା—ଦିକ୍‌କୁମାରୀ ଲତା—ମିଳନ କାହାର ସୁଦନ୍ତେ" ଏହି ପଦଦ୍ୱାରା ସୀତାପରିଣୟ ନାଟକରେ ମୁଖ୍ୟ ବିଷୟ ଥିବା ସ୍ପଷ୍ଟ ଇଙ୍ଗିତ ଦିଆଯାଇଅଛି । ସ୍ୱର୍ଗୀ ଦାମୋଦର ମିଶ୍ରଙ୍କ "ଧ୍ରୁବ ତପସ୍ୟା" ନାଟକରେ ସୂତ୍ରଧର "ମୁଁ ଅମଣାଙ୍କୁ ସମ୍ରାଟ୍ ହେଲା ପରି ମନେ କରୁଛି" କହିବା ସମୟରେ ନେପଥ୍ୟରେ "ଏଁ, କିଏ ସମ୍ରାଟ୍ ହେଉଛି ?" ଶବ୍ଦ ହଠାତ୍ ଶୁଣାଗଲା ଓ ତହିଁ ଏପରି କିଏ କରୁଛି ପଶ୍ଚରିବାରେ ସୂତ୍ରଧର "ବନସ୍ଥିତ ରୁଦ୍ର ସିଂହ ଆସୁଛି" ଏହି କଥା କହିବା ଦ୍ୱାରା ନାଟକର ଆରମ୍ଭ ସୂଚିତ ହେଉଅଛି ଓ ଦର୍ଶକମାନଙ୍କୁ ନାଟକର ଆରମ୍ଭରେ ରୁଦ୍ର ସିଂହଙ୍କ ପ୍ରବେଶ ସୂଚିତ କରାଇ ଦିଆଯାଇଅଛି । ଅବଶ୍ୟ କ୍ରମଶଃ ଏହିପରି ପ୍ରସ୍ତାବନାର ବ୍ୟବହାର ଓଡ଼ିଆ ନାଟକରୁ ଅନ୍ତର୍ହିତ ହେଉଅଛି ଓ ଆଧୁନିକ ନାଟକମାନଙ୍କରେ ପ୍ରସ୍ତାବନାର ବ୍ୟବହାର ଆଦୌ ଦେଖାଯାଏ ନାହିଁ ।

କାଥିକାବେଷ୍ଟରେ ଆମ୍ଭେମାନେ ନାନା ଦୃଶ୍ୟରେ ସଙ୍ଗୀତର ବ୍ୟବହାର ପାଉଥାଉଁ ଓ ପରବର୍ତ୍ତୀ ଓଡ଼ିଆ ନାଟକରେ ସଙ୍ଗୀତ ଏକ ଅପରିହାର୍ଯ୍ୟ ଅଂଶରୂପରେ ଆଜପର୍ଯ୍ୟନ୍ତ ମଧ୍ୟ ବିରାଜିତ ଅଛି । ଏହି ନାଟକମାନଙ୍କୁ ଅନୁଶୀଳନ କଲେ ଦେଖାଯିବ ଯେ, ନାଟ୍ୟକାରମାନେ ସଙ୍ଗୀତର ଅବାସ୍ତବତା ବିଷୟ ଉପଲବ୍ଧି କରୁଥିଲେହେଁ ନିଜ ନିଜ ଲେଖା ମଧ୍ୟରେ ସଙ୍ଗୀତକୁ ଅନୁପ୍ରବେଶ କରାଇବା ନିମନ୍ତେ ଓ ସେଥିର ସୁଯୋଗ ପାଇବା ନିମନ୍ତେ ସର୍ବଦା ବ୍ୟସ୍ତ । ପ୍ରତ୍ୟେକ ଅଙ୍କର ଶେଷରେ ଗୋଟିଏ ଲେଖାଏଁ ସଙ୍ଗୀତ ଯୋଡ଼ିଦେବା ଆଧୁନିକ ନାଟକର ରୀତି ହୋଇଅଛି । ରାଜଦରବାରରେ ନର୍ତ୍ତକୀମାନଙ୍କର ନୃତ୍ୟ ଗୀତ, ନାୟିକାର ସହଚରୀମାନଙ୍କ ପ୍ରେମବିଷୟକ ବା ବସନ୍ତକାଳର ମାଧୁର୍ଯ୍ୟବିଷୟକ ଗୀତ ଗାଇବା ଓ ନାୟିକା ମଧ୍ୟ ଅତ୍ୟନ୍ତ ଶୋକ ସମୟରେ ସଙ୍ଗୀତରେ ଦୁଃଖ ପ୍ରକାଶ କରିବା ଓଡ଼ିଆ ନାଟକର ରୀତି ହୋଇଅଛି । ଏହି ରୀତି କାଥିକାଡେବସ୍ତରେ ଅନୁସୃତ ରୀତିର ଅନୁକରଣରେ ହୋଇଥିବା ସମ୍ଭବ । ସଙ୍ଗୀତର ଅବାସ୍ତବତା ବିଷୟରେ ନାଟ୍ୟକାରମାନେ ଏତେଦୂର ସଜାଗ ଯେ ମହେଶଚନ୍ଦ୍ରଙ୍କର 'ଧ୍ରୁବଚରିତ' ନାଟକରେ ମୂର୍ଚ୍ଛିତ ମାଳତୀକୁ ଅନେକ ଥର ଗୀତ ଗାଇବାକୁ ଅନୁରୋଧ କରିବା ପରେ ସୁରୁଚିଙ୍କର ଏକାନ୍ତ ଅନୁରୋଧକ୍ରମେ "ସେତେବେଳେ ନହିମା କରୁଅଛନ୍ତି, ଗାଉଛି" ଏହା କହି ମାଳତୀ ନିତାନ୍ତ ଅନିଚ୍ଛାସତ୍ତ୍ୱେ ଗୋଟିଏ ଗାଉଅଛି । କିନ୍ତୁ ଓଡ଼ିଶାରେ ଅଜିନସ୍ତୁ,

ଦର୍ଶନେଚ୍ଛୁମାନେ ଗୀତର ଏତେ ପକ୍ଷପାତୀ ଓ ନାଟକଗତ ସଙ୍ଗୀତରେ କାଞ୍ଚିକାବେରୀ ପ୍ରଭୃତି ନାଟକଦ୍ୱାରା ଏତେ ଅଭ୍ୟସ୍ତ ଯେ, ସଙ୍ଗୀତର ମାଧୁର୍ଯ୍ୟରେ ବିମୋହିତ ହୋଇ ତାହାର ଅଭିନୟକାଳୀନ ଅବାସ୍ତବତା ପ୍ରତି ଅନେକେ ଦୃଷ୍ଟି ରଖନ୍ତି ନାହିଁ । ଏଣୁ 'ସମାରଚର୍' ନାଟକରେ ଯେତେବେଳେ ତରଙ୍ଗିଣୀ ଉନ୍ମାଦିନୀ ଅବସ୍ଥାରେ ବିଷଭକ୍ଷଣ କରିବାକୁ ଉନ୍ମୁଖ, ସେତେବେଳେ "ମୁ ତ ବିଷ ଖୋଜଇ, ଭୁଲିକି, ମୋର ବିଷରେ ଅଛି ରହିଗଲ" ଗୀତଟି ନିତାନ୍ତ ବିସଦୃଶ ଓ ଅପ୍ରାକୃତ ହେଲେ ମଧ୍ୟ ତାହା ଦର୍ଶକମାନଙ୍କ ମନରେ ହାସ୍ୟରସ ଉଦ୍ରେକ କରେ ନାହିଁ । କାଞ୍ଚିକାବେରୀ ନାଟକରେ ଯେଉଁ ସଙ୍ଗୀତଗୁଡ଼ିକ ଦିଆଯାଇଅଛି, ସେଥି ମଧ୍ୟରୁ ଅଧିକାଂଶ ନେପଥ୍ୟରେ ଗୀତ ହେବାର ନିର୍ଦ୍ଦେଶ ଦିଆଯାଇଅଛି ଓ ଅନ୍ୟ କେତେକଗୋଟି ରଙ୍ଗମଞ୍ଚ ଉପରେ ପଦ୍ମାବତୀ ଓ ତାଙ୍କ ସଖୀ ଦ୍ୱାରା ଗୀତ । କିନ୍ତୁ ଓଡ଼ିଶାର ଅଭିନୟଦର୍ଶନେଚ୍ଛୁମାନେ ଶୁଦ୍ଧାନ୍ତ ଗୀତ ଓ ନୃତ୍ୟ । କେବଳ ସଙ୍ଗୀତ ସେମାନଙ୍କର ତୃପ୍ତିବିଧାନ କରିବାକୁ ଅସମର୍ଥ; ଏଣୁ କାଞ୍ଚିକାବେରୀର ଶେଷ ଅଂଶରେ ବିଦୂଷକ ନୃତ୍ୟ ସକାଶେ ଇଙ୍ଗିତ ଦେଇଅଛନ୍ତି ଓ ପଞ୍ଚମ ଅଭିନୟରେ ନର୍ତ୍ତକୀମାନେ "ପାଉଛି ଅନେକ ଅଙ୍କ ସ୍ଥିତେଶ ପ୍ରଭୁଶୋଭନ" ଏହି ଗୀତଟି ମୃଦଙ୍ଗସମ୍ବଳ ନୃତ୍ୟ ସହିତ ଗାନ କରିଥିବାର ନିର୍ଦ୍ଦେଶ ଦିଆଯାଇଥିବାରୁ ତତ୍କାଳୀନ ପ୍ରଚଳିତ ଯାତ୍ରା ପ୍ରଭୃତିରେ ନୃତ୍ୟର ମାତ୍ରାବର୍ଜିତ ଅଙ୍ଗଭଙ୍ଗୀ ପ୍ରତି ଆକ୍ଷେପ କରାଯାଇଅଛି । ନୃତ୍ୟ ଓ ଗୀତକୁ ନାଟକରେ ସ୍ଥାନ ଦେବା 'କାଞ୍ଚିକାବେରୀ' ନାଟକ ପରେ ପ୍ରଚଳିତ ରୀତିସ୍ୱରୂପ ଗଣ୍ୟ ହୋଇଥିଲା ଓ ସମସ୍ତ ନାଟକର ଅଭିନୟରେ ନୃତ୍ୟଗୀତ ଦେଖାଯାଇଥାଏ । ମାତ୍ର ନେପଥ୍ୟରେ ଗୀତଗୁଡ଼ିକ ଗାନ କରିବାର ଯେପରି ନିର୍ଦ୍ଦେଶ କାଞ୍ଚିକାବେରୀରେ ଥିଲା, ତାହା ବର୍ତ୍ତମାନ ଅଭି ପ୍ରଚଳିତ ନାହିଁ । ପ୍ରତ୍ୟେକ ଗୀତ ନୃତ୍ୟ ସହିତ ରଙ୍ଗମଞ୍ଚରେ ଗୀତ ହେଉଅଛି ଓ ସୁଧାଙ୍କର ବାବୁ ନେପଥ୍ୟ ଗୀତ ଉଠାଇ ଦେଇ 'ବିଷମୋହକ' ନାଟକରେ (୧୯୦୪ ମସିହା) 'ଅଦୃଶ୍ୟ କୁମାରୀ' ମାନଙ୍କର ପ୍ରଚଳନ କରିଥିଲେ । ଅଦୃଶ୍ୟ କୁମାରୀ କି ଅର୍ଥରେ ବ୍ୟବହୃତ ହୋଇଅଛି, ତାହା କହିବା କଠିନ । ସମ୍ଭବତଃ ନେପଥ୍ୟ ସଙ୍ଗୀତ ଅଦୃଶ୍ୟ ଥିବାରୁ ଯାହାଙ୍କୁ ଦର୍ଶକମାନେ ଦେଖି ପାରୁ ନାହାନ୍ତି ଏହିପରି କୁମାରୀମାନଙ୍କ ଦ୍ୱାରା ଗୀତ ହେବା ନିର୍ଦ୍ଦେଶିତ ହୋଇଅଛି କିମ୍ବା ଗ୍ରୀକ୍ ନାଟକର କୋରସ (Chorus)କୁ ଅନୁସରଣ କରି ଏମାନଙ୍କୁ ନାଟକରେ ସ୍ଥାନ ଦିଆଯାଇଅଛି ।

ଓଡ଼ିଶାର ଅନେକ ନାଟକରେ ଅନେକ ଦିନ ପର୍ଯ୍ୟନ୍ତ 'ଅଦୃଷ୍ଟ କୁମାରୀ'ର ପ୍ରଚଳନ ଥିଲା । ଆଧୁନିକ ନାଟକମାନଙ୍କରେ ଏହି ରୀତି ପରିତ୍ୟକ୍ତ ହୋଇଅଛି ।

କାମପାଳ ମିଶ୍ରଙ୍କ ସୀତାବିବାହ ନାଟକରେ (୧୮୯୮) କାଞ୍ଚିକାବେରୀରେ ପ୍ରଚଳିତ ନେପଥ୍ୟ ସଙ୍ଗୀତ ଉଠାଇ ଦିଆଯାଇଅଛି । ମାତ୍ର କାଞ୍ଚିକାବେରୀରେ ପ୍ରବର୍ତ୍ତିତ ରଙ୍ଗମଞ୍ଚରେ ନୃତ୍ୟ, ଗୀତ ଓ ସଖୀସମାଗମରେ ରୀତି ବର୍ତ୍ତମାନ ପ୍ରାୟ ସବୁ ନାଟକରେ ପ୍ରଚଳିତ ଅଛି । ଓଡ଼ିଆ ନାଟକମାନଙ୍କରେ ଏହା ସ୍ୱତନ୍ତ୍ରରୂପ ପରିଗଣିତ ହୋଇଅଛି । କାଞ୍ଚିକାବେରୀର ଗୋଟିଏ ଗୀତର ଛାୟା ଅଶ୍ୱିନୀକୁମାରଙ୍କ ଖ୍ରୀଷ୍ଟ ନାଟକରେ "କାହିଁ ସଜନି ପୋଡ଼ନ୍ତି ତଳକୁ ମଥା" ନାମକ ସଙ୍ଗୀତରେ ସୁସ୍ପଷ୍ଟ ।

କାଞ୍ଚିକାବେରୀରେ ଅମିତ୍ରାକ୍ଷର ଛନ୍ଦ ପ୍ରଚଳିତ ହେବା ପରେ ଅନ୍ୟାନ୍ୟ ଓଡ଼ିଆ ନାଟକମାନଙ୍କରେ ତାହା ପ୍ରଚଳିତ ହୋଇଅଛି ଓ କାଞ୍ଚିକାବେରୀରେ ଯେପରି ଗଦ୍ୟ ଓ ପଦ୍ୟର ସମିଶ୍ରଣ ସ୍ଥାନେ ସ୍ଥାନେ କରାଯାଇଅଛି, ଅନେକଗୁଡ଼ିଏ ଓଡ଼ିଆ ନାଟକରେ ସେହି ରୀତି ଅନୁସୃତ ହୋଇଅଛି । ଅବଶ୍ୟ କେବଳ ଅମିତ୍ରାକ୍ଷର ଛନ୍ଦରେ ନାଟକ ରଚନା ବହୁକାଳ ପର୍ଯ୍ୟନ୍ତ ଓଡ଼ିଶାରେ ସମ୍ଭବ ହୋଇ ନ ଥିଲା ଓ 'ଚୈତନ୍ୟଲୀଳା' (୧୯୦୬) ନାଟକ ସମ୍ପୂର୍ଣ୍ଣ ଅମିତ୍ରାକ୍ଷର ଛନ୍ଦଯୁକ୍ତ ନାଟକର ପ୍ରଥମ ଓ ପ୍ରକୃଷ୍ଟ ଉଦାହରଣ । ଅନ୍ୟାନ୍ୟ ନାଟକରେ ଗଦ୍ୟ ମଧ୍ୟରେ ସ୍ଥାନେ ସ୍ଥାନେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର-ଦ୍ୱାରା ନାଟକ ମଧ୍ୟରେ ମନୋହାରିତ୍ୱ ଦେବାର ସୁବିଧା ହୋଇଅଛି । ମାତ୍ର କାଞ୍ଚିକାବେରୀରେ ପ୍ରଚଳିତ ରୀତି ଅନୁସାରେ ଅମିତ୍ରାକ୍ଷର ଛନ୍ଦ ସରସ ଥିବାରୁ ତାହାଁ ସେତେ ଶ୍ରୁତିସୁଖକର ହୋଇ ନାହିଁ ।

କାଞ୍ଚିକାବେରୀରେ ନାଟ୍ୟକାର କେତେକ ଶାସ୍ତ୍ର ନାଟ୍ୟଶବ୍ଦ ବ୍ୟବହାର କରିଥିଲେ ଓ ସେଗୁଡ଼ିକ ମଧ୍ୟ ଓଡ଼ିଆ ନାଟକରେ ବହୁକାଳ ପ୍ରଚଳିତ ଥିଲା । କାଞ୍ଚିକାବେରୀରେ କଥାବସ୍ତୁକୁ ଅଭିନୟ ଓ ଦୃଶ୍ୟରେ ବିଭକ୍ତ କରାଯାଇଅଛି; ଅନେକ ଓଡ଼ିଆ ନାଟକରେ ଏହି ରୀତି ଅନୁସୃତ ହୋଇ ପରେ ଅଙ୍କ, ଦୃଶ୍ୟ, ଗର୍ଭାଙ୍କ ପ୍ରଭୃତି ପ୍ରଚଳିତ ହୋଇଅଛି । ବାସ୍ତବରେ 'ଅଭିନୟ'ର ଗୋଟିଏ ସାଧାରଣ ଅର୍ଥ ଥିବାରୁ ଅଙ୍କ ଅର୍ଥରେ ଏହାର ବ୍ୟବହାର ସମୀଚୀନ ହୋଇ ନ ଥିଲା । ମାତ୍ର ନୂତନ ନାଟ୍ୟକାର ଏହିପରି ବିଭାଗର ପକ୍ଷପାତୀ ଥାଇ ଶେଷ ପର୍ଯ୍ୟନ୍ତ ନିଜ ନାଟକରେ ଏହାକୁ ଚଳାଇଥିଲେ । ପୁରୁଷୋତ୍ତମ ଦେବଙ୍କ ସମସ୍ତରେ ଯୁଦ୍ଧରେ ଗୋଳକବାବୁଙ୍କର

ବହୁଳ ପ୍ରଚାର ହୋଇ ନ ଥିଲେ ମଧ୍ୟ କାଞ୍ଚିକାବେରୀ ମୁଖରେ ନାଟ୍ୟକାର ଗୋଲ୍ ଶବ୍ଦର ଉଲ୍ଲେଖ କରିଥିଲେ ଓ ଅନ୍ୟାନ୍ୟ ଓଡ଼ିଆ ନାଟକରେ ମଧ୍ୟ ଏହିପରି କାଳବ୍ୟତିକ୍ରମ ଦେଖାଯାଇଥାଏ । ବାଳକୃଷ୍ଣ କର ତାଙ୍କର ଚନ୍ଦ୍ରଗୁପ୍ତ ନାଟକରେ ବନ୍ଧୁକର ଉଲ୍ଲେଖ କରିଅଛନ୍ତି ଓ ଚନ୍ଦ୍ରଗୁପ୍ତଙ୍କ ସମୟରେ ବନ୍ଧୁକର ବ୍ୟବହାର ନ ଥିଲେହେଁ ଏହି ବର୍ଣ୍ଣନାର ଅବାସ୍ତବତା କାଞ୍ଚିକାବେରୀର ପ୍ରଚଳିତ ରୀତି ଅନୁସାରେ ଦର୍ଶକମାନଙ୍କ ମନରେ ବିଶେଷ ଆଘାତ ଜନ୍ମାଏ ନାହିଁ । ବାସ୍ତବିକ ନାଟକରେ ବର୍ଣ୍ଣିତ କାଳର ବାସ୍ତବତା ବିଧାନ ବିଷୟରେ ନାଟ୍ୟକାରମାନେ ଅନେକ କ୍ଷେତ୍ରରେ ସଚେଷ୍ଟ ଥିଲେହେଁ ନାନାପ୍ରକାର ଅବାସ୍ତବ ପଦାର୍ଥ ନାଟକୀୟ ରୀତି ରୂପରେ ନାଟକରେ ପ୍ରବେଶଲାଭ କରେ ଓ ଦର୍ଶକମାନେ ଏହିପରି ରୀତିରେ ଏତେଦୂର ଅଭ୍ୟସ୍ତ ହୁଅନ୍ତି ଯେ, ସେମାନଙ୍କର ଅବାସ୍ତବତା ବିଷୟରେ କିଛି ବିଚାର ନ କରି ନାଟକୀୟ ରସପାନ କରିବା ନିମନ୍ତେ ଉନ୍ମୁଖ ହୋଇଥାନ୍ତି । ଏହିପରି ଗୋଟିଏ ରୀତିକଥା ପୂର୍ବେ ଉଲ୍ଲେଖ କରାଯାଇଅଛି । କାଞ୍ଚିରାଜା ନିଜ ମନ୍ତ୍ରୀଙ୍କ ସଙ୍ଗରେ ନିଶ୍ଚୟ ବିଶୁଦ୍ଧ ଓଡ଼ିଆରେ କଥାବାର୍ତ୍ତା କରି ନ ଥିଲେ; ମାତ୍ର ନାଟ୍ୟକାର ଓଡ଼ିଆ ନାଟକ ଲେଖିବା ଉଦ୍ଦେଶ୍ୟରେ ଏଠାରେ ଅବାସ୍ତବତାର ଆଶ୍ରୟ ଗ୍ରହଣ କରିଥିଲେ ଓ ଓଡ଼ିଶାର ଦର୍ଶକମାନେ ଏହି ଅବାସ୍ତବତାକୁ ସ୍ୱୀକାର କରି ନେଇଥିଲେ । ସେହି କାରଣରୁ ପରବର୍ତ୍ତୀ ନାଟକମାନଙ୍କରେ କନକ, ହେମଚନ୍ଦ୍ର, ରାବଣ, ବ୍ରହ୍ମା, ସେଲ୍ୟୁକସ୍, ହୋସେନ୍ ଖାଁ, ମୀର କାସିମ୍ ପ୍ରଭୃତିଙ୍କର ସରସ ଓଡ଼ିଆରେ ଅବାଧରେ କଥୋପକଥନ କରିବା ବର୍ଣ୍ଣିତ ହୋଇଅଛି ଓ ଦର୍ଶକମାନେ ଏ ବିଷୟରେ କୌଣସି ଆପତ୍ତି କରି ନ ଥାନ୍ତି । ଗୋଟିଏ ରୀତିକୁ ଏହିପରିଭାବରେ ଗ୍ରହଣ କରିବାଦ୍ୱାରା ଅନ୍ୟାନ୍ୟ ରୀତି ମଧ୍ୟ ନାଟ୍ୟସାହିତ୍ୟରେ ସ୍ଥାନଲାଭ କରେ । କାମପାଲ ମିଶ୍ରଙ୍କ ସୀତାବିବାହ ନାଟକରେ ସ୍ୱୟମ୍ବରସଭାର ନିମନ୍ତ୍ରଣପତ୍ରର ବର୍ଣ୍ଣନାରେ "ସୌରାଷ୍ଟ୍ର, କୋଶଳ, ଶୈଳ, ଚେଦି, ତ୍ରିଗର୍ତ୍ତ, ମୁଣ୍ଡା, ଚୀନ, ସ୍କନ୍ଦନାଭି, ହୂରଟ, ଆରବ ଓ ଅନ୍ୟାନ୍ୟ ଯବନ ରାଜା ସମ୍ମୁଖଠାକୁ" ଦୂତ ପଠାଇବା ବିଷୟ ନାଟ୍ୟକାର ଉଲ୍ଲେଖ କରିଅଛନ୍ତି । ଏହି ବର୍ଣ୍ଣନା ସମୟରେ ତାତ୍କାଳୀନ ସମାଜରେ ଯବନମାନଙ୍କର ଅସ୍ତିତ୍ୱ ନ ଥିବା ବିଷୟ ଦର୍ଶକମାନେ ଭୁଲିଯାଇ କେବଳ ସ୍ୱୟମ୍ବରସଭାର ବିରାଟତ୍ୱ ଉପଲବ୍ଧି କରନ୍ତି । ଅନ୍ୟାନ୍ୟ ଅନେକ ନାଟକରେ ମଧ୍ୟ ନାଟ୍ୟକାର ନାଟକବର୍ଣ୍ଣିତ ସମୟକୁ ଅତିକ୍ରମ

କରି ନାନାପ୍ରକାର ବର୍ଣ୍ଣନା ସଂଯୋଜିତ କରିଅଛନ୍ତି । ଦାମୋଦର ମିଶ୍ରଙ୍କ 'ସତ୍ୟବିଜୟ' ନାଟକରେ ଏହାର ଗୋଟିଏ ଅତି ଉତ୍କୃଷ୍ଟ ଉଦାହରଣ ମିଳେ । ନାଟକବର୍ଣ୍ଣିତ ସମୟ ୧୭୧୮ ଖ୍ରୀଷ୍ଟାବ୍ଦ ଜୁନ ମାସ ୭ ତାରିଖରେ କୁଞ୍ଜପୁର ଥାନାର ଦାରୋଗା କଟେଶ୍ୱର ପାଣ୍ଡେ ଗୋଟିଏ ଖୁଣି ମାମଲାର ରିପୋର୍ଟ ଦାଖଲ କରିଅଛନ୍ତି ଓ ଉକ୍ତ ଖ୍ରୀଷ୍ଟାବ୍ଦ ୮ ତାରିଖରେ ଡାକ୍ତର ମୃତ ବ୍ୟକ୍ତିର ଲାସ୍ ପରୀକ୍ଷା କରି ନିଜର ମତାମତ ବ୍ୟକ୍ତ କରିଅଛନ୍ତି । ଅତଏବ ଦର୍ଶକମାନଙ୍କ ମନରେ ନାଟକବର୍ଣ୍ଣିତ କାଳ ସ୍ଥିତିରୂପରେ ଅଙ୍କିତ କରାଯିବାର ଚେଷ୍ଟା କରାଯାଇଅଛି । ମାତ୍ର ଏପରି ସ୍ଥିତିର ନିର୍ଦ୍ଦେଶ ସତ୍ତ୍ୱେ ସେ ସମୟରେ ସାହେବ ଜଜ୍ ଓ ସାହେବ ଡାକ୍ତର ପ୍ରଚଳିତ ନ ଥିଲେହେଁ ନାଟକରେ ଡାକ୍ତରଙ୍କ ନାମ ଡବଲିଉ ଟମାସ ବୋଲି ଉଲ୍ଲିଖିତ ହୋଇଅଛି ଓ ଜଜ୍ ମଧ୍ୟ ଇଉରୋପୀୟ, ଏହା ତାଙ୍କର କଥା-ବାର୍ତ୍ତାରୁ ସ୍ପଷ୍ଟ ଜଣା ପଡୁଅଛି । ପୁଣି ନାଟକରେ "କେହି କହୁଛନ୍ତି ଅହବର୍ଣ୍ଣ ନିବାଜ କର, କେତେ ଜଣ କହୁଛନ୍ତି ବିଧବାମାନଙ୍କୁ ସଧବା କରି ପକାଅ, କାହାରି କାହାରି ମତ ଯେ, ଅସ୍ପୃଶ୍ୟତା ଦେଶରୁ ଉଠାଇ ଦିଅ" ଏହିପରି ଚହଳ ଲାଗିଥିବାର ବର୍ଣ୍ଣନା କରାଯାଇଅଛି । ମାତ୍ର ଏହି ସବୁ ବିଷୟ ଯେ ୧୭୧୮ ମସିହା ଓଡ଼ିଆ ସମାଜରେ ଅବାସ୍ତବ, ତାହା ନାଟ୍ୟକାର ଭୁଲି ଯାଇଅଛନ୍ତି ଓ ଦର୍ଶକମାନେ ମଧ୍ୟ ନାଟକର ରସ ଗ୍ରହଣ କରିବା ସମୟରେ ଏପରି ଅବାସ୍ତବତାକୁ ବିଶେଷ ଦୋଷାବହ ବୋଲି ମନେ କରନ୍ତି ନାହିଁ ।

କାଞ୍ଚୀକାବେରୀରେ ରଙ୍ଗମଞ୍ଚ ଉପରେ ଯୁଦ୍ଧ ଅଭିନୀତ ନାହିଁ, କେବଳ ଦୂରଦ୍ରଷ୍ଟାଙ୍କ ଯୁଦ୍ଧର ବର୍ଣ୍ଣନାଦ୍ୱାରା ଦର୍ଶକମାନଙ୍କୁ ତୃପ୍ତ କରିବାର ଚେଷ୍ଟା କରାଯାଇଅଛି । ଏହା ସଂସ୍କୃତ ନାଟକର ଅନୁସୃତ ରୀତି ଥିବାରୁ ଅନ୍ୟାନ୍ୟ ଅନେକ ଓଡ଼ିଆ ନାଟକରେ ଏହି ରୀତି ଅନୁସୃତ ହୋଇଅଛି । ବାସ୍ତବରେ ଯେଉଁଠାରେ ଦୁଇଜଣ ବୀରଙ୍କର ପରସ୍ପର ଯୁଦ୍ଧ ନ ହୋଇ ଅଗଣିତ ସୈନ୍ୟଙ୍କର ଯୁଦ୍ଧ ହୋଇଥାଏ ତାହା ରଙ୍ଗମଞ୍ଚରେ ଦେଖାଇବାର ଚେଷ୍ଟା ନିଶ୍ଚୟ ବିଫଳ ହେବ ଓ ଦୃଶ୍ୟଟିର ଅବାସ୍ତବତା ଦର୍ଶକମାନଙ୍କର ହାସ୍ୟ ଉଦ୍ରେକ କରିବ । ସଂସ୍କୃତ ରୀତିକୁ ଅନୁସରଣ କରି 'ଖ୍ରୀଷ୍ଟାର୍ଜୁନ'ରେ ଏଥି ହକାରେ ସଞ୍ଜୟ କେବଳ କୁରୁକ୍ଷେତ୍ର ଯୁଦ୍ଧର ବର୍ଣ୍ଣନା କରିବା ଦେଖାଯାଇଅଛି ଓ 'ସତ୍ୟବିଜୟ' ନାଟକରେ ମୃତ୍ୟୁ, ହତ୍ୟା ପ୍ରଭୃତି ନେପଥ୍ୟରେ ସମ୍ପାଦିତ ହୋଇଅଛି । ପ୍ରକାଶ୍ୟ ରଙ୍ଗମଞ୍ଚରେ କେବଳ ତାହାର ବର୍ଣ୍ଣନା ଦିଆଯାଇଅଛି । ଅତଏବ ନାଟକରେ ଅବଶ୍ୟ ଏହି ରୀତିର

ବ୍ୟତିକ୍ରମ ମଧ୍ୟ ଦେଖାଯାଇଥାଏ । ଏହି ବ୍ୟତିକ୍ରମଗୁଡ଼ିକ ନାନା ନାଟକୀୟ ଛଟାରେ ବିଭୂଷିତ ହୋଇ ବାସ୍ତବ ଘଟଣାସ୍ୱରୂପ ରଙ୍ଗମଞ୍ଚରେ ଅଭିନୀତ ହୋଇଥାଏ ।

କାଞ୍ଚିକାବେରୀରେ ଅପ୍ରାକୃତ ବା ଅତିପ୍ରାକୃତ ଚରିତ୍ରର ଆଦୌ ବର୍ଣ୍ଣନା ନାହିଁ ଏବଂ ସାଧାରଣ ସମାଜରେ ଯେଉଁ ସବୁ କାର୍ଯ୍ୟ ହେବା ସମ୍ଭବ, ତାହାହିଁ ଅତିନିପୁଣରେ ପ୍ରଦର୍ଶିତ ହୋଇଅଛି । ମାତ୍ର ପୌରାଣିକ ନାଟକର ଅତିପ୍ରାକୃତ ଚରିତ୍ରମାନଙ୍କୁ ବାଦ୍ ଦେଲେ ନାଟ୍ୟକାରଙ୍କ ପରବର୍ତ୍ତୀ ନାଟକମାନଙ୍କରେ ମଧ୍ୟ ଅବାସ୍ତବ ଚରିତ୍ର ବିଶେଷ ଦେଖାଯାଏ ନାହିଁ । କିନ୍ତୁ ଉନ୍ମାଦିନୀ ପ୍ରଭୃତି କେତେକ ସ୍ୱତନ୍ତ୍ର ଚରିତ୍ର ଓ ନିୟତି, ରାଜଲକ୍ଷ୍ମୀ ପ୍ରଭୃତି ଅତିପ୍ରାକୃତ ଚରିତ୍ର ଅନ୍ୟାନ୍ୟ ପରବର୍ତ୍ତୀ ନାଟକରେ ଦେଖାଯାଇଥାଏ । ଉନ୍ମାଦିନୀ ଚରିତ୍ର ବାସ୍ତବରେ ମନୋମୋହନ ବସୁଙ୍କର 'ସତୀ' ନାଟକର ଅନୁକରଣରେ ଲିଖିତ ଅନ୍ୟାନ୍ୟ ବଙ୍ଗଳା ନାଟକ ପାଠର ଫଳ ଓ ନିୟତି, ରାଜଲକ୍ଷ୍ମୀ ପ୍ରଭୃତି ଚରିତ୍ର ମଧ୍ୟ କେତେକ ବଙ୍ଗଳା ନାଟକରେ ସ୍ଥାନଲାଭ କଲା ପରେ ଓଡ଼ିଆ ନାଟକରେ ସ୍ଥାନଲାଭ କରି ପାରିଅଛନ୍ତି । କେତେକ ଯାତାରେ କିନ୍ତୁ ଏପରି ଚରିତ୍ରର ଉଲ୍ଲେଖ ମିଳେ । ମାତ୍ର କାଞ୍ଚିକାବେରୀରେ ପ୍ରଚଳିତ ରୀତି ରୂପରେ ପ୍ରତିଷ୍ଠିତ ନାଟ୍ୟଚରିତ୍ର ଯଥା—ସଖୀ (ଭଦ୍ରା), ମନ୍ତ୍ରୀ ଓ ବିଦୂଷକ ସଂସ୍କୃତ ନାଟକରେ ମଧ୍ୟ ପ୍ରଚଳିତ ଥିବାରୁ ଓଡ଼ିଆ ନାଟକରେ ପରବର୍ତ୍ତୀ କାଳରେ ଅବାଧରେ ବ୍ୟବହୃତ ହୋଇଅଛି । ମାତ୍ର ଏସବୁ ଚରିତ୍ର କାଞ୍ଚିକାବେରୀର ଅନୁକରଣରେ ବ୍ୟବହୃତ ହୋଇଥିବା ସ୍ପଷ୍ଟଭାବରେ କୁହାଯାଇ ନ ପାରେ ।

କାଞ୍ଚିକାବେରୀରେ ଅନୁସୃତ ନାଟକୀୟ ରୀତିର ବ୍ୟତିକ୍ରମ ମଧ୍ୟ ପରବର୍ତ୍ତୀ ଅନେକ ଓଡ଼ିଆ ନାଟକରେ ଦେଖାଯାଇଅଛି ଓ ଅନେକ-କ୍ଷେତ୍ରେ ରୀତି ନୂତନ ନାଟ୍ୟକାର ପରବର୍ତ୍ତୀ ନାଟକମାନଙ୍କରେ ପ୍ରବର୍ତ୍ତିତ କରିଅଛନ୍ତି । ତନ୍ମଧ୍ୟରୁ ପ୍ରଧାନ ଯୁଗ୍ମନାଟ୍ୟ । ବଙ୍ଗଳା 'ଅଲିବାବା' ନାଟକର ଅଭିନୟ ପରେ ଏହି ଯୁଗ୍ମନାଟ୍ୟ ଅତ୍ୟନ୍ତ ଜନପ୍ରିୟ ହୋଇଥିଲା ଓ ଏହାର ଜନପ୍ରିୟତା ଏତେଦୂର ବୃଦ୍ଧି ପାଇଲା ଯେ, ଏହାର ଅବାସ୍ତବତାକୁ ଭୁଲିଯାଇ ନାଟ୍ୟକାରମାନେ ପ୍ରାୟ ପ୍ରତ୍ୟେକ ନାଟକରେ ବିଭିନ୍ନ ପ୍ରକାର ଯୁଗ୍ମନାଟ୍ୟର ସଙ୍କେତ ଦେଇଥିଲେ ଓ ଦର୍ଶକମାନେ ମଧ୍ୟ ଏହା ଅବାଧରେ ଗ୍ରହଣ କରିଥିଲେ । ଯୁଗ୍ମନାଟ୍ୟର ମୂଳ ବିଷୟ ସ୍ୱାମୀ ସ୍ତ୍ରୀ ବା ପ୍ରେମିକ ପ୍ରେମିକା ମଧ୍ୟରେ ଈଷତ୍ କଳହ ଓ ସେହି କଳହକୁ ଗୀତରେ ପ୍ରକାଶ

ଜନ୍ମ ପରିଚ୍ଛେଦରେ ଉଭୟଙ୍କର ମିଳନ ଓ ଏକାନ୍ତ ହେବା । ସ୍ୱପ୍ନନାଟ୍ୟରେ ପ୍ରେମିକ ପ୍ରେମିକାର ଚିତ୍ର ଥିବାରୁ ଓ ସାଧାରଣ ଭାରତ ସମାଜର ଲୋକମାନଙ୍କ ମଧ୍ୟରେ ଏହା ବହୁଳ ଥିବାରୁ ଏହା ସାଧାରଣତଃ ଯୁବକ ଯୁବତୀ ଅଥବା ଅନ୍ୟାନ୍ୟ ନୀଚ ଶ୍ରେଣୀର ଲୋକଙ୍କୁ ବେଶି ରୁଚିକର ହୋଇଥାଏ । ଓଡ଼ିଆ ନାଟକର ପ୍ରଥମ ଅବସ୍ଥାରେ ଏହା ଅଧିକ ପ୍ରଚଳିତ ନ ଥିଲା । ମାତ୍ର କ୍ରମଶଃ ଏହା ଏତେଦୂର ଜନପ୍ରିୟ ହେଲା ଯେ, ପ୍ରାୟ ପ୍ରତ୍ୟେକ ନାଟକରେ ସ୍ୱପ୍ନନାଟ୍ୟ ଯୋଗ କରି ନାଟକର ଅଭିନୟକୁ ସରସ କରିବାର ଚେଷ୍ଟା କରାଯାଇଥିଲା । ସ୍ୱପ୍ନନାଟ୍ୟଗୁଡ଼ିକ ବାସ୍ତବରେ ନାଟକବର୍ଣ୍ଣିତ ମୁଖ୍ୟ କଥାବସ୍ତୁର ବହିର୍ଭୂତ ସ୍ୱରୂପ ହାସ୍ୟରସ ଉଦ୍ରେକ କରିବା ନିମନ୍ତେ ବ୍ୟବହୃତ ହୋଇଥାଏ । ହାସ୍ୟରସ, ନୃତ୍ୟ, ଗୀତ ପ୍ରଭୃତି ଏକାଧାରରେ ଥିବାରୁ ଲେଖକମାନେ ଏହାର ସୀମା ନିର୍ଦ୍ଦେଶ କରି ନ ପାରି ଅନେକ ସମୟରେ ନାନା ଅବାସ୍ତବ ଚିତ୍ର ପ୍ରବର୍ତ୍ତିତ କରିଥାନ୍ତି । ବାସ୍ତବିକ ଧ୍ରୁବଚରିତ୍ର ( ୩୯ ଓ ୫୬ ପୃଷ୍ଠା ) ଓ ସୁଦାମାଠାରେ ଏହିପରି ଦୁଇଗୋଟି ଅବାସ୍ତବ ସ୍ୱପ୍ନନାଟ୍ୟର ପରିଚୟ ଆମ୍ଭେମାନେ ପାଉଥାଉଁ । 'ଭଗିନୀ'ର ବିକୃତ ସ୍ୱପ୍ନନାଟ୍ୟ ନିତାନ୍ତ ହାସ୍ୟକର ଓ ଅବାସ୍ତବ; ତାହା ପ୍ରକୃତରେ ନାଟକର ରସଭଙ୍ଗ କରୁଅଛି । ଲୋକମାନଙ୍କ ରୁଚି କାଳକ୍ରମେ ନାନା ଭାବରେ ପରିବର୍ତ୍ତିତ ହେଉଅଛି ଓ କାର୍ତ୍ତିକାବେଶୀର ଗୀତମାନ ଆଜିକାଲି ଲୋକଙ୍କୁ ପ୍ରୀତ କରିବା ସକାଶେ ଅଧମ ବିବେଚିତ ହେଉଅଛି । ଆଜିକାଲି ଆଧୁନିକ ରୁଚି ଅନୁଯାୟୀ ଗ୍ରାମ୍ୟ ନୃତ୍ୟ ଓ ଦେଶୀ ଗୀତ ଅଭିନୟରେ ବିଶେଷ ଆଦୃତ ହେଉଅଛି ।

କାର୍ତ୍ତିକାବେଶୀ ପରେ ଓଡ଼ିଆ ସାହିତ୍ୟ ନାନା ନୂତନ ନାଟକଦ୍ୱାରା ସମୃଦ୍ଧ ହୋଇଅଛି । ଏକ ଦିଗରେ ଉତ୍କଳର ଗୌରବମୟ ଇତିହାସ, ଅନ୍ୟ ଦିଗରେ ରାମାୟଣ, ମହାଭାରତ ପ୍ରଭୃତି ମହାକାବ୍ୟମାନଙ୍କର ଅପବିତ୍ର କଳ୍ପନାଚୟ, ଅନ୍ୟ ଦିଗରେ ସମାଜରେ ଅହରହଃ ଘଟୁଥିବା ନୂତନ ବିଷୟମାନଙ୍କୁ ଅନୁସରଣ କରି ନାନା ନୂତନ ଓଡ଼ିଆ ନାଟକ ରଚିତ ହୋଇଅଛି । ବିଗତ ୨୦ ବର୍ଷ ମଧ୍ୟରେ ଲୋକଙ୍କର ରୁଚି ବଦଳି ଯାଇଅଛି, ସେମାନଙ୍କ ଶିକ୍ଷାର ପ୍ରସାର ବୃଦ୍ଧି ଲାଭ କରିଅଛି, ନାନା ନୂତନ ଭାବଦ୍ୱାରା ସେମାନେ ଅନୁପ୍ରାଣିତ ହୋଇଅଛନ୍ତି ଓ ନାନା ଦେଶର ନାନା ଗ୍ରନ୍ଥ ପଢ଼ିବା ଦ୍ୱାରା ସେମାନଙ୍କ ସମ୍ମୁଖରେ ନୂତନ ନୂତନ ଆଦର୍ଶ ସ୍ଥାପିତ ହୋଇଅଛି । ଏଣୁ କାର୍ତ୍ତିକାବେଶୀର ପ୍ରଭାବ ଓଡ଼ିଆ ସାହିତ୍ୟ-

ସେଥିରୁ ଅପସୃତ ହେଉଅଛି ଓ ଏକାଙ୍କ ନାଟିକା, ସମସ୍ୟା ନାଟକ ପ୍ରଭୃତି ନାନା ନୂତନ ଧରଣର ନାଟକ ସହିତ ଆମ୍ଭେମାନେ ପରିଚିତ ହୋଇଅଛୁଁ । କାଞ୍ଚିକାବେରୀର ପ୍ରଭାବ ଅନେକ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ-ଥିଲେହେଁ ଏଥିରେ ତରତରିଆ ଲେଖା ହେବାର ଚିହ୍ନ ସୁସ୍ପଷ୍ଟ । ଓଡ଼ିଶାରାଜା ନିଜ ମନ୍ତ୍ରୀଙ୍କୁ ଧୀରପ୍ରଜ୍ଞ ବୋଲି ସମ୍ବୋଧନ କରୁଅଛନ୍ତି, ମାତ୍ର ନାଟକୀୟ ଚରିତ୍ରମାନଙ୍କ ମଧ୍ୟରେ କାଞ୍ଚିରାଜାଙ୍କର ମନ୍ତ୍ରୀ ଧୀରପ୍ରଜ୍ଞ ବୋଲି ଅଖ୍ୟାତ ହୋଇଅଛନ୍ତି । ପରବର୍ତ୍ତୀ ନାଟକମାନଙ୍କରେ ଏପରି ତରତରିଆ ଲେଖାର ନିଦର୍ଶନ ମିଳେ ନାହିଁ । ପୁଣି କାଞ୍ଚିକାବେରୀରେ ନାଟକୀୟ ଚରିତ୍ରମାନଙ୍କର ଯେଉଁ ସମତା ରକ୍ଷା କରିବା ଦିଗରେ ନାଟ୍ୟକାର ସତତ ଅବହିତ, ସେପ୍ରକାର ସମତା ମଧ୍ୟ ଅନ୍ୟାନ୍ୟ ନାଟ୍ୟକାରମାନେ ଅବାଧରେ ପରିହାର କରିଅଛନ୍ତି । ହାସ୍ୟରସର ନୂତନ ନୂତନ ଉପାଦାନ ମିଳିଥିବାରୁ ବିଦୂଷକ ପ୍ରଭୃତି ରୀତିଗତ ଚରିତ୍ର ମଧ୍ୟ ପରବର୍ତ୍ତୀ ନାଟକମାନଙ୍କରେ ପରିତ୍ୟକ୍ତ ହୋଇଅଛି ଏବଂ ସମାଜରେ ନାନା ସମସ୍ୟାର ଉଦ୍ଭବ ହୋଇଥିବାରୁ କେବଳ ପ୍ରେମମୂଳକ ନାଟକର ଆଦର ମଧ୍ୟ ବର୍ତ୍ତମାନ ଯୁଗରେ ନାହିଁ । କିନ୍ତୁ ଓଡ଼ିଆରେ ପ୍ରଥମ ପ୍ରକୃତ ନାଟକରୂପେ କାଞ୍ଚିକାବେରୀ ଉତ୍କଳ ସାହିତ୍ୟରେ ଗୌରବମୟ ସ୍ଥାନ ଲାଭ କରିବାକୁ ସମର୍ଥ ହୋଇଥିଲା ଓ ବର୍ତ୍ତମାନ ମଧ୍ୟ ସାହିତ୍ୟକ୍ଷେତ୍ରରେ ଏହି ନାଟକର ସାହିତ୍ୟିକ ଗୌରବ କ୍ଷୁଣ୍ଣ ହୋଇ ନାହିଁ ।

# ପ୍ରଥମ ପରିଚ୍ଛେଦ

## ଓଡ଼ିଆ ନାଟକ ଓ ନାଟ୍ୟଶାଳାର ଅଭିବୃଦ୍ଧି

ଯେଉଁ ପରିସ୍ଥିତି ମଧ୍ୟରେ ପ୍ରଥମ ଓଡ଼ିଆ ନାଟକ କାଞ୍ଚିକାବେରୀର ଜନ୍ମ, ତାହା ନୈରାଶ୍ୟଜନକ। ୧୮୮୧ ମସିହାର ବସନ୍ତପଞ୍ଚମୀ ଦିନ ଏହି ନାଟକର ଅଭିନୟ ହେବାର ଥିଲା, ମାତ୍ର ନାନା ପ୍ରତିବନ୍ଧକ ହେତୁରୁ ତାହା ହୋଇ ପାରିଲା ନାହିଁ ଓ ନାନା ଅସୁବିଧା ମଧ୍ୟରେ ୭ ତାରିଖ ଫେବୃୟାରୀରେ ବାବୁ ଗୋପାଳପ୍ରସାଦ ମିଶ୍ରଙ୍କ ସ୍କୁଲଠାରେ ଏହି ନାଟକର ପ୍ରଥମ ଅଭିନୟ ହୋଇଥିଲା। "ନାଟକର ରଙ୍ଗମଞ୍ଚ ଓ ଦୃଶ୍ୟପଟ ଆଦି ପ୍ରସ୍ତୁତ କରିବା ଅତିବ୍ୟୟସାଧ୍ୟ ବ୍ୟାପାର, ଅଥଚ ମଧ୍ୟ ଏ ନଗରରେ ଯେଉଁମାନେ ଧନୀ ସେମାନଙ୍କର ଏ ସବୁ କାର୍ଯ୍ୟରେ ଆଦୌ ସହାନୁଭୂତି ନାହିଁ।" * ଅଭିନୟର ଅଭ୍ୟର୍ଥନା ମଧ୍ୟ ଖୁବ୍ ଉତ୍ସାହପ୍ରଦ ହୋଇ ନ ଥିଲା। "କିନ୍ତୁ ନଟନଟୀର ଗାନ ଓ ଅନ୍ୟ କେତେକ ଦୃଶ୍ୟ କିଛି ଭଲ ନ ହେବାରୁ କେତେକ ଦର୍ଶକ ହତାଶ ହୋଇ ବାହୁଡ଼ିଗଲେ।" ** 'ଦୀପିକା'ର ସମାଲୋଚନା ମଧ୍ୟ ନୂତନ ନାଟ୍ୟକାର ପ୍ରତି ଉତ୍ସାହପ୍ରଦ ହୋଇ ନ ଥିଲା; କାରଣ "ଏଥିର କେତେକ ଘଟଣା ନାଟକୋଚିତ ନିୟମରୁ ବାହାରି ଯାଇ ଐତିହାସିକ ତଥ୍ୟ ପାଖ ଆଡ଼କୁ ଚଳି ଯାଇଅଛି ଏବଂ ଦୃଶ୍ୟମାନଙ୍କର ସଂଖ୍ୟା ଅତ୍ୟନ୍ତ ଅଧିକ ଓ ଗୋଟିଏ ଗୋଟିଏ ଦୃଶ୍ୟର ସ୍ଥିତିରୁ ଅତ୍ୟଳ୍ପକାଳବ୍ୟାପୀ ହୋଇଅଛି। ନାଟକଟି ଆଦିରସାତ୍ମକ ଓ ଦରିଦ୍ରାବସ୍ଥା ତହିଁର ଜୀବନ; କିନ୍ତୁ ତାହାକୁ ବର୍ଣ୍ଣିତା ଅତି ସଂକ୍ଷେପରେ ସାରିଦେବାରୁ ନାଟକରେ ଅନେକ ସୌନ୍ଦର୍ଯ୍ୟହାନି ହୋଇଅଛି।" ଏହାହିଁ ସମାଲୋଚନାର ମୂଳବସ୍ତୁ ଥିଲା ଓ ନାଟକର ଅଭିନୟ ଦର୍ଶକରେ ତୃପ୍ତ ହୋଇ ନ ଥିବାରୁ ପୁନଶ୍ଚ 'ପଦ୍ମାବତୀ' ନାମକ ବଙ୍ଗଳା ନାଟକର ଅଭିନୟ କରିବାକୁ ହୋଇଥିଲା; ମାତ୍ର ଏ ନାଟକର ଅଭିନୟ ମଧ୍ୟ ଲୋକଙ୍କର ତୃପ୍ତିବିଧାନ କରି ନ ପାରିବାରୁ ପୁନଶ୍ଚ ମାର୍ଚ୍ଚ ମାସ ୧୨ ତାରିଖ (୧୮୮୧ ମସିହା) ଦିନ କାଞ୍ଚିକାବେରୀ ନାଟକର ଦ୍ୱିତୀୟଥର ଅଭିନୟ ହୋଇଥିଲା। ଏହି ଅଭିନୟରେ ନାଟ୍ୟକାର ନିଜେ କେତେକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। "ଅଭିନୟ ପୂର୍ବଠାରୁ ଅନେକ ଭଲ ହୋଇଥିଲା,

---

* ଉତ୍କଳଦୀପିକା—୧୨ ଫେବୃୟାରୀ ୧୮୮୧

** ଉତ୍କଳଦୀପିକା—୧୨ ମାର୍ଚ୍ଚ ୧୮୮୧

ମାତ୍ର ଦୁଃଖର ବିଷୟ ଏତିକି ଯେ—ଏ ନଗରର ମାନ୍ୟଗଣ୍ୟ ଲୋକମାନେ ପ୍ରାୟ କେହି ଆସି ନ ଥିଲେ·····ଦର୍ଶକଙ୍କ ମଧ୍ୟରେ ଅଧିକାଂଶ ସ୍କୁଲ ଛାତ୍ର ଥିଲେ···ଏମାନେ ଏ ପ୍ରକାର ଗୋଳମାଳ କଲେ ଯେ, ବେଳେ ବେଳେ ସଭାରେ ବସିବା ବିରକ୍ତିଜନକ ହୋଇଥିଲା।" * ନାଟ୍ୟକାର ନିଜର ପ୍ରଥମ ନାଟକର ଏହିପରି ଅଭ୍ୟର୍ଥନାରେ ମନ କ୍ଷୁଣ୍ଣ ନ ହୋଇ ଏକ ବର୍ଷ ମଧ୍ୟରେ 'ବନବାଳା' ନାମକ ଦ୍ୱିତୀୟ ନାଟକଟି ରଚନା କରିଥିଲେ। ୧୮୮୨ ମସିହା ଜାନୁୟାରୀ ମାସର ୨୧ ତାରିଖ ଦିନ ଏହି ନାଟକଟି ପ୍ରଥମ ହୋଇ ମାନ୍ନାଦାସ ବଜାରର ବାବୁ ହରିଧନ ଘୋଷଙ୍କ ଗୃହଠାରେ ଅଭିନୀତ ହୋଇଥିଲା ଓ ଟିକେଟ ବିକ୍ରୟଦ୍ୱାରା ଅଭିନୟର ଖର୍ଚ୍ଚ ଉଠାଇବାର ପ୍ରୟାସ ହୋଇଥିଲା। 'ବନବାଳା' ନାଟକଟି କାଞ୍ଚିକାବେରୀର ଅନୁରୂପ ହୁଏଁ, ବାସ୍ତବରେ ଉଭୟ ନାଟକରେ ଗଦ୍ୟ ଓ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଥିଲେହେଁ, ଉଭୟର କଥାବସ୍ତୁ ମଧ୍ୟରେ ବିଶେଷ ପାର୍ଥକ୍ୟ ଲକ୍ଷିତ ହୋଇଥାଏ। 'କାଞ୍ଚିକାବେରୀ' ଐତିହାସିକ ନାଟକ, ଉତ୍କଳର ଗୌରବମୟ ଅତୀତ ଦ୍ୱାରା ଏହା ଅନୁପ୍ରାଣିତ, ମାତ୍ର 'ବନବାଳା' ଲେଖକଙ୍କର କଳ୍ପିତ ଉପାଖ୍ୟାନ। ଉତ୍କଳର ଇତିହାସ ବା ପ୍ରଚଳିତ କଥାମାନଙ୍କ ସହିତ ଏହାର ଆଦୌ ସମ୍ପର୍କ ନାହିଁ। ପୁନଶ୍ଚ କାଞ୍ଚିକାବେରୀ ସଂସ୍କୃତ ନାଟ୍ୟକଳାର ଅନୁସରଣ ବହୁ ସ୍ଥାନରେ କରିଅଛି ଏବଂ ବୀରରସ, ଭକ୍ତି ଓ ପ୍ରେମଦ୍ୱାରା ଏହାର କଥାବସ୍ତୁ ବିଶେଷଭାବରେ ହୃଦୟଗ୍ରାହୀ ହୋଇଅଛି। ମାତ୍ର ବନବାଳାରେ Shakespeareଙ୍କ Tempest ନାଟକର ଛାୟା ସୁସ୍ପଷ୍ଟ-ଭାବରେ ପଡ଼ିଅଛି ଓ ଏହାର କଥାବସ୍ତୁ ନାନା ପ୍ରକାରେ ଏତେ ଜଟିଳ ହୋଇ ପଡ଼ିଅଛି ଯେ ତାକୁ ସମ୍ୟକ୍ ଅନୁଧାବନ କରିବା ଏକାନ୍ତ ଦୁରୂହ। ଏହାର ଅଭିନୟ ମଧ୍ୟ ସଫଳ ହୋଇ ନ ଥିଲା, କାରଣ ଦୁଇ ତିନ ଥର ଅଭିନୀତ ହୋଇଥିଲେହେଁ (ଫେବ୍ରୁୟାରୀ ୬ ଓ ୧୮ ତାରିଖ ୧୮୮୨ ମସିହା) ଏହାର କଥାବସ୍ତୁକୁ ଦର୍ଶକମାନେ ସମ୍ୟକ୍ ହୃଦୟଙ୍ଗମ କରି ପାରୁ ନ ଥିଲେ। ଅଭିନୟସ୍ଥଳରେ "ଦୁଇ ଜଣ ନବ୍ୟଶିକ୍ଷିତ ସଭ୍ୟ ସୁରା ଦେବୀଙ୍କ ଭକ୍ତିଭାବରେ ଜ୍ଞାନଶୂନ୍ୟ ହୋଇ ମଜଲିସରେ ଓ କାଟଣା ପର୍ଦ୍ଦା ଭିତରେ ସଭ୍ୟମଣ୍ଡଳୀଙ୍କୁ ସପ୍ରେମାସ୍ତି ବକ୍ତୃତା କରିଥିଲେ" ଓ ଅଭିନେତାମାନେ "କେହି ଗାଇଲ ପ୍ରାୟ, କେହି ଯାତ୍ରାଙ୍କ ପ୍ରାୟ, କେହି ଶିଖିଲା ପ୍ରାୟ କେହି ଅତି ଚଞ୍ଚଳ କହୁଥିଲେ, ଦ୍ରୁତ କଥୋପକଥନ ପରି

* ଉତ୍କଳଦୀପିକା—୧୯ ମାର୍ଚ୍ଚ ୧୮୮୧

କରି ନ ପାରିଲେ ।" (†) ନାଟ୍ୟକାର ଏହି ନାଟକର ଅଭିନୟରେ ମଧ୍ୟ ଗୋଟିଏ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ତାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବାବୁ ଉମାପ୍ରସାଦ ଦେ ଉତ୍କଳ ଦୀପିକା ସମ୍ପାଦକଙ୍କ ନିକଟରୁ ଗୋଟିଏ 'ପ୍ରେରିତ-ପତ୍ର' ପଠାଇଥିଲେ, ଯେଉଁ ପତ୍ରରେ "ଏହି ନାଟକ କୌଣସି ବଙ୍ଗୀୟ ନାଟକଠାରୁ ନିକୃଷ୍ଟ ନୁହେଁ" ଏହା ସ୍ପଷ୍ଟଭାବରେ ପ୍ରକାଶ କରିଥିଲେ । * କିନ୍ତୁ ଏହି ନାଟକ ସାଧାରଣଙ୍କର ଯେ ତୃପ୍ତିପ୍ରଦ ହୋଇ ନ ଥିଲା, ତାହା ତାତ୍କାଳୀନ ସମ୍ବାଦପତ୍ରମାନଙ୍କର ସମ୍ପାଦକୀୟ ସ୍ତମ୍ଭ ଓ ଅନ୍ୟାନ୍ୟ ଟିପ୍ପଣୀରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ।

ଏହି ସମୟରେ କଟକ ନଗରରେ ସୁରାପାନ ସମ୍ବନ୍ଧରେ ନାନା ପ୍ରକାର ଗୁଜବ ଶୁଣାଯାଏ ଏବଂ ଗୋଟିଏ ସୁରାପାନନିବାରଣୀ ସଭା ବାବୁ ଦୀନନାଥ ବାନାର୍ଜିଙ୍କ ଉଦ୍ୟମରେ ସ୍ଥାପିତ କରିବାର ଚେଷ୍ଟା ହେଉଥିଲା । ବନବାଳା ନାଟକର ଅଭିନୟ ସମୟରେ ସୁରାପାନମତ୍ତ ଯୁବକମାନଙ୍କର ଅଭଦ୍ର ବ୍ୟବହାର ନାଟ୍ୟକାରଙ୍କୁ ମଧ୍ୟ ବିଶେଷଭାବରେ ଉତ୍ତ୍ୟକ୍ତ କରିଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ନାଟ୍ୟକାର ନିଜର ପ୍ରତିଭାକୁ ନିୟନ୍ତ୍ରିତ କରିବାର କୌଣସି ସ୍ଥିର ଉପାୟ ପାଇ ନ ଥିଲେ ଓ ଐତିହାସିକ ନାଟକ ରଚନା ପରେ କଳ୍ପିତ ଉପାଖ୍ୟାନମୂଳକ ନାଟକର ଅସଫଳତା ଦର୍ଶନ କରି ଓ ଦୀନବନ୍ଧୁ ବାବୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସାମାଜିକ ନାଟକ ପ୍ରଣୟନ କରିବାରେ ବ୍ରତୀ ହୋଇଥିଲେ । ୧୮୮୨ ମସିହାର ଅଗଷ୍ଟ ମାସ ୧୬ ତାରିଖ ଦିନ 'କାଞ୍ଚିକାବେରୀ' ନାଟକ ମୁଦ୍ରିତ ହୋଇ ସାଧାରଣରେ ପ୍ରକାଶିତ ହେଲା ଓ ତତ୍ପର ବର୍ଷର ଅଦ୍ୟଭାଗରେ ଗୋଟିଏ ହିନ୍ଦୀ ଥିଏଟର ଦଳ କଟକ ନଗରରେ ଉପସ୍ଥିତ ହୋଇ କେତେକ ପୌରାଣିକ ଆଖ୍ୟାୟିକା ଅବଲମ୍ବନ କରି ନାଟକର ଅଭିନୟ ପ୍ରଦର୍ଶନ କରିଥିଲେ । ମାତ୍ର ବିଦେଶାଗତ ହିନ୍ଦୀ ଦଳର ଅଭିନୟରେ କାହାରି ମନଃପୂତ ହୋଇ ନ ଥିଲା ଓ 'ସମକାନ୍ତ' ନାଟକର ଅଭିନୟ ସମୟରେ ମୁନାୟିତ ଶିଷ୍ୟଗଣଙ୍କର ସହପାଠୀମାନେ ପାଠ ଅଭ୍ୟାସବେଳେ ଇଂରାଜୀ ଶବ୍ଦମାନ ଉଚ୍ଚାରଣ କରିବା କାଳେ ଲକ୍ଷିତ ହୋଇ ନ ଥିବାରୁ ଦର୍ଶକମାନଙ୍କର ବିଦ୍ରୂପ-ଭାଜନ ହୋଇଥିଲା । ସାମାଜିକ ନାଟକ ଲେଖି ମଦ୍ୟପାନର ବିଷମୟ

† ଉତ୍କଳଦୀପିକା—୧୧ ଫେବୃଆରି ୧୮୮୨

* ଉତ୍କଳଦୀପିକା—୧୧ ମାର୍ଚ୍ଚ ୧୮୮୨

ଫଳ ଦେଖାଇବା ନିମନ୍ତେ ରାମଶଙ୍କର ବାବୁ 'କଳିକାଳ' ନାମକ ଗୋଟିଏ ଉପନାଟକ ରଚନା କରିଥିଲେ ଓ ମାହିଦାସ ବଜାରର ବାବୁ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହଦ୍ୱାରରେ ୧୮୮୩ ମସିହାର ମାର୍ଚ୍ଚ ମାସ ୩ ତାରିଖ ଦିନ ଏହାର ଅଭିନୟ କରିବାର ବନ୍ଦୋବସ୍ତ ହୋଇଥିଲା । ମାତ୍ର ସେଦିନ ବିଶେଷ ବର୍ଷା ହେବାରୁ ମାର୍ଚ୍ଚ ମାସ ୧୦, ୧୭ ଓ ୨୪ ତାରିଖମାନଙ୍କରେ ଏହି ନାଟକର ଅଭିନୟ ହୋଇଥିଲା । ଏହି ନାଟକଟିର ପୁନଃପୁନଃ ଅଭିନୟଦ୍ୱାରା ଏହା ଯେ ଜନପ୍ରିୟ ହୋଇ ପାରିଥିଲା, ତାହାର ଯଥେଷ୍ଟ ଇଙ୍ଗିତ ମିଳେ । ଓଡ଼ିଶାର ଧନୀଲୋକେ ବର୍ତ୍ତମାନ ପର୍ଯ୍ୟନ୍ତ ଉଦାସୀନ, ଏଣୁ ଅଭିନେତାମାନେ ବାବୁ କାଳୀପଦ ବନ୍ଦୋପାଧ୍ୟାୟଙ୍କ ସାହାଯ୍ୟ ପାଇ ଏକାନ୍ତ କୃତାର୍ଥ ହୋଇଥିଲେ ଓ ସେମାନଙ୍କର ଉତ୍ସାହ ଦେଖି ସହରର ସାଧାରଣ ଲୋକେ ସେମାନଙ୍କୁ କିଛି ଅର୍ଥ ସାହାଯ୍ୟ କରିଥିଲେ, ମାତ୍ର ଏହି ଅର୍ଥ ସାହାଯ୍ୟର ପରିମାଣ ଏକାନ୍ତ ନଗଣ୍ୟ, କାରଣ ସେମାନେ ପ୍ରାୟ ଟ ୬୦୲ ମାତ୍ର ସାହାଯ୍ୟ ପାଇବାକୁ ସମର୍ଥ ହୋଇଥିଲେ । ଏହି ଅର୍ଥ ମଧ୍ୟରୁ ବାବୁ ନନ୍ଦକିଶୋର ଦାସ ଓ ମହାନ୍ତ ନରସିଂହ ଦାସ ପ୍ରତ୍ୟେକେ ଟ ୧୦୲ ଲେଖାଏଁ ଓ ଢେଙ୍କାନାଳ ମହାରାଜା, ବାବୁ ଜଗମୋହନ ରାୟ ଓ ହରିବଲ୍ଲଭ ଘୋଷ ପ୍ରତ୍ୟେକେ ଟ ୫୲ ଓ ବାବୁ ଗୌରୀଶଙ୍କର ରାୟ ଓ ଶ୍ୟାମସୁନ୍ଦର ରାଜଗୁରୁ ପ୍ରତ୍ୟେକେ ଟ ୩୲ ଲେଖାଏଁ ଚାନ୍ଦା ଦେଇଥିଲେ । ଏହି ସାମାନ୍ୟ ଅର୍ଥାନୁକୂଲ୍ୟ ଓ ଟିକେଟ ବିକ୍ରୟଲବ୍ଧ ଅର୍ଥରୁ ଏବଂ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ସାହାଯ୍ୟରୁ କଳିକାଳ ନାଟକ ଉଟକାଂନଭେଡ଼ରେ ୩୪ ରାତ୍ରି ଅଭିନୀତ ହୋଇଥିଲା ଓ ନାଟକଟି ମଧ୍ୟ ଜନପ୍ରିୟ ହେବାରୁ ଲୋକଙ୍କ ମଧ୍ୟରେ ଅଭିନୟ ଦର୍ଶନସ୍ପୃହା ଜାଗରୂକ ହୋଇଥିଲା ।

୧୮୮୪ ମସିହାରେ ନାଟ୍ୟକାର ରାମଶଙ୍କର ବାବୁ ଓକିଲାତି ପରୀକ୍ଷାରେ ସଫଳକାମ ହୋଇ ଓକିଲାତି ବ୍ୟବସାୟରେ ପ୍ରବୃତ୍ତ ହୋଇ ଥିଲେ । କଟକର ଅନ୍ୟାନ୍ୟ ଲବ୍ଧପ୍ରତିଷ୍ଠ ଓକିଲମାନଙ୍କ ପ୍ରତିଦ୍ୱନ୍ଦ୍ୱଭାବରେ ନିଜକୁ ସ୍ୱବ୍ୟବସାୟକ୍ଷେତ୍ରରେ ପ୍ରତିଷ୍ଠିତ କରିବା ନିମନ୍ତେ ବ୍ୟାପୃତ ଥିବାରୁ କିଛିଦିନ ପର୍ଯ୍ୟନ୍ତ ସେ ନାଟକ ରଚନା କରିବାର ସୁବିଧା ପାଇ ନ ଥିଲେ । ମାତ୍ର ଏହି ବ୍ୟବସାୟ ଉପଲକ୍ଷରେ ତାଙ୍କର ପ୍ରଥମେ କୋଠପଦାର ସୁନାମଧନ୍ୟ ମହାନ୍ତ ଶ୍ରୀ ବୈଁଡ୍ୟାର ରଘୁନାଥ ସ୍ୱାମୀଙ୍କ ସହିତ ପରିଚୟ ହୋଇଥିଲା ଓ ଏହି ପରିଚୟରୁ କ୍ରମଶଃ ଓଡ଼ିଆରେ ସ୍ଥାୟୀ ରଙ୍ଗମଞ୍ଚ

ସ୍ଥାପନ ଏବଂ ନାଟକ ରଚନା ଓ ଅଭିନୟ ବିଶେଷଭାବରେ ଅଗ୍ରସର ହୋଇ ପାରିଥିଲା । ୧୮୮୫ ମସିହାର ଶ୍ରୀପଞ୍ଚମୀ ଉତ୍ସବ ଉପଲକ୍ଷରେ କୋଠପଦା ଗ୍ରାମଠାରେ ରଙ୍ଗମଞ୍ଚ ସ୍ଥାପିତ ହୋଇଥିଲା ଓ ମହନ୍ତ ମହୋଦୟ ଅଭିନୟର ସମସ୍ତ ସରଞ୍ଜାମ ବାବଦ ଅର୍ଥବ୍ୟୟ ସ୍ୱୀକାର କରି ଦାୟୀ କରିଥିଲେ । ଫେବ୍ରୁଆରୀ ମାସରେ ସେହି ରଙ୍ଗମଞ୍ଚରେ କାଞ୍ଚିକାବେରୀ ନାଟକର ଅଭିନୟ ହୋଇଥିଲା; ମହନ୍ତ ମହାରାଜ ଓ ନାଟ୍ୟକାରଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପିତ ହୋଇଥିଲା । ସେହି ବର୍ଷଠାରୁ ପ୍ରାୟ ୪୦ ବର୍ଷ କ୍ରମାନ୍ୱୟରେ ବହୁ ନାଟକ ସେହି ଗ୍ରାମରେ ଅଭିନୀତ ହୋଇଥିଲା ଓ ନାଟକାଭିନୟ ଏକ ବାର୍ଷିକ ରୀତିରେ ପରିଣତ ହୋଇଥିଲା । କୋଠପଦା ମହନ୍ତଙ୍କର ଆୟ ବାର୍ଷିକ ଦୁଇ ତିନି ସହସ୍ର ଟଙ୍କା ମାତ୍ର ଥିଲା, କିନ୍ତୁ ନାଟକ ଅଭିନୟ ବିଷୟରେ ତାଙ୍କର ଏତେଦୂର ଉତ୍ସାହ ଥିଲା ଯେ ବହୁ ପରିଶ୍ରମ ଓ ଅର୍ଥବ୍ୟୟ ସ୍ୱୀକାର କରି ସେ ଉତ୍କଳର ନାଟ୍ୟ ସାହିତ୍ୟର ଅଭିନୟରେ ପ୍ରତିବର୍ଷ ବିଶେଷଭାବରେ ସାହାଯ୍ୟ କରୁଥିଲେ । ଏହି ସାହାଯ୍ୟ ନିମନ୍ତେ ଉତ୍କଳ ସାହିତ୍ୟ ତାଙ୍କଠାରେ ଋଣୀ ।

୧୮୮୬ ମସିହାରେ କଟକନଗରସ୍ଥ ଇଂରେଜମାନେ ଦୁର୍ଗାପୂଜା ଉପଲକ୍ଷେ କିଲ୍ଲା ମଧ୍ୟରେ ନାଟକାଭିନୟର ସୂତ୍ରପାତ କରିଥିଲେ ଓ କେତେକ ଶିକ୍ଷିତ ଦର୍ଶକମାନଙ୍କୁ ନିମନ୍ତ୍ରଣ କରି ଅଭିନୟଦ୍ୱାରା ଆପ୍ୟାୟିତ କରିଥିଲେ । ବୋଲିବା ବାହୁଲ୍ୟ ଯେ, ଅଭିନୟ ଇଂରେଜୀ ନାଟକର ହୋଇଥିଲା; ମାତ୍ର ବାସ୍ତବରେ କେଉଁ ନାଟକର ଅଭିନୟ ହୋଇଥିଲା, ତାହାର ନାମ ଜାଣିବା ବର୍ତ୍ତମାନ ଅସମ୍ଭବ ।

୧୮୮୭ ମସିହାର ପ୍ରଥମ ଭାଗରେ ଅର୍ଥାତ୍ ଜାନୁୟାରୀ ମାସରେ 'ବାବାଜି' ନାଟକର ରଚୟିତା ବାବୁ ଜଗନ୍ମୋହନ ଲାଲଙ୍କଦ୍ୱାରା 'ସତୀ' ନାମକ ନାଟକ ରଚିତ ହୋଇ ପ୍ରକାଶିତ ହୋଇଥିଲା । 'ସତୀ' ନାଟକର କଥାବସ୍ତୁ ଓ ରଚନାଭଙ୍ଗୀ ବିଷୟରେ ବର୍ତ୍ତମାନ ବିଶେଷ କିଛି କହିବା ଅସମ୍ଭବ । କାରଣ ଏ ନାଟକଟି ବର୍ତ୍ତମାନ ବିସ୍ମୃତିଗର୍ଭରେ ଲୀନ । ଏ ନାଟକର କଥାବସ୍ତୁ ଏହି କି, କୌଣସି ରାଜା ଜଣେ ପରମା ସୁନ୍ଦରୀ ନାରୀ ପ୍ରତି ଆସକ୍ତ ହେବାରୁ ସେ ସ୍ତ୍ରୀ ବୁଦ୍ଧି, ଧୈର୍ଯ୍ୟ, କଳକୌଶଳରେ ଓ ଅନେକ କଷ୍ଟ ସହି ଆପଣା ସତୀତ୍ୱ ରକ୍ଷା କଲା ଓ ପରିଶେଷରେ ଅସହାୟ ଅବସ୍ଥାରେ ଆତ୍ମହତ୍ୟା କଲା । ଉତ୍କଳ ଦୀପିକାରେ ଏହାର ଯେଉଁ ସମାଲୋଚନା ବାହାରିଥିଲା, ସେଥିରୁ ଏହାର ଯଥେଷ୍ଟ ପରିଚୟ ମିଳେ

ପାରିବ । ଏହି ସମାଲୋଚନାଟି ଯେ ସୁନାମଧନ୍ୟ ଉତ୍କଳ ମାତାଙ୍କ ସୁସନ୍ତାନାଗ୍ରଣୀ ଶ୍ରୀ ମଧୁସୂଦନ ରାଓଙ୍କ ଲେଖା ଏହା ଅନୁମାନ କରିବାର ଯଥେଷ୍ଟ କାରଣ ଅଛି ; ସମାଲୋଚନାରେ ଲେଖାଅଛି, "ବାସ୍ତବରେ ଏହାକୁ (ସତୀ ନାଟକକୁ) ଓଡ଼ିଆ ଉତ୍କୃଷ୍ଟ ନାଟକ କହାଯିବାକୁ ହେବ ! ଏ ଗ୍ରନ୍ଥର ଭାଷା ପ୍ରାଞ୍ଜଳ ଓ ସର୍ବଜନସୁଖବୋଧ ହୋଇଅଛି । ସାଧୁ ଶବ୍ଦରେ ରଚିତ ହୋଇଥିବାରୁ ଭଦ୍ରଲୋକମାନଙ୍କର ସୁଖପାଠ୍ୟ ଓ ରୁଚି-ସମ୍ମତ ହୋଇଅଛି । ଇତର ଲୋକଙ୍କର ଉକ୍ତି ମଧ୍ୟ ସୁନ୍ଦର ହୋଇଅଛି… ଯେଉଁ ଗ୍ରାମ୍ୟ ଭାଷା ପ୍ରଚଳିତ ଅଛି ତଦ୍ରୂପ…ମାନ ପୋଖରୀପାଣି ବସିବାର ନାଟକ । ମଧ୍ୟ ଦୃଶ୍ୟକାବ୍ୟରେ ପରିବର୍ଜନୀୟ, ମୁଖପ୍ରକ୍ଷାଳନରୂପ ଛଳନା ଯଥେଷ୍ଟ ହୋଇଥାନ୍ତା…ଅଭିନୟର ଦୋଷ ଏକ ନୋହିଲେହେଁ ସ୍ଥାନ ସବୁ ସବସ୍ତୁର ନିକଟବର୍ତ୍ତୀ ହୋଇଅଛି । କାଳର ପରିମାଣ ଏକଦିନ ନୋହିଲେହେଁ ସମୁଦାୟ କିମ୍ବା ଅଳ୍ପ ସମୟ ମଧ୍ୟରେ ପରିସମାପ୍ତ ହୋଇ-ଅଛି ଏବଂ ନାଟକର ପ୍ରଧାନ ଚରିତ୍ରକୁ ବିସ୍ତରଣ କରିଦେବା ଭଳି ତଦଧୀନ ଚରିତ୍ର ଅର୍ଥାତ୍ କିମ୍ବାର ଆତିଶଯ୍ୟ ଲକ୍ଷିତ ହୁଅଇ ନାହିଁ । ନାଟକର ଅନ୍ୟ ମହତ୍ତ୍ୱ ଉଦ୍ଦେଶ୍ୟ ସମାଜର ଦୋଷ ସଂଶୋଧନ । ଗଡ଼ଜାତର ଅତ୍ୟାଗ୍ରହ ତହିଁରେ ଯାହା ପ୍ରକଟିତ ହୋଇଅଛି, ତାହା ଏକ ସମୟରେ ସମ୍ପୂର୍ଣ୍ଣ ଥିଲା । ବର୍ତ୍ତମାନ ତାହାର ଅନେକ ହ୍ରାସ ହୋଇଅଛି…ଏ ନାଟକଟି ସେହି ଅତ୍ୟାଗ୍ରହର ଗୋଟିଏ ମୂର୍ତ୍ତିମାନ ଐତିହାସିକ ନିଦର୍ଶନ ହୋଇ ରହିବ ।" * ସତୀ ନାଟକ ୧୮୮୭ ମସିହାରେ ପ୍ରଣୀତ ହୋଇ ପ୍ରକାଶିତ ହୋଇଥିଲା, ମାତ୍ର ଅନେକ ଦିନ ପର୍ଯ୍ୟନ୍ତ ଏହାର ଅଭିନୟ କରିବା ସମ୍ଭବ ହୋଇ ପାରି ନ ଥିଲା । କେବଳ ୧୮୯୭ ଖ୍ରୀଷ୍ଟାବ୍ଦରେ ମାହାଙ୍ଗାର ଚୌଧୁରୀ ଜନାର୍ଦ୍ଦନପ୍ରସାଦ ରାୟଙ୍କ ଘରଠାରେ ଦୁର୍ଗୋତ୍ସବ ଉପଲକ୍ଷେ ବଙ୍ଗଳା ସତୀ ନାଟକର ଓ ବାବୁ ଜଗନ୍ମୋହନ ଲାଲଙ୍କ ଗୃହଠାରେ ତାଙ୍କ କୃତ ଓଡ଼ିଆ ସତୀ ନାଟକର ଅଭିନୟ ହୋଇଥିଲା । † ଏହି ଅଭିନୟ ଭିନ୍ନ ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଏ ନାଟକର ଅଭିନୟ ହୋଇଥିବାର ସମ୍ବାଦ ତତ୍କାଳୀନ ପତ୍ରିକାମାନଙ୍କରୁ ମିଳେ ନାହିଁ । ୧୮୮୭ ମସିହାରେ ଭାରତେଶ୍ୱରୀଙ୍କ ଜୁବିଲି ଉତ୍ସବ ପାଳିତ ହୋଇଥିଲା ଓ ଏହି ଉତ୍ସବ

* ଉତ୍କଳ ଦୀପିକା—୨୯ ଜାନୁଆରୀ ୧୮୮୭

† ଉତ୍କଳ ଦୀପିକା—୩୧ ଅକ୍ଟୋବର ୧୮୯୭

ଉପଲକ୍ଷେ "ପେଣ୍ଡି ସୌଖିନ ନାଟ୍ୟାଭିନୟ ଦଳ ୩।୪ ବର୍ଷ ପୂର୍ବେ ନଗରବାସୀଙ୍କୁ ଆମୋଦିତ କରିଥିଲେ, ସେହିମାନେ ଏହି ସମୟରେ ଜାଗ୍ରତ ହୋଇ ଅଭିନୟ ଦେଖାଇବାକୁ ଉଦ୍ୟମ କଲେ ଓ ...ଗତ ଶନିବାର ରାତିରେ 'ପାର୍ଥପରାଜୟ' ନାଟକର ଅଭିନୟ ଦେଖାଇ ବଡ଼ ଆପ୍ୟାୟିତ କରିଥିଲେ।"† ଏହି ନାଟକର ଅଭିନୟ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ଗୃହଠାରେ ହୋଇଥିଲା । ସ୍ଥାନୀୟ ସାନ ବଡ଼ ଇଂରେଜ କର୍ମଚାରୀ ଓ ସେମାନଙ୍କର ମେମ୍‌ମାନେ ଓ ଦେଶୀୟ ସମସ୍ତ ଶ୍ରେଣୀର ସମ୍ଭ୍ରାନ୍ତ ବ୍ୟକ୍ତି-ମାନେ ଉପସ୍ଥିତ ଥିଲେ । ମାତ୍ର ଅଭିନେତାମାନେ ଗୋଟିଏ ସ୍ଥାୟୀ ନାଟ୍ୟଶାଳା ସ୍ଥାପନ କରିବା ଉଦ୍ଦେଶ୍ୟରେ ଟିକଟ ବିକ୍ରୟର ବ୍ୟବସ୍ଥା କରିଥିଲେହେଁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ଉଠି ପାରିଲା ନାହିଁ । ଏହି ସମୟରେ ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପନ କରିବା ଦିଗରେ ଉତ୍କଳର ଗୌରବ ଶ୍ରୀ ମଧୁସୂଦନ ଦାସଙ୍କର ଉତ୍ସାହ ଜାତ ହୋଇଥିଲା ଓ କଟକ ନଗରରେ ତାଙ୍କର ଅର୍ଥାନୁକୂଲ୍ୟରେ ତାଙ୍କର ଘରଠାରେ ଗୋଟିଏ ସ୍ଥାୟୀ ନାଟ୍ୟଶାଳା ନିର୍ମିତ ହୋଇଥିଲା । ୧୭ ତାରିଖ ଡିସେମ୍ବର ୧୮୮୭ ମସିହାରେ ଏହି ନାଟ୍ୟଶାଳାରେ ସୌଖିନ ଅଭିନେତାମାନେ ହରିଶ୍ଚନ୍ଦ୍ର ନାଟକର ଅଭିନୟ କରିଥିଲେ । ‡ ଉତ୍କଳର ନାନା କ୍ଷେତ୍ରରେ ମଧୁସୂଦନ ଯେପରି ଅଗ୍ରଣୀ, ଏ କ୍ଷେତ୍ରରେ ମଧ୍ୟ ସେହିପରି ଅଗ୍ରଣୀ । ତାଙ୍କର ଉତ୍ସାହ ଓ ଅକାତର ଅର୍ଥବ୍ୟୟରୁ ସ୍ଥାୟୀ ନାଟ୍ୟଶାଳା ସ୍ଥାପିତ ହୋଇଥିଲା ଏବଂ ନାଟ୍ୟକାରମାନେ ନୂତନ ନାଟକ ଲେଖିବାରେ ଓ ଅଭିନେତାମାନେ ଅଭିନୟରେ ଉତ୍କର୍ଷ ସାଧନ କରିବାରେ ସଚେଷ୍ଟ ହୋଇଥିଲେ । ମଧୁବାବୁଙ୍କ ଘରଠାରେ ହରିଶ୍ଚନ୍ଦ୍ର ନାଟକ ଅଭିନୀତ ହେବାର କେତେ ଦିନ ପରେ କଟକ ନଗରୀର ପ୍ରଧାନ ଜମିଦାର ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀଙ୍କ ଯତ୍ନ, ବ୍ୟୟ ଓ ଉଦ୍ୟମରେ ପୁନରାୟ ତାଙ୍କ ଘରଠାରେ ହରିଶ୍ଚନ୍ଦ୍ର ନାଟକର ଅଭିନୟ ହୋଇଥିଲା ଓ ଏହି ଅଭିନୟ ଦେଖିବା ନିମନ୍ତେ ଏଠା ଭଦ୍ରମହିଳାମାନେ ନିମନ୍ତ୍ରିତ ହୋଇ ଅଭିନୟ ଦେଖି ଆନନ୍ଦଲାଭ କରିଥିଲେ । କଟକରେ ଭଦ୍ରମହିଳାମାନଙ୍କର ନାଟକାଭିନୟ ଦର୍ଶନ ଏହି ପ୍ରଥମ ।

---

† ଉତ୍କଳ ଦୀପିକା—୨୬ ଫେବୃୟାରୀ ୧୮୮୭

‡ ଉତ୍କଳ ଦୀପିକା—୧୭ ଡିସେମ୍ବର ୧୮୮୭

୧୮୮୬ ମସିହାରେ ଦୁର୍ଗାପୂଜା ଉପଲକ୍ଷେ ସାହେବମାନେ ନାଟକାଭିନୟ କରିଥିଲେ, ମାତ୍ର ୧୮୮୭ ମସିହାରେ ଅଭିନୟ ପ୍ରଭୃତି ଆମୋଦପ୍ରମୋଦ ବଡ଼ଦିନ ଉପଲକ୍ଷରେ ସାଧିତ ହୋଇଥିଲା ଓ ନାଟକ ଅଭିନୟ ଦେଖିବା ନିମନ୍ତେ ଅନେକ ଦେଶୀୟ ଲୋକ ଓ ନୟାଗଡ଼ର ରାଜା ମହୋଦୟ ଆମନ୍ତ୍ରିତ ହୋଇ ଅଭିନୟ ଦେଖି ସନ୍ତୁଷ୍ଟ ହୋଇଥିଲେ ଓ ଏହି ଉଦ୍ୟୋଗର ଫଳସ୍ୱରୂପ "ଗୋଟିଏ ସ୍ଥାୟୀ ରଙ୍ଗଭୂମି କଟକ ନଗରରେ ସ୍ଥାପିତ କରିବା ନିମନ୍ତେ ନୟାଗଡ଼ର ଦାନଶୀଳ ରାଜା ମହୋଦୟ ୫୦୦ ଟଙ୍କା ଚାନ୍ଦା ସ୍ୱାକ୍ଷର କରିଥିବା"ର ସମ୍ବାଦ ଉତ୍କଳ ଦୀପିକାରେ ପ୍ରକାଶିତ ହୋଇଥିଲା ( ୭ ଜାନୁଆରୀ ୧୮୮୮ )।

୧୮୮୮ ମସିହାରେ ସ୍ୱନାମଧନ୍ୟ ଶ୍ରୀ ମଧୁସୂଦନ ଦାସଙ୍କ ଭ୍ରାତା ଗୋପାଳବଲ୍ଲଭ ଦାସଙ୍କର ବିବାହ ଉତ୍କଳର ସାମାଜିକ ଜୀବନରେ ଗୋଟିଏ ବିଶେଷ ଘଟଣା ଓ ଏହି ଘଟଣା ଉପଲକ୍ଷରେ ଅପ୍ରେଲ ମାସ ୧୯ ତାରିଖ ଦିନ ତାଙ୍କ ଗୃହଠାରେ ବହୁ ଆଡ଼ମ୍ବରରେ ନାଟକ ଅଭିନୟ ହୋଇଥିଲା ଓ ପୂର୍ବରୁ ସେଠାରେ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠିତ ହୋଇଥିବାରୁ ଅନେକଗୁଡ଼ିଏ ନାଟକ ଅଭିନୀତ ହେବାର ସୁବିଧା ହୋଇଥିଲା । ମାତ୍ର ଏହି ସମୟରେ ସ୍କୁଲର ବାଳକମାନେ ନାଟକ ଅଭିନୟ କରୁଥିବାରୁ ଅଭିନୟ କାର୍ଯ୍ୟରେ ସ୍କୁଲର ବାଳକମାନେ ଯୋଗଦେବା ଉଚିତ କି ନୁହେଁ, ଏହି ପ୍ରଶ୍ନ ଉଠିଥିଲା । "ଏହା କି ମୁନ୍ସିପ୍ରଶୋଦିତ ଯେ ସାଧାରଣଙ୍କ ସମ୍ମୁଖରେ ସ୍କୁଲ ବାଳକ ଯେମନ୍ତ ନାଚ ନାଚିବେ ?" ✲ ଏହି ପ୍ରଶ୍ନଦ୍ୱାରା ତାତ୍‌କାଳୀନ ଲୋକମାନଙ୍କର ଏ ବିଷୟରେ ଶଙ୍କା ପ୍ରକାଶ ପାଇଥିଲା ଓ ରାମବନବାସ ନାଟକରେ ରାମଶଙ୍କର ବାବୁ ଏହି ଶଙ୍କା ବିଷୟ ଉଲ୍ଲେଖ କରିଅଛନ୍ତି । ୧୮୮୮ ମସିହାର ଦୁର୍ଗାପୂଜା ଉପଲକ୍ଷେ ମଫସଲର ନାନା ସ୍ଥାନରେ ସ୍କୁଲର ଛାତ୍ରବୃନ୍ଦ ଓ ଅନ୍ୟାନ୍ୟ ବିଦ୍ୟୋତ୍ସାହୀ ଯୁବକମାନେ ମିଳି ନାଟକାଭିନୟ କରିଥିଲେ । ଅସୁରେଶ୍ୱର ଦାଣ୍ଡିତପଡ଼ା ଗ୍ରାମରେ ଓଡ଼ିଆ 'କାଞ୍ଚୀକାବେରୀ', ରଘୁନାଥପୁର ଗ୍ରାମରେ ବଙ୍ଗଳା ପ୍ରହସନ 'ଜାମାଇ ବାରିକ' ଓ ନାରାୟଣ ପ୍ରସାଦ ମିଶ୍ରଙ୍କ ନବରଚିତ 'ପାରିଜାତହରଣ' ନାମକ ଓଡ଼ିଆ ନାଟକ ଓ ଗୋପାଳପୁର ଗ୍ରାମରେ ବଙ୍ଗଳା 'ରାମାଭିଷେକ ନାଟକ' ଅଭିନୀତ ହୋଇଥିଲା ।" ✲✲ ସେଥିରୁ ଗ୍ରାମମାନଙ୍କର ନାମ ଉଲ୍ଲିଖିତ

✲ ଉତ୍କଳ ଦୀପିକା—୨ ତାରିଖ ଜୁନ ୧୮୮୮

✲✲ ଉତ୍କଳ ଦୀପିକା—୨୭ ଅକ୍ଟୋବର ୧୮୮୮

ହୋଇଅଛି, ସେ ସମସ୍ତ ଗ୍ରାମରେ ସ୍ଥାୟୀ ବଙ୍ଗୀୟମାନଙ୍କର ବାସସ୍ଥାନ । ଏମାନଙ୍କର ଉତ୍ସାହ ଓ ଅନୁକୂଲ୍ୟରେ ଓଡ଼ିଆ, ବଙ୍ଗଳା ନାଟକମାନ ଅଭିନୀତ ହୋଇ ପାରିଥିବ । ମାତ୍ର "ମଫସଲର ଲୋକମାନେ ଅଧିକାଂଶ ଓଡ଼ିଆ, ସେଠାରେ ବଙ୍ଗଳା ନାଟକର ଅଭିନୟ ନ କରି ଓଡ଼ିଆ ନାଟକର ଅଭିନୟ କଲେ ସମସ୍ତେ ବୁଝି ପାରିବେ ।" * ଉତ୍କଳ ଦୀପିକାର ଏହି ଟିପ୍ପଣୀ ଓଡ଼ିଆରେ ନାଟକ ରଚନାକୁ ଉତ୍ସାହିତ କରିବା କାମରେ କରିସାରିଥିଲା । ଏହି ସମୟରେ କଟକ ନଗରରେ ଜଗନ୍ନାଥ ଥିଏଟର କ୍ଲବ୍ ନାମକ ଗୋଟିଏ ଅଭିନୟ ସମ୍ପ୍ରଦାୟ ଗଠିତ ହୋଇଥିଲା । ଏମାନେ ବାବୁ ମଧୁସୂଦନ ରାୟଙ୍କ ସ୍ଥାପିତ ନାଟ୍ୟଶାଳାରେ ନଭେମ୍ବର ମାସ ୨୫ ତାରିଖରେ 'ସାବିତ୍ରୀ ଓ ସତ୍ୟବାନଙ୍କ ଉପାଖ୍ୟାନ' ଅବଲମ୍ବନ କରି 'ଆଦର୍ଶ ସତୀ' ନାମକ ନାଟକ ଓ ତାତ୍କାଳୀନ ହିନ୍ଦୁ ଯୁବକମାନଙ୍କର ଉଚ୍ଛୃଙ୍ଖଳତାକୁ ଅବଲମ୍ବନ କରି 'ଭଣ୍ଡ ଦଳପତି' ନାମକ ପ୍ରହସନ ଅଭିନୟ କରିଥିଲେ । ଏହି ଦଳରେ କେତେକ ସ୍କୁଲ ବାଳକ କାର୍ଯ୍ୟ ଥିଲେ ଓ ରଙ୍ଗଭୂମିରେ 'ସ୍କୁଲ ବାଳକମାନଙ୍କର ବାରାଙ୍ଗନା ରୂପରେ ଖେମଟା ନାଚ' ଅତ୍ୟନ୍ତ ରୁଚିବିଗର୍ହିତ ହୋଇଥିଲା ଓ ସର୍ବସାଧାରଣଙ୍କ ମଧ୍ୟରେ ଏହା ତୁମୁଳ ଆନ୍ଦୋଳନ ଜାତ କରିଥିଲା । ମଫସଲ ଗ୍ରାମମାନଙ୍କରେ ଏ ବର୍ଷ ନାଟକ ଅଭିନୟ ଅନେକ ସ୍ଥାନରେ ହୋଇଥିବ ଓ ନାଟ୍ୟକାରଙ୍କ ଜନ୍ମଭୂମି ଗୋହିତପଡ଼ା ଗ୍ରାମରେ ସେଠିମାନେ 'କାଞ୍ଚିକାବେରୀ' ନାଟକର ଅଭିନୟ କରିଥିଲେ, ସେମାନେ କଟକ ଆସି ମଧୁବାବୁଙ୍କ ଗୃହଠାରେ ଡିସେମ୍ବର ମାସ ପହିଲାରେ ପୁନର୍ବାର କାଞ୍ଚିକାବେରୀ ନାଟକର ଅଭିନୟ କରିଥିଲେ ଓ ଅଭିନୟଟି ସର୍ବାଙ୍ଗସୁନ୍ଦର ହୋଇଥିବା ସମ୍ବାଦ ଯଥା ସମୟରେ ଦୀପିକାରେ ପ୍ରକାଶିତ ହୋଇଥିଲା । † ଓଡ଼ିଆରେ ନାଟକ ରଚନା ଆରମ୍ଭ ହେବାର ଆଠବର୍ଷ ମଧ୍ୟରେ ଅର୍ଥାତ୍ ୧୮୮୮ ମସୀହାରେ ସାମାଜିକ ଜୀବନରେ ଅଭିନୟ ଦର୍ଶନ ସୁପ୍ରତିଷ୍ଠିତ ହୋଇଥିଲା । ନାନାସ୍ଥାନରେ ଲୋକେ ଆମୋଦପ୍ରମୋଦର ସହାୟକରୂପେ ନାଟକ ଅଭିନୟ ମଧ୍ୟ କରୁଥିଲେ ଓ ମଧୁବାବୁଙ୍କ ଗୃହଠାରେ ନାଟ୍ୟଶାଳା ସ୍ଥାପିତ ହୋଇଥିବାରୁ ଘନଘନ ଅଭିନୟ ହେବା ମଧ୍ୟ ସମ୍ଭବପର ହୋଇଥିଲା ।

* ଉତ୍କଳ ଦୀପିକା—୨୭ ତାରିଖ ଅକ୍ଟୋବର ୧୮୮୮

† ଉତ୍କଳ ଦୀପିକା—୮ ତାରିଖ ଡିସେମ୍ବର ୧୮୮୮

୧୮୮୯ ମସିହାର ପ୍ରଥମ ଭାଗରେ ଓଡ଼ିଶାର ପ୍ରଥମ ଓ ସ୍ୱତଃ-ପ୍ରବର୍ତ୍ତିତ ଅଭିନୟ ଦଳ (ଭିକ୍ଟୋରିଆ ଅମେଚର ଥିଏଟର ସମ୍ପ୍ରଦାୟ) ମଧୁବାବୁଙ୍କ ଘରଠାରେ ଜାନୁଆରୀ ମାସର ୧୮ ତାରିଖରେ 'ନଳ ଦମୟନ୍ତୀ' ନାମକ ବଙ୍ଗଳା ନାଟକର ଅଭିନୟ କରିଥିଲେ । ମାତ୍ର ଏ ଅଭିନୟଟି ନିତାନ୍ତ ମନ୍ଦ ହୋଇଥିବାରୁ ଦର୍ଶକମାନେ ବିରକ୍ତ ହୋଇଥିଲେ ଓ ଅଭିନୟ ସ୍ଥଳରେ 'କେତେକ ଶିକ୍ଷିତ ଯୁବକ ଲୋଷ୍ଟ୍ର କ୍ଷେପ ଓ ଯଥେଷ୍ଟ ଅଶ୍ଳୀଳ ଉପହାସସୂଚକ ବାକ୍ୟମାନ ପ୍ରୟୋଗ କରିଥିଲେ' । † ମାତ୍ର ଅଭିନେତା ଦଳ ଏଥିରେ ନିରୁତ୍ସାହ ନ ହୋଇ ପୁନର୍ବାର ଫେବୃଆରୀ ମାସ ୪ ତାରିଖ ଦିନ ଶ୍ରୀପଞ୍ଚମୀ ଉତ୍ସବ ଉପଲକ୍ଷେ ଓଡ଼ିଆ 'କଳିକାଳ' ନାଟକର ଅଭିନୟ କରିଥିଲେ ଓ "ମଧୁବାବୁ ସ୍ୱୟଂ ଏଥିର ତତ୍ତ୍ୱାବଧାନ କରି ତହିଁରେ ଯୋଗ ଦେଇଥିବାରୁ ତାହା ଜନପ୍ରିୟ ହୋଇଥିଲା ।" * ଅଭିନୟ ହେତୁ କେତେ ଜଣ ଅଭିନେତା ବଙ୍ଗଳା ମାଣିକପୀର ପାଲା ଆରମ୍ଭ କରି ଦର୍ଶକମଣ୍ଡଳୀର ତୃପ୍ତିବିଧାନ କରିଥିଲେ । ଏହି ଅଭିନୟଗୁଡ଼ିକ ଉତ୍ତମ ହୋଇଥିବାରୁ ପୁନର୍ବାର ଫେବୃଆରୀ ମାସ ୯ ତାରିଖ ଦିନ କଳିକାଳ ନାଟକ ଓ ମାଣିକପୀର ପାଲାର ଅଭିନୟ ହୋଇଥିଲା ଓ "ମଧୁବାବୁଙ୍କ ଯତ୍ନରୁ ଏଠାରେ ନାଟକାଭିନୟଦର୍ଶନ ସହଜ ହୋଇଥିବାରୁ" (ଦୀପିକା ୧୬ ଫେବୃଆରୀ) ନାଟ୍ୟାଭିନେତା ଦଳ ସ୍ଥାୟୀ ହେବା ବିଷୟରେ ସାଧାରଣ ଯତ୍ନବାନ ହୋଇଥିଲେ ।

ଏହି ବର୍ଷ ମାର୍ଚ୍ଚ ମାସ ୫ ତାରିଖ ଦିନ ବଙ୍ଗଳାର ବ୍ରାହ୍ମଧର୍ମ ପ୍ରଚାରକ ବାବୁ ଦେବୀପ୍ରସନ୍ନ ଚୌଧୁରୀ କଟକ ନଗରକୁ ଆସି ପ୍ରିଣ୍ଟିଂ କମ୍ପାନୀଙ୍କ ହୋମହଲରେ 'ଯୁଗଧର୍ମ' ବିଷୟରେ ଗୋଟିଏ ସୁଦୀର୍ଘ ବକ୍ତୃତା କରିଥିଲେ ଓ ବ୍ରାହ୍ମଧର୍ମାବଲମ୍ବୀମାନଙ୍କର ଚରିତ୍ର ଦେଖି ସେମାନଙ୍କର ଆଦର୍ଶକୁ ଗ୍ରହଣ କରିବା ନିମନ୍ତେ ସର୍ବସାଧାରଣଙ୍କୁ ପ୍ରରୋଚିତ କରିଥିଲେ । ଏହି ବକ୍ତୃତାର ନାମ ଓ ମୁଖ୍ୟ ବିଷୟରୁ ରାମଶଙ୍କର ବାବୁ ନିଜ 'ଯୁଗଧର୍ମ' ନାଟକର ପ୍ରେରଣା ପାଇଥିଲେ ଓ ଏହାର କିଛିଦିନ ପରେ ଏହି ନାଟକ ଲେଖା ହେବା ଆରମ୍ଭ ହୋଇ ଅନେକ ଦିନ ପରେ ସମାପ୍ତ ହୋଇଥିଲା ।

---

† ଉତ୍କଳ ଦୀପିକା—୨୬ ତାରିଖ ଜାନୁଆରୀ ୧୮୮୯

* ଉତ୍କଳ ଦୀପିକା—୨ ତାରିଖ ଫେବୃଆରୀ ୧୮୮୯

ଭୁଆଁପାଳ ଗ୍ରାମରେ ପ୍ରସିଦ୍ଧ ଜମିଦାର ବାବୁ ଗୋବିନ୍ଦଚନ୍ଦ୍ର ବୋଷଙ୍କ ଅନୁକୂଲ୍ୟରେ 'ରାଧାବଲ୍ଲଭ ଥିଏଟର ସମ୍ପ୍ରଦାୟ' ସ୍ଥାପିତ ହୋଇ ଚନ୍ଦନଯାତ୍ରା ଉପଲକ୍ଷରେ ବଙ୍ଗଳାର ବିଖ୍ୟାତ କବି ଶ୍ରୀ ଗିରୀଶଚନ୍ଦ୍ର ଘୋଷଙ୍କ ପ୍ରଣୀତ 'ଚୈତନ୍ୟଲୀଳା ନାଟକ'ର ଅଭିନୟ ନିମନ୍ତେ ଆୟୋଜନ କରିଥିଲେ, ମାତ୍ର ଏହି ଦଳ ଅଧିକ ଦିନ ସ୍ଥାୟୀ ହୋଇପାରି ନ ଥିଲା । ଏହି ଥିଏଟରଦଳ ଦୁର୍ଗାପୂଜା ଓ ରଥଯାତ୍ରା ଉପଲକ୍ଷରେ ଧର୍ମସମ୍ବନ୍ଧୀୟ ବଙ୍ଗଳା ନାଟକ ଓ ପ୍ରହସନର ଅଭିନୟ କରିଥିଲେ, ମାତ୍ର ଏହାର ପରବର୍ତ୍ତୀଠାରୁ ଆଉ ଏମାନଙ୍କର କାର୍ଯ୍ୟକଳାପର କୌଣସି ବିଶେଷ ସମ୍ବାଦ ମିଳେ ନାହିଁ । କେବଳ ୧୮୯୩ ମସିହାର ଫେବ୍ରୁୟାରୀ ମାସରେ ଏମାନେ ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀଙ୍କ ଚତୁର୍ଥ ପୁତ୍ରଙ୍କର ଶୁଭବିବାହ ଉପଲକ୍ଷେ ବଙ୍ଗଳା 'ଅଶ୍ରୁମତୀ' ନାଟକର ଅଭିନୟ କରିଥିଲେ, ମାତ୍ର 'ଏ ନାଟକଟିରେ ୧୧ ଗୋଟି ଅଙ୍କ ଓ ୩୨ ଗୋଟି ଗର୍ଭାଙ୍କ ଥାଇ ଏହାର ଅଭିନୟ ପାଖେ ୭ ଘଣ୍ଟାବ୍ୟାପୀ ହୋଇଥିବାରୁ' ଏହା ଲୋକଙ୍କର ପ୍ରୀତି-ପ୍ରଦ ହୋଇ ନ ଥିଲା ।

ନାଟକ ଅଭିନୟ କରିବା ନିମନ୍ତେ ସାଧାରଣତଃ ବିଦ୍ୟାଳୟର ଛାତ୍ରମାନେ ଅତ୍ୟନ୍ତ ବ୍ୟଗ୍ର ଓ ଉତ୍କୋରିଆ ଅମେଚର ଦଳର ସାଫଲ୍ୟ ଦେଖି ଅନେକ ସ୍କୁଲଛାତ୍ର ସେଥିରେ ଅଭିନେତା ଶ୍ରେଣୀଭୁକ୍ତ ହେବା ନିମନ୍ତେ ଆବେଦନ କରିଥିଲେ । ମାତ୍ର ଅମେଚର ଦଳର କର୍ତ୍ତାମାନେ ସେମାନଙ୍କର ଭବିଷ୍ୟତ କ୍ଷତ ହେବା ଆଶଙ୍କାରେ ସେମାନଙ୍କୁ ଅଭିନୟ କାର୍ଯ୍ୟରେ ପ୍ରଶ୍ରୟ ଦେଇ ନ ଥିଲେ । ଏଣୁ ଅନେକଗୁଡ଼ିଏ ସ୍କୁଲଛାତ୍ର 'ଜଗନ୍ନାଥ ଥିଏଟର' ନାମରେ ଗୋଟିଏ ସମ୍ପ୍ରଦାୟ ଗଢ଼ି ନୂଆସଡ଼କ-ନିବାସୀ ବାବୁ ଉମାଚରଣ ବିଶ୍ୱାସ (ନାମାନ୍ତର, ଅପେକ୍ଷାକୃତ ବିଖ୍ୟାତ, ବୋଲକ ବିଶ୍ୱାସ)ଙ୍କ ଗୃହଠାରେ ଅପ୍ରେଲ ୧୪ ତାରିଖ ଦିନ 'ସୁରେନ୍ଦ୍ର-ବିନୋଦିନୀ' ନାମକ ନାଟକ ଓ 'ପାପକର୍ମମାର୍ଗ' ଫାର୍ସ ଅଭିନୟ କରିଥିଲେ ଓ ସ୍କୁଲ ବାଳକମାନଙ୍କର ଏତାଦୃଶ କାର୍ଯ୍ୟରେ ସହରରେ ବିଶେଷ ଚହଳ ପଡ଼ି ଯାଇଥିଲା । ଅଧିକାଂଶ ଅଭିନେତା ବାବୁ ଲଳିତମୋହନ ଚକ୍ରବର୍ତ୍ତୀଙ୍କ ପ୍ରତିଷ୍ଠିତ 'ସାମ୍ୟବାଦୀ ସ୍କୁଲ'ର ଛାତ୍ର ଥିବାର ଅନୁମାନ କରାଯାଇଥିଲା । ମାତ୍ର ଲଳିତ ବାବୁ ଏଥିର ପ୍ରତିବାଦ କରି ଦର୍ଶାଇଥିଲେ ଯେ, ତାଙ୍କ ସ୍କୁଲରୁ କେବଳ ଜଣେ ଅଭିନେତା ଥିଲେ ଓ ଅଧିକାଂଶ ଛାତ୍ର ରେଭେନ୍ସା କଲେଜର ଛାତ୍ର । ସହରବାସୀମାନଙ୍କର ଆନ୍ଦୋଳନରେ ନିରସ୍ତ ନ ହୋଇ ଛାତ୍ରମାନେ

ପୁନଶ୍ଚ ମଇ ମାସ ୮ ତାରିଖ ଦିନ 'ସୁରେନ୍ଦ୍ର ବିନୋଦିନୀ' ନାଟକ ଓ ଅନ୍ୟ ଗୋଟିଏ ପ୍ରହସନର ଅଭିନୟ କରିଥିଲେ । ନଗରବାସୀ ଭଦ୍ରଲୋକ-ମାନଙ୍କର ବିଶେଷ ବିରୋଧ ସତ୍ତ୍ୱେ ଏହି ଦଳଟି ୧୮୯୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାବାଶ ଥାନ ବେଣୀ ବାବୁଙ୍କ ଗୃହଠାରେ ଟେଣ୍ଟରେ ତିନି ଗୋଟି ଅନ୍ୟ ନାଟକ ଅଭିନୟ କରୁଥିଲେ, ମାତ୍ର ୧୮୯୨ ମସିହାର ଜାନୁୟାରି ୭ ତାରିଖରେ ବଙ୍ଗଳା 'ଦାସତ୍ୱ' ଅଭିନୟ କରିବା ପରେ ଏମାନଙ୍କ ଅଭିନୟର ଦୋଷ ସମ୍ବାଦପତ୍ରରେ ଆଲୋଚିତ ହେବାରୁ ଏମାନେ ପୁନଶ୍ଚ ୩୦ ତାରିଖ ଦିନ ଦାସତ୍ୱ ଅଭିନୟ ସଙ୍ଗେ ସଙ୍ଗେ 'ମୁଟେଶ ଆଗୁନ' ନାମକ ପ୍ରହସନର ଅଭିନୟ କରି ସମାଲୋଚକମାନଙ୍କୁ ଅଭଦ୍ର ଭାବରେ ନାନା ପ୍ରକାର ଗାଳି ଦେଇଥିଲେ ଓ ଏଥିରେ ନଗରବାସୀମାନେ ଅତ୍ୟନ୍ତ କ୍ରୁଦ୍ଧ ହୋଇଥିଲେ । ମାର୍ଚ୍ଚ ମାସ ୫ ତାରିଖ ଦିନ ଏହି ଦଳ ବାବୁ ଗୋପାଳଚନ୍ଦ୍ର ବୋଷଙ୍କ ଗୃହଠାରେ 'ସୀତାବନବାସ' ନାଟକ ଏବଂ 'ଗାଧା ଓ ମିନି' ପ୍ରହସନର ଅଭିନୟ କରିଥିଲେ ଓ ଦୋଳପୂର୍ଣ୍ଣିମା ଦିନ କନିକା-ରାଜବାଟୀରେ 'ମେଘନାଦବଧ' ନାଟକର ଅଭିନୟ କରିଥିଲେ । ଏହି ନାଟକାଭିନୟରେ ବ୍ୟବହୃତ ପୋଷାକ ସମ୍ବନ୍ଧରେ ଆନ୍ଦୋଳନ ଉପସ୍ଥିତ ହୋଇଥିଲା । କାରଣ ଅଭିନେତାମାନେ ବନବାସୀ ବେଶ ଉପରେ collar (କୋଲାର) ବ୍ୟବହାର କରିଥିଲେ ଓ 'ବନରେ ମଧ୍ୟ ଲକ୍ଷ୍ମଣ ରାଜବେଶ ପରିଧାନ କରିଥିଲେ ଓ ସ୍ତ୍ରୀଚରିତ୍ରଗୁଡ଼ିକ ସମସ୍ତେ ଅଲ୍ପଲମ୍ବିତକେଶୀ ଓ ଉଲଙ୍ଗହସ୍ତା ପୁରୁଷ ନାଟ୍ୟଶାଳାରେ ଉପସ୍ଥିତ ହୋଇଥିଲେ' । (ଦୀପିକା) ଏହି ଆନ୍ଦୋଳନ ଫଳରେ ଓ ବିଶେଷତଃ ସ୍କୁଲ ବାଳକମାନଙ୍କର ନାଟକାଭିନୟ ପ୍ରତି ଲୋକମାନଙ୍କର ବିରୋଧଭାବ ପ୍ରବଳ ହେବାରୁ କ୍ରମଶଃ ଏହି ନାଟ୍ୟଦଳଟି ବିଲୁପ୍ତ ହୋଇଗଲା । ଏମାନେ କେବଳ ବଙ୍ଗଳା ନାଟକର ଅଭିନୟ କରିଥିଲେ, ମାତ୍ର ଲୋକମାନଙ୍କ ମଧ୍ୟରେ ଅଭିନୟ ଦେଖିବାର ସ୍ପୃହା ଜାଗ୍ରତ କରିଥିବାରୁ ଏମାନେ ପ୍ରକାରାନ୍ତରରେ ଓଡ଼ିଆ ନାଟକ ରଚନାରେ ସାହାଯ୍ୟ କରିଥିଲେ ।

'କଳିକାଳ'ର ସାଫଲ୍ୟ ଦେଖି ରାମଶଙ୍କର ବାବୁ 'ବୃନ୍ଦାବନ' ନାମକ ପ୍ରହସନ ରଚନା କରିଥିଲେ ଓ ଏହି ପ୍ରହସନଟି ୧୮୯୨ ମସିହା ମାର୍ଚ୍ଚ ୨୬ ତାରିଖରେ ଚାନ୍ଦନୀଚୌକରେ ବାବୁ ଗୋପାଳବଲ୍ଲଭ ଦାସଙ୍କ ଗୃହଠାରେ ଅଭିନୀତ ହୋଇ ସେହି ବର୍ଷ ମୁଦ୍ରାଙ୍କିତ ହୋଇ ପ୍ରକାଶିତ ହୋଇଥିଲା ଓ କୋଠପଦା ମହନ୍ତଙ୍କ ନାଟ୍ୟଶାଳାରେ ଶ୍ରୀପଞ୍ଚମୀ-

ଉପଲକ୍ଷେ ଅଭିନୀତ 'ରାମବନବାସ' ନାଟକ ମଧ୍ୟ ଏହି ବର୍ଷ ଜୁନ ମାସରେ ମୁଦ୍ରାଙ୍କିତ ହୋଇ ପ୍ରକାଶିତ ହୋଇଥିଲା । ଏହି ଅଭିନୟରେ ଉତ୍କଳର ପ୍ରସିଦ୍ଧ ଯାତ୍ରା ଲେଖକ ଶ୍ରୀ ବୈଷ୍ଣବ ପାଣି ସଙ୍ଗୀତ ଶିଳ୍ପୀ ରୂପରେ ରଙ୍ଗମଞ୍ଚରେ ପ୍ରଥମଥର ପାଇଁ ଅବତୀର୍ଣ୍ଣ ହୋଇଥିଲେ । ୧୮୯୨ ମସିହାରେ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ବୃହତ୍ ସାମାଜିକ କାର୍ଯ୍ୟରେ ଓ ଶ୍ରୀପଞ୍ଚମୀ ଦୁର୍ଗାପୂଜା ପ୍ରଭୃତି ଉତ୍ସବରେ ନାଟକ ଅଭିନୟ କରିବା ଏକ ଅପରିହାର୍ଯ୍ୟ ଅଙ୍ଗସ୍ୱରୂପ ବିବେଚିତ ହୋଇଥିଲା ଓ ଲୋକେ ନାଟକାଭିନୟକୁ ଉତ୍ସବର ବିଳାସ ମଧ୍ୟରେ ଗ୍ରହଣ କରିବାରେ ଉନ୍ମୁଖ ଥିଲେ । ଏଣୁ ନାଟକ ରଚନା ମଧ୍ୟ କ୍ଷିପ୍ରଗତିରେ ଅଗ୍ରସର ହେଉଥିଲା । ମାତ୍ର ଏହି ସମୟରେ ପ୍ରଣୀତ ନାନା ନାଟକ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ଓ ସେମାନଙ୍କର କୌଣସି ଚିହ୍ନ ବା ଇଙ୍ଗିତ ମଧ୍ୟ ଆମ୍ଭେମାନେ ପାଇବାକୁ ଅକ୍ଷମ ।

୧୮୯୫ ମସିହାରେ କଟକ ନଗରରେ * "ବାରିକପିଣ୍ଡି ଇଲାକାର କର୍ମଚାରୀମାନଙ୍କର ଯତ୍ନ ଓ ଅଧ୍ୟବସାୟ ଫଳରେ" ବଙ୍ଗଳା ହରିଶ୍ଚନ୍ଦ୍ର ନାଟକର ଅଭିନୟ ହୋଇଥିଲା । ଏହି ଅଭିନୟ ଏଠା ପ୍ରଖ୍ୟାତ ମହାଜନ ବଳି ଭଗତଙ୍କ ତୋଷାନା ନିକଟ ପ୍ରକାଣ୍ଡ ଅଟ୍ଟାଳିକାର ପ୍ରଶସ୍ତ ଅଗଣାରେ ସମ୍ପାଦିତ ହୋଇଥିଲା । ଫେବ୍ରୁୟାରୀ ୨୩ ତାରିଖ ଦିନ ପୁନର୍ବାର ହରିଶ୍ଚନ୍ଦ୍ର ନାଟକ ଓ ତହିଁ ସଙ୍ଗେ 'ବିବାହ-ବିଭ୍ରାଟ ପ୍ରହସନ' ଅଭିନୀତ ହୋଇଥିଲା ଓ ବାରିକପିଣ୍ଡି ଦଳ ଏଥର କିଛିଦିନ ପରେ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ । ଏଠା କଲେଜର ବାଳକମାନେ ସେହି ରଙ୍ଗମଞ୍ଚରେ 'ମୃଣାଳିନୀ' ନାଟକର ଅଭିନୟ କରିଥିଲେ (୧୮୯୫ ମାର୍ଚ୍ଚ ୨ ତାରିଖ) ଓ ସେଠାରୁ ଦୃଶ୍ୟପଟମାନ ନେଇ କନିକା ରାଜବାଟୀରେ ରାଜମାତାଙ୍କର ଆନୁକୂଲ୍ୟରେ ମାର୍ଚ୍ଚ ମାସ ୧୦ ତାରିଖ ଦିନ ଓଡ଼ିଆ କାଞ୍ଚିକାବେରୀ ନାଟକ ଅଭିନୀତ ହୋଇଥିଲା । ପରବର୍ତ୍ତୀ ସପ୍ତାହରେ ବାରିକପିଣ୍ଡି ଦଳ ପୁନର୍ବାର ବଙ୍ଗଳା କାଳ୍ୟମଙ୍ଗଳ ନାଟକ ଓ ବିବାହ-ବିଭ୍ରାଟ ପ୍ରହସନର ଅଭିନୟ ଦେଖାଇଥିଲେ । 'ଏହି ଅଭିନୟ ସର୍ବାଙ୍ଗସୁନ୍ଦର ହୋଇଥିଲା ।' † ମାର୍ଚ୍ଚ ମାସ ୩୦ ତାରିଖ ଦିନ ଏହି ଦଳ ସୁଭଦ୍ରାହରଣର ଅଭିନୟ ଦେଖାଇଥିଲେ । ଅପ୍ରେଲ ୯ ତାରିଖ ଦିନ

---

* ଉତ୍କଳ ଦୀପିକା—୯ ତାରିଖ ଫେବ୍ରୁୟାରୀ ୧୮୯୫

† ଉତ୍କଳ ଦୀପିକା—୨୩ ତାରିଖ ମାର୍ଚ୍ଚ ୧୮୯୫

ଏମାନେ ପୁନର୍ବାର ଏହି 'ପ୍ରହ୍ଲାଦଚରିତ୍ର'ର ଅଭିନୟ କରିଥିଲେ ଓ ୧୩ ତାରିଖ ଦିନ ବଙ୍ଗଳା ବିଲ୍ୱମଙ୍ଗଳ ନାଟକ ଓ 'ଦୁଇ ସଉତୁଣୀର କଳହ' ନାମକ ପ୍ରହସନର ଅଭିନୟ କରିଥିଲେ । ଏହି ଅଭିନୟ ଫଳରେ ନାଟକ ଅଭିନୟ ପ୍ରତି ଲୋକଙ୍କର ଆଗ୍ରହ ବିଶେଷଭାବରେ ଜାଗ୍ରତ ହୋଇଥିଲା । ଏହାକୁ ଲକ୍ଷ୍ୟ କରି An Uriya ଛଦ୍ମ ନାମରେ (ଶ୍ରୀ ମଧୁସୂଦନ ରାଓ ?) ଜଣେ ପତ୍ରପ୍ରେରକ ଦୀପିକାର ପ୍ରେରିତପତ୍ର ସ୍ତମ୍ଭରେ "I take their performances as so many lectures to foster and revive the taste for drama created by Babu Ram Sankar Ray, the father of the Uriya Drama .... we shall not be surprised if a Uriya Kansa or Rabana is killed ere long." † ଓଡ଼ିଆ ନାଟକକୁ ଉତ୍ସାହିତ କରିବା ନିମନ୍ତେ ଲେଖିଥିଲେ । ଏହି ଉତ୍ସାହ ଫଳରେ ୧୮୯୬ ଖ୍ରୀଷ୍ଟାବ୍ଦରେ କଂସବଧ ନାଟକ ରଚିତ ହୋଇଥିଲା । ବାଲିକମିଟି ଦଳ ପୁନର୍ବାର ଅପ୍ରେଲ ୨୦ ତାରିଖ ଦିନ 'ସଧବାର ଏକାଦଶୀ' ନାମକ ପ୍ରହସନ ଅଭିନୟ କରିଥିଲେ ଓ ଏହି ଅଭିନୟ ପରେ ଏମାନଙ୍କର ଅଭିନୟ ବନ୍ଦ କରିଦିବାର ପ୍ରସ୍ତାବ ଥିଲେହେଁ ଭଗ୍ୱାଭିଜାନ ଭାରତେଶ୍ୱରୀଙ୍କ ଜନ୍ମଦିନ ଉପଲକ୍ଷେ ଏମାନେ ମଇ ମାସ ୨୪ ତାରିଖ ଦିନ ବଙ୍ଗଳା ଲକ୍ଷ୍ମଣବର୍ଜନ ନାଟକ ଓ 'ସେୟାରେର ଉପର ବାଟପାଡ଼ି' ପ୍ରହସନର ଅଭିନୟ କରିଥିଲେ । ମାତ୍ର ନାଟକଟି ସମ୍ପୂର୍ଣ୍ଣ ଭାବରେ ଅମିତ୍ରାକ୍ଷର ଛନ୍ଦରେ ରଚିତ ହୋଇଥିବାରୁ ତାହା ଶ୍ରୁତିସୁଖକର ହୋଇ ନ ଥିଲା ଓ ପ୍ରହସନଟି "ଏପରି ଅଶ୍ଳୀଳ ବିଷୟ ପୂର୍ଣ୍ଣ ଥିଲା ଯେ, ତାହା ବର୍ଣ୍ଣନା କରିବା"କୁ ଉତ୍କଳ-ଦୀପିକା ସମ୍ପାଦକ ଲଜ୍ଜିତ ହୋଇଥିଲେ । * ବାଲିକମିଟି ଦଳ ଜୁନ ମାସ ପହିଲାରେ ପ୍ରହ୍ଲାଦଚରିତ୍ର ନାଟକର ଅଭିନୟ କରି ଅଭିନୟ ବନ୍ଦ କରି ଦେଇଥିଲେ ଓ ଜୁଲାଇ ମାସରେ ତାଙ୍କର ରଙ୍ଗମଞ୍ଚ, ଦୃଶ୍ୟପଟ ପ୍ରଭୃତି ବିକ୍ରୟ କରିଦିବାର ବିଜ୍ଞାପନ ସ୍ଥାନୀୟ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିଲା । ନୂତନ ଢଙ୍ଗର ରଙ୍ଗମଞ୍ଚ ସ୍ଥାପନ କରିବାର କଳ୍ପନା ସେମାନଙ୍କ ମନରେ ଥିଲେ ମଧ୍ୟ ସେମାନେ ପୁନର୍ବାର ନାଟ୍ୟଶାଳା ସ୍ଥାପନ

---

† ଉତ୍କଳ ଦୀପିକା—୨୦ ତାରିଖ ଅପ୍ରେଲ୍ ୧୮୯୫

* ଉତ୍କଳ ଦୀପିକା—୧ ତାରିଖ ଜୁନ ୧୮୯୫

କରି ପାରି ନ ଥିଲେ; କେବଳ ୧୮୯୭ ମସିହା ଫେବୃଆରୀ ମାସରେ ଏମାନେ 'କମଳେ କାମିନୀ' ନାମକ ନାଟକର ଅଭିନୟ କରିଥିଲେ ।

ନାଟକ ଅଭିନୟ ଓ ରଚନା କରିବାର ପ୍ରବୃତ୍ତି କ୍ରମଶଃ ଓଡ଼ିଶାର ଗଡ଼ଜାତମାନଙ୍କରେ ସଞ୍ଚାରିତ ହୋଇଥିଲା ଓ ୧୮୯୫ ଖ୍ରୀଷ୍ଟାବ୍ଦରେ ସୋନପୁରର ତତ୍କାଳୀନ ଯୁବରାଜ ଶ୍ରୀ ବୀରମିତ୍ରୋଦୟ ସିଂହ ସଂସ୍କୃତ ରତ୍ନାବଳୀ ନାଟକ ଉତ୍କଳ ଭାଷାରେ ଗଦ୍ୟ ଓ ଗୀତରେ ଅନୁବାଦ କରି ପ୍ରକାଶ କରିଥିଲେ । ଏ ନାଟକର 'ଭାଷା ଉନ୍ନତ ସୁରୁଚିପୂର୍ଣ୍ଣ, ମାତ୍ର କ୍ଳିଷ୍ଟ ନୁହେଁ' ଓ ଏହି ପୁସ୍ତକଟି ସଙ୍ଗେ ସଙ୍ଗେ ଉତ୍କଳ ସାହିତ୍ୟରେ ଉଚ୍ଚ ସ୍ଥାନ ଲାଭ କରିବାକୁ ସମର୍ଥ ହୋଇଥିଲା । ଏହି ବର୍ଷ ପୁଣି ସେପ୍ଟେମ୍ବର ମାସର ୫, ୭, ୯ ତାରିଖମାନଙ୍କରେ କଲ୍ଲେ ନୟାଗଡ଼ ରାଜଦ୍ୱାରରେ କାଞ୍ଚିକାବେରୀ ନାଟକର ଅଭିନୟ ହୋଇଥିଲା । "ଗଡ଼ଜାତରେ ନାଟ୍ୟାଭିନୟ ଏହା ସର୍ବପ୍ରଥମ ଅଟେ । ଯଦି ଗଡ଼ଜାତର ରାଜାମାନେ ଏହା ଅନୁକରଣ କରିବାରେ ମନୋଯୋଗୀ ହେବେ, ତାହାହେଲେ ଓଡ଼ିଆ ଭାଷା ମାର୍ଜିତ ହେବାର ଏକ ପ୍ରଶସ୍ତ ମାର୍ଗ ଉଦ୍‌ଘାଟିତ ହେବ"* ଏହିପରି ଆଶା ପ୍ରକାଶ କରାଯାଇଥିଲା ।

୧୮୯୭ ଖ୍ରୀଷ୍ଟାବ୍ଦରେ ଖଣ୍ଡପଡ଼ା'ର ରାଜକୁମାର ଶ୍ରୀ ମହେନ୍ଦ୍ର ସିଂହ ସାମନ୍ତ 'ବୃନ୍ଦାବନଚନ୍ଦ୍ର ବିନୋଦ' ନାଟକ ରଚନା କରି ବିନା ମୂଲ୍ୟରେ ବିତରଣ କରିଥିଲେ, ମାତ୍ର "ଏହାର ନାମ ନାଟକ ଦିଆଯାଇଥିଲେହେଁ ନାଟକର ନିୟମ, ଗୁଣ ବା ବର୍ଣ୍ଣନାର ବିଶେଷ ଅଭାବ ଏଥିରେ ଦେଖାଯାଏ । ଏହାକୁ ଉତ୍କଳର ଚମ୍ପୂକାବ୍ୟ ବୋଲାଯାଇ ପାରେ" ଏହିପରି ଭାବରେ ଏହା ସମାଲୋଚିତ ହୋଇଥିଲା । ୧୮୯୯ ଖ୍ରୀଷ୍ଟାବ୍ଦରେ ଅନୁଗୋଳରେ ସର୍ବପ୍ରଥମ 'ରିକ୍ରିଏସନ କ୍ଲବ' ଗଠିତ ହୋଇ 'ଅଶ୍ରୁମତୀ' ନାଟକର ଅଭିନୟ ହୋଇଥିଲା । ଏ ନାଟକ ଅଧିକ ଚିତ୍ତାକର୍ଷକ ହୋଇ ପାରି ନ ଥିଲା; କିନ୍ତୁ ଗଡ଼ଜାତରେ କ୍ରମଶଃ ନାଟକ ଅଭିନୟ ପ୍ରତି ଲୋକଙ୍କର ମନ ଆକୃଷ୍ଟ ହେବା ଏଥିରୁ ସୂଚିତ ହେଉଅଛି ।

କଟକର ନାଟ୍ୟାଭିନୟ ଉଦ୍ୟୋଗୀମାନଙ୍କର ନାମ ବର୍ତ୍ତମାନ ବିସ୍ମୃତି-ଗର୍ଭରେ ଲୀନ । ପୃଷ୍ଠପୋଷକମାନଙ୍କ ମଧ୍ୟରୁ ଶ୍ରୀ ମଧୁସୂଦନ ଦାସ, ଶ୍ରୀ କାଳୀପଦ ବନ୍ଦ୍ୟୋପାଧ୍ୟାୟ, ଶ୍ରୀ ଉମେଶଚନ୍ଦ୍ର ବିଶ୍ୱାସ, ଶ୍ରୀ ତ୍ରୈଲୋକ୍ୟଚନ୍ଦ୍ର

---

* ଉତ୍କଳ ଦୀପିକା ୨୮ ତାରିଖ ସେପ୍ଟେମ୍ବର ୧୮୯୫

ବନ୍ଧୁ ଓ ଶ୍ରୀ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ ପ୍ରଧାନ । ମାତ୍ର ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଜଣେ ନିଜସ୍ବ ବ୍ୟୟ ଓ ରଙ୍ଗଭୂମି ପ୍ରସ୍ତୁତ କରିବା ଓ ଅଭିନୟ କାର୍ଯ୍ୟରେ ବିଶେଷ ଭାବରେ ବ୍ୟାପୃତ ବାବୁ ଶ୍ୟାମସୁନ୍ଦର ନାୟକ ଏହି ବର୍ଷ ମୃତ ହୋଇଥିଲେ ଓ ବିଶିଷ୍ଟ ଅଭିନେତାମାନଙ୍କ ମଧ୍ୟରୁ ଏହି ଜଣକ ସମ୍ଭ୍ରାନ୍ତ ପରିବାରମାନଙ୍କ ଯୋଗେ ଅନେକମାନଙ୍କର ପରିବର୍ତ୍ତ ଘଟିଥିଲା ।*

୧୮୯୬ ମସିହା ଅପ୍ରେଲ୍ ମାସରେ କଲିକତାରୁ ବେଙ୍ଗଲ୍ ଥିଏଟର ନାମକ ନାଟ୍ୟାଭିନେତା ଦଳ କଟକକୁ ଆସି ଶ୍ରୀ ବୈଦ୍ୟନାଥ ପଣ୍ଡିତଙ୍କ ଗୃହସମ୍ମୁଖସ୍ଥ ଅଗଣାରେ 'ପ୍ରଭାସତୀର୍ଥ' ନାଟକ ଓ ଗୋଟିଏ ପ୍ରହସନର ଅଭିନୟ କରିଥିଲେ ଓ ଉକ୍ତ ଦଳର ଅଭିନୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇ ନ ଥିଲେ ମଧ୍ୟ "ଏପରି ସଙ୍ଗୀତ ଏବଂ ଐକତାନିକ ବାଦ୍ୟ ଏଠାରେ ଦେଖାଯାଇ ନ ଥିଲା ।" † ଏହାର କେତେଦିନ ପରେ କନିକା ରାଜବାଟୀରେ କନିକା ରାଜାଙ୍କ ଭଗିନୀଙ୍କ ସହିତ ଡମପଡ଼ା ରାଜାଙ୍କର ଶୁଭପରିଣୟ ଉପଲକ୍ଷରେ ରାମଶଙ୍କର ବାବୁଙ୍କର ନବରଚିତ ଓଡ଼ିଆ 'କଂସବଧ' ନାଟକର ଅଭିନୟ ହୋଇଥିଲା । 'ଦର୍ଶକମଣ୍ଡଳୀର ସଂଖ୍ୟା ଦୁଇ ସହସ୍ରରୁ ଊଣା ନ ଥିଲା ଓ ଏଠା ଅଭିନୟ ବଙ୍ଗଳା ଥିଏଟର ଦଳର ଅଭିନୟ ଅପେକ୍ଷା ଉତ୍କୃଷ୍ଟ ହୋଇଥିଲା ।' ‡

୧୮୯୭ ମସିହାରେ କଟକ ନଗରରେ ଦୁଇଗୋଟି ନାଟ୍ୟଦଳ ପ୍ରତିଷ୍ଠିତ ହୋଇଥିଲା । ଏକ ଦଳର ନେତା ଶ୍ରୀ ବାବୁ ଶ୍ୟାମାଚରଣ ଚକ୍ରବର୍ତ୍ତୀ ଓ ଅନ୍ୟ ଦଳର ନେତା ଶ୍ରୀ ବାବୁ ସତୀଶଚନ୍ଦ୍ର ସରକାର ଓରଫ ନାଟୁବାବୁ । ପ୍ରଥମୋଲ୍ଲିଖିତ ଦଳ ଓଡ଼ିଆ ବାଳକଙ୍କ ନାଟକ, ଦ୍ରୌପଦୀ ବସ୍ତ୍ରାପହରଣ ନାଟକ ଓ ବଙ୍ଗଳା ସିନ୍ଧୁବଧ ନାଟକର ଅଭିନୟ କରିଥିଲେ ଓ ଦ୍ୱିତୀୟ ଦଳର ନେତା ନିଜେ ପରିକାର୍ଯ୍ୟରେ ଦକ୍ଷ ଥାଇ ବହୁ ବ୍ୟୟ, ବହୁ ପରିଶ୍ରମରେ ରଙ୍ଗମଞ୍ଚ ଓ ସୁନ୍ଦର ସୁନ୍ଦର ଦୃଶ୍ୟପଟ ପ୍ରସ୍ତୁତ ୨।୩ ବର୍ଷର ମଧ୍ୟରେ ବେଶ କରି 'ସିନ୍ଧୁବଧ' ନାଟକ ଓ 'ଜଗା ପାଗଳା' ପ୍ରହସନର ଅଭିନୟ କରିଥିଲେ । ଉଭୟଙ୍କର ଅଭିନୟକାର୍ଯ୍ୟ ସୁନ୍ଦର ହୋଇଥିଲା; କିନ୍ତୁ ଦୁଇଟିଯାକ ଦଳ ସ୍ଥାୟୀ ହୋଇ ପାରିଲେ ନାହିଁ ଏବଂ ଅଚିରେ ବିଲୟପ୍ରାପ୍ତ ହୋଇଥିଲେ ।

---

* ଉତ୍କଳ ଦୀପିକା ୧୨ ତାରିଖ ଅକ୍ଟୋବର ୧୮୯୫

† ଉତ୍କଳ ଦୀପିକା—୧୦ ତାରିଖ ଫେବ୍ରୁଆରୀ ୧୮୯୬

‡ ଉତ୍କଳ ଦୀପିକା—୧୧ ତାରିଖ ଅପ୍ରେଲ୍ ୧୮୯୬

ଏହି ବର୍ଷ ମାର୍ଚ୍ଚ ମାସରେ "ପୁରୀ ଥିଏଟର ଦଳ କଟକ ନଗରକୁ ଆସି ଅଦାଲତର 'ଭିକ୍ଟୋରିଆ ଭବନ' ନାଟ୍ୟାଳୟରେ ଓଡ଼ିଆରେ 'ବେଣୀସଂହାର' ନାଟକର ଅଭିନୟ ଦେଖାଇଥିଲେ, ମାତ୍ର ନାଟକର ଭାଷା ତେତେ ପ୍ରୀତିକର ହୋଇ ନ ଥିଲା ।" * ଏହାର ପର ବର୍ଷ କଲିକତାର 'ବେଙ୍ଗଲ୍ ଥିଏଟର' ପୁନର୍ବାର କଟକ ନଗରକୁ ଆସି ଅଭିନୟ ଦେଖାଇଥିଲେ ଓ ଏ ବର୍ଷ ଏମାନଙ୍କ ସଙ୍ଗେ କେତେକ ଅଭିନେତ୍ରୀ ମଧ୍ୟ ଆସିଥିଲେ । କଟକରେ ଏଥି ନିମନ୍ତେ ଅତ୍ୟନ୍ତ ଗହଳ ପଡ଼ିଥିଲା, ମାତ୍ର ଅଭିଭାବକ-ମାନଙ୍କର ନିଷେଧ ସତ୍ତ୍ୱେ ଅନେକ ଦର୍ଶକ ଏହି ଅଭିନୟ ଦେଖିବା ନିମନ୍ତେ ଲୁବ୍ଧ ହୋଇଥିଲେ ଓ ଅଭିନୟ ଲାଭଜନକ ଥିବାରୁ ପୁନର୍ବାର ପରବର୍ଷ ମଧ୍ୟ ଏହି ଦଳ କଟକ ଆସି ନାଟକ ଓ ପୁଣି ଭଲଭଲ ଅଭିନୟମାନ ଦେଖାଇଥିଲେ । ମାତ୍ର ଦୁଃଖର ବିଷୟ ଯେ, ଏଠାରେ ସ୍ଥାୟୀ ରଙ୍ଗମଞ୍ଚ ଗଠିତ ହେବାର କୌଣସି ସୂଚନା ଦେଖାଗଲା ନାହିଁ, ପୂର୍ବର ନାଟକ-ଦଳମାନ ଭାଙ୍ଗି ଯାଇଥିଲା ଓ ନାଟ୍ୟଶାଳାଗୁଡ଼ିକ ମଧ୍ୟ ଅବ୍ୟବହାର୍ଯ୍ୟ ହୋଇ ପଡ଼ିଥିଲା । ସ୍ଥାୟୀ ରଙ୍ଗମଞ୍ଚର ଅଭାବରୁ ପୂର୍ବେ ପ୍ରତ୍ୟେକ ଶନିବାର ଯେପରି ଅଭିନୟ କାର୍ଯ୍ୟ ସୁସମ୍ପାଦିତ ହୋଇ ପାରୁଥିଲା, ତାହା ସମ୍ପୂର୍ଣ୍ଣଭାବରେ ରହିତ ହେଲା ଓ ନୂତନ ନାଟକ ରଚନାର ପ୍ରୟୋଜନ ମଧ୍ୟ ଆଉ ଦେଖାଗଲା ନାହିଁ । ସହରରେ ସାଧାରଣ ନାଟକ ଅଭିନୟ ଏତେଦୂର ମନ୍ଦ ଅବସ୍ଥାକୁ ଆସିଥିଲା ଯେ, ଯେଉଁ କନିକା ରାଜବାଟୀରେ ପ୍ରତ୍ୟେକ ଉତ୍ସବରେ ଓଡ଼ିଆ ନାଟକ ସ୍ଥାନୀୟ ଅଭିନେତାଙ୍କ ଦ୍ୱାରା ବହୁଥର ଅଭିନୀତ ହୋଇଥିଲା, ସେଠାରେ ୧୯୦୧ ମସିହା ଜୁଲାଇ ମାସ ୬ ତାରିଖ ଦିନ କନିକା ରାଜାଙ୍କର ନବକୁମାରଙ୍କ ଏକୋଇଶିଆ ପୂଜା ଉପଲକ୍ଷେ କନିକାର ରାଜମାତା କଲିକତା ଥିଏଟରର ଅଭିନୟଦ୍ୱାରା ନିମନ୍ତ୍ରିତ ବ୍ୟକ୍ତିମାନଙ୍କର ଅଭ୍ୟର୍ଥନା କରିଥିଲେ ଓ ୧୯୦୨ ମସିହା ମାର୍ଚ୍ଚ ମାସରେ ଢେଙ୍କାନାଳ ରାଜାଙ୍କ ବିବାହ ଉପଲକ୍ଷରେ ମଧ୍ୟ କଲିକତାରୁ ଆସିଥିବା ଥିଏଟର୍-ଦଳ ନାନା ବଙ୍ଗଳା ନାଟକର ଅଭିନୟ ପ୍ରଦର୍ଶନ କରିଥିଲେ । ସ୍ଥାନୀୟ ଥିଏଟର ଦଳମାନ ନିରୁତ୍ସାହ ଓ ମ୍ରିୟମାଣ ହୋଇପଡ଼ିବାରୁ ଲୋକଙ୍କର ଚିତ୍ତ-ବିନୋଦନ ନିମନ୍ତେ ଅନ୍ୟ ପ୍ରକାର ଅଭିନୟର ଆଶ୍ରୟ ଗ୍ରହଣ କରିବାକୁ ହୋଇଥିଲା ଓ ୧୯୦୩ ମସିହାରେ ପ୍ରିଣ୍ଟିଂ କମ୍ପାନି ହୃଦସ୍ପୃଷ୍ଟରେ

* ଉତ୍କଳ ଦୀପିକା—୧୩ ତାରିଖ ମାର୍ଚ୍ଚ ୧୮୯୭

ବାନ୍ଧା ଯାଏ ଓ ୧୯୦୨ ମସୀହାରେ ଶ୍ରୀଯୁକ୍ତ ଶଶିଭୂଷଣ ରାୟଙ୍କ କାଳୀଗଳି ବସାଠାରେ ବାମଣ୍ଡାର ପ୍ରସିଦ୍ଧ 'ମାଧ୍ୟାଣବେଶ' ଯାତ୍ରା ଅନୁଷ୍ଠିତ ହୋଇଥିଲା । ସେକାଳର କୋଠପଦା ମଠରେ ପ୍ରତ୍ୟେକ ବର୍ଷ ଶ୍ରୀପଞ୍ଚମୀ ଉପଲକ୍ଷେ ଗୁରୁ ପାଠଶାଳାଟି ନାଟକର ଅଭିନୟ ସର୍ବାଙ୍ଗସୁନ୍ଦରଭାବରେ ସାଧିତ ହେଉଥିଲା ଓ ଓଡ଼ିଆ ନାଟ୍ୟ ସାହିତ୍ୟ ଏଠାରେ ଅତି ଶୈଶବଭାବରେ ଜୀବିତ ରହିଥିଲା ।

ଏହି ଦଶକ ମଧ୍ୟରେ ସ୍ୱର୍ଗୀୟ ରାମପାଳ ମିଶ୍ରଙ୍କ 'ସୀତା ବିବାହ' ନାଟକ ରଚିତ ହୋଇଥିଲା ଓ ୧୯୦୦ ମସୀହାରେ ଶ୍ରୀ ଅଭିରାମ ଦତ୍ତଙ୍କର ମୁଖବନ୍ଧସମ୍ବଳିତ ହୋଇ ଏହି ନାଟକଟି ପ୍ରକାଶିତ ହୋଇଥିଲା । ମୂଳରୁ ଏହି ନାଟକ ଜନପ୍ରିୟ ହୋଇଥିଲା ଓ ସାହିତ୍ୟରେ ଉଚ୍ଚସ୍ଥାନ ଲାଭ କରିବାକୁ ମଧ୍ୟ କ୍ଷମ ହୋଇଥିଲା । ସାଧାରଣଙ୍କ ମଧ୍ୟରେ ନାଟକ ଅଭିନୟ ବନ୍ଦ ହୋଇ ଯାଇଥିଲେହେଁ ଛାତ୍ରମାନେ ଶ୍ରୀପଞ୍ଚମୀ ବା ଅନ୍ୟାନ୍ୟ ଉତ୍ସବ ଉପଲକ୍ଷରେ ନିଜ ନିଜ ବିଦ୍ୟାଳୟରେ ନାଟକ ଅଭିନୟ କରୁଥିଲେ ଓ ଏହି ଅଭିନୟ ଏକ ପ୍ରଚଳିତ ରୀତି ରୂପରେ ଗଣ୍ୟ ହୋଇଥିଲା । ୧୮୯୫ ମସିହା ଅପ୍ରେଲ୍ ୨୭ ତାରିଖ ଦିନ ରେଭେନ୍ସା କଲେଜର ଛାତ୍ରମାନେ ପ୍ରିନ୍ସିପାଲଙ୍କ କୋଠାରେ ବିଖ୍ୟାତ ଇଂରେଜ କବି Shakespearଙ୍କ ରଚିତ 'ଜୁଲିଅସ ସିଜର୍' ନାଟକର ତୃତୀୟ ଅଙ୍କ ଓ 'ମର୍ଚ୍ଚାଣ୍ଟ ଅଫ ଭେନିସ୍'ର ଚତୁର୍ଥ ଅଙ୍କର ଅଭିନୟ କରିଥିଲେ ଓ ପରବର୍ତ୍ତୀ ବର୍ଷମାନଙ୍କରେ ସରସ୍ୱତୀପୂଜା ଉପଲକ୍ଷେ ରେଭେନ୍ସା କଲେଜ, ମେଡ଼ିକେଲ୍ ସ୍କୁଲ୍ ଓ ସର୍ଭେ ସ୍କୁଲ୍ ଛାତ୍ରମାନେ ପ୍ରତିବର୍ଷ ନାଟକ ଅଭିନୟ କରୁଥିଲେ ଓ ଅନେକ ବର୍ଷପର୍ଯ୍ୟନ୍ତ ଏହା ପ୍ରଚଳିତ ରୀତିରୂପରେ ଗଣ୍ୟ ହୋଇଥିବାରୁ ୧୯୦୧ ମସୀହାରେ ହିଜ୍ ମେଜେଷ୍ଟି ଭିକ୍ଟୋରିଆଙ୍କ ମୃତ୍ୟୁ ଉପଲକ୍ଷରେ ଅଭିନୟ କାର୍ଯ୍ୟ ବନ୍ଦ ହୋଇଯିବାରୁ ଏହାର ବ୍ୟତିକ୍ରମ ସମ୍ବାଦପତ୍ରମାନଙ୍କରେ ଜଣାଇ ଦିଆ ଯାଇଥିଲା । ୧୯୦୩ ମସୀହା ଜନ ୮ ତାରିଖରେ କଲେଜର ଛାତ୍ରମାନେ ବାବୁ ଜଗତଙ୍କ କୋଠାଠାରେ ପୁନର୍ବାର ଇଂରାଜୀ Merchant of Venice ର ଅଭିନୟ କରିଥିଲେ, ମାତ୍ର ଏହା ପରେ ଆଉ ଇଂରାଜୀ ନାଟକର ଅଭିନୟ କଲେଜର ଛାତ୍ରମାନେ କରି ନାହାନ୍ତି ।

୧୯୦୧ ମସିହାରୁ କିନ୍ତୁ ନାଟକ ରଚନା ଓଡ଼ିଶାରେ ନାନା ଭାବରେ ଅଗ୍ରସର ହୋଇଅଛି । ନାଟକ ସାହିତ୍ୟ ମଧ୍ୟରେ ସ୍ଥାନ ଲାଭ କରି ପାରିଥିବାରୁ ଓ ବ୍ୟବସାୟୀ ଅଭିନେତା ଦଳମାନ ନିଯୁକ୍ତ ହୋଇ

ପଣ୍ଡାବାଲୁ ଓ ଅଭିନୟ ସହିତ ନାଟକର ସମ୍ପର୍କ ବିଚ୍ଛିନ୍ନ ହୋଇଯିବାରୁ ଓଡ଼ିଶାର ନାନା ପଣ୍ଡିତ ବ୍ୟକ୍ତି ନାନାପ୍ରକାର ସାହିତ୍ୟିକ ନାଟକ ରଚନା କରିବାର ପ୍ରୟାସ କରିଥିଲେ । ବ୍ରହ୍ମବନ୍ଧୁ ନାମଧାରୀ ଜଣେ ଲେଖକ ଢେଙ୍କାନାଳର ରାଜାଙ୍କର ପାରିବାରିକ କଥା ସମ୍ବଳିତ "ଯତୋଧର୍ମସ୍ତତୋ ଜୟଃ" ନାମକ ଐତିହାସିକ ପ୍ରହସନ ଏହି ବର୍ଷ ପ୍ରକାଶ କରିଥିଲେ; ମାତ୍ର ନାଟକର ନାନା ସ୍ଥାନରେ 'ରାଜସମ୍ବାଦଠାରୁ ଉଦ୍ୟାନ ଓ ଅନ୍ତଃପୁର ପର୍ଯ୍ୟନ୍ତ ଶ୍ଲୋକ ବିନ୍ୟସ୍ତ ହୋଇଥିବାରୁ ଓ କେତେକ ସ୍ଥାନ ଅଶ୍ଳୀଳ ଥିବାରୁ' ଏ ନାଟକ ସୁଧୀସମାଜରେ ସମାଦରଲାଭ କରିବାକୁ ସମର୍ଥ ହୋଇ ନାହିଁ । ଶ୍ରୀ ହରିହର ପଣ୍ଡା ଏହି ବର୍ଷ 'ରାମଜନ୍ମ' ନାଟକ ରଚନା କରି ପ୍ରକାଶ କରିଥିଲେ, ମାତ୍ର 'ଏହି ନାଟକର ନାନା ସ୍ଥଳ ବାଲ୍ମୀକି ରାମାୟଣକୁ ଅନୁସରଣ ନ କରି କଳ୍ପିତ ଉପାଖ୍ୟାନସମ୍ବଳିତ ହୋଇଅଛି ଓ ନାଟକର ପ୍ରଥମରେ ନାନ୍ଦୀ ହୋଇ ପରେ ପ୍ରଥମ ଅଭିନୟ ଲେଖାଗଲା । ମାତ୍ର ଦ୍ୱିତୀୟ ଅଭିନୟ ବେଳକୁ ଅଭିନୟ ପରିବର୍ତ୍ତରେ ଅଙ୍କ ଲେଖା ହୋଇଅଛି ଓ ଏଥିରେ ବିଦୂଷକର ବ୍ୟବହାର ମଧ୍ୟ ଦେଖାଯାଉଅଛି ।' ଏହିପରି ଭାବରେ ଏ ପୁସ୍ତକଟି ଉତ୍କଳ ଦୀପିକାରେ ସମାଲୋଚିତ ହୋଇଥିଲା । ଖଡ଼ିଆଳର ରାଜକୁମାର ଏହି ସମୟରେ 'ପ୍ରେମଲତା' ନାମକ ଗୋଟିଏ ନାଟକ ରଚନା କରିଥିଲେ ଓ ୧୯୦୨ ମସିହାରେ ପାରଳାଖେମୁଣ୍ଡିର ଶ୍ରୀ ପଦ୍ମନାଭନାରାୟଣ ଦେବ 'ସଙ୍ଗୀତ ପ୍ରହ୍ଲାଦ' ନାଟକ ଓ 'ବାଣଦର୍ପଦଳନ' ନାଟକ ଓ ତାଙ୍କର ଅଗ୍ରଜ ପାରଳାଖେମୁଣ୍ଡି ଅଧୀଶ୍ୱର ଶ୍ରୀ ଶ୍ରୀ ଗୌରଚନ୍ଦ୍ର ଗଜପତିନାରାୟଣ ଦେବ 'ଧ୍ରୁବ' ନାଟକ ନାମରେ କେତେଗୋଟି ନାଟକ ରଚନା କରିଥିଲେ । ଏଗୁଡ଼ିକରେ ସଙ୍ଗୀତର ବାହୁଲ୍ୟ ଥିବାରୁ ଏଗୁଡ଼ିକ ଗୀତନାଟ୍ୟଶ୍ରେଣୀର ବୋଲି ସହଜରେ ଅନୁମିତ ହୋଇ ପାରେ । ଏହି ନାଟକମାନଙ୍କ ସମାଲୋଚନାରେ ସମାଲୋଚକ "ନାଟକଗତ ବିଷୟଟି ଭକ୍ତିରସାତ୍ମକ ଓ ସେହି ରସଉଦ୍ଦୀପନା ଅପେକ୍ଷା ସଙ୍ଗୀତ ଆଡ଼େ ଅଧିକ ଟାଣ ଥିବାରୁ ସମ୍ଭବତଃ ନାଟକର ଗଠନରେ କିଛି ତ୍ରୁଟି ଲକ୍ଷିତ ହୋଇଅଛି" ଲେଖିଥିବାରୁ ଏହା ସ୍ପଷ୍ଟଭାବରେ ଓ ନାଟକରେ ସଙ୍ଗୀତର ସ୍ଥାନ ବିଷୟରେ ବହୁଦିନ ପର୍ଯ୍ୟନ୍ତ ଉତ୍କଳ ସାହିତ୍ୟ କ୍ଷେତ୍ରରେ ବାଦାନୁବାଦ ଦେଖାଯାଇଥିଲା । ୧୯୦୨ ଖ୍ରୀଷ୍ଟାବ୍ଦରେ ରାମଶଙ୍କର ବାବୁଙ୍କ କୃତ 'ବିଷମୋଦନ' ଓ 'ସ୍ୱଧର୍ମ' ନାମକ ଦୁଇଗୋଟି ନାଟକ ପ୍ରକାଶିତ ହୋଇଥିଲା ଓ ପରବର୍ତ୍ତୀ ବର୍ଷ ନାଟ୍ୟକାରଙ୍କ ଭ୍ରାତୃଷ୍ପୁତ୍ରୀଙ୍କ ଦ୍ୱାରା

ଉପଲକ୍ଷରେ ଦୁଇଟିଯାକ ନାଟକ ତାଙ୍କ ଗୃହଠାରେ କୋଠପଦା ଥିଏଟର ଦଳଙ୍କଦ୍ୱାରା ଅଭିନୀତ ହୋଇଥିଲା । ମହାଙ୍ଗାଗ୍ରାମରେ ମଧ୍ୟ ଏହି ନାଟ୍ୟଦଳ ଯୁଗଧର୍ମ ନାଟକର ଅଭିନୟ କରିଥିଲେ (ମଗ୍ ୩୦ ତାରିଖ ୧୯୦୩) । ମଫସଲର ସ୍ଥାନେ ସ୍ଥାନେ ମଧ୍ୟ ନାଟ୍ୟଦଳ ଗଠିତ ହୋଇ ଅଭିନୟ କରିବାର ସମ୍ବାଦ ଏହି ସମୟରେ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିଲା ଓ ଏହାଦ୍ୱାରା ସାଧାରଣଙ୍କ ମଧ୍ୟରେ ନାଟକ ଅଭିନୟ ପ୍ରତି ଲୋକଙ୍କ ଆଗ୍ରହର ସମ୍ପୂର୍ଣ୍ଣ ନିଦର୍ଶନ ମିଳେ । ଏପରି କି ଉତ୍କଳର ସୁଦୂର ପ୍ରାନ୍ତପଲ୍ଲୀରେ କୁଆଁପାଳ ପୋଷ୍ଟଅଫିସ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ, ବାଲୁଅାଁ ଉପରସାହି ଗୋପୀନାଥ ଜୀଉଙ୍କ ମନ୍ଦିରରେ, ସୁଗନେ ଓଳାଦ ହରିପୁର ଶ୍ରୀ ବୃନ୍ଦାବନଚନ୍ଦ୍ରଙ୍କ ମନ୍ଦିରରେ, କୁସୁମପାଳ ଗ୍ରାମରେ ଏବଂ ଲକ୍ଷ୍ମୀପୂଜା ଓ କାଳୀପୂଜା ଉପଲକ୍ଷେ ମହାଙ୍ଗା ଓ କୁଆଁପାଳ ଗ୍ରାମରେ ଏହିପରି ନାନା ସ୍ଥାନରେ ନାନା ନାଟକର ଅଭିନୟ ହୋଇଥିବାର ସମ୍ବାଦ ପ୍ରକାଶିତ ହୋଇଥିଲା ।

୧୯୦୪ ମସିହାରେ ଖଣ୍ଡଅଳର ଯୁବରାଜ ଶ୍ରୀ ରାଣମଦେବ 'ନାଟକ ରଚନା ପ୍ରଣାଳୀ' ନାମକ ଖଣ୍ଡିଏ କ୍ଷୁଦ୍ର ସମାଲୋଚନାଗ୍ରନ୍ଥ ପ୍ରକାଶ କରିଥିଲେ । ଏହି ଗ୍ରନ୍ଥଟି ଆକାରରେ ଅତ୍ୟନ୍ତ କ୍ଷୁଦ୍ର ଓ ଏହାର ଉଦ୍ଦେଶ୍ୟ ଥିଲା ଗ୍ରୀକ ନାଟକରେ ଯେପରି ଐକ୍ୟତା (unities) ଅବଲମ୍ବନ କରାଯାଇ ନାଟକ ରଚନା କରାଯାଇଥିଲା, ଓଡ଼ିଆ ନାଟକମାନଙ୍କରେ ସେହି ରୀତି ଅନୁସରଣ କରି ଦେଶଗତ ଓ କାଳଗତ ବୈଲକ୍ଷଣ୍ୟ ଦୂର କରିବା ଓ ନୌକାଚାଳନ, ନଦୀସନ୍ତରଣ ପ୍ରଭୃତି ଦୃଶ୍ୟ ଅଭିନୟର ଅନୁପଯୋଗୀ ଥିବା ସ୍ଥଳେ ନାଟକରୁ ବାହାରିତ କରିବା । ଏହି ଗ୍ରନ୍ଥର ରଚକ ନବୀନ ନାଟ୍ୟକାର, ମାତ୍ର ଏହାଙ୍କ ମତ ତାତ୍କାଳୀନ ନାଟକମାନଙ୍କରେ ଅନୁସୃତ ହେବାର କୌଣସି ସମ୍ଭାବନା ନ ଥିଲା । ସଂସ୍କୃତ ଓ ଇଂରାଜୀ ଉଭୟ ନାଟ୍ୟରୀତି ଏହି ମତବାଦକୁ ପୂର୍ଣ୍ଣଭାବରେ ଗ୍ରହଣ ନ କରିଥିବାରୁ ଏ ପୁସ୍ତକଟି ଆଦରଲାଭ କରିବାକୁ ସମର୍ଥ ହେଲା ନାହିଁ, ବରଂ ଏହି ବର୍ଷ ରାମଶଙ୍କର ବାବୁ ଯେଉଁ 'କାଞ୍ଚନମାଳୀ' ନାଟକ ପ୍ରଣୟନ କରିଥିଲେ, ସେଥିରେ ଏହି ମତଗୁଡ଼ିକ ସମ୍ପୂର୍ଣ୍ଣଭାବରେ ପରିତ୍ୟକ୍ତ ହୋଇଥିଲା । ୧୯୦୩ ମସିହାରେ ଶ୍ରୀ ଘନଶ୍ୟାମ ମିଶ୍ର କବିଭୂଷଣ 'କାଞ୍ଚନମାଳୀ' ନାମରେ ଖଣ୍ଡିଏ ପୁସ୍ତକ ପ୍ରଣୟନ କରିଥିଲେ । ଏହାର ମୂଳ କଥାବସ୍ତୁ, କାଞ୍ଚନମାଳୀ ବ୍ରାହ୍ମଣ କନ୍ୟା, ତାର ପିତା ଅମରକୋଷ ପ୍ରଭୃତି ପଢ଼ାଇ ସାତ ବର୍ଷରେ ତାକୁ ବିବାହ ଦେଇଥିଲେ । ଦଶମ ବର୍ଷ ବୟସରେ ସେ ବିଧବା ହେଲା ଓ ବିଧବା

ବାବାଙ୍କ କ୍ଷଣସ୍ଥିର ସଭା ବିଫଳ ହେବାରୁ ଅନେକ ଦିନ ସଧବା ଅବସ୍ଥାରେ ଆଉ ମୁଣ୍ଡମୁଣ୍ଡରେ ପଡ଼ିଥିଲେ । ଏହି କଥାଭାଗକୁ ଅବଲମ୍ବନ କରି ଓ ସେ ସମୟର ପ୍ରଧାନ ଘଟନା ଉତ୍କଳ ସମ୍ମିଳନୀର ଆଦର୍ଶକୁ ଅନୁସରଣ କରି ନାଟ୍ୟକାର ତାଙ୍କ କାଞ୍ଚନମାଳୀ ନାଟକ ରଚନା କରିଥିଲେ ଓ ୧୯୦୪ ମସିହାରେ ଏହି ନାଟକଟି ପ୍ରକାଶିତ ହୋଇଥିଲା ।

ଓଡ଼ିଶାରେ ନାଟକ ଲେଖା ଆରମ୍ଭ ହେଲା ୧୮୮୦ ମସିହାରେ । ପଚିଶ ବର୍ଷ ପର୍ଯ୍ୟନ୍ତ ନାଟ୍ୟ ସାହିତ୍ୟର ନାନା ପ୍ରକାର ପରୀକ୍ଷା ହୋଇଥିଲା । ପ୍ରଥମ ନାଟ୍ୟକାର ରାମଶଙ୍କର ବାବୁ ପ୍ରଥମେ ଐତିହାସିକ ନାଟକ ରଚନା କରି ପରେ କଳ୍ପିତ ଉପାଖ୍ୟାନସମ୍ବଳିତ ନାଟକ ଲେଖି, ତତ୍ପରେ ସାମାଜିକ ଦୋଷସୂଚକ ପ୍ରହସନ ଓ ପୌରାଣିକ ନାଟକ ଓ ସାମୟିକ ପ୍ରସଙ୍ଗ ଅବଲମ୍ବନ କରି ନାଟକମାନ ଯଥାକ୍ରମରେ ଲେଖିଥିଲେ ଓ ନାଟକର ବିଭିନ୍ନତା କେବଳ ତାଙ୍କର ପରୀକ୍ଷାମୂଳକ ରଚନା ସୂଚନା କରୁଅଛି । ପଚିଶ ବର୍ଷ ପର୍ଯ୍ୟନ୍ତ ଏହିପରି ପରୀକ୍ଷା କରାଯାଇଥିଲା ଓ ନାନା ନାଟ୍ୟକାର ନାନାପ୍ରକାର ନାଟକ ଲେଖି, ଉତ୍କଳ ସାହିତ୍ୟକୁ ସମୃଦ୍ଧ କରିଥିଲେ । ୧୯୦୫ ମସିହାରେ ଓଡ଼ିଆ ନାଟ୍ୟ ସାହିତ୍ୟର ପଞ୍ଚବିଂଶତି ବର୍ଷ ସମ୍ପୂର୍ଣ୍ଣ ହେଲା ଓ ଏହି ସମୟରୁ ଓଡ଼ିଆ ସାହିତ୍ୟରେ ନାଟକ ଗୋଟିଏ ସ୍ଥାୟୀ ଆସନ ଲାଭ କରିବାକୁ ସମର୍ଥ ହୋଇଥିଲା । ମାତ୍ର ଓଡ଼ିଶାର ଦୁର୍ଭାଗ୍ୟ ଯେ ନାଟକ ଅଭିନୟ ପ୍ରତି ଲୋକମାନଙ୍କର ଯଥେଷ୍ଟ ଆଗ୍ରହ ଥିଲେହେଁ ଓ ନାଟକ ଅଭିନୟରେ ପ୍ରତି ବର୍ଷ ସହସ୍ର ସହସ୍ର ମୁଦ୍ରା ବ୍ୟୟିତ ହେଉଥିଲେହେଁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପିତ ହୋଇ ପାରି ନାହିଁ । ବୈଷ୍ଣବ ନାଟ୍ୟଦଳ ଏ ଦିଗରେ ଯଥାସାଧ୍ୟ ଚେଷ୍ଟା କରିଥିଲେ ଓ ତାଙ୍କର ଚେଷ୍ଟାରେ କଟକ ନଗରରେ ବାସନ୍ତୀ ନାଟ୍ୟଶାଳା ସ୍ଥାପିତ ହୋଇଥିଲା । କଣ୍ଡଣର ବାବୁ କୃଷ୍ଣଚନ୍ଦ୍ର ପାଲିତଙ୍କ ଆନୁକୂଲ୍ୟରେ ମଧ୍ୟ ଉଷା ଥିଏଟର ନାମରେ ଗୋଟିଏ ସ୍ଥାୟୀ ନାଟ୍ୟଶାଳା ସ୍ଥାପିତ ହୋଇ କେତେକ ଅଭିନୟ ଦେଖାଇଥିଲା । ମାତ୍ର ଅଳ୍ପଦିନ ମଧ୍ୟରେ ଏସମସ୍ତ ନାଟ୍ୟଶାଳା ବିସ୍ମୃତିଗର୍ଭରେ ଲୀନ ହୋଇଅଛି । ବଲଙ୍ଗାର ବାବୁ ବନମାଳୀ ପତିଙ୍କ ପ୍ରଗାଢ଼ ଯତ୍ନ ଓ ନାଟ୍ୟକାର ଶ୍ରୀ ଅଶ୍ୱିନୀକୁମାର ଘୋଷଙ୍କ ସହାୟତାରେ ପ୍ରଥମ ବ୍ୟବସାୟୀ ନାଟ୍ୟଦଳ ଆର୍ଟ ଥିଏଟର ନାମରେ ଗଠ ଗୁଳିତ ହୋଇ ଅନେକ ଦିନ ପର୍ଯ୍ୟନ୍ତ ଓଡ଼ିଶାରେ ନାନା ନାଟକର ଅଭିନୟ ଦେଖାଇଥିଲେ ଓ ଏମାନଙ୍କର ପ୍ରୟୋଜନ ବୃଦ୍ଧି ହେତୁରୁ ଶ୍ରୀ ମହେଶଚନ୍ଦ୍ର

ବାବୁ ଓ ଜ୍ୟୋତିନ୍ଦ୍ରନାଥ ମୁଖର୍ଜି ପ୍ରଭୃତି ନାଟ୍ୟଦଳ ସହିତ ସମ୍ପୃକ୍ତ ଥାଇ ନାନା ନାଟକ ଲେଖିବାରେ ବ୍ରତୀ ହୋଇଥିଲେ । ବସ୍ତୁତଃ ନାଟ୍ୟଶାଳାର ଅବସ୍ଥିତି ଉପରେ ନାଟକ ରଚନା ବହୁଳାଂଶରେ ନିର୍ଭର କରେ ଓ ଓଡ଼ିଶାରେ ନାଟକ ରଚନା ନାଟ୍ୟଶାଳାର ଅଭାବରୁ ଦ୍ରୁତଗତିରେ ଅଗ୍ରସର ହୋଇ ପାରୁ ନାହିଁ । ଏକ ଦିଗରେ ଧନୀ ଲୋକଙ୍କ ନାଟ୍ୟଶାଳା ସ୍ଥାପନ ବିଷୟରେ ଉଦାସୀନତା, ଅନ୍ୟ ଦିଗରେ ବଙ୍ଗଳା ସାହିତ୍ୟରେ ନାଟ୍ୟ ସାହିତ୍ୟର ଉନ୍ନତି ଓଡ଼ିଆ ନାଟକ ରଚନାର ବିଶେଷ ପରିପନ୍ଥୀ ହୋଇଅଛି ଓ ଅନେକ ସମୟରେ ବଙ୍ଗଳା ନାଟକର ଅନୁବାଦ କରାଯାଇ ଅଭିନୟ କାର୍ଯ୍ୟ ନିର୍ବାହ ହେଉଥିବାରୁ ନାଟକ ରଚନା କରିବା ନିମନ୍ତେ ସାହିତ୍ୟକମାନେ ଅଗ୍ରସର ହୋଇ ପାରୁ ନାହାନ୍ତି । ଏହିପରି ନାନା ଅଭାବ ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବୃଦ୍ଧି ପ୍ରାପ୍ତ ହେଉଥିବାରୁ ସାହିତ୍ୟକ୍ଷେତ୍ରରେ ନାଟକର ଆସନ ସୁପ୍ରତିଷ୍ଠିତ ହେଲେହେଁ, ଅଦ୍ୟାପି କେବଳ ମୁଷ୍ଟିମେୟ ନାଟକ ରଚିତ ହୋଇଅଛି ଓ ସେମାନଙ୍କ ମଧ୍ୟରୁ ଅତି ଅଳ୍ପ ନାଟକ ଅଭିନୀତ ହୋଇ ପାରିଅଛି ।

# ଷଷ୍ଠ ପରିଚ୍ଛେଦ

## ଓଡ଼ିଆ ନାଟକର ପ୍ରକାର ଭେଦ

ଓଡ଼ିଆ ନାଟ୍ୟକଳା ଇତିହାସର ଗୋଟିଏ ପ୍ରଧାନ ଅଭାବ ଏହି ଯେ, ଓଡ଼ିଶାରେ ବର୍ତ୍ତମାନପର୍ଯ୍ୟନ୍ତ ନାଟ୍ୟସାହିତ୍ୟର ଆଦର୍ଶ ସମ୍ବନ୍ଧରେ କୌଣସି ସୁସ୍ଥିର ନିର୍ଦ୍ଦେଶ ମିଳେ ନାହିଁ ଓ ନାନା ବିଭିନ୍ନ ପ୍ରକାରର ନାଟକ ନାନା ଆଦର୍ଶ ଅନୁସରଣ କରି ରଚିତ ହେଉଥିବାରୁ ଲେଖକମାନେ ନିଜ ନିଜ ଇଚ୍ଛାନୁଯାୟୀ ଅଗ୍ରସର ହେଉଅଛନ୍ତି ଓ ସାଧାରଣ ସ୍ଥାୟୀ ନାଟ୍ୟଶାଳାର ଅଭାବ ଥିବାରୁ ନାଟକମାନଙ୍କର ଅଭିନୟ-କାଳୀନ ସାଫଲ୍ୟ ମଧ୍ୟ ପରୀକ୍ଷା କରିବାର ସୁବିଧା ହେଉ ନାହିଁ । ବଙ୍ଗଳା ନାଟ୍ୟସାହିତ୍ୟର ପ୍ରଭାବ, ଅଭିନୟକାଳରେ ଦର୍ଶକମାନଙ୍କର ନୃତ୍ୟ ଗୀତ ପ୍ରତି ଆକର୍ଷଣ, ଦକ୍ଷିଣ ଓଡ଼ିଶାରେ ପ୍ରଚଳିତ ଭାଷା ଓ ଗୀତ ସହିତ ଉତ୍ତର ଓଡ଼ିଶାର ଭାଷା ଓ ଗୀତର ପାର୍ଥକ୍ୟ, ଓଡ଼ିଶାରେ ପରମ୍ପରାଗତ ଯାତ୍ରା ପ୍ରଭୃତି ପ୍ରତି ଅଶିକ୍ଷିତ ଲୋକମାନଙ୍କର ଆସକ୍ତି ଏହିପରି ନାନା କାରଣରୁ ଓଡ଼ିଆ ନାଟ୍ୟସାହିତ୍ୟ ନାନା ବିଭିନ୍ନ ରୂପ ଧାରଣ କରିଅଛି ଓ ଏହି ବିଚିତ୍ର ଭିନ୍ନତାଦ୍ୱାରା ନାଟ୍ୟସାହିତ୍ୟର ସ୍ରୋତ ପୂର୍ଣ୍ଣଭାବରେ କୌଣସି ବିଶେଷ ଆଦର୍ଶ ଦିଗରେ ଅଗ୍ରଗତି ଲାଭ କରି ପାରୁ ନାହିଁ ।

କାଞ୍ଚିକାବେରୀ ରଚିତ ହେବା ପରେ ଆଜିପର୍ଯ୍ୟନ୍ତ ପ୍ରାୟ ଷାଠିଏ ବର୍ଷ ଅତିକ୍ରାନ୍ତ ହୋଇଗଲାଣି ଓ ଏହି ୬୦ ବର୍ଷ ମଧ୍ୟରେ ଓଡ଼ିଆ ନାଟ୍ୟ-ସାହିତ୍ୟରେ ନାନା ନୂତନ ପ୍ରଭାବଜନିତ ନାନା ପରିବର୍ତ୍ତନ ଦେଖା ଦେଇଅଛି । କାଞ୍ଚିକାବେରୀ ଯେତେବେଳେ ରଚିତ ହେଲା, ସେତେବେଳେ ଓଡ଼ିଶାରେ ସ୍ଥାୟୀ ରଙ୍ଗମଞ୍ଚ ନ ଥିଲା ଓ ସ୍ଥାନେ ସ୍ଥାନେ କତିପୟ ଶିକ୍ଷିତ ଯୁବକମାନଙ୍କ ଉତ୍ସାହରେ ନାନା ଅସୁବିଧା ସତ୍ତ୍ୱେ ନାଟକମାନ ଅଭିନୀତ ହେଉଥିଲା । ୧୮୮୫ ମସିହାରେ କୋଠପଦା ମଠରେ ସୁଯୋଗ୍ୟ ମହାନ୍ତ ରଘୁନାଥ ପୁରୀ ଗୋସ୍ୱାମୀଙ୍କ ଅର୍ଥାନୁକୂଲ୍ୟ ଓ ଉତ୍ସାହରେ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚ ନିର୍ମିତ ହୋଇ ପ୍ରତ୍ୟେକ ବର୍ଷ ସରସ୍ୱତୀପୂଜା ଉପଲକ୍ଷରେ ନାଟକମାନଙ୍କର ଅଭିନୟ କରାଯିବାର ବନ୍ଦୋବସ୍ତ ହୋଇଥିଲା । ଅନେକ ବର୍ଷପର୍ଯ୍ୟନ୍ତ ତାହାହିଁ ଓଡ଼ିଶାର ଏକମାତ୍ର ସ୍ଥାୟୀ ରଙ୍ଗମଞ୍ଚ ଥିଲା । ଏହି ରଙ୍ଗମଞ୍ଚ ଓ ନାଟ୍ୟଦଳ ସହିତ ସଂଶ୍ଳିଷ୍ଟ ଥାଇ ବୈଷ୍ଣବପାଣି ନିଜର ସୁଅଙ୍ଗ ଗୀତାଭିନୟଗୁଡ଼ିକ ରଚନା କରିବା ନିମନ୍ତେ ଉଦ୍‌ବୁଦ୍ଧ ହୋଇଥିଲେ ।

କ୍ରମେ କ୍ରମେ ଓଡ଼ିଶାର ଅନ୍ୟାନ୍ୟ ପ୍ରସିଦ୍ଧ ଧନୀକ, ରାଜା ଓ ଜମିଦାରମାନେ ନିଜ ନିଜର ବାସଭୂମିସଂଲଗ୍ନ ସ୍ଥାନରେ ଉତ୍ସବାଦି ସମୟରେ ରଙ୍ଗମଞ୍ଚ ପ୍ରସ୍ତୁତ କରାଇ ନାଟକର ଅଭିନୟ ଦ୍ୱାରା ଅଭ୍ୟାଗତ-ମାନଙ୍କର ଚିତ୍ତବିନୋଦନ କରିବାର ପ୍ରୟାସ କରଥିଲେ । କିଛିଦିନ ମଧ୍ୟରେ ବିଦ୍ୟାଳୟମାନଙ୍କର ଉତ୍ସବ ସମୟରେ ଓ ସାମାଜିକ ନିମନ୍ତ୍ରଣ ମାନଙ୍କରେ ନାଟକ ଅଭିନୟ କରିବା ଗୋଟିଏ ରୀତି ହୋଇଥିଲା । ନାଟକ ଲେଖାରେ ମଧ୍ୟ ଅନେକ ଲୋକ ପ୍ରବୃତ୍ତ ହୋଇଥିଲେ ଏବଂ ବ୍ୟବସାୟୀ ନାଟକଦଳ ସ୍ଥାପନର ମଧ୍ୟ ଉଦ୍ୟୋଗ ହୋଇଥିଲା ।

ଏହା ସ୍ୱାଭାବିକ ଯେ, ଷାଠିଏ ବର୍ଷବ୍ୟାପୀ ଶିକ୍ଷାର ପ୍ରସାର ହେଉଥିବା ସ୍ଥଳରେ ଓ ଅଭିନୟ ନିମନ୍ତେ ନୂତନ ଓଡ଼ିଆ ନାଟକର ବିଶେଷ ପ୍ରୟୋଜନ ଅନୁଭୂତ ହେଉଥିବା ସ୍ଥଳେ ନାନାପ୍ରକାର ନାଟକ ରଚନା କରିଯିବାର ପ୍ରୟାସ ହୋଇଥିବ, ମାତ୍ର କୌଣସି ବିଶିଷ୍ଟ ଆଦର୍ଶଦ୍ୱାରା ଅନୁପ୍ରାଣିତ ନ ହେବାରୁ ନାଟକ ରଚନା ବିଭିନ୍ନ ମାର୍ଗରେ ପ୍ରଧାବିତ ହୋଇଅଛି । ଓଡ଼ିଆରେ ବର୍ତ୍ତମାନ ଯେତେଗୁଡ଼ିଏ ନାଟକ ରଚିତ ହୋଇ ଅଛି, ସେମାନଙ୍କର ଶ୍ରେଣୀବିଭାଗ କଲେ ଆମ୍ଭେମାନେ ନାନାପ୍ରକାର ନାଟକର ସନ୍ଧାନ ପାଉଅଛୁଁ । କେତେଗୁଡ଼ିଏ ନାଟକ କେବଳ ପଢ଼ିବା ନିମନ୍ତେ ଲେଖା, ସେମାନଙ୍କର ଅଭିନୟଦ୍ୱାରା ସାଧାରଣ ଲୋକଙ୍କର ଚିତ୍ତବିନୋଦନ କରାଯିବା ଅସମ୍ଭବ ଓ ସେମାନଙ୍କର କାବ୍ୟରସ ଗ୍ରହଣହିଁ ସେମାନଙ୍କୁ ଉପଭୋଗ କରିବାର ଏକମାତ୍ର ଉପାୟ । ସୌମ୍ୟା, ରାଜକବି, କୁଞ୍ଜବିହାରୀ ଏହି ପ୍ରକାର ନାଟକ ଓ ସାଧାରଣ ରଙ୍ଗମଞ୍ଚରେ ନାନା ଶ୍ରେଣୀର ଦର୍ଶକମାନେ ଏ ନାଟକମାନଙ୍କର ରସ ଗ୍ରହଣ କରିବା ସମ୍ଭବ ନୁହେଁ । ପରିମାର୍ଜିତ ରୁଚିସମ୍ପନ୍ନ ଶିକ୍ଷିତ ଅଭିନେତା ଓ ଦର୍ଶକ ଭିନ୍ନ ଏ ସବୁ ନାଟକର ଆଦର ମଧ୍ୟ ହୋଇ ନ ପାରେ । ଅଭିନୟ ସମୟରେ ସାଧାରଣ ଦର୍ଶକମାନେ ଦୃଶ୍ୟାନ୍ତ, ନାଟକୀୟ କାର୍ଯ୍ୟାବଳୀ, ଜଟିଳ ଘଟଣା-ପରମ୍ପରା, ଅପ୍ରତ୍ୟାଶିତ ଘଟଣାସମାବେଶ, ସ୍ତ୍ରୀ ପୁରୁଷ ପରସ୍ପର ଅନନ୍ତ ପ୍ରେମ ନିବେଦନ ଓ ଉଦ୍ଧତ ବାକ୍ୟାବଳୀଦ୍ୱାରା ଭାବର ପ୍ରକାଶ । ଏହି ସବୁ ଥିଲେ ଯେ କୌଣସି ନାଟକ ଇତର ଦର୍ଶକମାନଙ୍କର ଚିତ୍ତବିନୋଦନ କରିବାକୁ ସମ ହୁଏ । ମାତ୍ର ପୂର୍ବୋକ୍ତ ନାଟକମାନଙ୍କରେ ଏ ସବୁ ଦେଖାଯାଏ ନାହିଁ । ସୌମ୍ୟା ଅତି ସୁନ୍ଦର ଓ ନାଟକରେ ଅନ୍ତରଙ୍ଗର ବିକାଶ ଓ ମାନସିକ ଉଦ୍ବେଳନାର ବିଶ୍ଳେଷଣ ଥିଲେହେଁ ଆକସ୍ମିକ ଘଟଣା-

ପରମ୍ପରାର ଅଭାବ ଥିବାରୁ ସାଧାରଣ ଅଭିନେତାମାନେ ଏହାର ସୁଷ୍ଠୁ ଅଭିନୟ କରି ପାରିବା ସମ୍ଭବ ନୁହେଁ ଓ ଏହାର ଅଭିନୟରେ ଯେ ପ୍ରକାର ଅଭିନୟକୌଶଳ ପ୍ରୟୋଜନ ତାହା ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ବିରଳ। ମାୟାଧରଙ୍କ 'ରାଜକବି' ମଧ୍ୟ ଏହିପରି ତଥ୍ୟପୂର୍ଣ୍ଣ ନାଟକ। ଏଥିରେ ଉପେନ୍ଦ୍ରଭଞ୍ଜଙ୍କର ଜୀବନୀ ବିଷୟରେ କେତେକ ତଥ୍ୟ ଦିଆଯାଇଅଛି ଓ କେତେଗୁଡ଼ିଏ ଗୀତଦ୍ୱାରା ଏହାକୁ ସରସ କରିବାର ମଧ୍ୟ ଚେଷ୍ଟା କରାଯାଇଅଛି। ମାତ୍ର ନାଟକରେ ଅଙ୍କଣାର ତାଜ ଉପେନ୍ଦ୍ରଙ୍କ ଜୀବନକୁ ଯେପରି ଅଲୋକିତ କରୁଅଛି, ମନୁଷ୍ୟଜୀବନଲବ୍ଧ ପ୍ରୟାସରେ ସେ ରାଜଜୀବନକୁ ଯେପରି ଭାବରେ ତୁଚ୍ଛ କରୁଅଛନ୍ତି, ଯୌବନର ଉନ୍ମାଦନା ତାଙ୍କର ପ୍ରାଣକୁ ଯେପରି ଭାବରେ ଅବେଗମୟ କରି ପାରିଅଛି ଓ ରାଜଲକ୍ଷ୍ମୀଙ୍କ ଅବାହନକୁ ଏଡ଼ାଇ ଉପେନ୍ଦ୍ର ଯେପରି ସରସ୍ୱତୀଙ୍କ ବୀଣାକୁ ଗ୍ରହଣ କରୁଅଛନ୍ତି, ସେ ସବୁକୁ ସାଧାରଣ ଅଳ୍ପ ଶିକ୍ଷିତ ଜନସାଧାରଣଙ୍କ ବୁଦ୍ଧିଗମ୍ୟ କରିବା ଓ ଅଭିନୟଦ୍ୱାରା ସୁସ୍ପଷ୍ଟ ଭାବରେ ଏହି ଭାବଗୁଡ଼ିକ ଦର୍ଶକମାନଙ୍କ ହୃଦୟରେ ଅଙ୍କିତ କରିବା ସହଜ ବ୍ୟାପାର ନୁହେଁ। ନାଟକଟି ବାସ୍ତବରେ ହୃଦୟଗ୍ରାହୀ, ଏଥିରେ ସନ୍ନିବେଶିତ ସଙ୍ଗୀତଗୁଡ଼ିକ ଆନନ୍ଦଦାୟକ, ବିଷୟବସ୍ତୁଟି ସରସ ଓ ସୁମଧୁରଭାବରେ ବର୍ଣ୍ଣିତ, ମାତ୍ର ଏଗୁଡ଼ିକର ରସ ଆସ୍ୱାଦନ କରିବା ମାର୍ଜିତ ରୁଚିସମ୍ପନ୍ନ ଦର୍ଶକମାନଙ୍କ ପକ୍ଷରେହିଁ ସମ୍ଭବ। ପୁଣି ଏହି ନାଟକରେ ଯେଉଁ ଦ୍ୱନ୍ଦ୍ୱର ଆଭାସ ଦିଆଯାଇଅଛି, ତାହା ସମ୍ପୂର୍ଣ୍ଣ ମାନସିକ ଦ୍ୱନ୍ଦ୍ୱ। ଏହି ଦ୍ୱନ୍ଦ୍ୱ କୌଣସି ବାହ୍ୟକାର୍ଯ୍ୟାବଳୀ ମଧ୍ୟରେ ଆତ୍ମପ୍ରକାଶ ନ କରି କେବଳ ନାୟକର ଚିନ୍ତାଧାରା ଓ କାର୍ଯ୍ୟାବଳୀ ମଧ୍ୟରୁ ଅନୁଭବ କରାଯାଇ ପାରେ।

ଅନ୍ୟ ଦିଗରେ କେତେଗୁଡ଼ିଏ ନାଟକ କେବଳ ଅଭିନୟ ନିମନ୍ତେ ଲିଖିତ। ପଢ଼ିବାଦ୍ୱାରା ଏମାନଙ୍କର ରସଗ୍ରହଣ କରିବା ସମ୍ଭବପର ନୁହେଁ। 'ଗୌଡ଼ବିଜେତା' ଏହିପରି ଗୋଟିଏ ନାଟକ, ଏଥିରେ ପଦେ ପଦେ ବାହ୍ୟଦ୍ୱନ୍ଦ୍ୱ, ପଦେ ପଦେ 'ବନ୍ଦୀ କର', ପଦେ ପଦେ ହତ୍ୟାର ଆଭାସ ଦିଆଯାଇଅଛି। ନାନା ଅପ୍ରତ୍ୟାଶିତ ନାଟକୀୟ ଦୃଶ୍ୟ ଓ କାର୍ଯ୍ୟାବଳୀ ଦ୍ୱାରା ନାଟକଟି ଏତେଦୂର ପୂର୍ଣ୍ଣ ଯେ, ଏହାର ରସଗ୍ରହଣ କେବଳ ଅଭିନୟକାଳୀନ ଘଟଣାପରମ୍ପରାର ଆବେଗର ଅଭିବ୍ୟକ୍ତିଦ୍ୱାରାହିଁ ସମ୍ଭବ କିମ୍ବା ପଢ଼ିବା ସମୟରେ କଳ୍ପନାଦ୍ୱାରା ଏହାର ଅଭିନୟ ପ୍ରତି ବିଶେଷ ଲକ୍ଷ୍ୟ ରଖି ପାରିଲେ ଏହାଦ୍ୱାରା ଆନନ୍ଦଲାଭ କରିବା ସମ୍ଭବ ହୋଇ

ପାରେ । 'ମିର୍ କାସିମ୍' ଏହିପରି ଅନ୍ୟ ଗୋଟିଏ ନାଟକ । ଏହି ନାଟକରେ ମଧ୍ୟ ଭାଷାର ବାହ୍ୟପ୍ରକାଶ ଅଭିନୟକାଳୀନ ଦୃଶ୍ୟକୁ ସୁସ୍ପଷ୍ଟ କରିବା ନିମନ୍ତେ, ଉତ୍ତେଜନାର ବହିଃପ୍ରକାଶ କରିବା ନିମନ୍ତେ ଓ ପ୍ରଗାଢ଼ ଦେଶପ୍ରେମର ଅଭିବ୍ୟକ୍ତି ନିମନ୍ତେ ବ୍ୟବହୃତ ହୋଇଅଛି । ଏହି ଭାଷା ଅଭିନୟ ସମୟରେ ହୃଦୟଗ୍ରାହୀ ହେଲେହେଁ ପଢ଼ିବା ସମୟରେ କୃତ୍ରିମ ବୋଧ ହୋଇଥାଏ । ଓଡ଼ିଶାରେ ଅନେକଗୁଡ଼ିଏ ନାଟକ ଏହି ଶ୍ରେଣୀର ଅନ୍ତର୍ଗତ ଓ ଏସବୁ ନାଟକ ବ୍ୟବସାୟୀ ନାଟ୍ୟଦଳର ପ୍ରୟୋଜନ ସିଦ୍ଧି ନିମନ୍ତେ ରଚିତ ହୋଇଥିଲା । କାଞ୍ଚିକାବେରୀ, ଚନ୍ଦ୍ରମଣୀ, ସାବିତ୍ରୀ, ମେଘନାଦବଧ, ସୀତାବିବାହ, କାଞ୍ଚିବର୍ଣ୍ଣ, ସୁଦାମା ପ୍ରଭୃତି ଅନେକ ନାଟକ ଅଭିନୟ ସମୟରେ ଯେପରି ମଧୁର ଓ ହୃଦୟଗ୍ରାହୀ, ପାଠ କରିବା ସମୟରେ ମଧ୍ୟ ସେହିପରି ସେମାନଙ୍କର ସାହିତ୍ୟରସ ଗ୍ରହଣ କରିବା ସମ୍ଭବ । ଏ ନାଟକମାନଙ୍କରେ ଏକ ଦିଗରେ ସାହିତ୍ୟିକ ଅଳଙ୍କାରର ପ୍ରଚୁର ପ୍ରୟୋଗ ଓ ଅନ୍ୟ ଦିଗରେ ଅଭିନୟକାଳୀନ ସୌଷ୍ଠବ ନିମନ୍ତେ ନାଟକୀୟ ଘଟଣାସମାବେଶ, ଉତ୍ତମ ଗୀତର ବ୍ୟବହାର ଥିବାରୁ ଏଗୁଡ଼ିକ ସବୁ ସମୟରେ ଚିତ୍ତାକର୍ଷକ ହୋଇ ପାରେ । ଅନ୍ୟ କେତେକ ଓଡ଼ିଆ ନାଟକ ମୁଖ୍ୟତଃ ଅଭିନୟ ଦୃଷ୍ଟିରେ ଲେଖା ହୋଇଥିଲେହେଁ ଅଭିନୟ ସମୟରେ ସୁଖକର ହୋଇ ପାରେ ନାହିଁ ଓ ସ୍ଥାନେ ସ୍ଥାନେ ନାଟକଟି ଚିତ୍ତାକର୍ଷକ ହୋଇଥିଲେହେଁ ଅଭିନୟକୁ ସମ୍ପୂର୍ଣ୍ଣଭାବରେ ଏମାନଙ୍କର ରସଗ୍ରହଣ କରିବା ସମ୍ଭବ ନୁହେ । ବାଣୀପଦ୍ମ, ଚୈତନ୍ୟଲୀଳା ପ୍ରଭୃତି ଏହିପରି ଧରଣର ନାଟକ । ଏ ନାଟକମାନଙ୍କରେ ବିଷୟବସ୍ତୁଟି ଅତ୍ୟନ୍ତ ଜଟିଳ କିମ୍ବା ଅତ୍ୟନ୍ତ କାବ୍ୟପୂର୍ଣ୍ଣ । ନାଟକୀୟ ଘଟଣା ସମାବେଶ ଥିଲେ ମଧ୍ୟ ଏଗୁଡ଼ିକରେ ଗୀତର ଅଂଶ ବହୁଳଭାବରେ ଥିବାରୁ ସାଧାରଣତଃ ଏଗୁଡ଼ିକ ଅଭିନୟ ସମୟରେ ଚିତ୍ତାକର୍ଷକ ହୁଏ ନାହିଁ । ପୁଣି ପୁରୁଷୋତ୍ତମ ଦେବ, ବାଥବାଞ୍ଜନ ପ୍ରଭୃତି ନାଟକର ଅଭିନୟ କରିବା ଏକପ୍ରକାର ଅସମ୍ଭବ । ପ୍ରଥମଟି ଅତ୍ୟନ୍ତ ବୃହତ୍, ଏଥିରେ ପ୍ରଥମ ଅଙ୍କରେ ଆଠଟି ଦୃଶ୍ୟ, ଦ୍ୱିତୀୟରେ ନଅଟି, ତୃତୀୟରେ ଆଠଟି, ଚତୁର୍ଥରେ ଛଅଟି ଓ ପଞ୍ଚମରେ ପାଞ୍ଚଗୋଟି ଦୃଶ୍ୟ ସନ୍ନିବେଶିତ ହୋଇଅଛି ଏବଂ ବିଷୟବସ୍ତୁଟି ଦୃଶ୍ୟସମାବେଶରେ ନିତାନ୍ତ ଜଟିଳ ହୋଇ ପଡ଼ିଅଛି । ଏଥିରେ ନାଟକୀୟ ପରିସ୍ଥିତିର ଏକାନ୍ତ ଅଭାବ ଥିବାରୁ ରଙ୍ଗମଞ୍ଚରେ ଏହାର ଅଭିନୟ କରିବା ସମ୍ଭବପର ହୁଏ ନାହିଁ ।

ଓଡ଼ିଆ ନାଟକମାନଙ୍କୁ ଅନ୍ୟ ଏକ ମାନଦଣ୍ଡଦ୍ୱାରା ମଧ୍ୟ ଶ୍ରେଣୀବିଭାଗ କରାଯାଇ ପାରେ । କେତେଗୁଡ଼ିଏ ନାଟକ ସମ୍ପୂର୍ଣ୍ଣଭାବରେ ସଂସ୍କୃତ ରୀତିରେ ଲିଖିତ, ପୁଣି କେତେଗୁଡ଼ିଏ ନାଟକରେ ସଂସ୍କୃତ ରୀତି କେତେକାଂଶରେ ଅନୁସୃତ ହୋଇଥିଲେହେଁ ବାସ୍ତବରେ ନାଟକଗୁଡ଼ିକ ଅନ୍ୟ ରୀତିରେ ଲିଖିତ, ପୁଣି ଅନ୍ୟ କେତେକ ନାଟକ ସମ୍ପୂର୍ଣ୍ଣଭାବରେ ଅନ୍ୟ ରୀତିରେ ଲିଖିତ । ଯେଉଁ ନାଟକଗୁଡ଼ିକ ସମ୍ପୂର୍ଣ୍ଣଭାବରେ ସଂସ୍କୃତ ଭାଷାର ଛାୟାରେ ଗଠିତ, ସେମାନଙ୍କର ରଚନାପ୍ରଣାଳୀ ସଂସ୍କୃତ ନାଟକର ଅଳଙ୍କାରଦ୍ୱାରା ପ୍ରଭାବିତ । ଏସବୁ ନାଟକର ଅନେକ ସ୍ଥାନରେ ସଂସ୍କୃତ ଛନ୍ଦ ଅନୁସରଣ କରି ଓଡ଼ିଆ ଭାଷାରେ ରଚିତ ଶ୍ଳୋକମାନ ସନ୍ନିବେଶିତ ହୋଇଅଛି । ଏଗୁଡ଼ିକ ବାସ୍ତବରେ ରସପୂର୍ଣ୍ଣ ହେଲେହେଁ ନାନା ନାଟକରେ ଏମାନଙ୍କର ବ୍ୟବହାର ଦେଖାଯାଏ । ଏହି ନାଟକମାନ ଅଭିନୟ କରିବା ଦୁଃସାଧ୍ୟ ଓ ସାଧାରଣ ରଙ୍ଗମଞ୍ଚରେ ଏମାନଙ୍କର ଅଭିନୟ କୌଣସି ସମୟରେ ସଫଳ ହୋଇଥିବାର ଜଣାଯାଏ ନାହିଁ । ଏଗୁଡ଼ିକର ବ୍ୟବହୃତ ଭାଷା ଏତେ କ୍ଲିଷ୍ଟ ଓ ଅଳଙ୍କାରପୂର୍ଣ୍ଣ ଯେ, ସାଧାରଣ ଲୋକେ ଏମାନଙ୍କର ରସଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ । ପଦ୍ମମାଳାସହଗମନ ପ୍ରଭୁତପ୍ରଣୟ, ଜାନକୀପରିଣୟ, ଜନୁଭାର୍ଗବ ପ୍ରଭୃତି ନାଟକ ଏହି ରୀତିରେ ଲିଖିତ । ସାଧାରଣତଃ ଦକ୍ଷିଣ ଓଡ଼ିଶାର ରାଜନ୍ୟବର୍ଗ ଓ ପଣ୍ଡିତ-ମାନଙ୍କଦ୍ୱାରା ଏହି ସବୁ ନାଟକ ବିରଚିତ । କାଞ୍ଚିକାବେରୀ ପ୍ରଭୃତି କେତେକ ନାଟକରେ ସ୍ଥାନେ ସ୍ଥାନେ ସଂସ୍କୃତ ରୀତି ଅନୁସୃତ ହୋଇ-ଥିଲେହେଁ ବସ୍ତୁତଃ ଏଗୁଡ଼ିକ ଅଭିନୟର ଉପଯୋଗୀ କରାଯାଇଅଛି; ବଙ୍ଗଳା ଓ ଇଂରାଜୀ ନାଟକମାନଙ୍କର ପ୍ରଭାବ ଏସବୁ ନାଟକର ଅନେକ ସ୍ଥଳରେ ଦେଖାଯାଏ । ଏମାନଙ୍କର ଭାଷା ଓଡ଼ିଶାର ସାଧାରଣ ସାହିତ୍ୟିକ ଭାଷା, ସ୍ଥାନେ ସ୍ଥାନେ ପୁଣି ବହୁଳ ବ୍ୟବହୃତ ଇତର ଭାଷାର ବ୍ୟବହାର ମଧ୍ୟ ଏସବୁ ନାଟକରେ ସୁପ୍ରଚଳିତ ଓ ସଂସ୍କୃତ ଛନ୍ଦାନୁକାରୀ ଶ୍ଳୋକର ବ୍ୟବହାର ଏସବୁ ନାଟକରେ ସମ୍ପୂର୍ଣ୍ଣଭାବରେ ପରିତ୍ୟକ୍ତ । ଧ୍ରୁବତପସ୍ୟା, ସତ୍ୟବିଜୟ, ପର୍ଶୁରାମବିଜୟ, ରାମଜନ୍ମ, ସୀତାବର୍ଜନ ପ୍ରଭୃତି ନାନା ନାଟକ ଏହି ନାଟ୍ୟରୀତିର ଉଦାହରଣସ୍ଥଳ; କାରଣ କେତେକ ବିଶେଷ କ୍ଷେତ୍ରରେ ସଂସ୍କୃତ ନାଟକର ରୀତି ଏସବୁ ନାଟକରେ ଅନୁସୃତ ହୋଇ ଥିଲେହେଁ ଅନ୍ୟ ଅନେକ କ୍ଷେତ୍ରରେ ନାଟକଗୁଡ଼ିକ ଅଭିନୟୋପଯୋଗୀ ଭାବରେ କଳ୍ପିତ ଓ ରଚିତ । ଅନ୍ୟ ଅନେକ ନାଟକରେ ସଂସ୍କୃତ

ନାଟ୍ୟରୀତି ସମ୍ପୂର୍ଣ୍ଣଭାବରେ ପରିହୃତ ହୋଇଅଛି ଓ ଏପରିକି ନାଟକ ମଧ୍ୟରୁ ଅନେକ ବର୍ତ୍ତମାନ ପ୍ରଚଳିତ ଇଂରାଜୀ ରୀତିକୁ ଗ୍ରହଣ କରି ଲିଖିତ ହୋଇଅଛି । ବିଦେଶୀ ସୁପ୍ରସିଦ୍ଧ ନାଟକମାନଙ୍କର ଛାୟା ଏସବୁ ନାଟକର ବହୁ ସ୍ଥାନରେ ଦେଖାଯାଇଥାଏ । ମେଘନାଦବଧ, ଶ୍ରୀପ୍ରତାପ, ଚନ୍ଦ୍ରଗୁପ୍ତ, ମିର୍ କାସିମ୍, ଇହୁଦୀ ପ୍ରଭୃତି ଏହି ଦୃଷ୍ଟିରୁ ବିଶେଷ ଉଦାହରଣସ୍ଥଳ ବୋଲି ଗଣନା କରାଯାଇ ପାରେ ।

ନାଟକର ବ୍ୟବହୃତ ଗଦ୍ୟ ଓ ପଦ୍ୟକୁ ମାନ ଧରି ମଧ୍ୟ ନାଟକର ଶ୍ରେଣୀବିଭାଗ କରାଯାଇ ପାରେ । କେତେକ ଓଡ଼ିଆ ନାଟକରେ ଆମୂଳଚୂଳ ଗଦ୍ୟ ବ୍ୟବହୃତ ଓ ବିଧବାବିବାହ, ପତ୍ନୀବିରହ ପ୍ରଭୃତି କେତେକ ନାଟକରେ କେବଳ ସଙ୍ଗୀତମାନ ଛାଡ଼ିଦେଲେ ଅନ୍ୟାନ୍ୟ ନାଟକୀୟ କଥା-ବସ୍ତୁ ମଧ୍ୟରେ ଗଦ୍ୟର ବ୍ୟବହାର ଅତ୍ୟନ୍ତ ଦେଖାଯାଇଥାଏ । ଅଶ୍ୱିନୀ ବାବୁଙ୍କ କୃତ ଆଧୁନିକ ଅନେକ ନାଟକରେ ମଧ୍ୟ ଏହି ରୀତି ଅନୁସୃତ ହୋଇଅଛି । (ଯଥା—ଇରାନ୍, ପାଇକପୁଅ ପ୍ରଭୃତି) ପୁଣି ଅନେକ ନାଟକରେ ମୂଳରୁ ଶେଷ ପର୍ଯ୍ୟନ୍ତ ଅମିତ୍ରାକ୍ଷର ଚତୁର୍ଦ୍ଦଶାକ୍ଷର ପଂକ୍ତିମାନ ବ୍ୟବହୃତ ହୋଇଅଛି ଓ 'ଚୈତନ୍ୟଲୀଳା' ନାଟକ ଏହାର ପ୍ରକୃଷ୍ଟ ଉଦାହରଣ । ମାତ୍ର ଗଦ୍ୟ ଓ ଅମିତ୍ରାକ୍ଷର ଛନ୍ଦର ମିଳନ ଅନେକଗୁଡ଼ିଏ ନାଟକରେ ଦେଖାଯାଇଥାଏ ଓ ଗଦ୍ୟ ପଦ୍ୟର ଏହି ମିଶ୍ରଣରୀତି ବଙ୍ଗଳା କିମ୍ବା ସେକ୍ସପିୟରଙ୍କ ନାଟକର ଅନୁକୃତିରୁ ଘଟିଅଛି ବୋଲି ସ୍ୱୀକାର କରାଯାଇ ପାରେ । ଚତୁର୍ଦ୍ଦଶାକ୍ଷର ପୂର୍ଣ୍ଣ ଅମିତ୍ରାକ୍ଷର ଛନ୍ଦ ଭିନ୍ନ ବଙ୍ଗଳାର ଅନୁକରଣରେ ଓଡ଼ିଆ ନାଟକମାନଙ୍କରେ ଭଙ୍ଗ ଅମିତ୍ରାକ୍ଷରର ମଧ୍ୟ ଉଦାହରଣ ମିଳେ । ଅନେକଦିନ ପର୍ଯ୍ୟନ୍ତ ଏହା ଓଡ଼ିଆ ନାଟ୍ୟଶାଳା-ମାନଙ୍କରେ ଅବଲମ୍ବିତ କରି ପାରିଥିଲା ଓ ଏହିଭଳି ଛନ୍ଦରେ ଗଦ୍ୟର ଅବାଧ ଗତି ଓ ପଦ୍ୟର ସାବଲୀଳ ଶବ୍ଦବିନ୍ୟାସ ଉଭୟ ରକ୍ଷିତ ହେଉଥିବାରୁ ଏହା ନାଟକର ଉପଯୁକ୍ତ ଭାଷା ବୋଲି ଅନେକ ନାଟ୍ୟକାର ମନେ କରୁଥିଲେ । ଓଡ଼ିଆ ନାଟକରେ ଭିକାରି ବାବୁଙ୍କ କଟକବିଜୟ ନାଟକରେ ଏହି ଭଙ୍ଗ ଅମିତ୍ରାକ୍ଷର ଛନ୍ଦ ପ୍ରଥମେ ବ୍ୟାପକଭାବରେ ବ୍ୟବହୃତ ହୋଇଥିଲା ଓ ପରବର୍ତ୍ତୀ ଅନେକ ନାଟକରେ (ଯଥା—କାଞ୍ଚିବାଞ୍ଚି, ରୁକ୍ମଣୀ ପ୍ରଭୃତି) ଏହା ଅବାଧରେ ବ୍ୟବହୃତ ହୋଇଅଛି । ଅଧୁନାତନ ସମୟରେ ଏହି ଛନ୍ଦର ଅସ୍ୱାଭାବିକତା ଲକ୍ଷିତ ନ ହେଲେହେଁ ସାଧାରଣତଃ ନାଟକକୁ ପାଠ କରିବା ସମୟରେ ଏହା ଅସ୍ୱାଭାବିକ ବୋଧ ହେବାରୁ ଆଧୁନିକ ନାଟକ-

ମାନଙ୍କରେ ଭଙ୍ଗ ଅମିତ୍ରାକ୍ଷର ଛନ୍ଦର ବହୁଳ ବ୍ୟବହାର ପରିଲକ୍ଷିତ ହୁଏ ନାହିଁ । ମାତ୍ର ଭଙ୍ଗ ଅମିତ୍ରାକ୍ଷର ଛନ୍ଦରେ ମଧ୍ୟ କେତେକ ବ୍ୟବହାର-କାଳୀନ ନିୟମ ଅନୁସୃତ ହୋଇଅଛି ଓ ଏହି ନିୟମର ବ୍ୟତିକ୍ରମରେ ନାଟକର ଭାଷା ଦୁଷ୍ଟ ବୋଲି ମନେ ହୁଏ । କାର୍ତ୍ତିବୀର୍ଯ୍ୟ ନାଟକର ଅନେକ ସ୍ଥାନରେ ଭଙ୍ଗ ଅମିତ୍ରାକ୍ଷର ଛନ୍ଦର ପଂକ୍ତିମାନଙ୍କରେ ୧୧ ବା ୧୮ ଗୋଟି ଅକ୍ଷର ବ୍ୟବହୃତ ହୋଇଅଛି ଓ ଅଭିନୟ ସମୟରେ ଏହି ପଂକ୍ତିଗୁଡ଼ିକ ଅସମ ବୋଲି ଜଣାଯାଇଥାଏ । ଯଥା—ଜାଣେ ନା ମୁହିଁ କାର୍ତ୍ତିବୀର୍ଯ୍ୟ କିଏ (୧୨ ପୃ) ମହେନ୍ଦ୍ରବାସୀ ଶିଖା ଦରିଦ୍ର (୨୨ ପୃ) ନିଦାରୁଣ ଶମ୍ଭୁର ମୁଁ ଅଦ୍ୟାବଧି ବଞ୍ଚିଛି ଜୀବନେ (୫୭ ପୃ) । ପୁଣି କେତେକ ନାଟକର ଲେଖା ଗଦ୍ୟ ଆକାରରେ ଛପା ହୋଇଥିଲେହେଁ ବାସ୍ତବିକ ସେଗୁଡ଼ିକ ଅମିତ୍ରାକ୍ଷର ଛନ୍ଦରେ ରଚିତ ଓ ଅଶ୍ୱିନୀ ବାବୁଙ୍କ ନାଟକରେ ଏପରି ବ୍ୟବହାରର ଅନେକ ଉଦାହରଣ ଆମ୍ଭେମାନେ ପାଉଥାଉଁ । ଯଥା—ପାଳିଛି ନ ଯାଏ ଅଖି ପିଛୁଡ଼ାଇକି ପୁଣି (ଭଞ୍ଜ ଭୁଜଙ୍ଗ ୭୭ ପୃ) ବନ୍ଦୀ ରାଜ-କାରାଗାରେ ରାଜବନ୍ଦୀରୂପେ (ଭଞ୍ଜ ଭୁଜଙ୍ଗ ୧୫ ପୃ) ରକ୍ଷା କର ରକ୍ଷା କର ଧରୁଛି ଚରଣ (ସାବିତ୍ରୀ ୫୭ ପୃ) ଅଣିବି ମୁଁ ଆଜି ଯତନେ ଦେବି ଉପହାର (ଉତ୍କଳ ଗୌରବ । ୫ ପୃ) ପୂର୍ଣ୍ଣଚନ୍ଦ୍ର ବନ୍ଦୀ ଅଛି କୁମୁଦିନୀ କୋଳେ (ଓଡ଼ିଆ ଝିଅ ୭୫ ପୃ) ଅଜେମନ ଏଥି ଦୂରରୂପେ ବାନ୍ଧି ଦେଲା (ଓଡ଼ିଆ ଝିଅ ୭୭ ପୃ) । ଏହିସବୁ ପଂକ୍ତିମାନ ବାସ୍ତବରେ ପୂର୍ଣ୍ଣ ଚତୁର୍ଦ୍ଦଶାକ୍ଷର ଅମିତ୍ରାକ୍ଷର ଛନ୍ଦର ଉଦାହରଣ । ଏପରି କି ଗୋଟିଏ ସ୍ଥାନରେ ବାଳିକା ବାଳକମାନଙ୍କର କଥୋପକଥନ ଗଦ୍ୟରେ ଲିଖିତ ହୋଇଥିଲେ ମଧ୍ୟ ସେଥିରେ ଅମିତ୍ରାକ୍ଷର ଛନ୍ଦର ସୁସ୍ପଷ୍ଟ ଆଭାସ ମିଳେ । ଯଥା—

ମାଳତୀ—ତୁହେଁ ମାଳତୀର ?
ମଙ୍ଗରାଜ—ତୁହେଁ ସମରପ୍ରାଙ୍ଗଣେ ।
ମାଳତୀ—ଅବଳା କି ମୁହିଁ ଦେବେ ଗୃହର ପ୍ରାଙ୍ଗଣେ ?
(ଓଡ଼ିଆ ଝିଅ ୧୬ ପୃ)

ଏହି ପଂକ୍ତିମାନଙ୍କୁ ଚତୁର୍ଦ୍ଦଶାକ୍ଷରୀ କବିତାସ୍ୱରୂପ ପଢ଼ିବା ଅସମ୍ଭବ ନୁହେଁ । ପୁଣି ଅନେକ ନାଟକର ଗଦ୍ୟଲେଖା ଭଙ୍ଗ ଅମିତ୍ରାକ୍ଷରରୂପେ ଗଣନା କରାଯାଇ ପାରେ ଓ ମିର୍ କାସିମ୍ ନାଟକରେ ଏପରି ଲେଖା ବହୁ ସ୍ଥାନରେ ଦେଖାଯାଏ । ଯଥାଃ—ଏ କି ଦୃଶ୍ୟ...ଏ କି ଜ୍ୟୋତିଃ—ଏ କି ଦୀପ୍ତି ଉଦ୍ଭାସିତ ନବୀନନୀରଦନେ—ଏ କି ଦ୍ରୁତାଶନ ସ୍ୱନନ—ବଜ୍ରପାଷାଣନିନାଦିତ

କର୍ଣ୍ଣେ—ସ୍ପନ୍ଦନ ଏ କି ବକ୍ଷରେ ଉତ୍ପାତ (ମିର୍ କାସିମ୍ ୪୧ ପୃ) । ଏହି ଲେଖା ବାସ୍ତବିକ ଦୋଷ ନୁହେଁ, ଯାକ ନାଟ୍ୟକାର ଭାଷାକୁ ଆବେଗପୂର୍ଣ୍ଣ କରିବା ଇଚ୍ଛାରେ ତାକୁ ପଦ୍ୟମୟ କରିଦେଇ ଅଛନ୍ତି ଓ ଭାଷା ନିତାନ୍ତ ଅସ୍ୱାଭାବିକ ହୋଇଗଲେହେଁ ଅଭିନୟ ସମୟରେ ଏହାର ଅସ୍ୱାଭାବିକତା ଦର୍ଶକମାନେ ବୁଝି ପାରନ୍ତି ନାହିଁ । କେତେକ ସ୍ଥାନରେ ପଦ୍ୟ ଅଭାବରେ କ୍ଲିଷ୍ଟ ହୋଇଥିଲେହେଁ ମିତ୍ରାକ୍ଷରର ବ୍ୟବହାର ଦେଖାଯାଏ । ଏପରି ବ୍ୟବହାର ନିତାନ୍ତ ବିରଳ ହୋଇଥିଲେହେଁ କେତେକ ଉଦାହରଣ ନିମ୍ନରେ ଦିଆଗଲା । ଯଥା:—ଦେବୀ ସିନା ଭୁଲିବ ଦେବଙ୍କ ଦାନ୍ତ, ମୁଁ ଛାର ଦେବଦାସୀ ହୋଇ ଭୁଲିବି କାହିଁ (ରକ୍ତଭୁଜଙ୍ଗ ୮୯ ପୃ) ନୀଳକଣ୍ଠ—ଅଭିଳାଷ ତାର ରୂପ ତାର ଠାଣିମାଣି । ହରହର—ନଟେଶ ପାଗଳ ଲୁଣ୍ଠି ଦେଇଛି ଜାଣିଣି— (ରକ୍ତ ଭୁଜଙ୍ଗ ୫୫ ପୃ) ନା ନା, ନୁହେଁ ମୁଁ ବସନ୍ତ ଭୁଜଙ୍ଗ ବେଣୀ, ମୁହିଁ ଜଳଜା ଭୃଙ୍ଗକୁଳରାଣୀ, ଭୁଜଙ୍ଗ ମଥାର ମଥାମଣି ଦେଖ ପିନ୍ଧିଅଛି କସି (ରକ୍ତ ଭୁଜଙ୍ଗ ୩୭ ପୃ) । ଏହିସବୁ ସ୍ଥାନରେ ମିତ୍ରାକ୍ଷରର ବ୍ୟବହାର ସୁନ୍ଦର ଓ ଅଭିନୟ ସମୟରେ ଏହାର ମଧୁରତା ଅଧିକ ଉପଲବ୍ଧି କରାଯାଇ ପାରେ । କାଞ୍ଚିକାବେରୀ ନାଟକ ମଲ୍ଲରୁ ଶେଷ ପର୍ଯ୍ୟନ୍ତ ଗଦ୍ୟ ଅମିତ୍ରାକ୍ଷର ଛନ୍ଦ ଓ ପଦ୍ୟରେ ରଚିତ ହୋଇଥିଲେହେଁ ଗୋଟିଏ ସ୍ଥାନରେ ମିତ୍ରାକ୍ଷର ଛନ୍ଦର ବ୍ୟବହାର କରାଯାଇଅଛି । ମାତ୍ର ଏପରି ବ୍ୟବହାର ଅସଙ୍ଗତ ଓ ବାଧକ ହୋଇଅଛି ( ୧୦୬ ପୃ ) । ନାଟକର ଭାଷା ଆଲୋଚନା କରିବା ସମୟରେ ଏ ବିଷୟରେ ଅନ୍ୟ କେତେକ ଆଲୋଚନା କରାଯାଇ ପାରେ ।

ଓଡ଼ିଆ ନାଟକମାନଙ୍କ ମଧ୍ୟରୁ କେତେଗୁଡ଼ିଏ ଇତିହାସକୁ ଅବଲମ୍ବନ କରି ରଚିତ ହୋଇଅଛି । କେତେକଗୁଡ଼ିକର କଥାବସ୍ତୁ ମହାକାବ୍ୟ ଓ ପୁରାଣମାନଙ୍କରୁ ଗୃହୀତ ଏବଂ କେତେକ ନାଟକର କଥାବସ୍ତୁ ଲେଖକର ନିଜ କଳ୍ପନାପ୍ରସୂତ । ଯେଉଁ ନାଟକମାନ ଇତିହାସକୁ ଅନୁସରଣ କରିଅଛି, ସେଗୁଡ଼ିକରେ ନାଟକର ପ୍ରୟୋଜନାନୁସାରେ ନାନା ଅବାନ୍ତର ବିଷୟ ସନ୍ନିବେଶିତ ହୋଇଅଛି ଓ ନାଟକର ଚରିତ୍ରମାନଙ୍କୁ ସୁସ୍ପଷ୍ଟ କରିବା କାରଣ ନାନା ପ୍ରକାର ଉପାୟ ଅବଲମ୍ବନ କରାଯାଇଅଛି । ଏକ ଦିଗରେ ଅନୈତିହାସିକ ଚରିତ୍ରମାନ ସଂଯୋଜିତ ହୋଇଅଛି, ଅନ୍ୟ ଦିଗରେ ଇତିହାସର ଉପାଦାନକୁ ଅତିରଞ୍ଜିତ ବା କଳ୍ପନାଦ୍ୱାରା ସ୍ଥାନେ ସ୍ଥାନେ ରୂପାନ୍ତରିତ ମଧ୍ୟ କରାହୋଇଅଛି ।

ଐତିହାସମୂଳକ ନାଟକମାନଙ୍କରେ ଅବଶ୍ୟ ପ୍ରକୃତିର କଥାବସ୍ତୁ ମୂଳତଃ ଗୃହୀତ ହୋଇଅଛି, କିନ୍ତୁ ଏଥିରେ ମଧ୍ୟ ଲେଖକ ନିଜ କଳ୍ପନା-ବଳରେ ନାନା ନୂତନ ବିଷୟ ସଂଯୋଜିତ କରିଅଛନ୍ତି । ଓଡ଼ିଆରେ ଇତିହାସବର୍ଣ୍ଣ ବ୍ୟାପକଭାବରେ ଲିଖିତ ହୋଇ ନ ଥିବାରୁ ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ, ପ୍ରତାପରୁଦ୍ର ଦେବଙ୍କ ସମୟରେ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ, ଜଗନ୍ନାଥ ଦାସଙ୍କ ଭାଗବତ ରଚନା, ମୟୂରଭଞ୍ଜ ଓ କେଉଁଝର ରାଜାମାନଙ୍କ ବଂଶପରମ୍ପରା କଳହ, ନନ୍ଦକାର ଚିତ୍ରୋତ୍ପଳା ଓ ଅଶ୍ୱବଳିଦାନ, ସରାଇକଲା ରାଜବଂଶର ପ୍ରତିଷ୍ଠା, ଇଂରେଜମାନଙ୍କର ଓଡ଼ିଶା ବିଜୟ ଏହିସବୁ ଉପାଦାନମାନଙ୍କୁ ଅବଲମ୍ବନ କରି ନାଟକମାନ ରଚିତ ହୋଇଅଛି ଓ ଏହି ସବୁ ନାଟକ ଓଡ଼ିଶାରେ ସୁପ୍ରଚଳିତ ମଧ୍ୟ ହୋଇଅଛି । ଓଡ଼ିଶା ଭିନ୍ନ ଅନ୍ୟ ସ୍ଥାନର ଇତିହାସକୁ ଅବଲମ୍ବନ କରି ମିର୍ କାସିମ୍, ଶିବନାଥ, ପ୍ରିୟଦର୍ଶୀ, ଶ୍ରୀପ୍ରତାପ ପ୍ରଭୃତି ନାଟକମାନ ରଚିତ ହୋଇଅଛି । ଏସବୁ ନାଟକରେ ସାଧାରଣତଃ ଇତିହାସକୁ ଅନୁସରଣ କରିବା ଅପେକ୍ଷା ନାଟକୀୟ କଥାବସ୍ତୁକୁ ସରସ କରିବାର ପ୍ରୟାସ ଦେଖାଯାଇଥାଏ । ପୌରାଣିକ ନାଟକମାନଙ୍କ ମଧ୍ୟରେ ରାମବନବାସ, ସୀତାବିବାହ, ରାମାଭିଷେକ, କଂସବଧ, ଭୀଷ୍ମାର୍ଜ୍ଜୁନ, କାର୍ତ୍ତବୀର୍ଯ୍ୟ, ସାବିତ୍ରୀ, ଦୂତ, ଧ୍ରୁବତପସ୍ୟା, ସୁଭଦ୍ରାର୍ଜ୍ଜୁନ, ମେଘନାଦବଧ, ସୀତାବନବାସ, ସୁଦାମା, ସ୍ୱର୍ଗମିଳନ ପ୍ରଭୃତି ନାଟକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁପରିଚିତ । କଳ୍ପିତ ଉପାଖ୍ୟାନସମ୍ବଳିତ ନାଟକମାନଙ୍କ ମଧ୍ୟରୁ ଅଧିକାଂଶ ସାମାଜିକ ଦୁର୍ନୀତିକୁ ଲକ୍ଷ୍ୟ କରି ଲେଖାଯାଇଅଛି । ଯଥାଃ—କଳିକାଳ, ଯୁଗଧର୍ମ, ହିନ୍ଦୁରମଣୀ, ବିଧବାବିବାହ, ସତ୍ୟବିଜୟ ଇତ୍ୟାଦି । ମାତ୍ର ଅନେକ ନାଟକ ସାମୟିକ କୌଣସି ପ୍ରସଙ୍ଗକୁ ଅବଲମ୍ବନ କରି ମଧ୍ୟ ଲିଖିତ ହୋଇଅଛି । ଯଥାଃ—କାଞ୍ଚନମାଳୀ, ମାତୃପୂଜା ପ୍ରଭୃତି । ଧର୍ମାର ଆତ୍ମତ୍ୟାଗ କୋଣାର୍କ ନାଟକର କଥାବସ୍ତୁ ଯୋଗାଇଅଛି, ସାହାଜାହାନଙ୍କର ପ୍ରଗାଢ଼ ପ୍ରେମ ତାଜମହଲ ନାଟକରେ ସୁପରିସ୍ଫୁଟ କରାଯାଇଅଛି ଓ ନାନା ସ୍ଥାନରୁ ଓଡ଼ିଆ ନାଟକର କଥାବସ୍ତୁ ଗ୍ରହଣ କରିବାର ପ୍ରୟାସ ବର୍ତ୍ତମାନ ଲକ୍ଷିତ ହେଉଅଛି ।

ଓଡ଼ିଆରେ ଅନେକ ନାଟକର ଉଦ୍ଦେଶ୍ୟ ଶିକ୍ଷାପ୍ରଦାନ । ରାମଶଙ୍କର ବାବୁ ତାଙ୍କ ରତ୍ନାବଳୀର ଭୂମିକାରେ ଲେଖିଅଛନ୍ତି ଯେ, ଶିକ୍ଷା ଦେବା ତାଙ୍କର ଉଦ୍ଦେଶ୍ୟ ଥିଲା । ଏହିପରି ଉଦ୍ଦେଶ୍ୟଦ୍ୱାରା ପ୍ରଣୋଦିତ ହୋଇ ସେ

ଲୀଳାବତୀ, ବଂଶରକ୍ଷା, ଶ୍ରୀରାମାଭିଷେକ ପ୍ରଭୃତି ନାଟକ ରଚନା କରିଥିଲେ । ମାତ୍ର ଶିକ୍ଷାଦେବା ପ୍ରୟାସ ଅତି ସୁସ୍ପଷ୍ଟ ଥିବାରୁ ଏହି ନାଟକ-ମାନଙ୍କରେ ନାଟ୍ୟକଳା ବ୍ୟାହତ ହୋଇଅଛି ଓ ସେମାନଙ୍କର ଅଭିନୟ-ଦ୍ୱାରା ଦର୍ଶକସାଧାରଣଙ୍କ ଚିତ୍ତବିନୋଦନ କରିବା ମଧ୍ୟ ସହଜସାଧ୍ୟ ନୁହେଁ । ଅନେକ ସ୍ଥାନରେ ପୁଣି ବୈଦିକ ମନ୍ତ୍ରମାନ ସଂଯୋଜିତ ହୋଇଥିବାରୁ ଏମାନଙ୍କର ଅଭିନୟ ଦୁରୂହ କଷ୍ଟକର । ନାଟକ ଯେ ଶିକ୍ଷାପ୍ରଦ ହେବା ଉଚିତ, ଏହି ଧାରଣା 'କାଞ୍ଚିକାବେରୀ' ନାଟକର ଆଦ୍ୟରେ ଦିଆଯାଇଥିବା ବିଶିଷ୍ଟ ଅଭିମତମାନଙ୍କରୁ ମଧ୍ୟ ସୁସ୍ପଷ୍ଟ ହେଉଅଛି । ନାଟକଟିର ସମାଲୋଚନାରେ ଶ୍ରୀଗୋପାଳଚନ୍ଦ୍ର ପ୍ରହରାଜ କହିଅଛନ୍ତି, "ନାଟକଟି ଚିତ୍ତାକର୍ଷକ ଓ ଶିକ୍ଷାପ୍ରଦ ହେବ ବୋଲି ମୋର ଧାରଣା", ଶ୍ରୀ ଶଶିଭୂଷଣ ରାୟ ମଧ୍ୟ କହିଅଛନ୍ତି, "ଅନ୍ୟାନ୍ୟ ଚରିତ୍ରଗୁଡ଼ିକ ମଧ୍ୟ ସର୍ବତୋଭାବରେ ଶିକ୍ଷାପ୍ରଦ"; ଟ୍ରେନିଂ ସ୍କୁଲର ତତ୍କାଳୀନ ଅଧ୍ୟକ୍ଷ ମଧ୍ୟ ଲେଖିଅଛନ୍ତି, "ମୋର ଆଶା, ସୁକୁମାରମତି ବାଳକବାଳିକାମାନେ ଏହା ପଢ଼ି ସୁଶିକ୍ଷା ଲାଭ କରି ପାରିବେ ।" ଅନ୍ୟ କେତେକ ନାଟକର ଭୂମିକାରେ ମଧ୍ୟ ଲୋକଶିକ୍ଷା ଦେବା ନାଟ୍ୟକାରଙ୍କ ଉଦ୍ଦେଶ୍ୟ ଥିବା ଲେଖକ ସ୍ପଷ୍ଟଭାବରେ ଉଲ୍ଲେଖ କରିଅଛନ୍ତି । ଏପରି କି କବି ବୈଷ୍ଣବ ପାଣିଙ୍କ ଗୋଟିଏ ଯାତ୍ରାଙ୍କର ପ୍ରସ୍ତାବନାରେ ନଟୀ କହୁଅଛି, "ଦେଖ ଦର୍ଶକଗଣ ଏ ସଂସାର ନାଟକ, ଶିଖ ଏଥୁଁ ମହାଶିକ୍ଷା ଭିକ୍ଷା ମୋର ଏତିକି" ଓ ଏହାଦ୍ୱାରା ଶିକ୍ଷାଦାନ କରିବାର ଉଦ୍ଦେଶ୍ୟ ଏଥିରେ ଅନ୍ତର୍ନିହିତ ଥିବା ସ୍ପଷ୍ଟ ପ୍ରକାଶିତ ହେଉଅଛି । ମାତ୍ର ଅଧିକାଂଶ ଓଡ଼ିଆ ନାଟକରେ ଚିତ୍ତବିନୋଦନ କରିବାହିଁ ଏକମାତ୍ର ଉଦ୍ଦେଶ୍ୟ ଓ ଏହି ଉଦ୍ଦେଶ୍ୟଦ୍ୱାରା ଅନୁପ୍ରାଣିତ ହୋଇଥିବାରୁ ନାଟକରେ ଲେଖକ ଅବାଧ କଳ୍ପନାର ବ୍ୟବହାର କରିବା ନିମନ୍ତେ ସୁଯୋଗ ପାଇଅଛନ୍ତି ।

ଓଡ଼ିଆ ନାଟକମାନଙ୍କୁ ଆଉ ଏକ ଦଗରୁ ମଧ୍ୟ ବିଚାର କରାଯାଇ ପାରେ । କେତେକ ନାଟକ ରଚୟିତା ଅଭିନୟ ଓ ଥିଏଟର ଦଳ ସହିତ ଘନିଷ୍ଠଭାବରେ ସମ୍ପୃକ୍ତ ଥିଲେ ମାତ୍ର ଅନ୍ୟ ନାଟ୍ୟକାରମାନଙ୍କର ଏପରି ସମ୍ପର୍କ ନ ଥିଲା । ରାମଶଙ୍କର ବାବୁ ନିଜ ରଚିତ ନାଟକରେ ଥରେ ମାତ୍ର ଭୂମିକା ଗ୍ରହଣ କରିଥିଲେ, ଅଶ୍ୱିନୀ ବାବୁ ଗୋଟିଏ ବ୍ୟବସାୟୀ ନାଟ୍ୟଦଳ ସଙ୍ଗେ ସମ୍ପୃକ୍ତ ଥିଲେ ମଧ୍ୟ ନିଜେ କେବେହେଁ ଅଭିନୟ କରି ନାହାନ୍ତି । ମାତ୍ର ମହେଶଚନ୍ଦ୍ର ରାୟ, କାର୍ତ୍ତିକକୁମାର ଘୋଷ, ଜ୍ୟୋତିଷଚନ୍ଦ୍ର ମୋହନ ମୁଖାର୍ଜି ପ୍ରଭୃତି ନାଟ୍ୟକାର ଅଭିନୟ ସହିତ ଘନିଷ୍ଠଭାବରେ ସମ୍ପୃକ୍ତ ଓ ଏମାନଙ୍କର

ନାଟକର ଭାଷା ଓ କଥାବସ୍ତୁ କେବଳ ଅଭିନୟ ସୌକର୍ଯ୍ୟାର୍ଥେ କଳ୍ପିତ । ଯେଉଁମାନେ ଅଭିନୟ ସହିତ ସମ୍ପୃକ୍ତ ନୁହନ୍ତି ତାଙ୍କର ଲେଖା ମଧ୍ୟରେ ନାନା ସ୍ଥାନରେ ଅଭିନୟର ଅନୁପଯୋଗୀ ଭାଷା ବା କଥୋପକଥନ ବ୍ୟବହୃତ ହୋଇଅଛି ।

ଓଡ଼ିଆ ନାଟକ ନାନା ବିଭିନ୍ନ ମାର୍ଗରେ ଗତି କରିଅଛି । ଏକ ଦିଗରେ ଇଂରାଜୀ ଓ ବଙ୍ଗଳାର ପୂର୍ଣ୍ଣାବୟବ ନାଟକମାନଙ୍କ ଅନୁକରଣରେ ଓଡ଼ିଆରେ ନାନା ନାଟକ ରଚିତ ହୋଇଅଛି ଓ ଏହି ନାଟକମାନ ସାହିତ୍ୟକ୍ଷେତ୍ରରେ ପ୍ରତିଷ୍ଠାଲାଭ କରିବାକୁ ମଧ୍ୟ ସମର୍ଥ ହୋଇଅଛନ୍ତି । ମାତ୍ର ଅନ୍ୟ ଦିଗରେ ଅନ୍ୟ ପ୍ରକାର ନାଟକମାନ ମଧ୍ୟ ରଚିତ ହୋଇଅଛି । ଯାତ୍ରା ବା ନୂଆଙ୍ଗମାନ ବିଶେଷଭାବରେ ପ୍ରଚଳିତ ଥିବାରୁ ସେମାନଙ୍କୁ ନାଟକୀୟ ସ୍ତରରେ ଟେକି ସେମାନଙ୍କର ଉନ୍ନତିସାଧନ କରିବା ନିମନ୍ତେ 'ବନ୍ତଲେଙ୍କ', 'ଭଲୁମଣି' ପ୍ରଭୃତି ନାଟକ ରଚିତ ହୋଇଅଛି । ପୁଣି ଅଧୁନା ପ୍ରଚଳିତ ରୀତି ଅନୁଯାୟୀ ଏକାଙ୍କ ନାଟିକା ଓ କ୍ଷୁଦ୍ର ନାଟକମାନ ମଧ୍ୟ ଲିଖିତ ହୋଇଅଛି । ଯଥା ସୌମ୍ୟ, ସାଳକର, ପୂଜାରିଣୀ ପ୍ରଭୃତି । ଓଡ଼ିଶାରେ ରାଧାକୃଷ୍ଣଙ୍କ ପ୍ରେମାଭିନୟକୁ ଅବଲମ୍ବନ କରି ଭକ୍ତିରସମୂଳକ ନାନା ନାଟକ ମଧ୍ୟ ରଚିତ ହୋଇଅଛି । ଏଗୁଡ଼ିକର ଅଭିନୟ ମଧ୍ୟ ଚିତ୍ତାକର୍ଷକ ହୋଇଥାଏ । ବାବାଜୀ ବୈଷ୍ଣବଚରଣ ଦାସ ଓ କବିରାଜ କାଳୀଚରଣ ପଟ୍ଟନାୟକ ଏ ବିଷୟରେ ଅଗ୍ରଣୀ ଓ ଏମାନଙ୍କର ଲିଖିତ ନାଟକର ଅଭିନୟ ସୁଲଳିତ ଗୀତାବଳୀଦ୍ୱାରା ଅତ୍ୟନ୍ତ ମନୋମୁଗ୍ଧକର ହୁଏ । ଓଡ଼ିଆ ନାଟକ ଲେଖିବାରେ ଯେଉଁ ଦକ୍ଷିଣୀ ରୀତି ଦେଖାଯାଇଥିଲା, ତାହା ଚିକିଟି ଅଧୀଶ୍ୱର ରାଜା ରାଧାମୋହନ ଦେବ ଓ ସୁରଙ୍ଗୀ ଅଧୀଶ୍ୱର ରାଜା ଚନ୍ଦ୍ରଚୂଡ଼ାମଣି ଦେବଙ୍କ ସାହିତ୍ୟସେବୀଙ୍କ ତିରୋଧାନ ପରେ ଲୋପ ପାଇ ଯାଇଅଛି । ଅନେକ ବର୍ଷ ହେଲା ଏ ପ୍ରକାର ନାଟକ ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଦେଖାଯାଏ ନାହିଁ । ଅନ୍ୟାନ୍ୟ ଦେଶରେ ବିଶେଷତଃ ପାଶ୍ଚାତ୍ୟଖଣ୍ଡରେ ବର୍ତ୍ତମାନ ନାଟ୍ୟକଳାର ଯେପରି ଉନ୍ନତି ଦେଖାଯାଉଥାଏ ଓଡ଼ିଆରେ ତାହା ଅଦ୍ୟାପି ଦେଖାଯାଇ ନାହିଁ ଓ ବର୍ଣ୍ଣାର୍ଡ଼ ଶଙ୍କ ପ୍ରଚଳିତ ତର୍କନାଟ୍ୟ ପ୍ରଭୃତିର ଉଦାହରଣ ଓଡ଼ିଶାରେ ମିଳିବା ଦୁଷ୍କର । ମାତ୍ର କାଳକ୍ରମେ ଯେ ନାଟ୍ୟସାହିତ୍ୟର ସର୍ବାଙ୍ଗୀନ ଅଭିବୃଦ୍ଧି ହେବ ଏହା ନିଶ୍ଚିତ ।

---

# ସପ୍ତମ ପରିଚ୍ଛେଦ

## ନାଟ୍ୟଶାଳା ସହିତ ଓଡ଼ିଆ ନାଟକର ସମ୍ପର୍କ

ନାଟକ ରଚନା କରିବାରେ ସାଧାରଣତଃ ଅଭିନୟ ହିଁ ଉଦ୍ଦେଶ୍ୟ ଏବଂ ଅଭିନୟକାଳୀନ ବାସ୍ତବତା ଓ ରସ ପ୍ରକାଶ କ୍ଷମତାଦ୍ୱାରା ଏହାର ଉତ୍କର୍ଷ ଅପକର୍ଷ ବିଚାର କରାଯାଇଥାଏ । ନାଟକ ସାହିତ୍ୟରୂପରେ ଅବସର ସମୟର ପାଠ୍ୟ ହେଲେହେଁ ଅଭିନୟଦ୍ୱାରାହିଁ ଏହାର ରସ ପୂର୍ଣ୍ଣଭାବରେ ଗ୍ରହଣ କରିବା ସମ୍ଭବପର । ନାଟକର ଜନାକର୍ଷକତା ଅଭିନୟସୌଷ୍ଠବ ଉପରେ ଅନେକାଂଶରେ ନିର୍ଭର କରେ । ନାଟ୍ୟକାର ଏହି କାରଣରୁ ପ୍ରୟୋଜକ ଓ ଅଭିନେତାମାନଙ୍କର ସାହାଯ୍ୟଲାଭ କରିବା ନିମନ୍ତେ ନିତାନ୍ତ ବ୍ୟଗ୍ର ହୁଏ, କାରଣ ଅଭିନୟ ଚିତ୍ତାକର୍ଷକ ନ ହେଲେ କିମ୍ବା ଦୃଶ୍ୟପଟମାନଙ୍କର ପ୍ରୟୋଜନା ବିଧି ଅନୁସାରେ ନ ହେଲେ ସରସ ନାଟକ ମଧ୍ୟ ନୀରସ ହୋଇ ପଡ଼େ । ଅଭିନେତା ଗୋଟିଏ ସାଧାରଣ ବାକ୍ୟ ମଧ୍ୟରେ ରସସଞ୍ଚାର କରି ପାରେ, ଗୋଟିଏ ଅତି ସାଧାରଣ ଦୃଶ୍ୟ ମଧ୍ୟରେ ପ୍ରାଣର ଉନ୍ମାଦନା ଜଗାଇ ପାରେ ଓ ଦର୍ଶକମାନଙ୍କ ମନରେ ଉତ୍ତେଜନା ଓ ଉଚ୍ଛୃଙ୍ଖଳା ମଧ୍ୟ ଜାତ କରାଇ ପାରେ । ଅଭିନୟକାଳୀନ ଅଙ୍ଗଭଙ୍ଗୀ, କଥା କହିବାର ରୀତି, ଉଚ୍ଚାରଣ ପ୍ରକ୍ରିୟା ଓ ନାନା କାର୍ଯ୍ୟାବଳୀଦ୍ୱାରା ଅଭିନେତା ନାଟକର ରସବସ୍ତୁକୁ ଦର୍ଶକମାନଙ୍କର ହୃଦୟଗ୍ରାହୀ କରି ପାରେ । ଏହି ସବୁ ବାହ୍ୟ ସାହାଯ୍ୟ ପାଇବାର ଆଶା କରି ନାଟ୍ୟକାର ନାଟକ ରଚନାରେ ପ୍ରବୃତ୍ତ ହୋଇଥାନ୍ତି । ଏହି ସାହାଯ୍ୟ ନିମନ୍ତେ ଅଭିନେତାଠାରେ କୃତଜ୍ଞ ମଧ୍ୟ ରହନ୍ତି । ଏଣୁ ନାଟକର ଦୋଷଗୁଣ ବିଚାର କରିବା ସମୟରେ କେବଳ ସେମାନଙ୍କୁ ସାହିତ୍ୟଭାବରେ ଆଲୋଚନା କରିବା ଉଚିତ ନୁହେଁ, ଅଭିନୟକାଳୀନ ସୌଷ୍ଠବ ଦିଗରୁ ମଧ୍ୟ ସେମାନଙ୍କର ସମ୍ୟକ୍ ବିଚାର କରିବା ବିଧେୟ ।

ଅବଶ୍ୟ ନାଟକ ଅଭିନୟ କରିବା ସମୟରେ ରଙ୍ଗମଞ୍ଚରେ କେତେଗୁଡ଼ିଏ ରୀତି ସ୍ୱୀକୃତ ହୋଇଥାଏ । ନାଟ୍ୟକାର ଏବଂ ଦର୍ଶକ ଏହି ପାରମ୍ପରିକ ରୀତିମାନଙ୍କୁ ସ୍ୱୀକାର କରିନେଇ ନାଟକ ରଚନା ଓ ଅଭିନୟ ଉପଭୋଗରେ ପ୍ରବୃତ୍ତ ହୋଇଥାନ୍ତି । ଅଭିନୟ ଓ ନାଟକ ରଚନାରେ ଅନୁସୃତ ପାରମ୍ପରିକ ରୀତିମାନ ସାଧାରଣତଃ ଅବାସ୍ତବ ହେଲେହେଁ ଓ ପ୍ରଯୋଜନାର ପାରିପାଟ୍ୟଦ୍ୱାରା ଏମାନଙ୍କର ବ୍ୟବହାର

କ୍ରମଶଃ କମିଯାଉଥିଲେହେଁ ଓଡ଼ିଆ ନାଟକରେ ଅନେକକ୍ଷେତ୍ରରେ ଏହାର ପ୍ରୟୋଗ ଦେଖାଯାଇଥାଏ । 'ଧ୍ରୁବଚରିତ' ନାଟକରେ ଧ୍ରୁବ ନାୟକ, ତାହାର ବୟସ ପାଞ୍ଚ ବର୍ଷ ଓ ତାହାର ବୟସ ବିଷୟରେ ଦର୍ଶକମାନଙ୍କ ମନରେ ସ୍ଥିରନିଶ୍ଚୟତା ଜନ୍ମାଇବା ଲାଗି ନାଟ୍ୟକାର ଦ୍ୱିତୀୟ ଅଙ୍କର ପ୍ରଥମ ଦୃଶ୍ୟରେ ସୁସ୍ପଷ୍ଟ ଇଙ୍ଗିତ ଦେଇଅଛନ୍ତି । ଯଥା—"ଧ୍ରୁବର ବାପ କୁଆଡ଼େ ରାଜଦରବାରରେ ଥାଏ—ଆଉ ଏ ପାଞ୍ଚ ବର୍ଷ ଭିତରେ ଦିନେ ହେଲେ ପୁଅକୁ ଦେଖିବାକୁ ଆସିନାହିଁ" (୨୧ ପୃଷ୍ଠା), "ଅନକୁ ଠିକ୍ ପାଞ୍ଚ ବର୍ଷ ଅତୀତ ହୋଇଗଲେ" (୨୩ ପୃଷ୍ଠା)..."ଅନକୁ ପାଞ୍ଚ ବର୍ଷ ପୂର୍ବେ ଥରେ ମାତ୍ର ପ୍ରାଣେଶ୍ୱରଙ୍କ ସହିତ ଦୈବଯୋଗରୁ ସାକ୍ଷାତ ହୋଇଥିଲା" (୨୩ ପୃଷ୍ଠା) ଅର୍ଥାତ୍ ଧ୍ରୁବର ବୟସ ଯେ ପାଞ୍ଚ ବର୍ଷରୁ କମ୍ ସେ ବିଷୟ ନାଟ୍ୟକାର ଦର୍ଶକମାନଙ୍କୁ ପୁନଃପୁନଃ ସ୍ମରଣ କରାଇ ଦେଇ-ଅଛନ୍ତି, ମାତ୍ର ଅଭିନୟ ସମୟରେ ଧ୍ରୁବର ସେହି ସବୁ ଭୂମିକା ଅଭିନୟ କରିବାକୁ ହେବ, ତାହା ରଙ୍ଗମଞ୍ଚରେ ଠିକ୍ ଏହି ବୟସର ବାଳକଦ୍ୱାରା ଅଭିନୟ କରିବା କେବେହେଁ ସମ୍ଭବ ନୁହେଁ । ଏଠାରେ ନାଟକୀୟ ତଥ୍ୟ ଓ ଅଭିନୟ ମଧ୍ୟରେ ପାର୍ଥକ୍ୟ ଥିଲେହେଁ ରଙ୍ଗମଞ୍ଚର ପାରମ୍ପରିକ ରୀତି ଅନୁସାରେ ଦର୍ଶକମାନେ ଯେ କୌଣସି ବାଳକ ଅଭିନେତାକୁ ପଞ୍ଚମ ବର୍ଷ ବୟସ୍କ ଧ୍ରୁବସ୍ୱରୂପ ଗ୍ରହଣ କରି ନେଇଥାନ୍ତି । ପୁଣି ସେହି ନାଟକରେ 'ଉତ୍ତମ'ର ବୟସ ଛଅ ବର୍ଷ, (ମାଳତୀ—ଶୁଣିଛୁ ତାଙ୍କୁ କୁଆଡ଼େ ମୋଟେ ପାଞ୍ଚ ବର୍ଷ, ଆମ ଯୁବରାଜଙ୍କୁ ଛଅ ବର୍ଷ ହେବ) (୨୧ ପୃଷ୍ଠା), ମାତ୍ର ଦ୍ୱିତୀୟ ଅଙ୍କର ଚତୁର୍ଥ ଦୃଶ୍ୟରେ ଉତ୍ତମ କହୁଛି, "ସେଦିନ ପୁରାଣରେ ପଢ଼ିଲି ଜୀବହିଂସା କରିବା ମହାପାପ"—ଏହି କଥାଟି ଅବାସ୍ତବ ବୋଲି ବୋଧ ହେଲେହେଁ ଚରିତ୍ରମାନଙ୍କର ଅତିପ୍ରାକୃତତା ସ୍ମରଣ କରି ଦର୍ଶକମାନେ ଏହାର ଅବାସ୍ତବତାଦ୍ୱାରା ବିଚଳିତ ହୁଅନ୍ତି ନାହିଁ । ପୌରାଣିକ ନାଟକ ଅଭିନୟରେ ସାଧାରଣ ରଙ୍ଗମଞ୍ଚରେ ଦେବତାମାନଙ୍କର ମାନବବେଶରେ ଅବତୀର୍ଣ୍ଣ ହୋଇ ଶୁଦ୍ଧ ଓଡ଼ିଆରେ କଥାବାର୍ତ୍ତା କରିବା ମଧ୍ୟ ଗୋଟିଏ ପାରମ୍ପରିକ ରୀତି ଓ ଦର୍ଶକମାନେ ଏଥିରେ ଅଭ୍ୟସ୍ତ; ଏଣୁ ଇନ୍ଦ୍ର, ବରୁଣ, ମହାଦେବ, ବ୍ରହ୍ମା, ନାରଦ, ପାର୍ବତୀ, ଦୁର୍ଗା ପ୍ରଭୃତି ନାନା ଦେବଦେବୀଙ୍କୁ ନାଟକୀୟ କଥାବସ୍ତୁ ମଧ୍ୟରେ ସ୍ଥାନ ଦେବାରେ ନାଟ୍ୟକାରମାନେ ଆଦୌ ଦ୍ୱିଧା ବୋଧ କରନ୍ତି ନାହିଁ । ମେଘନାଦବଧ, ମାତୃପୂଜା, ପ୍ରଣୟ ମିଳନ ପ୍ରଭୃତି ନାନା ଓଡ଼ିଆ ନାଟକରେ ଏହିପରି ଅତିପ୍ରାକୃତଚରିତ୍ରମାନଙ୍କୁ

ସ୍ଥାନ ଦିଆଯାଇଅଛି । ଦେବତାମାନେ ଆସି ବର ଦେବା, ସେମାନଙ୍କର ସ୍ତବସ୍ତୁତିଦ୍ୱାରା ଭକ୍ତିଭିତ୍ତିରେ ସାହାଯ୍ୟକର କରିବା, ସେମାନଙ୍କ ସାହାଯ୍ୟରେ ବଳୀୟାନ୍ ହୋଇ କଷ୍ଟସାଧ୍ୟ ବିଷୟମାନଙ୍କରେ ସଫଳକାମ ହେବା ପ୍ରଭୃତି ପ୍ରଦର୍ଶିତ ବିଷୟମାନ ଓଡ଼ିଆ ନାଟକର ଅନ୍ତରସ୍ପ-ର୍ଶନରୁ ଲୋକମାନଙ୍କ ମଧ୍ୟରେ ଏତେଦୂର ସୁପ୍ରଚଳିତ ଓ ଯାତ୍ରା ସୁଅଙ୍ଗମାନଙ୍କରେ ଅବାଧ ପ୍ରଚଳନ ହେତୁରୁ ଓଡ଼ିଶାର ପ୍ରତିପଲ୍ଲୀରେ ଏତେଦୂର ପରିଚିତ ଯେ, ଏମାନଙ୍କର ଅବାସ୍ତବତା ବିଷୟରେ କେହି ଆପତ୍ତି କରନ୍ତି ନାହିଁ ଓ ଅସଙ୍କୋଚରେ ଏପ୍ରକାର ଅଭିନୟ ସାଧାରଣ ନାଟ୍ୟଶାଳାମାନଙ୍କରେ ହୋଇଥାଏ । ପୁଣି କେତେକ ନାଟକରେ (ଯଥା—କାର୍ତ୍ତିବୀର୍ଯ୍ୟ, ସହସ୍ରାର୍ଜୁନ) ନାରଦ, ରାଜଲକ୍ଷ୍ମୀ, ମାତୃଦେବୀ ପ୍ରଭୃତି ଅତିପ୍ରାକୃତଚରିତ୍ରମାନଙ୍କର ସଙ୍ଗୀତ ଗାଇବା ମଧ୍ୟ ଗୋଟିଏ ନାଟକୀୟ ରୀତିରେ ପରିଣତ ହୋଇଅଛି ଓ ବିକଟାକାର ଡାକିଣୀ, ଯୋଗିନୀ ପ୍ରଭୃତି ଚରିତ୍ରମାନଙ୍କର ରଙ୍ଗମଞ୍ଚରେ ଗୀତ ଗାଇବା ସେକ୍ସପିଅରଙ୍କ ନାଟ୍ୟ-କଳାର ଅନୁକରଣରୁ ଗୋଟିଏ ନାଟକୀୟ ରୀତିସ୍ୱରୂପ ଗୃହୀତ ହୋଇଅଛି । (ଧ୍ରୁବ ତପସ୍ୟା, ସୁମାଧ୍ୱସେବ) । ନୃତ୍ୟର ଆବିର୍ଭାବ ଓ ଗୀତ ଗାଇବା ସମ୍ବଳିତ ନୃତ୍ୟ ମଧ୍ୟରେ ଏହାର ଅପରିହାର୍ଯ୍ୟତା ଓ କୌଣସି ସମ୍ମୁଖ ଲୋକର ନିକଟ ଭବିଷ୍ୟତରେ ଘଟିବାର ସମ୍ଭାବ୍ୟତାର ଉଲ୍ଲେଖ ମଧ୍ୟରେ ଏକ ଦିଗରେ ସଙ୍ଗୀତ ଅନୁପ୍ରବେଶ କରିବାର ଅବସର ହେଇଅଛି ଓ ଅନ୍ୟ ଦିଗରେ ନାଟ୍ୟକାରଙ୍କୁ ନାଟକର କଥାବସ୍ତୁ ଉପରେ ବ୍ୟାଖ୍ୟା କରିବାର ସୁବିଧା ମଧ୍ୟ ମିଳୁଅଛି; ଏଣୁ ଏପରି ବ୍ୟବହାର ଅନେକ ପୌରାଣିକ ନାଟକରେ ଗୋଟିଏ ନାଟକୀୟ ରୀତି ରୂପରେ ଅନୁସୃତ ହେଉଅଛି ।

ଦେବଚରିତ୍ରମାନଙ୍କ ଭିନ୍ନ କେତେକ ସାଧାରଣ ନାଟକୀୟ ଚରିତ୍ରର ବ୍ୟବହାର ମଧ୍ୟ ନାନା ନାଟକୀୟ ସ୍ତରରେ ପରିବର୍ତ୍ତିତ ହୋଇଅଛି । ଯେଉଁଠାରେ ରାଜାଙ୍କର ଭୂମିକା ଅଛି, ସେଠାରେ ସାଧାରଣତଃ ମନ୍ତ୍ରୀ, ସେନାପତି ଓ ବିଦୂଷକଚରିତ୍ର ମଧ୍ୟ ସଂଯୋଜିତ ହୋଇଅଛି । ବିଦୂଷକର ଭୋଜନବିଳାସକୁ ଅବଲମ୍ବନ କରି ହାସ୍ୟ, ପରିହାସ ଓ ରାଜ-ଦରବାରରେ ନୃତ୍ୟଗୀତର ଅବସର ମଧ୍ୟ ନାଟକରେ ରହିଅଛି । ନାୟିକାର ଭୂମିକା ଥିଲେ ଏହାପରି ସଖୀମାନଙ୍କର ନୃତ୍ୟ, ଗୀତ ଓ କୁସୁମ ଚୟନ ଆଦି କାର୍ଯ୍ୟ ମଧ୍ୟ ବର୍ଣ୍ଣିତ ହୋଇଥାଏ । ସଂସ୍କୃତ ନାଟ୍ୟ ରୀତିକୁ ଅନୁସରଣ କରି ଏ ସମସ୍ତ ଓଡ଼ିଆ ନାଟକମାନଙ୍କରେ ଅବାଧରେ ବ୍ୟବହୃତ

ହୋଇଅଛି । ସୈନିକ, ନାଗରିକ ପ୍ରଭୃତି ଭୂମିକାଦ୍ୱାରା ହାସ୍ୟରସର ଅବତାରଣା କରାଯାଇଥାଏ । ସୈନିକମାନଙ୍କୁ ଖଞ୍ଜ, ପ୍ରହରୀମାନଙ୍କୁ ନିଦ୍ରାଳୁ ଓ କର୍ମବିମୁଖ, ନାଗରିକମାନଙ୍କୁ କଳହପ୍ରିୟ ଓ ଭୀରୁସ୍ୱଭାବ, ପ୍ରଭୃତି ଭାବରେ ଚିତ୍ରିତ କରିବା ଓଡ଼ିଆ ନାଟକମାନଙ୍କରେ ପ୍ରଚଳିତ ରୀତି । ବଙ୍ଗଳା ନାଟକମାନଙ୍କରୁ ଏହି ରୀତି ଓଡ଼ିଆ ନାଟକରେ ଅନୁପ୍ରବେଶ ହୋଇଅଛି । ବାସ୍ତବରେ ଏଗୁଡ଼ିକ ନାଟକୀୟ ରୀତିମାତ୍ର ଓ ଦର୍ଶକମାନେ ଏଥିରେ ଅଭ୍ୟସ୍ତ ହୋଇ ନ ଥିଲେ ଏହାର ଅବାସ୍ତବତା ସହଜରେ ବୁଝି ପାରନ୍ତେ ।

ନାଟକୀୟ ଚରିତ୍ରଗୁଡ଼ିକ ଯେଉଁ ଭାଷା ବ୍ୟବହାର କରନ୍ତି, ସେଥିରେ ମଧ୍ୟ ନାନା ପ୍ରଚଳିତ ରୀତି ଦେଖାଯାଏ । ଦେବତାମାନେ ରଙ୍ଗମଞ୍ଚରେ ମାନବବେଶରେ ଅବତୀର୍ଣ୍ଣ ହୋଇ ବିଶୁଦ୍ଧ ଓଡ଼ିଆରେ କଥାବାର୍ତ୍ତା କରିବା ଏପରି ଗୋଟିଏ ରୀତି । ଏହା ଅସମୀଚୀନ ଓ ଅବାସ୍ତବ ହେଲେହେଁ ଓଡ଼ିଆ ନାଟକରେ ଏପରି ବ୍ୟବହାର ଅପରିହାର୍ଯ୍ୟ । ବିଦେଶୀୟ ଲୋକମାନଙ୍କର ଭୂମିକାରେ ମଧ୍ୟ କେତେଗୁଡ଼ିଏ ରୀତି ଅନୁସୃତ ହୋଇଥାଏ ଓ ସେମାନଙ୍କ ମୁଖରେ ମଧ୍ୟ ଓଡ଼ିଆ ଭାଷାର ବ୍ୟବହାର ଦେଖାଯାଇଥାଏ । 'ଚୌଦ୍ରିକେଶା'ରେ ଇସମାଇଲ, ହୋସେନ ଖାଁ, କୋଟଲ୍ ଖାଁ, ସୁଲତାନା ପ୍ରଭୃତି ଯେତେବେଳେ ନିଜ ନିଜ ମଧ୍ୟରେ ଓଡ଼ିଆରେ କଥାବାର୍ତ୍ତା କରନ୍ତି ଓ ଓଡ଼ିଆ ଭାଷା ବ୍ୟାପକଭାବରେ ବ୍ୟବହାର କରନ୍ତି, ସେତେବେଳେ ସେ ସବୁ ଦୃଶ୍ୟର ଅବାସ୍ତବତା କାହାରି ଦୃଷ୍ଟି ଆକର୍ଷଣ କରେ ନାହିଁ । କାରଣ ତାହା ଗୋଟିଏ ନାଟ୍ୟରୀତି ମାତ୍ର । ଏହିପରି ରୀତି ପ୍ରଚଳିତ ନ ଥିଲେ ଏସବୁ ଚରିତ୍ରକୁ ଅବଲମ୍ବନ କରି ନାଟକ ରଚନା କରିବା ସମ୍ଭବପର ହୁଅନ୍ତା ନାହିଁ । ଓଡ଼ିଆ ନାଟକ-ମାନଙ୍କ ମଧ୍ୟରେ 'କଳାକାଳ' ନାଟକରେ ପ୍ରଥମରେ ବିଜାତୀୟ ଚରିତ୍ରର ବ୍ୟବହାର କରାଯାଇଥିଲା, ମାତ୍ର ସେଥିରେ ନାଟ୍ୟକାର ବିଜାତୀୟଚରିତ୍ର-ମାନଙ୍କ ମୁଖରେ ସେମାନଙ୍କର ନିଜ ନିଜ ଜାତୀୟ ଭାଷାର ବ୍ୟବହାର କରିଥିଲେ । ସେହି କାରଣରୁ ସେମାନଙ୍କୁ ଅଳ୍ପ କଥାର ଭୂମିକା ମଧ୍ୟ ଦିଆଯାଇଥିଲା ଓ ଗୋଟିଏ ଦୃଶ୍ୟରେ ଜଜ ସାହେବ କେବଳ 'ଫାଶି' ଏହି ଗୋଟିଏ ଶବ୍ଦର ଉଚ୍ଚାରଣ କରିବା ନାଟକରେ ଦେଖାଯାଇଅଛି । ପରବର୍ତ୍ତୀ ନାଟକରେ ( ସୁଚଧର୍ମ ) ସ୍ଥାନେ ସ୍ଥାନେ ବିଜାତୀୟ ଲୋକଙ୍କ ମୁଖରେ ବିକୃତ ଓଡ଼ିଆ ଭାଷାର ବ୍ୟବହାର କରାଯାଇଥିଲା । ମାତ୍ର ପରବର୍ତ୍ତୀ ନାଟକମାନଙ୍କରେ ବିଜାତୀୟ ଲୋକଙ୍କୁ ଅଧିକ ଭୂମିକା ଦେବା ପ୍ରୟୋଜନ

ହେବାରୁ ଗୌଡ଼ବିଜେତା, ମିର୍‌କାଶିମ୍‌, ତାଜମହଲ, ଜହୁଲଗୌରବ, ଭବାନୀ, କଣ୍ଟଭଣ୍ଡାର ପ୍ରଭୃତି ନାଟକରେ ସେମାନଙ୍କ ମୁଖରେ ବିଶୁଦ୍ଧ ଓଡ଼ିଆ ଭାଷାର ବ୍ୟବହାର କରାଯାଇଅଛି ଓ ତାହା ଅବାସ୍ତବ ହେଲେହେଁ ନାଟକୀୟ ରୀତି ଅନୁସାରେ ପ୍ରଚଳିତ ହୋଇଅଛି । ନାଟକୀୟ ରସସୃଷ୍ଟିର ଯେ ବ୍ୟାଘାତ ତାହା ନାହିଁ କହିବା କାରଣ କେତେକ ସ୍ଥାନରେ ଭାଷାଗତ ଇଙ୍ଗିତ ଦିଆଯାଇଅଛି ଓ ଏପରି ବ୍ୟବହାର ମଧ୍ୟ ନାଟକୀୟ ରୀତିରେ ପର୍ଯ୍ୟବସିତ ହୋଇଅଛି । ଉଦାହରଣ—"କାଫେର, କାମ ଫତେ ହୁଆ ସାହେବ" (ଗୌଡ଼ବିଜେତା ୭୦ ପୃଷ୍ଠା) "ନସୀବ ପିଶ୍‌କି ଖରାପ ହସ୍‌କୁ ଦେଖନେବାଲେ ଦୁନିଆ ମେ କୌନ୍ ହ୍ୟାଯ୍" (ଗୌଡ଼ବିଜେତା ୧୦୧ ପୃଷ୍ଠା) "ଖୋଦା, ଅଲ୍ଲା ଆପ ବଡ଼ା ମେହେରବାନ" (ଗୌଡ଼-ବିଜେତା ୧୦୧ ପୃଷ୍ଠା) "ଯଦା ବେହସ୍ତ ଛାଡ଼ି ଗରକାକ ଦୋଜକରେ ବାସ କରିବାକୁ ହୁଏ" (ମିର୍ କାଶିମ ୬ ପୃଷ୍ଠା) କିମ୍ବା ନୁହେଁ ବେଟା, କସୁର ଜାହାଁପନା, ବନ୍ଦେଗି ବାଦଶା ସଲାମ୍ (ମିର୍‌କାଶିମ ୧୯ ପୃଷ୍ଠା) ଏହିସବୁ ଉକ୍ତିରେ ଓଡ଼ିଆ ଭାଷା ମଧ୍ୟରେ ଯାବନିକ ଶବ୍ଦମାନଙ୍କୁ ଅନୁପ୍ରବିଷ୍ଟ କରାଇ ଚତୁର ନାଟ୍ୟକାରମାନେ ନାଟକୀୟ ଭୂମିକାରେ ଯବନର ଚରିତ୍ର ଅବତାରଣା ହୋଇଅଛି, ଏହା ଦର୍ଶକମାନଙ୍କୁ ସ୍ମରଣ କରାଇ ଦେଇଥାନ୍ତି । ଯବନଭାଷାର ବ୍ୟବହାର ସମ୍ବନ୍ଧରେ ଆଉ ଗୋଟିଏ ନାଟକୀୟ ରୀତି ମଧ୍ୟ ଦେଖାଯାଇଥାଏ । ସାଧାରଣତଃ ଦର୍ଶକମାନେ ଯେଉଁ ପ୍ରଦେଶ ଭିତରେ ଅଭ୍ୟସ୍ତ, ସେମାନେ ହିନ୍ଦୀ ଭାଷା ବ୍ୟବହାର କରନ୍ତି ଓ ସେମାନଙ୍କ ମଧ୍ୟରେ ଓଡ଼ିଆ ସେତେ ପ୍ରଚଳିତ ନୁହେଁ; ତେଣୁ ଅନେକ ନାଟକରେ ପ୍ରହସ-ଚରିତ୍ର ଭୂମିକାରେ ପ୍ରଚଳିତ ରୀତି ଅନୁସାରେ ହିନ୍ଦୀ କଥୋପକଥନ ଦର୍ଶକମାନଙ୍କ ପକ୍ଷରେ ଅବାସ୍ତବ ବୋଲି ବୋଧ ହୁଏ ନାହିଁ । 'ସୁଦାମା', 'ପ୍ରଭୁମିଳନ' ପ୍ରଭୃତି ନାଟକରେ ଯେଉଁ ନାଟକୀୟ କାଳ ନିର୍ଦ୍ଦେଶିତ ହୋଇଅଛି, ସେକାଳରେ ହିନ୍ଦୀ ଭାଷାର ବ୍ୟବହାର ବାସ୍ତୁଣ । ମାତ୍ର ଦର୍ଶକମାନେ ପ୍ରଚଳିତ ରୀତିକୁ ଅନୁସରଣ କରି ଏହି ଅବାସ୍ତବତା ପ୍ରତି ଅବହିତ ହୁଅନ୍ତି ନାହିଁ ଓ ନାଟ୍ୟକାରମାନେ ମଧ୍ୟ ଏହି ରୀତିକୁ ଅବଲମ୍ବନ କରିବାରେ ଦ୍ୱିଧା ବୋଧ କରନ୍ତି ନାହାନ୍ତି । ଯେଉଁଠାରେ ଇଂରେଜ-ଚରିତ୍ର ଓଡ଼ିଆ ନାଟକରେ ଦିଆଯାଇଅଛି ସେଠାରେ ସେମାନଙ୍କ ମୁଖରେ ବିକୃତ ଓଡ଼ିଆ ଭାଷା ବ୍ୟବହାର କରିବାହିଁ ନାଟକୀୟ ରୀତି ଓ 'ସ୍ୱଧର୍ମ', 'ସୁଶୀଳା' ପ୍ରଭୃତି ନାଟକରେ ଏହି ରୀତି ଅନୁସୃତ ହୋଇଅଛି । ଏହି

ରୀତି ବିଶେଷ ପ୍ରଚଳିତ ଥିବାରୁ 'ଲୀଳାବତୀ' ନାଟକରେ ମେକେଞ୍ଜିର ସାହେବଙ୍କ ମୁଖରେ ବିକୃତ ଓଡ଼ିଆ ଭାଷାର ବ୍ୟବହାର କରିବା ସ୍ଥଳେ "ଏ ମେକେଞ୍ଜିର ସାହେବ ବଡ଼ ଭଲ୍ ଆଦମ—ଓଡ଼ିଆ କହିବାରେ ତାଙ୍କ ପାଟି ଅଟକି ଯାଉ ନାହିଁ," (ରାମଶଙ୍କର ଗ୍ରନ୍ଥାବଳୀ ୧୦୮ ପୃଷ୍ଠା) ଏହିପରି ଉକ୍ତି ଅନ୍ୟ କୌଣସି ଚରିତ୍ର ମୁଖରେ ଦେଇ ଏହିପରି ଭାଷାର ବ୍ୟବହାରକୁ ସମର୍ଥନ କରୁଅଛନ୍ତି । 'କାଟକବାସ୍ତୁ' ନାଟକରେ କିନ୍ତୁ ନାଟ୍ୟକାର ଇଂରେଜ ଅଫିସରମାନଙ୍କ ମୁଖରେ ବିଶୁଦ୍ଧ ଓଡ଼ିଆ ଅଭିଭାଷଣ ଉଚ୍ଚାରଣ କରାଇ ଦେଇଅଛନ୍ତି ଓ ଅଭିନୟ ସମୟରେ ଏହା ନିତାନ୍ତ ଅସଙ୍ଗତ ବୋଧ ହେଉଥିଲେହେଁ ଦର୍ଶକମାନେ ଏହାକୁ ନାଟକୀୟ ରୀତିରୂପେ ସ୍ୱୀକାର କରି ନେଅନ୍ତି । ପୂର୍ବେ ଓଡ଼ିଆ ନାଟକମାନଙ୍କରେ ଇଂରେଜମାନଙ୍କ ମୁଖରେ ବିକୃତ ଓଡ଼ିଆର ବ୍ୟବହାର ଦିଆଯାଉଥିଲା, ମାତ୍ର ଇଂରାଜୀ ଶିକ୍ଷାର ବ୍ୟାପକ ପ୍ରସାର ସଙ୍ଗେ ସଙ୍ଗେ ଅଭିନୟ ଦର୍ଶକମାନଙ୍କ ମଧ୍ୟରେ ଇଂରାଜୀ ଭାଷା ବୁଝି ପାରିବାର କ୍ଷମତା କ୍ରମଶଃ ବୃଦ୍ଧି ପ୍ରାପ୍ତ ହେବାରୁ ଆଧୁନିକ ଅନେକ ନାଟକରେ ବିଶୁଦ୍ଧ ଇଂରାଜୀ ଭାଷାର ବ୍ୟବହାରରୀତି ମଧ୍ୟ ପ୍ରଚଳିତ ହୋଇଅଛି । ଏ ବିଷୟରେ 'ଭଉଣୀ', 'ମାଷ୍ଟର ବାବୁ', 'ପରୀକ୍ଷାର ଫଳ' ପ୍ରଭୃତି ନାଟକରେ ବ୍ୟବହୃତ ଭାଷା ଉଦାହରଣସ୍ଥଳ । 'ହୃଦ୍‌ରମଣୀ'ର ସ୍ଥାନେ ସ୍ଥାନେ ବ୍ୟବହୃତ ଇଂରାଜୀ ଭାଷା ଓ ତହିଁରେ ଥିବା ଇଂରାଜୀ ଶବ୍ଦ ମିଶ୍ରିତ ଉକ୍ତିଗୁଡ଼ା ମଧ୍ୟ ଇଂରାଜୀ ଶିକ୍ଷାର ବିସ୍ତୃତିକୁ ଇଙ୍ଗିତ କରୁଅଛି ।

ନାଟକୀୟ ଚରିତ୍ରମାନଙ୍କର ଚାରିତ୍ର୍ୟାନୁଯାୟୀ ଭାଷା ବ୍ୟବହାର ଭଳି ଅଭିନୟ ସମୟରେ ଅନ୍ୟ କେତେଗୁଡ଼ିଏ ଭାଷାଗତ ନାଟ୍ୟ ରୀତି ମଧ୍ୟ ଦେଖାଯାଇଥାଏ । ରଙ୍ଗମଞ୍ଚ ଉପରେ କୌଣସି ଅସୁସ୍ଥ-ମୂର୍ଚ୍ଛା-ଅଚେତନା ହୋଇ ଶଯ୍ୟାରେ ଶାୟିତ ହୋଇ ଯେତେବେଳେ କେତେକ ଶବ୍ଦ ଉଚ୍ଚାରଣ କରେ, ସେତେବେଳେ ସେହି ଭାଷାର ଅବାସ୍ତବତା ପ୍ରତି ଦର୍ଶକମାନେ ଅବହିତ ହୁଅନ୍ତି ନାହିଁ । ହେମମାଳୀ ରୋଗଗ୍ରସ୍ତ, ତାହାର ମୃତ୍ୟୁ ଆସନ୍ନ କିନ୍ତୁ ସେ ଅବସ୍ଥାରେ ସେ ଲୀଳାବତୀକୁ ରଙ୍ଗମଞ୍ଚ ଉପରେ କେତେକ ଉପଦେଶ ଦେଉଅଛି ଓ ନାଟ୍ୟକାର ଅଭିନୟ ନିର୍ଦ୍ଦେଶରେ 'ଧୀରେ ଧୀରେ' "କ୍ଷୀଣସ୍ୱରେ" ପ୍ରଭୃତି ନିର୍ଦ୍ଦେଶ ଦେଇଥିଲେହେଁ ତାଙ୍କର ଉଚ୍ଚାରିତ କଥା ନାଟ୍ୟଶାଳାରେ ଉପସ୍ଥିତ ଥିବା ସମସ୍ତ ଦର୍ଶକମାନଙ୍କର ଶ୍ରୁତିଗୋଚର ହେବା ଏହିପରିଭାବରେ ଅଭିନୀତ ହୋଇଥାଏ ଓ ଦର୍ଶକମାନେ ହେମମାଳୀର କଥା ଶୁଣିବାକୁ ଉତ୍କଣ୍ଠ ଥିବାରୁ ଅଭିନୟର ଅବାସ୍ତବତା

ଦୂଷଣୀୟ ମନେ କରନ୍ତି ନାହିଁ ଓ ନାଟ୍ୟକାର ମଧ୍ୟ ଅବାଧରେ ଏ ପ୍ରକାର ଦୃଶ୍ୟ ରଚନା କରିଥାନ୍ତି । ଅସହନୀୟ ରୋଗୀର ପ୍ରକାଶ୍ୟ ରଙ୍ଗମଞ୍ଚରେ କଥା କହିବା ଓ ମୁମୂର୍ଷୁ ବ୍ୟକ୍ତିର ଅସଂଲଗ୍ନଭାବରେ ମାତ୍ର ଉଚ୍ଚସ୍ୱରରେ ଢେରତକ କଥା ଉଚ୍ଚାରଣ କରି ମୃତ୍ୟୁକୁ ଆଲିଙ୍ଗନ କରିବାର ଅଭିନୟ ଏହିପରିଭାବରେ ଗୋଟିଏ ନାଟକୀୟ ରୀତିରେ ପର୍ଯ୍ୟବସିତ ହୋଇଅଛି । 'ହେମ୍ଲେଟ୍' ପ୍ରଭୃତି ଅନେକ ନାଟକରେ ଏହି ରୀତିର ସ୍ୱଳ୍ପ ପରିବର୍ତ୍ତିତ ବ୍ୟବହାର ମଧ୍ୟ ଦେଖାଯାଇଥାଏ ।

ନାଟକରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ମଧ୍ୟ ଏହିପରି ଗୋଟିଏ ନାଟକୀୟ ରୀତି ବୋଲି ଗଣନା କରାଯାଇ ପାରେ । ବାସ୍ତବରେ ସାଧାରଣ କଥୋପକଥନ ସମୟରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଏତେ ଅବାସ୍ତବ ଯେ, ସେଥିରେ ଦର୍ଶକମାନେ ଅଭ୍ୟସ୍ତ ନ ହେଲେ ଓ ପ୍ରଥମରୁ ପ୍ରଚଳିତ ରୀତି ବୋଲି ଏହି ଅବାସ୍ତବତାକୁ ସ୍ୱୀକାର ନ କଲେ ନାଟକରେ ଅଭିନୟ ସମୟରେ ଏପରି ବ୍ୟବହାର ନିତାନ୍ତ ହାସ୍ୟକର ବୋଧ ହୁଅନ୍ତା । 'ଚୈତନ୍ୟଲୀଳା'ରେ ଶ୍ରୀନିବାସଙ୍କ ଗୃହରେ କୀର୍ତ୍ତନ ହେବାର ବ୍ୟବସ୍ଥା ହୋଇଅଛି । ଶ୍ରୀନିବାସ ଏଥିପାଇଁ ବ୍ୟସ୍ତ, ମାତ୍ର ତାଙ୍କର ପୁତ୍ର ଦାରୁଣ ରୋଗରେ ଆକ୍ରାନ୍ତ ଓ ମରଣାପନ୍ନ । ଏହି ସମୟରେ ତାଙ୍କର ସ୍ତ୍ରୀ ଏକମାତ୍ର ପୁତ୍ରର ଚିକିତ୍ସା କରିବା ନିମନ୍ତେ ତାଙ୍କୁ ଅନୁରୋଧ କରିବା କାରଣ ରଙ୍ଗମଞ୍ଚରେ ପ୍ରବେଶ କରି 'ବ୍ୟସ୍ତଭାବ'ରେ ତାଙ୍କୁ କହୁଅଛନ୍ତି—

"ହରିବାକୁ ହେବ ଯେବେ ରହିବ ସଂସାରେ
ପଥର ଗଣ୍ଡିକ ଭଳି କେ କରେ ଧାରଣ ?
ପୁରୁଷାର୍ଥ ପ୍ରୟୋଜନ ସଂସାରବନ୍ଧନରେ,—
ଜାଣିବ କିପରି ଶାନ୍ତି ଦାମ କି ଅଦାମ ?
ବାଧିକ ଗୁହିଁଲେ ଖାଲି ଶସ୍ୟ ନ ମିଳିବ
ନ କଲେ କରମ ତଥା କରମକୁ ଟେକେବ
ନ ପାଏଟି ସୁଖ । ନଷ୍ଟ ନ କର ସମୟ—
ବେଳ ଥାଉଁ ପ୍ରତିକାର କର, ବୈଦ୍ୟ ଲୋଡ଼ା ।"

ଏହି ଅମିତ୍ରାକ୍ଷର ପଦ୍ୟମୟ ଭାଷା ହୃଦୟର ଉତ୍ତେଜନାର ପରିଚୟ ଦେଉ ନାହିଁ ଓ ବାସ୍ତବ ମଧ୍ୟ ନୁହେଁ; କିନ୍ତୁ ଏପରି ଭାଷାର ବ୍ୟବହାର ନାଟକୀୟ ରୀତି ଅନୁସାରେ ପ୍ରଚଳିତ ଓ ଏହାର ଅବାସ୍ତବତା ଦେଖି

ନାଟ୍ୟକାରମାନେ ଭଞ୍ଜ ଅମିତ୍ରାକ୍ଷର ଛନ୍ଦର ପ୍ରଚଳନ କରିଥିଲେ । କ୍ରମଶଃ ଆଧୁନିକ ନାଟକମାନଙ୍କରେ କେବଳ ଗଦ୍ୟର ବ୍ୟବହାର ଦେଖାଯାଉଅଛି, ମାତ୍ର ଯେଉଁ ଯେଉଁ କ୍ଷେତ୍ରରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରାଯାଇଅଛି, ତାକୁ ନାଟକୀୟ ରୀତି ବୋଲି ଗ୍ରହଣ କରିବାରେ ବର୍ତ୍ତମାନ ମଧ୍ୟ ବାଧା ନାହିଁ । ନାଟକରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ସେକ୍ସପିଅରଙ୍କ ଅମଳରୁ ପ୍ରଚଳିତ ରୀତି ରୂପରେ ବ୍ୟବହୃତ ହେଉଅଛି । ଏହି ରୀତିକୁ ଅବାସ୍ତବ ବୋଲି ଜାଣି ମଧ୍ୟ ନିଜ ଲେଖାର ଗୌରବ ବୃଦ୍ଧି ନିମନ୍ତେ ନାଟ୍ୟକାରମାନେ ଏହାର ବ୍ୟବହାର କରିଥାନ୍ତି । ଏପରି ବ୍ୟବହାରରେ ଅଭ୍ୟସ୍ତ ହୋଇଥିବାରୁ ଦର୍ଶକମାନେ ଅଭିନୟକାଳୀନ ଅବାସ୍ତବତାକୁ ଭୁଲିଯାଇ ଏହାର ରସାସ୍ୱାଦନ କରି ପାରନ୍ତି ।

କେତେକ ଓଡ଼ିଆ ନାଟକରେ 'ଦୈବବାଣୀ' ପ୍ରଭୃତିର ବ୍ୟବହାର ମଧ୍ୟ ଦେଖାଯାଏ । ପୁରାଣାଦିରେ ଏପରି ଦୈବବାଣୀର ଉଲ୍ଲେଖ ଥିବାରୁ ଏହାର ଅବାସ୍ତବତା ପ୍ରତି ଅବହିତ ନ ହୋଇ ଦର୍ଶକମାନେ ଏହାକୁ ପ୍ରଚଳିତ ନାଟ୍ୟରୀତିସ୍ୱରୂପ ଗ୍ରହଣ କରିନେଇଥାନ୍ତି । କିନ୍ତୁ ଅଭିନୟ ସମୟରେ ଏହା ଘେନି ନାନା ଅସୁବିଧା ଉପସ୍ଥିତ ହୁଏ । 'ଦୈବବାଣୀ'-ନେପଥ୍ୟରୁ ଉଚ୍ଚାରିତ ହୁଏ, ମାତ୍ର ଏହି ଉଚ୍ଚାରିତ ବାଣୀ କିଏ କହୁଅଛି, ଏ ବିଷୟରେ ଅଭିନୟ ଦର୍ଶକମାନଙ୍କର ସନ୍ଦେହ ହେବା ସ୍ୱାଭାବିକ । କାରଣ ନାଟକ ପାଠ କରିବା ସମୟରେ ନାଟ୍ୟକାରଙ୍କର ନିର୍ଦ୍ଦେଶ ହସ୍ତଗତରେ ଥିବାରୁ ପାଠକର ଭ୍ରମ ହୋଇ ପାରେ ନାହିଁ । ମାତ୍ର ଅଭିନୟ ଦର୍ଶନ ସମୟରେ ଏପରି ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ । ଏହି କାରଣରୁ ବିଷୟବସ୍ତୁକୁ ସମ୍ୟକ୍ ଅନୁଧାବନ କରିବାରେ ଦର୍ଶକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ନାଟ୍ୟକାରମାନଙ୍କୁ ନାନା ଉପାୟ ଅବଲମ୍ବନ କରିବାକୁ ହୋଇଥାଏ । 'କାଞ୍ଚିବିଜୟ' ନାଟକରେ ପଦ୍ମିନୀ ଦୈବବାଣୀ ଶୁଣିଲେ, "ପଦ୍ମିନୀ ହତାଶ ହୁଅନା, ଛଦ୍ମବେଶରେ ଅବନ୍ତୀକୁ ଯାଅ"……ଇତ୍ୟାଦି ଓ ଏହା ଯେ ଦୈବବାଣୀ ଏହା ସୁସ୍ପଷ୍ଟ କରିବା ନିମନ୍ତେ ପଦ୍ମିନୀମୁଖରେ ନାଟ୍ୟକାର କୁହାଇ ଅଛନ୍ତି, "ଏ କାହାର ଆଦେଶ ? ଦୈବବାଣୀ ? କିଏ କହିବ ? ବାଟ ସେ ଜାଣେ ନା" (୯୫ ପୃଷ୍ଠା) । ଏହିପରି ଲେଖିବାଦ୍ୱାରା ପୂର୍ବ କଥାଗୁଡ଼ିକ ଯେ ଦୈବବାଣୀ ସେ ବିଷୟରେ ଦର୍ଶକମାନଙ୍କୁ ସୁସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଅଛି । ଏହିପରି ସାବିତ୍ରୀ ନାଟକରେ 'ତଥାସ୍ତୁ, ତଥାସ୍ତୁ' ଏହି ଦୈବବାଣୀ ଶୁଣି, "କାହାର ଆଶ୍ୱାସନାବାକ୍ୟ ଏହି ? ବିବେକ ?"

ସାବିତ୍ରୀ ଏହିପରି କହିବା ଦ୍ୱାରା ଏହି ଶବ୍ଦଗୁଡ଼ିକ ଯେ କୌଣସି ଅପାର୍ଥିବ ଅଶରୀରୀ ବ୍ୟକ୍ତିଦ୍ୱାରା ଉଚ୍ଚାରିତ ତାହାର ନିର୍ଦ୍ଦେଶ ଦିଆଯାଇଅଛି (ସାବିତ୍ରୀ ୮୯ ପୃଷ୍ଠା)। ସାବିତ୍ରୀ ନାଟକର ଅନ୍ୟତ୍ର ଉକ୍ତପଦ ମଧ୍ୟ ଦୈବବାଣୀ ଶୁଣି ସନ୍ତୁଷ୍ଟ ହେବାର ବର୍ଣ୍ଣନା କରାଯାଇଅଛି। ଅଭିନୟ ସମୟରେ ଦୈବବାଣୀ-ଗୁଡ଼ିକ ନେପଥ୍ୟରୁ ଉଚ୍ଚାରିତ ହେଉଥିବା ସ୍ଥଳେ ଏହିପରି ଇଙ୍ଗିତ ଦେବା ମଧ୍ୟ ନାଟକୀୟ ରୀତି ମଧ୍ୟରେ ପରିଗଣିତ। 'କାଞ୍ଚୀକାବେରୀ' ନାଟକରେ ଯେତେବେଳେ ପୁରୁଷୋତ୍ତମ ଦେବ ପ୍ରଥମ ଚେଷ୍ଟାର ପରେ ନିତାନ୍ତ ସନ୍ତପ୍ତ, ସେତେବେଳେ ପୁନର୍ବାର ଯୁଦ୍ଧପାଇଁ ଉତ୍ସାହ ଦେବା ନିମନ୍ତେ ଦୈବବାଣୀର ବ୍ୟବହାର ସାଧାରଣତଃ ପ୍ରତ୍ୟାଶା କରାଯାଏ, ମାତ୍ର ଦୈବବାଣୀର ଅବାସ୍ତବତା ଉପଲବ୍ଧି କରି ଏଠାରେ ନାଟ୍ୟକାର ଭକ୍ତଶିରୋମଣି ଦାଶରଥି ଦାସଙ୍କ ଦ୍ୱାରା ଦୈବଆଜ୍ଞା ରାଜାଙ୍କୁ ବିଦିତ କରାଇ ଅଛନ୍ତି ଓ ଏହାଦ୍ୱାରା ଦୈବବାଣୀକୁ ଏଡ଼ାଇ ଯାଇଅଛନ୍ତି।

ଓଡ଼ିଆ ନାଟକରେ, 'ସ୍ୱଗତ', 'ଜନାନ୍ତିକେ' ପ୍ରଭୃତି ଅନ୍ୟ କେତେଗୁଡ଼ିଏ ପ୍ରଚଳିତ ରୀତି ମଧ୍ୟ ଅଛି। ଏହି ରୀତିଗୁଡ଼ିକର ଅବାସ୍ତବତା ଅଭିନୟ ସମୟରେ ଦର୍ଶକଙ୍କର ଅପ୍ରୀତିକର ହେବାରୁ ଆଧୁନିକ ନାଟକମାନଙ୍କରେ ବହୁ ସ୍ଥଳରେ ଏ ସବୁ ପରିତ୍ୟକ୍ତ ହେଉଅଛି। କିନ୍ତୁ ବର୍ତ୍ତମାନ ଲେଖା ନାଟକମାନଙ୍କରେ ସ୍ୱଗତର ବ୍ୟବହାର ଗୋଟିଏ ପ୍ରଧାନ ଓ ପ୍ରସିଦ୍ଧ ନାଟକୀୟ ରୀତି। କୌଣସି ନାଟକୀୟ ଚରିତ୍ରର ମନରେ ଦ୍ୱନ୍ଦ୍ୱ ଜାତ ହେଲେ କିମ୍ବା କଥାବସ୍ତୁ ଉପରେ ଅନ୍ୟର ଅଶ୍ରାବ୍ୟଭାବରେ କିଛି ବ୍ୟାଖ୍ୟା କରିବାକୁ ହେଲେ କିମ୍ବା କୌଣସି ମାନସିକ ଭାବକୁ ଦର୍ଶକମାନଙ୍କ ସମ୍ମୁଖରେ ପୂର୍ଣ୍ଣଭାବରେ ବର୍ଣ୍ଣନା କରିବାକୁ ହେଲେ ସାଧାରଣତଃ ସ୍ୱଗତୋକ୍ତିର ବ୍ୟବହାର କରାଯାଇଥାଏ। ସଂସ୍କୃତ ନାଟକରେ ମଧ୍ୟ ଏହିପରି କ୍ଷେତ୍ରରେ ସ୍ୱଗତୋକ୍ତିର ବ୍ୟବହାର ପ୍ରସିଦ୍ଧ। ନାଟ୍ୟକାରମାନେ ଏହାର ଅବାସ୍ତବତା ଉପଲବ୍ଧି କରନ୍ତି। ଦର୍ଶକମାନେ ମଧ୍ୟ ଏହାର ଅବାସ୍ତବତା ସ୍ପଷ୍ଟ ଅନୁଭବ କରିଥାନ୍ତି; କିନ୍ତୁ ଏହା ଗୋଟିଏ ପରମ୍ପରାଗତ ରୀତି ଥିବାରୁ ଏହାର ବ୍ୟବହାର କେହି ଦୂଷଣୀୟ ବୋଲି ମନେ କରନ୍ତି ନାହିଁ। ଦୁଇଜଣ ନାଟକୀୟ ଚରିତ୍ର କଥାବାର୍ତ୍ତା କରୁଅଛନ୍ତି, ହଠାତ୍ ତାଙ୍କ ମଧ୍ୟରୁ ଜଣେ ସ୍ୱଗତୋକ୍ତି କଲେ, ଦର୍ଶକମାନେ ସମସ୍ତେ ତାହା ଶୁଣି ପାରିଲେ, ମାତ୍ର ରଙ୍ଗମଞ୍ଚରେ ଥିବା ଅନ୍ୟ ଚରିତ୍ରଟି ତାହା ଶୁଣି ପାରିଲା ନାହିଁ, ଏହାଠାରୁ ହାସ୍ୟକର ବିଷୟ ଅଭିନୟ ସମୟରେ ଆଉ କଣ ହୋଇ ପାରେ ?

ପୁନଶ୍ଚ କୌଣସି ନାଟକୀୟ ଚରିତ୍ର ଅଭିନୟ ସମୟରେ ଯାହା କହିଲା, ତାହା 'ସ୍ୱଗତ' କି ପ୍ରକାଶ୍ୟ, ତାହା ଦର୍ଶକମାନେ କିପରି ବୁଝି ପାରିବେ ? ଏହି ସବୁ କାରଣରୁ 'ସ୍ୱଗତ' ରୀତ୍ୟନୁସାରେ ବ୍ୟବହାର କରିବା ସମୟରେ ନାଟ୍ୟକାରମାନେ ନାନା ଭଙ୍ଗି ଦ୍ୱାରା ସ୍ୱଗତୋକ୍ତିର ସାଧାରଣ ଅପ୍ରକାଶ୍ୟତା ବିଷୟରେ ସୂଚନା ଦେଇଥାନ୍ତି । 'କଳାକାଳ' ନାଟକରେ କୃତ୍ତିଚନ୍ଦ୍ର ଯେତେବେଳେ ଲିନ୍‌ସେଷ୍ଟରଙ୍କ କଥା ଶୁଣି 'ସ୍ୱଗତ' କହିଲେ, "ହାୟ ! ଏହା ଆଗେ ନ ମଲି କାହିଁକି ?" (ରାମଶଙ୍କର ଗ୍ରନ୍ଥାବଳୀ ୧୮୮ ପୃଷ୍ଠା) ଲିନ୍‌ସେଷ୍ଟର କହିଲେ—"ଡିଏଲ୍, ତୁମେ କବାବ୍ ଦେଉଣ୍ଡି ?"...ଅର୍ଥାତ୍ ଏଥିପୂର୍ବରେ କୃତ୍ତିଚନ୍ଦ୍ର ଯାହା କହିଲେ, ତାହା ସ୍ୱଗତୋକ୍ତି ଓ ଲିନ୍‌ସେଷ୍ଟର ବା ରଙ୍ଗମଞ୍ଚରେ ଥିବା ଅନ୍ୟାନ୍ୟ ଲୋକେ ତାହା ଶୁଣି ନାହାନ୍ତି, ଏହାର ଇଙ୍ଗିତ ଲିନ୍‌ସେଷ୍ଟର କଥାରେ ନାଟ୍ୟକାର ଦେଇଅଛନ୍ତି । ଏହିପରି 'ମେଘନାଦବଧ'ରେ ହନୁମାନ ଯେତେବେଳେ ଆଠ ନଅ ଧାଡ଼ି ସ୍ୱଗତୋକ୍ତି କଲେ (୪୧ ପୃଷ୍ଠା), ତାହା ଦର୍ଶକମାନେ ଶୁଣିଲା ପରେ ପ୍ରମୀଳା ତାଙ୍କୁ ପଚାରିଲେ, "କାହେଁ ଏପରି ନିର୍ବାକଭାବରେ ଛିଡ଼ା ହୋଇଛ ଯେ ?" 'ସତ୍ୟବିଜୟ' ନାଟକରେ ଏହିପରି ନବୀନ ସ୍ୱଗତୋକ୍ତି ପରେ ପ୍ରକାଶ୍ୟରେ 'ହୁଁ' କହିଲାରୁ ଭୈରବ କହିଲା, "ଘଡ଼ିଏ ସ୍ୱଡ଼ି ସ୍ୱନ କହିଲ 'ହିଁ'" (୧୯ ପୃଷ୍ଠା) । ଏହି ସବୁ ଭଙ୍ଗି ଦ୍ୱାରା ଅଭିନୟ-କାଳରେ ସ୍ୱଗତୋକ୍ତିଗୁଡ଼ିକ ଅନ୍ୟ ଚରିତ୍ରର ଅଗୋଚରରେ କୁହାଯାଇ-ଥିବାର ସ୍ପଷ୍ଟ ପ୍ରକାଶିତ ହୋଇଅଛି । 'ପ୍ରେମ୍ ରମଣୀ'ରେ କୁମୁଦିନୀ 'ସ୍ୱଗତ' "ହିଂସୁକିଣୀ ! କଳଙ୍କିନୀ ! ପୁଣି ଆଶା ପୋଷଣ କରୁଛୁ ! ଓଃ କି ଘୃଣା !" କହିବା ପରେ (୮୩ ପୃଷ୍ଠା) ନିସ୍ତାର ମାଇତି ଭଣିଲେ, "ନୀରବ କାହିଁକି ହେଲ ?" ସେହି ପୁସ୍ତକର ଅନ୍ୟତ୍ର (୬୭ ପୃଷ୍ଠା) ଗୋବିନ୍ଦ 'ସ୍ୱଗତ' ଅନେକ ଅନେକ କଥା କହିବା ପରେ ମୋହିନୀ କହୁଛି, "ସାଙ୍ଗ, ଶୁଣୁଛ କଣ ?" ଏହିପରି ଭାବରେ ସ୍ୱଗତୋକ୍ତିଗୁଡ଼ିକ ଯେ ଦର୍ଶକମାନଙ୍କ ପକ୍ଷରେ ସୁସ୍ପଷ୍ଟ ଇଙ୍ଗିତଦ୍ୱାରା ନିର୍ଦ୍ଦେଶ କରି ଦିଆଯାଇଥାଏ, ତାହା କେବଳ ଅଭିନୟକାଳୀନ ଅବାସ୍ତବତାକୁ ଘୋଡ଼ାଇବା ନିମନ୍ତେ ପ୍ରୟୋଜନ ହୁଏ । ଅନ୍ୟ କେତେକ ଓଡ଼ିଆ ନାଟକରେ ସ୍ୱଗତୋକ୍ତି ଯେ ରଙ୍ଗମଞ୍ଚରେ ଥିବା ଅନ୍ୟାନ୍ୟ ଚରିତ୍ର-ମାନଙ୍କର ଶ୍ରୁତିଗୋଚର ହୋଇଅଛି ଅଥବା ସେମାନେ ତାହାର ମର୍ମ ଗ୍ରହଣ କରି ପାରି ନାହାନ୍ତି, ଏହିପରି ନିର୍ଦ୍ଦେଶ ଦିଆଯାଇଥାଏ । ସମସ୍ତ ସମୟରେ ଏପରି କଥାକୁ ଅର୍ଦ୍ଧ 'ସ୍ୱଗତ' ବୋଲି ନାଟ୍ୟକାର ସୂଚାଇ ଦେଇଥାନ୍ତି ।

'ସଂସାରଚକ୍ର' ନାଟକର ସଦାନନ୍ଦ ଯେତେବେଳେ ନିଜର ଘର ସମ୍ମୁଖରେ ସାଧାରଣ କଏଦୀରୂପେ ଜେଲ୍‌କୁ ନୀତ ହେଉଅଛି, ସେତେବେଳେ ନିଜର ଘର ଓ ଅନ୍ୟାନ୍ୟ ସ୍ଥାନ ଦେଖି ଅତ୍ୟନ୍ତ ଦୁଃଖରେ ଅଭିଭୂତ ହୋଇ ଅତିଦୀର୍ଘ ସ୍ୱଗତୋକ୍ତିଦ୍ୱାରା ନିଜର ମନୋଭାବ ପ୍ରକାଶ କରୁଅଛି ! ( ୯୫ ପୃଷ୍ଠା ) । ଏହି ସ୍ୱଗତୋକ୍ତିକୁ ଲକ୍ଷ୍ୟ କରି କନେଷ୍ଟବଲ କହୁଅଛି, "ଅରେ ବେଟା କଲ୍‌ଧ, ବକ୍ ବକ୍ ଚିଲ୍ଲେ କରେଗେ" । ଏଠାରେ ସ୍ୱଗତୋକ୍ତିକୁ ମୌନ ଥାଇ ମନୋଭାବ ପ୍ରକାଶ କରିବା ରୂପରେ ବର୍ଣ୍ଣନା କରି ନ ଥାଇ କନେଷ୍ଟବଲ୍ ସଦାନନ୍ଦର କଥା ଶୁଣି ପାରୁଅଛି, ମାତ୍ର ତାହାର ମର୍ମ ଗ୍ରହଣ କରିବାକୁ ସମର୍ଥ ହୋଇ ନାହିଁ, ଏହିପରି ସୂଚନା ଦେଇ ନାଟ୍ୟକାର ସ୍ୱଗତୋକ୍ତିର ଅବାସ୍ତବତାକୁ କିଛିଟା ପରିମାଣରେ ଦୂର କରିବାକୁ ଚେଷ୍ଟା କରିଅଛନ୍ତି । ଏହିପରି 'ଗୋବିନ୍ଦ ବିଦ୍ୟାଧର' ନାଟକରେ ଗୋବର୍ଦ୍ଧନ ଯେତେବେଳେ ସ୍ୱଗତୋକ୍ତି କରୁଅଛି (୧୬ ପୃଷ୍ଠା) ତାହାପରେ ଗୋବିନ୍ଦ "ନିଜେ ନିଜେ କଣ ବକୁଛୁ, ପାଗଳ" ଏହିପରି କହିବା ଦ୍ୱାରା ସ୍ୱଗତୋକ୍ତିକୁ ଅର୍ଦ୍ଧଶ୍ରୁତ ବାକ୍ୟରୂପରେ ପ୍ରକାଶ କରୁଅଛନ୍ତି । 'ବସନ୍ତଲତିକା' ନାଟକରେ ଏହି ଭିନ୍ନଧର୍ମୀ ନିର୍ଦ୍ଦେଶ ଏକଥା ଆମ୍ଭେମାନେ ପାଉଥାଉଁ । ଗୋଟିଏ ସ୍ଥାନରେ ( ୧୪ ପୃଷ୍ଠା ) ରାଣୀ ଗୋଟିଏ ଅତିଦୀର୍ଘ ଏକପୃଷ୍ଠା-ବ୍ୟାପୀ ସ୍ୱଗତୋକ୍ତି କରୁଅଛନ୍ତି ଓ ଅନେକ ସମୟ ପର୍ଯ୍ୟନ୍ତ ନାଟକୀୟ କାର୍ଯ୍ୟ ରଙ୍ଗମଞ୍ଚରେ ବନ୍ଦ ହୋଇ ରହୁଅଛି । ମାତ୍ର ଏହି ଦୀର୍ଘ ସ୍ୱଗତୋକ୍ତିର ଅବ୍ୟବହିତ ପରେ ବସନ୍ତ କହୁଅଛି, "ମା ! ଅନେକବାର ମୁଁ ଆପଣଙ୍କର ଏପରି ମୌନଭାବ ଅବଲୋକନ କଲିଣି" ( ୧୪ ପୃଷ୍ଠା ), କିନ୍ତୁ ଅନ୍ୟତ୍ର ତେଲ୍ଲି ସ୍ୱଗତୋକ୍ତି କରିବା ପରେ ବାବାଜୀ "ଆରେ କ୍ୟା ବକ୍ ବକ୍ ହୋତା?" (୧୧ ପୃଷ୍ଠା) ଏହିପରି କହୁଅଛି । ଅର୍ଥାତ୍ ଗୋଟିଏ ସ୍ୱଗତୋକ୍ତି ନିତାନ୍ତ ମୌନ ଓ ଅନ୍ୟଠି ସନ୍ଦେହ, ମାତ୍ର ଅନୁପଲବ୍ଧ — ଏହାହିଁ ସୂଚିତ ହେଉଅଛି । 'ପ୍ରାୟଶ୍ଚିତ୍ତ'ରେ ଜଜ ସାହେବ ଜବାନବନ୍ଦି ଲେଖିବା ସମୟରେ ଅନ୍ୟ କିଛି ନାଟକୀୟ କାର୍ଯ୍ୟ ରଙ୍ଗମଞ୍ଚରେ ହେଉ ନ ଥିବା ସ୍ଥଳେ ଖାଲି ଥିବା ସମୟକୁ ନାଟ୍ୟକାର ଗୋଟିଏ ସ୍ୱଗତୋକ୍ତିଦ୍ୱାରା ପୂର୍ଣ୍ଣ କରିଅଛନ୍ତି । ( ୭୨ପୃଷ୍ଠା ) । 'କଳାକାର' ନାଟକରେ ମଧ୍ୟ ଏହି ରୀତି ଅନୁସୃତ ହୋଇଅଛି ( ରାମଶଙ୍କର ଗ୍ରନ୍ଥାବଳୀ ୧୯୧ ପୃଷ୍ଠା ) । ଓଡ଼ିଆ ନାଟକରେ ଏହା ଗୋଟିଏ ପ୍ରଚଳିତ ରୀତି, କାରଣ ଏହି ସମସ୍ତର ମାନସିକ ଉତ୍ତେଜନା ଓ ଦ୍ୱନ୍ଦ୍ୱ ପ୍ରକାଶ କରିବାନିମନ୍ତେ ସ୍ୱଗତୋକ୍ତି ଯେପରି ପ୍ରୟୋଜନ, ଖାଲି ଥିବା

ସମସ୍ୟ ପୂରଣ କରିବା ନିମନ୍ତେ ମଧ୍ୟ ଏହାର ସେହି ପ୍ରକାର ପ୍ରୟୋଜନ । ଏଣୁ ଅନ୍ୟାନ୍ୟ ନାଟକରେ ମଧ୍ୟ ଏହିପରି ପରିସ୍ଥିତିରେ ସ୍ୱଗତୋକ୍ତିର ବ୍ୟବହାର କରାଯାଇଅଛି । ଅନେକ ସମୟରେ ପୁଣି ମାନସିକ ଦ୍ୱନ୍ଦ୍ୱ ଦେଖାଇବା ନିମନ୍ତେ ସ୍ୱଗତୋକ୍ତି ଭିନ୍ନ ଅନ୍ୟ ଉପାୟ ନ ଥାଏ ଓ ନାଟ୍ୟକାରମାନେ ବାଧ୍ୟ ହୋଇ ବହୁକାଳ ପ୍ରଚଳିତ ରୀତିର ଆଶ୍ରୟ ଗ୍ରହଣ କରି ସ୍ୱଗତୋକ୍ତିର ବ୍ୟବହାର କରିଥାନ୍ତି । ପରଶୁରାମଙ୍କୁ ଜମଦଗ୍ନି ଯେତେବେଳେ ମାତୃହତ୍ୟା କରିବାକୁ ଆଦେଶ ଦେଲେ, ସେତେବେଳେ ତାଙ୍କ ମନରେ ମାତୃସ୍ନେହ ଓ ପିତୃବାକ୍ୟପାଳନ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଜାତ ହେଲା, ତାହା ଦେଖାଇବା ନିମନ୍ତେ ନାଟ୍ୟକାର ସ୍ୱଗତୋକ୍ତିର ଆଶ୍ରୟ ନେଇଅଛନ୍ତି ( ଭାର୍ଗବାର୍ଯ୍ୟ ୫୩ ପୃଷ୍ଠା ) ଓ "ଏଣେ ମାତୃଭକ୍ତି-ସମୁଦ୍ରର ତରଙ୍ଗ ଗର୍ଜନ, ସେଣେ ପିତୃକ୍ରୋଧ-ପାବକର ପ୍ରଜ୍ୱଳିତ ଶିଖା ! ଯିବି କାହିଁ ? ଜୀବନର ସନ୍ଧ୍ୟାକାଳ ପଡ଼ିଅଛି ଆଜି" ଏହିପରି ବାକ୍ୟଦ୍ୱାରା ପରଶୁରାମ ନିଜର ମାନସିକ ଦ୍ୱନ୍ଦ୍ୱକୁ ପ୍ରକାଶ କରୁଅଛନ୍ତି । 'ସୁଶୀଳା'ରେ ମଧ୍ୟ ଏହିପରି ( ୨୮ ପୃଷ୍ଠା ) ପରମାନନ୍ଦଙ୍କ ସ୍ୱଗତୋକ୍ତିରେ "ଉଭୟ ସଙ୍କଟ, ଏଣେ ପତ୍ନୀଙ୍କର ଏ ଜୁଲୁମ୍; ସେଣେ ଜ୍ୟେଷ୍ଠଭ୍ରାତା, ତାଙ୍କର ସ୍ନେହ ତାଙ୍କର ଯତ୍ନ !" ଏହିପରି ବାକ୍ୟଦ୍ୱାରା ମାନସିକ ଦ୍ୱନ୍ଦ୍ୱ ସୂଚିତ ହେଉଅଛି । ବାସ୍ତବିକ ମାନସିକ ଦ୍ୱନ୍ଦ୍ୱ ଦେଖାଇବା ନିମନ୍ତେ ସ୍ୱଗତୋକ୍ତିର ଏତେ ବ୍ୟବହାର ହୋଇଥାଏ ଓ ସେକ୍ସପିଅରଙ୍କ ନାଟ୍ୟରୀତିର ଅନୁକରଣରେ ଏହା ଏତେ ସୁପ୍ରଚଳିତ ଯେ, ଏହାର ଅନ୍ୟାନ୍ୟ ଉଦାହରଣ ଦେବା ନିଷ୍ପ୍ରୟୋଜନ । ଅନେକ ସମୟରେ କୌଣସି ଚରିତ୍ରର ବାସ୍ତବ ମନୋଭାବ ଓ ଭବିଷ୍ୟତରେ ସେ କିପରି ଭାବରେ କାର୍ଯ୍ୟ କରିବ ବା ବର୍ତ୍ତମାନ କାର୍ଯ୍ୟ ବିଷୟରେ ତାର ମତାମତ ଜ୍ଞାପନ କରିବା ନିମନ୍ତେ ମଧ୍ୟ ସ୍ୱଗତୋକ୍ତିର ପ୍ରୟୋଜନ ହୋଇଥାଏ । ଓଡ଼ିଆ ନାଟକରେ ଏହାର ଅନେକ ଉଦାହରଣ ମିଳେ । 'ଯୁଗଧର୍ମ' ନାଟକରେ ( ରାମଶଙ୍କର ଗ୍ରନ୍ଥାବଳୀ ୬୦୮ ପୃଷ୍ଠା ) ଏହିପରି ସ୍ୱଗତୋକ୍ତିଦ୍ୱାରା ହରିଦାସ ବାବୁ ବିବାହସମ୍ବନ୍ଧ ବିଷୟରେ ନିଜର ମତାମତ ବ୍ୟକ୍ତ କରୁଅଛନ୍ତି, ପୁଣି ଭବିଷ୍ୟତରେ ତାର ମାତାର ଅନୁମତି ନେଇ ରୂପ ଦେଖିବାକୁ ବନ୍ଧୁମାନ ସଙ୍ଗରେ ଯିବାର ବନ୍ଦୋବସ୍ତ କରିବାର ଇଚ୍ଛା ସ୍ୱଗତୋକ୍ତିଦ୍ୱାରା ଦର୍ଶକମାନଙ୍କୁ ଜଣାଇ ଦେଉଅଛନ୍ତି (୬୮୦ ପୃଷ୍ଠା) । ପୁଣି ଉଦ୍ଧବଦାସ ମହାନ୍ତ ବନ୍ଧନ ସମୟରେ ନିଜର ବାସ୍ତବ ମନୋଭାବ ଏହିପରି ସ୍ୱଗତୋକ୍ତିଦ୍ୱାରା ପ୍ରକାଶ କରୁଅଛନ୍ତି (୬୨୦ ପୃଷ୍ଠା) ।

କେତେକ ସ୍ଥାନରେ ଗୋଟିଏ ଚରିତ୍ର ନିଜର କଥିତ ବାକ୍ୟମାନଙ୍କ ମଧ୍ୟରୁ କେତେକାଂଶ ପ୍ରକାଶ୍ୟରେ ଓ ଅନ୍ୟ ଅଂଶ ସ୍ୱଗତୋକ୍ତିଦ୍ୱାରା ପ୍ରକାଶ କରିବା ନିର୍ଦ୍ଦେଶ ଦିଆଯାଇଥାଏ । ଅଭିନୟ ସମୟରେ ଏହାର ଯଥାଯଥ ଅଭିନୟ କରିବା କଷ୍ଟକର; ମାତ୍ର ସେଗୁଡ଼ିକ ଇଂରାଜୀ ଓ ସଂସ୍କୃତ ଉଭୟ ପ୍ରକାର ନାଟକରେ ପ୍ରଚଳିତ ରୀତିରୂପରେ ସ୍ୱୀକୃତ ହୋଇଥିବାରୁ ଓ ଦର୍ଶକମାନେ ଏଥିରେ ଅଭ୍ୟସ୍ତ ହୋଇଥିବାରୁ ଏହାର ଅବାସ୍ତବତା ସେମାନଙ୍କ ମନରେ କୌଣସି ଆଘାତ ଜାତ କରେ ନାହିଁ । 'ସୁଭଦ୍ରାର୍ଜ୍ଜୁନ' ନାଟକର ଏକ ସ୍ଥାନରେ ଏହାର ଗୋଟିଏ ଉତ୍କୃଷ୍ଟ ଉଦାହରଣ ଆମ୍ଭେମାନେ ପାଇଥାଉଁ । ଯଥା—ଅନାଥ—(ସ୍ୱଗତ) ଏଡ଼େ ବକଟେ ପିନ୍ଧ, ଜଟାଗୁଡ଼ାଏ ସେପରି ମୁଣ୍ଡରୁ ଝୁଲିଅଛନ୍ତି, କିଏ ଏ ଛଦ୍ମବେଶୀ ? (ପ୍ରକାଶ୍ୟେ) ତୁମ୍ଭର ପରିଚୟ କଣ ବାଳକ ?" (୬୫ ପୃଷ୍ଠା) । ଅନ୍ୟାନ୍ୟ ନାଟକରେ ଏହାର ଭୂରି ଭୂରି ଉଦାହରଣ ଥିବା ସ୍ଥଳେ 'ସୁଭଦ୍ରାର୍ଜ୍ଜୁନ'ର ନିର୍ଦ୍ଦେଶ କରିବାର କାରଣ ଏହି କି ଯେ ଏ ନାଟକର ଲେଖକ ଅନେକ ଦିନ ପର୍ଯ୍ୟନ୍ତ ଦକ୍ଷ ଅଭିନେତା ଓ ଅଭିନେତା ଦଳର ନାୟକରୂପେ ପ୍ରସିଦ୍ଧ ଥିଲେ । କିନ୍ତୁ ସେ ମଧ୍ୟ ଏହି ଅବାସ୍ତବ ପଦ୍ଧତିକୁ ନାଟକୀୟ ରୀତିରୂପେ ନିଜର ନାଟକରେ ସ୍ୱୀକାର କରିନେବାରେ ଦ୍ୱିଧା ବୋଧ କରି ନାହାନ୍ତି । ସ୍ୱଗତୋକ୍ତି ଗୋଟିଏ ନାଟକୀୟ ରୀତି ମଧ୍ୟରେ ପରିଗଣିତ ହୋଇଥିଲେହେଁ ତାହାର ସଂଯତ ବ୍ୟବହାର ପ୍ରୟୋଜନ ଓ ଓଡ଼ିଆ ନାଟକରେ ତାହାର ଯେପରି ବହୁଳ ବ୍ୟବହାର ଦେଖାଯାଏ, ତାହା ସର୍ବଦା ଅନୁମୋଦନଯୋଗ୍ୟ ନୁହେ । 'ସୁଶୀଳା'ରେ ସ୍ୱର୍ଣ୍ଣମୟୀଙ୍କର ସ୍ୱଗତୋକ୍ତି (୧୭ ପୃଷ୍ଠା) ବାସ୍ତବରେ ହାସ୍ୟରସର ଅବତାରଣା କରୁଅଛି ଓ ତାହାର ବିଶେଷ ପ୍ରୟୋଜନ ମଧ୍ୟ ନାହିଁ । ପୁଣି 'ଧ୍ରୁବ ତପସ୍ୟା' ନାଟକରେ ଅଟାଧୁ ଠକ ବିଷୟରେ ଯେଉଁ ସ୍ୱଗତୋକ୍ତି କରୁଅଛି (୫୬ ପୃଷ୍ଠା), ତାହା ମଧ୍ୟ ନାଟ୍ୟକଳା ଦୃଷ୍ଟିରୁ ନିଷ୍ପ୍ରୟୋଜନ । ସୁଦାମା (୬୨ ପୃଷ୍ଠା) ଓ ବିଲ୍ୱମଙ୍ଗଳ (୧୧ ପୃଷ୍ଠା)ରେ ଯେଉଁ ସ୍ୱଗତୋକ୍ତିମାନ ବ୍ୟବହୃତ ହୋଇଅଛି, ତାହା ଅଭିନେତାମାନେ ନିଜର ଅଭିନୟକୌଶଳଦ୍ୱାରା ପ୍ରକାଶିତ କରି ପାରନ୍ତି ଓ ସେଗୁଡ଼ିକର କୌଣସି ପ୍ରୟୋଜନ ନାଟକରେ ନାହିଁ । ଆଧୁନିକ ଓଡ଼ିଆ ନାଟକମାନଙ୍କରେ ସ୍ୱଗତୋକ୍ତିର ବ୍ୟବହାର କ୍ରମଶଃ କମ୍ ହୋଇଯିବା ଉନ୍ନତ କଳାଜ୍ଞାନର ପରିଚାୟକ, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆ ନାଟକର ଆଉ ଗୋଟିଏ ନାଟ୍ୟରୀତି ଏହି ଯେ, ଏଥିରେ ଯୁଦ୍ଧକ୍ଷେତ୍ରରେ ପରସ୍ପର ଯୁଦ୍ଧ କରୁଥିବା ସେନାନାୟକ ବା ରାଜାମାନଙ୍କର ଭେଟ ହୋଇ ସେମାନଙ୍କର କଥାବାର୍ତ୍ତା ଦ୍ୱାରା ବୀରରସର ଅବତାରଣା ହୋଇଥାଏ । ବାସ୍ତବ ଜୀବନରେ ଏହା ଘଟେ ନାହିଁ ଓ ଯୁଦ୍ଧକାଳୀନ ବୀରରସର ଉକ୍ତି ପ୍ରତ୍ୟୁକ୍ତି ରଙ୍ଗମଞ୍ଚରେ ଅବାସ୍ତବ ବୋଲି ବୋଧ ହେଲେହେଁ ଯାତ୍ରା ବା ସୁଆଙ୍ଗମାନଙ୍କରେ ଏହା ପ୍ରଚଳିତ ରୀତି ଥିବାରୁ ଏପରି ଦୃଶ୍ୟର ଅବାସ୍ତବତା ଦର୍ଶକମାନେ ଭୁଲି ଯାଉଥାନ୍ତି ଓ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ ନ ହୋଇ ତାହା ଅତ୍ୟନ୍ତ ଦୀର୍ଘ ବକ୍ତୃତାର କ୍ଷେତ୍ର ଅଥବା ପ୍ରେମିକ-ପ୍ରେମିକାମାନଙ୍କର ମିଳନକ୍ଷେତ୍ର ନାମମାତ୍ର ଅନେକ ସ୍ଥାନରେ ଅଭିହିତ ବୋଲି ମନେ ହୋଇଥାଏ । କାର୍ତ୍ତବୀର୍ଯ୍ୟ ନାଟକରେ (୨୫ ପୃଷ୍ଠା) ଯୁଦ୍ଧକ୍ଷେତ୍ରରେ କାର୍ତ୍ତବୀର୍ଯ୍ୟ ଓ ମହେନ୍ଦ୍ର ରାଣୀ ବହୁସମୟ ବୀରରସରେ କଥାବାର୍ତ୍ତା କରିବାର ଦୃଶ୍ୟ ଦିଆଯାଇଅଛି ଓ ଏହି ଦୃଶ୍ୟରେ କାର୍ଯ୍ୟ ବା ଘଟଣା ଅପେକ୍ଷା କଥା ଭାଗ ଅଧିକ । 'କେଶରୀଗଙ୍ଗ'ରେ ଏହିପରି ରଙ୍ଗମଞ୍ଚରେ ସୈନିକମାନଙ୍କର କଥାବାର୍ତ୍ତା ଓ 'ପୁରୁଷୋତ୍ତମ ଦେବ'ରେ ଯୁଦ୍ଧକ୍ଷେତ୍ରରେ ପଦ୍ମିନୀ ଓ ପୁରୁଷୋତ୍ତମ ଦେବଙ୍କ ଭେଟ ଉଦାହରଣସ୍ୱରୂପ ଉଲ୍ଲେଖ କରାଯାଇ ପାରେ । ସଂସ୍କୃତ ନାଟକମାନଙ୍କରେ ଯୁଦ୍ଧର ଦୃଶ୍ୟ ରଙ୍ଗମଞ୍ଚରେ ପ୍ରଦର୍ଶନ କରିବା ନିଷିଦ୍ଧ । ଏହି ରୀତିର ଅନୁସରଣ କରି କେତେକ ଓଡ଼ିଆ ନାଟକରେ ଯୁଦ୍ଧର ପ୍ରତ୍ୟକ୍ଷ ଅଭିନୟ କରି ନ ଯାଇ ଯୁଦ୍ଧର ଆନୁଷଙ୍ଗିକ ବର୍ଣ୍ଣନା ମାତ୍ର ଦିଆଯାଇଥାଏ । 'ପୁରୁଷୋତ୍ତମ ଦେବ'ରେ ମନ୍ତ୍ରୀ ପିଢ଼ାରେ ବସି (୧୯୪ ପୃଷ୍ଠା) ରାଜ୍ଞୀଙ୍କ ସଙ୍ଗେ ଯୁଦ୍ଧବର୍ଣ୍ଣନା କରୁଅଛନ୍ତି । 'ବୀରାର୍ଜ୍ଜୁନ'ରେ ମଧ୍ୟ ସଞ୍ଜୟ ଧୃତରାଷ୍ଟ୍ରଙ୍କ ନିକଟରେ କୁରୁକ୍ଷେତ୍ର ଯୁଦ୍ଧର ବର୍ଣ୍ଣନା କରୁଅଛନ୍ତି । 'କାଞ୍ଚୀକାବେରୀ' ନାଟକରେ ଦୁଇ ଥର ଯେଉଁ ଯୁଦ୍ଧ ହୋଇଥିଲା, ତାହାର ବର୍ଣ୍ଣନା ମାତ୍ର ଦିଆଯାଇଅଛି । ମାତ୍ର ଅନ୍ୟ ଅନେକ ନାଟକରେ ଯାତ୍ରାର ଅନୁକରଣରେ ବାସ୍ତବ ଯୁଦ୍ଧ ରଙ୍ଗମଞ୍ଚରେ ଅଭିନୀତ ହୋଇଥାଏ । ଏହି ଅଭିନୟର ଅବାସ୍ତବତା ପ୍ରତି ଦର୍ଶକମାନେ ଅବହିତ ନ ହୋଇ ତାକୁ ପ୍ରଚଳିତ ରୀତିସ୍ୱରୂପ ସ୍ୱୀକାର କରି ନେଇଥାନ୍ତି ।

ସଂସ୍କୃତ ଅଳଙ୍କାରଶାସ୍ତ୍ରରେ ଅନନୁମୋଦିତ ନାଟ୍ୟରୀତି ଆଜିକାଲି ଓଡ଼ିଆ ନାଟକରେ ଦେଖାଯାଏ ନାହିଁ । ଏଣୁ ରଙ୍ଗମଞ୍ଚରେ ହତ୍ୟା (କଳିକାଳ ନାଟକ, ରାମଶଙ୍କର ଗ୍ରନ୍ଥାବଳୀ ୧୮୬ ପୃଷ୍ଠା) ଆତ୍ମହତ୍ୟା (ଭାସ୍ୱବାଈ ୭୦ ପୃଷ୍ଠା) ଆଲିଙ୍ଗନ, ଚୁମ୍ବନ ପ୍ରଭୃତି (ସାବିତ୍ରୀ ୧୦୦ ପୃଷ୍ଠା)

ଅଭିନୀତ ହୋଇଥାଏ । ଅଭିନୟକାଳୀନ ସାମୟିକ ଉତ୍ତେଜନା ସୃଷ୍ଟି କରିବା ନିମନ୍ତେ ଏହିପରି ଦୃଶ୍ୟ ନାଟ୍ୟକାର ବ୍ୟବହାର କରିଥାନ୍ତି । 'ଗୌଡ଼ବିଜେତା'ର ଗୋଟିଏ ଦୃଶ୍ୟରେ ଅନେକ ଲୋକଙ୍କୁ ପିସ୍ତଲଦ୍ୱାରା ଗୋଟିକ ପରେ ଗୋଟିଏ ହତ୍ୟା କରିବା ଦୃଶ୍ୟ ସନ୍ନିବେଶିତ ହୋଇଅଛି (୧୬୩ ପୃଷ୍ଠା) । ଅନେକ ସମୟରେ ଉତ୍ତେଜନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପରିଚାଳିତ ହୋଇ ନାଟ୍ୟକାର ଅଭିନୟକାଳୀନ ଅସୁବିଧା ସମ୍ପୂର୍ଣ୍ଣଭାବରେ ବିସ୍ମୃତ ହୋଇଥାନ୍ତି । ଏହାର ଉଦାହରଣ ମଧ୍ୟ ଓଡ଼ିଆ ନାଟକରେ ବିରଳ ନୁହେଁ । 'କଳକାଳ' ନାଟକରେ (ରାମଶଙ୍କର ଗ୍ରନ୍ଥାବଳୀ ୯୬ ପୃଷ୍ଠା) କୃଷ୍ଣଚରଣ ନିଦ୍ରିତା ପାର୍ବତୀଙ୍କୁ ଅଡ଼ ଏକ ଶ୍ଲୋକ ଦେଇ କହୁଅଛନ୍ତି, "ବଟ୍ ମୁଣ୍ଡ କ୍ଷୁଣ୍ଣିକେ" କିନ୍ତୁ ଅଭିନୟ ସମୟରେ ଏହିପରି ମସ୍ତକବିଚ୍ୟୁତର ଶବ ଦେଖାଇବା ସହଜ ନୁହେଁ । ପୁଣି 'ଗୋବିନ୍ଦ ବିଦ୍ୟାଧର' ନାଟକରେ ଗୋବର୍ଦ୍ଧନ (୭୮ ପୃଷ୍ଠା) କଳୁଙ୍କ ଦେବଙ୍କର ଛିନ୍ନମସ୍ତକ ଘେନି ରଙ୍ଗମଞ୍ଚ ମଧ୍ୟରେ ପ୍ରବେଶ କରିବାର ଚିତ୍ର ଦିଆଯାଇଅଛି ଓ ଅନେକ ବେଳ ପର୍ଯ୍ୟନ୍ତ ଏହି ଛିନ୍ନମସ୍ତକ ତା ହାତରେ ରହିଅଛି । ଏହା ମଧ୍ୟ ଅଭିନୟ ସମୟରେ ପ୍ରଦର୍ଶନ କରିବା ନିତାନ୍ତ ଅସୁବିଧାଜନକ । 'କଂସବଧ' ନାଟକରେ (ରାମଶଙ୍କର ଗ୍ରନ୍ଥାବଳୀ ୬୩୦ ପୃଷ୍ଠା) ଅସ୍ତି ଓ ନାସ୍ତିର ନଗ୍ନଅଙ୍ଗ ଭାବରେ ପ୍ରବେଶ ଓ କଂସଙ୍କୁ ଗାଢ଼ଭାବରେ ଧାରଣ କରିବା, 'ମିବାରବିଜୟ' ନାଟକରେ (୬୭ ପୃଷ୍ଠା) ତରବାରି ଆଘାତରେ ଚପଳର ଦେହ ଲୁଣ୍ଠିତ ହେବା, 'କଂସବଧ'ରେ କଂସର ଗାଁ ଗାଁ ହୋଇ ବିଶେଷଭାବେ ମୃତ୍ୟୁ (ରାମଶଙ୍କର ଗ୍ରନ୍ଥାବଳୀ ୬୩୭ ପୃଷ୍ଠା) 'ତାଜମହଲ'ରେ 'ଛୁରୀରେ ପକାଇ ଏକୀଭୂତ ହେବାକୁ ଗଳା ପଡ଼' (୨୭ ପୃଷ୍ଠା), 'ହରିଦାସୀ'ରେ ରଙ୍ଗମଞ୍ଚ ଉପରେ ଆତ୍ମହତ୍ୟା (୯୬ ପୃଷ୍ଠା) ପ୍ରଭୃତି ମଧ୍ୟ ସଂସ୍କୃତ ଅଳଙ୍କାରଶାସ୍ତ୍ରର ନିର୍ଦ୍ଦେଶର ବିରୋଧୀ । ଏ ସବୁ ଓଡ଼ିଆ ନାଟକ-ମାନଙ୍କରେ ଅବାଧରେ ବ୍ୟବହୃତ ହୋଇଥାଏ । ପୁଣି କେତେକ ସ୍ଥାନରେ ଏହିପରି କାର୍ଯ୍ୟଦ୍ୱାରା ହାସ୍ୟରସର ମଧ୍ୟ ଅବତାରଣା ଓଡ଼ିଆ ନାଟକମାନଙ୍କରେ କରାଯାଇଥାଏ । ଯଥା—'କାଞ୍ଚିବାର୍ଯ୍ୟ' ଓ 'ପ୍ରେମିକ ଗୁମ୍ଫ'ରେ ସ୍ତ୍ରୀଭ୍ରମରେ ପୁରୁଷଙ୍କୁ ଚୁମ୍ବନର ଦୃଶ୍ୟ । ମାତ୍ର 'ଉତ୍କଳଗୌରବ' ନାଟକରେ (୯୮ ପୃଷ୍ଠା) 'ବାନ୍ତି କରିବାକୁ ଲଗିଲେ ପର୍ଦ୍ଦା' ଓ 'ସୁଭଦ୍ରାର୍ଜ୍ଜୁନ' ନାଟକରେ ବିବାହ ସମୟରେ ଛଦ୍ମବେଶୀ କନ୍ୟାର 'ମୁଁ ହରିଚିହ୍ନ' ପ୍ରଭୃତିର ଉଲ୍ଲେଖ (୧୧୩ ପୃଷ୍ଠା) ହାସ୍ୟରସର ଅବତାରଣା କରିବା ନିମନ୍ତେ ସନ୍ନିବେଶିତ ହୋଇଥିଲେହେଁ

ମାର୍ଜିତରୁଚି ଦର୍ଶକମାନଙ୍କ ପକ୍ଷରେ ରୁଚିବିଗର୍ହିତ ବୋଲି ପ୍ରତୀୟମାନ ହେବା ସ୍ୱାଭାବିକ ।

ବାସ୍ତବିକ ଅନେକ ସମୟରେ ଅଭିନୟକାଳରେ ଏପରି ଅସୁବିଧା ଘଟି ପାରେ ଓ ରଙ୍ଗମଞ୍ଚରେ କୌଣସି ଦୃଶ୍ୟ ଅଭିନୀତ ହେବା ସମୟରେ କପଟଭାବରେ ବାସ୍ତବ ବୋଲି ପ୍ରତୀୟମାନ ହୋଇ ପାରେ, ସେ ସବୁର ବିଚାର ନ କରି ଅନେକ ନାଟ୍ୟକାର କେବଳ ଚମକ ଓ ଉତ୍ତେଜକ ଦୃଶ୍ୟ ସୃଷ୍ଟି କରିବାର ଚେଷ୍ଟା କରିଅଛନ୍ତି ଓ ରଙ୍ଗମଞ୍ଚ ସହିତ ଘନିଷ୍ଠଭାବରେ ସମ୍ପୃକ୍ତ ଅନେକ ଲେଖକମାନଙ୍କ ନାଟକରେ ମଧ୍ୟ ଏହିପରି ଦୃଶ୍ୟ-ମାନଙ୍କର ଉଦାହରଣ ମିଳିଥାଏ । ସମୟ ସମୟରେ ପ୍ରଯୋଜକଙ୍କର ବୁଦ୍ଧିବଳ-ଦ୍ୱାରା ଏପରି କେତେକ ଦୃଶ୍ୟ ଦେଖାଇବା ସମ୍ଭବ ହେଲେହେଁ ଅଧିକାଂଶ କ୍ଷେତ୍ରରେ ସାଧାରଣ ରଙ୍ଗମଞ୍ଚରେ ସେମାନଙ୍କର ଯଥାଯଥ ପ୍ରଦର୍ଶନ ଏକାନ୍ତ ଅସମ୍ଭବ । ଏ କ୍ଷେତ୍ରରେ ଓଡ଼ିଶାର ନାଟ୍ୟଶାଳାର ଇତିହାସ ପ୍ରତି ଅବହିତ ହେବାକୁ ହେବ । କାଞ୍ଚିକାବେରୀ ରଚନା ସମୟରେ ରଙ୍ଗମଞ୍ଚ ଓ ଦର୍ଶକମାନଙ୍କ ବସିବା ମଞ୍ଚ ନିମନ୍ତେ ତକ୍ତାପଟାହିଁ ଏକମାତ୍ର ସମ୍ବଳ । ସାମାନ୍ୟ ଦୃଶ୍ୟପଟ ଓ ମଞ୍ଚହିଁ ନାଟ୍ୟଶାଳାର ଏକମାତ୍ର ଅବଲମ୍ବନ । ମାତ୍ର କ୍ରମେ ଦୃଶ୍ୟପଟମାନଙ୍କର ବିନ୍ୟାସ ଓ ରଙ୍ଗମଞ୍ଚର ଉନ୍ନତିଦ୍ୱାରା ବିଭିନ୍ନ ଦୃଶ୍ୟ ଦେଖାଇବା ସମ୍ଭବପର ହୋଇଥିଲା ଓ 'କଂସବଧ' ନାଟକରେ "ପ୍ରାସାଦୋପରି ଲଲନାମାନଙ୍କର ହୁଳହୁଳି ପ୍ରଦାନ" (ରାମଶଙ୍କର ଗ୍ରନ୍ଥାବଳୀ ୫୨୭ ପୃଷ୍ଠା) ଦିଆଯାଇଥିବାରୁ ଦ୍ୱିତଳ ରଙ୍ଗମଞ୍ଚର ବ୍ୟବହାର ଓଡ଼ିଶାରେ ଆରମ୍ଭ କରାଯାଇଥିଲା ବୋଲି ମନେ କରାଯାଇ ପାରେ । ମଞ୍ଚର ବିନ୍ୟାସଦ୍ୱାରା 'ସୀତାବନବାସ'ରେ ଲିଖିତ ଧରା ଦେବୀଙ୍କର ଆବିର୍ଭାବ ( ୮୫ ପୃଷ୍ଠା ) ମଧ୍ୟ ସୁଷ୍ଠୁଭାବରେ ପ୍ରଦର୍ଶିତ ହୋଇ ପାରେ, ମାତ୍ର 'ଜ୍ୱଳନ୍ତ ତୈଳକଟାହରେ ପତନ' ( ରୁକ୍ମିଣୀ ୫୯ ପୃଷ୍ଠା ) କିମ୍ବା 'ଜ୍ୱଳନ୍ତ ଅରଣ୍ୟ ମଧ୍ୟରେ ଦୁର୍ଦ୍ଦାନ୍ତ ବନ୍ଧ' ( ସାବିତ୍ରୀ ୧୦୧ ପୃଷ୍ଠା ) ଏହିସବୁ ଶନ ରଙ୍ଗମଞ୍ଚରେ ଦେଖାଇବା ଅତ୍ୟନ୍ତ କଠିନ । ବଙ୍ଗଳାରେ ୨୮ ଡିସେମ୍ବର ୧୮୭୫ ମସିହାରେ Great National Theatre ରେ 'ହୀରକଚୂର୍ଣ୍ଣ' ନାଟକର ଅଭିନୟ ସମୟରେ ବିଜ୍ଞାପନରେ 'Railway Train on the Stage' ଏହିପରି ବିଜ୍ଞପ୍ତି ଲୋକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଦିଆଯାଇଥିଲା ଓ ରେଲ୍‌ଗାଡ଼ି ସେହି ସମୟରେ ନୂତନ ଥିବାରୁ ରଙ୍ଗମଞ୍ଚରେ ଏହାର ଦୃଶ୍ୟ କେବଳ ବୈଚିତ୍ର୍ୟ ସକାଶେ ସ୍ୱୀକୃତ ହୋଇଥିଲା । ମାତ୍ର ଅଶ୍ୱିନୀ ବାବୁଙ୍କ 'ହୃଦୁରମଣୀ' ନାଟକରେ ଦ୍ୱିତୀୟ ଅଙ୍କ ପଞ୍ଚ-

ଦୃଶ୍ୟରେ ଚଳନ୍ତା ରେଲଗାଡ଼ିର ଗୋଟିଏ ଦ୍ୱିତୀୟ ଶ୍ରେଣୀ କାମରା ଅଭିନୟ ସ୍ଥଳ ବୋଲି ନିର୍ଦ୍ଦେଶିତ ହୋଇଅଛି ( ୭୯ ପୃଷ୍ଠା ) । ଅଭିନୟ ସମୟରେ ଏହାର ଯଥାଯଥ ଚିତ୍ର ଦେବା ସୁକଠିନ । ଓଡ଼ିଆ ନାଟକମାନଙ୍କ ମଧ୍ୟରେ କେବଳ ଅନ୍ୟ ଗୋଟିଏ ନାଟକରେ ରେଲଗାଡ଼ିର ଚିତ୍ର ଦିଆଯାଇଅଛି । 'ମେଘନାଦବଧ'ରେ ମେଘନାଦ ଶକ୍ତି ପ୍ରହାର କରିବା ଓ ଲକ୍ଷ୍ମଣ ନାନା ଅସ୍ତ୍ରଦ୍ୱାରା ତାହାର ପ୍ରତିରୋଧ କରିବା ଦୃଶ୍ୟ ( ୮୫ ପୃଷ୍ଠା ), ହନୁମାନଙ୍କୁ ବାଟୁଳି ପ୍ରହାର କରିବା ଓ ହନୁମାନର ପର୍ବତ ସହ ଆକାଶରୁ ପତନ ( ୮୯ ପୃଷ୍ଠା ), ଚିତା ଜ୍ୱଳିବା ଓ ପ୍ରମୀଳାର ଜ୍ୱଳନ୍ତ ଚିତାରେ ପ୍ରବେଶ ଓ ସୁବର୍ଣ୍ଣରଥୋପରି ସ୍ୱର୍ଗକୁ ଗମନ ( ଶେଷ ପୃଷ୍ଠା ) ଦୃଶ୍ୟ ଅଭିନୟଦ୍ୱାରା ପ୍ରକାଶ କରିବା ଦୁଃସାଧ୍ୟ । 'କଂସବଧ' ନାଟକରେ ଅକ୍ରୁର ବାମ ହସ୍ତରେ ଅଶ୍ୱରଜ୍ଜୁ ଓ ଦକ୍ଷିଣ ହସ୍ତରେ ପାଞ୍ଚଣି ଧରି ରଥରେ ଉପବିଷ୍ଟ ( ରାମଶଙ୍କର ଗ୍ରନ୍ଥାବଳୀ ୫୨୩ ପୃଷ୍ଠା ) ଓ ରଥ ଘେନି ଅଶ୍ୱମାନେ ତୀବ୍ରବେଗରେ ଧାବିତ ହେବା ( ୫୨୪,୫୨୫ ପୃଷ୍ଠା ) ଦୃଶ୍ୟମାନ ମଧ୍ୟ ଅଭିନୟକାଳରେ ପ୍ରଦର୍ଶନ କରିବା ସୁକଠିନ । ଏହିପରି ରଥର ଦୃଶ୍ୟ 'ଭୀଷ୍ମାର୍ଜୁନ' ନାଟକରେ ( ୧୩୭ ପୃଷ୍ଠା ) ଆମ୍ଭେମାନେ ପାଉଥାଉଁ । ରଙ୍ଗମଞ୍ଚ ଉପରେ ଘୋଡ଼ା ନେଇ ପ୍ରବେଶ ହେବାର ଅନେକ ଚିତ୍ର ମଧ୍ୟ ଓଡ଼ିଆ ନାଟକରେ ମିଳେ । ଏଗୁଡ଼ିକ ସାଧାରଣ ରଙ୍ଗମଞ୍ଚରେ ଅଭିନୟ କରିବା ଅନେକ ସମୟରେ ସମ୍ଭବ ହୁଏ ନାହିଁ । 'ଓଡ଼ିଆ ଝିଅ', ଏହାର ପ୍ରକୃଷ୍ଟ ଉଦାହରଣସ୍ଥଳ । 'କଂସବଧ'ରେ କୁବଳୟାପୀଡ଼ ହସ୍ତୀ ସହିତ ଦ୍ୱାରରକ୍ଷଣ ଚିତ୍ର ଦିଆଯାଇଅଛି ( ୫୩୩ ପୃଷ୍ଠା ) । ମାତ୍ର ଅନ୍ୟ କୌଣସି ଓଡ଼ିଆ ନାଟକରେ ହାତୀର ଚିତ୍ର ଦେଖା ହୁଏ ନାହିଁ । 'ସ୍ୱଦର୍ଶ'ରେ ଏହିପରି ହଠାତ୍ ଗୋଟିଏ ବ୍ୟାଘ୍ର ଲମ୍ଫ ପ୍ରଦାନ କରି ଯାତ୍ରୀମାନଙ୍କୁ ପିଠିରେ ପକାଇ ପ୍ରସ୍ଥାନ କରିବା ଦୃଶ୍ୟ ମଧ୍ୟ ଅଭିନୟ ସମୟରେ ପ୍ରଦର୍ଶନ କରିବା କଷ୍ଟକର । ଅନ୍ୟ ଓଡ଼ିଆ ନାଟକରେ ବ୍ୟାଘ୍ରର ଚିତ୍ର ମଧ୍ୟ ବିରଳ । 'କଂସବଧ' ନାଟକରେ କୁବଳୟାପୀଡ଼ ହସ୍ତୀକୁ କୃଷ୍ଣ ବଧ କରିଥିବା ସ୍ଥଳେ ରଙ୍ଗମଞ୍ଚରୁ ତାକୁ ଅନ୍ତର କରିବାର ଅନ୍ୟ ଉପାୟ ନ ଥିବାରୁ ନାଟ୍ୟକାର ମୃତହସ୍ତୀକୁ ଅନ୍ତର କରିବାର ସୂକ୍ଷ୍ମନିର୍ଦ୍ଦେଶ ଦେଇଅଛନ୍ତି ( ଗ୍ରନ୍ଥାବଳୀ ୫୩୨ ପୃଷ୍ଠା ) । ଏହିପରି କାରଣରୁ 'ରାମାଭିଷେକ' ନାଟକରେ (ରାମଶଙ୍କର ଗ୍ରନ୍ଥାବଳୀ ୧୦୧୬) ଅଙ୍ଗଦ ଓ ସୁଷେଣର ବାଳିପାଟିକୁ ଧରି ଉଠାଇ ନେଇ ନିଷ୍କ୍ରାନ୍ତ ହେବାର ନିର୍ଦ୍ଦେଶ ମଧ୍ୟ ଦିଆଯାଇଅଛି । ମୃତବ୍ୟକ୍ତି ବା ପଶୁକୁ

ରଙ୍ଗମଞ୍ଚରୁ ଏପରି ଅନ୍ତର୍ହିତ କରିବାର ଦୃଶ୍ୟ ମଧ୍ୟ ଅନ୍ୟ ଓଡ଼ିଆ ନାଟକରେ ସାଧାରଣତଃ ଦେଖାଯାଏ ନାହିଁ ।

ନଦୀ, ସମୁଦ୍ର ଓ ସେସବୁ ସହିତ ସମ୍ପୃକ୍ତ ନୌକା ପ୍ରଭୃତିର ଦୃଶ୍ୟ ଅନେକ ନାଟକରେ ଦେଖାଯାଇଥାଏ, ମାତ୍ର ଏହା ମଧ୍ୟ ଅଭିନୟ ସମୟରେ ଯଥାଯଥ ଭାବରେ ଦେଖାଇବା କଷ୍ଟକର । 'କାଞ୍ଚନମାଳୀ' ନାଟକରେ ଗୋଟିଏ ଦୃଶ୍ୟରେ "ପଟୁଆରେ କାଞ୍ଚନମାଳୀ ଓ ସୂର୍ଯ୍ୟମଣି ଉପବିଷ୍ଟ, ଅଦ୍ଭୁତରେ ପଟୁଆ ଚାଲିବା, ପଟୁଆ କ୍ରମେ କ୍ରମେ ଅଦୃଶ୍ୟ" (ରାମଶଙ୍କର ଗ୍ରନ୍ଥାବଳୀ ୭୦୧ ପୃଷ୍ଠା) ଏହିପରି ନିର୍ଦ୍ଦେଶ ଦିଆଯାଇଅଛି । ପୁଣି 'ସମଲେଶ୍ୱରୀ' ନାଟକରେ ମଧ୍ୟ "କେତେଗୁଡ଼ିଏ ଯୁଦ୍ଧତରୀ ପରିବେଷ୍ଟିତ ହୋଇ ଗୋଟିଏ ସୁସଜ୍ଜିତ ତରୀ ଧୀରେ ଧୀରେ ଚାଳିତ ହେଉଥିବାର ଦୃଶ୍ୟ ଦିଆଯାଇଅଛି (୧ ପୃଷ୍ଠା) ଓ ସେହି ନାଟକର ଅନ୍ୟତ୍ର "ନୌକା ବୁଡ଼ ବୁଡ଼ ହେଲା, ଅରୁଣୀ ଓ ରଘୁଜୀ ନଦୀଗର୍ଭରେ ପତିତ ହେଲେ, କେତେବେଳେ ଭାସି ଉଠୁଥିଲେ କେତେବେଳେ ବା ବୁଡ଼ି ଯାଉଥିଲେ" (୮ ପୃଷ୍ଠା) ଦୃଶ୍ୟ ଦିଆଯାଇଅଛି । କିନ୍ତୁ ସାଧାରଣ ରଙ୍ଗମଞ୍ଚରେ ଏସବୁ ଦୃଶ୍ୟ ଦେଖାଇବା କେତେ କଠିନ, ତାହା ସମସ୍ତେ ଉପଲବ୍ଧି କରି ପାରିବେ । 'ଗୌଡ଼ବିଜେତା'ରେ (୧୦୫ ପୃଷ୍ଠା) ନଦୀ-ବକ୍ଷରୁ ଡେଇଁପଡ଼ିବା ଦୃଶ୍ୟ ଅଛି ଓ ଅନ୍ୟତ୍ର ନଦୀ ସନ୍ତରଣ କରି ଅପରପାର୍ଶ୍ୱରେ ଶତ୍ରୁଙ୍କୁ ଉଦ୍ଧାର କରିବାର ଶବ୍ଦ ମଧ୍ୟ ଅଛି ଅର୍ଥାତ୍ ନଦୀର ଉଭୟ କୂଳର ଛବି ଓ ସନ୍ତରଣ ପ୍ରଭୃତି ଅଭିନୟ ସମୟରେ ଦେଖାଇବାର ନିର୍ଦ୍ଦେଶ ଦିଆଯାଇଅଛି । 'କଟକବିଜୟ'ରେ ହ୍ରଦ ମଧ୍ୟରେ ସୈନ୍ୟମାନଙ୍କର ଚିଲିକା ଅଭିଯାନ, 'କୋଣାର୍କ'ରେ ଧର୍ମାର ସମୁଦ୍ରବକ୍ଷକୁ ଡେଇଁପଡ଼ିବା ଦୃଶ୍ୟରେ ସମୁଦ୍ରର ଜଳ ବୃଦ୍ଧିପ୍ରାପ୍ତ ହୋଇ ଧର୍ମା ଓ ଶରତ୍ ଶବ ଦୁଇଟିକୁ ଭସାଇ ନେଇଯିବା ପ୍ରଭୃତି ଦୃଶ୍ୟ ଦିଆଯାଇଅଛି । ଅଭିନୟ କରିବା ସମୟରେ ଏସବୁ ଦୃଶ୍ୟ ଯଥାଯଥଭାବରେ ଦେଖାଇବା ଅସମ୍ଭବ ହୁଏ । ଭଞ୍ଜଭୂଜଙ୍ଗ ନାଟକରେ (୬୭ ପୃଷ୍ଠା) "ତୋପର ଗୋଳାଟା......ସେତୁର ମଧ୍ୟଭାଗଟା ଉଡ଼ାଇ ନେଇ ଯାଇ-ଥିଲା ଓ ସୈନ୍ୟମାନେ ଇତସ୍ତତଃ ବିକ୍ଷିପ୍ତ ହୋଇ ଯାଇଥିଲେ" ଏହିପରି ଶବ୍ଦ ଅଙ୍କିତ ହୋଇଅଛି । ଜ୍ୱଳନ୍ତ ଚିତାରେ ପ୍ରବେଶ ଶବ୍ଦ ଅନେକ ଓଡ଼ିଆ ନାଟକରେ ଦେଖାଯାଏ । 'ସଂସାରଚିତ୍ର'ରେ (୮୨ ପୃଷ୍ଠା) ଲୁଳୁଲା "ଚିତା ମଧ୍ୟରେ ପ୍ରବେଶ, ଚିତାରେ ଅଗ୍ନିସଂଯୋଗ କରୁ କରୁ 'ଭସ୍ମ ହେଉ

ହେଲ ପ୍ରାଣି ହେ ସ୍ୱୟଂବରଣ । ଅନ୍ତରେ ମାତୃଙ୍କୁ ଛାଡ଼ ବିବାହର ପର୍ଣ୍ଣ କାହ୍ନୁ ଶିଖା ପ୍ରଜ୍ୱଳିତ କରିବା ଓ ଲକ୍ଷ୍ମୀ ଦେବୀଙ୍କି "ଅଗ୍ନି ଅପରଦେ ଚିତାରେ ପ୍ରତିଫଳିତ ହେବା"ର ଦୃଶ୍ୟ ସନ୍ନିବେଶିତ ହୋଇଅଛି ଓ 'ତାପ୍ରାବାହ୍'ରେ (୮୯ ପୃଷ୍ଠା) ମଧ୍ୟ ଜ୍ୱଳନ୍ତ ଶିଖା ମଧ୍ୟରୁ ତାହିବାରଙ୍କର ବେରୌପଡ଼ିବା ଦୃଶ୍ୟ ଦିଆଯାଇଅଛି । ଏସବୁ ଦୃଶ୍ୟ ମଧ୍ୟ ଦର୍ଶକମାନଙ୍କର ମନକୁ ଉତ୍ତେଜିତ କରିବା ନିମନ୍ତେ ଓ ଛବି ଦେଖାଇ ଶଙ୍କାବିନୋଦନ କରିବା ନିମନ୍ତେ କଳ୍ପିତ, ମାତ୍ର ସାଧାରଣତଃ ଏମାନଙ୍କର ଯଥାଯଥ ଅଭିନୟ କରିବା କଠିନ ।

ଲୌକିକ ଚରିତ୍ରମାନଙ୍କର ରଙ୍ଗମଞ୍ଚରେ ଆବିର୍ଭାବ ଅନେକ ସମୟରେ ପ୍ରଯୋଜକଙ୍କୁ ନାନା ଅସୁବିଧାର ସମ୍ମୁଖୀନ କରିଥାଏ । 'ରୁକ୍ମିଣୀ' ନାଟକରେ (୯୩ ପୃଷ୍ଠା) ଗରୁଡ଼ ରଙ୍ଗମଞ୍ଚରେ ଆବିର୍ଭୂତ ହେବାର ଦୃଶ୍ୟ ଦିଆଯାଇଅଛି, 'ସୀତାବିବାହ'ରେ (୭୩ ପୃଷ୍ଠା) ଅପ୍ସରାମାନଙ୍କର ଊର୍ଦ୍ଧ୍ୱରୁ ଗୀତ ଗାଇବା ଦୃଶ୍ୟ, 'ସୁଭଦ୍ରାର୍ଜ୍ଜୁନ'ରେ କୃଷ୍ଣ ସମୁଦ୍ରଗର୍ଭରୁ ଉଠି କଥା କହିବା ଦୃଶ୍ୟ (୯୮ ପୃଷ୍ଠା), 'ଭୀଷ୍ମାର୍ଜ୍ଜୁନ'ରେ ଶେଷ ଦୃଶ୍ୟରେ ସହସା ଅର୍ଜ୍ଜୁନଙ୍କର ଶର ନିକ୍ଷେପ ଓ ପାତାଳରୁ ଜଳ ଉଠି ଭୀଷ୍ମଙ୍କ ମୁଖରେ ପଡ଼ିବା ଦୃଶ୍ୟ, 'ରଘୁଅରକ୍ଷିତ'ରେ (୨୮ ପୃଷ୍ଠା) ଶୂନ୍ୟରେ ରଘୁର ଯୋଗଲବ୍ଧ-କାୟା ଭୂମିରୁ ଉଠିବା ଦୃଶ୍ୟ, 'ସାବିତ୍ରୀ' ନାଟକରେ ସାବିତ୍ରୀ ଦେବୀଙ୍କର ଯଜ୍ଞସ୍ଥାନରେ ପ୍ରଜ୍ୱଳିତ ଅଗ୍ନି ମଧ୍ୟରୁ ଆବିର୍ଭାବ ଓ ରାଜାଙ୍କୁ ବରପ୍ରଦାନ ଦୃଶ୍ୟ ମଧ୍ୟ ଅଭିନୟ ସମୟରେ ଯଥାଯଥଭାବରେ ଦେଖାଇବା କଷ୍ଟକର । ସ୍ୱର୍ଗୀୟ ଅଭିରାମ ଭଞ୍ଜ 'ସୀତାବିବାହ' ନାଟକର ମୁଖବନ୍ଧରେ ଲେଖିଥିଲେ ଯେ, "ଦୃଶ୍ୟକାବ୍ୟର ସାରବସ୍ତୁ ଓ ମହିମା ଏକା କଳ୍ପନାଦ୍ୱାରା କଳନା କରାଯାଇ ପାରେ, ଅଭିନୟଦ୍ୱାରା ତାହାର ଧାରାଂଶରୁ ଏକାଂଶ ପ୍ରକାଶ ମଧ୍ୟ ସୁଦୂରପରାହତ" । ଓଡ଼ିଆ ନାଟକମାନଙ୍କରେ ଏପ୍ରକାର ଅବାଧ କଳ୍ପନା-ବିଳାସ ଥିବାରୁ ଅନେକଗୁଡ଼ିଏ ନାଟକ ଅଭିନୟର ଅନୁପଯୋଗୀ ହୋଇ ପଡ଼ିଅଛି । 'କୋଣାର୍କ' ନାଟକରେ (୭୩ ପୃଷ୍ଠା) ଧର୍ମା ନିଦ୍ରାଭିଭୂତ ହୋଇ ସ୍ୱପ୍ନ ଦେଖିବା ଦୃଶ୍ୟ ମଧ୍ୟ ଅଭିନୟ ସମୟରେ ଯଥାଯଥଭାବରେ ଅଭିନୀତ ହେବା କଷ୍ଟକର ।

ନାଟ୍ୟଶାଳାରେ ଚରିତ୍ରମାନଙ୍କର ପ୍ରବେଶ ଓ ନିଷ୍କ୍ରମଣ କରିବା ସମୟରେ ମଧ୍ୟ ଅନେକ ସମୟରେ ନାନା କୌତୁକାବହ ଦୃଶ୍ୟ ଓଡ଼ିଆ ନାଟକରେ ଦେଖାଯାଇଥାଏ । 'ତାପ୍ରାବାହ୍'ରେ (୫୬ ପୃଷ୍ଠା) କମଳା

ଦୂରକୁ ଗୁଳିବା ଓ ଦୂରୁ ଜହ୍ଲାଡ଼ରେ ଦସ୍ୟୁମାନଙ୍କର ଚୁପ ଚୁପ କଥାବାର୍ତ୍ତା ହେବାର ଦୃଶ୍ୟ ବର୍ଣ୍ଣିତ ହୋଇଅଛି । ମାତ୍ର ଏହି 'ଚୁପ୍‌ଚୁପ୍' ଶବ୍ଦ ଅଭିନୟ ସମୟରେ ନିତାନ୍ତ ଅବାସ୍ତବ ବୋଧ ହେବା ସମ୍ଭବ, କାରଣ ରଙ୍ଗମଞ୍ଚୋପରି ଅବସ୍ଥିତ ଚରିତ୍ରମାନଙ୍କର ଶ୍ରୁତିଗୋଚର ନ ହୋଇ ଶବ୍ଦଟି ଦର୍ଶକମାନଙ୍କର ଶ୍ରୁତିଗୋଚର ହେବା ଅସ୍ୱାଭାବିକ । 'କାଞ୍ଚନମାଳୀ' ନାଟକରେ ଏହିପରି ପରିସ୍ଥିତିରେ (୬୫୧ ପୃଷ୍ଠା) ନାଟ୍ୟକାର ରଙ୍ଗମଞ୍ଚରେ ଅନ୍ୟ ଚରିତ୍ରଙ୍କୁ ସ୍ଥାନ ଦେଇ ନାହାନ୍ତି । 'ମିତ୍ରଭାଗିନ' ନାଟକରେ (୩ ପୃଷ୍ଠା) 'ଦୂରରେ ମନୋଜଙ୍କୁ ଦେଖାଗଲା' ନିର୍ଦ୍ଦେଶ ଓ 'ମାତୃପୂଜା' ନାଟକରେ (୩୫ ପୃଷ୍ଠା) 'ହଠାତ୍ ଦୂରେ ଦେଖିଲା ଗୋଟିଏ ସୁନ୍ଦର ହରିଣ' ଅଭିନୟ ସମୟରେ ରଙ୍ଗମଞ୍ଚର କ୍ଷୁଦ୍ର ସ୍ଥାନ ମଧ୍ୟରେ କିପରି ଭାବରେ ଦେଖାଇବା ସମ୍ଭବ ? 'ଦେଶର ଡାକ' ନାଟକରେ ଏହିପରି (୮୫ ପୃଷ୍ଠା) ନେପଥ୍ୟରେ ମାଙ୍କଡ଼ର କେଁକାର ହେବା ନିର୍ଦ୍ଦେଶ ମଧ୍ୟ ପ୍ରଯୋଜକଙ୍କୁ ଅସୁବିଧାରେ ପକାଇଥାଏ ।

ଅଭିନୟ ସମୟରେ ରଙ୍ଗମଞ୍ଚରେ ହୋଇଥିବା କାର୍ଯ୍ୟାବଳୀ ଓ ବାକ୍ୟଦ୍ୱାରା, ନାଟ୍ୟକାର ନିଜର ମନୋଭାବ ବ୍ୟକ୍ତ କରିଥାନ୍ତି । ସେ ନିଜେ ଯବନିକାର ଅନ୍ତରାଳରେ ଥାଇ ଚରିତ୍ରମାନଙ୍କୁ ନିଜ ନିଜର ଅନ୍ତର୍ନିହିତ ମନୋଭାବ ବ୍ୟକ୍ତ କରିବା ନିମନ୍ତେ ଛାଡ଼ି ଦିଅନ୍ତି, ଏହାହିଁ ନାଟକର ଗୋଟିଏ ପ୍ରଧାନ ନିୟମ । କିନ୍ତୁ ଓଡ଼ିଆ ନାଟକରେ ନାଟ୍ୟକାର ଏହି ନିୟମର ବଶବର୍ତ୍ତୀ ହୋଇ ପ୍ରକାଶ୍ୟରେ ଲୋକମାନଙ୍କୁ କିଛି ନ କହିଲେହେଁ ନାନା ଉପାୟରେ ନାଟକୀୟ କଥା ଉପରେ ନିଜର ବ୍ୟାଖ୍ୟା ଦେବାରେ ବିରତ ହୋଇଅନ୍ତି ନାହିଁ । ଏହି ସବୁ ଉପାୟମାନଙ୍କ ମଧ୍ୟରୁ ପ୍ରଧାନ ନାଟକୀୟ ସଙ୍ଗୀତ । ରାମଶଙ୍କର ବାବୁ ଏହି କାରଣରୁ ନେପଥ୍ୟ ସଙ୍ଗୀତ ଉଠାଇ ଦେଇ ନିଜର ପରବର୍ତ୍ତୀ ନାଟକମାନଙ୍କରେ ଅଦୃଷ୍ଟକୁମାରୀଙ୍କର ଆବିର୍ଭାବ କଳ୍ପନା କରିଥିଲେ ଓ ଅଦୃଷ୍ଟକୁମାରୀମାନଙ୍କ ସଙ୍ଗୀତଦ୍ୱାରା ପୂର୍ବ ଦୃଶ୍ୟମାନଙ୍କରେ ବର୍ଣ୍ଣିତ ବିଷୟମାନଙ୍କ ଉପରେ ନିଜର ମତାମତ ବ୍ୟକ୍ତ କରିବାର ସୁବିଧା ପାଇଥିଲେ । ଗ୍ରୀକ୍‌ଦେଶୀୟ ନାଟକମାନଙ୍କରେ ଏହି ରୀତି ପ୍ରଚଳିତ ଥିଲା ଓ ପ୍ରତ୍ୟେକ ଅଙ୍କର ଅଭିନୟ ପରେ ଅନ୍ୟ ଅଙ୍କ ଆରମ୍ଭ ହେବା ପୂର୍ବରୁ କୋରସ୍ ଗାୟକମାନେ ପୂର୍ବବର୍ତ୍ତୀ ଅଙ୍କର କଥାବସ୍ତୁ ଉପରେ ଲେଖକର ମତାମତ ସ୍ପଷ୍ଟ ବ୍ୟକ୍ତ କରୁଥିଲେ । ସେକ୍ସପିୟରଙ୍କ ନାଟକରେ ଏପରି ବ୍ୟବହାର ଆଦୌ ନ ଥିଲା ଓ ସଂସ୍କୃତ ନାଟକରେ ମଧ୍ୟ ଏ ରୀତିର ପ୍ରଚଳନ ନ ଥିଲା । ରାମଶଙ୍କର ବାବୁ

'ବିପନ୍ମୋଦକ' ନାଟକ ରଚନା ପରେ ପ୍ରତ୍ୟେକ ନାଟକରେ ପ୍ରତ୍ୟେକ ଅଙ୍କ ଶେଷରେ ଅଦୃଷ୍ଟକୁମାରୀମାନଙ୍କ ଦ୍ୱାରା ନୃତ୍ୟଗୀତ ସଂଯୋଜିତ କରିଥିଲେ ଓ ସେହି ଗୀତମାନଙ୍କ ଦ୍ୱାରା ପୂର୍ବ ଅଙ୍କରେ ଥିବା କାର୍ଯ୍ୟାବଳୀ ଉପରେ ନିଜର ଟିପ୍ପଣୀ ଦେଇ ଦର୍ଶକ ଓ ନାଟ୍ୟକାର ମଧ୍ୟରେ ସାକ୍ଷାତ୍ ସମ୍ବନ୍ଧ ସ୍ଥାପନ କରିବାକୁ ପ୍ରୟାସ କରିଥିଲେ । ପ୍ରଥମରେ ବିପନ୍ମୋଦକ ନାଟକରେ ଏହି ଗାୟିକାମାନେ ଅଦୃଷ୍ଟ ବା ନିୟତି ଦ୍ୱାରା ସମ୍ପୃକ୍ତ ବୋଲି ଧାରଣା କରାଯାଇଥିଲା ଓ ସେମାନଙ୍କ ଗୀତ ମଧ୍ୟରେ ନାଟ୍ୟକାର ଏହି ଇଙ୍ଗିତ ସ୍ପଷ୍ଟଭାବରେ ଦେଇଥିଲେ । ଯଥାଃ—

ସଂସାରେ ମନୁଷ୍ୟ          ଅଦୃଷ୍ଟର ଦାସ
ବାନ୍ଧି ତାର ପାଶେ ଅଛଇ ନିରତେ
ପୂର୍ବଜନ୍ମାର୍ଜିତ          କର୍ମଫଳଜାତ
ଅଦୃଷ୍ଟଲିପିରେ ଅଛଇ ଲିଖିତ
ବିଧିର ବିଧାନ          କେ ଖଣ୍ଡିବ ଆନ
ଏବ ଭଗବାନ ବିରଚା ଜଗତେ ।

(ରାମଶଙ୍କର ଗ୍ରନ୍ଥାବଳୀ ୫୩୮ ପୃଷ୍ଠା)

ଏହି କାରଣରୁ ଏହି ଗାୟିକାମାନଙ୍କୁ ଅଦୃଷ୍ଟକୁମାରୀ ନାମ ଦେଇଥିଲେ । ପରବର୍ତ୍ତୀ ନାଟକମାନଙ୍କରେ ଅଦୃଷ୍ଟର କଥା କିଛି ନ ଥିଲେହେଁ ଅଦୃଷ୍ଟକୁମାରୀ ଶବ୍ଦ ପ୍ରଚଳିତ ରୀତିରୂପରେ ବ୍ୟବହୃତ ହୋଇଥିଲା ଓ ଅନ୍ୟ କେତେକ ନାଟକରେ ମଧ୍ୟ (ଯଥା—ରତ୍ନମାଳୀ) 'ଅଦୃଷ୍ଟବାଳିକା'-ମାନଙ୍କର ପ୍ରବେଶ ଓ ନୃତ୍ୟ କରିବା ବିଷୟ ଲିଖିତ ହୋଇଥିଲେହେଁ ପରବର୍ତ୍ତୀ ଓଡ଼ିଆ ନାଟକମାନଙ୍କରେ ଏହି ରୀତି ଆଉ ବ୍ୟବହୃତ ହେଉ ନାହିଁ । ନାଟ୍ୟକାର ନିଜ ଇଚ୍ଛାନୁସାରେ ନାନା ପ୍ରକାର ସଙ୍ଗୀତ ନାଟକର ନାନା ସ୍ଥାନରେ ଦେଉଅଛନ୍ତି ।

ନାଟକ ପାଠ କରିବା ସମୟରେ ଆମ୍ଭମାନଙ୍କର ମନ ତାହାର ଭାଷାଦ୍ୱାରା ଆକୃଷ୍ଟ ହୁଏ, ମାତ୍ର ଅଭିନୟ ସମୟରେ ରଙ୍ଗମଞ୍ଚରେ ଅଭିନୀତ ହେଉଥିବା କାର୍ଯ୍ୟ ବା କଥିତ ହେଉଥିବା ଭାଷା ଉଭୟେ ଯୁଗପତ୍ ଆମ୍ଭମାନଙ୍କ ମନକୁ ଆକୃଷ୍ଟ କରିଥାନ୍ତି । ଏଣୁ ନାଟକର ପ୍ରତ୍ୟେକ ଦୃଶ୍ୟରେ କଥା ଓ କାର୍ଯ୍ୟ ମଧ୍ୟରେ ସାମଞ୍ଜସ୍ୟ ଓ ସମତା ରହିବା ବିଧେୟ; ମାତ୍ର ଓଡ଼ିଆ ନାଟକରେ ଅନେକଗୁଡ଼ିଏ ଦୃଶ୍ୟରେ କଥାର ବାହୁଲ୍ୟ ଓ କାର୍ଯ୍ୟର ଅଳ୍ପତା ଦେଖାଯାଏ । 'ସୁଶୀଳା' ନାଟକର ଗୋଟିଏ ଦୃଶ୍ୟରେ (୪୩ ପୃଷ୍ଠା)

ସଦାଶିବ ପାଗଳା କେବଳ ଗୋଟିଏ ଲମ୍ବ ସ୍ୱଗତୋକ୍ତି କରୁଅଛି ଓ ଏହି ସ୍ୱଗତୋକ୍ତି ମଧ୍ୟରେ କାର୍ଯ୍ୟର କିଛି ଅବସର ନାହିଁ । 'ଖ୍ରୀଷ୍ଟାର୍ଜୁନ'ରେ (୧୩୯ ପୃଷ୍ଠା) ଏହିପରି କେବଳ ଗୋଟିଏ ସଙ୍ଗୀତଦ୍ୱାରା ଗୋଟିଏ ଦୃଶ୍ୟ କଳ୍ପିତ ହୋଇଅଛି ଓ 'ପୁରୁଷୋତ୍ତମ ଦେବ' ନାଟକରେ ମଧ୍ୟ (୯୭ ପୃଷ୍ଠା) ଗୋଟିଏ ଗୀତଦ୍ୱାରା ଗୋଟିଏ ଦୃଶ୍ୟ ପୂର୍ଣ୍ଣତାଲାଭ କରିଅଛି । 'ଧ୍ରୁବଚରିତ'ରେ (୭୫ ପୃଷ୍ଠା) କେବଳ ଗୁରୁଗୋଟି ନାଟକୀୟ ଚରିତ୍ର ଭିନ୍ନ ଭିନ୍ନ ସମୟରେ ରଙ୍ଗମଞ୍ଚରେ ପ୍ରବେଶ କରି ଗୁଡ଼ିଏ ସ୍ୱଗତୋକ୍ତି ଦ୍ୱାରା ନିଜର ମନୋଭାବ ପ୍ରକାଶ କରୁଅଛନ୍ତି, ମାତ୍ର ରଙ୍ଗମଞ୍ଚରେ କୌଣସି କାର୍ଯ୍ୟ ସାଧିତ ହେଉ ନାହିଁ । ବିଲ୍ୱମଙ୍ଗଳ ନାଟକର ତୃତୀୟ ଅଙ୍କର ପ୍ରଥମ ଦୃଶ୍ୟରେ ଏହିପରି ରଙ୍ଗମଞ୍ଚ ଉପରେ କୌଣସି କାର୍ଯ୍ୟ ହେବାର ନିର୍ଦ୍ଦେଶ ଦିଆଯାଇ ନାହିଁ । ନାଟକୀୟ କଳାଦୃଷ୍ଟିରୁ ଏଗୁଡ଼ିକ ତେତେ ସମୀଚୀନ ନୁହେଁ । 'ଗୌଡ଼ବିଜେତା'ରେ ନେପଥ୍ୟରୁ ସଙ୍ଗୀତ ଗାନ ହେଉଥିବା ସ୍ଥଳେ (୭୪ ପୃଷ୍ଠା) ରଙ୍ଗମଞ୍ଚରେ ଥିବା ଅଭିନେତାମାନେ ନିଶ୍ଚେଷ୍ଟ ଓ ନିସ୍ତବ୍ଧ ରହିବା ମଧ୍ୟ ନାଟ୍ୟକଳା ଅନୁମୋଦିତ ନୁହେଁ । କେତେକ ନାଟକରେ ପୁଣି ରଙ୍ଗମଞ୍ଚରେ କୌଣସି ଅଭିନେତା ନ ଥାଇ ତାହା ସାମୟିକ ଭାବରେ ଶୂନ୍ୟ ଥିବାର କଳ୍ପନା କରାଯାଇଅଛି । 'କାଞ୍ଚୀକାବେରୀ' ନାଟକରେ (୭୮ ପୃଷ୍ଠା) ରାଜା ପୁରୁଷୋତ୍ତମ ଦେବ ରଙ୍ଗମଞ୍ଚରୁ ନିଷ୍କ୍ରାନ୍ତ ହୋଇ କିଛିକ୍ଷଣ ପରେ ପ୍ରବେଶ କରିବାର ନିର୍ଦ୍ଦେଶ ଦିଆଯାଇଅଛି ଓ ଏହି ସମୟଟିରେ ରଙ୍ଗମଞ୍ଚ ସମ୍ପୂର୍ଣ୍ଣ ଶୂନ୍ୟ ରହୁଅଛି । 'କାର୍ତ୍ତବୀର୍ଯ୍ୟ' ନାଟକରେ (୫୩ ପୃଷ୍ଠା) ପରଶୁରାମ ନିଜ ମାତାଙ୍କୁ ହତ୍ୟା କରିବାକୁ ଯିବାର "କିଛିକ୍ଷଣ ପରେ" ଶବରମାନେ ରଙ୍ଗମଞ୍ଚରେ ପ୍ରବେଶ କଲେ ଓ 'ମାନ୍ଦର ବାବୁ' ନାଟକରେ (୧୯ ପୃଷ୍ଠା) ମଧ୍ୟ ରଙ୍ଗମଞ୍ଚଟି କିଛିକ୍ଷଣ ସମ୍ପୂର୍ଣ୍ଣ ଶୂନ୍ୟ ଥିବାର ସୂଚନା ଦିଆଯାଇଅଛି । 'କଳିକାଳ' ଚନ୍ଦ୍ରାବଳୀ (୧୮୫ ପୃଷ୍ଠା) ଚୈତନ୍ୟଲୀଳା (୭୪୦ ପୃଷ୍ଠା) ରଘୁଅରକ୍ଷିତ (୭୨ ପୃଷ୍ଠା) ନାଟକମାନଙ୍କରେ ମଧ୍ୟ ଏହିପରି ରଙ୍ଗମଞ୍ଚ ଉପରେ କିଛି କାର୍ଯ୍ୟ ହେଉ ନ ଥିବାରୁ ଓ ରଙ୍ଗମଞ୍ଚ ଅନେକାଂଶରେ ଶୂନ୍ୟ ଥିବାରୁ କେବଳ ଗୋଟିଏ ନେପଥ୍ୟ ସଙ୍ଗୀତଦ୍ୱାରା ସମୟକୁ ପୂର୍ଣ୍ଣ କରିବାର ଚେଷ୍ଟା କରାଯାଇଅଛି । ପୁଣି ଅପର ଦିଗରେ 'ହନୁରମଣୀ'ନାଟକରେ (୭୪ ପୃଷ୍ଠା) ରଙ୍ଗମଞ୍ଚ ଉପରେ ଅନେକଗୁଡ଼ିଏ କାର୍ଯ୍ୟ ଏକତ୍ର ଘଟୁ-ଥିଲେହେଁ ସେଥିର ଆନୁଷଙ୍ଗିକ କଥାମାନ ନ ଥିବାରୁ ନାଟକୀୟ ସମତା ରକ୍ଷିତ ହେଉ ନାହିଁ ।

ଅଭିନୟ ସୌକର୍ଯ୍ୟାର୍ଥ ନାଟକମାନଙ୍କରେ ଅଭିନୟକାଳୀନ ନିର୍ଦ୍ଦେଶ ସନ୍ନିବେଶିତ କରିବା ମଧ୍ୟ ବିଧି ଓ ଏହି ନିର୍ଦ୍ଦେଶମାନଙ୍କରୁ ପାଠକମାନେ ନିଜର କଳ୍ପନାଦ୍ୱାରା ନାଟକର ଅଭିନୟକୁ ସ୍ଥିରଭାବରେ ମାନସପଟରେ ଅଙ୍କିତ କରି ନେଇ ପାରନ୍ତି । ଆଧୁନିକ ନାଟକମାନଙ୍କରେ ବିଶଦଭାବରେ ଅଭିନୟ ନିର୍ଦ୍ଦେଶ ଦେବା ବିଧି ଓ ଏହି ରୀତି ବର୍ତ୍ତମାନ ପ୍ରଚଳିତ ଇଂରାଜୀ ନାଟକମାନଙ୍କ ଅନୁକରଣରେ ଓଡ଼ିଆ ନାଟକମାନଙ୍କରେ ବ୍ୟବହୃତ ହେଉଅଛି । ପାଇକପୁଅ, ଭଗ୍ନୀ, ତାଜମହଲ ପ୍ରଭୃତିରେ ନାନା ଇଙ୍ଗିତ, ନାନା ନିର୍ଦ୍ଦେଶଦ୍ୱାରା ସାଧାରଣ କଥାଗୁଡ଼ିକର ନାଟକୀୟ-ଭାବ ପ୍ରକାଶ କରିବାର କ୍ଷମତା ପ୍ରଦର୍ଶିତ ହୋଇଅଛି । ଏହି ନିର୍ଦ୍ଦେଶମାନ ନ ଥିଲେ ନାଟକର ରସଗ୍ରହଣ କରିବା ସମ୍ଭବପର ହୁଅନ୍ତା ନାହିଁ । କିନ୍ତୁ ଅନେକ ସ୍ଥଳରେ ଅଭିନୟ ନିର୍ଦ୍ଦେଶଗୁଡ଼ିକ ଯଥାଯଥଭାବରେ ସନ୍ନିବେଶିତ ହୋଇ ନାହିଁ ଓ ଅଭିନୟ ସମୟରେ ଅନେକ ସ୍ଥଳରେ ଅଭିନେତାମାନେ ଏହି ନିର୍ଦ୍ଦେଶଗୁଡ଼ିକୁ ଉପେକ୍ଷା କରିବାର ମଧ୍ୟ ଦେଖାଯାଇଥାଏ । 'ତାସ୍‌ବାଇ' ନାଟକରେ (୫୬ ପୃଷ୍ଠା) ''ତାସ୍‌ବାଇଙ୍କର କପୋଳଦ୍ୱୟ ସହସା ସମୟରେ ସ୍ପଷ୍ଟତଃ ଆରକ୍ତ ହୋଇ ଉଠୁଥିଲା'' ବୋଲି ନିର୍ଦ୍ଦେଶ ଦିଆଯାଇଅଛି । ଏହା ଅଭିନୟ କରିବା ସମୟରେ ପ୍ରଦର୍ଶନ କରିବା ସମ୍ଭବ କି ? 'ଚୈତନ୍ୟଲୀଳା' ନାଟକରେ (ରାମଶଙ୍କର ଗ୍ରନ୍ଥାବଳୀ ୭୬୧ ପୃଷ୍ଠା) ଅଦ୍ୱୈତ ଚୈତନ୍ୟଙ୍କ ହାତ ଧରିବା ସମୟରେ ସେ ନିଶ୍ଚୟ ମୂର୍ଚ୍ଛାଘାତରୁ ବିରତ ହୋଇଥିବେ, ମାତ୍ର କେବଳ ତାହାର ପରବର୍ତ୍ତୀ କଥା ଅବସରରେ ଏହିପରି ଭାବରେ ନିର୍ଦ୍ଦିଷ୍ଟ ହୋଇଅଛି । 'ଭଞ୍ଜଭୂକଙ୍କ'ରେ ଏକ ସ୍ଥାନରେ (୧୮ ପୃଷ୍ଠା) 'ଉତ୍ତେଜିତ ସ୍ୱରେ' ଏହିପରି ନିର୍ଦ୍ଦେଶ ଦିଆଯାଇଅଛି, ମାତ୍ର ଯେଉଁ ଭାଷା ଦିଆଯାଇଅଛି ତାହା ଉତ୍ତେଜନା ସୂଚକ ନୁହେଁ । ଯାହାହେଉ, ଏହିପରି ନିର୍ଦ୍ଦେଶମାନ ଦିଆଯାଇଥିବାରୁ ନାଟକ ପାଠ କରିବା ସମୟରେ ରସ ଗ୍ରହଣ କରିବାରେ ସାହାଯ୍ୟ ହୋଇଥାଏ; ଏଣୁ ଏ ପ୍ରକାର ନିର୍ଦ୍ଦେଶମାନ ନାଟକରେ ବାଞ୍ଛନୀୟ । କିନ୍ତୁ ତାଜମହଲ, ପାଇକ-ପୁଅ ପ୍ରଭୃତି ନାଟକରେ ନିର୍ଦ୍ଦେଶଗୁଡ଼ିକ ଅତ୍ୟଧିକ ବୋଲି ସ୍ୱତଃ ପ୍ରତୀୟମାନ ହୋଇଥାଏ ।

ଅଭିନୟ ସମୟରେ ଅଭିନୟକାଳ ଓ ବାସ୍ତବକାଳ ମଧ୍ୟରେ ସମତା ମଧ୍ୟ ଆବଶ୍ୟକ । କାରଣ ତା ନ ହେଲେ ନାଟକଟି ଅବାସ୍ତବ ବୋଲି ବୋଧ ହେବ । ପ୍ରତ୍ୟେକ ନାଟକରେ ଦୁଇଗୋଟି କାଳ ବିଷୟରେ

ଅବହୃତ ହେବାକୁ ହୁଏ । ନାଟକର ବର୍ଣ୍ଣିତ ଘଟଣାପୁଞ୍ଜ ବାସ୍ତବିକ ବହୁବର୍ଷ ମଧ୍ୟରେ ଘଟିଥାଇ ପାରେ, ମାତ୍ର ଅଭିନୟ ସମୟରେ ତିନି ଚାରି ଘଣ୍ଟା ମଧ୍ୟରେ ସେମାନଙ୍କର ଅଭିନୟ ଶେଷ କରିବାକୁ ହୁଏ । ତେଣୁ ନାଟ୍ୟକାର ଦର୍ଶକମାନଙ୍କ ମନରେ ନାନା କୌଶଳଦ୍ୱାରା କାଳ ବିଷୟରେ ଭ୍ରମ ଜାତ କରାଇ ଦୁଇଗୋଟି କାଳ ମଧ୍ୟରେ ପାର୍ଥକ୍ୟ ଦୂର କରିବାକୁ ଚେଷ୍ଟା କରିଥାନ୍ତି । ଅବଶ୍ୟ ସମଗ୍ର ନାଟକର କାଳ ସମଗ୍ର ଅଭିନୟକାଳଠାରୁ ପୃଥକ୍ ହେଲେହେଁ ପ୍ରତ୍ୟେକ ଦୃଶ୍ୟର ବର୍ଣ୍ଣିତକାଳ ଓ ଅଭିନୟକାଳ ମଧ୍ୟରେ ପୂର୍ଣ୍ଣ ସମତା ରହିବା ବାଞ୍ଛନୀୟ । 'ଦେବୀର ଡାକ' ନାଟକରେ ଏହିପରି ସମତା ପ୍ରଥମ ଅଙ୍କ ତୃତୀୟ ଦୃଶ୍ୟରେ ଅତି ସୁନ୍ଦରଭାବରେ ରକ୍ଷିତ ହୋଇଅଛି । ମାତ୍ର ଅନ୍ୟାନ୍ୟ ନାଟକରେ ଏହିପରି ସମତା ସୁସ୍ଥିରଭାବରେ ରକ୍ଷିତ ନ ହୋଇଥିଲେହେଁ କୌଣସି ଗୋଟିଏ ଦୃଶ୍ୟର ଅଭିନୟକାଳ ଓ ବାସ୍ତବକାଳ ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ । 'ସୁଧର୍ମା'ର କେତେକ ଦୃଶ୍ୟରେ ଏହିପରି ବୈଷମ୍ୟ ଲକ୍ଷିତ ହୋଇ ପାରେ । ସମ୍ପୂର୍ଣ୍ଣ ନାଟକର ଅଭିନୟକାଳ ଓ ବାସ୍ତବକାଳ ମଧ୍ୟରେ କିନ୍ତୁ ବିଶେଷ ପାର୍ଥକ୍ୟ ଦେଖାଯାଇଥାଏ । ଯେଉଁ ନାଟକର ଲେଖକ ଏହି ପାର୍ଥକ୍ୟକୁ ଢାଙ୍କିରଖି ନିଜର ରଚନାକୌଶଳଦ୍ୱାରା ଦର୍ଶକମାନଙ୍କ ମନରେ ଭ୍ରମ ଜାତ କରିବାକୁ ସମର୍ଥ ହୁଏ, ସେହି ନାଟକର ଅଭିନୟ ଅତ୍ୟନ୍ତ ବାସ୍ତବ ହୋଇଥାଏ; ଅନ୍ୟଥା ଅଭିନୟ ପ୍ରୀତିକର ହୋଇ ପାରେ ନାହିଁ । 'ସୁଧର୍ମା'ର କଥାବସ୍ତୁର ଆରମ୍ଭ ଅଷ୍ଟମ ଚତୁର୍ଦ୍ଦଶୀ ଦିନ, ଚତୁର୍ଥ ଅଭିନୟର ଦ୍ୱିତୀୟ ଦୃଶ୍ୟ ରାସନର ଭତ୍ତିରଦିନ ଅର୍ଥାତ୍ ପ୍ରଥମ ଓ ଚତୁର୍ଥ ଅଭିନୟ ମଧ୍ୟରେ ବ୍ୟବଧାନ ମାତ୍ର କୋଡ଼ିଏ ଦିନ । ଅବଶ୍ୟ ଚତୁର୍ଥ ଓ ପଞ୍ଚମ ଅଭିନୟମାନଙ୍କ ମଧ୍ୟରେ ପାଞ୍ଚ ଛଅ ମାସର ବ୍ୟବଧାନ କଳ୍ପିତ ହୋଇ ପାରେ, ମାତ୍ର ଗୋଟିଏ ପୂର୍ଣ୍ଣାଙ୍ଗ ନାଟକ ପକ୍ଷରେ ଏହି କାଳ ଯଥାର୍ଥ ହୋଇଅଛି । 'ବୃନ୍ଦାବନ' ପ୍ରସ୍ଥାନରେ ଏହିପରି କାର୍ଯ୍ୟାବେଶ ନାଟକ ପରି ଏକ ବର୍ଷ ମଧ୍ୟରେ ସବୁ ଘଟଣା ଘଟିବା କଳ୍ପନା କରାଯାଇ ପାରେ ଓ ବିଷମୋଦକ ନାଟକର ବର୍ଣ୍ଣିତ କାଳ ନିଶ୍ଚୟ ତିନି ଚାରି ବର୍ଷ ବ୍ୟାପିଥିବ । 'ଚୈତନ୍ୟଲୀଳା'ରେ ଚୈତନ୍ୟ ଦେବଙ୍କ ଜୀବନର ବହୁଳାଂଶ ପ୍ରଦର୍ଶିତ ହୋଇଅଛି ଓ ଏହି ନାଟକୀୟ କାଳ ଅନ୍ତତଃ ତିରିଶ ଚାଳିଶ ବର୍ଷ ବ୍ୟାପିଥିବା ସମ୍ଭବ । 'ସେଓତି'ରେ ଏକ ବର୍ଷ ମଧ୍ୟରେ ସବୁ ଘଟଣା ଘଟିଥିବା ନାଟ୍ୟକାର ସ୍ପଷ୍ଟ ଲେଖିଅଛନ୍ତି ।

'ଇସ୍ରାଣୀ' ନାଟକର ଘଟଣାମାନ ଗୋଟିଏ ଦିନର ଉଷା, ସନ୍ଧ୍ୟା ପରେ ଓ ଶେଷ ଯାମରେ ଘଟିଥିବାର ସ୍ପଷ୍ଟ ସୂଚନା ଦିଆଯାଇଅଛି । 'ପାଇକ ପୁଅ'ର ଘଟଣାଗୁଡ଼ିକ ମଧ୍ୟ ଉଷା, ମଧ୍ୟାହ୍ନ ଓ ସନ୍ଧ୍ୟାରେ ଘଟିଥିବାର ଇଙ୍ଗିତ ଆମ୍ଭେମାନେ ପାଉଥାଉଁ; କିନ୍ତୁ 'ରାଜମହଲ'ର ଘଟଣାଗୁଡ଼ିକ ବହୁକାଳ ବ୍ୟାପୀ, ତାହା ମନରାଜମହଲର କୈଶୋରରେ ଆରମ୍ଭ ଓ ତାହାର ଯୌବନ, ପାଞ୍ଚଗୋଟି ପୁତ୍ର ଜାତ ହେବା ପରେ ମୃତ୍ୟୁରେ ପରିସମାପ୍ତ । 'ସାବିତ୍ରୀ'ରେ ଏହିପରି ସାବିତ୍ରୀଙ୍କ ଜନ୍ମର ପୂର୍ବବୃତ୍ତାନ୍ତ ଦେଇ ନାଟକଟିର ଆରମ୍ଭ ଓ ତାହାଙ୍କ ଜନ୍ମର ବହୁ ବର୍ଷ ପରେ ତାଙ୍କର ବିବାହ ନିମନ୍ତେ ପିତାମାତାଙ୍କ ଉଦ୍‌ବେଗ, ତାଙ୍କର ସ୍ୱୟମ୍ବର, ବିବାହ, ବିବାହର ଏକବର୍ଷ ପରେ ସତ୍ୟବାନଙ୍କ ମୃତ୍ୟୁ ଓ ପୁନର୍ଜୀବନଲାଭ ବର୍ଣ୍ଣିତ ହୋଇଅଛି । 'ଭୀଷ୍ମ' ନାଟକରେ ମଧ୍ୟ ଭୀଷ୍ମଙ୍କ ବାଲ୍ୟକାଳର ଘଟଣାଠାରୁ ଆରମ୍ଭ କରି ଶରଶଯ୍ୟାରେ ମୃତ୍ୟୁ ପର୍ଯ୍ୟନ୍ତ ପୁରାଣବର୍ଣ୍ଣିତ ଦଶ ସହସ୍ର ବର୍ଷ ଅତିବାହିତ ହୋଇଅଛି । ରଙ୍ଗମଞ୍ଚରେ ବହୁବର୍ଷବ୍ୟାପୀ ଘଟଣା ବର୍ଣ୍ଣନା କରିବା ସମୟରେ ତାହାର ଅବାସ୍ତବତା ସହଜରେ ଦର୍ଶକଙ୍କର ଅପ୍ରୀତିକର ହୁଏ ଓ ବାସ୍ତବତାର ଭ୍ରମ ଜାତ ହେଉ ନ ଥିବା ସ୍ଥଳେ ଅଭିନୟ ମଧ୍ୟ କଷ୍ଟକର ହୋଇଥାଏ । ମାତ୍ର ଆଧୁନିକ ଓଡ଼ିଆ ନାଟକରେ ବହୁବର୍ଷବ୍ୟାପୀ ଘଟଣାସମାବେଶ ପରିହୃତ ହେଉଅଛି ଓ ବାସ୍ତବକାଳକୁ ସଂକ୍ଷେପ କରି ନାଟକର ଅଭିନୟକାଳ ଓ ବାସ୍ତବକାଳ ମଧ୍ୟରେ ସମତା ରକ୍ଷା କରିବା ନିମନ୍ତେ ନାଟ୍ୟକାରମାନେ ସଚେଷ୍ଟ ହେଉଅଛନ୍ତି ।

ଅଭିନୟ ସମୟରେ ଆଉ ଗୋଟିଏ ବିଷୟ ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ଆକୃଷ୍ଟ ହୋଇଥାଏ । ଏହା ଛଦ୍ମବେଶଧାରଣ । ଓଡ଼ିଆ ନାଟକମାନଙ୍କରେ ଏହି ରୀତି ନାନା ନାଟକରେ ଅନୁସୃତ ହୋଇଅଛି । ଓଡ଼ିଆ ନାଟକମାନଙ୍କ ମଧ୍ୟରେ ବୃନ୍ଦାବନ ପ୍ରହସନରେ (୧୮୯୨) ଏହାର ଆରମ୍ଭ ଓ ସେଥିରେ ଜଗନ୍ନାଥ, ମାନଗୋବିନ୍ଦ, ସୁଦର୍ଶନ, ନନ୍ଦକିଶୋର, ଶମ୍ଭୁ ଓ ଲୋକନାଥ ପ୍ରଭୃତି ନର୍ତ୍ତକୀ ଓ ତାହାର ସଙ୍ଗୀ ରୂପରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ହାସ୍ୟରସର ସୃଷ୍ଟି କରିଥିଲେ । ସେକ୍‌ସପିୟର ଓ ତତ୍‌କାଳୀନ ଅନ୍ୟାନ୍ୟ ନାଟକରେ ମଧ୍ୟ ଏହି ଛଦ୍ମବେଶରୀତି ବହୁଳଭାବେ ପ୍ରଚଳିତ ଥିଲା ଏବଂ ଓଡ଼ିଆ ନାଟକରେ ମଧ୍ୟ ଅନେକ ସ୍ଥାନରେ ଏହାର ପ୍ରଚଳନ ଦେଖାଯାଏ । 'କାଞ୍ଚିକାବେରୀ'ରେ ଚନ୍ଦ୍ରିକା ପଦ୍ମନାଭଙ୍କୁ ସଙ୍ଗରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ନିଜର ଛଦ୍ମବେଶ ଓ ବାସ୍ତବ ପରିଚୟ

ବିଷୟରେ ନାନା ଇଙ୍ଗିତ ଦେବାଦ୍ୱାରା ନାଟକଟି ସରସ ହୋଇଅଛି । ଏହିପରି 'ବୌଦ୍ଧବିଜେତା'ରେ ଶାନ୍ତ ଗ୍ରୀବାଦେଶରେ ପିସ୍ତଲ ଗୁଳିଦ୍ୱାରା ଆହତ ହୋଇ ମଧ୍ୟ ଶାନ୍ତନୁବେଶରେ ରଙ୍ଗମଞ୍ଚରେ ଉପସ୍ଥିତ ହୋଇ ନିଜର ଉଦ୍ଧାର ବିଷୟରେ କୈଫିୟତ ଦର୍ଶକମାନଙ୍କୁ ଦେଉଅଛି । 'ସୁଶୀଳା' ନାଟକରେ ନାୟିକା ସୁଶୀଳା ଗୋପବାଳୀ ରୂପରେ ଅବତୀର୍ଣ୍ଣ ହୋଇ ନିଜର ସ୍ନେହ ଓ ପ୍ରୀତିଦ୍ୱାରା S. D.s ସାହେବଙ୍କୁ ମିତ୍ରେଶ୍ୱର ବାନ୍ଧୁ ରୂପରେ ପରିଣତ କରିବାକୁ ସମର୍ଥ ହୋଇଅଛି । ଏହି ନାଟକମାନଙ୍କରେ ସ୍ତ୍ରୀ ପୁରୁଷ-ଛଦ୍ମବେଶ ବ୍ୟବହାର କରିବା ବର୍ଣ୍ଣିତ ହୋଇଅଛି ଓ ଏହାଦ୍ୱାରା ସେମାନଙ୍କ ପ୍ରେମାସ୍ପଦମାନେ ନାନା ବିପଦରୁ ଉଦ୍ଧାରଲାଭ ମଧ୍ୟ କରୁଅଛନ୍ତି । ମାତ୍ର 'ସତ୍ୟବିଜୟ'ରେ ଶମ୍ଭୁ ନାରୀବେଶରେ ରଙ୍ଗମଞ୍ଚରେ ପ୍ରବେଶ କରୁଅଛି (୬୦ ପୃଷ୍ଠା) । 'ସୁଭଦ୍ରାର୍ଜୁନ'ରେ ଗୋଟିଏ ନିଶ ଥିବା ବ୍ୟକ୍ତିକୁ ସ୍ତ୍ରୀବେଶରେ କନ୍ୟା ସାଜି କରାଇ ତାହାଦ୍ୱାରା ହାସ୍ୟରସର ଅବତାରଣା କରାଯାଉଅଛି ଓ 'ଉତ୍କଳଗୌରବ' ନାଟକରେ ମଧ୍ୟ ପ୍ରଧାନତଃ ହାସ୍ୟରସର ଉଦ୍ରେକ କରିବା ନିମନ୍ତେ ସମରେନ୍ଦ୍ର ଚମ୍ପା ବେଶରେ ଓ ଚମ୍ପା ସମରେନ୍ଦ୍ର ବେଶରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବା ନାଟ୍ୟକାର ପରିକଳ୍ପନା କରିଅଛନ୍ତି । ଏହିପରି ପରସ୍ପର ଛଦ୍ମବେଶ ଧାରଣ ଓଡ଼ିଆ ନାଟକରେ ବିରଳ । ବାସ୍ତବ ଜୀବନରେ ଏପରି ଛଦ୍ମବେଶର ବ୍ୟବହାର ପ୍ରଚଳିତ ନ ଥିଲେହେଁ ଏହାଦ୍ୱାରା ହାସ୍ୟରସର ଅବତାରଣା କରିବା ସମ୍ଭବପର ଥିବାରୁ ଓ ଦର୍ଶକମାନଙ୍କର ଅଭିନୟ-କାଳୀନ କୌତୂହଳ ସଞ୍ଜାତ ହେଉଥିବାରୁ ଓଡ଼ିଆ ନାଟକରେ ଏହି ରୀତି ପ୍ରଚଳିତ ହୋଇଅଛି ।

ଓଡ଼ିଆ ନାଟକରେ ରଙ୍ଗମଞ୍ଚ ଓ ଅଭିନୟ ସହିତ ସମ୍ପର୍କ ବିଷୟରେ ଏହିପରି ନାନାପ୍ରକାର ତଥ୍ୟ ଆମ୍ଭମାନଙ୍କର ଦୃଷ୍ଟିଗୋଚର ହୁଏ ଓ ଏହି ସମ୍ପର୍କ ବିଷୟରେ ଅବହିତ ହୋଇ ନାଟକମାନ ରଚିତ ହେଉଥିବାରୁ ଏହାର ଆଲୋଚନା ସର୍ବାଦୌ ପ୍ରୟୋଜନ ।

# ଅଷ୍ଟମ ପରିଚ୍ଛେଦ

## ଓଡ଼ିଆ ନାଟକର ସାମାଜିକ ପୃଷ୍ଠପଟ

ନାଟକ ସମାଜର ପ୍ରତିଚ୍ଛବି ଓ ନାଟ୍ୟକାର ସମାଜର ଚିତ୍ର ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାନ୍ତି । ଏହି ଛବି ଯେତେ ବାସ୍ତବ ହୁଏ, ସମାଜର ଦୈନନ୍ଦିନ ଜୀବନ ତାହା ମଧ୍ୟରେ ଯେତେ ଅନୁକୃତ ହୁଏ, ନାଟକଟି ସେତେ ଚିତ୍ତାକର୍ଷକ ହୋଇଥାଏ । ଅବାସ୍ତବ ଜିନିଷ ଆମ୍ଭମାନଙ୍କ ମନକୁ ବିଶେଷଭାବରେ ଉଦ୍‌ବୋଧିତ କରିପାରେ ନାହିଁ । କବି ନିଜ ଅନୁପ୍ରେରଣାଦ୍ୱାରା ବିଶ୍ୱର ଭବିଷ୍ୟତ୍ ପ୍ରତି ଲକ୍ଷ୍ୟ ରଖି ସଙ୍ଗୀତ ରଚନା କରନ୍ତି । ସୁମଧୁର ତାନ ଲୟଦ୍ୱାରା ଶ୍ରୋତାର ମନକୁ ମୁଗ୍ଧ କରି କିଛି କାଳ ନିମନ୍ତେ ତାକୁ ବାସ୍ତବତା ପ୍ରତି ଅନ୍ଧ କରିଦିଅନ୍ତି । ଶ୍ରୋତା ମଧ୍ୟ ସଙ୍ଗୀତର ମାଧୁର୍ଯ୍ୟରେ ବିମୋହିତ ହୋଇ ତାହାର ସତ୍ୟତା ବା ଅପ୍ରାକୃତତା ବିଷୟରେ ସନ୍ଦେହ ପ୍ରକାଶ କରିବାର ଅବସର ପାଏ ନାହିଁ । ଔପନ୍ୟାସିକ ସମାଜର ଯଥାଯଥ ବର୍ଣ୍ଣନା ଦିଅନ୍ତି ସତ୍ୟ, ମାତ୍ର ବର୍ଣ୍ଣନାଚାତୁରୀଦ୍ୱାରା ସେ ମଧ୍ୟ ଅବାସ୍ତବ ପଦାର୍ଥକୁ ବାସ୍ତବରେ ପରିଣତ କରିବାର ଅବସର ପାଇଥାନ୍ତି । ମାତ୍ର ନାଟକ ଅଭିନୟ କରିବା ସମୟରେ ତାହା ମଧ୍ୟରେ କୌଣସି ଅବାସ୍ତବ ବିଷୟ ଥିଲେ, ତାହା ସଙ୍ଗେ ସଙ୍ଗେ ଦର୍ଶକମାନଙ୍କ ମନକୁ ଆଘାତ କରେ ଓ ସେମାନଙ୍କୁ ବିମୁଖ କରିଦିଏ । ନାଟ୍ୟକାର ନିଜେ ଯବନିକାର ଅନ୍ତରାଳରେ ରହୁଥିବାରୁ କୌଣସି ଶିଳ୍ପଚାତୁରୀଦ୍ୱାରା ଅବାସ୍ତବକୁ ବାସ୍ତବରୂପରେ ବର୍ଣ୍ଣନା କରିବାର ଅବସର ପାଏ ନାହିଁ । ଏଣୁ ନାଟକମାନଙ୍କରେ ସାମାଜିକ ଜୀବନ କିପରି ଭାବରେ ପ୍ରତିଫଳିତ ହୋଇଅଛି, ତାହା ଆଲୋଚନା କରିବା ପ୍ରୟୋଜନ ।

ଓଡ଼ିଆ ନାଟକ ପ୍ରଥମେ ରଚିତ ହେବା ସମୟରେ ଏହା ଉପରେ ଦୁଇଟି ପ୍ରଧାନ ପ୍ରଭାବର ସୂତ୍ରପାତ ହୋଇଥିଲା । ଏକ ଦିଗରେ ନାଟକ ଲେଖକମାନେ ଇଂରାଜୀ ନାଟକର ବିଶେଷତଃ ସେକ୍ସପିୟରଙ୍କ ନାଟ୍ୟକଳାର ଅନୁବର୍ତ୍ତୀ ହୋଇଥିଲେ । ଇଂରାଜୀ ନାଟକର ପ୍ରଭାବ ନାନା ଓଡ଼ିଆ ନାଟକରେ ଆମ୍ଭେମାନେ ପାଇଥାଉଁ । 'ବନବାଳା'ର କଥାବସ୍ତୁ ମୁଖ୍ୟତଃ ସେକ୍ସପିୟରଙ୍କ The Tempest ନାଟକର କଥାବସ୍ତୁକୁ ଅନୁସରଣ କରୁଅଛି ଓ ରାଜା ଚନ୍ଦ୍ରସେନ Prospero ଚରିତ୍ରର ଅନୁ-

କରଣରେ କଳ୍ପିତ (୧୧୮ ପୃଷ୍ଠା ଗ୍ରନ୍ଥକାରଙ୍କ ଗ୍ରନ୍ଥାବଳୀ) । 'ସମତେଲ୍ୟ'ର ପ୍ରଥମ ଦୃଶ୍ୟ ମଧ୍ୟ The Tempest ନାଟକର ପ୍ରଥମ ଦୃଶ୍ୟର ଅନୁକରଣରେ କଳ୍ପିତ । 'ପୁରୁଷୋତ୍ତମ ଦେବ' ନାଟକରେ ପଦ୍ମାବତୀ ଓ କନକର ବନ ମଧ୍ୟରେ ଭ୍ରମଣ ଓ ପୁରନ୍ଦର ଗଜପତିଙ୍କ ନିଜର ନାମ ଲେଖିବା ସେକ୍ସପିଅରଙ୍କ 'As you Like It' ନାଟକର କଥାବସ୍ତୁ ଅନୁକରଣରେ ଲେଖାଯାଇଅଛି । ପୁଣି 'ପ୍ରେମବଳୟ'ରେ ଯୋଗିନୀମାନଙ୍କର "ନାଚି ଲୋ, ଝୁଲିବା ଲୋ" ପ୍ରଭୃତି ଗୀତ ମାଳବେଥର ଡାଆଣୀ ଗୀତଦ୍ୱାରା ବିଶେଷ ଭାବରେ ପ୍ରଭାବିତ । 'ସୁଶୀଳା'ରେ ବ୍ୟବହୃତ କେତେକ ଦେଶାତ୍ମପ୍ରୀତି ମଧ୍ୟ ଇଂରାଜି ନାଟକର ଅନୁକୃତରୁ ପ୍ରଚଳିତ । ସଂସ୍କୃତ ନାଟକର ପ୍ରଭାବ ରାଜସଭାର ବର୍ଣ୍ଣନାରେ, ବିଦୂଷକର କଳ୍ପନାରେ, ନାଟକ ମଧ୍ୟରେ କାବ୍ୟରସ ସଞ୍ଚାର କରିବାରେ ଓ ପ୍ରସ୍ତାବନା ସୂତ୍ରଧର ପ୍ରଭୃତିର ପରିକଳ୍ପନାରେ ପରିଲକ୍ଷିତ । ନାନା ଓଡ଼ିଆ ନାଟକରେ ଏହିପରି ଉଦାହରଣ ଆମ୍ଭେମାନେ ପାଉଥାଉଁ । ଏପରି କି 'ସୀତାବିବାହ' ନାଟକ ଓ ଅନ୍ୟାନ୍ୟ ଓଡ଼ିଆ ନାଟକରେ ନଟୀମାନଙ୍କର ଯେଉଁ ପୂର୍ବରଙ୍ଗକାଳୀନ କଥାବାର୍ତ୍ତା ବା ନୃତ୍ୟଗୀତର ଚିତ୍ର ଦିଆଯାଇଅଛି, ତାହା ମଧ୍ୟ ଅନେକାଂଶରେ ସଂସ୍କୃତ ନାଟକରେ ବ୍ୟବହୃତ ରୀତି ଉପରେ ପ୍ରତିଷ୍ଠିତ । 'କାର୍ତ୍ତବୀର୍ଯ୍ୟ' ନାଟକରେ ଜମଦଗ୍ନିଙ୍କ ଆଶ୍ରମରେ ସୁମିତ୍ରା ଓ ପଦ୍ମିନୀଙ୍କର ପରସ୍ପର ପ୍ରତି ଅନୁରାଗ ସଞ୍ଚାର ଓ ପ୍ରେମ ନିବେଦନ ମଧ୍ୟ ଦୁଷ୍ମନ୍ତ ଶକୁନ୍ତଳାର ବିଷୟ-ବସ୍ତୁକୁ ଅନୁସରଣ କରିଅଛି । ଓଡ଼ିଶାରେ ନାଟକ ଲେଖା ହେବା ପୂର୍ବେ ଯେଉଁ ଯାତ୍ରା ଆଦି ପ୍ରଚଳିତ ଥିଲା, ସେମାନଙ୍କର ପ୍ରଭାବ ମଧ୍ୟ ଓଡ଼ିଆ ନାଟକର ନାନା ସ୍ଥାନରେ ଦେଖାଯାଇଥାଏ । 'ଭକ୍ତମଣି' ନାଟକରେ ରାଜା ମନ୍ତ୍ରୀଙ୍କୁ ରାଜ୍ୟର ମଙ୍ଗଳ ବିଷୟରେ ପ୍ରଶ୍ନ କରୁଅଛନ୍ତି ଓ ଏହା ପଦ୍ଧତି ଯାତ୍ରାରେ 'ରାଜ୍ୟ ସମାଚାର' ବିଷୟକ କଥୋପକଥନ ଉପରେ ପ୍ରତିଷ୍ଠିତ । ପୁଣି 'ପ୍ରେମମିଳନ' ନାଟକରେ ରାଧା "ସହି ହେ, ଆଉ ନ ସହେ ସହି, ଅନ୍ତରେ ଅନ୍ତରେ ହେଉଛି ଦହି" (୩୫ ପୃଷ୍ଠା), କିମ୍ବା "ଅହେ ତପୋଧନ ଏ ଦୁଃଖିନୀପ୍ରାଣ, କୃଷ୍ଣପଦ ଭଜି ଜାଣେ ନ ଜାଣେ" (୪୦ ପୃଷ୍ଠା) ପ୍ରଭୃତି ସଙ୍ଗୀତରେ ନିଜର ମନୋଭାବ ବ୍ୟକ୍ତ କରିବାର ଯେଉଁ ଚିତ୍ର ଦିଆଯାଇଅଛି, ସେ ସମସ୍ତ ମଧ୍ୟ ଯାତ୍ରାର ଅନୁକୃତ । ରଙ୍ଗମଞ୍ଚ ଉପରେ ପ୍ରକାଶ୍ୟ ଯୁଦ୍ଧ ଓ ପ୍ରତାପରର ମୃତ୍ୟୁ ପ୍ରଭୃତିର ବର୍ଣ୍ଣନା ମଧ୍ୟ ବାସ୍ତବ୍ ପରିମାଣରେ ପ୍ରଚଳିତ ଯାତ୍ରାମାନଙ୍କରୁ ଗୃହୀତ । ବଙ୍ଗଳା ନାଟ୍ୟକଳା ମଧ୍ୟ ଅନେକ ବିଷୟରେ

ଓଡ଼ିଆ ନାଟକକୁ ବିଶେଷଭାବରେ ପ୍ରଭାବିତ କରିଅଛି । ଓଡ଼ିଆରେ ପୂର୍ଣ୍ଣ ଓ ଭଗ୍ନ ଅମିତ୍ରାକ୍ଷରର ପ୍ରଚଳନ, ଗୀତ ନୃତ୍ୟର ବ୍ୟବହାର, ରଙ୍ଗମଞ୍ଚର ପରିକଳ୍ପନା ଓ ସଙ୍ଗୀତର ବ୍ୟବହାର ମଧ୍ୟ ଅନେକ କ୍ଷେତ୍ରରେ ବଙ୍ଗଳା ନାଟକରେ ବ୍ୟବହୃତ ରୀତି ଉପରେ ପ୍ରତିଷ୍ଠିତ । ନାଗରିକମାନଙ୍କର ଷଡ଼ଯନ୍ତ୍ରରଚନା, ପ୍ରହରୀମାନଙ୍କର କର୍ମତତ୍ପରତା ଓ ସୈନ୍ୟମାନଙ୍କର ଯୁଦ୍ଧ ନିପୁଣତାରେ ଅନାବଶ୍ୟକତା ପ୍ରଭୃତି ମଧ୍ୟ ବଙ୍ଗଳା ନାଟକରେ ପ୍ରଥମେ ପ୍ରବର୍ତ୍ତିତ ହୋଇ ପରେ ଓଡ଼ିଆ ନାଟକରେ ପ୍ରଚଳିତ ହୋଇଅଛି । ଅନେକ ଜନପ୍ରିୟ ବଙ୍ଗଳା ନାଟକ ଓଡ଼ିଆରେ ଅନୁବାଦିତ ହୋଇଥିବାରୁ ଓ ଓଡ଼ିଶାରେ ସ୍ଥାୟୀ ବଙ୍ଗଦେଶୀୟ ଅଧିବାସୀମାନଙ୍କ ଦ୍ୱାରା ନାଟ୍ୟଶାଳା ସ୍ଥାପନ, ନାଟକ ରଚନା, ଅଭିନେତା ଦଳ ଗଠନ ଓ ଅଭିନୟ ହୋଇଥିବାରୁ ଏବଂ ଓଡ଼ିଶାର ଉଚ୍ଚ ଶିକ୍ଷିତ ଲୋକମାନେ ନାନା କାରଣରୁ ବଙ୍ଗଦେଶୀୟ ସାହିତ୍ୟ ସହିତ ବିଶେଷ ପରିଚିତ ଥିବାରୁ ଅନେକ ଓଡ଼ିଆ ନାଟକରେ ବଙ୍ଗଦେଶୀୟ ନାଟକର ପ୍ରଭାବ ସୁସ୍ପଷ୍ଟ ଦେଖାଯାଏ ।

ଓଡ଼ିଆ ନାଟକର ସାମାଜିକ ପୃଷ୍ଠପଟ ବା ଐତିହାସିକ ଆଲୋଚନା କରିବା ସମୟରେ ଏହି ଭିନ୍ନ ଦେଶୀୟ ରୀତିର ଅନୁସରଣ ବା ଓଡ଼ିଆ ସାହିତ୍ୟ ପ୍ରଭାବ ବିଷୟରେ ସମ୍ୟକ୍ ଅବହିତ ହେବାକୁ ହେବ; କାରଣ ଅନେକ ନାଟକରେ ସେଥିପାଇଁ କଥାବସ୍ତୁ ବ୍ୟବହୃତ ହୋଇଅଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଶାର ସାମାଜିକ ଜୀବନ ସହିତ ସମ୍ପୃକ୍ତ ନୁହେଁ, କେବଳ ଅନ୍ୟ ନାଟ୍ୟରୀତିମାନଙ୍କର ଅନୁକୃତ ମାତ୍ର । ପୁଣି ଅନେକ କ୍ଷେତ୍ରରେ ଯେଉଁଠାରେ ପୂର୍ବତନ ନାଟକର ଅନୁକୃତ ନ ଥିଲେହେଁ କଥାବସ୍ତୁ ମଧ୍ୟରେ ଉତ୍ତେଜନା ବା ଉନ୍ମାଦନା ସୃଷ୍ଟି କରିବା ନିମନ୍ତେ ନାଟ୍ୟକାର ନାନା ଅବାସ୍ତବ ବିଷୟର ଅବତାରଣା କରିଥାନ୍ତି ଓ ଏସବୁ ମଧ୍ୟ ଓଡ଼ିଶାର ସାମାଜିକ ଜୀବନ ସହିତ ସମ୍ପୃକ୍ତ ବୋଲି କଳ୍ପନା କରାଯାଇ ନ ପାରେ । ଓଡ଼ିଆ ନାଟକରେ ବାଦ୍ୟସଙ୍ଗ, ନୃତ୍ୟନାଟ୍ୟ, ସ୍ୱପ୍ନ-ଦର୍ଶନକାଳୀନ ସଙ୍ଗୀତ, ନିଦ୍ରାଭିଭୂତ ପ୍ରହରୀ ପ୍ରଭୃତିର ଚିତ୍ର ଦିଆଯାଇ-ଥିବାରୁ ଏ ସବୁକୁ ଓଡ଼ିଆ ସମାଜରେ ପ୍ରଚଳିତ ଘଟଣା ବୋଲି ଭ୍ରମ-କରିବା ଅନ୍ୟାୟ ହେବ, କାରଣ ଏ ସବୁ କେବଳ ଭିନ୍ନ ଦେଶୀୟ ସାହିତ୍ୟର ଅନୁକୃତ, ଓଡ଼ିଆ ଜୀବନ ସହିତ ଏମାନଙ୍କର ସମ୍ପର୍କ ନାହିଁ । ମାତ୍ର ଅନେକ ଓଡ଼ିଆ ନାଟକରୁ ଆମ୍ଭେମାନେ ଓଡ଼ିଶାର ସାମାଜିକ ଜୀବନ ବିଷୟରେ ନାନା ଇଙ୍ଗିତ ମଧ୍ୟ ପାଇଥାଉଁ ।

ଓଡ଼ିଆରେ ନାଟକ ଲେଖା ହେବାର ଅବ୍ୟବହିତ ପୂର୍ବେ ୧୮୬୬ ମସିହାରେ ନଅଙ୍କର କରାଳ ଦୁର୍ଭିକ୍ଷ ଓଡ଼ିଶାରେ ସମସ୍ତଙ୍କୁ ବିଚଳିତ କରିଥିଲା । ଏହି ଦୁର୍ଭିକ୍ଷର ଭୀଷଣ ତାଡ଼ନାରେ କେତେ କେତେ ଲୋକ ଯେ ମୃତ୍ୟୁ ବରଣ କରିବାକୁ ବାଧ୍ୟ ହେଲେ, ଅନାହାରର ଅସୀମ ଯନ୍ତ୍ରଣାରେ କେତେ ଲୋକ ଯେ ଜୀବନରକ୍ଷା କରିବାକୁ ଅସମର୍ଥ ହୋଇ ଧୁକିଣି କଷ୍ଟ ସହି ମୃତ୍ୟୁମୁଖରେ ପତିତ ହେଲେ, ତାହାର ଇୟତ୍ତା ନାହିଁ । ଏହି ନଅଙ୍କ ସମୟରେ ଓଡ଼ିଶାରେ ନାଟକ ବା ଉପନ୍ୟାସ ଲେଖା ଆରମ୍ଭ ହୋଇ ନାହିଁ; ତେଣୁ ଏହି ଭୀଷଣ ଦୁର୍ଭିକ୍ଷର ଛବି ବା ଛାୟା ଆମ୍ଭେମାନେ ଓଡ଼ିଆ ନାଟକରେ ପାଉ ନାହିଁ । ମାତ୍ର ଏହି ଘଟଣାର ଠିକ ପରେ ଓଡ଼ିଶାର ଜମିଦାରମାନେ ଋଣଗ୍ରସ୍ତ ହୋଇପଡ଼ିଲେ । ଖଜଣା ବାକି ପଡ଼ିବାରୁ ଓ ଅଳସ ଜୀବନଯାପନ କରିବାକୁ ଅଭ୍ୟସ୍ତ ଥିବାରୁ ଅନେକ ଜମିଦାର ଋଣଜାଲରେ ଜଡ଼ିତ ହୋଇ ସର୍ବସ୍ୱାନ୍ତ ହେଲେ । ମହାଜନର ଅତ୍ୟାଚାର ଏହି ସମୟରୁ ଆରମ୍ଭ ଏବଂ ମହାଜନମାନଙ୍କୁ ସମାଜରେ ଉଚ୍ଚସ୍ଥାନ ଦେବାକୁ ଲୋକେ କୁଣ୍ଠିତ । ଓଡ଼ିଶାରେ ପର ପର କେତେ-ଗୁଡ଼ିଏ ଜମିଦାରୀ ମହାଜନ ହାତରେ ନିଲାମ ହୋଇଯିବାରୁ ଲୋକଙ୍କ ମଧ୍ୟରେ ଘୋର ଚହଳ ପଡ଼ିଥିଲା । ଏଥି ମଧ୍ୟରେ ପ୍ରଥମ କୁଜଙ୍ଗ ଜମିଦାରୀ ନିଲାମ । ଏହା ୧୮୭୮ ମସିହାର ମଇ ମାସ ୧୮ ତାରିଖରେ ଘଟିଥିଲା ଓ ରାମଶଙ୍କର ବାବୁ ବିବାସିନୀ ଉପନ୍ୟାସରେ ଏହାର ଉଲ୍ଲେଖ କରିଅଛନ୍ତି । କ୍ରମେ ଅନ୍ୟାନ୍ୟ ବଡ଼ ଜମିଦାରୀମାନ ମଧ୍ୟ ନିଲାମ ହୋଇଥିଲା । ୧୮୯୫ ମସିହାରେ ପୁଣି କୋଠଦେଶ ରାଜ୍ୟ ନିଲାମ ହେବାରୁ ତାହା ନାଟ୍ୟକାରଙ୍କ ମନରେ ଘୋର ବିକ୍ଷୋଭ ଜାତ କରିଥିଲା । ଏହି ବିକ୍ଷୋଭର ଫଳ ‘ବିଷମୋଦକ’ ନାଟକ । ମହାଜନମାନଙ୍କ ଗୁମାସ୍ତା ଓ ଜମିଦାରଙ୍କ ଗୁମାସ୍ତା ମଧ୍ୟରେ ପରାମର୍ଶ ହୋଇ କପଟ ଋଣଦାନ ଦ୍ୱାରା ସର୍ବନାଶ ସାଧିତ ହୁଏ, ତାହାର ଚିତ୍ର ମଧ୍ୟ ଓଡ଼ିଆ ସମାଜରେ ସୁପରିଚିତ । ମହାଜନମାନେ ଇନ୍‌କମ ଟିକସ ଦାଉରୁ ରକ୍ଷା ପାଇବା ନିମନ୍ତେ କପଟ ଭାବରେ ଜାଲ୍ ହିସାବ ତିଆରି କରିଥାନ୍ତି, ତାହା ମଧ୍ୟ ଏହି ନାଟକରେ ଦେଖାଯାଇଅଛି ଓ ଏହି ନାଟକର ଅଭିନୟ ସମୟରେ (୧୯୦୩ ମସିହା) ଉତ୍କଳର ବରପୁତ୍ର ମଧୁବାବୁ ଏହିପରି ହିସାବର କାରସାଦିକୁ ଲକ୍ଷ୍ୟ କରି ତାହାର ବାସ୍ତବତାକୁ ସ୍ୱୀକାର କରିଥିଲେ । * ଓଡ଼ିଆ ନାଟ୍ୟକାରମାନଙ୍କ

* ଉତ୍କଳ ଦୀପିକା—୧୦ ତାରିଖ ମାର୍ଚ୍ଚ ୧୯୦୩ ମସିହା ।

ମଧ୍ୟରେ ଦୁଇଜଣ ପ୍ରସିଦ୍ଧ ଓକିଲ ଥିବାରୁ ସେମାନଙ୍କ ନାଟକରୁ ଅମ୍ଭେମାନେ ବାଙ୍ଗାଳୀସଂକ୍ରାନ୍ତ ନାନା ତଥ୍ୟ ପାଉଥାଉଁ । ଏ ସମସ୍ତ ତଥ୍ୟ ସେମାନଙ୍କର ପ୍ରତ୍ୟକ୍ଷ ଅଭିଜ୍ଞତାର ଫଳ । ମାତ୍ର 'ବୀରମୋଦକ' ନାଟକ ଓ 'ସଂସାରଚକ୍ର' ନାଟକରେ ଓକିଲମାନଙ୍କର ଯେଉଁ ଚିତ୍ର ଦିଆଯାଇଅଛି, ତାହା ସେମାନଙ୍କ ପ୍ରତି ଶ୍ରଦ୍ଧାଜ୍ଞାପକ ନୁହେଁ । 'ସଂସାରଚକ୍ର'ର ନାଟ୍ୟକାର (୭୧ ପୃଷ୍ଠା) ଲେଖିଅଛନ୍ତି, "ତାଙ୍କ ସମାନ ଏ ଓକିଲଖାନରେ ଅନ୍ୟ ଓକିଲ ନାହାନ୍ତି । ସେ ନାକେ ଦମ୍ଭରେ କଳାକୁ ଧଳା କରିଦେବେ, ଧଳାକୁ କଳା କରିଦେବେ, ଗୁହ୍ମ ଗୁହ୍ମଁ ତୁମର ଗଳା ତୁମର ହାତରେ କାଟି ଥୋଇଦେବେ, ତୁମେ ଜାଣିବ ନାହିଁ । ବଡ଼ ବଡ଼ ପଣ୍ଡିତଲ୍ ସାହେବଙ୍କ ଘୋଡ଼ା ଧରା ମିଥ୍ୟାରେ ଲମ୍ବ ହୋଇ ମଜ୍ଜିଯିବେ । ସେମାନଙ୍କର ଅଭିନ କାନୁନ ଯୋଗ୍ୟ ନାହିଁ । ସବୁ ସକାଳ ସାହେବଙ୍କ ବଡ଼ା ବଡ଼ା ଭୁଲ ଧରିମ ଦେଖାଇ ଆସନ୍ତି"—ଏହି ଚରିତ୍ରରେ ଅତିଶୟୋକ୍ତି ଥିଲେହେଁ ଓକିଲ ବ୍ୟବସାୟ ପ୍ରତି ନାଟ୍ୟକାରଙ୍କ ମନୋଭାବ ସ୍ପଷ୍ଟ ଜଣାପଡ଼ୁଅଛି । ବାଙ୍ଗାଳୀମାନଙ୍କ ସହାନୁଭୂତିର ଅଭାବ, ଓଡ଼ିଆମାନଙ୍କର ଅନ୍ୟମାନଙ୍କଠାରୁ ନାନା ପ୍ରକାର ଠକାମିଦ୍ୱାରା ଟଙ୍କା ନେବା ପ୍ରଭୃତି ବାଙ୍ଗାଳୀସଂକ୍ରାନ୍ତ ନାନା ଦୁର୍ନୀତି ସେମାନଙ୍କ ନାଟକରେ ଯଥାଯଥ ଭାବରେ ବର୍ଣ୍ଣିତ ହୋଇଅଛି । ଓଡ଼ିଶାରେ ଏହି ସମୟରେ କେତେକେତେ ବଙ୍ଗଭାଷା ଚଳାଇବାକୁ ଚେଷ୍ଟା କରୁଥିଲେ 'କଳିକାଳ'ରେ ଏହାର ଚିତ୍ର ଦିଆଯାଇଅଛି (ଗ୍ରନ୍ଥାବଳୀ ୧୬୪ ପୃଷ୍ଠା) । ପୁଣି ଲୋକର ପରିବର୍ତ୍ତନ ଅନୁଯାୟୀ ସେମାନଙ୍କର ଇଂରାଜୀ କହିବାର ଚେଷ୍ଟା 'ଭ୍ରମ' ନାଟକରେ ଓ 'ସୁନୀତି' ନାଟକରେ ହାସ୍ୟାସ୍ପଦଭାବରେ ବର୍ଣ୍ଣିତ ହୋଇଅଛି । ଅଧିକନ୍ତୁ ଯୁବକମାନଙ୍କର ଓଡ଼ିଆ ଇଂରାଜୀ ମିଶାଇ କଥା କହିବା ରୀତି ମଧ୍ୟ 'ପଶ୍ଚିମର ଫଳ' ଓ 'ପ୍ରେମିକ ଯୁବକ'ମାନଙ୍କରେ ଅଙ୍କିତ ହୋଇଅଛି । ଅନ୍ୟ ଦିଗରେ ପୁଣି ବଙ୍ଗଦେଶୀୟମାନଙ୍କର ଓଡ଼ିଆ ଭାଷାର ହାସ୍ୟକର ବିକୃତ ବ୍ୟବହାର କେତେକ ନାଟକରେ ଦିଆଯାଇଅଛି ।

ଓଡ଼ିଶାରେ ଜମିଦାର ଓ ପ୍ରଜାମାନଙ୍କ ସମ୍ପର୍କ ବିଷୟରେ ଅମ୍ଭେମାନେ ଅନେକ ଚିତ୍ର ଓଡ଼ିଆ ନାଟକରେ ପାଉଥାଉଁ । ଓଡ଼ିଶାରେ ୧୮୮୮ ମସିହାରେ ପୁଣି ଦୁର୍ଭିକ୍ଷର ସୂଚନା ଦେଖା ଦେଇଥିଲା ଓ ଖଜଣା ଛାଡ଼ କରିବା ନିମନ୍ତେ ଆନ୍ଦୋଳନ ମଧ୍ୟ ହୋଇଥିଲା; ମାତ୍ର ସରକାର ରାଜସ୍ୱ ଛାଡ଼ କରିଦେଲେ ମଧ୍ୟ ଜମିଦାରମାନେ ପ୍ରଜାଙ୍କ ନିକଟରୁ ପୂରା ଖଜଣା ଆଦାୟ କରିବାରୁ ବିଶେଷ ଆନ୍ଦୋଳନ ହୋଇଥିଲା ଓ ଏହି କାରଣରୁ ୧୮୯୧

ମସୀହାରେ 'ଜମିଦାରଙ୍କଠାରୁ ଯେଉଁ କବୁଲିୟତ ନିଆ ହେଲା, ସେଥିରେ ରାଜସ୍ୱ ସ୍ଥିର ହୋଇଥିବା ସ୍ଥଳେ ପ୍ରଜାଙ୍କଠାରୁ ପୂର୍ବ ଖଜଣା ଆଦାୟ ନ କରିବାକୁ ସ୍ପଷ୍ଟଭାବରେ ନିର୍ଦ୍ଦେଶ ଦିଆଯାଇଥିଲା ଓ ଏହି ନିର୍ଦ୍ଦେଶର ସୂଚନା ଆମ୍ଭେମାନେ 'ରାମବନବାସ' ନାଟକରେ (ଗ୍ରନ୍ଥାବଳୀ ୨୦୫ ପୃଷ୍ଠା) ପାଇଥାଉଁ । 'ଯୁଗଧର୍ମ' ନାଟକରେ ( ଗ୍ରନ୍ଥାବଳୀ ୬୧୬ ପୃଷ୍ଠା ୧୯୦୨ ମସୀହା ) 'ବନ୍ଦୋବସ୍ତ ସବୁ ଲିଭିଯାଇ ଶିପି ନେଲା—ଜମିଦାର ହଇରାଣରେ ପଡ଼ିଲେ, ପ୍ରଜାଙ୍କ ନାମରେ ବାକି ଖଜଣା ନାଲିସ ଅଜାଡ଼ି ହୋଇ ପଡ଼ୁଛି' ପ୍ରଭୃତି ଯାହା ଲେଖାଯାଇ-ଅଛି, ତାହା ମଧ୍ୟ ନାଟ୍ୟକାରଙ୍କର ପ୍ରତ୍ୟକ୍ଷ ଅନୁଭୂତିର ଫଳ ଓ ଓଡ଼ିଆ ସାମାଜିକ ଜୀବନର ଏହା ଗୋଟିଏ ଜୀବନ୍ତ ଚିତ୍ର । ଏହି ନାଟକର ଜଳକର ଆଦାୟ କରିବାରେ ଜୁଲୁମ, ଚୌକିଦାରୀ ଟିକସର ଦାବି ପ୍ରଭୃତି ମଧ୍ୟ ଓଡ଼ିଶାର ତତ୍କାଳୀନ ଗ୍ରାମ୍ୟଜୀବନର ନିଖୁଣ ଚିତ୍ର । ତତ୍କାଳୀନ ପତ୍ରିକାମାନଙ୍କରେ ଏପରି ଜୁଲୁମ ବିରୁଦ୍ଧରେ ନାନା ଲେଖା ବାହାରୁଥିଲେହେଁ ଏହା ଇଂରେଜ ସରକାରଙ୍କର ଦୋଷ ନୁହେଁ, 'ସବୁ ଦୋଷ ପାଖ ଲୋକଙ୍କର' (୬୧୬ ପୃଷ୍ଠା) ଯାହା ଲେଖାଯାଇଅଛି ତାହାହିଁ ତତ୍-କାଳୀନ ଲୋକମାନଙ୍କର ଧାରଣା ଥିଲା । ପୁଣି ଯୁଗଧର୍ମ ନାଟକରେ ମଫସଲର ଜମିଦାରଶ୍ରେଣୀର ଲୋକ ଅଫିସର ହେବା ନିମନ୍ତେ ସମନ ପାଇ କପର ବ୍ୟସ୍ତ ହୁଅନ୍ତି ଓ ହାତେଧରା ଡାକ୍ତରର ସାର୍ଟିଫିକେଟ ନ ଦେଲେ ତାହା କପର ଅଗ୍ରାହ୍ୟ ହୁଏ, ଏହା ମଧ୍ୟ ଗୋଟିଏ ସତ୍ୟ ଘଟଣା ଓ ନାଟ୍ୟକାରଙ୍କର ପ୍ରତ୍ୟକ୍ଷ ଅନୁଭୂତ ରୂପରେ ପ୍ରତିଷ୍ଠିତ । ୧୮୯୪ ମସୀହାର ଜୁନ ମାସ ୨ଆ ତାରିଖର ଦୀପିକାରେ ଏହି ଘଟଣାଟି ସୁବିସ୍ତୃତଭାବରେ ଦିଆଯାଇଅଛି ।

ଓଡ଼ିଆ ଗ୍ରାମ୍ୟଜୀବନର ଯେଉଁ ଚିତ୍ର 'ଯୁଗଧର୍ମ'ରେ ଦିଆଯାଇଅଛି, ତାହା ଓଡ଼ିଆ ସମାଜର ଗୋଟିଏ ଜୀବନ୍ତ ଚିତ୍ର ଓ ଅକ୍ଷରେ ଅକ୍ଷରେ ତାହାର ସତ୍ୟତା ଆମ୍ଭେମାନେ ଉପଲବ୍ଧି କରି ପାରୁଁ । ଏଣୁ ଅଭିନୟ ସମ୍ବନ୍ଧରେ ମଧ୍ୟ ଏହା ଚିତ୍ତାକର୍ଷକ ହୋଇଥାଏ । ଧର୍ମାଧିକାରୀମାନଙ୍କର ଅନାଚାର ମଧ୍ୟ ଉକ୍ତ ନାଟକରେ ସୁପରିଚିତ । ୧୮୯୦ ମସୀହାର ପ୍ରାଦେଶିକ ବନ୍ଦୋବସ୍ତ ପରେ ଯେଉଁ ଉତ୍କଳ ବନ୍ଦୋବସ୍ତ ୧୯୧୩ ମସୀହାରେ ହୋଇଥିଲା, ସେଥିରେ ଅମିନମାନଙ୍କର ଅତ୍ୟାଚାର ବିଷୟରେ 'ବିଶ୍ୱପଞ୍ଜି' ନାଟକରେ (ରାମଶଙ୍କର ଗ୍ରନ୍ଥାବଳୀ ୪୩୮ ପୃଷ୍ଠା ୧୯୧୬ ମସୀହା), 'ଗ୍ରାମରେ ଟୋଲପାଲି ନ ଥିଲେ ଦଣ୍ଡ। ଅମିନ ପୂର୍ବରୁ ଦେଇ ଜମି ମାପ କରାଇବାରେ ଲଗାଇବ । ଏ ଗାଁଅ ଲୋକ ସେ ଗାଁଅ ଲୋକ ଭିତରେ ବରାବର ହିଂସା

ଇଟାଲୀ ଭ୍ରମଣ' ଲେଖା ମଧ୍ୟରେ ନାଟ୍ୟକାର ନିଜର ଅନୁଭୂତିର ଚିତ୍ର ଦେଇଅଛନ୍ତି । ୧୯୧୨ ମସିହାରେ କଟକର ମାଜିଷ୍ଟ୍ରେଟ ସାହେବ ବାଙ୍କି ଉପଡ଼ା ଗ୍ରାମସ୍ଥ ଦ୍ୱିଜବାବୁର ଗୌରୀଶଙ୍କର ସ୍ୱହସ୍ତଦ୍ୱାରା ସ୍ଥାପିତ ବାଳିକା ବିଦ୍ୟାଳୟର ଦ୍ୱାର ଉଦ୍‌ଘାଟନ କରିବା ନିମନ୍ତେ ଉକ୍ତ ଗ୍ରାମରେ ପହଞ୍ଚିଥିଲେ ଓ ଏହି ସମୟରେ ଶ୍ରୀ ନୀଳକଣ୍ଠ ଦାସଙ୍କର ନିଜ ଧର୍ମକୀର୍ତ୍ତି ଆନ୍ଦୋଳନ ମଧ୍ୟ ଆରମ୍ଭ ହୋଇଥିଲା । ଏ ଉଭୟ ଘଟଣାର ରୂପ 'ଲୀଳାବତୀ' ନାଟକରେ ସ୍ପଷ୍ଟ ଦିଆଯାଇଅଛି (୧୯୧୨ ମସିହା) ।

ଓଡ଼ିଶାରେ ଜାତୀୟ ଜାଗରଣର ଆରମ୍ଭ ଉତ୍କଳ ସମ୍ମିଳନୀରୁ ଓ ସମ୍ମିଳନୀକୁ ଉପଲକ୍ଷ୍ୟ କରି କାଞ୍ଚନମାଳୀ ନାଟକ ରଚିତ ହୋଇଥିବା ଓ ନୋଳିଆ ବୁଅ କାଞ୍ଚନମାଳୀକୁ ଓଡ଼ିଶାର ପ୍ରଜା ଧର୍ମିଣୀ କରିବା ବିଷୟ ଯାହା ଲେଖାଅଛି, ତାହା ବାସ୍ତବରେ କୁମାରୀ ଶୈଳବାଳା ଦାସଙ୍କର ଉତ୍କଳର ବରପୁତ୍ର ମଧୁବାବୁଙ୍କ ଦ୍ୱାରା ଦତ୍ତକ ସ୍ୱୀକୃତ ହେବାର ଚିତ୍ର । ଉତ୍କଳ ସମ୍ମିଳନୀରେ ବ୍ୟବହୃତ ସାଗର ଟପ୍ପର ଓ ଓଡ଼ିଶାର ମଧ୍ୟପ୍ରଦେଶ ସହିତ ମିଳିତ ହେବାର ପ୍ରସ୍ତାବ ପ୍ରଭୃତି ମଧ୍ୟ ଏହି ନାଟକରେ ଚିତ୍ରିତ ହୋଇଅଛି (ରମଙ୍କର ଗ୍ରନ୍ଥାବଳୀ ୫୫୬, ୫୬୭ ପୃଷ୍ଠା) । ମଧୁବାବୁଙ୍କର ନାମ 'ସୁଶୀଳା' ନାଟକରେ ଓ ଉତ୍କଳର ବିଚ୍ଛିନ୍ନ ଅଂଶମାନ ଏକାଠି କରିବା ଆନ୍ଦୋଳନ ଉପଲକ୍ଷେ ରଚିତ 'ଦେଶର ଡାକ' ନାଟକରେ ସ୍ପଷ୍ଟଭାବରେ ଦିଆଯାଇଅଛି । ଓଡ଼ିଶାର ଅନ୍ୟ କୌଣସି ବ୍ୟକ୍ତି ନାଟକୀୟ କଥାବସ୍ତୁରେ ଏପରି ସ୍ଥାନଲାଭ କରି ନ ପାରିଥିବା ସ୍ଥଳେ ମଧୁବାବୁଙ୍କ ଓଡ଼ିଆର ସାମାଜିକ ଜୀବନ ଉପରେ ପ୍ରଭାବ ସହଜରେ ଅନୁମେୟ । ପୁଣି ମଧୁବାବୁଙ୍କର କାରଖାନା ସ୍ଥାପନ ଓ ଲାଟ ସାହେବଙ୍କର ଉକ୍ତ କାରଖାନା ପରିଦର୍ଶନ କରି ଶିଳ୍ପୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ଦୃଶ୍ୟ ମଧ୍ୟ ନାଟ୍ୟକାରଙ୍କର ପ୍ରତ୍ୟକ୍ଷ ଅନୁଭୂତିରୁ 'ବଙ୍ଗଳୋକ' ନାଟକରେ ଚିତ୍ରିତ ହୋଇଅଛି । ଏ ସବୁ ଦ୍ୱାରା ନାଟ୍ୟକାରଙ୍କର ମଧୁବାବୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି ମଧ୍ୟ ସୂଚିତ ହେଉଅଛି ।

ଇଂରେଜମାନଙ୍କ ପ୍ରତି ଉତ୍କଳବାସୀଙ୍କର ମତଗତ ବିଷୟରେ ନାନା ଚିତ୍ର ମଧ୍ୟ ଆମ୍ଭେମାନେ ପାଉଥାଉଁ । 'ବୀରମୋଦକ' ନାଟକରେ ସେମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ (ଗ୍ରନ୍ଥାବଳୀ ୫୮୬ ପୃଷ୍ଠା) ଓ ସୁଧର୍ମ ନାଟକରେ ସେମାନଙ୍କର ସବୁବେଳେ ଜୟ ହେବା (ଗ୍ରନ୍ଥାବଳୀ ୬୧୨ ପୃଷ୍ଠା) ଓ ଡାକ୍ତର ସାହେବଙ୍କର ଭୁଲ ସାର୍ଟିଫିକେଟ ପ୍ରଦାନ ବିଷୟରେ

ବର୍ଣ୍ଣିତ ବହିସାର ମଧ୍ୟ ତାଙ୍କର ଦୋଷ ଲଘବ କରିବାର ଚେଷ୍ଟା କରିଯାଇଅଛି ( ୬୧୩ ପୃଷ୍ଠା ) । ଅନ୍ୟ ଦିଗରେ ଉଚ୍ଚାଭିମୁଖ ସାହେବ ହେବା ପ୍ରୟାସୀ ବ୍ୟକ୍ତିମାନଙ୍କ ପ୍ରତି ସାହେବମାନଙ୍କ ବ୍ୟବହାର ବିଷୟରେ 'ସୁଶୀଳା' ନାଟକରେ ଚିତ୍ର ଦିଆଯାଇଅଛି । 'ସ୍ୱର୍ଣ୍ଣରମଣୀ' ଓ 'ଇସଳା' ନାଟକମାନଙ୍କରେ ମଧ୍ୟ ଆମ୍ଭେମାନେ ସାହେବଚାଲ୍‌ଅଭିମାନୀ ବ୍ୟକ୍ତିମାନଙ୍କ ଲୀଳାର ଚିତ୍ର ପାଇଥାଉଁ ।

ଗ୍ରାମ୍ୟ ପାଠଶାଳାମାନଙ୍କରେ ଅଶିକ୍ଷିତ ଲୋକମାନଙ୍କର ଶିକ୍ଷା ପ୍ରଦାନ ପ୍ରସଙ୍ଗ 'କାଞ୍ଚନମାଳୀ' (ଗ୍ରନ୍ଥକାରଙ୍କର ଗ୍ରନ୍ଥାବଳୀ ୬୬୮ ପୃଷ୍ଠା) ଓ 'ସଂସାରଚିତ୍ର' ନାଟକମାନଙ୍କରେ ଦିଆଯାଇଅଛି ଏବଂ ନବ୍ୟଶିକ୍ଷିତ ଯୁବକମାନଙ୍କ ଅବନତି ଉପରେ 'ପ୍ରେମିକ ଯୁବ' ଓ 'ପଶ୍ଚାତ୍ତାପ ଫଳ' ନାଟକମାନଙ୍କରେ ନାଟ୍ୟକାର ନିଜର ମତାମତ ବ୍ୟକ୍ତ କରିଅଛନ୍ତି । ଏହି ଚିତ୍ରଗୁଡ଼ିକ ମଧ୍ୟ ତାତ୍କାଳୀନ ସାମାଜିକ ଜୀବନ ଉପରେ ପ୍ରତିଷ୍ଠିତ, ମାତ୍ର ଆଧୁନିକ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଏ ଚିତ୍ରମାନଙ୍କର ପରିବର୍ତ୍ତନ ହେବା ସ୍ୱାଭାବିକ । 'ଲୀଳାବତୀ' ନାଟକରେ ବାଳିକାମାନଙ୍କର ଶିକ୍ଷାପ୍ରସଙ୍ଗ ଦିଆଯାଇଅଛି ମାତ୍ର ବାଳିକାମାନଙ୍କ ଶିକ୍ଷା ବିଷୟରେ ପୂର୍ବେ ଲୋକମାନଙ୍କର ଯେଉଁ ଆପତ୍ତି ଥିଲା, ତାହା କ୍ରମଶଃ ଲୁପ୍ତ ହୋଇଯିବାରୁ ବର୍ତ୍ତମାନ ଓଡ଼ିଶାର ସାମାଜିକ ଜୀବନରେ ଏ ସମସ୍ୟା ବିଷୟର କୌଣସି ପ୍ରୟୋଜନ ନାହିଁ । କିନ୍ତୁ ଏକ ସମୟରେ ଏ ବିଷୟରେ କିପରି ବିରୋଧ ଥିଲା, ତାହା କଟକରେ ପ୍ରତିଷ୍ଠିତ ବାଳିକା ବିଦ୍ୟାଳୟର ଇତିହାସ ଅନୁସରଣ କଲେ ସ୍ପଷ୍ଟ ଉପଲବ୍ଧ ହେବ ।

ଗ୍ରାମ୍ୟ ଚୌକିଦାରର ଜୁଲୁମ ଓ ମିଥ୍ୟା କାହାଣୀ ଗୀତ ଓଡ଼ିଆ ଯାତ୍ରାମାନଙ୍କରେ ପ୍ରାୟ ସର୍ବଦା ଦେଖାଯାଏ । ଚୌକିଦାରମାନେ ଗ୍ରାମର ଲୋକମାନଙ୍କର ଉପକାରାର୍ଥ ନିଯୁକ୍ତ ହୋଇଥିଲେହେଁ ସାଧାରଣତଃ ପୁଲିସ ବିଭାଗର ଗୁପ୍ତଚରରୂପେ କାର୍ଯ୍ୟ କରନ୍ତି ଓ ତାଙ୍କଯୋଗୁ ଲୋକମାନଙ୍କୁ ନାନାପ୍ରକାର ଅସୁବିଧା ଭୋଗ କରିବାକୁ ହୋଇଥାଏ । ଓଡ଼ିଆରେ ଅତି ପ୍ରାଚୀନ 'ବୋଲୁ ବୈଦ୍ୟ ଝୁଅଙ୍କ' ସଙ୍ଗୀତରେ ମଧ୍ୟ ଏହାର ଚିତ୍ର ଆମ୍ଭେମାନେ ପାଇଥାଉଁ । ଗ୍ରାମ୍ୟ ଲୋକମାନେ ଏମାନଙ୍କ ସହିତ ସାକ୍ଷାତ୍ ସମ୍ପର୍କରେ ଆସୁଥିବାରୁ ଏମାନଙ୍କ ଅନାଗ୍ରହର ଅଭିନୟ ସେମାନଙ୍କର ଚିତ୍ତାକର୍ଷକ ହୋଇଥାଏ । 'ବଡ଼ଲୋକ' ନାଟକରେ ଚୌକିଆ ( ଗ୍ରନ୍ଥାବଳୀ ୧୮୭ ପୃଷ୍ଠା ) ପୁଲିସର ଭୁଲ୍‌ବାଡ଼ି ଓ ଲାଟସାହେବଙ୍କର ଖବରଦାରୀ କରିବାର ହରବର୍ଣ୍ଣି ବିଷୟ ବର୍ଣ୍ଣନା କରୁଅଛି ଓ ଏହି ନାଟକ

ଓଡ଼ିଶାର ପ୍ରଚଳିତ ଯାତ୍ରାର ସମ୍ଭାଗ୍ରନ୍ଥ ଲିଖିତ ହୋଇଥିବାରୁ ଏଥିରେ ଯାତ୍ରାରେ ପ୍ରଚଳିତ ପୌରାଣିକ ରଙ୍ଗ ମଧ୍ୟ ଦିଆଯାଇଅଛି । ପୁଲିସମାନଙ୍କ ପ୍ରତି ଜନସାଧାରଣଙ୍କ ବିରୁଦ୍ଧ ମନୋଭାବ 'ସତ୍ୟଶରଣ୍ୟ' ନାଟକରେ ବ୍ୟବହୃତ 'ହୁଟାବୁଲ ଥାନା' (୫୧ ପୃଷ୍ଠା) ଏହି କଳ୍ପିତ ନାମରୁ ଜଣା ପଡ଼ୁଅଛି ।

ଓଡ଼ିଶାରେ ଘଟିଥିବା ଆଉ ଗୋଟିଏ କୌତୁକାବହ ଘଟଣାର ଚିତ୍ର 'ବାସୁହଞ୍ଜ' ନାଟକରେ ଅମ୍ଭେମାନେ ପାଉଥାଉଁ (ରାମଶଙ୍କର ଗ୍ରନ୍ଥାବଳୀ ୯୬୭ ପୃଷ୍ଠା) । ପରଲୋକଗତ ରାୟ ବାହାଦୁର ନମଃଚରଣ ମିତ୍ର ବଡ଼ଲାଟ ସାହେବଙ୍କ କାଉନସିଲରେ ସଦସ୍ୟ ହେବା ନିମନ୍ତେ ପ୍ରାର୍ଥୀ ହୋଇଥିବାରୁ ଯେଉଁ ଘୋଟନୁଳି ହୋଇଥିଲା, ସେଥିରେ ଜଣେ ମୁସଲମାନ ଭୋଟରଙ୍କୁ ଗୋପନସ୍ଥଳରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯିବା ବିଷୟ ତାତ୍କାଳୀନ ଲୋକମାନଙ୍କର କୌତୁକ ତଥା ଆଲୋଚନାର ବିଷୟ ହୋଇଥିଲା । ନାଟ୍ୟକାର ଏହି ସତ୍ୟ ଘଟଣାକୁ ଆଶ୍ରୟ କରି ନାଟକରେ ଏ ବିଷୟରେ ବର୍ଣ୍ଣିତ ଦେଇଅଛନ୍ତି । ପୁଣି ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ପ୍ରବର୍ତ୍ତିତ ହେବା ପରେ ଅହିଂସା ଓ ମନ୍ଦିରମାନଙ୍କରେ ହରିଜନମାନଙ୍କର ପ୍ରବେଶ ସମ୍ବନ୍ଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନର ଛାୟା 'ଚକ୍ରଭୁଜଙ୍ଗ' (୮୩ ପୃଷ୍ଠା) ଓ 'ମାତୃପୂଜା' ନାଟକମାନଙ୍କରେ ଅମ୍ଭେମାନେ ପାଉଥାଉଁ ।

ଏହାପର ଓଡ଼ିଶାର ନାନା ସାମାଜିକ ପରିସ୍ଥିତିର ଚିତ୍ର ଅମ୍ଭେମାନେ ଓଡ଼ିଆ ନାଟକରେ ପାଉଥାଉଁ ଓ ଏହା ପାଇବା ମଧ୍ୟ ସ୍ୱାଭାବିକ । କିନ୍ତୁ ନାଟକମାନଙ୍କରେ ପ୍ରାକ୍‌ବିବାହ-ପ୍ରେମର ଯେଉଁ ଚିତ୍ର ଦିଆଯାଉଥାଏ, ଓଡ଼ିଶାର ସାମାଜିକ ଜୀବନ ସହିତ ତାହାର ଆଦୌ ସମ୍ପର୍କ ନ ଥିଲେହେଁ ପତିପ୍ରେମ, ବିପଦ ସମୟରେ ସ୍ୱାମୀଙ୍କୁ ସାହାଯ୍ୟ କରିବା ପ୍ରଭୃତି ନାନା ସଦ୍‌ଗୁଣର ଚିତ୍ର ଅମ୍ଭେମାନେ ସମାଜରେ ପାଉଥାଉଁ ଓ ଏହାର ଚିତ୍ର ନାଟକମାନଙ୍କରେ ଦିଆଯାଇଅଛି । ଓଡ଼ିଆ ନାଟକମାନଙ୍କ ସଙ୍ଗେ ଓଡ଼ିଆ ସାମାଜିକ ଜୀବନର ଯୋଗ ନ ଥିଲେ ତାହା କେବେହେଁ ଅଭିନୟ ସମୟରେ ପ୍ରୀତିପଦ ହୁଅନ୍ତା ନାହିଁ । ଆଜିକାଲି ଓଡ଼ିଶାରେ ଦେଶାତ୍ମବୋଧ ଯେପରି ଜାଗ୍ରତ ହୋଇଅଛି, ତାହାର ପ୍ରଭାବ 'ପାଇକପୁଅ', 'ଗୌଡ଼-ବିଜେତା' ପ୍ରଭୃତି ନାଟକରେ ସ୍ପଷ୍ଟ ଦେଖାଯାଏ । ଓଡ଼ିଆ ସମାଜରେ ପୌରାଣିକ କଥାମାନଙ୍କର ପ୍ରଭାବ ଅତ୍ୟଧିକ ଥିବାରୁ ପୁରାଣବର୍ଣ୍ଣିତ ନାନା ପ୍ରସଙ୍ଗ ବିଷୟରେ ନାଟ୍ୟକାରମାନେ ନାଟକ ରଚନା କରିଅଛନ୍ତି ।

# ନବମ ପରିଚ୍ଛେଦ

## ଓଡ଼ିଆ ନାଟକରେ ନାଟକୀୟ ଛଟା

ନାଟକ ଉପନ୍ୟାସଠାରୁ ଭିନ୍ନ; କାରଣ ଦେହରେ ବିଷୟବସ୍ତୁକୁ ଯେପରି ଭାବରେ ପ୍ରଦର୍ଶିତ କରାଯାଇଥାଏ, ଉପନ୍ୟାସରେ ସେପରି ଭାବରେ କଥାବସ୍ତୁର ବିନ୍ୟାସ କରାଯାଏ ନାହିଁ । ଉପନ୍ୟାସରେ ଲେଖକ ନିଜେ ସମସ୍ତ ବିଷୟର ବର୍ଣ୍ଣନା ଦେଇଥାନ୍ତି, ନିଜେ ବିଷୟବସ୍ତୁକୁ ବିଶ୍ଳେଷଣ କରି ଦେଖାନ୍ତି, ସମସ୍ତ ତଥ୍ୟଗୁଡ଼ିକ ପାଠକଙ୍କୁ ସୁସ୍ପଷ୍ଟରୂପେ ବୁଝାଇ ଦେବାକୁ ପ୍ରୟାସ କରନ୍ତି ଓ ଧୀରେ ଧୀରେ କଥାବସ୍ତୁଟିକୁ ପରିଣତି ଦିଗରେ ନେଇ ଯାଇଥାନ୍ତି । କିନ୍ତୁ ନାଟକର ଉତ୍କର୍ଷ ଅଭିନୟ ଉପରେ ନିର୍ଭର କରେ ଓ ଗୋଟିଏ ସଂକ୍ଷିପ୍ତ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାଟକୀୟ କଥାବସ୍ତୁ ଦର୍ଶକମାନଙ୍କ ସମ୍ମୁଖରେ ଉଦ୍‌ଘାଟିତ ହୋଇଥାଏ । ଅଭିନେତା ନାଟ୍ୟକାରଙ୍କ ସୃଷ୍ଟିକୁ ନୂତନଭାବରେ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରି ନାଟକୀୟ ଚରିତ୍ରକୁ ଜୀବନ୍ତରୂପ ଦେଇ ପାରେ ଓ ଭିନ୍ନ ଭାବରେ ନାଟକର ଅନ୍ତର୍ନିହିତ ଭାବକୁ ବ୍ୟାଖ୍ୟା ମଧ୍ୟ କରି ପାରେ । ଉପନ୍ୟାସ ୪୦।୫୦ ଗୋଟି ପରିଚ୍ଛେଦରେ ବିଭକ୍ତ ହୋଇ ପାରେ, ଏପରି କି ଅନେକ ସମୟରେ ଦୁଇ ତିନି ଗୋଟି ପୃଥକ୍ ପୁସ୍ତକରେ ମଧ୍ୟ ବିଭକ୍ତ ହୋଇ ପାରେ, ମାତ୍ର ନାଟକ ୨୦।୨୨ ଗୋଟି ଦୃଶ୍ୟରେ ସମ୍ପୂର୍ଣ୍ଣ ହେବା ବାଞ୍ଛନୀୟ ଓ ଅଭିନୟ ପାଇଁ ତିନି ଚାରି ଘଣ୍ଟାରୁ ଅଧିକ ସମୟ ଏଥିରେ ଅତିବାହିତ ହେବା ଆଦୌ ଉଚିତ ନୁହେଁ । ଏଣୁ କଥାବସ୍ତୁର ସଙ୍କୋଚନ-ଦ୍ୱାରା ଓ ସ୍ଥାନବିଶେଷରେ ପ୍ରସାରଣଦ୍ୱାରା କଥାବସ୍ତୁ ମଧ୍ୟରୁ କେତେକ ବିଶେଷ ଅଂଶକୁ ନିର୍ବାଚିତ କରି ସୁସ୍ପଷ୍ଟରୂପେ ଅଙ୍କିତ କରିବା ଦ୍ୱାରା ଓ କେତେକ ବିଶେଷ ଚରିତ୍ର ସୃଷ୍ଟି କରିବା ଦ୍ୱାରା ନାଟକକୁ ସମ୍ଭବ ଓ ଅଭିନୟୋପଯୋଗୀ କରାଯାଇଥାଏ ଓ ନୃତ୍ୟଗୀତର ସୁସ୍ପଷ୍ଟ ବିନ୍ୟାସ ବା କେତେକ ସ୍ଥଳରେ ଅବାନ୍ତର ହାସ୍ୟରସମୟ ବିଷୟ ସନ୍ନିବେଶ କରିବା ଦ୍ୱାରା ନାଟକକୁ ସରସ କରାଯାଇଥାଏ । ଏହିସବୁ କାରଣରୁ ନାଟକ ଗୋଟିଏ ବିଶେଷ ରୂପରେ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ ହେଉ-ଥିବାରୁ ନାଟକୀୟ ଛଟା ବୋଲି ଏକ ବିଶେଷ ଶବ୍ଦ ପ୍ରଚଳିତ ହୋଇଅଛି ।

ଚରିତ୍ରମାନଙ୍କ ମଧ୍ୟରେ କିମ୍ବା ଘଟଣାବିନ୍ୟାସରେ ଦ୍ୱନ୍ଦ୍ୱର ଆଭାସ ମିଳିବା ନାଟକର ମୂଳଭିତ୍ତି । ଦ୍ୱନ୍ଦ୍ୱ ନ ଥିଲେ ନାଟକର କଥାବସ୍ତୁ

ଉତ୍କର୍ଷଣ ହେବାର ସାଧନ ନାହିଁ, କିମ୍ବା ଅଭିନୟର ଉପଯୋଗୀ ମଧ୍ୟ ହୋଇ ପାରିବ ନାହିଁ । ଚରିତ୍ରମାନଙ୍କ ମଧ୍ୟରେ ପରସ୍ପର ଦ୍ୱନ୍ଦ୍ୱ ଘଟି ପାରେ, ପରିସ୍ଥିତି ସହିତ କିମ୍ବା ନିୟତିର ଅଲଂଘ୍ୟ ବିଧାନ ସହିତ ସେମାନଙ୍କର ଦ୍ୱନ୍ଦ୍ୱ ଘଟି ପାରେ କିମ୍ବା ସେମାନଙ୍କର ନିଜ ମଧ୍ୟରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟ ଥାଇ ପାରେ, କିନ୍ତୁ ଦ୍ୱନ୍ଦ୍ୱର ଆଭାସ ରହିବା ଏକାନ୍ତ ପ୍ରୟୋଜନ ଓ ଦ୍ୱନ୍ଦ୍ୱକୁ ସୁପରିସ୍ଫୁଟ କରିବା ନିମନ୍ତେ ନାନା ନାଟକୀୟ ରୀତି ପ୍ରଚଳିତ ହୋଇଅଛି । ଅପ୍ରତ୍ୟାଶିତ ଘଟଣା ହଠାତ୍ ଘଟିବା, ଚରିତ୍ରମାନଙ୍କର ଆବେଗ ବା ଉତ୍ତେଜନାଜନିତ ନାନା ପ୍ରକାର ବାକ୍ୟବିନ୍ୟାସ ବା କାର୍ଯ୍ୟ କଳାପ ପ୍ରଭୃତିର ବର୍ଣ୍ଣନାରେ ନାନା ନାଟକୀୟ ରୀତି ଦେଖାଯାଇଥାଏ ଓ ନାଟ୍ୟକଳା ଆଲୋଚନା କରିବା ସମୟରେ ଏମାନଙ୍କର ବିଶେଷ ଆଲୋଚନାର ପ୍ରୟୋଜନ ହୁଏ । ଏହିପରି ଆଲୋଚନାରୁ ନାଟ୍ୟସାହିତ୍ୟର ଉନ୍ନତି ମଧ୍ୟ ସମ୍ଭବପର ହୁଏ ।

ପ୍ରାୟ ପ୍ରତ୍ୟେକ ଓଡ଼ିଆ ନାଟକରେ ଦ୍ୱନ୍ଦ୍ୱର ଗତି ପ୍ରଦତ୍ତ ହୋଇଅଛି । 'କାଞ୍ଚିକାବେରୀ' ନାଟକରେ ରାଜାଙ୍କର ପ୍ରତିଜ୍ଞା ଓ ପଦ୍ମାବତୀଙ୍କ ପ୍ରତି ପ୍ରଣୟ ମୁଖ୍ୟ ଦ୍ୱନ୍ଦ୍ୱ, ତାଙ୍କ ସହିତ କଳେବରେଶ୍ୱରଙ୍କର ବିବାଦ ଗୌଣ ଦ୍ୱନ୍ଦ୍ୱ; କିନ୍ତୁ ଉଭୟ ଦ୍ୱନ୍ଦ୍ୱ ମଧ୍ୟରେ ସମ୍ବନ୍ଧ ରହିଥିବାରୁ ଉଭୟେ ଏକମୁଖୀ ହୋଇ ଏକା ପରିଣତି ଦିଗରେ ଗତି କରୁଅଛନ୍ତି ଓ କଥାବସ୍ତୁର ପରିଣତି ଏହି ଉଭୟ ଦ୍ୱନ୍ଦ୍ୱର ସମାଧାନ ଉପରେ ପ୍ରତିଷ୍ଠିତ । 'ରାମ ବନବାସ' ନାଟକରେ ରାମଙ୍କର ଯୌବରାଜ୍ୟରେ ଅଭିଷେକ ଉତ୍ସବର ସୂଚନା ଓ ତାଙ୍କର ବନଗମନରୂପ ଘଟଣାମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଚିତ୍ରିତ ହୋଇଅଛି ଓ ଦଶରଥ କୌଶଲ୍ୟା ପ୍ରଭୃତିଙ୍କର ମାନସିକ ଦ୍ୱନ୍ଦ୍ୱ ଏହି ମୁଖ୍ୟ ଦ୍ୱନ୍ଦ୍ୱ ସହିତ ସମ୍ପୃକ୍ତ । 'ସ୍ୱଧର୍ମ'ରେ ମହନ୍ତମାନଙ୍କର କର୍ତ୍ତବ୍ୟ ଓ ତାନ୍ତ୍ରିକ କାର୍ଯ୍ୟକଳାପ ମଧ୍ୟରେ ଦ୍ୱନ୍ଦ୍ୱ, ବିଧି ମାତାର ବାହ୍ୟ ଧାର୍ମିକତା କିନ୍ତୁ ଆନ୍ତରିକ ଅବଳତା ମଧ୍ୟରେ ଦ୍ୱନ୍ଦ୍ୱ, ରାଣୀର ପତନ ଚରିତ୍ର ଓ ତାହାର ପ୍ରତିଷ୍ଠା ନାଶ କରିବା ନିମନ୍ତେ ନାନା ଘଟଣାବଳୀର ସମାବେଶ ମଧ୍ୟରେ ଦ୍ୱନ୍ଦ୍ୱ, ଏହିପରି ନାନା ଦ୍ୱନ୍ଦ୍ୱ ଚିତ୍ରିତ ହୋଇଅଛି ଓ ଏହି ଦ୍ୱନ୍ଦ୍ୱଗୁଡ଼ିକ ପରସ୍ପର ସହିତ ସମ୍ପୃକ୍ତ ନ ହେଲେହେଁ ଏକା ସୂତ୍ରର ଧର୍ମରୂପରେ ସେମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପିତ ହୋଇଅଛି । 'ତାଜମହଲ' ଓ 'ପାଇକପୁଅ' ନାଟକମାନଙ୍କରେ ଏହିପରି ପ୍ରଣୟ ଓ ବିବାହ ମଧ୍ୟରେ ଦ୍ୱନ୍ଦ୍ୱ, 'କାଞ୍ଚିବର୍ଣ୍ଣି' ନାଟକରେ ରାଜାଙ୍କର ଅଲୌକିକ ପୌରୁଷ ଓ ତାଙ୍କ ପତନ

ମଧ୍ୟରେ ଦ୍ୱନ୍ଦ୍ୱ—ଏହିପରି ନାନା ନାଟକରେ ନାନା ଦ୍ୱନ୍ଦ୍ୱ ପରିକଳ୍ପିତ ହୋଇଅଛି ଓ ଦ୍ୱନ୍ଦ୍ୱର ଏହିପରି ପରିକଳ୍ପନାଦ୍ୱାରା ନାଟକଗୁଡ଼ିକ ଚିତ୍ତାକର୍ଷକ ଓ ଅଭିନୟର ଉପଯୋଗୀ ମଧ୍ୟ ହୋଇଅଛି । ମାତ୍ର ଦ୍ୱନ୍ଦ୍ୱର ପରିକଳ୍ପନାକୁ ଅନୁଶୀଳନ କଲେ ଆମ୍ଭେମାନେ ଦେଖୁଁ ଯେ, ଅନେକ କ୍ଷେତ୍ରରେ ଏହା ଘଟଣାଗୁଡ଼ିକ ସୁସଙ୍ଗତ ଓ ସୁନ୍ଦରଭାବରେ ସମ୍ପୃକ୍ତ ହୋଇ ନାହିଁ ଓ 'ନାଟକୀୟତା'ର ବାହୁଲ୍ୟରୁ ରସବସ୍ତୁର ବ୍ୟତ୍ୟୟ ମଧ୍ୟ ଘଟି ଅଛି । 'କାଞ୍ଚିକାବେରୀ' ନାଟକରେ ମୂଳ ଦ୍ୱନ୍ଦ୍ୱ କାଞ୍ଚିରାଜଙ୍କର ଶୌର୍ଯ୍ୟ ଓ ଉଜ୍ଜ୍ୱଳ ପ୍ରତିଷ୍ଠା ଏବଂ ତାଙ୍କର ଶୋଚନୀୟ ପରିଣତି ମଧ୍ୟରେ । କିନ୍ତୁ ନାଟକରେ ପରଶୁରାମଙ୍କର ପିତୃଆଜ୍ଞାପାଳନଜନିତ ମାନସିକ ଦ୍ୱନ୍ଦ୍ୱ, ଚନ୍ଦ୍ରସେନ ଓ ମୁନିବାଳାଙ୍କର ପ୍ରଣୟଜନିତ ଦ୍ୱନ୍ଦ୍ୱ ଏହିପରି ନାନା ବିଭିନ୍ନ ପ୍ରସଙ୍ଗର ସମ୍ପର୍କବିହୀନ ଦ୍ୱନ୍ଦ୍ୱର ସନ୍ନିବେଶଦ୍ୱାରା ନାଟକର ରସସୃଷ୍ଟିରେ ଏକତା ରକ୍ଷିତ ହୋଇ ନାହିଁ । 'ପୁରୁଷୋତ୍ତମ ଦେବ' ନାଟକରେ ମଧ୍ୟ ଦ୍ୱନ୍ଦ୍ୱମାନଙ୍କର ପରସ୍ପର ସମ୍ପର୍କ ଅତି କ୍ଷୀଣ ଥିବାରୁ ଅଭିନୟ ସମୟରେ ନାଟକର କଥାବସ୍ତୁକୁ ଅନୁଧାବନ କରିବା ସହଜ ହୁଏ ନାହିଁ ଓ ନାଟକ ମଧ୍ୟରେ ଅନେକ ଗୁଡ଼ିଏ ସମଶ୍ରେଣୀର ଚରିତ୍ରମାନଙ୍କର ଅବତାରଣା କରା ଯାଇଥିବାରୁ ଅଭିନୟ ସମୟରେ ସେମାନଙ୍କର ଚରିତ୍ରକୁ ପୃଥକ୍ ପୃଥକ୍ ଭାବରେ ଅନୁସରଣ କରିବାରେ ଦର୍ଶକମାନଙ୍କର ଅସୁବିଧା ଘଟିଥାଏ । ନାଟକ ପାଠ କରିବା ସମୟରେ ପାଠକ ବ୍ୟକ୍ତିମାନଙ୍କର ନାମଦ୍ୱାରା କଥାବସ୍ତୁକୁ ଅନୁସରଣ କରି ପାରେ, କିନ୍ତୁ ଅଭିନୟ ସମୟରେ ଦର୍ଶକ ପକ୍ଷରେ ଏପରି ସୁବିଧା ମିଳିବା ସମ୍ଭବ ହୁଏ ନାହିଁ । 'ପୁରୁଷୋତ୍ତମ ଦେବ' ନାଟକରେ ଦୁଇ ଗୋଟି ପ୍ରଧାନ ଦ୍ୱନ୍ଦ୍ୱର ସୂଚନା ଦିଆ ଯାଇଅଛି—ଗୋଟିଏ ପୁରୁଷୋତ୍ତମ ଦେବଙ୍କ ସହିତ ଅନ୍ୟାନ୍ୟ ଭ୍ରାତାମାନଙ୍କର ଦ୍ୱନ୍ଦ୍ୱ, ଅନ୍ୟଟି ପୁରୁଷୋତ୍ତମ ଦେବଙ୍କ ସହିତ କଳେବରେଶ୍ୱରଙ୍କର ପଦ୍ମାବତୀ ଘଟିତ ଦ୍ୱନ୍ଦ୍ୱ । ନାଟକର କଥାବସ୍ତୁରେ ଉଭୟ ଦ୍ୱନ୍ଦ୍ୱ ଏକତ୍ର ପ୍ରକାଶିତ ହୋଇଥିବାରୁ ଓ ପ୍ରଥମାଂଶରେ ଗୋଟିଏ ପ୍ରକାର ଦ୍ୱନ୍ଦ୍ୱକୁ ପ୍ରଧାନ ସ୍ଥାନ ଦିଆଯାଇ ଶେଷାଂଶରେ ଅନ୍ୟ ଦ୍ୱନ୍ଦ୍ୱଟିକୁ ପ୍ରଧାନ ସ୍ଥାନ ଦିଆଯାଇଥିବାରୁ ନାଟକର ରସସୃଷ୍ଟିରେ ଏକତା ରହି ନାହିଁ ଓ ନାନା ଗୌଣ କଥାବସ୍ତୁର ଅବତାରଣା କରାଯାଇଥିବାରୁ ଅଭିନୟ ସମୟରେ ଦର୍ଶକମାନଙ୍କ ମନ କଥାବସ୍ତୁ ପ୍ରତି ସମଗ୍ର ଭାବରେ ଆକୃଷ୍ଟ ହେବା ସମ୍ଭବ ନୁହେଁ । 'ଗୌଡ଼ବିଜେତା' ନାଟକରେ ମଧ୍ୟ ଏହିପରି ନାନା ଦ୍ୱନ୍ଦ୍ୱ ସନ୍ନିବେଶିତ

ହୋଇଅଛି—ଏକ ଅଟେଡ଼ ମାନସିକ ଦ୍ୱନ୍ଦ୍ୱ, ଅନ୍ୟ ଅନେକ ଚରିତ୍ରମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ଭୃଗୁସୁତର କୌଶଲ୍ୟା ମନରେ ଶାନ୍ତି ପ୍ରତି ବିଘ୍ନଜନିତ ଦ୍ୱନ୍ଦ୍ୱ । ଏହି ସବୁ ଦ୍ୱନ୍ଦ୍ୱମାନଙ୍କ ମଧ୍ୟରେ କୌଣସି ଯୋଗସୂତ୍ର କଳ୍ପିତ ହୋଇଥିଲେହେଁ ଦ୍ୱନ୍ଦ୍ୱଗୁଡ଼ିକର ସମ୍ପର୍କ ଯଥାଯଥ ଭାବରେ ପ୍ରତିଷ୍ଠିତ ହୋଇ ପାରି ନାହିଁ ଓ ନାଟକଟିର ବିଷୟବସ୍ତୁର ଏକତା ରହୁ ନାହିଁ । କେତେକ ଓଡ଼ିଆ ନାଟକରେ ପୁଣି ଗୋଟିଏ ଦୃଶ୍ୟ ମଧ୍ୟରେ ଦୁଇ ଗୋଟି ବିଭିନ୍ନ ଆକର୍ଷଣ କେନ୍ଦ୍ରର ସୃଷ୍ଟି କରାଯାଇଅଛି । 'କାର୍ତ୍ତବୀର୍ଯ୍ୟ' ନାଟକରେ ଏହାର ପ୍ରତ୍ୟକ୍ଷ ଉଦାହରଣ ଆମ୍ଭେମାନେ ପାଇଥାଉଁ । 'କାର୍ତ୍ତବୀର୍ଯ୍ୟ' ନାଟକର ପ୍ରଥମ ଅଙ୍କର ପ୍ରଥମ ଦୃଶ୍ୟରେ ସୁମିତ୍ର ଓ ଯଦୁନାଙ୍କର ତପୋବନରେ ମିଳନ ଓ ପ୍ରଣୟଜନିତ ମାନସିକ ଦ୍ୱନ୍ଦ୍ୱ ଓ ଯମଦଗ୍ନିଙ୍କର ନିଜ ପୁତ୍ରମାନଙ୍କୁ ତାଙ୍କ ତାଙ୍କ ନିକଟରୁ କାର୍ତ୍ତବୀର୍ଯ୍ୟଙ୍କର ଅତ୍ୟାଗ୍ରହ ବିଷୟ ଶୁଣି ଉଦ୍‌ବେଗ ଏହି ଉଭୟ ଅସଂଯୁକ୍ତ ଦ୍ୱନ୍ଦ୍ୱ ବର୍ଣ୍ଣିତ ହୋଇଥିବାରୁ ଦୃଶ୍ୟଟିରେ ବିଷୟ-ବସ୍ତୁର ଏକତାର ଅଭାବ ଘଟୁଅଛି, କାରଣ ଉଭୟ ଦ୍ୱନ୍ଦ୍ୱ କେବଳ ଏକ ସ୍ଥାନରେ ଘଟିବା ଭିନ୍ନ ସେମାନଙ୍କ ମଧ୍ୟରେ ଅନ୍ୟ କୌଣସି ପ୍ରକାର ସମ୍ବନ୍ଧ ନାହିଁ । ଅନ୍ୟ ପକ୍ଷରେ 'କୋଣାର୍କ' ନାଟକରେ ଗୋଟିଏ ମାତ୍ର ଦ୍ୱନ୍ଦ୍ୱ ମୂଳରୁ ଶେଷ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଥିବାରୁ ସେହି ଦ୍ୱନ୍ଦ୍ୱକୁ ଆକର୍ଷକ କରିବା ନିମନ୍ତେ ନାନା ପ୍ରକାର ଭୂଷଣ ଓ ଅବାନ୍ତର ବିଷୟବସ୍ତୁର ପରିକଳ୍ପନା କରିବାକୁ ହୋଇଅଛି ଓ 'ଶମ୍ଭୁଅବନୀଶ' ରେ ମଧ୍ୟ ଦ୍ୱନ୍ଦ୍ୱ ଏକମୁଖୀ ଓ ଏକ ଚରିତ୍ରକୁ ଆଶ୍ରୟ କରିଥିବାରୁ ନାଟକୀୟ ରସ ଉପଚିତ ହୋଇ ପାରୁ ନାହିଁ । ଅନେକ ଗୁଡ଼ିଏ ପରସ୍ପର ସଂଯୁକ୍ତ ଦ୍ୱନ୍ଦ୍ୱର ସମ୍ୟକ୍ ପରିକଳ୍ପନାଦ୍ୱାରା ନାଟକ ଯେ ମନୋହର ଓ ଆକର୍ଷକ ହୋଇଥାଏ, ତାହା କହିବା ବାହୁଲ୍ୟ ଓ ଯେଉଁ ନାଟକରେ ଦ୍ୱନ୍ଦ୍ୱ ଯେତେ ପରିସ୍ଫୁଟ ଓ ଘନିଷ୍ଠ ଭାବରେ ସଂଯୁକ୍ତ ଓ ଅଭିନୟ ସମୟରେ ଉତ୍ତେଜନା ସୃଷ୍ଟି କରିବାକୁ ସମର୍ଥ, ତାହା ସେତେ ଆକର୍ଷକ ହୁଏ । 'ଚୈତନ୍ୟଲୀଳା' ରେ ଦ୍ୱନ୍ଦ୍ୱ ଥିଲେହେଁ ଉତ୍ତେଜନାର ଅଭାବ ଅଛି, କାବ୍ୟର ମାଧୁର୍ଯ୍ୟଦ୍ୱାରା ଘଟଣାର ଉତ୍ତେଜନା ହୃଦୟକୁ ସ୍ପର୍ଶ କରି ପାରୁ ନାହିଁ ଓ ନାଟକଟି ଭକ୍ତିରସପ୍ରଧାନ ହୋଇ ଏଥିରେ ଅଧିକ ଉତ୍ତେଜନା ଥିବା ସମ୍ଭବ ମଧ୍ୟ ନୁହେଁ, ଏଣୁ ଏ ନାଟକଟି ଓଡ଼ିଆ ସାହିତ୍ୟ ହେଲେ ମଧ୍ୟ ରଙ୍ଗମଞ୍ଚରେ ବିଶେଷ ଆକର୍ଷକ ହୋଇ ପାରିବ ନାହିଁ । ପୁଣି 'ବ୍ରମାଦିଦେବ' ନାଟକରେ ଯଥେଷ୍ଟ ଦ୍ୱନ୍ଦ୍ୱ ଥିଲେହେଁ ବର୍ଣ୍ଣନାଗୁଡ଼ିକ ପାଣ୍ଡିତ୍ୟପୂର୍ଣ୍ଣ ହେବାରୁ

ଉତ୍ତେଜନାର ଅଭାବ ଘଟିଅଛି ଓ ଏହି ଅଭାବ ଯୋଗୁଁ ଏ ନାଟକଟି ମଧ୍ୟ ଅଭିନୟକାଳରେ ଦର୍ଶକମାନଙ୍କ ମନରେ ବିଶେଷ ଉତ୍ତେଜନା ଓ ଶୃଙ୍ଖଳା ସୃଷ୍ଟି କରି ପାରେ ନାହିଁ । 'ବିଶ୍ୱଯଜ୍ଞ' ନାଟକରେ ଗୋଟିଏ ରୂପକର ବ୍ୟାଖ୍ୟାନ ଥିବାରୁ ଏ ନାଟକର କଥାବସ୍ତୁ ମଧ୍ୟରେ ଅନ୍ତର୍ନିହିତ ଦ୍ୱନ୍ଦ୍ୱଦ୍ୱାରା ଦର୍ଶକମାନେ ଅଭିନୟ ସମୟରେ ଆକୃଷ୍ଟ ହୁଅନ୍ତି ନାହିଁ ।

ଓଡ଼ିଆ ନାଟକମାନଙ୍କରେ ବଙ୍ଗଳା ନାଟକର ଅନୁକରଣରେ ଦ୍ୱନ୍ଦ୍ୱର ହାସ୍ୟକର ଅଧିପାତ ରୂପରେ ଯୁଗ୍ମ ନୃତ୍ୟ ବା ଦୃଶ୍ୟମାନ ସନ୍ନିବେଶିତ ହୋଇଅଛି । ନାଟକରେ ପ୍ରଣୟୀ ପ୍ରଣୟିନୀମାନଙ୍କର ପ୍ରେମଜନିତ ଦ୍ୱନ୍ଦ୍ୱ ବିଶେଷ ବର୍ଣ୍ଣନୀୟ ପଦାର୍ଥ ଓ ଏହାର ବର୍ଣ୍ଣନା ମଧ୍ୟରେ ଆବେଗ ବା ଉତ୍ତେଜନାର ମଧ୍ୟ ଯଥେଷ୍ଟ ଅବକାଶ ଥାଏ । ପରିଶେଷରେ ନାୟକନାୟିକାମାନଙ୍କର ମିଳନ ନାଟକୀୟ କଥାବସ୍ତୁକୁ ସରସ ଓ ମଧୁର କରିଥାଏ । କିନ୍ତୁ ଏହି କଥାବସ୍ତୁକୁ ଲଘୁ ବା ନ୍ୟୂନ କରିବା ସକାଶେ ନାଟକରେ ଯୁଗ୍ମ ନୃତ୍ୟ ଗୀତଗୁଡ଼ିକ ସନ୍ନିବେଶିତ ହୋଇଥାଏ ଓ ସେହିଦ୍ୱାରା ପ୍ରଧାନତଃ ହାସ୍ୟରସ ସୃଷ୍ଟି କରାଯାଏ । ଯୁଗ୍ମ ନୃତ୍ୟର ପ୍ରଧାନ ବିଷୟ ଦୁଇଜଣ ପ୍ରଣୟୀ ମଧ୍ୟରେ ଦ୍ୱନ୍ଦ୍ୱ ଓ ସେମାନଙ୍କର କ୍ଷମାଭିକ୍ଷା ପରେ ମିଳନ । ସାଧାରଣତଃ ଏଥିରେ ସ୍ତ୍ରୀର ଅଭିମାନ ଓ ପୁରୁଷ ପ୍ରତି ବିରକ୍ତି, ପୁରୁଷର ସ୍ତୋକବାକ୍ୟ ଓ ପରିଶେଷରେ ଉଭୟର ମିଳନ ଏହିପରି କେତେଗୁଡ଼ିଏ ଭାବ ସଂଯୋଜିତ ହୋଇ ଏହା ଉଭୟଙ୍କ ପ୍ରେମର ହାସ୍ୟକର ବ୍ୟଙ୍ଗଚିତ୍ରରୂପେ ନାଟକରେ ସ୍ଥାନ ପାଏ । ବାସ୍ତବରେ ବଙ୍ଗଳା ନାଟକର ଅନୁକରଣରେ ଏହା ଓଡ଼ିଆ ନାଟକରେ ସ୍ଥାନ ପାଇଅଛି । ଏଥିରେ ସଙ୍ଗୀତ ଥିଲେହେଁ ଓ ଅଭିନୟ ସମୟରେ ଏହା ବିଶେଷ ଚିତ୍ତାକର୍ଷକ ହୋଇଥିଲେହେଁ ଏହାର ସାହିତ୍ୟିକ ମୂଲ୍ୟ ଅତି ଅଳ୍ପ । ଉଚ୍ଚାଙ୍ଗ ସାହିତ୍ୟିକ ନାଟକମାନଙ୍କରେ ଏହାର ବ୍ୟବହାର ଦେଖାଯାଏ ନାହିଁ । ରାମଶଙ୍କର ବାବୁ ଅନେକ ଦିନ ପର୍ଯ୍ୟନ୍ତ ନିଜ ନାଟକରେ ଏହାର ବ୍ୟବହାର ପରିହାର କରି-ଥିଲେହେଁ ପରିଶେଷରେ ଏହାର ଅଭିନୟକାଳୀନ ଜନପ୍ରିୟତା ଉପଲବ୍ଧି କରି ଶେଷ କେତେକ ନାଟକରେ ଏପରି ଯୁଗ୍ମନାଟ୍ୟ ସଂଯୋଜିତ କରିଥିଲେ । ସାଧାରଣତଃ ଯୁଗ୍ମନାଟ୍ୟମାନଙ୍କର ବିଷୟବସ୍ତୁ କଳହ ଓ ପରିଣାମରେ ମିଳନ ଥିଲେହେଁ ଅନ୍ୟାନ୍ୟ ବିଷୟମାନଙ୍କୁ ମଧ୍ୟ ଯୁଗ୍ମନାଟ୍ୟରେ ସ୍ଥାନ ଦିଆଯାଇଅଛି ଓ ଯୁଗ୍ମନାଟ୍ୟ ନିତାନ୍ତ ଅବାସ୍ତବ ହେଲେହେଁ ଏହାର

ଜନପ୍ରିୟତା କିଛୁଦିନ ପର୍ଯ୍ୟନ୍ତ ଏତେ ଅଧିକ ଥିଲା ଯେ, ସେ କୌଣସି ନାଟକରେ କଥାବସ୍ତୁର ଅନ୍ତରାଳରେ ସ୍ଥାନେ ସ୍ଥାନେ ଅଭିନୟ ସମୟରେ ନୃତ୍ୟନାଟ୍ୟ ସଂଯୋଜିତ କରିବାର ପ୍ରଥା ପ୍ରଚଳିତ ହେଲା ଏବଂ ଗ୍ରାମ୍ୟ ଯାତ୍ରା ଓ ସୁଆଙ୍ଗ ପ୍ରଭୃତିରେ ମଧ୍ୟ ଏହାର ବ୍ୟବହାର ଦେଖାଯାଉଥିଲା । ସାଧାରଣତଃ ନୃତ୍ୟନାଟ୍ୟଗୁଡ଼ିକ ଖାଣ୍ଟି ଓଡ଼ିଆ ଭାଷାରେ ଲିଖିତ ହୋଇଥାଏ, ମାତ୍ର ସାବିତ୍ରୀ ନାଟକରେ ଦେବଗଣବରୁଣୀମାନଙ୍କର ନୃତ୍ୟନାଟ୍ୟରେ ଭାଷାର କାଠିନ୍ୟ ପରିବର୍ତ୍ତନଦ୍ୱାରା ସଙ୍ଗୀତକୁ ମନୋହର କରାଯାଇଅଛି ଓ 'ସ୍ୱପ୍ନଭୂମଣୀ'ରେ (୧୨୧ ପୃଷ୍ଠା) ଓଡ଼ିଆ ଇଂରାଜୀ ମିଶ୍ରିତ ଭାଷା ବ୍ୟବହାର କରାଯାଇଅଛି । ନୃତ୍ୟନାଟ୍ୟର ଜନପ୍ରିୟତା ଓ ଅବାଧ ବ୍ୟବହାର ଯୋଗୁଁ ଅନେକ ସ୍ଥାନରେ ନାଟକୀୟ ରସର ହାନି ଲକ୍ଷିତ ହୋଇ ପାରେ [illegible] ଓ ଅଭିନୟ ସମୟରେ ତାହା ନିତାନ୍ତ ବିସଦୃଶ ବୋଧ ହେବା ସମ୍ଭବ । 'ଧ୍ରୁବଚରିତ୍ର'ରେ (୩୯ ପୃଷ୍ଠା) ଧ୍ରୁବ ଓ ସୁରୁଚି ଏବଂ ଧ୍ରୁବ ଓ ସୁନୀତି ମଧ୍ୟରେ ଯେଉଁ ନୃତ୍ୟ ସଙ୍ଗୀତ ନାଟକରେ ଦିଆଯାଇଅଛି, ତାହା ନାଟକୀୟ ରସ ଆସ୍ୱାଦନରେ ବାଧା ଜାତ କରେ ଓ 'ସୁଦାମା' ନାଟକରେ (୧୯ ପୃଷ୍ଠା) ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ ନାଟକୀୟ କଳାର ପରିପନ୍ଥୀ । ଏପରି କି 'ପୁରୁଷୋତ୍ତମ ଦେବ' ନାଟକରେ ରାଜା ଯେଉଁ ସଙ୍ଗୀତ ଗାନ କରୁଅଛନ୍ତି, ତାହା ମଧ୍ୟ ନାଟକୀୟ କଳାରେ ବୈଚିତ୍ର୍ୟ ଆଣୁଥିବାରୁ ଅଭିନୟ ସମୟରେ ପରିତ୍ୟକ୍ତ ହୋଇଥାଏ । 'ମାତୃପୂଜା' ନାଟକରେ (୮୦ ପୃଷ୍ଠା) ଯେଉଁ ନୃତ୍ୟନାଟ୍ୟ ଦିଆଯାଇଅଛି, ତାହା ମଧ୍ୟ ଅସ୍ୱାଭାବିକ । 'ପ୍ରେମିକ ଲୁବ୍ଧ' ନାଟକରେ (୧୯ ପୃଷ୍ଠା) ଦିଆଯାଇଥିବା ନୃତ୍ୟନାଟ୍ୟ କେବଳ ହାସ୍ୟରସମୟ ନାଟକରେ ରହିବା ସମ୍ଭବ ।

ନାଟକୀୟ ଦ୍ୱନ୍ଦ୍ୱ ଉତ୍ତେଜନା ସୃଷ୍ଟି କରିଥାଏ ଓ ଏହି ଉତ୍ତେଜନା ନାଟକର ଗୋଟିଏ ପ୍ରଧାନ ବିଷୟବସ୍ତୁ । ନାଟକରେ ଉତ୍ତେଜନା ନାନା ଭାବରେ ପ୍ରଦର୍ଶିତ ହୋଇଥାଏ । ନାନା କୌଶଳଦ୍ୱାରା ନାଟ୍ୟକାର ଉତ୍ତେଜନାକୁ ଦର୍ଶକ ସମ୍ମୁଖରେ ଉପସ୍ଥାପିତ କରିଥାନ୍ତି । ମାତ୍ର କଥାଭଙ୍ଗୀ ମଧ୍ୟରେ ଉତ୍ତେଜନା ଯଥାଯଥଭାବରେ ପ୍ରକାଶ କରି ପାରିଲେ ନାଟକ ଉତ୍କୃଷ୍ଟ ବୋଲି ପରିଗଣିତ ହୋଇ ପାରେ । ମାନସିକ ଉତ୍ତେଜନା ସାମାନ୍ୟ କଥାଦ୍ୱାରା ପ୍ରକାଶିତ ହୋଇ ପାରେ କିମ୍ବା ଅଭିନୟକାଳୀନ ନାନା ଅଙ୍ଗଭଙ୍ଗୀ ଓ କାର୍ଯ୍ୟକଳାପଦ୍ୱାରା ମଧ୍ୟ ପ୍ରକାଶିତ ହୋଇ ପାରେ । ଏ କ୍ଷେତ୍ରରେ ନାଟ୍ୟକାରଙ୍କୁ ଅଭିନେତାର ଅଭିନୟକୌଶଳ ଉପରେ ସମ୍ପୂର୍ଣ୍ଣ ନିର୍ଭର

କରିବାକୁ ହୋଇଥାଏ ଓ ଯେଉଁ ନାଟକରେ ଉତ୍ତେଜନା ଯେପରି ସ୍ୱଭାବରେ ରଙ୍ଗମଞ୍ଚରେ ପ୍ରକାଶ କରାଯାଏ, ତାହାଦ୍ୱାରା ନାଟକର ରସ ସେହିପରି ଭାବରେ ପ୍ରକଟିତ ହୁଏ । ସାହିତ୍ୟର ଗୋଟାଏ ପ୍ରଧାନ ବିଷୟ କଳ୍ପନାର ପ୍ରସାର । ଯେଉଁ ଲେଖା ସେତେ କଳ୍ପନାକୁ ପ୍ରସାରିତ କରିବାକୁ ସମର୍ଥ, ତାହା ସେତେ ମନୋରମ ହୁଏ; କିନ୍ତୁ ଯେଉଁ ଲେଖା କେବଳ ବାହ୍ୟ ଶାରୀରିକ ଅଙ୍ଗଭଙ୍ଗୀର ଆଶ୍ରୟ ନିଏ, ତାହା ସେତେ ନିକୃଷ୍ଟ ବୋଲି ପରିଗଣିତ ହୁଏ । ଏହି ଦିଗରୁ ବିଚାର କଲେ 'ଭକ୍ତମଣି' ନାଟକରେ ତୈଳପୂର୍ଣ୍ଣ ଉତ୍ତପ୍ତ କଟାହ ମଧ୍ୟରେ ମୁଧନ୍ୱାଙ୍କୁ ନିକ୍ଷେପ କରିବାଦ୍ୱାରା ଦର୍ଶକମାନଙ୍କ ମନରେ ଉତ୍ତେଜନା ସୃଷ୍ଟି କିମ୍ବା 'ମେଘନାଦବଧ' ନାଟକରେ (୫୦ ପୃଷ୍ଠା) ଇନ୍ଦ୍ରଜିତଙ୍କର ରଙ୍ଗମଞ୍ଚରେ ଛିନ୍ନମସ୍ତଃ ଦେଖାଇବାଦ୍ୱାରା ଉତ୍ତେଜନା ସଞ୍ଚାର କରିବାର ପ୍ରୟାସ ଉଚ୍ଚାଙ୍ଗ ସାହିତ୍ୟର ନିଦର୍ଶନ ନୁହେଁ । 'କୋଣାର୍କ', 'ହିନ୍ଦୁରମଣୀ', 'ସୀତାବିବାହ' ପ୍ରଭୃତି ନାଟକରେ ସ୍ଥାନେ ସ୍ଥାନେ ଯେପରି ଭାବରେ ସାମାନ୍ୟ କଥାଦ୍ୱାରା ଚରିତ୍ରମାନଙ୍କର ମାନସିକ ଉତ୍ତେଜନା ପ୍ରଦର୍ଶିତ ହୋଇଅଛି, ତାହା ବାସ୍ତବିକ ଅନୁକରଣୀୟ । ଅଳ୍ପକାଳ ବିଶଦ ଅଭିନୟ ନିର୍ଦ୍ଦେଶ ଦେବାଦ୍ୱାରା ଉତ୍ତେଜନା ପ୍ରଦର୍ଶନ କରିବା ଓ ତାହାର ଇଙ୍ଗିତ ପାଠକମାନଙ୍କୁ ଦେବା ସହଜସାଧ୍ୟ ହୋଇଅଛି । ଆଧୁନିକ ଅନେକ ନାଟକରେ (ପୂଜାରିଣୀ, ଦେଶର ଡାକ) ମାନସିକ ଉତ୍ତେଜନାର ନିର୍ଦ୍ଦେଶକ କଥା ଦିଆଯାଇ ନ ଥିଲେ ମଧ୍ୟ ଅଭିନୟ ସମୟରେ ଉତ୍ତେଜନାର ସୁସ୍ପଷ୍ଟ ଇଙ୍ଗିତ ମିଳି ପାରେ । ଓଡ଼ିଆରେ ପୂର୍ବେ ଯେଉଁ ନାଟକଗୁଡ଼ିକ ରଚିତ ହୋଇଥିଲା, ସେଥିରେ ବିଶେଷଭାବରେ ଆମ୍ଭେମାନେ ପାଇଥିଲୁଁ, ସାହିତ୍ୟିକ କଳ୍ପନାଦ୍ୱାରା ନାଟକର ମର୍ଯ୍ୟାଦା ବୃଦ୍ଧିର ପ୍ରୟାସ, ଆଧୁନିକ ନାଟକମାନଙ୍କରେ ବିଶେଷତଃ ଅଶ୍ୱିନୀ ବାବୁଙ୍କ ନାଟକମାନଙ୍କରେ ଆମ୍ଭେମାନେ ପାଉଁ, ଅଭିନୟକାଳୀନ ଉତ୍ତେଜନା ପ୍ରକାଶର ଚେଷ୍ଟା । ଏହି ଦୁଇଗୋଟି ବିଷୟରେ ସମତା ସ୍ଥାପିତ ହୋଇ ପାରିଲେ ନାଟକ ରସ ବିଶେଷଭାବରେ ଚିତ୍ତାକର୍ଷକ ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ ।

ନାଟ୍ୟକଳାର ଗୋଟିଏ ବିଶେଷ ଅଙ୍ଗ ଦର୍ଶକମାନଙ୍କ ସମ୍ମୁଖରେ କୌଣସି ଅପ୍ରତ୍ୟାଶିତ ଘଟଣା ଘଟାଇବା ଓ ଏହାର ଅନେକ ଉଦାହରଣ ଆମ୍ଭେମାନେ ଓଡ଼ିଆ ନାଟକମାନଙ୍କରେ ପାଉଥାଉଁ । କୌଣସି ନାରୀ ଦୁର୍ବୃତ୍ତ ହସ୍ତରୁ ପରିତ୍ରାଣ ନ ମିଳନ୍ତେ ବ୍ୟାକୁଳ, ନିଜର ସତୀତ୍ୱ ରକ୍ଷା କରିବା ନିମନ୍ତେ ବ୍ୟଗ୍ର, କିନ୍ତୁ କୌଣସି ଉପାୟ ଜଣାଯାଉ ନାହିଁ, ମାତ୍ର

ହଠାତ୍ ଅପ୍ରତ୍ୟାଶିତ ଭାବରେ କାହାର ପ୍ରବେଶଦ୍ୱାରା ତାହାର ପରିତ୍ରାଣର ଉପାୟ ଘଟିଲା; ଜଣେ ଲୋକ ଅଧିକ ମୃତ୍ୟୁମୁଖରେ ପଡ଼ିଛି, ଦର୍ଶକମାନେ କରୁଣ ଭାବରେ ତାର ପରିତ୍ରାଣର ଉପାୟ ଚିନ୍ତା କରୁଅଛନ୍ତି, କିନ୍ତୁ କୌଣସି ସାଧାରଣ ଅପ୍ରତ୍ୟାଶିତ ଘଟଣାଦ୍ୱାରା ତାର ପରିତ୍ରାଣ ସମ୍ଭବ କରା-ଯାଉ ନାହିଁ, ଏପରି ସମୟରେ ହଠାତ୍ କୌଣସି ଘଟଣାଦ୍ୱାରା ତାର ଜୀବନ ରକ୍ଷା ହେଲା,—ଏହି ସମସ୍ତ ଅପ୍ରତ୍ୟାଶିତ ଘଟଣାଦ୍ୱାରା ନାଟକୀୟ ରସ ଦର୍ଶକମାନଙ୍କ ସମକ୍ଷରେ ଉତ୍ତେଜକଭାବରେ ଦେଖାଯାଇଥାଏ । 'ସ୍ୱଧର୍ମ' ନାଟକରେ ହଠାତ୍ ମେକେଞ୍ଜିର ସାହେବଙ୍କ ପ୍ରବେଶଦ୍ୱାରା ରାଣୀର ଉଦ୍ଧାର ଦର୍ଶକମାନଙ୍କୁ ଏତେ ମୁଗ୍ଧ କରିଦିଏ ଓ ସେମାନଙ୍କର ମନ ଏହାଦ୍ୱାରା ଏତେ ଅଭିଭୂତ ହୋଇଥାଏ, ଯେ ସେଥିରେ ମେକେଞ୍ଜିର ସାହେବଙ୍କ ପ୍ରସ ଗଡ଼ରେନ୍ଦ୍ର ପୁଷ୍କରଣୀ ନିକଟରେ ଉପସ୍ଥିତ ଉପଲକ୍ଷେ ସମାଗତ ଚନ୍ଦନଯାତ୍ରା-କାଳୀନ ଜନତା ମଧ୍ୟରେ ଅନ୍ଧକାର ରାତ୍ରିରେ ବ୍ୟାଘ୍ର ଶିକାର କରିବାର ଅବାସ୍ତବତା ସେମାନେ ସମ୍ପୂର୍ଣ୍ଣ ବିସ୍ମୃତ ହୋଇଯାନ୍ତି । ଏହିପରି ମଠ ମଧ୍ୟରେ ହରିଦାସଙ୍କର ରାଣୀର ଛଦ୍ମବେଶରେ ରହି ରାଣୀଙ୍କୁ ମହନ୍ତଙ୍କ ହସ୍ତରୁ ଉଦ୍ଧାର କରିବା ମଧ୍ୟ ଏକାନ୍ତ ଅପ୍ରତ୍ୟାଶିତ ଓ ରାଣୀର ଉଦ୍ଧାର ପାଇବା ଦୃଶ୍ୟରେ ଅନନ୍ଦିତ ହୋଇ ଓ ପରେ ମିଠାଇ ଗୋଷ୍ଠାଇ ନେଇ ଖାଇବା ଦୃଶ୍ୟରେ ହାସ୍ୟରସର ଆସ୍ୱାଦ ପାଇ ଦର୍ଶକମାନେ ହରିଦାସର ମଠ ମଧ୍ୟରେ ପ୍ରବେଶ କରିବାର ଅସମ୍ଭାବ୍ୟତା ବିସ୍ମୃତ ହୋଇଯାନ୍ତି । ଏହିପରି କାଞ୍ଚନମାଳୀ ବନ ମଧ୍ୟରେ ଅତର୍କିତଭାବରେ ଅଶାନ୍ତ ହୋଇ ପରିଶାନ୍ତିଲାଭ କରିବା ଦୃଶ୍ୟ, 'ଲୀଳାବତୀ' ନାଟକରେ ଲୀଳାବତୀ ଗୋବିନ୍ଦ-ଦ୍ୱାରା ଆକ୍ରାନ୍ତ ହୋଇ ହଠାତ୍ ମାକଗ୍ରେଟ୍ ସାହେବଙ୍କ ଆଗମନରୁ ରକ୍ଷା ପାଇବା ଦୃଶ୍ୟ ଓ 'ତାରା ବାଈ' ନାଟକରେ (୬୨ ପୃଷ୍ଠା) ଚିଲ୍କା ନଷ୍ଟୀ ବାଈ ଉପରେ ଅତ୍ୟାଚାର କରିବା ସମୟରେ ପୃଥ୍ୱୀରାଜ ଅକସ୍ମାତରେ ପ୍ରବେଶ କରି ତାଙ୍କୁ ରକ୍ଷା କରିବା ଦୃଶ୍ୟଗୁଡ଼ିକ ମଧ୍ୟ ଏହିପରି ଅପ୍ରତ୍ୟାଶିତ । ଏପରି ଅପ୍ରତ୍ୟାଶିତ ଘଟଣା ନାନା ଓଡ଼ିଆ ନାଟକରେ ଦେଖାଯାଏ ଓ ଏଗୁଡ଼ିକ 'ନାଟକୀୟ' ବୋଲି ପାଠକମାନେ ଓ ଦର୍ଶକମାନେ ସହଜରେ ଉପଲବ୍ଧି କରି ପାରନ୍ତି । 'ସେଓ୍ୱନ୍'ରେ ସେଓ୍ୱନ୍ ଓ ସୈନିକଗଣ ଉଭୟେ ପ୍ରାୟ ମୃତ ଓ ପିପାସାରେ ଏକାନ୍ତ କାତର, ଏହି ସମୟରେ ଦହିଲାର ଜଳ ନେଇ ପ୍ରବେଶ ଓ ସେମାନଙ୍କୁ ଜଳଦାନ କରି ପ୍ରାଣରକ୍ଷା କରିବା, 'ସାବିତ୍ରୀ' ନାଟକରେ ସତ୍ୟବାନ ଦ୍ୟୁମସେନ ହସ୍ତରେ ବନ୍ଦୀ ଓ ତାହାର ମୃତ୍ୟୁ

ଅସନ୍ତ ଓ ଟେସ ରକ୍ଷା ପାଇବା ନିମନ୍ତେ ଏକାନ୍ତ ବ୍ୟାକୁଳ ଓ ପଳାୟନପର, ପଳାୟନ କରିବା ସମୟରେ ସୁଦାମର ସିଠି-ବାଦନ ଓ ଶାପଗ୍ରସ୍ତ ଦଳଙ୍କୁ ସୈନ୍ୟମାନେ ପ୍ରବେଶ ହୋଇ ବର୍ଚ୍ଛା ଉତ୍ତୋଳନ କରିବା, ସତ୍ୟବାନ ହସ୍ତରୁ କଳସୀଟି ଖସି ପଡ଼ିବା, ସେହି ସମୟରେ ଭିଲ ସର୍ଦ୍ଦାରର ତୀର ନିକ୍ଷେପ, ଭିଲମାନେ ସେମାନଙ୍କୁ ଆକ୍ରମଣ କରିବା ଓ ସତ୍ୟବାନ ଅନ୍ତର୍ହିତଭାବରେ ଠିଆ ହୋଇଥିବା ଦୃଶ୍ୟରେ ନାନା ଅପ୍ରତ୍ୟାଶିତ ଘଟଣାର ସମନ୍ୱୟ କରାଯାଇଅଛି । ସେହି ନାଟକରେ ଜ୍ୱଳନ୍ତ ବନାଗ୍ନି ମଧ୍ୟରେ ଦୁର୍ଦ୍ଧାନ୍ତର ବନ୍ଧ ହୋଇ ରହି ବ୍ୟାକୁଳସ୍ୱରରେ ଜୀବନରକ୍ଷା ନିମନ୍ତେ ପ୍ରାର୍ଥନା କରିବା ସମୟରେ ସତ୍ୟବାନର ଅଗ୍ନିନିର୍ବାପଣ ଦୃଶ୍ୟ ମଧ୍ୟ କେବଳ ଚମକପ୍ରଦ ନାଟକୀୟ ଘଟଣାସମାବେଶ କରିବା ନିମନ୍ତେ ଦିଆଯାଇଅଛି । 'ସତ୍ୟବିଜୟ' ନାଟକରେ ଚନ୍ଦ୍ରଧରର ଫାଶି ଅସନ୍ତୁ, ତାହାର ହାତ ବନ୍ଧା, ବେକରେ ଫାଶ, ମୁଖରେ ଆବରଣ, ଏକ ମୁହୂର୍ତ୍ତ ମଧ୍ୟରେ ତାହାର ମୃତ୍ୟୁ ଅନିବାର୍ଯ୍ୟ; ଏହିପରି ସମୟରେ ଶିବରାମ ସହସା ପ୍ରବେଶ କରି ମଞ୍ଚ ଉପରେ ଉଠି ନିଜର ଅପରାଧ ସ୍ୱୀକାର ଓ ଚନ୍ଦ୍ରଧରର ଉଦ୍ଧାର ପ୍ରଭୃତି ଅପ୍ରତ୍ୟାଶିତ ଘଟଣାର ବର୍ଣ୍ଣନାଦ୍ୱାରା ଦର୍ଶକମାନଙ୍କ ମନରେ ଉତ୍ତେଜନା ସଞ୍ଚାର କରିବା ପ୍ରୟାସ କରାଯାଇଅଛି । ଏହାଦ୍ୱାରା ନାଟକୀୟ ଉଦ୍ଦେଶ୍ୟ ମଧ୍ୟ ସାଧିତ ହୋଇଅଛି । 'ଭାଞ୍ଜିବୀର୍ଯ୍ୟ' ନାଟକରେ ନାଞ୍ଜିବୀର୍ଯ୍ୟ ପଦ୍ମିନୀକୁ ହସ୍ତଗତ କରିବା ନିମନ୍ତେ ଉଦ୍ୟତ ହେବା ସମୟରେ ବଜ୍ରପାତ ଓ ପରଶୁରାମର ପ୍ରବେଶ ଓ ସମସ୍ତଙ୍କର ମୂର୍ଚ୍ଛା ପ୍ରଭୃତି ଯାହା ବର୍ଣ୍ଣିତ ହୋଇଅଛି, ତାହା ମଧ୍ୟ ଚମକପ୍ରଦ ଘଟଣାସମାବେଶ ଭିନ୍ନ ଅନ୍ୟ କିଛି ନୁହେଁ । ରଙ୍ଗମଞ୍ଚ ଉପରେ ଏହିପରି ଘଟଣାମାନଙ୍କର ଅଭିନୟ ଦର୍ଶକମାନଙ୍କ ମନରେ ଏକ ଦିଗରେ ପାପର ପରାଜୟଜନିତ ହର୍ଷ ଓ ଅନ୍ୟ ଦିଗରେ ଅପ୍ରତ୍ୟାଶିତ ଘଟଣା ଦର୍ଶନରେ ଚମତ୍କୃତ ଜାତ କରି ସେମାନଙ୍କୁ ବିମୁଗ୍ଧ କରିଦିଏ । ବଜ୍ରପାତ ଦୃଶ୍ୟ କେବଳ ଆଉ ଗୋଟିଏ ଓଡ଼ିଆ ନାଟକରେ ଦେଖାଯାଏ, ତାହା 'ମୀର୍ କାସିମ୍' ନାଟକ ଓ ସେଥିରେ ମୀରଣର ବଜ୍ରାଘାତଦ୍ୱାରା ମୃତ୍ୟୁ ଐତିହାସିକ ତଥ୍ୟ ଉପରେ ପ୍ରତିଷ୍ଠିତ । ପୁଣି 'ସୁଭଦ୍ରାର୍ଜୁନ'ରେ (୯୮ ପୃଷ୍ଠା) ଅର୍ଜୁନ ଓ ଦସ୍ୟୁ ମଧ୍ୟରେ ଯୁଦ୍ଧ ସମୟରେ ହଠାତ୍ ଅନାଥର ପ୍ରବେଶ ଓ ବର୍ଚ୍ଛାବିଦ୍ଧ ହେବା ଓ ଦସ୍ୟୁର ପଳାୟନ ମଧ୍ୟ ଗୋଟିଏ ଚମକପ୍ରଦ ଘଟଣା । କିନ୍ତୁ କେତେକ ଓଡ଼ିଆ ନାଟକରେ ଚମକପ୍ରଦ ଘଟଣାମାନଙ୍କର ଅଯଥା ବାହୁଲ୍ୟ ଓ ଅନ୍ୟ କେତେକ ନାଟକରେ ଉତ୍ତେଜନା ସଞ୍ଚାରର ଅଯଥା

ପ୍ରୟାସଦ୍ୱାରା ନାଟ୍ୟକଳା ବ୍ୟାହତ ଓ କ୍ଷୁଣ୍ଣ ହୋଇଅଛି । 'ମୀରକାସିମ' ନାଟକରେ ଚମକପ୍ରଦ ଘଟଣାମାନଙ୍କର ଅଯଥା ବ୍ୟବହାର ଦେଖାଯାଏ ଓ ଅଭିନୟ ସମୟରେ ଏହାର ଦୃଶ୍ୟମାନ ଉତ୍ତେଜନା ସୃଷ୍ଟି କରିବାକୁ ସମର୍ଥ ହେଲେହେଁ ଘଟଣାମାନଙ୍କର ବାହୁଲ୍ୟରୁ ନାଟକର ସାହିତ୍ୟରସ କ୍ଷୁଣ୍ଣ ହୋଇଅଛି । ପୁଣି 'ତାଜମହଲ୍' ନାଟକରେ ଅନେକ ସ୍ଥାନରେ ଅଯଥା ଉତ୍ତେଜନା ଦିଆଯାଇଥିବାରୁ ନାଟକର ରସାସ୍ୱାଦନ କରିବାରେ ବାଧା ଜାତ ହୁଏ । 'ପାଇକପୁଅ' ନାଟକରେ ମଧ୍ୟ ଏହିପରି ଉତ୍ତେଜନାର ବାହୁଲ୍ୟ ଦେଖାଯାଏ । ବଙ୍ଗଳା ନାଟକର ଅନୁକରଣରେ ଓଡ଼ିଆ ନାଟକ-ମାନଙ୍କରେ ଉତ୍ତେଜନାର ନିଦର୍ଶକ "ବନ୍ଦୀ କର" ପ୍ରଭୃତି ବାକ୍ୟର ଅଯଥା ବ୍ୟବହାର ହୋଇଥାଏ ଓ 'ଗୌଡ଼ବିଜେତା' 'ମୀରକାସିମ' ପ୍ରଭୃତି ନାଟକମାନଙ୍କରେ ଏହିପରି ବ୍ୟବହାରର ଦୃଷ୍ଟାନ୍ତ ଆମ୍ଭେମାନେ ପାଇଥାଉଁ । ପୁଣି 'ବିଧବା ବିଜୟ', 'ରକ୍ତ ଅରବିନ୍ଦ' (ଅଶ୍ୱିନୀ) ପ୍ରଭୃତି କେତେକ ନାଟକରେ ଉତ୍ତେଜନାର ଆଧିକ୍ୟ ମଧ୍ୟ ନାଟକମାନଙ୍କୁ ଅଭିନୟର ଅନୁପଯୋଗୀ କରି ଦିଏ । ଉତ୍ତେଜନା ବା ଚମକାରିତାର ଅସମତା ଏହିପରି ଅନେକ ସ୍ଥଳରେ ନାଟକର ମାଧୁର୍ଯ୍ୟକୁ ନଷ୍ଟ କରି ତାହାର ସାହିତ୍ୟଗୌରବକୁ କ୍ଷୁଣ୍ଣ କରିଦିଏ ।

ନାଟ୍ୟକାର୍ଯ୍ୟ ଛଡ଼ା ଅନ୍ୟ ଗୋଟିଏ ଦିଗ ଚରିତ୍ରମାନଙ୍କର ରଙ୍ଗ-ମଞ୍ଚରେ ପ୍ରବେଶ ବିଷୟ ଆଲୋଚନା କଲେ ସ୍ପଷ୍ଟ ଦେଖାଯିବ । ଓଡ଼ିଶାର ରଙ୍ଗମଞ୍ଚଗୁଡ଼ିକ ଛୋଟ ଓ ରଙ୍ଗମଞ୍ଚରେ ଅଭିନୟ କରିବା ସମୟରେ କୌଣସି ଚରିତ୍ରର ଆଗମନକୁ ଉଲ୍ଲେଖ କରି କଥା କହିବା ଅଭିନୟର ଉପଯୋଗୀ ନୁହେଁ । କାରଣ ସେଥିରେ ଚରିତ୍ରଟିର ଦୂରରୁ ଆଗମନ କରିବାର ନିର୍ଦ୍ଦେଶ କରାଗଲେ ତାହା ରଙ୍ଗମଞ୍ଚୋପରି ଅବାସ୍ତବ ବୋଲି ପ୍ରମାଣିତ ହେବ । 'କାର୍ତ୍ତିବୀର୍ଯ୍ୟ' ନାଟକରେ (୨୫ ପୃଷ୍ଠା) ମନ୍ତ୍ରୀ ଆସି ପ୍ରବେଶ କରିବା ସମୟରେ କାର୍ତ୍ତିବୀର୍ଯ୍ୟ ତାଙ୍କୁ ନିର୍ଦ୍ଦେଶ କରି ଦର୍ଶକମାନଙ୍କୁ ଲକ୍ଷ୍ୟ କରି କହୁଅଛନ୍ତି, "ହେଇ ଆସିଲେଣି ମନ୍ତ୍ରୀ" ଏବଂ ତା ପରେ ସେ କେତେକ କଥା କହିବା ପରେ ମନ୍ତ୍ରୀ ନିଜର ବକ୍ତବ୍ୟ ପ୍ରକାଶ କରୁଅଛନ୍ତି । ଅଭିନୟ ସମୟରେ ଆଗନ୍ତୁକ ବ୍ୟକ୍ତିର ପରିଚୟ ଦର୍ଶକମାନଙ୍କୁ ଦେବାକୁ ହୋଇଥାଏ । ପୁଣି ଆଗନ୍ତୁକ ଆସି ସଙ୍ଗେ ସଙ୍ଗେ ରଙ୍ଗମଞ୍ଚରେ ଘଟୁଥିବା କାର୍ଯ୍ୟାବଳୀରେ ଯୋଗ ଦେଇଥାଏ । ଏହି ଉଭୟ ବିଷୟ ପ୍ରତି ଲକ୍ଷ୍ୟ ରଖି ନାଟକ ରଚିତ ହୁଏ । ଆଧୁନିକ ନାଟକମାନଙ୍କରେ ସେଥିଁ ଚରିତ୍ର

ରଙ୍ଗମଞ୍ଚରେ ପ୍ରବେଶ କରନ୍ତି ସେ ରଙ୍ଗମଞ୍ଚସ୍ଥ କୌଣସି ବକ୍ତାର ଶେଷ କଥାକୁ ଅବଲମ୍ବନ କରି ଅବ୍ୟବହିତ ନିଜର ବକ୍ତବ୍ୟ ପ୍ରକାଶ କରନ୍ତି; ଏଣୁ ଦର୍ଶକମାନଙ୍କର ମନ କବାଟର ବନ୍ଧନ ପ୍ରତି ସ୍ପୃହା ଅକ୍ଷୁଣ୍ଣ ହୋଇଥାଏ । 'ଗୌଡ଼ବିଜେତା'ରେ (୨୪ ପୃଷ୍ଠା) ଲୁଇବ୍ "କାରଣ ଲୁଇବ୍ ମନୁଷ୍ୟ, ପଶୁ ନୁହେଁ" କହି ପ୍ରସ୍ଥାନ କରିବା ସଙ୍ଗେ ସଙ୍ଗେ କୋଲେଖା ରଙ୍ଗମଞ୍ଚରେ ପ୍ରବେଶ କରି କହୁଅଛି, "ଲୁଇବ୍ ପଶୁ ନୁହେଁ ତ ଆଉ କଣ ?" ଓ ଏହାପର ଉକ୍ତିଦ୍ୱାରା ଦର୍ଶକମାନଙ୍କ ମଧ୍ୟରେ କ୍ଷଣିକ ଉତ୍ତେଜନା ଲାଭ କରିବାକୁ ସମର୍ଥ ହୋଇଅଛି । ଏହିପରି "ଲକ୍ଷ୍ମୀଭଜନ"ରେ (୫୮ ପୃଷ୍ଠା) 'ପୁରୁଷୋତ୍ତମ ଦେବ ହସି ହସି ପ୍ରବେଶ କଲେ । ନୀଳକଣ୍ଠର ବାକ୍ୟରେ ବାକ୍ୟ ମିଶାଇ' ଓ 'ରଘୁଅରକ୍ଷିତ'ରେ (୨୦ ପୃଷ୍ଠା ଅଙ୍କ ୨) ନୃପ "ଏଠି ଆସି ଗୋଟିଏ ଝିଅର ହାତଟା ଭଳି" ଏହିସବୁ ସନ୍ଦର୍ଭମାନ ଦିଆଯାଇଅଛି । 'କୋଣାର୍କ' ନାଟକରେ ସେହିପରି (୯୨ ପୃଷ୍ଠା) ଶିବୁ "ପାଣି, ପାଣି" ବୋଲି ବାଳକ ସ୍ୱରରେ ଚିତ୍କାର କରୁଥିବା ସମୟରେ "ପାଣିରେ କି ଲାଭ ପ୍ରଭୁ" ବୋଲି ଧର୍ମା ମାଃ ପ୍ରବେଶ କଲେ ଓ 'କେଶରୀଗଙ୍ଗ' ନାଟକରେ (୭୪ ପୃଷ୍ଠା) ଶାରଦା "ସରଳ ବିଶ୍ୱାସର ଏହି ପୁରସ୍କାର" କହିବା ସମୟରେ ବାସୁଦେବ ପ୍ରବେଶ କରି "ପ୍ରତିଶୋଧ ନେଇ ଆସିଛି" ବୋଲି ତାଙ୍କୁ ଉପଦେଶ ଦେବା ଓ ସେହି ନାଟକର ଅନ୍ୟତ୍ର (୨୮ ପୃଷ୍ଠା) ସୁବର୍ଣ୍ଣକେଶରୀ "କଳଙ୍କକୁ ଏ ପୁଣ୍ୟପୀଠରୁ ଯେତେ ଶୀଘ୍ର ଦୂର କରାଯାଏ, ସେତେ ମଙ୍ଗଳ" କହିବା ସମୟରେ ଜନକା ପ୍ରବେଶ କରି "ଏହି କଳଙ୍କିନୀକୁ ମଧ୍ୟ ସେହି ଦଣ୍ଡ ଦିଅନ୍ତୁ ପିତଃ" ବୋଲି କହିବା ସମୟରେ ଓ ପୁଣି ଅନ୍ୟ ସ୍ଥାନରେ (୨୭ ପୃଷ୍ଠା) ବାସୁଦେବ "ଶାରଦା କେଉଁଆଡ଼େ ଗଲା ? ତାକୁ କିଏ ନେଲା ?" କହିବା ସମୟରେ ସୁବର୍ଣ୍ଣକେଶରୀଙ୍କର ପ୍ରବେଶ ଓ 'ଏହି ସେ ପାପ ନରାଧମ, ବିଶ୍ୱାସଘାତକ' କହି ଅସି ନିଷ୍କାସନ କରି ହତ୍ୟା କରିବାକୁ ଉଦ୍ୟତ ହେବା ସମୟରେ ଜନକାର ବାଧା ଦେବା ମଧ୍ୟ ଏହିପରି ନାଟକୀୟ ରୀତିର ଉଦାହରଣସ୍ୱରୂପ ଗଣନା କରାଯାଇ ପାରେ ଓ ଚରିତ୍ରମାନଙ୍କର ରଙ୍ଗମଞ୍ଚରେ ପ୍ରବେଶକୁ ଉତ୍ତେଜନାପୂର୍ଣ୍ଣ କରିବା ନିମନ୍ତେ ଏପରି ରୀତିର ବ୍ୟବହାର କରାଯାଇଥାଏ । 'ଉତ୍କଳ ଗୌରବ' ନାଟକରେ (୨ ପୃଷ୍ଠା) ସମରେନ୍ଦ୍ର "ଅନନ୍ତ ସିଂହ କୁଅଁରେଶ୍ୱର" କହିବା ସମୟରେ ଅନନ୍ତ ସିଂହ "କିଏ କୁଅଁରେଶ୍ୱର ସମରେନ୍ଦ୍ର" କହି ପ୍ରବେଶ କରିବା ଦୃଶ୍ୟ ମଧ୍ୟ ଏହି ରୀତିର ଉଦାହରଣ । ନାଟକମାନଙ୍କରେ

ଚରିତ୍ରମାନଙ୍କର ରଙ୍ଗମଞ୍ଚରୁ ପ୍ରସ୍ଥାନ ଜ୍ଞାପନ କରିବା ନିମନ୍ତେ ମଧ୍ୟ ନାନା ଉତ୍ତେଜନାମୟ 'ବାକ୍ୟାବଳୀ' ବ୍ୟବହୃତ ହୋଇଥାଏ । କିନ୍ତୁ 'ଧ୍ରୁବ ଚରିତ'ରେ (୮୧ ପୃଷ୍ଠା) ନାରାୟଣ 'ବତ୍ସେ ମୁଁ ଅସନ୍ତୁଷ୍ଟ' ବୋଲି କହି ଅନ୍ତର୍ଦ୍ଧାନ ହେବାର ନିର୍ଦ୍ଦେଶ ମଧ୍ୟରେ ଉତ୍ତେଜନାର ଅଭାବ ଥିବାରୁ ଆଧୁନିକ ନାଟକରେ ଏହିଭଳି ନିର୍ଦ୍ଦେଶ ପ୍ରାୟ ଦେଖାଯାଏ ନାହିଁ ।

ନାଟକର ପ୍ରଧାନ ଅବଲମ୍ବନ ଦ୍ୱନ୍ଦ୍ୱ । ନାଟକର ପ୍ରଧାନ ପ୍ରକାଶ୍ୟ ବିଷୟ ଉତ୍ତେଜନା । ନାଟକର ଘଟଣାସମାବେଶ ମଧ୍ୟରେ ଅତି ପ୍ରୟୋଜନୀୟ ବିଷୟ ଅପ୍ରତ୍ୟାଶିତ ଘଟଣାମାନଙ୍କର ସଂଯୋଜନା । ଏ ସବୁ ଦ୍ୱାରାହିଁ ନାଟକ 'ନାଟକୀୟ' ହୋଇଥାଏ । ଉପନ୍ୟାସ ବା ପୁରାଣବର୍ଣ୍ଣିତ ଉପାଖ୍ୟାନକୁ ନାଟକୀୟ ଭାବରେ ଦୃଶ୍ୟକାବ୍ୟରେ ପରିବର୍ତ୍ତିତ କଲେ ଏହିସବୁକୁହିଁ ଭିତ୍ତି କରି ନାଟ୍ୟକାର ଅଗ୍ରସର ହୁଅନ୍ତି ଓ ଏ ସବୁର ଅଭାବ ଥିଲେ ନାଟକ କେବେହେଁ ଦର୍ଶକମାନଙ୍କର ଚିତ୍ତବିନୋଦନ କରି ପାରେ ନାହିଁ । ମାନସିକ ଉତ୍ତେଜନା ଭାଷାଦ୍ୱାରା ପ୍ରକାଶିତ ହୋଇପାରେ, ଏହା ଅଭିନୟ-କାଳୀନ ଅଙ୍ଗଭଙ୍ଗୀଦ୍ୱାରା ପ୍ରକାଶିତ ହୋଇ ପାରେ କିମ୍ବା ଅତି ସାଧାରଣ କଥାବାର୍ତ୍ତା ମଧ୍ୟରେ ଏହାର ସୂକ୍ଷ୍ମ ଇଙ୍ଗିତ ଦିଆଯାଇ ପାରେ ଓ କଳ୍ପନା-ବଳରେ ଦର୍ଶକମାନେ ଉତ୍ତେଜନାର ଆସ୍ୱାଦ ପାଇଥାନ୍ତି । ଜଣେ ଅତି ପ୍ରିୟ ବ୍ୟକ୍ତିର ଶୋଚନୀୟ ଅକାଳମୃତ୍ୟୁରେ ବିଚଳିତ ହୋଇ ଉଚ୍ଚସ୍ୱରରେ ବିଳାପଦ୍ୱାରା ନାଟକୀୟ ଚରିତ୍ର ନିଜର ଶୋକ ପ୍ରକାଶ କରି ପାରେ କିମ୍ବା କେବଳ ମୂର୍ଚ୍ଛାଦ୍ୱାରା ମଧ୍ୟ ହୃଦୟର ପ୍ରବଳ ଶୋକୋଚ୍ଛ୍ୱାସକୁ ପ୍ରକାଶ କରି ପାରେ । 'କାଳିକାଳ' ନାଟକରେ କୃତ୍ତିବାସଙ୍କର ବିଚାର ହେଉଥିବା ସମୟରେ ତାଙ୍କ ଘରେ ତାଙ୍କ ମାତା, ବଧୂ ଓ ଅନ୍ୟାନ୍ୟ ସ୍ତ୍ରୀଲୋକମାନେ ସମବେତ ହୋଇ ବିଚାରଫଳକୁ ଅତ୍ୟନ୍ତ ଉଦ୍‌ବେଗ ସହକାରେ ପ୍ରତୀକ୍ଷା କରିବାର ଦୃଶ୍ୟ ଦିଆଯାଇଅଛି । ଏହି ସମୟରେ ସେମାନଙ୍କର ମାନସିକ ଆବେଗ ଓ ଅନ୍ତରର ଉତ୍ତେଜନା ସହଜରେ ଅନୁମେୟ । ଅନାଦି ବିଚାରାଳୟରୁ ଏହି ସମୟରେ ବିଚାରଫଳ ନେଇ ପ୍ରତ୍ୟାଗତ ହେଲା । ତାହାର ମୁଖରୁ ବିଚାରପତିଙ୍କ ଆଦେଶ ଶୁଣିବାକୁ ସମସ୍ତେ ଉଦ୍‌ଗ୍ରୀବ ହୋଇ ଉଠିଲେ, ମାତ୍ର ସେ କିଛି ନ କହି କ୍ରନ୍ଦନ କରିବାକୁ ଲାଗିଲା । ଏହି କ୍ରନ୍ଦନଦ୍ୱାରା ସମସ୍ତଙ୍କର ଉତ୍ତେଜନା ଅଧିକ ବୃଦ୍ଧିପ୍ରାପ୍ତ ହେବା ସ୍ୱାଭାବିକ ଓ ବିଚାରଫଳ ଅନୁମାନ କରି ପାରିବା ସମ୍ଭବ ହେଲେହେଁ ତାହା ସୁନିଶ୍ଚିତଭାବରେ ଶୁଣିବା ନିମନ୍ତେ ସମସ୍ତେ ଅତ୍ୟନ୍ତ ବ୍ୟଗ୍ର ହେବା

ମଧ୍ୟ ସ୍ୱାଭାବିକ । ଏଠାରେ ଦର୍ଶକ ବା ପାଠକମାନଙ୍କ ମନରେ ବିଚାରଫଳ ଜାଣିବା ବିଷୟରେ ଅଧିକ ଉଦ୍‌ବେଗ ନାହିଁ, କାରଣ ଏହାର ପୂର୍ବବର୍ତ୍ତୀ ବିଚାର ଦୃଶ୍ୟରେ ଏହା ସେମାନଙ୍କୁ ଜଣାଇ ଦିଆଯାଇଅଛି ଓ ଦର୍ଶକ-ମାନଙ୍କ ମନରେ ପାପୀର ଦଣ୍ଡବିଧାନଜନିତ ଆନନ୍ଦ ଜାତ ହୋଇଅଛି । କିନ୍ତୁ ଏହି ଦୃଶ୍ୟରେ ବିଚାରଫଳ ଜାଣିବା ନିମନ୍ତେ ପୁରସ୍ତ୍ରୀମାନଙ୍କର ଉତ୍ତେଜନା ଓ ଉଦ୍‌ବେଗ ଏବଂ ଏହି ଫଳ ଜାଣି ପାରିଲେ ସେମାନଙ୍କର କି ଭଳି ଅବସ୍ଥା ଘଟିବ, ଏହା ଜାଣିବା ନିମନ୍ତେ ଦର୍ଶକମାନଙ୍କ ହୃଦୟରେ ସହାନୁଭୂତିଜନିତ ଉଦ୍‌ବେଗ; ଏହି ଉଭୟ ପ୍ରକାର ଉତ୍ତେଜନା ସୃଷ୍ଟ ହୋଇଥିବାରୁ ଏ ଦୃଶ୍ୟଟିର ନାଟକୀୟ ଛଟା ଅତ୍ୟନ୍ତ ଉପାଦେୟ ହୋଇଅଛି । କୃଷ୍ଣଚରଣଙ୍କ ମାତା କ୍ରନ୍ଦନ ସ୍ୱରରେ "କଣ ହେଲ ମଥୁରିବାଈ!" କହିବା ଓ ରସମଞ୍ଜରୀ କେବଳ ଦୀର୍ଘ ନିଶ୍ୱାସ ସହିତ "ମା" ଉଚ୍ଚାରଣ କରିବା ଦ୍ୱାରା ସେମାନଙ୍କର ଘୋର ମାନସିକ ଉଦ୍‌ବେଗ ଉତ୍ତମ ଭାବରେ ପ୍ରକାଶିତ ହେଉଅଛି । ସ୍ୱାମୀ ଅନାଦିଙ୍କ ମୁଖରୁ ବିଚାରଫଳ ଶୁଣି କନକଲତା ଢଳପଡ଼ିବା ଓ ମୂର୍ଚ୍ଛା ଯିବା ଦ୍ୱାରା ମଧ୍ୟ ତାଙ୍କର ମାନସିକ ଉତ୍ତେଜନା ପ୍ରକାଶିତ ହୋଇଅଛି । ଏହି କ୍ରନ୍ଦନ, ମୂର୍ଚ୍ଛା, ସ୍ୱଳ୍ପ କଥା ମଧ୍ୟରେ ଅନ୍ତର୍ନିହିତ ଉତ୍ତେଜନା—ଏହି ଉଭୟ ପ୍ରକାର ଉତ୍ତେଜନା ନିଦର୍ଶକ ନାଟକୀୟ ଛଟା ଏହି ଦୃଶ୍ୟରେ ପ୍ରଦର୍ଶିତ ହୋଇଅଛି ଓ ଦର୍ଶକମାନଙ୍କ ମନ ହଠାତ୍ ଏକ ରସରୁ ଅନ୍ୟ ରସର ଆସ୍ୱାଦ ଲାଭ କରି ତୃପ୍ତ ହେଉଅଛି । 'କାଞ୍ଚିକାବେରୀ' ନାଟକରେ ତୃତୀୟାଙ୍କରେ ଯେଉଁ ଦୀର୍ଘ ଅମିତ୍ରାକ୍ଷର ଛନ୍ଦର ବକ୍ତୃତା ଦିଆଯାଇଅଛି, ତାହାର ଏକମାତ୍ର ଉଦ୍ଦେଶ୍ୟ ଦର୍ଶକମାନଙ୍କ ମନରେ ଉତ୍ତେଜନା ସଞ୍ଚାର କରିବା । "ଚଣ୍ଡାଳ ବୋଇଲେ ଶୁଣିମୁଁ ଓଡ଼ିଶା ରାଜାଙ୍କୁ" ଏହି ବାକ୍ୟଟିର ଅଭିନୟକାଳୀନ ଉତ୍ତେଜନାରୁ ଦର୍ଶକମାନଙ୍କ ମନରେ ଆନନ୍ଦ ଓ ଗର୍ବ ସଞ୍ଚାର ହୋଇଥାଏ ଓ ଭାବ ବକ୍ତା ମୁଖରୁ ଉଚ୍ଚାରିତ ହୋଇ ଦର୍ଶକମନରେ ସଞ୍ଚାରିତ ହେବା ଅବସରରେ କୋମଳ ହୋଇ ଯାଇଥିବାରୁ ସେହି ଭାବଟିକୁ ସମ୍ୟକ୍ ଉଦ୍ଦୀପ୍ତ କରିବା ନିମନ୍ତେ ବକ୍ତୃତାରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରାଯାଇଅଛି । ସମଗ୍ର ବକ୍ତୃତାଟି ଅବାସ୍ତବ ହେଲେହେଁ ଦର୍ଶକମାନଙ୍କର ଦେଶାତ୍ମବୋଧ ଓ ଉତ୍ତେଜନା ଏହାକୁ ବିଶେଷଭାବରେ ହୃଦୟସ୍ପର୍ଶୀ କରିଥାଏ । 'ହାମଲେଟ୍' ନାଟକରେ ଅନ୍ୟ ଦିଗରେ ଓଫେଲିଆର ମୃତ୍ୟୁ ସମ୍ବାଦ ଓ ଲେୟାର୍ଟିସ୍ ପକ୍ଷରେ ବିଶେଷ ଉତ୍ତେଜକ ଓ ଶୋକାବହ ବ୍ୟାପାର, ମାତ୍ର ଦୃଶ୍ୟଟିରେ ଯେଉଁ

କଥୋପକଥନ ଦିଆଯାଇଅଛି, ସେଥି ମଧ୍ୟରେ ସଂସ୍କୃତର ରସ ନିହିତ ଥିଲେହେଁ ବ୍ୟଞ୍ଜନାର ବିଶେଷ ଅଭାବ ଦେଖାଯାଏ ଓ ନାଟକଟିର ଅଭିନୟ ଏହି କାରଣରୁ ହୃଦୟସ୍ପର୍ଶୀ ହୁଏ ନାହିଁ ।

ନାଟକୀୟ ଇଚ୍ଛା ଅନୁସାରେ ବକ୍ତୃତାକୁ ଅନେକ ସମୟରେ ସମ୍ପ୍ରସାରିତ କରିବାକୁ ହୋଇଥାଏ ଓ ଅନେକ ସମୟରେ ସଙ୍କୁଚିତ ମଧ୍ୟ କରାଯାଇଥାଏ । ବକ୍ତବ୍ୟର ମାତ୍ରା ଓ ଭଙ୍ଗୀ ପ୍ରତି ଦୃଷ୍ଟି ନ ରଖିଲେ ଦୃଶ୍ୟଗୁଡ଼ିକ ଅଭିନୟ ସମୟରେ ନିତାନ୍ତ ଅପ୍ରୀତିକର ହୁଏ । 'କାଞ୍ଚୀକାବେରୀ' ନାଟକର ଶେଷ ଦୃଶ୍ୟରେ ମନ୍ତ୍ରୀ ପଦ୍ମାବତୀଙ୍କୁ ନେଇ ରାଜାଙ୍କ ସମ୍ମୁଖରେ ଉପସ୍ଥାପିତ କରି ଯେଉଁ ଦୀର୍ଘ ବକ୍ତୃତାଟିଏ ଦେଲେ ତାହା ନାଟକୀୟ ଇଚ୍ଛା ଅନୁସାରେ ଚିତ୍ତାକର୍ଷକ ହୁଏ ନାହିଁ । ନାଟ୍ୟକାରଙ୍କ ଉଦ୍ଦେଶ୍ୟ—ପଦ୍ମାବତୀଙ୍କ ଭାଗ୍ୟ କଣ ହେବ, ଏହା ଜାଣିବା ନିମନ୍ତେ ଦର୍ଶକମାନଙ୍କୁ ଉନ୍ମୁଖ କରିବା ଓ ଦୀର୍ଘ ବକ୍ତୃତାଦ୍ୱାରା ସେମାନଙ୍କର କୌତୂହଳକୁ ଜାଗ୍ରତ କରି ଦୃଶ୍ୟଟିକୁ ଚିତ୍ତାକର୍ଷକ କରିବା; ମାତ୍ର ବାସ୍ତବରେ ଦର୍ଶକମାନେ ପଦ୍ମାବତୀଙ୍କ ଅନ୍ତିମ ଭାଗ୍ୟ ପୂର୍ବରୁ ନିଜ ମନରେ ସୁନିଶ୍ଚିତରୂପରେ ଜାଣିଥିବାରୁ ଓ ନାଟକର ବିନ୍ୟାସ ମୂଳରୁ ଏହି ପରିଣତି ଦିଗରେ ଗତି କରୁଥିବାରୁ ଦୀର୍ଘ ବକ୍ତୃତାଟି ଅଭିନୟ ସମୟରେ ବିରକ୍ତିକର ହେବା ସମ୍ଭବ ଓ ଏହି ସ୍ଥାନରେ ଗୋଟିଏ ନାତିଦୀର୍ଘ ବକ୍ତୃତା ଦେଇଥିଲେ ମଧ୍ୟ ଲେଖକଙ୍କର ଉଦ୍ଦେଶ୍ୟ ସାଧିତ ହୋଇଥାନ୍ତା । 'ରାମବନବାସ'ରେ (ଗ୍ରନ୍ଥାବଳୀ ୩୨୯ ପୃଷ୍ଠା) ରାମଙ୍କର ବନଗମନକାଳୀନ ଦଶରଥଙ୍କ ଉକ୍ତି । 'କଂସବଧ' ନାଟକରେ (ଗ୍ରନ୍ଥାବଳୀ ୫୨୮ ପୃଷ୍ଠା) କଂସର ଉକ୍ତି ମଧ୍ୟରେ ଆନ୍ତରିକ ଉତ୍ତେଜନା ପ୍ରକାଶ କରିବା ପ୍ରୟୋଜନ ଥିଲେହେଁ ସମଗ୍ର ଉକ୍ତିଟି ଅତ୍ୟନ୍ତ ଦୀର୍ଘ ହେବାରୁ ଦର୍ଶକମାନଙ୍କ ମନକୁ ସମ୍ୟକ୍ ସ୍ପର୍ଶ କରି ପାରେ ନାହିଁ । ପୁଣି 'ସୁନ୍ଦରମଣୀ' ନାଟକର ନାନା ସ୍ଥାନରେ (୨୭, ୨୭, ୨୮, ୭୮ ପୃଷ୍ଠା) ଓ 'ବେଶସ୍ୱାଙ୍ଗ' ନାଟକରେ (୧୧ ପୃଷ୍ଠା) ଉକ୍ତି ଗୁଡ଼ିକ ଅତ୍ୟନ୍ତ ଦୀର୍ଘ ଓ ସଙ୍କୁଚିତ ହେବାରୁ ତାହା ମଧ୍ୟ ଅପ୍ରୀତିକର ହୋଇଥାଏ । ଆଜିକାଲି କୌଶଳୀ ଅଭିନେତା ଓ ଶିକ୍ଷିତ ଅଭିନୟ-ଦର୍ଶକମାନଙ୍କର ବୃଦ୍ଧି ସଙ୍ଗେ ସଙ୍ଗେ ନାଟକରେ ଉତ୍ତେଜନା ଉତ୍ପାଦକ କାବ୍ୟମୟ ଭାଷାର ବ୍ୟବହାର କମିଯାଇ ଅତି ସାଧାରଣ କଥା ମଧ୍ୟରେ ଉତ୍ତେଜନାର ଇଙ୍ଗିତ ଦେବା ପ୍ରଥା ପ୍ରଚଳିତ ହୋଇଅଛି ଓ ନାଟକମାନ ଶେଷରେ ସାଧାରଣ କଥୋପକଥନର ଅନୁକୃତିରେ ଲିଖିତ ହେଉଥିବାରୁ

ଅତି ଦୀର୍ଘ ବକ୍ତୃତାମାନ ମଧ୍ୟ ପରିଦୃଷ୍ଟ ହେଉଅଛି । ଅଶ୍ୱିନୀବାବୁଙ୍କ ନାଟକରେ ଏହି ଆଧୁନିକ ରୀତିର ଅନେକ ଉଦାହରଣ ଆମ୍ଭେମାନେ ପାଉଥାଉଁ । 'ରାଜମହଲ' ନାଟକର (୯ ପୃଷ୍ଠା) ପ୍ରଥମ ଅଙ୍କର ପ୍ରଥମ ଦୃଶ୍ୟରେ ଗୋଟିଏ ପୃଷ୍ଠାରେ ପ୍ରାୟ ପାଞ୍ଚ ସାତୋଟି ଶବ୍ଦ ମାତ୍ର ଅଭିନେତା-ମାନେ ଅଭିନୟ ସମୟରେ ବ୍ୟବହାର କରିବେ ଓ ଏହି ଶବ୍ଦମାନଙ୍କର ଅନ୍ତର୍ନିହିତ ଭାବ ଓ ଉତ୍ତେଜନାକୁ ସୁପରିସ୍ଫୁଟ କରିବା କାରଣ ନାଟ୍ୟକାରଙ୍କୁ ବିଶେଷଭାବରେ ନାଟକୀୟ ନିର୍ଦ୍ଦେଶମାନ ଦେବାକୁ ହୋଇଅଛି । ଆଧୁନିକ ନାଟକମାନଙ୍କରେ ଏହି ରୀତି ବିଶେଷଭାବରେ ଅନୁସୃତ ହୋଇ ପାଠ୍ୟ ନାଟକ ଓ 'ଅଭିନେୟ' ନାଟକ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରୁଅଛି । ବାସ୍ତବିକ 'ରାଜମହଲ' ନାଟକରେ ଦୁଇ ଚାରି ଲାଇନର କଥା ମଧ୍ୟ ଦେଖିବା ଦୁର୍ଲ୍ଲଭ; କାରଣ ଏହି ନାଟକଟି ବିଶେଷଭାବରେ ଅଭିନୟ ନିମନ୍ତେ ଅଭିପ୍ରେତ ଓ ଅଭିନୟ ସମୟରେ ଅତ୍ୟନ୍ତ ଦକ୍ଷ ଓ କୌଶଳୀ ଅଭିନେତାଙ୍କ ଦ୍ୱାରା ଅଭିନୀତ ନ ହେଲେ ଏହାର ସୌନ୍ଦର୍ଯ୍ୟ ଉପଲବ୍ଧି କରାଯାଇ ପାରିବ ନାହିଁ ।

ଅନେକ ସ୍ଥାନରେ ସାହିତ୍ୟିକ ଭାଷା ବ୍ୟବହୃତ ହୋଇଥିବାରୁ ଆବେଗ ବା ଉତ୍ତେଜନା ପ୍ରକାଶରେ ବିଶେଷ ବାଧା ଜାତ ହୋଇଥାଏ । ଅବଶ୍ୟ 'ପଦ୍ମମାଳା ସହଗମନ' ନାଟକରେ ବ୍ୟବହୃତ (୮୨ ପୃଷ୍ଠା) "ହା ସର୍ବଗୁଣାକର ରଘୋତ୍ତମର ଜନକର କାରଣ ସମ୍ପ୍ରେମତୋଷିତ-ପିତୃଦେବ ମଦଙ୍କ-ମଣ୍ଡନ ବନ୍ଧୁପ୍ରିୟକୁମୁଦ-ବିକାଶ-ଶାରଦ-ବିଧୁ ସ୍ୱନଗରତରଣୀ ବଳଶାଳୀ ମେଘନାଦ" ପ୍ରଭୃତି ଅତ୍ୟନ୍ତ ଅବାସ୍ତବ ଓ ବିସଦୃଶ । ଅଭିନୟ ସମୟରେ ଏପରି ବାକ୍ୟାବଳୀରୁ ରସ ଗ୍ରହଣ କରିବା ମଧ୍ୟ ଅସମ୍ଭବ । ମାତ୍ର ଯେଉଁ ନାଟକମାନ ଅଭିନୟ ସମୟରେ ପ୍ରତିଷ୍ଠା-ଲାଭ କରିଅଛି, ସେଥିରେ ମଧ୍ୟ ବ୍ୟବହୃତ କେତେକ ବାକ୍ୟ ଆବେଗ ବା ଉତ୍ତେଜନା ପ୍ରକାଶ କରିବାକୁ ଅକ୍ଷମ ଓ ନାଟକୀୟ ଦୃଷ୍ଟିରୁ ଏହା ନାଟକର ଗୋଟିଏ ଦୋଷ ବୋଲି ସହଜରେ ଅନୁମିତ ହୋଇ ପାରେ । 'କାଞ୍ଚିକାବେରୀ'ରେ (୯୨ ପୃଷ୍ଠା) "ସେଭଳି କୋମଳପ୍ରାଣା ଅଶେଷ ରୂପଲାବଣ୍ୟସମ୍ପନ୍ନା ବିବିଧ ସଦ୍‌ଗୁଣାବଳୀଭୂଷଣୀ ପଦ୍ମାବତୀ କେବଳ ଏକ ରାଜପର୍ଣ୍ଣକୋପଯୁକ୍ତା" ଇତ୍ୟାଦି ବାକ୍ୟାବଳୀ ମଧ୍ୟରେ ଉତ୍ତେଜନାର ଅଭାବ ସହଜରେ ଅନୁମେୟ । 'ଝାନ୍ସି ବାଈ' ନାଟକରେ ଏହିପରି (୮ ପୃଷ୍ଠା) "ମୋର ପ୍ରାଣ ବାହିନୀମାନ କଣ୍ଠାଗତ, ତଥାପି ମୋର ସ୍ଥିତ ଫାଟି ଯାଉନ୍ତି ।

ଯିଏ ତୁମ୍ଭ ଭୁବନେ ଦେଖା ବା ମାଗିବା ଠିକଏ ସଲିଳଦାନରେ ମୋର ଜୀବନରକ୍ଷା କରି ପାରିବ କି ?" ଏହି ବାକ୍ୟାବଳୀ ମଧ୍ୟରେ ଅଛି, ତୃଷିତ ହୃଦୟର ଜଳଭିକ୍ଷାର ବ୍ୟାକୁଳତା ଅପେକ୍ଷା ସାହିତ୍ୟ ସୃଷ୍ଟିର ପ୍ରୟାସ ମଧ୍ୟ ଅଧିକ ଦେଖାଯାଏ ଓ ନାଟ୍ୟକାରଙ୍କ ଛାୟା ଅନୁସାରେ ଏଗୁଡ଼ିକ ନିନ୍ଦନୀୟ ।

ବର୍ତ୍ତମାନ ପଥ ଓଡ଼ିଆ ନାଟକ ପରୀକ୍ଷାସ୍ତରକୁ ଅତିକ୍ରମ କରି ସୁପ୍ରତିଷ୍ଠିତ ହୋଇ ପାରି ନାହିଁ । ତାହାର କାରଣ କୌଣସି ନାଟ୍ୟକାରଙ୍କ ଛାୟା ଅନୁସୃତ ହୋଇ ପ୍ରତିଷ୍ଠିତ ନ ହେବାରୁ ଅନ୍ୟ ସାହିତ୍ୟର ଆଦର୍ଶର ଅନୁକରଣ ଦେଖାଯାଉଅଛି । 'କାଞ୍ଚୀକାବେରୀ'ର ନାଟ୍ୟକାର ରୀତି 'କଟକ ଶକନ୍ଦ୍' ନାଟକର ରୀତିଦ୍ୱାରା ବ୍ୟାହତ ହୋଇଥିଲେ, ମାତ୍ର ସଙ୍ଗେ ସଙ୍ଗେ ଅଶ୍ୱିନୀକୁମାରଙ୍କ ନାଟକମାନଙ୍କଦ୍ୱାରା ନୂତନ ରୀତି ପ୍ରତିଷ୍ଠିତ ହୋଇଥିଲା । କିନ୍ତୁ ବର୍ତ୍ତମାନ ପୁଣି 'ଦନ୍ତାପଘ'ର ଉଦ୍ୟମରେ ନୂତନ ପରିକଳ୍ପନାରେ 'ପୂଜାରିଣୀ' ପ୍ରଭୃତି ନାଟକ ରଚିତ ହୋଇଥିବାରୁ ସାହିତ୍ୟରେ ନୂତନ ଆଦର୍ଶ ମଧ୍ୟ ଉପସ୍ଥାପିତ ହୋଇଅଛି । ବିଦେଶୀୟ ନାଟକର ଛାୟା ବର୍ତ୍ତମାନ ଶିକ୍ଷିତ ଓଡ଼ିଆମାନଙ୍କ ମନକୁ ଏତେଦୂର ପ୍ରଭାବିତ କରିଅଛି ଯେ, ଆଧୁନିକ ସାହିତ୍ୟରେ ଅନୁକରଣ ସୃଷ୍ଟିର ସ୍ଥାନ ଅଧିକାର କରିଅଛି ଓ ଏଥିଦ୍ୱାରା ସାହିତ୍ୟର ଉନ୍ନତି ଅସମ୍ଭବ ହେଉଅଛି । ନାଟକର ଅଭିନୟ ପୁଣି ବର୍ତ୍ତମାନ ଏକ ବହୁବ୍ୟୟସାଧ୍ୟ ବ୍ୟାପାରରେ ପରିଣତ ହୋଇଥିବାରୁ ସାଧାରଣ ସ୍ଥାନରେ ନାଟକର ଅଭିନୟଦ୍ୱାରା ଆନନ୍ଦଲାଭ ଅସମ୍ଭବ ହୋଇ ପଡ଼ୁଅଛି । ଏ ସବୁ ନାଟ୍ୟ ସାହିତ୍ୟର ଅବନତିର ପ୍ରକୃଷ୍ଟ କାରଣ ବୋଲି ଅନୁମାନ କରାଯାଇ ପାରେ ।

---

# ଦଶମ ପରିଚ୍ଛେଦ

# ଓଡ଼ିଆ ନାଟକର ରଚନାପଦ୍ଧତି

## (୧) କଥାବସ୍ତୁ

ଓଡ଼ିଆରେ ନାଟକ ରଚନା କରିବା ସମ୍ବନ୍ଧରେ ନାଟ୍ୟକାରମାନେ କେତେଗୁଡ଼ିଏ ସୂତ୍ରଦ୍ୱାରା ଅନୁପ୍ରାଣିତ ହୋଇଥାନ୍ତି । ନାଟ୍ୟକାରମାନଙ୍କ ମଧ୍ୟରୁ କେତେକ ସାହିତ୍ୟରଚନା କରିବାରେ ବ୍ରତୀ ଓ ନାଟକ ସାହିତ୍ୟର ଏକ ବିଶେଷ ଅଙ୍ଗ ଥିବାରୁ ନାଟକ ରଚନା କରିବାର ଚେଷ୍ଟା କରିଅଛନ୍ତି, କେତେକ ପୁଣି ଅଭିନେତା ଦଳ ସହିତ ବିଶେଷଭାବରେ ସଂଶ୍ଲିଷ୍ଟ ଥିବାରୁ ଅଭିନୟୋପଯୋଗୀ ନାଟକର ଅଭାବମୋଚନ ନିମନ୍ତେ ନାଟକ ରଚନା କରିବାର ପ୍ରୟାସ କରିଅଛନ୍ତି । ଓଡ଼ିଆ ନାଟକମାନଙ୍କରୁ ନାଟ୍ୟକାରମାନଙ୍କ ନିଜ ନାଟକ ବିଷୟରେ ଆମ୍ଭେମାନେ କେତେକ ଉକ୍ତି ପାଉଥାଉଁ ଓ ଏଗୁଡ଼ିକ ବିରଳ ହେଲେହେଁ ନାଟ୍ୟକାରମାନଙ୍କ ନିଜର ଉକ୍ତି ବୋଲି ଏହାର ବିଶେଷ ମୂଲ୍ୟ ଅଛି । ଏକଥା ମନେ ରଖିବାକୁ ହେବ ଯେ, ପ୍ରଥମରେ କେବଳ ବିଦ୍ୟାଳୟର ଛାତ୍ରମାନେ ଅଭିନୟ କରିବା ନିମନ୍ତେ ବ୍ୟଗ୍ର ହେଉଥିବାରୁ ଓ ତାହାଦ୍ୱାରା ସେମାନଙ୍କର ପାଠାଭ୍ୟାସରେ କ୍ଷତି ହେବାର ଆଶଙ୍କା କରି ଓଡ଼ିଶାର ଲୋକେ ପ୍ରଥମେ ନାଟକ ପ୍ରତି ଆଦର ଦେଖାଇ ନ ଥିଲେ ଓ ପରେ ବ୍ୟବସାୟୀ ଅଭିନେତାଦଳ ଗଠିତ ହୋଇ ନାନା ସ୍ଥାନରେ ଅଭିନୟ ଦେଖାଉଥିଲେହେଁ କୌଣସି ଦଳ ଅଧିକ ଦିନ ସ୍ଥାୟୀ ହୋଇ ନାହିଁ । ଏପରି କି ଆଜିପର୍ଯ୍ୟନ୍ତ ଓଡ଼ିଶାର କୌଣସି ସ୍ଥାନରେ ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପିତ ହୋଇ ନିୟମିତଭାବରେ ଅଭିନୟ ଦେଖାଇବାର ବ୍ୟବସ୍ଥା ମଧ୍ୟ ହୋଇ ନାହିଁ । 'ରାମବନବାସ' ନାଟକ (୧୮୯୧ ଖ୍ରୀ) ରଚନା କରିବା ସମ୍ବନ୍ଧରେ ଲୋକଙ୍କର ଏହି ଉଦାସୀନତା ଓ ବିରୋଧ ପ୍ରତି ଆକ୍ଷେପ କରି ନାଟ୍ୟକାର ଲେଖିଥିଲେ; "ସାଧାରଣ ଲୋକେ ନାଟକାଭିନୟର ମର୍ମ ଗ୍ରହଣ କରିବାକୁ ଏକାନ୍ତ ଅକ୍ଷମ; ତନ୍ମଧ୍ୟରେ ପୁଣି ଶିକ୍ଷିତ ସମ୍ପ୍ରଦାୟର ଲୋକମାନେ କହୁଛନ୍ତି ଯେ, ନାଟକାଭିନୟଦ୍ୱାରା ଅମଙ୍ଗଳ ବିନା ମଙ୍ଗଳ ନାହିଁ । ସେମାନଙ୍କର ମତ ଏହି ଯେ—ଓଡ଼ିଶାରେ ନାଟକାଭିନୟ କରିବାଦ୍ୱାରା ଦରିଦ୍ରୋତ୍କଳର ଆଶା ଭରସା ସ୍ୱରୂପ ଯୁବକବୃନ୍ଦର ଇହକାଳ ଓ ପରକାଳ ଉଭୟ ନଷ୍ଟ କରିବାର ସୂତ୍ରପାତ ହୋଇଅଛି" ଅର୍ଥାତ୍ ଓଡ଼ିଆରେ ପ୍ରଥମ ନାଟକ ରଚନା କରିବାର ଦଶ ବର୍ଷ ମଧ୍ୟରେ ଲୋକମାନଙ୍କ ମନରେ ଏହା

ପ୍ରତି ବିରୋଧ ଜାତ ହୋଇଥିଲା, ଯେଣୁ ସେହିଁ ବେଳଠୁ ଜଣା ସୁଧୀ ଲୋକଙ୍କ ଉତ୍ସାହ ଓ ଅନୁକୂଲ୍ୟରେ ଆଜିପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ନାଟ୍ୟକଳା ସଜୀବିତ ରହିଅଛି, ସେମାନଙ୍କ ନିକଟରେ ଓଡ଼ିଆ ସାହିତ୍ୟ କୃତଜ୍ଞ । ପ୍ରଥମ ଓଡ଼ିଆ ନାଟକରେ ନାଟ୍ୟକାର ଲେଖିଥିଲେ (୯୧ ପୃଷ୍ଠା) ଯେ, "ନାଟକ ସଙ୍ଗରେ ଭାଷାର ସମ୍ପର୍କ ଅଛି, ଭାଷାହିଁ ତାହାର ପ୍ରାଣ; ଯେତେବ ଓଡ଼ିଆମାନଙ୍କର ଭାଷାଜ୍ଞାନ ଅଛି, ତେବେ ଭାଷା ନ ମିଳିବ କାହିଁକି" ଓ ଏହି ଅନୁଭୂତିର ବଶବର୍ତ୍ତୀ ହୋଇ ସେ ନାଟକ ରଚନାରେ ପ୍ରବୃତ୍ତ ହୋଇଥିଲେ । ନାଟକ ରଚନା କରିବା ସମୟରେ ତାଙ୍କ ମନରେ ନାଟକକୁ ଲୋକଶିକ୍ଷାର ବାହନରୂପରେ ବ୍ୟବହାର କରିବାର କୌଣସି ଇଚ୍ଛା ବା ଆକାଂକ୍ଷା ନ ଥିଲା, ମାତ୍ର 'କଳିକାଳ' ନାଟକ ରଚନା କରିବାବେଳକୁ ତାଙ୍କର ଉଦ୍ଦେଶ୍ୟରେ ଯେତେକ ପରିବର୍ତ୍ତନ ଘଟିଥିବାର ସମ୍ଭବ । କାରଣ ସେହି ନାଟକର 'ପ୍ରସ୍ତାବନାରେ ସେ ସ୍ପଷ୍ଟ ଲେଖିଅଛନ୍ତି (ରାମଶଙ୍କର ଗ୍ରନ୍ଥାବଳୀ ୧୬୭ ପୃଷ୍ଠା' ଯେ, "ଲୋକେ କେତେଦୂର ପାପାସକ୍ତ ହୋଇଅଛନ୍ତି, ତାହା ଦେଖାଇବା ନିମିତ୍ତ ଏ ରଙ୍ଗଭୂମି ରଚିତ ହୋଇଅଛି, ଲୋକେ ଦେଖନ୍ତୁ" ଓ ତାଙ୍କର ପରବର୍ତ୍ତୀ ନାଟକମାନଙ୍କରେ ବିଶେଷତଃ ୧୯୦୨ ମସିହା ପରେ ରଚିତ ନାଟକମାନଙ୍କରେ ଲୋକଶିକ୍ଷାର ପ୍ରୟାସ ଏତେ ଅଧିକ ଦେଖାଯାଏ ଯେ, ତାହାଦ୍ୱାରା ସମସ୍ତ ସମୟରେ ନାଟ୍ୟକଳା ମଧ୍ୟ ବ୍ୟାହତ ହୋଇଅଛି । ନାଟକ ପ୍ରତି ଲୋକମାନଙ୍କର ବିରୋଧସତ୍ତ୍ୱେ ନାଟକ ରଚନା କରିବା ନିମନ୍ତେ ନାଟ୍ୟକାରମାନେ ବ୍ୟଗ୍ର ହୋଇଅଛନ୍ତି ଓ ଅନେକଗୁଡ଼ିଏ ନାଟକ ରଚିତ ହୋଇଥିବାର ଇଙ୍ଗିତ ଆମ୍ଭେମାନେ 'ସୁଭଦ୍ରାର୍ଜ୍ଜୁନ' ନାଟକରେ (୩୮ ପୃଷ୍ଠା) ପାଉଅଛୁଁ । ନାଟ୍ୟକାର ସେହି ନାଟକରେ କହିଅଛନ୍ତି (୧୯୦୮) "ସେଥିରଗୁଡ଼ାକ ଅଜିକାଲି ଟିକିଏ ନାଟକଙ୍କୁ ପ୍ରକାଶର ହୋଇ ଗଲାଣି ନା, ନାଟକର ବାହୁଲ୍ୟ ଯୋଗୁଁ ବୋଧ ହୁଏ ।" ମାତ୍ର ବାସ୍ତବରେ ଆଜିପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ନାଟକର ବିଶେଷ ଅଭାବ ଲକ୍ଷିତ ହୋଇଥାଏ ଓ କୌଣସି ଶକ୍ତିଶାଳୀ ଲେଖକ ଆଜିକାଲି ନାଟକ ରଚନା କରିବା ଦିଗରେ ଅଗ୍ରସର ହୋଇ ନାହାନ୍ତି । ପ୍ରଥମ ଓଡ଼ିଆ ନାଟକ ଲେଖା ହେବାର ଷାଠିଏ ବର୍ଷ ପରେ ମଧ୍ୟ ନାଟକ ରଚନାକୁ ଉତ୍ସାହିତ କରିବା ନିମନ୍ତେ ପୁରସ୍କାର ଆଦି ଘୋଷଣା କରିବା ପ୍ରୟୋଜନ ହେଉଅଛି ଓ ସ୍ଥାୟୀ ନାଟ୍ୟଶାଳାର ଅଭାବ ଗଭୀରଭାବରେ ପରିଲକ୍ଷିତ ହେଉଅଛି ।

ନାଟକ ରଚନା କରିବା ସମୟରେ 'ନାଟ୍ୟକାରଙ୍କୁ ପ୍ରଥମରେ ଗୋଟିଏ କଥାବସ୍ତୁ ସଂଗ୍ରହ କରିବାକୁ ହୋଇଥାଏ ଓ କଥାବସ୍ତୁର ମୂଲ୍ୟ ସଂଗ୍ରହ ଉପରେ ନାଟକର ସୌନ୍ଦର୍ଯ୍ୟ ଅନେକାଂଶରେ ନିର୍ଭର କରେ । ଓଡ଼ିଆ ନାଟ୍ୟକାରମାନେ ପ୍ରଧାନତଃ ତିନୋଟି ମୂଳ ସ୍ଥାନରୁ କଥାବସ୍ତୁ ଗ୍ରହଣ କରିଥାନ୍ତି । ଭାରତୀୟ ମହାକାବ୍ୟ ଓ ପୁରାଣମାନଙ୍କରେ କଥାବସ୍ତୁର ଅନନ୍ତ ଖଣି ରହିଅଛି ଓ ସେମାନଙ୍କ ମଧ୍ୟରୁ ଅନେକଗୁଡ଼ିଏ ଓଡ଼ିଆ ନାଟକରେ ବ୍ୟବହୃତ ହୋଇଅଛି । ରାମାୟଣରୁ ରାମଙ୍କର ଜନ୍ମ, ବିବାହ, ବନବାସ, ଅଭିଷେକ ଓ ସୀତାବର୍ଜନ ପ୍ରଭୃତି ନାନା ଉପାଖ୍ୟାନ ଅବଲମ୍ବନ କରି ନାଟ୍ୟକାରମାନେ ନାଟକ ରଚନା କରିଅଛନ୍ତି ଓ ଇନ୍ଦ୍ରଜିତ ସହିତ ଲକ୍ଷ୍ମଣଙ୍କ ଯୁଦ୍ଧ ଭଳି ଗୋଟି ବିପରୀତ ରୀତିରେ ଲିଖିତ ନାଟକର କଥାବସ୍ତୁ ଯୋଗାଇ ପାରିଅଛି (ରାଧାମୋହନ ରାଜେନ୍ଦ୍ର ଦେବଙ୍କ ପଦ୍ମମାଳାସହଗମନ ଓ ମହେଶଚନ୍ଦ୍ରଙ୍କ ମେଘନାଦବଧ) । ଏହାପରି ମହାଭାରତ ଓ ନାନା ପୁରାଣମାନଙ୍କରୁ ନାନା ବିଷୟ ସଂଗୃହୀତ ହୋଇ ପାରିଅଛି ଓ ପ୍ରାୟଶଃ ଓଡ଼ିଆ ନାଟକ ଏହି ଉପାଦାନମାନଙ୍କୁ ଘେନି ଲିଖିତ । ଉତ୍କଳର ପ୍ରତିପଲ୍ଲୀରେ ପ୍ରଚଳିତ ଯାତ୍ରାମାନଙ୍କରେ ପୌରାଣିକ ବିଷୟମାନ ଅଭିନୀତ ହେଉଥିବାରୁ ଏହାର ଜନପ୍ରିୟତା ଅନୁଭବ କରି ନାଟ୍ୟକାରମାନେ ଏପରି ପୌରାଣିକ ନାଟକ ରଚନା କରିବା ନିମନ୍ତେ ମନ ବଳାଇଥିବା ସମ୍ଭବ । ଉତ୍କଳର ଗୌରବମୟ ଇତିହାସରୁ ମଧ୍ୟ ଅନେକ କଥାବସ୍ତୁ ସଂଗୃହୀତ ହୋଇଅଛି ଓ ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ ରାମଶଙ୍କରଙ୍କର 'କାଞ୍ଚିକାବେରୀ', ଗୋଦାବରୀଶଙ୍କ 'ପୁରୁଷୋତ୍ତମ ଦେବ'; ପ୍ରତାପଚନ୍ଦ୍ରଙ୍କ ରକ୍ତଭୁବନାଳ ଅଶ୍ୱିନୀକୁମାରଙ୍କ 'କଳିଙ୍ଗଗୌରବ', ରମାରଞ୍ଜନଙ୍କ 'ଗୌଡ଼ବିଜେତା', ଦାମୋଦରଙ୍କ 'ପ୍ରତାପରୁଦ୍ର ଦେବ'; ନନ୍ଦକାଙ୍କ ଅସ୍ତ୍ରକଳାଦାନ ଭିକାରଚରଣଙ୍କ 'ନରକେଶରୀ', ଅଶ୍ୱିନୀକୁମାରଙ୍କ 'ଚୋଡ଼ଗଙ୍ଗ' ପ୍ରଭୃତି ଏକାଧିକ ନାଟକର ମୂଳ କଥାବସ୍ତୁ ସ୍ୱଳ୍ପ ସଂଗୃହୀତ ହୋଇଅଛି । ଓଡ଼ିଆ କିମ୍ବଦନ୍ତୀ ବା ପ୍ରଚଳିତ ଉପାଖ୍ୟାନମାନଙ୍କୁ ଅବଲମ୍ବନ କରି କୋଣାର୍କ, ଚକାରତୀ, ଭଞ୍ଜଭୁଜଙ୍ଗ, ଅଭିରାମ ସିଂହ, ସମଲେଶ୍ୱରୀ ପ୍ରଭୃତି ନାଟକମାନ ରଚନା କରାଯାଇଅଛି ଓ ଭାରତବର୍ଷର ଇତିହାସକୁ ଅନୁସରଣ କରି ଚନ୍ଦ୍ରଗୁପ୍ତ, ସିପ୍ରଦଣୀ, ମୀରକାସିମ, ତାଜମହଲ, ରାଣା ପ୍ରତାପ, ତାରାବାଈ ପ୍ରଭୃତି ନାଟକ ରଚିତ ହୋଇଅଛି । ପୁଣି ଏ ସବୁ ଭିନ୍ନ ଲେଖକ ନିଜର କପୋଳକଳ୍ପିତ କଥାବସ୍ତୁକୁ ଅବଲମ୍ବନ କରି

ମଧ୍ୟ ଅନେକ ନାଟକ ଲେଖିଅଛନ୍ତି ଓ ସୀତାବନବାସ, କାଳୀକାଳ, ବୃନ୍ଦାବନ ଲୀଳାବତୀ, ପ୍ରକୃତ ବନ୍ଧୁତ୍ୱ, ହିନ୍ଦୁ ରମଣୀ, ଇରାଣୀ, ମାତୃପୂଜା, ଧର୍ମପଥ, ପ୍ରଭୃତି ନାଟକମାନ ଏହାର ଉଦାହରଣସ୍ଥଳ ।

ଓଡ଼ିଆ ନାଟ୍ୟକାରମାନେ କୌଣସି ପୌରାଣିକ ବା ଐତିହାସିକ ପୁସ୍ତକରୁ କଥାବସ୍ତୁ ସଂଗ୍ରହ କରି ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣଭାବରେ ଅନୁସରଣ କରି ନାଟକର ରସକୁ ପୁଷ୍ଟ କରିବାର ଚେଷ୍ଟା କରି ନାହାନ୍ତି ଓ ଏହା ଦ୍ୱାରା ସେମାନଙ୍କ ରଚିତ ନାଟକ ଅନେକ କ୍ଷେତ୍ରରେ ସରସ ଓ ଉପଭୋଗ୍ୟ ମଧ୍ୟ ହୋଇଅଛି । ରାମଶଙ୍କର ବାବୁଙ୍କ 'ରାମବନବାସ' ରଚିତ ହେବା ସଙ୍ଗେ ସଙ୍ଗେ (୧୮୯୨) କବିବର ରାଧାନାଥ ରାୟ କୌଣସି ପତ୍ରରେ ଏ ବିଷୟରେ ନିଜର ଅଭିମତ ବ୍ୟକ୍ତ କରି ନାଟ୍ୟକାରଙ୍କୁ ମୂଳକଥାର ନିବିଡ଼ ଭାବରେ ଅନୁସରଣ କରିବା ବିଷୟରେ ସତର୍କ କରାଇ ଦେଇଥିଲେ* କିନ୍ତୁ ନାଟ୍ୟକାର ଅନ୍ୟ ଏକ ନାଟକର ସମାଲୋଚନା କରିବା ସ୍ଥଳେ "ମହର୍ଷି ବାଲ୍ମୀକିଙ୍କ କୃତ ରାମାୟଣର ଅଂଶମାନେ ସର୍ବୋତ୍ତମ, ତହିଁରୁ ଅତିରିକ୍ତ ବିଷୟ ଅଧିକ ପ୍ରୀତିକର ହେବ, ଏହା ଠିକ ନୁହେଁ ।" (ରାମଜନ୍ମ ନାଟକର ସମାଲୋଚନା, ଉତ୍କଳ-ଦୀପିକା ୨୧ ତାରିଖ ଡିସେମ୍ବର ୧୯୦୮ ସଂଖ୍ୟା) ଏହି ଅଭିମତ ବ୍ୟକ୍ତ କରିବା ଦ୍ୱାରା ରାଧାନାଥଙ୍କ ମତକୁ ଅନାଦର କରୁଥିବାର ସ୍ପଷ୍ଟ ଜଣାପଡ଼ୁଅଛି ଓ 'ରାମାଭିଷେକ' ନାଟକରେ ମୂଳ ଗ୍ରନ୍ଥକୁ ପୂର୍ଣ୍ଣଭାବରେ ଅନୁସରଣ କରିବାଦ୍ୱାରା ନାଟକ ମଧ୍ୟରେ ରସସୃଷ୍ଟି କରିବାକୁ ଅକ୍ଷମ ହୋଇ ଅଛନ୍ତି । କିନ୍ତୁ ପରବର୍ତ୍ତୀ ନାଟ୍ୟକାରମାନେ ଏ ବିଷୟରେ ରାଧାନାଥ ବାବୁଙ୍କ ସହିତ ପ୍ରାୟ ଏକମତ; କାରଣ ଅଶ୍ୱିନୀ-କୁମାର 'ଓଡ଼ିଆ ଝିଅ' ନାଟକର ଭୂମିକାରେ "ମୂଳ ବିଷୟରେ ନାଟକ ଦୃଷ୍ଟିରୁ ମୁଁ ଟିକିଏ ସ୍ୱାତନ୍ତ୍ର୍ୟ ଅବଲମ୍ବନ କରିଅଛି" ଏହାପରି ଲେଖି ଅଛନ୍ତି ଓ ପ୍ରିୟଦର୍ଶୀ ନାଟକର ଭୂମିକାରେ ମଧ୍ୟ ନାଟ୍ୟକାର "ମୁଁ କେବଳ ନାଟକ ଲେଖିଛି, ଇତିହାସ ନୁହେଁ" ଏହାପରି କହିବା ଦ୍ୱାରା ନିଜର ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ରହିଥିବା ବିଷୟ ପାଠକମାନଙ୍କୁ ଜ୍ଞାତ କରାଇ ଦେଇ ଅଛନ୍ତି ।

କିନ୍ତୁ ନାଟକ ରଚନା କରିବା ସମ୍ବନ୍ଧରେ ସ୍ୱାତନ୍ତ୍ର୍ୟ ଅବଲମ୍ବନ କଲେ ମଧ୍ୟ ଇତିହାସ ବା ପୁରାଣରୁ ସଂଗୃହୀତ କଥାବସ୍ତୁମାନଙ୍କୁ ଅବଲମ୍ବନ

* ଉତ୍କଳଦୀପିକା—୧୦ ଜୁନ ୧୮୯୨—"You seem to have followed Balmiki much too closely."

କରି ନାଟକ ରଚନା କରିବାକୁ ହେଲେ ପ୍ରଧାନଚରିତ୍ରମାନଙ୍କର କୌଣସି ବିଶେଷ ପରିବର୍ତ୍ତନ କରିବା ନାଟ୍ୟକାର ପକ୍ଷରେ ଅସମ୍ଭବ, କାରଣ ଦର୍ଶକମାନେ କଥାବସ୍ତୁର ସାରାଂଶ ପୂର୍ବରୁ ଜାଣିଥିବାରୁ ତାହାର କୌଣସି ପରିବର୍ତ୍ତନକୁ ସ୍ୱୀକାର କରି ନେବାକୁ ଅକ୍ଷମ ହୁଅନ୍ତି । ଏଣୁ ନାଟ୍ୟକାରଙ୍କର ଉଭୟ ବିପତ୍ତି ଉପସ୍ଥିତ ହୁଏ । ଯଥାଯଥ ଭାବରେ କେବଳ ମୂଳ କଥା-ବସ୍ତୁକୁ ଅନୁସରଣ କଲେ ନାଟକ କେତେବେଳେ ଚିତ୍ତାକର୍ଷକ ହୋଇ ପାରେ ନାହିଁ, କାରଣ କଥାବସ୍ତୁକୁ ସମ୍ୟକ୍‌ଭାବରେ ଜାଣିଥିବା ସ୍ଥଳେ ଅଭିନୟ ଚିତ୍ତାକର୍ଷକ ହେବା ସମ୍ଭବ ନୁହେଁ । ପୁଣି କଥାବସ୍ତୁ ସୁପରିଚିତ ଥିବା ସ୍ଥଳେ ତାହାର ବିଶେଷ ପରିବର୍ତ୍ତନ ମଧ୍ୟ ଅସମ୍ଭବ ଓ ଅବାଞ୍ଛନୀୟ, କାରଣ ସେପରି ପରିବର୍ତ୍ତନ କଲେ ତାହା ତତ୍‌କ୍ଷଣାତ୍ ଅପ୍ରାକୃତ ଓ ବିସଦୃଶ ବୋଲି ପ୍ରତ୍ୟାଖ୍ୟାତ ହେବ । ଏପରି କି ରାମଶଙ୍କର ବାବୁ ରାମାଭିଷେକ ନାଟକ ଲେଖିବା ସମୟରେ ମାଙ୍କଡ଼ ଭାଲୁଙ୍କୁ ସମ୍ପୂର୍ଣ୍ଣ ପରିହାର କରିବାକୁ ଉଦ୍ୟମ କରି "ରଙ୍ଗମଞ୍ଚରେ ମାଙ୍କଡ଼ ଭାଲୁ ନଚାଇବା ଦ୍ୱାରା କୌଣସି ଉପକାର ନ ହେବ ମନ୍ତ୍ରି" (ରାମଶଙ୍କର ଗ୍ରନ୍ଥାବଳୀ ଭୂମିକା ୮ ପୃଷ୍ଠା) ଓ ସେମାନେ ଶୁଦ୍ଧ ପଣ୍ଡିତ ଓ ବଳଶାଳୀ ବ୍ୟକ୍ତି ଥିବା ନାନା ପ୍ରମାଣଦ୍ୱାରା ସିଦ୍ଧ କରି ମଧ୍ୟ ପୌରାଣିକ ଅବେକ୍ଷଣାରୁ ସମ୍ପୂର୍ଣ୍ଣଭାବରେ ଉଦ୍ଧାର ପାଇ ପାରି ନାହାନ୍ତି ଓ ଉକ୍ତ ନାଟକର ବହୁ ସ୍ଥାନରେ "ଏଡ଼େ ସେ ମାଙ୍କଡ଼ ଭାଲୁକୁ ଯେତେ ପାରିବ ଗୋଡ଼ାଇବ" (ଗ୍ରନ୍ଥାବଳୀ ୧୧୦୨ ପୃଷ୍ଠା) ପ୍ରଭୃତି ବାକ୍ୟମାନ ବ୍ୟବହାର କରିଅଛନ୍ତି ।

ପୁରାଣରୁ ଗୃହୀତ ହୋଇଥିବା କଥାବସ୍ତୁ ମଧ୍ୟରେ ମୁଖ୍ୟତଃ ଧର୍ମ-ଭାବ ପ୍ରଚ୍ଛନ୍ନ ଥାଏ ଓ ସେଗୁଡ଼ିକରେ ବହୁ ଅନାୟାସରେ ଦୈବସାହାଯ୍ୟରେ ମହାବଳଶାଳୀ ଅଧାର୍ମିକ ବ୍ୟକ୍ତିର ପରାଜୟ ବର୍ଣ୍ଣିତ ହୋଇଥାଏ । ହିନ୍ଦୁ ଦେବାଖ୍ୟାନ (mythology) ର ବହୁ ଦେବଦେବୀ ଏସବୁ ନାଟକ-ମାନଙ୍କର କଥାବସ୍ତୁ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ନାନା ସ୍ଥାନରେ ତାହାକୁ ପ୍ରଭାବିତ କରିଥାନ୍ତି । ଏହି ସବୁ କାରଣରୁ ପୁରାଣ ବା ମହାକାବ୍ୟରୁ ଗୃହୀତ କଥାବସ୍ତୁ ନୀତିଶିକ୍ଷାମୂଳକ, ଅପ୍ରାକୃତ ଓ ଦେବତାମାନଙ୍କର କାର୍ଯ୍ୟକଳାପ ଅବଲମ୍ବନ କରି ଲିଖିତ ଓ ସେମାନଙ୍କର ବିଷୟବସ୍ତୁର ସାରାଂଶ ସୁପରିଚିତ; ଏଣୁ ଏ ସବୁ ବିଷୟ ଗୃହୀତ ଲଘୁ ଘଣି ଉପାଖ୍ୟାନକୁ ନାଟକୀୟ ଢଙ୍ଗରେ ଭୂଷିତ କରିବାକୁ ହୁଏ । ପୌରାଣିକ ନାଟକମାନଙ୍କର ମୂଳ ବିଷୟ ଧର୍ମ ଓ ଅଧର୍ମ ମଧ୍ୟରେ ଦ୍ୱନ୍ଦ୍ୱ ଓ ପ୍ରବଳ ଅଧାର୍ମିକ ବ୍ୟକ୍ତିର

ଦେଇଥାନ୍ତି । ମାତ୍ର ନାଟ୍ୟକାରମାନେ ସାଂସାରିକ ଦୃଶ୍ୟମାନ ସଂଯୋଗ କରି ନାଟକକୁ ସରସ କରିଥାନ୍ତି । ରାମପାଲ ମିଶ୍ରଙ୍କ 'ସୀତାବିବାହ'ରେ ସୀତା ଫୁଲ ଗୁନ୍ଥୁ ଗୁନ୍ଥୁ କାଳେ ତାଙ୍କ ହାତରେ ଛୁଞ୍ଚି ଫୁଟି ଯାଇଥିବ ଜନକ-ପତ୍ନୀଙ୍କର ଏହି ଆଶଙ୍କା, 'କାଞ୍ଚିଯାତ୍ରା' ନାଟକରେ କାଞ୍ଚିରାଜ୍ୟ ମନୋରମାଙ୍କ କଥୋପକଥନ, 'କଂସବଧ' ନାଟକରେ ( ଗ୍ରନ୍ଥାବଳୀ ୫୧୦ ପୃଷ୍ଠା ) ଯଶୋଦାଙ୍କର ମାତୃ ସ୍ନେହର ନିଦର୍ଶନ ଓ 'ନାଟ୍ୟପୂଜା' ନାଟକରେ ମଧ୍ୟ (୩ ପୃଷ୍ଠା) ମହାଦେବ ପାର୍ବତୀଙ୍କ ମଧ୍ୟରେ କଥୋପକଥନର ମଧ୍ୟରେ ନାଟକକୁ ନୀରସ ପୌରାଣିକ ପରିସ୍ଥିତି ମଧ୍ୟରୁ ସାଧାରଣ ଜୀବନର ସାଂସାରିକ ଅଭିଜ୍ଞତା ମଧ୍ୟକୁ ଆଣିବାର ଚେଷ୍ଟା କରାଯାଇଅଛି ।

ଐତିହାସିକ କଥାବସ୍ତୁକୁ ଅବଲମ୍ବନ କରି ଯେଉଁ ନାଟକମାନ ରଚିତ ହୁଏ, ସେଥିର ମୂଳ ବିଷୟ ରାଜାମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ । ଏହି ଦ୍ୱନ୍ଦ୍ୱ ପ୍ରେମମୂଳକ ହୋଇ ପାରେ, ରାଜ୍ୟଲିପ୍ସାରୁ ଜାତ ହୋଇ ପାରେ ଓ ଉଭୟଙ୍କର ସନ୍ଧି ବା କନ୍ୟାର ଏକାନ୍ତ ପରାଜୟରେ ଏହା ପର୍ଯ୍ୟବସିତ ହୋଇ ପାରେ । ମାତ୍ର ଏଥିରେ ନୀତି ବା ଉଚ୍ଚ ଆଦର୍ଶର ପ୍ରତିଷ୍ଠା ସବୁ ସ୍ଥାନରେ ରକ୍ଷିତ ହୁଏ ନାହିଁ । 'କାଞ୍ଚିକାବେରୀ' ନାଟକରେ ପୁରୁଷୋତ୍ତମ ଦେବଙ୍କ ଜୟ ଧର୍ମ ବା ନୀତି ଉପରେ ପ୍ରତିଷ୍ଠିତ ନୁହେଁ । 'ଗୌଡ଼ବିଜେତା', 'ଉତ୍କଳଗୌରବ' ପ୍ରଭୃତି ନାଟକମାନଙ୍କରେ ଦେଶାତ୍ମବୋଧ ପ୍ରଚୁର ପରିମାଣରେ ଅଛି, କିନ୍ତୁ ନୀତିର ପ୍ରତିଷ୍ଠା ନାହିଁ । ଐତିହାସିକ ତଥ୍ୟକୁ ସମ୍ପୂର୍ଣ୍ଣଭାବରେ ଉପେକ୍ଷା କରି ନୂତନ ଆଲେଖ୍ୟ ଦେବା ନାଟ୍ୟକାର ପକ୍ଷରେ ସମ୍ଭବ ନୁହେଁ, କାରଣ ଐତିହାସିକ ତଥ୍ୟର ସାରାଂଶ ମଧ୍ୟ ଦର୍ଶକ-ମାନଙ୍କର ସୁପରିଚିତ । ମାତ୍ର ଇତିହାସରେ କେବଳ କଥାବସ୍ତୁର କଙ୍କାଳ ଦିଆଯାଇଥିବା ସ୍ଥଳେ ଲେଖକ ନିଜର ଇଚ୍ଛା, ରୁଚି ବା କଳ୍ପନା ଦ୍ୱାରା ଅନେକ ବିଷୟ ସନ୍ନିବେଶିତ କରି ନାଟକକୁ ସଫଳ ଓ ଆକର୍ଷକ କରିବାକୁ ଚେଷ୍ଟା କରନ୍ତି । ଦର୍ଶକମାନେ ମଧ୍ୟ ଏହିପରି ସନ୍ଦିଗ୍ଧ ବିଷୟ-ମାନଙ୍କୁ ସ୍ୱୀକାର କରି ନେବାରେ ଦ୍ୱିଧା ବୋଧ କରନ୍ତି ନାହିଁ । ଐତିହାସିକ ନାଟକରେ ଅତିପ୍ରାକୃତ ଚରିତ୍ରମାନଙ୍କର ରହିବା ସମ୍ଭବ ନୁହେଁ ଓ ବୀରରସଯୁକ୍ତ ବାକ୍ୟାବଳି ମଧ୍ୟରେ ନୀତିଶିକ୍ଷାର କ୍ଷୀଣ ପ୍ରଚେଷ୍ଟା ଥିଲେହେଁ ସାଧାରଣତଃ ଏଗୁଡ଼ିକ ମଧ୍ୟରେ ବୁଦ୍ଧିବିଗ୍ରହର ଦୃଶ୍ୟମାନ ସନ୍ନିବେଶିତ ହୋଇଥାଏ । ନାଟକମାନଙ୍କୁ ଉପାଦେୟ କରିବା

ନିମନ୍ତେ ନାଟ୍ୟକାର ନାନା ଅବାନ୍ତର ବିଷୟ ସନ୍ନିବେଶିତ କରିଥାନ୍ତି । 'କାଞ୍ଚିକାବେରୀ' ନାଟକରେ ପୁରୀ ପଣ୍ଡାମାନଙ୍କର ବୈଠକ, 'ତାଜମହଲ୍' ନାଟକରେ ପ୍ରେମଗୀତିକା, 'ଜଲନଗୀରବ'ରେ ଦମଦେବେନ୍ଦ୍ରର ଛଦ୍ମବେଶ, 'ତାରବାଈ' ନାଟକରେ ଗୁଲ୍‌ଗୁଲ୍ ନିବେଦିତାର ସଙ୍ଗୀତ ପ୍ରଭୃତି ଏହିପରି ଅବାନ୍ତର ଅନୈତିହାସିକ ବିଷୟବସ୍ତୁ ।

ଯେଉଁ କଥାବସ୍ତୁଗୁଡ଼ିକ ଲେଖକର କପୋଳକଳ୍ପିତ, ସେଗୁଡ଼ିକରେ ତତ୍କାଳୀନ ସମାଜର ସ୍ପଷ୍ଟ ଛାୟା ଦେଖିବାକୁ ମିଳେ ଓ ନାଟ୍ୟକାର ନିଜର ପାରିପାର୍ଶ୍ୱିକ ପରିସ୍ଥିତିଦ୍ୱାରା ପ୍ରଭାବିତ ହୋଇ ନାଟକ ରଚନା କରିବାରେ ପ୍ରବୃତ୍ତ ହୋଇଥାନ୍ତି । ଏ ସବୁ ନାଟକରେ ମଧ୍ୟ ଅପ୍ରାକୃତ ଓ ଅତିପ୍ରାକୃତ ବିଷୟ ବା ଘଟଣାମାନ ପରିସ୍ଫୁଟ ହୋଇଥାଏ ଓ ସମାଜର ଗୋଟିଏ ବାସ୍ତବ ଛବି ଦେଇ ଦର୍ଶକମାନଙ୍କ ସମକ୍ଷରେ ନାଟ୍ୟକାରର ବର୍ଣ୍ଣିତ ଘଟଣା ବିଷୟରେ ପ୍ରତୀତି ଜନ୍ମିତ ହୋଇଥାଏ । ସାଧାରଣତଃ ଏସବୁ ନାଟକରେ ସମାଜ ସଂସ୍କାର କରିବା ନାଟ୍ୟକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଓ ସଂସ୍କାରକସ୍ୱରୂପ ସେ ସମାଜର ଦୁର୍ନୀତିମାନଙ୍କୁ କଶାଘାତ କରି ନାଟକର କଥାବସ୍ତୁକୁ ବିସ୍ତାର କରି ପାରନ୍ତି । ତାଙ୍କ କଥାବସ୍ତୁ ମଧ୍ୟରେ ଭକ୍ତ ବିରକ୍ତ ମନୋଭାବର ଆଭାସ ମିଳିଲେହେଁ ତାହା ଉପଦେଶ କରିବା ଅସମ୍ଭବ ହୁଏ ନାହିଁ । ଏସବୁ ନାଟକର ପ୍ରଧାନ ଅବଲମ୍ବନ ଅତିଶୟୋକ୍ତି ଓ ବ୍ୟଙ୍ଗ ଏବଂ ଦର୍ଶକମାନେ ଅତିରଞ୍ଜିତ ଓ ବିକୃତ ଚରିତ୍ରମାନଙ୍କର ଚିତ୍ର ମଧ୍ୟରେ ହାସ୍ୟରସର ଯଥେଷ୍ଟ ଉପାଦାନ ପାଇ ଓ ସେହି ଚରିତ୍ରମାନଙ୍କ ଅପେକ୍ଷା ନିଜର ଶ୍ରେଷ୍ଠତ୍ୱ ନିଃସନ୍ଦେହଭାବରେ ଉପଲବ୍ଧି କରି ନାଟକୀୟ କଥାବସ୍ତୁକୁ ଉପଭୋଗ କରି ପାରନ୍ତି । ଓଡ଼ିଆ ନାଟକମାନଙ୍କ ମଧ୍ୟରେ କଳିକାଳ, ବୁଢ଼ାବର, ବିଷମୋଦକ, ସଂସାରଚକ୍ର, ସୁଶୀଳା, ହିନ୍ଦୁରମଣୀ ପ୍ରଭୃତିରେ ଆମ୍ଭେମାନେ ଏପରି ନାଟ୍ୟକଳାର ପ୍ରକୃଷ୍ଟ ଉଦାହରଣମାନ ପାଇଥାଉଁ ।

ନାଟ୍ୟକାରଙ୍କୁ ପ୍ରଥମରେ ଗୋଟିଏ କଥାବସ୍ତୁ ବାଛି ନେବାକୁ ହୁଏ କିମ୍ବା ଗୋଟିଏ କଥାବସ୍ତୁର ଖସଡ଼ା ପ୍ରସ୍ତୁତ କରିବାକୁ ହୋଇଥାଏ । ମୂଳ କଥାବସ୍ତୁ ମଧ୍ୟରେ କିପରି ଅବାନ୍ତର ବିଷୟମାନ ଯୋଗ କରିବାକୁ ହେବ, କିପରି ଭାବରେ ନାଟକୀୟ କଥାକୁ ରୂପାନ୍ତରିତ କରିବାକୁ ହେବ ଓ ନାଟକକୁ ସରସ କରିବା ନିମନ୍ତେ କିପରି ଭାବରେ ରସର ଧାରଣା ଆଣି ତାକୁ ହୃଦୟଗ୍ରାହୀ କରିବାକୁ ହେବ, ଏସବୁ ବିଷୟରେ ଅବହିତ ହେବାକୁ ହୋଇଥାଏ । 'ରଘୁଅରକ୍ଷିତ' (ଅଶ୍ୱିନୀ) ନାଟକରେ ଦାର୍ଢ୍ୟତା-

ଭକ୍ତିର ତତ୍ତ୍ୱମାନଙ୍କୁ ବିଶେଷଭାବରେ ଅନୁସରଣ କରାଯାଇଥିବାରୁ 'ଏହା 'ନାଟକୀୟ' ହୋଇ ନାହିଁ ଓ ଏହାର ଅଭିନୟ ମଧ୍ୟ ହୃଦୟଗ୍ରାହୀ ହୁଏ ନାହିଁ; କିନ୍ତୁ 'ଉତ୍କଳଗୌରବ' ନାଟକରେ କେତେକ ସ୍ଥାନରେ ଭାଗବତର ତତ୍ତ୍ୱମାନ ଦିଆଯାଇଥିଲେହେଁ କଥାବସ୍ତୁକୁ ଅନ୍ୟ ନାଟକୀୟ ପ୍ରକ୍ରିୟାଦ୍ୱାରା ସରସ କରାଯିବାର ଚେଷ୍ଟା କରାଯାଇଥିବାରୁ ତାହା ଚିତ୍ତାକର୍ଷକ ହୋଇଅଛି । 'କାଞ୍ଚିକାବେରୀ' ନାଟକରେ ନାଟ୍ୟକାର ଇତିହାସର ମୁଖ୍ୟ-ବସ୍ତୁକୁ ଅନୁସରଣ କରିଥିଲେହେଁ କଳ୍ପନାର ଆଶ୍ରୟ ଗ୍ରହଣ କରି ବୀରରସ, ଭକ୍ତି, ପ୍ରେମ, ଦେଶାତ୍ମବୋଧ ପ୍ରଭୃତି ନାନା ଅବସ୍ଥା ଓ ଉତ୍ତେଜନା ମଧ୍ୟରେ ସାମଞ୍ଜସ୍ୟ ଆଣି ପାରିଥିବାରୁ ଏ ନାଟକଟି ସାହିତ୍ୟରେ ଉଚ୍ଚସ୍ଥାନ ଲାଭ କରି ପାରିଅଛି । ମାତ୍ର 'ପୁରୁଷୋତ୍ତମ ଦେବ' ନାଟକରେ ଇତିହାସକୁ ଯଥାଶକ୍ତି ଅନୁସରଣ କରାଯାଇଥିବାରୁ ନାଟକଟି ନୀରସ ହୋଇଅଛି । 'ରାମାଭିଷେକ' ନାଟକରେ ମଧ୍ୟ ପୌରାଣିକ କଥାବସ୍ତୁକୁ ଏକାନ୍ତ ଅନୁସୃତ କରିବାଦ୍ୱାରା ନାଟକଟି ଅଭିନୟୋପଯୋଗୀ ହୋଇ ନାହିଁ । 'ଚିତ୍ରଦାଣୀ' ନାଟକରେ ଅବାନ୍ତର ବିଷୟର ବାହୁଲ୍ୟ ନାଟକକୁ ନୀରସ କରିଅଛି ଓ 'ସମଲେଶ୍ୱରୀ' ନାଟକର ଦୃଶ୍ୟବୈଚିତ୍ର୍ୟ ମଞ୍ଚରେ ଦର୍ଶକମାନଙ୍କର ମନକୁ ଆକୃଷ୍ଟ କରିବାକୁ ସମର୍ଥ ହୋଇଥାଏ ।

ନାଟକୀୟ କଥାବସ୍ତୁର ଦୈର୍ଘ୍ୟର ଗୋଟିଏ ସୀମା ଅଛି । ନିତାନ୍ତ କ୍ଷୁଦ୍ର ବା ନିତାନ୍ତ ଦୀର୍ଘ ନାଟକ କାହାର ପ୍ରୀତିକର ହୁଏ ନାହିଁ ଓ ଅଭିନୟ ସମୟରେ ଦର୍ଶକମାନେ ମଧ୍ୟ ଏପରି ନାଟକକୁ ସମ୍ୟକ୍ ଉପଲବ୍ଧି କରିବାକୁ ସମର୍ଥ ହୁଅନ୍ତି ନାହିଁ । 'ମେଘନାଦବଧ' ନାଟକରେ ଇନ୍ଦ୍ରଜିତଙ୍କ ମୃତ୍ୟୁ ପରେ ନାଟକଟି ପରିସମାପ୍ତ ହେବା ଉଚିତ ଥିଲା, ମାତ୍ର ତାହାହେଲେ ନାଟକଟି ନିତାନ୍ତ କ୍ଷୁଦ୍ରକାୟ ହେବ ଓ ଇନ୍ଦ୍ରଜିତଙ୍କର ମୃତ୍ୟୁର ପରିଣତି ପ୍ରଦର୍ଶିତ ହୋଇ ପାରିବ ନାହିଁ ଏହି ଆଶଙ୍କା କରି ପ୍ରମୀଳାଙ୍କ ଚିତାରୋହଣ ଦୃଶ୍ୟ ନାଟ୍ୟକାର ସଂଯୋଜିତ କରିଅଛନ୍ତି । 'ସୀତାବନବାସ' ନାଟକରେ ମଧ୍ୟ ସେହି କାରଣରୁ ନାଟ୍ୟକାର 'ବନବାସ' ମାତ୍ରରେ ନାଟକକୁ ସମାପ୍ତ ନ କରି ଲବକୁଶଙ୍କର ଶ୍ରୀରାମଚନ୍ଦ୍ରଙ୍କ ଦରବାରକୁ ଆଗମନ ଓ ଶେଷରେ ସୀତାଦେବୀଙ୍କର ପାତାଳପ୍ରବେଶ ମଧ୍ୟ ବର୍ଣ୍ଣନା କରିଅଛନ୍ତି । 'ରାମାଭିଷେକ' ନାଟକରେ ଅନ୍ୟାନ୍ୟ ଯୁଦ୍ଧଇତ୍ୟାଦି ପରିତ୍ୟକ୍ତ ହୋଇ କେବଳ ଇନ୍ଦ୍ରଜିତଙ୍କର ଯୁଦ୍ଧଯାତ୍ରା ଓ ପତନଠାରୁ ନାଟକର କଥାବସ୍ତୁକୁ ଆରମ୍ଭ କରାଯାଇଅଛି । ଅନ୍ୟ ଦିଗରେ, ନାଟକଟି ଅତି ଦୀର୍ଘ ହେଲେ, ଏହି ଦୃଷ୍ଟିରେ ନାଟ୍ୟକାର

ମୀର୍ କାଶିମଙ୍କ ସିଂହାସନାରୋହଣଠାରେ ନାଟକକୁ ପରିସମାପ୍ତ କରି ଦେଇ ମୀର୍ କାଶିମଙ୍କ ଜୀବନର ପରବର୍ତ୍ତୀ ଘଟଣାମାନଙ୍କର ଶେଷ ଅବଧି ଦେଇ ଯାଇଛନ୍ତି ।

'କୋଣାର୍କ' ନାଟକର ମୂଳ 'ଧର୍ମପଦ' ଓ ଏହି କାବ୍ୟଗୁଡ଼ିକ ଅନ୍ୟ ଜନଶ୍ରୁତି ବାହ୍ୟଗଠାରୁ ବଡ଼ଧାର ଥାଇ ତାଙ୍କର ଅନୁରୋଧରେ ନାଟ୍ୟକାର ଏହି ନାଟକଟି ପ୍ରସ୍ତୁତ କରିଅଛନ୍ତି, ମାତ୍ର କାବ୍ୟପୁସ୍ତକରେ ଲେଖାଅଛି; ଅତି ସଂକ୍ଷିପ୍ତ ଥିବାରୁ ନାଟ୍ୟକାର ତହିଁର ଗୀତଗୁଡ଼ିକ ଓ ସମୁଦ୍ର ଶବ୍ଦମାନ ଉଦ୍ଧାର କରି ନେଇଥିବାର ଦୃଶ୍ୟ ପ୍ରଭୃତି ନାନା ଅବାନ୍ତର ବିଷୟକୁ ଅବଲମ୍ବନ କରି 'କୋଣାର୍କ'ର କଥାବସ୍ତୁକୁ ନାଟକର ଉପଯୋଗୀ କରିବାର ଚେଷ୍ଟା କରିଅଛନ୍ତି । ଏହି କାରଣରୁ କବିବର ରାଧାନାଥଙ୍କ 'ନନ୍ଦକେଶ୍ୱରୀ' କାବ୍ୟର କଥାବସ୍ତୁ ସହିତ ଅନ୍ୟ ଅନେକ କଳ୍ପିତ ଦୃଶ୍ୟ-ମାନ ଯୋଗ କରି ନାଟ୍ୟକାରମାନେ 'ନନ୍ଦକେଶ୍ୱରୀ' ଓ 'କେଶରୀଗଙ୍ଗ' ନାଟକମାନ ପ୍ରସ୍ତୁତ କରିଅଛନ୍ତି ।

କଥାବସ୍ତୁରେ ଅନେକ ସମୟରେ ଯେଉଁ ଅବାନ୍ତର ବିଷୟମାନ ଯୋଗ କରାଯାଏ, ତାହାଦ୍ୱାରା ନାଟକର ନାଟ୍ୟକଳାର ଉତ୍କର୍ଷ ସାଧିତ ହୋଇଥାଏ । ନାଟକର କଥାବସ୍ତୁ ମଧ୍ୟରେ ସମତା ଆଣିବାକୁ, ତାହାର ଘଟଣାବଳି ଜୀବନ୍ତ କରିବା ନିମନ୍ତେ, ତାହା ମଧ୍ୟରେ ହାସ୍ୟରସ ଅନୁପ୍ରବିଷ୍ଟ କରିବା ପାଇଁ ଓ ଚରିତ୍ରଗୁଡ଼ିକ ସୁପ୍ରକାଶିତ କରିବା ନିମନ୍ତେ ଏହିପରି ଅବାନ୍ତର ବିଷୟ ସଂଯୁକ୍ତ କରାଯାଇଥାଏ । 'କାଞ୍ଚିକାବେରୀ' ନାଟକର ମୁଖ୍ୟ କଥାବସ୍ତୁ ପୁରୁଷୋତ୍ତମ ଦେବ ଓ ପଦ୍ମାବତୀ ମଧ୍ୟରେ ପୂର୍ବରାଗ, ପଦ୍ମାବତୀଙ୍କ ପାଣିପ୍ରାର୍ଥନା କରି କାଞ୍ଚିରାଜାଙ୍କ ନିକଟ ପୁରୁଷୋତ୍ତମ ଦେବଙ୍କ ଦୂତ ପ୍ରେରଣ, ଦୂତର ବିବାହ ପ୍ରସ୍ତାବକୁ କାଞ୍ଚିରାଜାଙ୍କର ପ୍ରତ୍ୟାଖ୍ୟାନ, ପୁରୁଷୋତ୍ତମ ଦେବଙ୍କ ଯୁଦ୍ଧଯାତ୍ରା, କାଞ୍ଚିବିଜୟ, ପଦ୍ମାବତୀଙ୍କୁ ନିଜ ରାଜ୍ୟକୁ ଆନୟନ ଓ ପରେ ପଦ୍ମାବତୀଙ୍କ ସହ ପୁରୁଷୋତ୍ତମ ଦେବଙ୍କ ବିବାହ । ଏହି କଥାବସ୍ତୁରେ ପୁରୁଷୋତ୍ତମ ଦେବ, ଜଳେଦବେଶ୍ୱର ଓ ପଦ୍ମାବତୀ ଏହି ତିନିଜଣ ମାତ୍ର ଐତିହାସିକ ଚରିତ୍ର, ଅନ୍ୟାନ୍ୟ ଚରିତ୍ର-ମାନଙ୍କର ଇତିହାସରେ ସ୍ଥାନ ନାହିଁ, କେବଳ ମାଣିକପାଟଣା ସ୍ଥାପନ ସମ୍ବନ୍ଧେ କିମ୍ବଦନ୍ତୀ ପ୍ରଚଳିତ ଥିବାରୁ ମାଣିକକୁ ଐତିହାସିକ ଚରିତ୍ର ମଧ୍ୟରେ ସ୍ଥାନ ଦିଆଯାଇ ପାରେ । ଅନ୍ୟ ସମସ୍ତ ଚରିତ୍ର ଅବାସ୍ତବ ଓ କେବଳ କାଞ୍ଚିକାବେରୀ କାବ୍ୟରୁ ଗୃହୀତ ହୋଇଲେହେଁ ଅନ୍ୟ କେତେକ ନାଟ୍ୟକାରଙ୍କ-

ଦ୍ୱାରା କଳ୍ପିତ । କଥାବସ୍ତୁରେ ଥିବା ଚରିତ୍ରମାନଙ୍କୁ ବିଶ୍ଳେଷଣ କଲେ ପ୍ରଦର୍ଶିତ ହେବ ଯେ, ନାଟ୍ୟକାର ଚରିତ୍ରମାନଙ୍କର ସୂଚୀ ପ୍ରଥମରୁ ଅବଲମ୍ବନ କରି ନାଟକ ଲେଖା ଆରମ୍ଭ କରି ନାହାନ୍ତି, ମାତ୍ର ନାଟକ ଲେଖିବା ବେଳେ ଯେତେବେଳେ ଯେଉଁ ଚରିତ୍ର ପ୍ରୟୋଜନ ବୋଧ କରିଅଛନ୍ତି, ତାହାର ଉଲ୍ଲେଖ କରିଅଛନ୍ତି । ଓଡ଼ିଶାର ରାଜା ନିଜ ମନ୍ତ୍ରୀଙ୍କୁ 'ଧୀରଚ୍ଛନ୍ଦ' ବୋଲି ସମ୍ବୋଧନ କରିଅଛନ୍ତି (୬୧ ପୃଷ୍ଠା) । ଅବଶ୍ୟ ଏହା କେବଳ ଗୁଣବାଚକ ଶବ୍ଦ ମାତ୍ର ହୋଇ ପାରେ, କିନ୍ତୁ ଅତ୍ୟନ୍ତ କୌତୂହଳର ବିଷୟ ଏହାକି 'ନାଟ୍ୟୋଲ୍ଲିଖିତ ବ୍ୟକ୍ତିମାନଙ୍କର ସୂଚୀ' ମଧ୍ୟରେ କାଶ୍ମୀରରାଜାଙ୍କ ମନ୍ତ୍ରୀଙ୍କ ନାମ 'ଧୀରପ୍ରଜ୍ଞ' ବୋଲି ଉଲ୍ଲିଖିତ ହୋଇଅଛି ଓ ଏହି ସୂଚୀରେ ଓଡ଼ିଶା ରାଜାଙ୍କ ମନ୍ତ୍ରୀଙ୍କର ଉପାଧି ଅନୁସାରେ କେବଳ 'ବୁଦ୍ଧ୍ୟାନିଧି' ବୋଲି ନାଟ୍ୟକାର ଲେଖିଅଛନ୍ତି । ବିଦୂଷକଙ୍କ ନାମ ଗଣ୍ଡବର ଆଚାର୍ଯ୍ୟ ବୋଲି ସୂଚୀରେ ଦିଆଯାଇଅଛି, ମାତ୍ର ଏହି ନାମଟି କେବଳ ପଞ୍ଚମ ଅଭିନୟର ପ୍ରଥମ ଦୃଶ୍ୟରେ ( ଗ୍ରନ୍ଥାବଳୀ ୮୪ ପୃଷ୍ଠା ) ବ୍ୟବହୃତ ହୋଇଅଛି । ନାଟକର ଅନ୍ୟତ୍ର ସବୁ ସ୍ଥାନରେ ତାଙ୍କୁ କେବଳ ବିଦୂଷକ ବୋଲି ନିର୍ଦ୍ଦେଶିତ କରାଯାଇଅଛି, ଏଥିରୁ ଏହାହିଁ ଅନୁମିତ ହୋଇପାରେ ଯେ, ଏ ନାମଟି କେବଳ ଛନ୍ଦ ଶେଷ କରିବା ସମ୍ମୁଖରେ ନାଟ୍ୟକାର ହାସ୍ୟରସର ଅବତାରଣା ନିମନ୍ତେ କଳ୍ପନା କରିବାର ପ୍ରୟୋଜନ ବୋଧ କରିଅଛନ୍ତି, ମାତ୍ର ପ୍ରଥମରୁ କେବଳ ସଂସ୍କୃତ ନାଟ୍ୟରୀତିକୁ ଅନୁସରଣ କରି ବିଦୂଷକ ବୋଲି ସାଧାରଣଭାବରେ ଏହାଙ୍କୁ ଚିହ୍ନିତ କରିଅଛନ୍ତି । ଏହି ସବୁ କାରଣରୁ ଏହି ନାମମାନଙ୍କର ଅନୈତିହାସିକତା ଓ ସେମାନେ ଯେ ନାଟ୍ୟକାରଙ୍କ ଦ୍ୱାରା ଉଦ୍ଭାବିତ ତାହା ସ୍ପଷ୍ଟ ପ୍ରମାଣିତ ହେଉଅଛି । ଅନ୍ୟାନ୍ୟ ଓଡ଼ିଆ ନାଟକରେ ମଧ୍ୟ ନାନା ଅନୈତିହାସିକ ଚରିତ୍ରମାନଙ୍କର ଅବତାରଣା କରାଯାଇ ନାଟକକୁ ସରସ ଓ ମଧୁର କରାଯାଇଅଛି ।

କାଞ୍ଚୀକାବେରୀର କଥାବସ୍ତୁ ଆଲୋଚନା କଲେ ନାଟ୍ୟକାର ଦୃଶ୍ୟ-ବୈଚିତ୍ର୍ୟଦ୍ୱାରା କିପରି ନାଟକୀୟ ରସର ସମତା ରକ୍ଷା କରିବାକୁ ସମର୍ଥ ହୋଇଅଛନ୍ତି, ତାହା ସ୍ପଷ୍ଟ ଜଣାପଡ଼େ । ପ୍ରଥମ ଦୃଶ୍ୟରେ ଯୁଦ୍ଧଯାତ୍ରା କରିବା ନିମନ୍ତେ ଉଦ୍‌ବେଗ ଓ ପଦ୍ମାବତୀଙ୍କ ପ୍ରତି ପୁରୁଷୋତ୍ତମ ଦେବଙ୍କ ଅନୁରାଗ ବର୍ଣ୍ଣିତ ହୋଇଅଛି ଏବଂ ଯୁଦ୍ଧର କାରଣ ଓ ରାଜାଙ୍କର ଦୈବାନୁକୂଲ୍ୟ ମଧ୍ୟ ସୂଚିତ ହୋଇଅଛି । ଯୁଦ୍ଧ ନିମନ୍ତେ ଉଦ୍‌ବେଗର ପରମୁହୂର୍ତ୍ତରେ ନାଟ୍ୟକାର ରସର ସମତା ରକ୍ଷା କରିବା ନିମନ୍ତେ ପଣ୍ଡାମାନଙ୍କର ବିତଣ୍ଡା

ଦ୍ୱାରା ହାସ୍ୟରସର ଅବତାରଣା କରିଅଛନ୍ତି ଓ ଦାସଙ୍କର ଅପୂର୍ବ ଭକ୍ତିର ଉଲ୍ଲେଖ କରି ପୂର୍ବ ଦୃଶ୍ୟର ଭକ୍ତିରସ ସହିତ ଏହି ଦୃଶ୍ୟକୁ ସମ୍ପୃକ୍ତ କରି-ଅଛନ୍ତି । ନାଟ୍ୟକାରଙ୍କ ପ୍ରଧାନ ଉଦ୍ଦେଶ୍ୟ ପୁରୁଷୋତ୍ତମ ଦେବଙ୍କ ଯୁଦ୍ଧ-ଜନିତ ବୀରରସ ଅପେକ୍ଷା ଭକ୍ତିରସର ପ୍ରାଧାନ୍ୟ ଦେଖାଇବା ଓ ନାନା ପ୍ରତିକୂଳ ଅବସ୍ଥା ମଧ୍ୟରେ କେବଳ ଭକ୍ତିଦ୍ୱାରା ପରିଚାଳିତ ହୋଇ ତାଙ୍କ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରାର ବର୍ଣ୍ଣନା କରିବା ଦ୍ୱାରା ତୃତୀୟ ଦୃଶ୍ୟରେ ପୁନର୍ବାର ଭକ୍ତିରସ ଉପରେ ଗୁରୁତ୍ୱ ଦିଆଯାଇଅଛି । ଦ୍ୱିତୀୟ ଅଭିନୟରେ ଯୁଦ୍ଧଯାତ୍ରା ଓ ଦୈବସହଯୋଗ ବା ଅନୁକମ୍ପା ମଧ୍ୟ ବର୍ଣ୍ଣିତ ହୋଇଅଛି ଓ ପୁରୁଷୋତ୍ତମ ଦେବଙ୍କର ପ୍ରଥମ ଯୁଦ୍ଧରେ ପରାଜୟର କାରଣ ମଧ୍ୟ ସୁସ୍ପଷ୍ଟଭାବରେ ଦିଆଯାଇଅଛି ଏବଂ ଦ୍ୱିତୀୟ ଓ ଚତୁର୍ଥ ଅଭିନୟମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପିତ ହୋଇଅଛି । ଯୁଦ୍ଧଯାତ୍ରା ସମୟରେ ମଧ୍ୟ ଭକ୍ତିର ଚିତ୍ର ଯଥାଯଥ ଭାବରେ ପ୍ରଦତ୍ତ ହୋଇଅଛି । ପ୍ରଥମ ଯୁଦ୍ଧରେ ପୁରୁଷୋତ୍ତମଙ୍କ ପରାଜୟ ଏକ ନାଟକୀୟ ଛଳ, ଏହା ଦ୍ୱାରା ପ୍ରତାପର ଶୌର୍ଯ୍ୟ ବୀର୍ଯ୍ୟ କଳନା କରିବାର ଚେଷ୍ଟା କରାଯାଇଅଛି । ପରାଜୟଜନିତ ଖେଦ ବର୍ଣ୍ଣନା କରିବା ଦ୍ୱାରା କରୁଣରସ ଉଦ୍ରେକ କରିବାର ଅବସର ରହିଅଛି ଓ ଦର୍ଶକମାନଙ୍କ ମନରେ ଯୁଦ୍ଧର ଫଳ ବିଷୟରେ ସନ୍ଦେହ ଓ ଅନିଶ୍ଚିତତା ଜାତ କରାଇ ସେମାନଙ୍କୁ ଶେଷ ଫଳ ଜାଣିବା ନିମନ୍ତେ ବିଶେଷଭାବରେ ଉତ୍ସୁକ କରାଯାଇଅଛି । ଏହି ହେତୁ ଯଦିଓ ନାଟ୍ୟକାର ସହଜରେ ଯୁଦ୍ଧ ଦେଖାଇ ପ୍ରସ୍ତୁତ ହୁଅନ୍ତି, କିନ୍ତୁ ଏଠାରେ ରାଜାଙ୍କର ଦୈବାନୁକମ୍ପା ପ୍ରଦର୍ଶିତ ହୋଇଥିବାରୁ ପରାଜୟ କାହିଁକି ଘଟିଲା, ଏହା ଜାଣିବା ନିମନ୍ତେ ମଧ୍ୟ ଦର୍ଶକମାନେ ଉତ୍ସୁକ ହେବା ସ୍ୱାଭାବିକ । ଏହି କାରଣରୁ ପରାଜୟର କାରଣସ୍ୱରୂପ ରାଜାଙ୍କର ଗର୍ବ ଓ ଉଦ୍ଧତ ମାନସିକବୃତ୍ତିର ଉଲ୍ଲେଖ କରାଯାଇ ଲୋକଙ୍କୁ ଶିକ୍ଷାଦେବାର ମଧ୍ୟ ସୁଯୋଗ ନାଟ୍ୟକାର ଗ୍ରହଣ କରିଅଛନ୍ତି । ତୃତୀୟ ଅଭିନୟ ନାଟକର ଗର୍ଭସନ୍ଧି ଓ ଏଥିରେ କଥାବସ୍ତୁର ବୀଜ ହେଉ ପ୍ରକାଶିତ ହେବାର କଥା । ଏଣୁ ନାଟ୍ୟକାର ପ୍ରଥମ ଦୃଶ୍ୟରେ ପଦ୍ମାବତୀଙ୍କର ପୁରୁଷୋତ୍ତମ ଦେବଙ୍କ ପ୍ରତି ଅନୁରାଗ ବର୍ଣ୍ଣନା କରି ଦର୍ଶକମାନଙ୍କୁ ଏହି ପ୍ରଣୟୀଯୁଗଳଙ୍କ ମିଳନ ବିଷୟରେ ଉତ୍ସୁକ କରିଅଛନ୍ତି ଓ ନାନା ସଙ୍ଗୀତଦ୍ୱାରା ପୂର୍ବ ଅଭିନୟମାନଙ୍କର ଯୁଦ୍ଧବ୍ୟାପାର-ଜନିତ ନୀରସତା ଓ ପରବର୍ତ୍ତୀ ଦୃଶ୍ୟର ବୀରରସଯୁକ୍ତ ବାକ୍ୟାବଳୀ ମଧ୍ୟରେ କୋଟିଏ ସରସ ଓ ମଧୁର ଦୃଶ୍ୟ ସଂଯୋଜିତ କରିବାର ପ୍ରୟାସ କରିଅଛନ୍ତି ।

ପରବର୍ତ୍ତୀ ଦୃଶ୍ୟରେ କାଞ୍ଚୀରାଜାଙ୍କ ସମ୍ମୁଖରେ ଉତ୍କଳ ଦୂତର ପ୍ରବେଶ ଓ କାବେରୀପାରିତ ଦେବକନ୍ୟାଙ୍କ ବକ୍ତୃତାଦ୍ୱାରା ଓଡ଼ିଶା ରାଜାଙ୍କ ମହିମା ପ୍ରଚାର କରାଯାଇଅଛି, ମାତ୍ର ଏ ଦୃଶ୍ୟରେ ମଧ୍ୟ ଜଗନ୍ନାଥ ଦେବଙ୍କ ମାହାତ୍ମ୍ୟ ସୂଚିତ ହୋଇଥିବାରୁ ଭକ୍ତିରସର ଅବକାଶ ରହିଅଛି । ତୃତୀୟ ଓ ଚତୁର୍ଥ ଦୃଶ୍ୟରେ ପ୍ରଜାସମୂହ ଦୁଇଗୋଟି ଦରବାର, ବୃଦ୍ଧ ପଣ୍ଡିତ ବଂଶୀଧର ସହିତ ସମ୍ପୃକ୍ତ ବୃଦ୍ଧା ମହାରାଜାଙ୍କ ସାନ୍ନିଧ୍ୟରୁ ଅନ୍ତଃପୁରରେ ମାତା ପୁତ୍ରୀ ମଧ୍ୟରେ କଥାବାର୍ତ୍ତା ମଧ୍ୟରେ ଯୋଗ ଦେବାର ସୁଯୋଗ ପାଇଅଛନ୍ତି ଓ ଏହି ଦୃଶ୍ୟଟି ଦେଇ ନାଟ୍ୟକାର ରାଜନୈତିକ ନାଟକକୁ ସାଧାରଣ ଗୃହସ୍ଥଳୀ ସମ୍ପୃକ୍ତ ନାଟକରେ ପରିଣତ କରି ପଦ୍ମାବତୀ ପ୍ରଭୃତିଙ୍କ ଅନ୍ତର୍ନିହିତ ମାନବିକତା ପ୍ରଦର୍ଶିତ କରିଅଛନ୍ତି । ପୁଣି ପୁରୁଷୋତ୍ତମ ଦେବଙ୍କ ପ୍ରତି ପଦ୍ମାବତୀଙ୍କର ଅନୁରାଗ ପ୍ରଦର୍ଶନ କରି କାଞ୍ଚୀରାଣୀଙ୍କର ଗଣପତିଙ୍କଠାରେ ଭକ୍ତି ପୁରୁଷୋତ୍ତମ ଦେବଙ୍କ ଜଗନ୍ନାଥଙ୍କ ପ୍ରତି ଭକ୍ତିର ସମତା ବାଧାତ୍ମକ ସ୍ୱରୂପ ଦିଆଯାଇଅଛି ଓ ଏହାଦ୍ୱାରା ଉଭୟ ପ୍ରତିପକ୍ଷ ମଧ୍ୟରେ ଭକ୍ତିର ସୂଚନା ଦିଆଯାଇ ନାଟକର ଚରିତ୍ରଙ୍କୁ ଖର୍ବ କରି ଭକ୍ତିର ପ୍ରାଧାନ୍ୟ ସ୍ଥାପନ କରିବା ବିଷୟରେ ନାଟ୍ୟକାର ଯତ୍ନ କରିଅଛନ୍ତି ଓ ଦର୍ଶକମାନଙ୍କ ମନରେ ଗଣପତିଙ୍କ ଅନୁକୂଲ୍ୟ ପ୍ରଦର୍ଶନ କରିବ, ସେପରି ବିଷୟରେ ସନ୍ଦେହ ଜାତ କରିବାର ଚେଷ୍ଟା ମଧ୍ୟ କରାଯାଇଅଛି ଓ ସେମାନଙ୍କ କୌତୂହଳ ଜାଗ୍ରତ କରାଯାଇଅଛି । ପଞ୍ଚମ ଦୃଶ୍ୟରେ ଓଡ଼ିଆ ରାଜାଙ୍କ ପରାଜୟ ବର୍ଣ୍ଣନା କରାଯାଇଅଛି ଓ ଏହିଠାରେ ଯବନିକା ପକାଇ ତୃତୀୟ ଅଙ୍କକୁ ସମାପ୍ତ କରାଯାଇଅଛି । ଏହାର ଉଦ୍ଦେଶ୍ୟ ଦର୍ଶକମାନେ ଓଡ଼ିଆ ରାଜାଙ୍କର ପରାଜୟରେ ଦୁଃଖ ହୋଇ ପରିଣାମ କଣ ହେବ, ଜାଣିବା ନିମନ୍ତେ ଉତ୍ସୁକ ହେବେ ଓ ସେମାନଙ୍କ ମନରେ ପୂର୍ବରୁ ଓଡ଼ିଶା ରାଜାଙ୍କର ନିଶ୍ଚିତ ଜୟ ବିଷୟରେ ଯେଉଁ ଧାରଣା ଥିଲା ତାହା ଦୂର ହୋଇଥିବାରୁ କଥାବସ୍ତୁର ଗତି ବିଷୟରେ ସେମାନଙ୍କର ବିଶେଷ କୌତୂହଳ ଜାତ ହେବା ସମ୍ଭବ । ପୁଣି ଏହି ତୃତୀୟ ଅଙ୍କରେ ନାଟକର ଗର୍ଭ ଥିବାରୁ ଓ ଏଥିରେ ପୁରୁଷୋତ୍ତମ ଦେବଙ୍କ ଅପେକ୍ଷା ପଦ୍ମାବତୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିବାରୁ ନାଟ୍ୟକାର ନାଟକକୁ 'ପଦ୍ମାବତୀ' ବୋଲି ଯେଉଁ ବିକଳ୍ପ ନାମ ଦେଇଥିଲେ, ତାହାର ସମର୍ଥନ କରିବାର ମଧ୍ୟ ଚେଷ୍ଟା ହୋଇଅଛି । ବାସ୍ତବିକ ନାଟକଟି ମୂଳରୁ ପୁରୁଷୋତ୍ତମ ଦେବଙ୍କ ସେନା ଅଙ୍କିତ ହୋଇଥିବା ସ୍ଥଳେ ଓ ତାଙ୍କର ବିଜୟବାର୍ତ୍ତା କୀର୍ତ୍ତନ କରୁଥିବା ସ୍ଥଳେ ନାଟକଟିକୁ

'ପଦ୍ମାବତୀ' ନାମ ବେଦାନ୍ତାସ୍ତ ନାଟ୍ୟକାର ଶାରଭିସଙ୍କୁ ଆଦର୍ଶ ନ କରି ନାଟକ ରଚନା କରିଥିବାର ସ୍ପଷ୍ଟ ସୂଚନା ଦେଇଅଛନ୍ତି । ଚତୁର୍ଥ ଅଭିନୟର ଆରମ୍ଭରେ ପୁରୁଷୋତ୍ତମ ଦେବଙ୍କ କ୍ରୋଧ ଓ ପୁନଶ୍ଚ ପଦ୍ମାବତୀଙ୍କୁ ଚଣ୍ଡାଳ ହସ୍ତରେ ଦେବାର ପ୍ରତିଜ୍ଞା ଓ ଜଗନ୍ନାଥଙ୍କଠାରୁ ଆଶ୍ୱାସନାଲାଭ ପ୍ରଭୃତି ବର୍ଣ୍ଣିତ ହୋଇଅଛି । ପରାଜୟ ଯୋଗୁଁ ତାଙ୍କର ମନ ଉତ୍ୟକ୍ତ ଥିବା ସମୟରେ ଭଦ୍ରାର ଗୀତ ଶୁଣି ପୁନଶ୍ଚ ପଦ୍ମାବତୀଙ୍କୁ ଚଣ୍ଡାଳହସ୍ତରେ ଦେବାର ପ୍ରତିଜ୍ଞା ପାଳନ କରିବା ନିମନ୍ତେ ବଦ୍ଧପରିକର ହେବା ନାଟକୀୟତ ହୋଇଅଛି ଓ ଏହି ସ୍ଥାନରୁ ପଦ୍ମାବତୀଙ୍କ ଭାଗ୍ୟ ବିଷୟରେ ଏକ ନୂତନ ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ରାଜାମାନଙ୍କ ମଧ୍ୟରେ ପୁରାତନ ଦ୍ୱନ୍ଦ୍ୱର ସ୍ଥାନ ଅଧିକାର କରିଅଛି । ଏହି ନୂତନ ଦ୍ୱନ୍ଦ୍ୱ ପୂର୍ବ ଦ୍ୱନ୍ଦ୍ୱ ସହିତ ସମ୍ପୃକ୍ତ ଥିଲେହେଁ ଦର୍ଶକମାନଙ୍କ ମନକୁ ଏକ ନୂତନ ଦିଗରେ ପ୍ରଧାବିତ କରୁଅଛି । ନାଟକରେ ଉଭୟବିଧ ଦ୍ୱନ୍ଦ୍ୱର ପ୍ରୟୋଜନ ଥିବାରୁ ନାଟ୍ୟକାର ଗୋଟିଏ ଦ୍ୱନ୍ଦ୍ୱର ପରିଣତି ନ ଘଟୁଣୁ ଆଉ ଗୋଟିଏ ଦ୍ୱନ୍ଦ୍ୱର ବିକାଶ ନିମନ୍ତେ ଅବସର ଖୋଜି ପୁରୁଷୋତ୍ତମ ଦେବଙ୍କ ଯୁଦ୍ଧଜୟ ସଙ୍ଗେ ସଙ୍ଗେ ପଦ୍ମାବତୀଙ୍କ ଭାଗ୍ୟ ବିଷୟରେ ଅନିଶ୍ଚିତତା ଦର୍ଶକମାନଙ୍କ ମନରେ ଦୃଢ଼ଭାବରେ ନିବଦ୍ଧ କରିଅଛନ୍ତି । ପଞ୍ଚମ ଅଭିନୟରେ ବିଧିପୂର୍ବକ ନିଷ୍ପତ୍ତି କରିବାର ଚେଷ୍ଟା କରାଯାଇଅଛି । ରାଜାଙ୍କର ଯୁଦ୍ଧଜୟଜନିତ ଆନନ୍ଦ ପଦ୍ମାବତୀଙ୍କ ବିରହ-ଜନିତ ଖେଦ ଓ ଭଦ୍ରା ସଙ୍ଗେ କଥୋପକଥନ, ନିଜର ଦଣ୍ଡଜ୍ଞାପନ ଓ ଛଦ୍ମବେଶଧରର ପଦ୍ମାବତୀଙ୍କ ସହ ମିଳନ ଏହିସବୁ ଦୃଶ୍ୟମାନ ଦିଆଯାଇ ନାଟକୀୟ କଥାବସ୍ତୁର ପରିଣତି ସାଧିତ ହୋଇଅଛି ଓ ଏଥିରେ ମଧ୍ୟ ସ୍ୱଜଗୁରୁ ଗୋଦାବରୀଶ ମିଶ୍ରଙ୍କର ଅଲୌକିକ ଶକ୍ତି ଓ ଜଗନ୍ନାଥଦେବଙ୍କ ରଥଯାତ୍ରାକାଳୀନ ପହଣ୍ଡି ବିଜେ କରିବାର ଦୃଶ୍ୟ ଦିଆଯାଇ ଭକ୍ତିରସକୁ ପୁନଶ୍ଚ ଜାଗ୍ରତ କରିବାର ଚେଷ୍ଟା କରାଯାଇଅଛି ।

ଯେ କୌଣସି ନାଟକକୁ ବିଶ୍ଳେଷଣ କଲେ ତାହାର କଥାବସ୍ତୁ ମଧ୍ୟରେ ଏହିପରି ନାଟକୀୟ ଘଟଣାର ପ୍ରୟୋଜନଜନିତ ନାନା ବିଷୟ-ବସ୍ତୁର ସନ୍ନିବେଶ ସ୍ୱତଃ ଆମ୍ଭମାନଙ୍କ ମନକୁ ଆକୃଷ୍ଟ କରିଥାଏ ଓ ନାଟକର ସାହିତ୍ୟିକ ମର୍ଯ୍ୟାଦା ଆଲୋଚନା କରିବାକୁ ହେଲେ ତାହାର ଏହିପରି ବିଶ୍ଳେଷଣ କରିବା ଏକାନ୍ତ ପ୍ରୟୋଜନ । 'କାଞ୍ଚିକାବେରୀ' ଯେଉଁ ବିଷୟବସ୍ତୁ ନେଇ ଲିଖିତ, 'ପୁରୁଷୋତ୍ତମ ଦେବ' ନାଟକ ମଧ୍ୟ ସେହି କଥାବସ୍ତୁକୁ ମୁଖ୍ୟତଃ

ଅବଲମ୍ବନ କରି ଲିଖିତ; ଅତଏବ ଏ ଦୁଇ ନାଟକର ରଚନାପଦ୍ଧତି ଅନୁସରଣ କଲେ ଆମ୍ଭେମାନେ ନାଟକ ରଚନା ବିଷୟରେ ନାନା ତଥ୍ୟ ଅବଗତ ହୋଇ ପାରୁ । 'ପୁରୁଷୋତ୍ତମ ଦେବ' ନାଟକକୁ ଦୁଇଗୋଟି ଭାଗରେ ବିଭକ୍ତ କରାଯାଇ ପାରେ । ଏହାର ଗୋଟିଏ ଅଂଶରେ ପୁରୁଷୋତ୍ତମ ଦେବଙ୍କ ସହିତ ତାଙ୍କ ଭାଇମାନଙ୍କର ଅବିରାମ ଯୁଦ୍ଧ, କେତେବେଳେ ପୁରୁଷୋତ୍ତମ ଦେବ ପରାଜିତ, କେତେବେଳେ ବା ସେ ନିଜ ଭାଇମାନଙ୍କୁ ପରାଜିତ କରିବାକୁ ସମର୍ଥ, ଏହିପରି ବିଷୟମାନ ପ୍ରଦତ୍ତ ହୋଇଅଛି । ନାଟକର ପ୍ରଥମାଂଶ ଭ୍ରାତୃଦ୍ୱନ୍ଦ୍ୱରେ ପର୍ଯ୍ୟବସିତ ଆଉ ଦ୍ୱିତୀୟାଂଶରେ ପଦ୍ମାବତୀଙ୍କ ପ୍ରତି ଅନୁରାଗଜନିତ ଦ୍ୱନ୍ଦ୍ୱ ବର୍ଣ୍ଣିତ ହୋଇଅଛି ଓ ଯୁଦ୍ଧ ସମୟରେ ଆହତ ପୁରୁଷୋତ୍ତମ ଦେବଙ୍କ ପ୍ରତି ପଦ୍ମାବତୀଙ୍କ ଅନୁରାଗ ସଞ୍ଚାର ବର୍ଣ୍ଣିତ ହୋଇଥିବାରୁ ଉଭୟ ଅଂଶ ମଧ୍ୟରେ ଏକ କ୍ଷୀଣ ଯୋଗସୂତ୍ର ପ୍ରଦତ୍ତ ହୋଇଅଛି । ମାତ୍ର ବାସ୍ତବରେ ନାଟକରେ ଦୁଇ ଗୋଟି ରସ-କେନ୍ଦ୍ରର ସୃଷ୍ଟି ହୋଇଅଛି । ଏହି ଯୋଗସୂତ୍ରଟି ପୁଣି ସ୍ୱୟଂ ଅବାସ୍ତବ ଓ ଯୁଦ୍ଧକ୍ଷେତ୍ରରେ ନାୟକନାୟିକାମାନଙ୍କର ପୂର୍ବରାଗ ସଞ୍ଚାର ବାସ୍ତବରେ ଗୋଟିଏ ନାଟକୀୟ ଘଟନା ମାତ୍ର ଥିବାରୁ ଏହା ଆମ୍ଭମାନଙ୍କ ମନରେ ଗଭୀର ରେଖାପାତ କରିବାକୁ ସମର୍ଥ ହେଉ ନାହିଁ । ନାଟକର ଗୋଟିଏ ମୁଖ୍ୟ କଥାବସ୍ତୁ ପ୍ରେମ ଓ ପ୍ରେମର ବର୍ଣ୍ଣନା କରିବାକୁ ହେଲେ ପୂର୍ବରାଗର ବର୍ଣ୍ଣନା ଅବଶ୍ୟମ୍ଭାବୀ । ଓଡ଼ିଆ ନାଟକମାନଙ୍କରେ ପୂର୍ବରାଗର ଅବତାରଣା କରିବା ନିମନ୍ତେ ନାଟ୍ୟକାରମାନେ ନାନା ଉପାୟ ଅବଲମ୍ବନ କରିଅଛନ୍ତି । 'କୋଣାର୍କ' ନାଟକରେ ଯେଉଁ ପୂର୍ବରାଗର ଆଭାସ ଦିଆଯାଇଅଛି, ତାହାର ନ୍ୟାଯ୍ୟ ପରିଣତି ବର୍ଣ୍ଣନା କରିବାର କୌଣସି ପ୍ରୟୋଜନ ନ ଥିବାରୁ ତାହା କେବଳ ବାଳକବାଳିକାମାନଙ୍କ ମଧ୍ୟରେ ସ୍ନେହସ୍ୱରୂପ କଳ୍ପିତ ହୋଇଅଛି । 'ତାଜମହଲ'ରେ ଯେଉଁ ପୂର୍ବରାଗ ପ୍ରଦତ୍ତ ହୋଇଅଛି, ତାହା ସହିତ ପରବର୍ତ୍ତୀ ବିବାହଜନିତ ଦ୍ୱନ୍ଦ୍ୱ କଳ୍ପିତ ହୋଇଥିବାରୁ ବାଲ୍ୟକାଳୀନ ପ୍ରୀତି ପରିଶେଷରେ ହତାଶ ପ୍ରେମରେ ପରିଣତ ହେବାର ଟିକେ ଅବାସ୍ତବ ବୋଧ ହୁଏ ନାହିଁ । ନନ୍ଦିକାର ପୂର୍ବରାଗ ଇତିହାସପ୍ରସିଦ୍ଧ ଓ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଲୋକମାନେ ଏହା ସ୍ୱୀକାର କରନ୍ତି; ତେଣୁ ନନ୍ଦିକେଶରୀ ବା କେଶରୀଙ୍କ ନାଟକମାନଙ୍କରେ ବର୍ଣ୍ଣିତ ପୂର୍ବରାଗ ମଧ୍ୟ ଅବାସ୍ତବ ପ୍ରତୀତ ହୁଏ ନାହିଁ । ମାତ୍ର 'ସେଉଜି, ନାଟକରେ ସେଉଜି ପ୍ରଭୁଜି ସେତେବେଳେ ତୃଷାରେ କାତର ହୋଇ ଜଳ ପାଇବା ନିମନ୍ତେ

ଅତ୍ୟନ୍ତ ବ୍ୟଗ୍ର ହୋଇ ନିଜର ଜୀବନକୁ ବିପନ୍ନ ମନେ କରୁଅଛନ୍ତି, ସେତେବେଳେ ଜଳଦାସବସ୍ତ୍ରରେ ଦେଶଲାଗି ପ୍ରବେଶ ଓ ସେସବୁ ଘଟଣାକୁ ଅବଲମ୍ବନ କରି ସେମାନଙ୍କ ମନରେ ଅନୁରାଗ ସଞ୍ଚାର ହେବା, ପୁରୁଷୋତ୍ତମ ଦେବ ଆହତ ହୋଇ ଯୁଦ୍ଧକ୍ଷେତ୍ରରେ ପଡ଼ିଥିବା ସମୟରେ ପଦ୍ମାବତୀ ଜଳଦାସବସ୍ତ୍ରରେ ପ୍ରବେଶ କରି ତାଙ୍କୁ ସାହାଯ୍ୟ କରିବା ଓ ଏହି ପରିସ୍ଥିତିରୁ ଉଭୟଙ୍କ ମନରେ ପରସ୍ପର ପ୍ରତି ଅନୁରାଗ ଜାତ ହେବା, 'କାର୍ତ୍ତବୀର୍ଯ୍ୟ' ନାଟକରେ ସୁମିତ୍ର ଓ ସୁମତିଙ୍କର ଜମଦଗ୍ନିଙ୍କ ଆଶ୍ରମରେ ପରସ୍ପର ଭେଟ ହୋଇ ସେଠାରେ ସେମାନଙ୍କ ମନରେ ଅନୁରାଗ ସଞ୍ଚାର ହେବା ପ୍ରଭୃତି ଯାହା ବର୍ଣ୍ଣିତ ହୋଇଅଛି, ସେ ସମସ୍ତ ଅବାସ୍ତବ ଓ ସେପରି ସଂସ୍କୃତ ନାଟକର ଶୈଳୀ ଅନୁସରଣ କରି ଲିଖିତ । ଏହିପରି ଦୃଶ୍ୟମାନଙ୍କର ଅବାସ୍ତବତା ବହୁ ପ୍ରଚଳିତ ନାଟକସ୍ଥ ସତ୍ୟ ନ ହେବା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଚିତ୍ତାକର୍ଷକ ହୋଇ ନ ପାରେ । 'କାଞ୍ଚି-କାବେରୀ' ନାଟକରେ ଉଭୟଙ୍କର ଯେଉଁ ଇଙ୍ଗିତ ଦିଆଯାଇଅଛି, ତାହା ଏମାନଙ୍କ ଅପେକ୍ଷା ଅଧିକ ବାସ୍ତବ, ଏଥିରେ ସନ୍ଦେହ ନାହିଁ । ପୁଣି 'ପୁରୁଷୋତ୍ତମ ଦେବ' ନାଟକରେ ନାଟ୍ୟଗୁଣ ସମତା ରଖିବା କାରଣ ଦୁଇଗୋଟି ପ୍ରେମର ଚିତ୍ର ଅଙ୍ଗାଙ୍ଗୀଭାବରେ ପ୍ରଦର୍ଶିତ ହୋଇଅଛି । ଏକ ଦିଗରେ ପୁରୁଷୋତ୍ତମ ଦେବଙ୍କ ପ୍ରତି କାଞ୍ଚିରାଜକନ୍ୟା ପଦ୍ମାବତୀଙ୍କ ଅନୁରାଗ, ଅନ୍ୟ ଦିଗରେ କାଞ୍ଚିଯୁବରାଜ ବୀରମଲ୍ଲଙ୍କ ପ୍ରତି ପୁରୁଷୋତ୍ତମ ଦେବଙ୍କ ଭଗିନୀ ବାସନ୍ତୀଙ୍କ ପ୍ରେମ—ଏହି ଉଭୟ ପ୍ରଣୟ ନାଟକର କଥାବସ୍ତୁ ମଧ୍ୟରେ ଦୁଇଗୋଟି ଭିନ୍ନ ସ୍ତର (ପୁରୁଷୋତ୍ତମ ଦେବ ଓ ତାଙ୍କର ଶତ୍ରୁମାନଙ୍କ ମଧ୍ୟରେ ଏବଂ ପୁରୁଷୋତ୍ତମ ଦେବ ଓ କାଞ୍ଚିରାଜାଙ୍କ ମଧ୍ୟରେ) ସମତା ଆଣିବା କାରଣ ଲିଖିତ ହୋଇଅଛି; ମାତ୍ର ଏହିପରି ଭିନ୍ନ ଘଟଣାବଳୀର ଆବର୍ତ୍ତରେ ମୂଳ କଥାବସ୍ତୁର ରସ ଗ୍ରହଣ କରିବା ଦୁରୂହ ବ୍ୟାପାର ଓ ଏହା ଦ୍ୱାରା ନାଟକର ରସକେନ୍ଦ୍ର ନାନା ଭାବରେ ବିକ୍ଷିପ୍ତ ହୋଇଅଛି । ଦୁଇ ଗୋଟି ଯୁଦ୍ଧ-ଘଟିତ ବ୍ୟାପାର ସହିତ ସମତା ରକ୍ଷା କରିବା କାରଣ ନାଟ୍ୟକାର ଯେଉଁ ଦୁଇ ଗୋଟି ପ୍ରଣୟମୂଳକ ଉପାଖ୍ୟାନ ସୃଷ୍ଟି କରିଅଛନ୍ତି ଏମାନଙ୍କର ବସ୍ତୁତ ଏକା ପରି; କେବଳ ଗୋଟିକର ପରିଣତି ମିଳନରେ ଓ ଅନ୍ୟଟିର ପରିଣତି ବିରହରେ; ଏଣୁ କାଞ୍ଚିକାବେରୀ ଓ ପୁରୁଷୋତ୍ତମ ଦେବ ନାଟକ-ମାନଙ୍କର ମୂଳ କଥାବସ୍ତୁ ଏକା ପରି ହେଲେହେଁ, ଏହି ନାଟକମାନଙ୍କରେ ଦୁଇ ଗୋଟି ଭିନ୍ନ ସ୍ୱାଦ ଅନୁଭୂତ ହୋଇଅଛି । ଅଭିନୟ ସମୟରେ ଏହି

ବହୁନ୍ଧା ଦର୍ଶକମାନଙ୍କ ମନକୁ ବହୁଭାବରେ ଆଘାତ କରିବାକୁ ସମର୍ଥ ହୁଏ । ପୁଣି 'କାଞ୍ଚିକାବେରୀ' ନାଟକରେ ଛତ୍ରପକ୍ଷ କଳେବରେଶ୍ୱରଙ୍କର ଶୌର୍ଯ୍ୟ ବର୍ଣ୍ଣନା ଓ ପୁରୁଷୋତ୍ତମ ଦେବଙ୍କର ପ୍ରଥମ ଯୁଦ୍ଧରେ ପରାଜୟଦ୍ୱାରା ସେପରି ଘଟଣାର ଦ୍ୱନ୍ଦ୍ୱର ସୂଚନା କରାଯାଇଅଛି ଓ ପୁରୁଷୋତ୍ତମ ଦେବଙ୍କର ଭକ୍ତି ଓ ବୀରତ୍ୱ ପ୍ରମାଣିତ ହୋଇଅଛି, 'ପୁରୁଷୋତ୍ତମ ଦେବ' ନାଟକରେ କଳେବରେଶ୍ୱରଙ୍କୁ ନିତାନ୍ତ ହୀନ ଓ ଅପଦାର୍ଥ ମୂର୍ଖରାଜ (୫୭ ପୃଷ୍ଠା) ବୋଲି କଳ୍ପନା କରାଯାଇ ଥିବାରୁ ତାଙ୍କୁ ପରାଜିତ କରି ପଦ୍ମାବତୀଙ୍କୁ ଗ୍ରହଣ କରିବାଦ୍ୱାରା ପୁରୁଷୋତ୍ତମ ଦେବଙ୍କ ମହତ୍ତ୍ୱ ଉଜ୍ଜ୍ୱଳ ଭାବରେ ପ୍ରକାଶିତ ହେବାର ଅବକାଶ ନାହିଁ ଏବଂ ସେହି କାରଣରୁ ଗ୍ରନ୍ଥକାରଙ୍କୁ ପୁରୁଷୋତ୍ତମ ଦେବଙ୍କ ବୀରତ୍ୱ ବିଷୟରେ ଦର୍ଶକମାନଙ୍କୁ ସୂଚନା ଦେବା ନିମନ୍ତେ ଭ୍ରାତୃବିରୋଧ ଓ ଯୁଦ୍ଧର ଦୃଶ୍ୟମାନ ପ୍ରଦତ୍ତ ହୋଇଅଛି । କିନ୍ତୁ କଳେବରେଶ୍ୱର ଓ ପ୍ରହରୀ ମଧ୍ୟରେ (୫୭ ପୃଷ୍ଠା) ଯେଉଁ କଥୋପକଥନ ଦିଆଯାଇଅଛି, ତାହା ନିକୃଷ୍ଟ ହାସ୍ୟରସୋଦ୍ଦୀପକ ଓ କଳେବରେଶ୍ୱରଙ୍କ ଚରିତ୍ରକୁ ଅଯଥା କଳଙ୍କିତ କରି ନାଟକର ଗୌରବହାନି ଘଟାଇଅଛି । ଏହି ସବୁ କାରଣରୁ ପୁରୁଷୋତ୍ତମ ଦେବ ନାଟକରେ "ଅନେକ ସ୍ଥଳରେ ଐତିହାସିକତାର ପୂର୍ତ୍ତି ସମ୍ପର୍କ ବିଦ୍ୟମାନ" ଥିଲେହେଁ (ଶଙ୍କରମୋହନଙ୍କ ଅଭିମତ, ୯ ପୃଷ୍ଠା) ନାଟକଟି ନାଟ୍ୟକଳା ଦୃଷ୍ଟିରୁ ସାହିତ୍ୟରେ ଉଚ୍ଚ ଆସନ ଦାବି କରି ନ ପାରେ ।

କଥାବସ୍ତୁକୁ ଆବୃତ୍ତ କରି ନାଟକସ୍ଥ ଘଟଣାରେ ଅଙ୍କ ଓ ଦୃଶ୍ୟମାନଙ୍କ ମଧ୍ୟରେ ବିଭକ୍ତ କରି ପ୍ରକାଶ କରିବା ନାଟ୍ୟକାରଙ୍କ କର୍ତ୍ତବ୍ୟ ଓ ଦୃଶ୍ୟମାନଙ୍କୁ ଯଥାଯଥ [illegible] କରି ନ ପାରିଲେ ନାଟକ ଚିତ୍ତାକର୍ଷକ ହୋଇ ପାରେ ନାହିଁ । [illegible]ବସ୍ତୁ ଓ ତାହାର ଦୈର୍ଘ୍ୟ ବିଷୟରେ ସ୍ଥିର-ନିଶ୍ଚୟତା ପାଇବା ପରେ ପ୍ରାରମ୍ଭିକ ଦୃଶ୍ୟ ବିଷୟରେ ନାଟ୍ୟକାରଙ୍କୁ ଅବହିତ ହେବାକୁ ହୁଏ ଓ ଅଧିକାଂଶ ସମୟରେ ଅନେକ କ୍ଷେତ୍ରରେ ପ୍ରଥମ ଦୃଶ୍ୟର ମନୋହାରିତା ଉପରେ ସମସ୍ତ ନାଟକଟିର ମନୋହାରିତା ନିର୍ଭର କରେ ।

ଓଡ଼ିଆ ନାଟକମାନଙ୍କର ପ୍ରାରମ୍ଭିକ ଦୃଶ୍ୟ ସମ୍ବନ୍ଧରେ ଆଲୋଚନା କରିବା ସମୟରେ ଆମ୍ଭମାନଙ୍କୁ କେତେଗୁଡ଼ିଏ ବିଷୟ ପ୍ରତି ଲକ୍ଷ୍ୟ ରଖିବାକୁ ହୁଏ । ସଂସ୍କୃତ ରୀତିରେ ଲିଖିତ ନାଟକମାନଙ୍କରେ ପ୍ରାରମ୍ଭିକ ଦୃଶ୍ୟମାନଙ୍କର ପୂର୍ବରୁ ଗୋଟିଏ ପ୍ରସ୍ତାବନା ଦୃଶ୍ୟ ଦିଆଯାଇଥାଏ । ଅନ୍ୟ କେତେକ ନାଟକରେ ପ୍ରଥମେ ଗୋଟିଏ ସଙ୍ଗୀତ ଦେବାର ପ୍ରଥା ମଧ୍ୟ

ପ୍ରଚଳିତ ଅଛି । ମାତ୍ର ଆଧୁନିକ ଅନେକ ନାଟକରେ ପ୍ରଥମରୁ ଗୋଟିଏ ଉତ୍ତେଜକ ଶବ୍ଦ ଦିଆଯାଇ କଥା ଆରମ୍ଭ କରାଯାଏ । ଓଡ଼ିଆ ନାଟକମାନଙ୍କରେ ଏହି ଉଭୟଗୋଟି ପ୍ରଥା ଅବାଧରେ ବ୍ୟବହୃତ ହୋଇଥାଏ । ନାଟକ ମୁଖ୍ୟତଃ ଅଭିନୟ ପ୍ରକାଶେ ଲିଖିତ ହୋଇଥିବାରୁ ଅନେକ ପ୍ରକାରରେ ନାଟକ ରଚନା ନିୟନ୍ତ୍ରିତ ହୋଇଥାଏ । ଦର୍ଶକମାନେ ସମସ୍ତେ ଅଭିନୟର ପ୍ରାରମ୍ଭରୁ ସମବେତ ହେବା ସମ୍ଭବ ନୁହେଁ । ନାଟକ ଅଭିନୟ ଆରମ୍ଭ ହେବା ପରେ ମଧ୍ୟ କ୍ରମଶଃ ସେମାନେ ନାଟ୍ୟଶାଳାରେ ଉପସ୍ଥିତ ହୁଅନ୍ତି; ଏଣୁ ହଠାତ୍ କଥାବସ୍ତୁକୁ ଆରମ୍ଭ କରିଦେବା ଅନେକ ନାଟ୍ୟକାର ସମୀଚୀନ ମନେ କରନ୍ତି ନାହିଁ ଓ ରାମଶଙ୍କର ବାବୁଙ୍କ ଲିଖିତ ପ୍ରତ୍ୟେକ ନାଟକରେ ପ୍ରାରମ୍ଭିକ ଦୃଶ୍ୟ ଦେବଙ୍କୁ ସଙ୍ଗୀତ ପ୍ରଭୃତି ଦିଆଯାଇ କିୟତ୍ ପରିମାଣରେ କାଳକ୍ଷେପ କରିବାର ଚେଷ୍ଟା କରାଯାଇଅଛି । ପୁଣି ପ୍ରଥମ ଦୃଶ୍ୟରେ ଦର୍ଶକମାନଙ୍କୁ କଥାବସ୍ତୁର ପ୍ରସଙ୍ଗ ସୂଚାଇ ଦେବାକୁ ହୁଏ । କାରଣ ଅଧିକାଂଶ ଦର୍ଶକ କଥାବସ୍ତୁ ସହିତ ପରିଚିତ ନ ଥାନ୍ତି । ଏହି ପ୍ରସଙ୍ଗକୁ ପୁଣି ଉତ୍ତେଜକ ଶବ୍ଦଦ୍ୱାରା ପ୍ରକାଶିତ କରିବାକୁ ହୁଏ, ଯେପରି କି ଦର୍ଶକମାନେ ଏହି ଦୃଶ୍ୟଦ୍ୱାରା ମୂଳରୁ ଆକୃଷ୍ଟ ହୋଇ ପାରିବେ । 'କାଞ୍ଚିକାବେରୀ' ନାଟକର ପ୍ରଥମ ଦୃଶ୍ୟରେ ଏହିପରି ପ୍ରସଙ୍ଗର ସୂଚନା ଦିଆଯାଇଅଛି । ମାତ୍ର ସେଥିମଧ୍ୟରେ ଉତ୍ତେଜନା ଆଣିବାର ବିଶେଷ ଚେଷ୍ଟା କରାଯାଇ ନ ଥିବାରୁ ପ୍ରଥମ ଅଭିନୟ ସମୟରେ ଏହି ଦୃଶ୍ୟଟି ଦର୍ଶକମାନଙ୍କର ଚିତ୍ତାକର୍ଷକ ହୋଇ ନ ଥିଲା ଓ ସେମାନଙ୍କ ମଧ୍ୟରୁ କେତେକ ବିରକ୍ତ ହୋଇ ଚାଲିଯିବାର ସମ୍ବାଦ ସମସାମୟିକ ପତ୍ରିକାରେ ପ୍ରକାଶିତ ହୋଇଥିଲା ।* ମାତ୍ର 'ରସଠକ', 'ମିରକାଶିମ୍' ଓ 'ଗୌଡ଼ବିଜୟ' ପ୍ରଭୃତି ନାଟକମାନଙ୍କରେ ପ୍ରଥମରୁ ଯଥେଷ୍ଟ ଉତ୍ତେଜନା ଦିଆଯାଇଅଛି ଓ 'ସୁନେଲେଶ୍ୱର' ନାଟକରେ ଦୃଶ୍ୟର ବୈଚିତ୍ର୍ୟଦ୍ୱାରା ଦର୍ଶକମାନଙ୍କୁ ପ୍ରଥମରୁ ଆକୃଷ୍ଟ କରାଯିବାର ଚେଷ୍ଟା କରାଯାଇଅଛି । ପୁଣି ନାଟକର ପ୍ରଥମ ଦୃଶ୍ୟରେ ନାଟକର ଆବେଷ୍ଟନୀ ସୃଷ୍ଟି କରିବା ପ୍ରୟୋଜନ ହୋଇଥାଏ ଓ ସମଗ୍ର ନାଟକ ମଧ୍ୟରେ ଯେଉଁ ରସବସ୍ତୁର ବିକାଶ ସାଧିତ ହେବ ତାହାର ସୂଚନା ମଧ୍ୟ ଦିଆଯିବା ଉଚିତ । ସେକ୍ସପିଅରଙ୍କ ନାଟକମାନଙ୍କରେ ପ୍ରଥମ ଦୃଶ୍ୟ ରଚନାରେ ଏହିପରି ନାଟ୍ୟକୌଶଳ ପ୍ରଦର୍ଶିତ

---

* ଉତ୍କଳଦୀପିକା, ୧୨ ତାରିଖ ଫେବୃଆରୀ, ୧୮୮୧ ସମୀକ୍ଷା

ହୋଇଥିବାରୁ ତାହା ସମାଲୋଚକମାନଙ୍କଠାରୁ ଉଚ୍ଚ ପ୍ରଶଂସା ଲାଭ କରି ପାରିଅଛି । ଓଡ଼ିଆ ନାଟକମାନଙ୍କରେ ମଧ୍ୟ ନାଟକୀୟ ବାୟୁମଣ୍ଡଳ ସୃଷ୍ଟି କରିବାର ପ୍ରୟାସ ଅନେକ ନାଟକରେ କରାଯାଇଅଛି । 'କାଞ୍ଚିକାବେରୀ' ନାଟକରେ ଏହି କାରଣରୁ ପ୍ରଥମରୁ ଭକ୍ତିରସର ଅବତାରଣା କରାଯାଇ ଅଛି ଏହା ଏଥି ପୂର୍ବରୁ ଆଲୋଚିତ ହୋଇଅଛି । 'ତାଜମହଲ' ନାଟକ ମମତାଜଙ୍କ ସିପ୍ରଜ ପ୍ରତି ପ୍ରେମ ଓ ସାଜାହାନଙ୍କ ସହିତ ବିବାହ ଏହି ଦ୍ୱନ୍ଦ୍ୱ ଉପରେ ପ୍ରତିଷ୍ଠିତ । ତାଜମହଲ ନିର୍ମାଣ କରିବା ଧନୀ ସାଜାହାନଙ୍କ ପକ୍ଷରେ ସମ୍ଭବ ହୋଇ ପାରେ, କିନ୍ତୁ ସିପ୍ରଜ ତାଙ୍କର ଅନ୍ତର ମଧ୍ୟରେ ଯେଉଁ ମହଲ ମମତାଜଙ୍କ ନିମନ୍ତେ ତିଆରି କରିଅଛନ୍ତି ତାହା ତୁଳନାରେ ସାଜାହାନଙ୍କ ତାଜମହଲ ଅତି ନଗଣ୍ୟ, ଏହି ତଥ୍ୟ ସମଗ୍ର ନାଟକରେ ପ୍ରତିପାଦ୍ୟ ବିଷୟ ଥିବାରୁ ପ୍ରଥମ ଦୃଶ୍ୟରେହିଁ ଏହାର ଆଭାସ ଦିଆଯାଇ-ଅଛି । 'କେଶରୀଗଙ୍ଗା' ନାଟକରେ ମଧ୍ୟ ସେହିପରି ପ୍ରଥମ ଦୃଶ୍ୟରେ ସୁବର୍ଣ୍ଣ କେଶରୀଙ୍କ ନିଜ ଦୁହିତା ପ୍ରତି ସ୍ନେହ ଓ ନନ୍ଦିକାଙ୍କ ଚରିତ୍ରଗତ ପ୍ରତି ରାଣୀର ପ୍ରଶସ୍ତି ବର୍ଣ୍ଣନା ମଧ୍ୟରେ ଆମ୍ଭେମାନେ କଥାବସ୍ତୁର ପୂର୍ବାଭାସ ପାଉଁ ଓ ପ୍ରେମ ଏବଂ କର୍ତ୍ତବ୍ୟ ମଧ୍ୟରେ ନାଟକୀୟ ଦ୍ୱନ୍ଦ୍ୱର ଉତ୍ତେଜନାମୟ ଆଭାସ ମଧ୍ୟ ଆମ୍ଭେମାନେ ପାଇଥାଉଁ । 'ମୀରକାଶିମର' ପ୍ରଥମ ଦୃଶ୍ୟରେ ମୀରନ୍ ଓ ମୀରକାଶିମ ମଧ୍ୟରେ ଦ୍ୱନ୍ଦ୍ୱ, 'ସୁଶୀଳା' ନାଟକରେ ସୁଶୀଳାର ପିତାଙ୍କର ଅର୍ଥ ବିଷୟରେ ମୋହ ମଧ୍ୟରେ ନାଟକୀୟ ଆବହାଓ୍ୱାର ପରିଚୟ ମିଳୁଅଛି ଓ ଉତ୍ତେଜନାର ସୃଷ୍ଟି ମଧ୍ୟ କରାଯାଇଅଛି । 'ତାଜମହଲ' ଓ 'କୋଣାର୍କ' ନାଟକମାନଙ୍କରେ ଯେପରି ଗୋଟିଏ ପ୍ରାରମ୍ଭିକ ସଙ୍ଗୀତ ମଧ୍ୟରେ କଥାବସ୍ତୁର ପରିଣତି ସୂଚନା ଦିଆଯାଇଅଛି, ସେହିପରି ଅନ୍ୟାନ୍ୟ କେତେକ ଓଡ଼ିଆ ନାଟକରେ ମଧ୍ୟ ପ୍ରଥମ ଦୃଶ୍ୟର କଥୋପ-କଥନ ମଧ୍ୟରେ କଥାବସ୍ତୁର ଶେଷ ପରିଣତିର ଇଙ୍ଗିତ ମଧ୍ୟ ଦିଆଯାଇଅଛି । 'ଚନ୍ଦ୍ରମଣି' ନାଟକର ପ୍ରଥମ ଦୃଶ୍ୟରେ କୁମୁଦିନୀ ଓ କମଳାଙ୍କ କଥୋପ-କଥନ କରୁଥିବା ସମୟରେ କୌତୁକ ଛଳରେ ସାନ ଭଉଣୀ ବଡ଼ ଭଉଣୀର ସ୍ୱାମୀକୁ ବାଣ୍ଟି ନେବାର ଇଙ୍ଗିତ ଦିଆଯାଇଅଛି ଓ ନାଟକର ଶେଷ ଦୃଶ୍ୟରେ କୁମୁଦିନୀ ମୃତ୍ୟୁ ସମୟରେ ନିଜ ସ୍ୱାମୀ ନରହରି ସହିତ କମଳାକୁ ବିବାହ ଦେବା ଦୃଶ୍ୟ ଦିଆଯାଇ ଥିବାରୁ ପ୍ରଥମ ଦୃଶ୍ୟ ସହିତ ଶେଷ ଦୃଶ୍ୟର ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଅଛି । 'ଗୋବିନ୍ଦ ବିଦ୍ୟାଧର' ନାଟକରେ ମଧ୍ୟ ଏହିପରି ନାଟକୀୟ ଛଟାର

ବ୍ୟବହାର କରାଯାଇଅଛି ଓ ପ୍ରଥମ ଦୃଶ୍ୟର ସାମାନ୍ୟ କଥା ମଧ୍ୟରେ ସମଗ୍ର ନାଟକଟିର ପରିଣତିର ସୂକ୍ଷ୍ମ ସୂଚନା ଦିଆଯାଇଅଛି । 'ଗୁପ୍ତାର୍ଜ୍ଜୁନ' ନାଟକର ନାନାବିଧ ଦ୍ୟୂତବ୍ୟାପାର ମଧ୍ୟରେ ଶକୁନିର ପ୍ରଚେଷ୍ଟା ଓ ପ୍ରତିଶୋଧ ନେବା ଚେଷ୍ଟାହିଁ ମୂଳ ପଦାର୍ଥ ଓ ଏହି କାରଣରୁ ପ୍ରଥମ ଦୃଶ୍ୟରେ ଶକୁନିର ପ୍ରବେଶ ଓ ଗୋଟିଏ ଆତ୍ମପ୍ରସାଦସୂଚକ କଥାଦ୍ୱାରା ନାଟକ ଆରମ୍ଭ କରି ନାଟ୍ୟକାର ସ୍ୱୀୟ ରସଗ୍ରହଣଶକ୍ତିର ପରିଚୟ ଦେଇଅଛନ୍ତି । 'କାର୍ତ୍ତବୀର୍ଯ୍ୟ' ନାଟକରେ ପ୍ରଧାନ କଥା କାର୍ତ୍ତବୀର୍ଯ୍ୟଙ୍କର ଔଦ୍ଧତ୍ୟ, ଗର୍ବ ଦର୍ପ ଓ ତଜ୍ଜନିତ ପତନ ସ, ମାତ୍ର ନାଟ୍ୟକାର ଏହି ଦ୍ୱନ୍ଦ୍ୱକୁ ନାଟକର ପ୍ରଧାନ ବିଷୟ-ବସ୍ତୁ ରୂପରେ ପରିକଳ୍ପନା କରି ନାହାନ୍ତି । [illegible] ନାଟିକ ମଧ୍ୟରେ ପ୍ରେମର ସ୍ନିଗ୍ଧନିର୍ମଳ ଛବି ଦେଖାଇବା ନିମନ୍ତେ ସେ ଚେଷ୍ଟିତ । ଏଣୁ ପ୍ରଥମ ଦୃଶ୍ୟରେ କାର୍ତ୍ତବୀର୍ଯ୍ୟଙ୍କର ଦୁଷ୍ଟ ପ୍ରଭାବ ବର୍ଣ୍ଣନା କରିବା ପୂର୍ବରୁ ଆମ୍ଭେମାନେ ସୁମିତ୍ର ଓ ପଦ୍‌ମାଙ୍କ ପରସ୍ପର ପ୍ରତି ଅନୁରାଗ ବିଷୟମୂଳକ ଗୋଟିଏ ଦୃଶ୍ୟ ଦେଖୁଥାଉଁ ଓ ଏହି ଦୃଶ୍ୟଦ୍ୱାରା ନାଟକଟିର ଅନ୍ତର୍ନିହିତ ରସବସ୍ତୁ ପ୍ରତି ଆମ୍ଭମାନଙ୍କ ମନ ଆକୃଷ୍ଟ ହୁଏ । ନାଟ୍ୟକାର ଦୁଇଗୋଟି ରସକୁ ନାଟକର ଭାବକେନ୍ଦ୍ର ମଧ୍ୟରେ ସ୍ଥାନ ଦେଇଥିବାରୁ ପ୍ରଥମ ଦୃଶ୍ୟରେ ଦୁଇଗୋଟି ଦୃଶ୍ୟକୁ ଏକତ୍ର ସନ୍ନିବେଶିତ କରିଅଛନ୍ତି, ମାତ୍ର ଏହାଦ୍ୱାରା ନାଟକୀୟ ରସର ବିକାଶ ସାଧିତ ହୋଇଅଛି । ଅନେକ ଓଡ଼ିଆ ନାଟକରେ ଆମ୍ଭେମାନେ ଗୋଟିଏ ଦୃଶ୍ୟରେ ବିଭିନ୍ନ କାର୍ଯ୍ୟ ଓ ଚରିତ୍ରର ଆସ୍ୱାଦ ପାଇଥାଉଁ, ମାତ୍ର ସେ ସବୁ ଯେ ନାଟ୍ୟଶାସ୍ତ୍ର ଅନୁମୋଦିତ ନୁହେଁ ତାହା ବୋଲିବା ବାହୁଲ୍ୟ । 'କାର୍ତ୍ତବୀର୍ଯ୍ୟ' ନାଟକର ଆଉ ଗୋଟିଏ ଦୃଶ୍ୟରେ (୪୦ ପୃଷ୍ଠା) ଜମଦଗ୍ନି ଓ ରେଣୁକା ମଧ୍ୟରେ କଳହର ବର୍ଣ୍ଣନା ପରେ ଭୃତ୍ୟଙ୍କର ପ୍ରସ୍ଥାନ ଓ ସୁମିତ ପଦ୍‌ମାଙ୍କର ରଙ୍ଗମଞ୍ଚରେ ପ୍ରବେଶ ବର୍ଣ୍ଣନା-ଦ୍ୱାରା ଗୋଟିଏ ଦୃଶ୍ୟରେ ଦୁଇଗୋଟି ଭାବକେନ୍ଦ୍ର ସୂଚିତ ହୋଇଅଛି । 'ରତ୍ନମାଳୀ' ନାଟକରେ ମଧ୍ୟ (୬୧ ପୃଷ୍ଠା) ଦୁଇଜଣ ବ୍ୟକ୍ତିର କଥୋପକଥନ ଓ ପ୍ରସ୍ଥାନ ପରେ ରତ୍ନମାଳୀ ଓ ଅନ୍ୟାନ୍ୟ ରମଣୀମାନଙ୍କର ପ୍ରବେଶ ଓ କଥୋପକଥନ ନାଟ୍ୟକଳାନୁମୋଦିତ ନୁହେଁ । 'ପ୍ରିୟଦର୍ଶୀ' ନାଟକରେ (୮୮ ପୃଷ୍ଠା) ମଧ୍ୟ ଆମ୍ଭେମାନେ ଗୋଟିଏ ଦୃଶ୍ୟରେ ଦୁଇଗୋଟି ଭାବକେନ୍ଦ୍ରର ଉଦାହରଣ ପାଇଥାଉଁ । 'ମୁକୁନ୍ଦଭୀମ ଦେବ' ନାଟକର ପ୍ରଥମ ଦୃଶ୍ୟରେ ଭ୍ରାତୃବିବାଦର ଚିତ୍ର ମଧ୍ୟରେ ନାଟକୀୟ ମୂଳବସ୍ତୁ ଉଦ୍ଭାବନାର ସୂଚନା

ପୁରୁଷୋତ୍ତମ ଦେବଙ୍କ ମିଳନ ବିଷୟରେ କିଛି ସୂଚନା ଦିଆଯାଇ ନାହିଁ, ମାତ୍ର ପରବର୍ତ୍ତୀ ଦୃଶ୍ୟରେ ଏହାର ଇଙ୍ଗିତ ଦିଆଯାଇଥିବାରୁ ନାଟ୍ୟକାର ଏହି ଦୁଇଟିଯାକ ବିଷୟକୁ ନାଟକର ଭାବକେନ୍ଦ୍ର ମଧ୍ୟରେ ସ୍ଥାନ ଦେଇ ବାସ୍ତବରେ ନାଟକରେ ଦୁଇଗୋଟି ଅସମ୍ବଦ୍ଧ ପ୍ରାରମ୍ଭିକ ଦୃଶ୍ୟ ଦେବାର ଚେଷ୍ଟା କରିଥିବାରୁ ଏଠାରେ ମଧ୍ୟ ରସବିଚ୍ଛେଦ ଘଟିଅଛି । 'ଗୌଡ଼ବିଜେତା'ର ପ୍ରାରମ୍ଭ ଦୃଶ୍ୟରେ ଉତ୍ତେଜନା ଯଥେଷ୍ଟ ପରିମାଣରେ ଥିଲେହେଁ ନାଟକୀୟ କଥାବସ୍ତୁର ଶେଷ ପରିଣତି ବିଷୟରେ କୌଣସି ଇଙ୍ଗିତ ଆମ୍ଭେମାନେ ପ୍ରଥମ ଦୃଶ୍ୟରୁ ପାଉ ନାହିଁ ଓ ପ୍ରଥମ ଦୃଶ୍ୟରେ ନାଟକର ଆବହାୱା ସୃଷ୍ଟି କରିବା ବିଷୟରେ ମଧ୍ୟ ନାଟ୍ୟକାର ଯତ୍ନ କରି ନାହାନ୍ତି ।

ନାଟକର ଶେଷ ଦୃଶ୍ୟ ରଚନା କରିବା ସମୟରେ ମଧ୍ୟ ନାଟ୍ୟକାରଙ୍କୁ କେତେକ ବିଷୟରେ ଅବହିତ ହେବାକୁ ହୁଏ । ଦର୍ଶକମାନଙ୍କ ମନୋଯୋଗ ଶେଷ ପର୍ଯ୍ୟନ୍ତ ଆକୃଷ୍ଟ ରଖିବାକୁ ହେବ ଓ ନାଟକୀୟ କଥାବସ୍ତୁକୁ ଏପରି ଭାବରେ ପରିକଳ୍ପିତ କରିବାକୁ ହେବ ଯେ, ତାହାର ପରିଣତି ଅନିବାର୍ଯ୍ୟ ହେଲେହେଁ ସେ ବିଷୟରେ ଦର୍ଶକମାନଙ୍କ ମନରେ ସନ୍ଦେହର ଅବକାଶ ଥିବ ଓ ଶେଷ ଦୃଶ୍ୟ ଏହି ସନ୍ଦେହ ଅପନୋଦନ କରି କଥାବସ୍ତୁକୁ ଶେଷ ପରିଣତିରେ ପହଞ୍ଚାଇ ଦେବ । 'କାଞ୍ଚୀକାବେରୀ'ରେ ନାଟ୍ୟକାର ଏହି ନାଟ୍ୟ ସୂତ୍ରଗୁଡ଼ିକର ପରିଚୟ ଦେଇଅଛନ୍ତି । ପଦ୍ମାବତୀଙ୍କ ସହିତ ପୁରୁଷୋତ୍ତମ ଦେବଙ୍କ ମିଳନ ସମସ୍ତ ଦର୍ଶକମାନଙ୍କର ଈପ୍ସିତ, ସେମାନେ ଏହି ମିଳନର ସୂଚନା ପ୍ରଥମରୁ ପାଇ ଆସିଅଛନ୍ତି ଓ ଏଥି ନିମନ୍ତେ ଉତ୍ସୁକ-ଭାବରେ ପ୍ରତୀକ୍ଷା ମଧ୍ୟ କରୁଅଛନ୍ତି, ମାତ୍ର ପୁରୁଷୋତ୍ତମ ଦେବଙ୍କର ଏହି ବିଷୟରେ ପ୍ରତିଜ୍ଞା ସେମାନଙ୍କ ମନରେ ଦ୍ୱନ୍ଦ୍ୱ ଓ ସନ୍ଦେହ ଜାତ କରିବା ସ୍ୱାଭାବିକ ଓ ଏହି ସନ୍ଦେହର ପରିଣତି ସ୍ୱରୂପ ସେମାନେ ନାଟକର ଶେଷ ଦୃଶ୍ୟ ପର୍ଯ୍ୟନ୍ତ ଉତ୍ସୁକ ଭାବରେ ପ୍ରତୀକ୍ଷା କରିବା ସ୍ୱାଭାବିକ । ଅନ୍ୟାନ୍ୟ ଓଡ଼ିଆ ନାଟକରେ ମଧ୍ୟ ଆମ୍ଭେମାନେ ପରିଣତି ବିଷୟରେ ସନ୍ଦେହର ପରିଚୟ ପାଇଥାଉଁ । 'ନନ୍ଦକେଶରୀ' ନାଟକରେ ନନ୍ଦକାର ପ୍ରତ୍ୟାଖ୍ୟାନ ପରେ ତାହାର ଦଣ୍ଡ କଣ ହେବ, 'ଗୋବିନ୍ଦ ବିଦ୍ୟାଧର' ନାଟକରେ ରାଜକୁମାରଦ୍ୱୟଙ୍କ ମୃତ୍ୟୁ ପରେ କଥାବସ୍ତୁ କେଉଁ ଦିଗରେ ଚାଳିତ ହେବ, 'ତାରାବାଈ'ରେ ରାଜାଙ୍କର ମୃତ୍ୟୁପରେ ତାରାବାଈଙ୍କର ପରିଣାମ କଣ ହେଲା, ଏହି ସବୁ ନାନା ବିଷୟକ ତଥ୍ୟ ଜାଣିବା ନିମନ୍ତେ ଦର୍ଶକମାନେ ସ୍ୱତଃ

ବ୍ୟର୍ଥ ହୁଅନ୍ତି ଓ ଶେଷ ଦୃଶ୍ୟଟି ଏହି କାରଣରୁ ଚିତ୍ତାକର୍ଷକ ମଧ୍ୟ ହୋଇଥାଏ । ଅନ୍ୟ କେତେକ ଓଡ଼ିଆ ନାଟକରେ ନାଟକର ମୂଳ କଥାବସ୍ତୁ ପରିଣତି ଲାଭ କରିବା ପରେ ମଧ୍ୟ ଦୁଇ ତିନୋଟି ଦୃଶ୍ୟ ସଂଯୋଜିତ ହୋଇଅଛି ଓ ଦର୍ଶକମାନଙ୍କର ମନ କଥାବସ୍ତୁର ଗତି ପ୍ରତି ନିବଦ୍ଧ ନ ରହିବାରୁ ଏହି ଦୃଶ୍ୟମାନ ଚିତ୍ତାକର୍ଷକ ହୋଇ ପାରେ ନାହିଁ । 'କାର୍ତ୍ତାର୍ଜ୍ଜୁନ' ନାଟକରେ ପଞ୍ଚମ ଅଙ୍କର ଚତୁର୍ଥ ଦୃଶ୍ୟରେ କାର୍ତ୍ତବୀର୍ଯ୍ୟ ନିହତ ହେଲେ ଓ ତାଙ୍କ ବଂଶର ସମସ୍ତେ ମଧ୍ୟ ପରଶୁରାମଙ୍କ ଦ୍ୱାରା ହତ ହେଲେ । ସୁମିତ୍ର ଓ ଚନ୍ଦ୍ରାଙ୍ଗ ମଧ୍ୟ ମିଳିତ ହେଲେ, ମହେନ୍ଦ୍ର ରାଣୀ ମଧ୍ୟ "କ୍ଷତ୍ରିୟରୁଧିରମୟେ ଜଗଦପଗତପାପଂ, ସ୍ନପୟସି ପୟସି ଶମିତଭବତାପଂ, କେଶବ ! ଧୃତଭୃଗୁପତିରୂପ ! ଜୟ ଜଗଦୀଶ ହରେ !" ପ୍ରଭୃତି ସ୍ତବବାକ୍ୟମାନ କହି ମୁକ୍ତ ହେଲେ ଓ କଥାବସ୍ତୁର ସମସ୍ତ ଚରିତ୍ରଗୁଡ଼ିକ ପରିଣତି ଲାଭ କଲେ । ଏହା ପରେ ଲେଖକ ପଞ୍ଚମ ଦୃଶ୍ୟଟି ସନ୍ନିବେଶିତ କରି ବିଦୂଷକର ହାସ୍ୟରସ ଉଦ୍ରେକକାରକ ଭଣ୍ଡ ଓ ବ୍ରାହ୍ମଣୀ ସମ୍ବନ୍ଧ କଥାବାର୍ତ୍ତା ବିଷୟରେ ଯେଉଁ ଚିତ୍ର ଦେଇଅଛନ୍ତି ତାହାର କୌଣସି ପ୍ରୟୋଜନ ନାହିଁ ଓ ତାହା ଦ୍ୱାରା ବିୟୋଗାତ୍ମକ ନାଟକର କରୁଣରସ ଦର୍ଶକମାନଙ୍କ ମନରୁ ଅପନୋଦିତ କରାଯିବାର ଚେଷ୍ଟା କରାଯାଇଥିଲେହେଁ ବାସ୍ତବରେ ରସ-ବୈଷମ୍ୟ ଘଟିଅଛି । 'ରତ୍ନମାଳୀ' ନାଟକରେ ଏହିପରି ପଞ୍ଚମ ଅଭିନୟର ତୃତୀୟ ଦୃଶ୍ୟରେ କଥାବସ୍ତୁ ଯଥାଯଥଭାବରେ ପରିଣତିଲାଭ କରିଅଛି । ଏଣୁ ଚତୁର୍ଥ ଓ ପଞ୍ଚମ ଦୃଶ୍ୟମାନଙ୍କରେ ଯେଉଁ ସଙ୍ଗୀତମାନ ଦିଆଯାଇଅଛି, ନାଟକ ସହିତ ତାହାର କୌଣସି ବିଶେଷ ସମ୍ପର୍କ ନାହିଁ ଓ ସେମାନଙ୍କଦ୍ୱାରା ଦର୍ଶକମାନଙ୍କର ଚିତ୍ତବିନୋଦନ କରିବାର ଚେଷ୍ଟା କରାଯାଇଥିଲେହେଁ ସଙ୍ଗୀତର ମୂର୍ଚ୍ଛନାରେ ନାଟକର ରସବସ୍ତୁ ଦର୍ଶକମାନଙ୍କ ମନରୁ ଅପନୋଦିତ ହୋଇଯିବା ସମ୍ଭବ । ନାଟ୍ୟକଳା ଦୃଷ୍ଟିରୁ ଏ ସମସ୍ତ ଦୃଶ୍ୟ ନିତାନ୍ତ ନିରର୍ଥକ ବୋଲି ଅନୁମିତ ହୋଇ ପାରେ । 'ଗୌଡ଼ବିଜିତା'ରେ ସେହିପରି ପଞ୍ଚମ ଅଙ୍କର ସପ୍ତମ ଦୃଶ୍ୟରେ କଥାବସ୍ତୁ ପରିଣତି ଲାଭ କରିଥିବା ସ୍ଥଳେ ମାତ୍ର ଦୁଇଟୋଟି କଥା ସମ୍ବଳିତ ଗୋଟିଏ ଶେଷ ଦୃଶ୍ୟର କୌଣସି ପ୍ରୟୋଜନ ନାହିଁ ଓ ନାଟକର କୌଣସି ସୌଷ୍ଠବ ତାହାଦ୍ୱାରା ସାଧିତ ହୋଇ ନାହିଁ । ଆଧୁନିକ ଅନେକ ନାଟକରେ କଥାବସ୍ତୁର ପରିଣତି ନାଟକ ମଧ୍ୟରେ ସାଧିତ ନ ହୋଇ ତାକୁ ସମସ୍ୟା-ମୂଳକ ରଖାଯାଇଥାଏ ଓ ଦର୍ଶକମାନଙ୍କୁ କଳ୍ପନାବଳରେ ପରିଣତିକୁ

ଅନୁମାନ କରିବାକୁ ପ୍ରରୋଚିତ କରିବା ନିମନ୍ତେ ତାହା ଇଚ୍ଛାପୂର୍ବକ ଅସମାପ୍ତ ରଖାଯାଏ । 'ସାଇକ୍ଲୁଅ' ନାଟକରେ ଶେଷ କଥାଦ୍ୱାରା ନାଟକର ନାମକରଣ ସାର୍ଥକତା ସୂଚିତ ହୋଇଥିଲେହେଁ କଥାବସ୍ତୁଟିର ପରିଣତି ଏହି ନାଟକରେ ଆମ୍ଭେମାନେ ପାଉ ନାହିଁ ଓ 'ତାଜମହଲ୍'ରେ ମଧ୍ୟ ( ୧୫୭ ପୃଷ୍ଠା ) ଶାଜାହାନଙ୍କ 'ହୃଦୟର ବେଦନା ଗଭୀରତମ କନ୍ଦରେ ହେଉଥିବା ବିଳାପଧ୍ୱନି ପରି ଯାହାର କ୍ରନ୍ଦନ ଅଦ୍ୟାପି ଶୁଭୁଛି' ନିର୍ଦ୍ଦେଶରେ ନାଟକଟି ଶେଷ କରି ପରିଶେଷରେ 'ଅନନ୍ତ' ଏହି ଶବ୍ଦଟି ପ୍ରୟୋଗ କରି ନାଟ୍ୟକାର ଦେଖାଇବାର ଚେଷ୍ଟା କରିଅଛନ୍ତି ଯେ, ନାଟକର କଥାବସ୍ତୁର ମୂଳ ବିଷୟଟି ଅନନ୍ତକାଳ ପର୍ଯ୍ୟନ୍ତ ନିଜର ପ୍ରଭାବ ବିସ୍ତାର କରି ରହିବ ଓ ଅନନ୍ତ ପ୍ରେମର ଅନନ୍ତ ପ୍ରଭାବ ବିଶ୍ୱ ମଧ୍ୟରେ ସର୍ବଦା ଜାଗରୂକ ରହିବ । ଅଭିନୟ ସମୟରେ ଏହି ଭାବନାକୁ ରୂପ ଦେବା ଅସମ୍ଭବ ହେଲେହେଁ ନାଟକଟିର ପରିଶେଷ ବାସ୍ତବରେ କଳ୍ପନାକୁ ଉଦ୍‌ବୁଦ୍ଧ କରିବା ପ୍ରକାରେ ଲିଖିତ ଓ ନାଟକଟିର ଶେଷ କଥା କେବଳ ନାଟକର କଥାବସ୍ତୁ ମଧ୍ୟରେ ପର୍ଯ୍ୟବସିତ ନ ଥାଇ ଅନନ୍ତ କାଳସମୁଦ୍ରର ଅନନ୍ତ ଗର୍ଭ ମଧ୍ୟରେ ଦେଖି ଦେବାକୁ ହେବ, ଏହାହିଁ ନାଟ୍ୟକାର ନିର୍ଦ୍ଦେଶ କରୁଅଛନ୍ତି । ଆଧୁନିକ କେତେକ ନାଟକରେ ଏହିପରି କଳ୍ପନାମୂଳକ ଅସମାପ୍ତ ପରିଣତି ଦିଆଯାଉଅଛି ।

କଥାବସ୍ତୁର ବିଭାଗ ବିଷୟରେ ମଧ୍ୟ ବିଭିନ୍ନ ନାଟ୍ୟକାର ବିଭିନ୍ନ ପନ୍ଥା ଅବଲମ୍ବନ କରିଅଛନ୍ତି । ସାଧାରଣତଃ ପୂର୍ଣ୍ଣାଙ୍ଗ ନାଟକମାନଙ୍କୁ ପ୍ରଥମତଃ ବିଭିନ୍ନ ଅଙ୍କରେ ଓ ପ୍ରତ୍ୟେକ ଅଙ୍କକୁ ବିଭିନ୍ନ ଦୃଶ୍ୟରେ ବିଭକ୍ତ କରାଯାଇଥାଏ । ଏହିପରି ବିଭାଗର ଏକମାତ୍ର ଉଦ୍ଦେଶ୍ୟ ନାଟକର କଥାବସ୍ତୁକୁ ଯଥାଯଥଭାବରେ ଦର୍ଶକମାନଙ୍କ ସମକ୍ଷରେ ଉପସ୍ଥାପିତ କରିବା । ନାଟକର କଥାବସ୍ତୁକୁ ପ୍ରଧାନତଃ ପାଞ୍ଚୋଟି ବିଭାଗରେ ବିଭକ୍ତ କରାଯାଇଥାଏ, କାରଣ ଏହାଦ୍ୱାରା କଥାବସ୍ତୁକୁ କ୍ରମଶଃ ଚରମସ୍ଥାନକୁ (crisis) ନେଇ ସେଠାରୁ କ୍ରମେ କ୍ରମେ ପରିଣତି ଦିଗରେ ଚଳାଇ ନିଆଯାଇ ପାରେ ଓ ତୃତୀୟ ଅଙ୍କ ପର୍ଯ୍ୟନ୍ତ ଗୋଟିଏ ପ୍ରକାର ଦ୍ୱନ୍ଦ୍ୱର ପରିଣତି ଦିଆଯାଇ ସେଠାରୁ ପୁଣି ନୂତନ ଦ୍ୱନ୍ଦ୍ୱର ଗତିର ସୂଚନା କରାଯାଇ ପାରେ । 'କାଞ୍ଚନାବେଣୀ'ରେ ଏହିପରି ପାଞ୍ଚଗୋଟି ଅଙ୍କରେ କଥାବସ୍ତୁ ବିଭକ୍ତ ଓ ପ୍ରଥମରୁ ଯୁଦ୍ଧବିଷୟକ ଦ୍ୱନ୍ଦ୍ୱ ଆରମ୍ଭ କରାଯାଇ ତୃତୀୟ ଅଙ୍କଠାରୁ ପଦ୍ମାବତୀଙ୍କ ଭାଗ୍ୟବିଷୟକ ଦ୍ୱନ୍ଦ୍ୱର ସୂଚନା ଦିଆଯାଇଅଛି । ମାତ୍ର ଅନେକ ଓଡ଼ିଆ ନାଟକରେ ଏହି ପଞ୍ଚାଙ୍କ ବିଭାଗ ଅନୁସୃତ ହୋଇ ନାହିଁ ।

'ତାଜମହଲ' ନାଟକରେ ତିନୋଟି ଅଙ୍କ, 'ଶାଇକପୁଅ' ନାଟକରେ ମଧ୍ୟ ତିନୋଟି, 'ମୀର କାଶିମ'ରେ ଚାରୋଟି, 'ସ୍ୱଦୂଲମଣୀ'ରେ ତିନୋଟି; 'ଭାଗ୍ୟବାନ୍'ରେ ତିନୋଟି, 'ମାଷ୍ଟର ବାବୁ'ରେ ତିନୋଟି, 'କୋଣାର୍କ'ରେ ତିନୋଟି, 'ଧ୍ରୁବଚରିତ'ରେ ଚାରୋଟି, 'ବସନ୍ତଲତିକା'ରେ ଚାରୋଟି; 'ଇରାଣରେ' ତିନୋଟି ଅଙ୍କରେ ନାଟକୀୟ କଥାବସ୍ତୁକୁ ବିଭକ୍ତ କରାଯାଇଅଛି । ମାତ୍ର ସୁଭଦ୍ରାର୍ଜୁନ, ରତ୍ନମାଳୀ, ସେଓଁକ, ଗୋବର୍ଦ୍ଧନ-ଗଦାଧର, ସମାରଚନ୍ଦ୍ର ଓଡ଼ିଆ ଝିଅ, ଅଭିରାମ ସିଂହ, ପ୍ରତାପଚନ୍ଦ୍ର, ପ୍ରିୟଦର୍ଶୀ; ସତ୍ୟବିଜୟ, ଉତ୍କଳଗୌରବ, ସାବିତ୍ରୀ, ପୁରୁଷୋତ୍ତମ ଦେବ, ସୁଭଦ୍ରାର୍ଜୁନ, ସୁଶୀଳା, କାର୍ତ୍ତିବୀର୍ଯ୍ୟ, ଗୌଡ଼ବିଜେତା, କେଶରୀଗଙ୍ଗ ପ୍ରଭୃତି ଅଧିକାଂଶ ନାଟକମାନଙ୍କରେ କଥାବସ୍ତୁକୁ ପାଞ୍ଚୋଟି ବିଭିନ୍ନ ଅଙ୍କରେ ବିଭକ୍ତ କରାଯାଇଅଛି । ଓଡ଼ିଆ ନାଟକମାନଙ୍କୁ ଆଲୋଚନା କଲେ କଥାବସ୍ତୁକୁ ଅଙ୍କ ମଧ୍ୟରେ ବିଭକ୍ତ କରିବା ବିଷୟରେ କୌଣସି ନୀତି ଆମ୍ଭେମାନେ ଦେଖୁ ନାହୁଁ । ନାଟ୍ୟକାରମାନେ ନିଜର ଇଚ୍ଛାନୁଯାୟୀ ନାନା ଅଙ୍କ ଓ ଦୃଶ୍ୟରେ କଥାବସ୍ତୁକୁ ବିଭକ୍ତ କରିଅଛନ୍ତି, କାରଣ ଅନେକ ନାଟକରେ ପଞ୍ଚାଙ୍କ ବିଭାଗ ଅନୁସୃତ ହୋଇଥିଲେହେଁ ତୃତୀୟ ଅଙ୍କରେ ନାଟକର ଗର୍ଭ ସନ୍ନିବେଶିତ କରି ସେଠାରୁ କଥାବସ୍ତୁକୁ ପରିଣତି ଦିଗରେ ଅଗ୍ରସର କରାଇ ନେବାର କୌଣସି ଚେଷ୍ଟା ଦେଖାଯାଏ ନାହିଁ । 'କାର୍ତ୍ତିବୀର୍ଯ୍ୟ', 'ଗୌଡ଼ବିଜେତା' ପ୍ରଭୃତି ନାଟକ ଏହାର ଉଦାହରଣସ୍ଥଳ । ମୂଳତଃ ଦେଖିବାକୁ ଗଲେ ପ୍ରତ୍ୟେକ ନାଟକର କଥାବସ୍ତୁ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ କଥାର ମଧ୍ୟସ୍ଥଳରେ ସର୍ବୋଚ୍ଚ ସ୍ଥାନରେ ପହଞ୍ଚାଇ ଦେଇ ସେହି ସ୍ଥାନରୁ ଅନ୍ୟ ନିମ୍ନତର ଦ୍ୱନ୍ଦ୍ୱ ଦେଇ ପରିଣତିରେ ପହଞ୍ଚାଇ ଦେବା ଏତଦର୍ଥେ ଓ ସେତେଗୁଡ଼ିଏ ଦୃଶ୍ୟରେ ଅଙ୍କର କଥାବସ୍ତୁ ପରିସ୍ଫୁଟଭାବରେ ଉପସ୍ଥାପିତ ହୋଇ ପାରେ, ଅଙ୍କକୁ ସେତିକି ଦୃଶ୍ୟରେ ବିଭକ୍ତ କରିବା ମଧ୍ୟ ପ୍ରୟୋଜନ । ଏହି ବିଷୟରେ ବର୍ତ୍ତମାନ ମଧ୍ୟ 'କାଞ୍ଚିକାବେରୀ' ଓଡ଼ିଆ ନାଟକମାନଙ୍କ ମଧ୍ୟରେ ଆଦର୍ଶ-ସ୍ଥଳ ଓ ସେଥିରେ ଯେପରି ଭାବରେ ଅଙ୍କ ଓ ଦୃଶ୍ୟମାନଙ୍କୁ ସନ୍ନିବେଶିତ କରାଯାଇଅଛି, ନାଟ୍ୟକଳା ଅନୁସାରେ ବିଚାର କଲେ ତାହାହିଁ ସୁନ୍ଦର ବୋଧ ହେବ । 'ଗୌଡ଼ବିଜେତା' ଓ 'ପୁରୁଷୋତ୍ତମ ଦେବ' ନାଟକମାନଙ୍କରେ ପାଞ୍ଚୋଟି ଅଙ୍କ ଥିଲେହେଁ ସେଥିରେ ଦୃଶ୍ୟସଂଖ୍ୟା ଅତ୍ୟଧିକ; ପୁଣି 'ତାଜମହଲ', 'କୋଣାର୍କ' ପ୍ରଭୃତି ନାଟକରେ ଗୋଟିଏ ଗୋଟିଏ ଦୃଶ୍ୟ ଦଂଶଙ୍କ ପତ୍ରବ୍ୟାପୀ ହୋଇଥିବାରୁ ଅଭିନୟ ସମୟରେ ଗୋଟିଏ ଅଙ୍କର

ଅଭିନୟ ଅବସ୍ଥାନରେ ଏକ ଘଣ୍ଟା ପର୍ଯ୍ୟନ୍ତ ଚାଲି ପାରେ ଓ ଏପରି ଅଭିନୟ କଦାପି ପ୍ରୀତିକର ହୋଇ ନ ପାରେ । ସାଧାରଣତଃ ଗୋଟିଏ ଦୃଶ୍ୟ ୫।୧୦ ମିନିଟ କାଳ ସ୍ଥାୟୀ ହେଲେ ଓ ସର୍ବମୋଟ ୧୦।୧୫ ଗୋଟି ଦୃଶ୍ୟ ନାଟକରେ ରହିଲେ ଯଥେଷ୍ଟ । ଦୃଶ୍ୟମାନଙ୍କର ଅତି ଘନଘନ ପରିବର୍ତ୍ତନ ଯେପରି ଅବାଞ୍ଛନୀୟ, ଗୋଟିଏ ଦୃଶ୍ୟକୁ ଅନେକକ୍ଷଣ ପର୍ଯ୍ୟନ୍ତ ଅପରିବର୍ତ୍ତିତ-ଭାବରେ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲେ ତାହା ମଧ୍ୟ ଚିତ୍ତାକର୍ଷକ ହୋଇ ନ ପାରେ ।

କଥାବସ୍ତୁକୁ ଅଙ୍କ ଓ ଦୃଶ୍ୟରେ ବିଭକ୍ତ କରିବାର ଗୋଟିଏ ଉଦ୍ଦେଶ୍ୟ ଯବନିକାପାତଦ୍ୱାରା ଦର୍ଶକମାନଙ୍କ ମନରେ ଭ୍ରମ ଜାତ କରି ବାସ୍ତବକାଳ ଓ ଅଭିନୟକାଳ ମଧ୍ୟରେ ସମତା ଆଣିବା । ଗୋଟିଏ ଅଙ୍କକୁ ଭିନ୍ନ ଭିନ୍ନ ଦୃଶ୍ୟରେ ବିଭକ୍ତ କରିବାର ଗୋଟିଏ ଉଦ୍ଦେଶ୍ୟ ବିଭିନ୍ନ ସ୍ଥାନରେ ଏକ ସମୟରେ ଯେଉଁ ପରସ୍ପରସମ୍ପୃକ୍ତ ଘଟଣାମାନ ଘଟୁଅଛି, ସେମାନଙ୍କର ଏକତ୍ର ବା କାଳଗତ ସାମାନ୍ୟ ବ୍ୟବଧାନ ବିଷୟରେ ଦର୍ଶକମାନଙ୍କ ମନରେ ଭ୍ରମ ଜାତ କରିବା । ଏହି କାରଣରୁ ଗୋଟିଏ ଅଙ୍କର ଦୁଇଟି ଦୃଶ୍ୟ ମଧ୍ୟରେ ବହୁକାଳର ବ୍ୟବଧାନ ରହିବା ଅସଙ୍ଗତ । ପୁଣି ଏକ କାଳ ଓ ସ୍ଥାନରେ ଘଟୁଥିବା ବିଷୟବସ୍ତୁକୁ ବିଭିନ୍ନ ଅଙ୍କରେ ବିଭକ୍ତ କରିବା ମଧ୍ୟ ଅସମୀଚୀନ । 'ସାବିତ୍ରୀ' ନାଟକରେ ପ୍ରଥମ ଅଙ୍କ ଓ ଦ୍ୱିତୀୟ ଅଙ୍କ ମଧ୍ୟରେ ବ୍ୟବଧାନ ପ୍ରାୟ ୧୭ ବର୍ଷ । ଏହି ଦୁଇ ଗୋଟି ଅଙ୍କକୁ ଏକତ୍ର କରି ଦେଇଥିଲେ ସମ୍ଭବତଃ ଏହି ବ୍ୟବଧାନ ସୂଚିତ ହୋଇ ପାରି ନ ଥାନ୍ତା । କିନ୍ତୁ ପ୍ରଥମ ଅଙ୍କର ତୃତୀୟ ଦୃଶ୍ୟ ଓ ଚତୁର୍ଥ ଦୃଶ୍ୟ ମଧ୍ୟରେ ବ୍ୟବଧାନ ପ୍ରାୟ ଏକ ବର୍ଷ ଓ ଏହି ବ୍ୟବଧାନ ମଧ୍ୟ ଗୋଟିଏ ପୃଥକ୍ ଅଙ୍କଦ୍ୱାରା ସୂଚିତ ହୋଇଥିଲେ ସୁସଙ୍ଗତ ହୋଇଥାନ୍ତା । ଦର୍ଶକମାନେ ଭାବେ ଏହି ବ୍ୟବଧାନକୁ ଅସଙ୍ଗତ ମନେ କରିବେ, ସେହି କାରଣରୁ ଚତୁର ନାଟ୍ୟକାର ସେମାନଙ୍କ ମନରେ କାଳଗତ ବ୍ୟବଧାନ ବିଷୟକ ଭ୍ରମ ଜାତ କରିବା ନିମନ୍ତେ ତୃତୀୟ ଦୃଶ୍ୟରେ ଅନ୍ୟ ସ୍ଥାନରେ ଘଟୁଥିବା ଗୋଟିଏ ଘଟଣାର ଚିତ୍ର ଦେଇଅଛନ୍ତି ଓ ତାହାଦ୍ୱାରା ଦର୍ଶକମାନଙ୍କ ମନରେ ଦ୍ୱିତୀୟ ଦୃଶ୍ୟଦ୍ୱାରା ଯେଉଁ ରେଖାପାତ ହୋଇଥିଲା, ତାହା ନଷ୍ଟ ହୋଇ ଚତୁର୍ଥ ଦୃଶ୍ୟର କାଳଗତ ବ୍ୟବଧାନ ସ୍ୱୀକାର କରିନେବା ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରୁଅଛି ଅର୍ଥାତ୍ ତୃତୀୟ ଦୃଶ୍ୟଟି ବାସ୍ତବରେ ଗୋଟିଏ ଯବନିକାର କାର୍ଯ୍ୟ କରି ଦୁଇ ଦୃଶ୍ୟ ମଧ୍ୟରେ କାଳଗତ ବ୍ୟବଧାନକୁ

ଅଭିନୟ ସମୟରେ ଅବାସ୍ତବ କରୁ ନାହିଁ । ଦ୍ୱିତୀୟ ଅଙ୍କଠାରୁ ଶେଷ ଅଙ୍କ ପର୍ଯ୍ୟନ୍ତ କେବଳ ଏକ ବର୍ଷର ବ୍ୟବଧାନ ଥିବାରୁ ଅନ୍ୟ ଦୃଶ୍ୟଗୁଡ଼ିକ ଦେବାରେ ନାଟ୍ୟକାରଙ୍କୁ କୌଣସି ଅସୁବିଧା ଭୋଗ କରିବାକୁ ହୋଇ ନାହିଁ । 'ଯୁଗଧର୍ମ'ରେ ପ୍ରଥମ ଅଭିନୟଠାରୁ ଚତୁର୍ଥ ଅଭିନୟ ପର୍ଯ୍ୟନ୍ତ ସମସ୍ତ ବ୍ୟାପାର ୨୧ ଦିନ ମଧ୍ୟରେ ଘଟିବାର ଅନୁମାନ କରାଯାଇ ପାରେ । ପ୍ରଥମ ଅଭିନୟଟି ଯେଉଁ ଦିନ ଦ୍ୱିପ୍ରହର ସମୟରେ ଘଟିଲା, ଦ୍ୱିତୀୟ ଅଭିନୟଟି ସେହି ଦିନ ସନ୍ଧ୍ୟାରେ ଘଟିଅଛି, ତୃତୀୟ ଅଭିନୟ ତାହାର ପ୍ରାୟ ୪।୬ ଦିନ ପରେ ଓ ଚତୁର୍ଥ ଅଭିନୟ ତୃତୀୟ ଅଭିନୟର ୧୫ ଦିନ ପରେ ଘଟିଥିବାର ଅନୁମାନ କଲେ ଅପଥା ହେବ ନାହିଁ । ଚତୁର୍ଥ ଓ ପଞ୍ଚମ ଅଭିନୟ ମଧ୍ୟରେ ପ୍ରାୟ ଛଅ ମାସର ବ୍ୟବଧାନ କଳ୍ପିତ ହୋଇ ପାରେ । ନାଟକଟିର ନାନା ସ୍ଥାନରେ ନାଟ୍ୟକାର ସେପରି କାଳ ବ୍ୟବଧାନନିର୍ଦ୍ଦେଶକ ବାକ୍ୟମାନ କୌଶଳରେ ପ୍ରୟୋଗ କରି ଦର୍ଶକମାନଙ୍କ ମନରେ କାଳବିଷୟକ ସ୍ପଷ୍ଟ ଧାରଣା ଜାତ କରୁଅଛନ୍ତି, ଅନ୍ୟ ନାଟକମାନଙ୍କରେ ତାହା ପ୍ରାୟ ଦେଖାଯାଏ ନାହିଁ । ପ୍ରଥମ ଅଭିନୟରେ (ଗ୍ରନ୍ଥାବଳୀ ୫୮୨ ପୃଷ୍ଠା) ରାଣୀ କହୁଛି 'ଆଜି ଅକ୍ଷୟ ତୃତୀୟା', ବଧୂମାତା ମଧ୍ୟ କହୁଛି (୫୮୩ ପୃଷ୍ଠା) "'ଆଜି ଅକ୍ଷୟ ତୃତୀୟା', ଆଜି ଚନ୍ଦନଯାତ୍ରା ଆରମ୍ଭ ହେବ", ନନ୍ଦାନନ୍ଦ ଅନ୍ୟ ସ୍ଥାନରେ କହୁଛି (୫୮୮ ପୃଷ୍ଠା) "ଆଜି ଅକ୍ଷୟ ତୃତୀୟାଟା ମୋର ଖସୁ ପାଇଁ ହୋଇଥିଲା" । ଦ୍ୱିତୀୟ ଅଭିନୟ ସେହି ଦିନ ସନ୍ଧ୍ୟାର ଘଟଣା । ବଧୂମାତା କହୁଅଛି (୬୦୬ ପୃଷ୍ଠା) "ସେ ରୂପ ଦେଖିବାକୁ ଆସିଥିଲା, ମୁଁ ତାକୁ ରୂପ ଦେଖାଇ ବଡ଼ ଦେଉଳରେ ଘୁରାଇ ଏଠାକୁ ଠାକୁର ଦର୍ଶନ କରିବାପାଇଁ ନେଇ ଆସିଲି ।" ତୃତୀୟ ଅଭିନୟରେ ମଧ୍ୟ କାଳର ନିର୍ଦ୍ଦେଶ ଏହିପରି ସ୍ପଷ୍ଟଭାବରେ ଦିଆଯାଇଅଛି ଓ ବଧୂମାତା କହୁଅଛି (୬୧୮ ପୃଷ୍ଠା) "କାଲି ପରନ୍ତି ସୋମବାରରେ ରାଣୀ ଆଉ ସେ ଲୋକନାଥଙ୍କ ଦର୍ଶନକୁ ଆସିବେ ।" ଚତୁର୍ଥ ଅଭିନୟର ପ୍ରଥମରେ (୬୨୫ ପୃଷ୍ଠା) ଯଶୋଦା କହୁଛି, "ଆଜି କହୁଁ କହୁଁ ପନ୍ଦର ଦିନରୁ ଅଧିକ ହୋଇଗଲା, ମାମୁଘରକୁ ଗଲି । ପରନ୍ତି ସୋମବାର ଦିନ ଖାଲି ଏତିକି ଆସିଥିଲି ସେ ଜୁହାରି କରିଥିଲି କହି ଟିକିଏ କଥା ଗାଡ଼ିରେ ଦେଲି ନାହିଁ ।" ଅନ୍ୟ ସ୍ଥାନରେ ବଧୂମାତା କହୁଛି, (୬୨୯ ପୃଷ୍ଠା) "ଆଜି ଭଉଁରୀ ଘରୁ ଭିଡ଼ ହୋଇଛି" ଇତ୍ୟାଦି । କାଳବାଚକ ଉକ୍ତିମାନ ଏହିପରି ସ୍ପଷ୍ଟଭାବରେ ଦିଆଯାଇଅଛି; କିନ୍ତୁ ଚତୁର୍ଥ ଓ ପଞ୍ଚମ ଅଙ୍କ ମଧ୍ୟରେ ଅନ୍ତତଃ ବର୍ଷେ ବା ମାସ

ବ୍ୟବଧାନ କଳ୍ପିତ ହୋଇଥିବାରୁ ଦର୍ଶକମାନଙ୍କୁ ଏହି ବ୍ୟବଧାନ ସୂଚାଇ ଦେବା ଉଦ୍ଦେଶ୍ୟରେ ଏକ ପ୍ରକାରର ଯବନିକାପାତ ହୋଇଅଛି ଓ ସେମାନଙ୍କ ମନରେ ଏହି ବ୍ୟବଧାନର ପ୍ରଭାବକୁ କ୍ଷୀଣ କରିବା ଉଦ୍ଦେଶ୍ୟରେ "ଏ କେଇଟା ଦିନ" (୬୩୯ ପୃଷ୍ଠା) "ଏହି ସେଉଟା ଦିନ" (୬୪୫ ପୃଷ୍ଠା) ଏପରି ଅସ୍ପଷ୍ଟ କାଳନିର୍ଦ୍ଦେଶକ ବାକ୍ୟମାନ ଦିଆଯାଇଅଛି ଓ ଅନ୍ୟାନ୍ୟ ଅଭିନୟରେ କାଳ ବିଷୟରେ ସ୍ପଷ୍ଟ ଇଙ୍ଗିତ ଦିଆଯାଇ ଏଠାରେ ଇଚ୍ଛାପୂର୍ବକ ଇଙ୍ଗିତକୁ ଅସ୍ପଷ୍ଟ କରି ଦିଆଯାଇଅଛି । 'ସ୍ୱପ୍ନରମଣୀ' ନାଟକରେ ପ୍ରଥମ ଓ ଦ୍ୱିତୀୟ ଦୃଶ୍ୟ ମଧ୍ୟରେ ଏକ ମାସର ବ୍ୟବଧାନ କଳ୍ପିତ ହୋଇଅଛି । (୧୭ ପୃଷ୍ଠା, "ମାସକ ତଳ କଥା ସ୍ମରଣ କର") । ଦ୍ୱିତୀୟ ଓ ତୃତୀୟ ଦୃଶ୍ୟ ଏକା ଦିନରେ ଏକ ସମୟରେ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଅଛି । ଚତୁର୍ଥ ଦୃଶ୍ୟ ସେହି ଦିନ ମଧ୍ୟାହ୍ନର ଘଟଣା, ପଞ୍ଚମ ଦୃଶ୍ୟ ସେହି ଦିନର ପରବର୍ତ୍ତୀ ମୁହୂର୍ତ୍ତରେ ଘଟିଥିବା ସମ୍ଭବ ଓ ଏହି ଦୃଶ୍ୟରେ ପ୍ରଥମ ଅଙ୍କ ସମାପ୍ତ ହୋଇଅଛି । ଦ୍ୱିତୀୟ ଅଙ୍କ ତାହାର ପ୍ରାୟ ଏକ ମାସ ପରର ଘଟଣା, ଅର୍ଥାତ୍ ପ୍ରଥମ ଓ ଦ୍ୱିତୀୟ ଦୃଶ୍ୟ ମଧ୍ୟରେ ଯେଉଁ ବ୍ୟବଧାନ, ପ୍ରଥମ ଅଙ୍କ ଓ ଦ୍ୱିତୀୟ ଅଙ୍କ ମଧ୍ୟରେ ସେହି ବ୍ୟବଧାନ ଦେଖାଯାଉଅଛି । କିନ୍ତୁ ବାସ୍ତବରେ ନାଟକର କଥାବସ୍ତୁକୁ ଅଙ୍କ ଓ ଦୃଶ୍ୟରେ ବିଭକ୍ତ କରିବା ସମୟରେ ନାଟ୍ୟକାରମାନେ କୌଣସି ବିଶେଷ ସୂତ୍ର ବା ନିୟମ ଅନୁସରଣ କରି ନାହାନ୍ତି, ନିଜ ନିଜ ଇଚ୍ଛାନୁସାରେ ଓ ଅଭିନୟକାଳୀନ ସୁବିଧା ପ୍ରତି ମାତ୍ର ଲକ୍ଷ୍ୟ ରଖି କଥାବସ୍ତୁକୁ ବିଭକ୍ତ କରିଅଛନ୍ତି ଓ ଦର୍ଶକମାନେ ନାଟକ ଅଭିନୟ ସମୟରେ କେବଳ ଆନନ୍ଦ ପାଇବା ନିମନ୍ତେ ଉଦ୍‌ଗ୍ରୀବ ଥିବାରୁ ଓ ନୃତ୍ୟଗୀତାଦି ଦ୍ୱାରା ସେମାନଙ୍କର ସନ୍ତୋଷବିଧାନ କରିବାର ବ୍ୟବସ୍ଥା ଥିବାରୁ ଦୃଶ୍ୟମାନଙ୍କ ମଧ୍ୟରେ କାଳର ବ୍ୟବଧାନଗତ ଅସଙ୍ଗତି ସେମାନଙ୍କଠାରେ ଦୂଷଣୀୟ ବୋଧ ହୁଏ ନାହିଁ ।

ନାଟକର କଥାବସ୍ତୁକୁ ବିଭିନ୍ନ ଅଙ୍କ ଓ ଦୃଶ୍ୟମାନଙ୍କରେ ବିଭକ୍ତ କରିବା ସମୟରେ ସେମାନଙ୍କ ମଧ୍ୟରେ ସମତା ରଖି କଥାବସ୍ତୁର ଯଥାଯଥ ବିସ୍ତାର ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରି ସେମାନଙ୍କୁ କଥାବସ୍ତୁର ମର୍ମ ଗ୍ରହଣରେ ସାହାଯ୍ୟ କରିବା ନାଟ୍ୟକାରର ଉଦ୍ଦେଶ୍ୟ । ନାଟକ ମଧ୍ୟରେ କରୁଣ ବା ବୀରରସ ପ୍ରଭୃତିର ଚିତ୍ର ଥାଇ ପାରେ ଓ ସେହି ଚିତ୍ରଗୁଡ଼ିକ ଦର୍ଶକମାନଙ୍କର ଯୁଗପତ୍ ଭୟ, କ୍ରୋଧ, ବିସ୍ମୟ, ଘୃଣା

ପ୍ରଭୃତି ନାନା ବିପ୍ଳବ ଜାତ କରି ପାରେ, ମାତ୍ର ଜୀବନର ଯଥାଯଥ ଚିତ୍ର ପ୍ରଦାନ କରିବା ନାଟ୍ୟକାରର ଉଦ୍ଦେଶ୍ୟ ହେଲେହେଁ ଏହି ବିଷୟବସ୍ତୁଦ୍ୱାରା ଦର୍ଶକମନକୁ ବିସ୍ମିତ କରି ତାହା ମନରେ ଆନନ୍ଦରସର ସଞ୍ଚାର କରିବା ନିମନ୍ତେ ନାଟ୍ୟକାର ପ୍ରଯତ୍ନ କରେ । ଏଣୁ ଅତ୍ୟନ୍ତ ଉତ୍ତେଜକ ବିଭୀଷିକାମୟ ଦୃଶ୍ୟ ପରେ ଅଥବା ଗୁରୁରସର ଠିକ୍ ପରେ ନାଟ୍ୟକାର ସାଧାରଣତଃ ହାସ୍ୟରସର ଅବତାରଣା କରି ରସସାମ୍ୟ ସୃଷ୍ଟି କରିଥାନ୍ତି ଓ ଅଧିକାଂଶ ନାଟକରେ ହାସ୍ୟ ଓ କରୁଣ ରସର ଏକତ୍ର ସମାବେଶ ଦେଖାଯାଇଥାଏ । 'କଳକାଳ' ନାଟକ ପ୍ରଧାନତଃ ହାସ୍ୟରସ ଉପରେ ପ୍ରତିଷ୍ଠିତ, ହୋଇଲେହେଁ ଶେଷ ଦୃଶ୍ୟରେ ଗୋଟିଏ ଅତି କରୁଣ ଦୃଶ୍ୟ ଦିଆଯାଇଅଛି ଓ ଏହାଦ୍ୱାରା ଦର୍ଶକମାନଙ୍କ ମନରେ 'କୃଷ୍ଣଚରଣ' ପ୍ରତି ସହାନୁଭୂତି ଜାଗ୍ରତ କରିବାର ଚେଷ୍ଟା କରାଯାଇଅଛି; ମାତ୍ର 'ବୃନ୍ଦାବନ' ନାଟକରେ ଶେଷ ଦୃଶ୍ୟରେ କରୁଣ ରସ ଦର୍ଶକମାନଙ୍କ ମନରେ ହାସ୍ୟରସକୁ ଦୂରୀଭୂତ କରିବା ନିମନ୍ତେ ଦିଆଯାଇଅଛି । 'କାର୍ତ୍ତବୀର୍ଯ୍ୟ' ନାଟକର ଦ୍ୱିତୀୟ ଅଙ୍କ, ଚତୁର୍ଥ ଦୃଶ୍ୟରେ ପରଶୁରାମ ମାତୃହତ୍ୟାଜନିତ ଶୋକରେ କାତର; ତାଙ୍କର ମନ ଏହି ଶୋକରେ ଉଦ୍‌ବେଳିତ, ସେ ମୃତ୍ୟୁ ସକାଶେ ଲାଳାୟିତ । ଦର୍ଶକମାନେ ମଧ୍ୟ ତାହାଙ୍କ କାର୍ଯ୍ୟରେ କ୍ଷୁବ୍ଧ, ସନ୍ତପ୍ତ; ଠିକ୍ ଏହି ଦୃଶ୍ୟ ପରେ ଅବନ୍ତୀ ରାଜମାର୍ଗରେ ବିଦୂଷକର ପ୍ରବେଶ ଓ ନାନା ଅଙ୍ଗଭଙ୍ଗୀ ଓ ବାକ୍ୟଭଙ୍ଗୀର ବ୍ୟବହାର କେବଳ ନାଟକସ୍ଥ ବାୟୁମଣ୍ଡଳକୁ ଲଘୁ କରିବା ନିମନ୍ତେ କଳ୍ପିତ ହୋଇଅଛି । ଏହିପରି ଯମଦଗ୍ନିଙ୍କ ମୃତ୍ୟୁପରେ ସେତେବେଳେ ପରଶୁରାମ ପ୍ରତିହିଂସା ଚିନ୍ତାରେ ଉତ୍ତେଜିତ, ପୃଥିବୀକୁ ନିଃକ୍ଷତ୍ରିୟ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ, ଠିକ୍ ତହିଁର ପର ଦୃଶ୍ୟରେ ବିଦୂଷକ ସେବକମାନଙ୍କ ସହିତ ହାସ୍ୟ ପରିହାସରେ ବ୍ୟସ୍ତ । ପୁଣି ପରଶୁରାମ ଯେତେବେଳେ ତଜସ୍ୱ ହସ୍ତରେ ପରାଜିତ ହୋଇ ନିତାନ୍ତ କ୍ଷୁବ୍ଧ ଓ ମର୍ମାହତ, ରାଣୀ ତାଙ୍କୁ ପ୍ରତିହିଂସା ନେବା ନିମନ୍ତେ ନାନା ପ୍ରକାରରେ ଉତ୍ତେଜିତ କରୁଅଛନ୍ତି ଠିକ୍ ତାହା ପରେ ଚରଦ୍ୱୟ ପ୍ରବେଶ କରି ନାନାପ୍ରକାର ହାସ୍ୟଜନକ କଥାମାନ ଉଚ୍ଚାରଣ କରୁଅଛନ୍ତି ଓ ଦୃଶ୍ୟମାନଙ୍କର ଏହିପରି ବିନ୍ୟାସଦ୍ୱାରା ନାଟକ ମଧ୍ୟରେ ରସସାମ୍ୟ ସୃଷ୍ଟିର ରଖିବାର ପ୍ରୟାସ କରାଯାଇଅଛି । ଅବଶ୍ୟ 'ମୀରକାଶିମ' ପ୍ରଭୃତି ନାଟକରେ ଆଦୌ ହାସ୍ୟରସର ଅବତାରଣା କରାଯାଇ ନାହିଁ ଓ କୋଣାର୍କ ପ୍ରଭୃତି ଅନ୍ୟ କେତେକ ନାଟକରେ ଅତି ସାମାନ୍ୟ ହାସ୍ୟରସର ଆଭାସ ଦିଆଯାଇଅଛି ମାତ୍ର ସାଧାରଣତଃ ଅତ୍ୟନ୍ତ

ଉତ୍ତେଜନାମୟ ଆବେଗପୂର୍ଣ୍ଣ ଦୃଶ୍ୟ ପରେ ହାସ୍ୟରସର ଅବତାରଣା ଓଡ଼ିଆ ନାଟକମାନଙ୍କରେ ପ୍ରାୟ ଦେଖାଯାଇଥାଏ ଓ ଏହାହିଁ ନାଟ୍ୟକଳା-ସମ୍ମତ ନାଟକୀୟ ଗତି। ସାଧାରଣତଃ ନାଟକର କଥାବସ୍ତୁ ସହିତ ଏହି ହାସ୍ୟରସମୟ ଦୃଶ୍ୟର ବିଶେଷ ସମ୍ପର୍କ ନ ଥିଲେହେଁ ନାଟକର କଥାବସ୍ତୁ ରଚନା କରିବା ସମୟରେ ନାଟ୍ୟକାରଙ୍କୁ ଏ ଦିଗ ପ୍ରତି ମଧ୍ୟ ଅବହିତ ହେବାକୁ ପଡ଼େ।

କେତେକ ନାଟକରେ କଥାବସ୍ତୁର ଅବାସ୍ତବତା ଓ ଅସ୍ୱାଭାବିକତା ପ୍ରତି ନାଟ୍ୟକାର ଅବହିତ ହୋଇ ନାହାନ୍ତି ଓ ଅଭିନୟ ସମୟରେ ଏହି ଦୋଷ ସ୍ପଷ୍ଟ ଜଣାପଡ଼େ। 'କାଞ୍ଚିକାବେରୀ' ନାଟକରେ (୩୫ ପୃଷ୍ଠା) ମହେନ୍ଦ୍ର ନଗରୀ ଛାଡ଼ିଯିବା ସମୟରେ ପଦ୍ମା ପୁରୁଷଙ୍କର ବେଶ ବିଷୟରେ ଅଜ୍ଞତା ଅସ୍ୱାଭାବିକ ଓ 'ଉତ୍କଳ ଗୌରବ' ନାଟକରେ (୪ ପୃଷ୍ଠା) ମୁକୁନ୍ଦ ଅଶ୍ୱ ତ୍ୟାଗ କରି କିଛିକ୍ଷଣ ପରେ ପୁନଶ୍ଚ ଅଶ୍ୱ ବାହାର କରିବା ମଧ୍ୟ ଅଭିନୟ ସମୟରେ ଅସମୀଚୀନ ବୋଧ ହୁଏ। 'ରାମାଭିଷେକ' ନାଟକରେ (ଗ୍ରନ୍ଥାବଳୀ ୧୦୩୧ ପୃଷ୍ଠା) ରାବଣର ମୁଣ୍ଡ କଟିଯାଇ ତଳେ ପଡ଼ିବା ଓ ପୁନଶ୍ଚ କଟାମୁଣ୍ଡ ସ୍ଥଳେ ଅନ୍ୟ ମୁଣ୍ଡ ଜାତ ହେବା ଦୃଶ୍ୟ ମଧ୍ୟ ପୌରାଣିକ ହେଲେହେଁ ଯଥାଯଥ ଭାବରେ ଅଭିନୟ କରିବା କଷ୍ଟକର ଓ 'କାଞ୍ଚିକାବେରୀ' ନାଟକରେ (୧୮ ପୃଷ୍ଠା) ମହେନ୍ଦ୍ର ରାଣୀଙ୍କର ପତନ ପରେ ପୁନଶ୍ଚ କଥୋପକଥନ କରିବା ଓ ବୀରରସରେ ବକ୍ତୃତା କରିବା ମଧ୍ୟ ଅଭିନୟ ସମୟରେ ବିସଦୃଶ ବୋଧ ହୁଏ।

ନାଟକର କଥାବସ୍ତୁକୁ ଆଲୋଚନା କଲେ ଆମ୍ଭେମାନେ ଏହିପରି ନାନା ତଥ୍ୟର ସନ୍ଧାନ ପାଉଁ ଓ କଥାବସ୍ତୁର ଯଥାଯଥ ବିନ୍ୟାସ ମଧ୍ୟରେ ନାନା ନାଟ୍ୟକୌଶଳର ପରିଚୟ ମଧ୍ୟ ପ୍ରାପ୍ତ ହେଉଁ। ନାଟକ ରଚନା ସମୟରେ ନାଟ୍ୟକାରମାନେ ନାନା ବିଷୟଦ୍ୱାରା ପ୍ରଭାବିତ ହୋଇ କଥାବସ୍ତୁକୁ ନାନା ଭାବରେ ସଜ୍ଜିତ କରିଥାନ୍ତି। କିନ୍ତୁ ବାସ୍ତବତାହିଁ ନାଟକର ପ୍ରାଣ, ଏଣୁ କଥାବସ୍ତୁକୁ ବାସ୍ତବ କରିବା ଦିଗରେ ଓ ଅଭିନୟ ସମୟରେ ଦର୍ଶକମାନଙ୍କର ଚିତ୍ତାକର୍ଷକ କରିବା ଦିଗରେ ନାଟ୍ୟକାର ସର୍ବଦା ଅବହିତ ରହନ୍ତି। ଓଡ଼ିଆ ନାଟକମାନଙ୍କରେ ଏହି ପ୍ରୟାସର ଭୂରି ଭୂରି ଉଦାହରଣ ଆମ୍ଭେମାନେ ପାଇଥାଉଁ।

## (୨) ନାଟକୀୟ ଚରିତ୍ର ଓ ଅନ୍ତର୍ଦ୍ୱନ୍ଦ୍ୱ।

ନାଟକରଚନାର ଉଦ୍ଦେଶ୍ୟ ଅଭିନୟଦ୍ୱାରା ବାସ୍ତବ ଜୀବନକୁ ରଙ୍ଗମଞ୍ଚରେ ପ୍ରତିଫଳିତ କରି ଲୋକମାନଙ୍କୁ ଆନନ୍ଦଦାନ କରିବା ଓ ନାଟ୍ୟୀୟ ଗତିରେ କଥାବସ୍ତୁକୁ ଉପସ୍ଥାପିତ କରିବାର ଅର୍ଥ ହେଉଛି ନାଟକୀୟ ଚରିତ୍ରମାନଙ୍କର କାର୍ଯ୍ୟାବଳୀ ବା କଥୋପକଥନଦ୍ୱାରା ବିଷୟବସ୍ତୁର ଯଥାଯଥ ବିନ୍ୟାସ କରିବା। ନାଟ୍ୟକାର ନିଜେ କିଛି ବର୍ଣ୍ଣନା କରନ୍ତି ନାହିଁ, ନିଜେ ସର୍ବଦା ଯବନିକାର ଅନ୍ତରାଳରେ ରହିଥାନ୍ତି, ଯାହା ବର୍ଣ୍ଣିତ ହୁଏ ତାହା କେବଳ ଜଣେ ବିଶେଷଚରିତ୍ର ନିଜ ଚରିତ୍ରାନୁଯାୟୀ କଥାବାର୍ତ୍ତା ବା କାର୍ଯ୍ୟକଳାପଦ୍ୱାରା ପ୍ରକାଶିତ କରେ ଏବଂ ନାଟ୍ୟକାର ଚରିତ୍ରମାନଙ୍କୁ ସୃଷ୍ଟି କରିଥିଲେହେଁ ସୃଷ୍ଟି ପରେ ଚରିତ୍ରମାନେ ନିଜର ଚରିତ୍ର ଅନୁଯାୟୀ କାର୍ଯ୍ୟମାନ କରନ୍ତି, ପାରିପାର୍ଶ୍ୱିକ ଘଟଣାବଳୀଦ୍ୱାରା ପ୍ରଭାବିତ ହୋଇ ନାନା ପ୍ରକାରରେ ନିଜର ଚରିତ୍ରକୁ ଉପସ୍ଥାପିତ କରନ୍ତି ଓ ନାଟକ ମଧ୍ୟରେ ଗୋଟିଏ ବାୟୁମଣ୍ଡଳ ସୃଷ୍ଟି କରି ଦର୍ଶକମାନଙ୍କ ରସାସ୍ୱାଦନରେ ସାହାଯ୍ୟ କରନ୍ତି। ନାଟକର କଥାବସ୍ତୁ ମଧ୍ୟରେ ଯଦି ରସଗତ ଅସାମଞ୍ଜସ୍ୟ ଥାଏ କିମ୍ବା ଦର୍ଶକମାନଙ୍କ ମଧ୍ୟରେ ବିଭିନ୍ନ ପରସ୍ପରବିରୋଧୀ ରସମାନଙ୍କର ସଞ୍ଚାର ହୋଇ ନାଟକର ବିଷୟବସ୍ତୁକୁ ଜଟିଳ କରିଦିଏ, ତେବେ ସେ ନାଟକ ତୃପ୍ତିକର ହୋଇ ନ ପାରେ। ଏବେ 'କାଞ୍ଚିକାବେରୀ'ର କଥାବସ୍ତୁ ଆଲୋଚନା କରିବା ସମୟରେ ଗୋଟିଏ ରସର ପ୍ରାଧାନ୍ୟ ପ୍ରତିଷ୍ଠା କରିବା ନିମନ୍ତେ ନାଟ୍ୟକାର କିପରିଭାବରେ ଯଥାସାଧ୍ୟ ଚେଷ୍ଟା କରିଅଛନ୍ତି, ତାହା ପ୍ରଦର୍ଶିତ ହୋଇଅଛି। ନାଟକରେ ବୀର, କରୁଣ, ହାସ୍ୟ ରସମାନଙ୍କର ଅବତାରଣା ଥିଲେ ମଧ୍ୟ 'କାଞ୍ଚିକାବେରୀ'ର ସମଗ୍ର କଥାବସ୍ତୁ ଭକ୍ତିରସ ଉପରେ ପ୍ରତିଷ୍ଠିତ; ଏଣୁ ପ୍ରତ୍ୟେକ ଘଟଣାବିନ୍ୟାସ ଓ ଦୃଶ୍ୟସମାବେଶ ମଧ୍ୟରେ ଭକ୍ତିରସର ଆଭାସ ଦିଆଯାଇଅଛି। ପୁରୁଷୋତ୍ତମ ଦେବଙ୍କ ଗର୍ବ-ଉଦ୍ରେକକାରକ ଯୁଦ୍ଧଯାତ୍ରାକାଳୀନ କଥା ମଧ୍ୟରେ ଜଗନ୍ନାଥ ଦେବଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର, ଯୁଦ୍ଧରେ ପରାଜୟ ସମୟରେ ଘୋର ଦୁଃଖ ମଧ୍ୟରେ ଅଚଳା ଭକ୍ତିର ନିଦର୍ଶନ, ଦୂତର ଗର୍ବପୂର୍ଣ୍ଣ ବକ୍ତୃତା ମଧ୍ୟରେ ଜଗନ୍ନାଥ ଦେବଙ୍କର ମହିମା କୀର୍ତ୍ତନ ଓ ମନ୍ତ୍ରୀମାନଙ୍କର ବୈଠକରେ ହାସ୍ୟରସ ମଧ୍ୟରେ ଜଗନ୍ନାଥ ଦେବଙ୍କ ଭକ୍ତବାତ୍ସଲ୍ୟ ସୁସ୍ପଷ୍ଟଭାବରେ ଦିଆ-

ଯାଇଅଛି । ଏଣୁ ପ୍ରସ୍ତାବନାର ଶେଷାଂଶରେ ଭକ୍ତିରସର ପ୍ରାଧାନ୍ୟ ବିଷୟରେ ଯେପରି ଇଙ୍ଗିତ ଦେଇଅଛନ୍ତି ଓ ଋଷିମାନଙ୍କୁ ଜଗନ୍ନାଥଙ୍କ ମହିମାକୀର୍ତ୍ତନ-ଦ୍ୱାରା ମୋହିତ କରିବାର ଯେଉଁ ପ୍ରସ୍ତାବ କରିଅଛନ୍ତି (୮ମ ପୃଷ୍ଠା) ଓ "କର୍ମ କି ଏ ସଭାସ୍ଥଳ ହରି ହରି ସ୍ୱନେ" ଯାହା ଆଶା କରିଅଛନ୍ତି, ତାହା ନାଟକରେ ସମ୍ପୂର୍ଣ୍ଣଭାବରେ ସଫଳ ହୋଇଅଛି ବୋଲିବାକୁ ହେବ । ନାଟକ ମଧ୍ୟରେ ନାନା ରସର ଅବତାରଣା ଥାଇ ପାରେ, ନାନା ବିଷୟକ କଥାବସ୍ତୁର ମଧ୍ୟ ପ୍ରକାଶ ଥାଇ ପାରେ, ମାତ୍ର ଗୋଟିଏ ରସକୁ ଶ୍ରେଷ୍ଠ ଆସନ ଦେଇ ନ ପାରିଲେ ଓ ନାଟକ ଶେଷରେ ଦର୍ଶକମାନଙ୍କ ମନରେ ଗୋଟିଏ ସ୍ଥାୟୀ ରସର ସଞ୍ଚାର କରି ନ ପାରିଲେ ନାଟକ କେବେହେଁ ମନୋହର ହେବ ନାହିଁ । "ଧ୍ରୁବ-ତପସ୍ୟା" ଓ "ଧ୍ରୁବଚରିତ" ନାଟକମାନଙ୍କରେ ଧ୍ରୁବଙ୍କର ଅଲୌକିକ ଭକ୍ତିଦ୍ୱାରା ନାଟକର ବାୟୁମଣ୍ଡଳ ପୂର୍ଣ୍ଣ । ବାଳକ ଧ୍ରୁବ ତପସ୍ୟାରେ ନିରତ, ତାଙ୍କର ବିଘ୍ନ ଉତ୍ପାଦନ କରିବା ନିମନ୍ତେ ଯୋଗିଣୀମାନେ ଆସି ନାନା ପ୍ରକାର ଭୟଙ୍କର କାର୍ଯ୍ୟ ରଙ୍ଗମଞ୍ଚରେ ଅନୁଷ୍ଠାନ କରିବାରେ ପ୍ରବୃତ୍ତ, ମାତ୍ର ବାଳକର ତପଃପ୍ରଭାବରୁ ସେ ସମସ୍ତର ବ୍ୟର୍ଥତା ଦେଖାଇବାଦ୍ୱାରା ନାଟକୀୟ ବାୟୁମଣ୍ଡଳରେ ଭକ୍ତିରସର ପ୍ରାଧାନ୍ୟ ସ୍ୱୀକୃତ ହୋଇଅଛି ଓ ଅନ୍ୟାନ୍ୟ ରସର ଅବତାରଣା ହୋଇଥିଲେହେଁ ଭକ୍ତିରସର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଅଛି । କିନ୍ତୁ 'କାର୍ତ୍ତବୀର୍ଯ୍ୟ' ନାଟକରେ ଦୁଇଗୋଟି ବିଭିନ୍ନ ପରିସ୍ଥିତି ମଧ୍ୟରେ ଦୁଇଗୋଟି ବିଭିନ୍ନ ବାୟୁମଣ୍ଡଳର ସୃଷ୍ଟି କରାଯାଇଅଛି ଓ କାହାରି ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇ ନାହିଁ । ଏକ ଦିଗରେ ପଦ୍ମିନୀ ଓ ସୁମିତ୍ର ମଧ୍ୟରେ ପୂର୍ବରାଗ ବର୍ଣ୍ଣନାଦ୍ୱାରା ଯେପରି ମଧୁର ବାୟୁମଣ୍ଡଳ ସୃଷ୍ଟି ହୋଇ-ଅଛି ଓ ପ୍ରଣୟୀମାନଙ୍କର ନିଭୃତ ମିଳନ, ପଦ୍ମିନୀର ସେବା, ସୁମିତ୍ରର ଶୌର୍ଯ୍ୟଦ୍ୱାରା ରସବସ୍ତୁ ଘନୀଭୂତ ହୋଇଅଛି ଓ ସେମାନଙ୍କର ବିବାହରେ ବାୟୁମଣ୍ଡଳର ଶେଷ ପରିଣତି ଘଟିଅଛି । ଅନ୍ୟ ଦିଗରେ କାର୍ତ୍ତବୀର୍ଯ୍ୟଙ୍କର ଯୁଦ୍ଧ, ମହେନ୍ଦ୍ରରାଣୀଙ୍କର ପ୍ରତିହିଂସା, ଜମଦଗ୍ନିଙ୍କର ପ୍ରଚଣ୍ଡ କ୍ରୋଧ, ପରଶୁରାମଙ୍କ ମାତୃହତ୍ୟା ପ୍ରଭୃତି ଦୃଶ୍ୟମାନଙ୍କରେ ଏକ ଭିନ୍ନ ବାୟୁମଣ୍ଡଳ ସୃଷ୍ଟି ହୋଇଅଛି ଓ ଏହି ରୌଦ୍ରରସ ଅନ୍ତଃସତ୍ତ୍ୱା ମହେନ୍ଦ୍ରରାଣୀଙ୍କୁ ରଙ୍ଗମଞ୍ଚୋ-ପରି ପଦାଘାତ × × × ଜନିତ କାରୁଣ୍ୟରସ, ପରଶୁରାମଙ୍କ ମାତୃହତ୍ୟା-ଜନିତ ଭୟାନକ ରସ ପ୍ରାବଲ୍ୟଦ୍ୱାରା ଘନୀଭୂତ ହୋଇଅଛି । ସମସ୍ତ ନାଟକରେ ଏହି ଦୁଇଗୋଟି ବିଭିନ୍ନ ବାୟୁମଣ୍ଡଳ ସୃଷ୍ଟି ହୋଇଅଛି ଏବଂ

ଧ୍ୱଂସ ଓ ଉତ୍ପାତ ଦୃଶ୍ୟମାନଙ୍କରେ ଭରପୂର ସେସବୁ ଅଙ୍କସ୍ଥ କରି ବହୁଳ ଭାବରେ ଉପଯୁକ୍ତ କଥାବସ୍ତୁ ସନ୍ନିବେଶିତ ହୋଇଥିବାରୁ ନାଟକରେ ରସବୈଷମ୍ୟ ଘଟିବା ସ୍ୱାଭାବିକ । ସେହିଦ୍ୱାରା ଦର୍ଶକମାନଙ୍କର ଚିତ୍ତବିକ୍ଷେପ ଘଟିବାରୁ କଳାଦୃଷ୍ଟିରୁ ଏଗୁଡ଼ିକ ଏହା ଅନୁମୋଦନ କରାଯାଇ ନ ପାରେ । ଶେଷ ଦୃଶ୍ୟରେ ହାସ୍ୟରସର ଅବତାରଣା କରି ନାଟ୍ୟକାର ବାୟୁମଣ୍ଡଳକୁ ପରିଷ୍କାର କରିବାର ଚେଷ୍ଟା କରାଯାଇଥିଲେହେଁ ତାହାଦ୍ୱାରା ରସସମନ୍ୱୟ ଘଟି ନ ପାରେ । 'ପୁରୁଷୋତ୍ତମ ଦେବ' ନାଟକରେ ମଧ୍ୟ ସେହିପରି ଯୁଦ୍ଧଦୃଶ୍ୟ ପ୍ରେମ ଓ ବୀରରସର ଅବତାରଣା କରାଯାଇଅଛି; ନାଟକର ପ୍ରଥମାଂଶରେ ଯୁଦ୍ଧ-ଜନିତ ବାୟୁମଣ୍ଡଳର ପ୍ରାଧାନ୍ୟ ଥିଲେ ମଧ୍ୟ ଶେଷାଂଶରେ ପ୍ରେମର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଅଛି ଏବଂ ନାଟକସାରା ବାୟୁମଣ୍ଡଳର ସମତା ଏହି କାରଣରୁ ରକ୍ଷିତ ହୋଇ ପାରି ନାହିଁ । କୋଣାର୍କ, ତାଜମହଲ, ଶାରିପୁଅ ନାଟକମାନଙ୍କରେ ଗୋଟିଏ ସ୍ୱର, ଗୋଟିଏ ସଙ୍ଗୀତର ମୂର୍ଚ୍ଛନାର ପ୍ରାଧାନ୍ୟ ସ୍ୱୀକୃତ ହୋଇ ମୂଳରୁ ଗୋଟିଏ ବାୟୁମଣ୍ଡଳ ସୃଷ୍ଟି ହୋଇଅଛି ଓ ଏହି ତିନୋଟି ନାଟକର ବସ୍ତୁବସ୍ତୁ ଗୋଟିଏ ଅମୂର୍ତ୍ତ ସଙ୍ଗୀତଦ୍ୱାରା ନିୟନ୍ତ୍ରିତ ହୋଇଥିବା ଯୋଗୁଁ ଏମାନଙ୍କରେ ବାୟୁମଣ୍ଡଳର ସମତା ଓ ଏକତା ରକ୍ଷିତ ହୋଇ ପାରିଅଛି । ପୌରାଣିକ ନାଟକମାନଙ୍କରେ ପ୍ରଧାନତଃ ଭକ୍ତିରସାନ୍ୱିତ ବାୟୁମଣ୍ଡଳ ଥାଏ ଓ ଏସବୁ ନାଟକରେ ଭକ୍ତିର ପ୍ରାଧାନ୍ୟ ସର୍ବଦା ସ୍ୱୀକୃତ ହୋଇଥାଏ । ଦୈବାନୁକମ୍ପାଦ୍ୱାରା ମନୁଷ୍ୟର ଅସାଧ୍ୟ ସାଧନ ମଧ୍ୟ ବର୍ଣ୍ଣିତ ହୋଇଥାଏ । 'ଗୌଡ଼ବିଜେତା' ଓ 'ଉତ୍କଳ ଗୌରବ' ନାଟକମାନଙ୍କରେ ବାୟୁମଣ୍ଡଳ ଧର୍ମଭାବ, ବୀରରସ, ପ୍ରେମ ପ୍ରଭୃତି ନାନା ଭାବମାନଙ୍କଦ୍ୱାରା ଅନୁପ୍ରାଣିତ ହୋଇଥିଲେହେଁ ସମଗ୍ରଭାବରେ ଅନୁଶୀଳନ କଲେ ନାଟକମାନଙ୍କ ମଧ୍ୟରେ ଦେଶାତ୍ମବୋଧପ୍ରତିଷ୍ଠା ନାଟ୍ୟକାରଙ୍କ ପ୍ରଧାନ ଉଦ୍ଦେଶ୍ୟ ବୋଲି ଜଣା ପଡ଼େ ଓ ସ୍ୱଦେଶପ୍ରେମହିଁ ନାଟକର ବାୟୁମଣ୍ଡଳକୁ ପ୍ରଭାବିତ କରୁଥିବାର ଦୃଷ୍ଟ ଦେଖାଯାଏ । 'ପ୍ରେମିକ ଗୁପ୍ତ', 'ପାଷଣ୍ଡର ଫଳ' ପ୍ରଭୃତି ନାଟକମାନଙ୍କରେ ହାସ୍ୟରସହିଁ ଏକମାତ୍ର ରସ, ଏଣୁ ଏ ନାଟକମାନଙ୍କରେ କିଛି ଅସମତା ଲକ୍ଷିତ ହୁଏ ନାହିଁ; ମାତ୍ର 'କଳିକାଳ' ଓ 'ରସମୋଦକ' ନାଟକମାନଙ୍କରେ ବାୟୁମଣ୍ଡଳ ପ୍ରଥମରୁ ହାସ୍ୟରସଦ୍ୱାରା ସିକ୍ତ ବୋଲି ପ୍ରତୀତ ହେଲେହେଁ ଶେଷରେ କରୁଣରସର ପ୍ରତିଷ୍ଠା ହୋଇଅଛି ଓ ଏହି ରସହିଁ ଦର୍ଶକମାନଙ୍କ ମନରେ ସ୍ଥାୟୀଭାବରେ

ନିବିଡ଼ ରହିବା ସମ୍ଭବ । କେବଳ ଲୋକଶିକ୍ଷା ଦେବା ମାନସରେ ନାଟକସ୍ଥ ବାୟୁମଣ୍ଡଳକୁ ଏପରି ଭାବରେ ପରିବର୍ତ୍ତିତ କରି ଦିଆଯାଇଅଛି ।

ନାଟକସ୍ଥ ବାୟୁମଣ୍ଡଳର ଆଲୋଚନା ଓ ବିଶ୍ଳେଷଣ କରିବା ସମୟରେ ଆମ୍ଭମାନଙ୍କୁ ପ୍ରଧାନତଃ କରୁଣରସ ଓ ହାସ୍ୟରସର ପ୍ରଚାର ଓ ସ୍ଥିତି ବିଷୟରେ ଅବହିତ ହେବାକୁ ହୁଏ । ଏ ଦୁଇଟି ରସର ପ୍ରାଧାନ୍ୟ ହେତୁରୁ ନାଟକମାନଙ୍କୁ ପ୍ରଧାନତଃ ବିଷାଦାନ୍ତକ ଓ ହାସ୍ୟରସାତ୍ମକ ଏହି ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ଓଡ଼ିଆ ସାହିତ୍ୟରେ ହାସ୍ୟରସର ଆବିର୍ଭାବ ବହୁତ ପୁରାତନ ନୁହେଁ । ପୁରାତନ କାବ୍ୟମାନଙ୍କ ମଧ୍ୟରେ କେଳା କୌତୁକରେ ଏହି ରସ ସନ୍ନିବେଶିତ ହୋଇଥିଲେହେଁ ସାଧାରଣ ଓଡ଼ିଆ କାବ୍ୟମାନଙ୍କରେ ହାସ୍ୟରସର ଅଭାବ ବିଶେଷଭାବରେ ପରିଲକ୍ଷିତ ହୋଇଥାଏ ଓ କେବଳ ରୂପ ବର୍ଣ୍ଣନାରେ ହାସ୍ୟରସର ନିଦର୍ଶନ ମିଳିଥାଏ । ରାମଲୀଳାରେ କୁବୁଜା ଓ ସୂର୍ପଣଖା, କୃଷ୍ଣଲୀଳାରେ ନାନା ଦୈତ୍ୟ ଓ ରାଧାଙ୍କୁ ରକ୍ଷା କରିବା ନିମନ୍ତେ ନିଯୁକ୍ତ କୁଟିଳା ପ୍ରଭୃତିଙ୍କ ରୂପବର୍ଣ୍ଣନା ମଧ୍ୟରେ ହାସ୍ୟରସର ଯଥେଷ୍ଟ ଅବସର ରହିଅଛି ଓ ସ୍ତ୍ରୀଲୋକର ବିରୂପ ରୂପ ବର୍ଣ୍ଣନା ଦେଖିଲେ ହାସ୍ୟସମ୍ବରଣ କରିବା ଅସମ୍ଭବ । ମାତ୍ର ପ୍ରାଚୀନ ସାହିତ୍ୟରେ ଏହାର ବହୁଳ ବ୍ୟବହାର ନ ଥିଲା । ଓଡ଼ିଆ ନାଟକ ରଚିତ ହେବା ସଙ୍ଗେ ସଙ୍ଗେ ହାସ୍ୟରସର ବାସ୍ତବ ପ୍ରୟୋଜନ ଅନୁଭୂତ ହେଲା ଓ ଅଭିନୟ ସମୟରେ ହାସ୍ୟଉଦ୍ରେକଦ୍ୱାରା ଦର୍ଶକମାନଙ୍କ ମନକୁ ଆକୃଷ୍ଟ କରିବା ସହଜସାଧ୍ୟ ଥିବାରୁ ନାନା ଉପାୟରେ ନାଟକ ମଧ୍ୟରେ ହାସ୍ୟର ଯଥେଷ୍ଟ ଉପାଦାନ ଦେବାର ଚେଷ୍ଟା ହୋଇଥିଲା । ନାଟକ ରଚନା କରିବା ସମୟରେ ନାଟ୍ୟକାରମାନେ ଯେପରି ଭାବରେ ହାସ୍ୟରସର ଅବତାରଣା କରିଥାନ୍ତି, ତାକୁ ବିଶ୍ଳେଷଣ କଲେ ଆମ୍ଭେମାନେ ଦେଖୁଁ ଯେ, କେତେକ-ଗୋଟି ହାସ୍ୟରସମୟ ଘଟଣା ଅବାସ୍ତବ ଓ ଅପ୍ରାକୃତ ହେଲେହେଁ ତାହା ନାଟକୀୟ ଗତି ଅନୁଯାୟୀ ଥିବାରୁ ନାଟକରେ ସ୍ଥାନ ପାଇଅଛି, ପୁଣି ଅନ୍ୟ କେତେକ ବର୍ଣ୍ଣନା ବାସ୍ତବ ଜୀବନ ସହିତ ସମ୍ପୃକ୍ତ ଓ ବ୍ୟଙ୍ଗ, ଅତିରଞ୍ଜନ, ଅତିଶୟୋକ୍ତି ପ୍ରଭୃତିଦ୍ୱାରା ଅନୁପ୍ରାଣିତ । ଓଡ଼ିଆ ନାଟକରେ ଏହି ଦୁଇ ପ୍ରକାର ହାସ୍ୟରସର ଉଦାହରଣ ଆମ୍ଭେମାନେ ପାଉଥାଉଁ । ବିଦୂଷକର ଖାଦ୍ୟଲାଳସା ଓ ଭୋଜନବିଳାସ ଏହିପରି ଗୋଟିଏ ସ୍ୱୀକୃତ ସତ୍ୟ ଉପରେ ପ୍ରତିଷ୍ଠିତ ଓ ଏହି ସତ 'କାଞ୍ଚିକାବେରୀ', 'କାର୍ତ୍ତବୀର୍ଯ୍ୟ' ପ୍ରଭୃତି ନାନା

ଓଡ଼ିଆ ନାଟକରେ ଅନୁସୃତ ହୋଇଅଛି । ଏହାର ଅପ୍ରାକୃତତା ବିଷୟରେ ଦର୍ଶକମାନେ ଆପତ୍ତି ନ କରି ପ୍ରଚଳିତ ରୀତିସ୍ୱରୂପ ଏହାକୁ ସ୍ୱୀକାର କରି ନେଅନ୍ତି । ପ୍ରାଚୀନ ସୈନିକମାନଙ୍କର ଶୂରତା, ନାଗରିକମାନଙ୍କର ସ୍ୱଚ୍ଛ ସମୟରେ ଖୋସଗପ୍ପ ଭାବ, ଋଷିମାନଙ୍କର ଉଦ୍ଭ୍ରାନ୍ତତା ମଧ୍ୟ ବଙ୍ଗଦେଶୀୟ ପ୍ରଚଳିତ ନାଟ୍ୟରୀତି ଉପରେ ପ୍ରତିଷ୍ଠିତ ଓ ପୁରୁଷୋତ୍ତମ ଦେବ, କଟକବିଜୟ, କାଞ୍ଚିକାବେରୀ, ଗୌଡ଼ବିଜେତା, ସୁଦାମା ପ୍ରଭୃତି ନାଟକମାନଙ୍କରେ ଏହି ରୀତି ଅନୁସରଣ କରି ହାସ୍ୟରସର ଅବତାରଣା କରାଯାଇଅଛି । ଅଭିନୟକାଳରେ ଏ ଦୃଶ୍ୟଗୁଡ଼ିକର ଅବାସ୍ତବତା ସ୍ପଷ୍ଟ ହେଉଥିଲେହେଁ ଦର୍ଶକମାନେ ଏହାକୁ ମଧ୍ୟ ପ୍ରଚଳିତ ରୀତିରୂପେ ସ୍ୱୀକାର କରି ନେଅନ୍ତି । ଅନ୍ୟ ଅନେକ ଓଡ଼ିଆ ନାଟକରେ ହାସ୍ୟରସ ସମ୍ପୂର୍ଣ୍ଣଭାବରେ ବାସ୍ତବ ଜୀବନ ଉପରେ ପ୍ରତିଷ୍ଠିତ । 'କାଞ୍ଚୀକାବେରୀ'ରେ ପଣ୍ଡାମାନଙ୍କର ଚରିତ୍ର, 'କଳିକାଳ'ରେ ସାନ୍ଧ୍ୟ ଆମୋଦପ୍ରମୋଦର ଚିତ୍ର, 'ସ୍ୱପ୍ନମୋଦକ' ନାଟକରେ ମହାଜନର ଚିତ୍ର, 'ପଶ୍ଚାତାପଫଳ' ନାଟକରେ ଗୁଣ୍ଡାମାନଙ୍କର ଚିତ୍ର, 'ପ୍ରେମିକ ଗୁଣ୍ଡା'ରେ ଥିବା ରମେଶର ଚିତ୍ର ପ୍ରଭୃତି ବାସ୍ତବ ଜୀବନର ଅନୁକୃତି ଓ ଏହି ଚିତ୍ରମାନଙ୍କର ବାସ୍ତବତା ଏମାନଙ୍କୁ ଚିତ୍ତାକର୍ଷକ କରିଥାଏ । ଅବଶ୍ୟ ଅତିରଞ୍ଜନ ଓ ଅତିଶୟୋକ୍ତିଦ୍ୱାରା ଏହି ଚିତ୍ରମାନଙ୍କୁ ସ୍ଥାନେ ସ୍ଥାନେ ଅବାସ୍ତବ କରି ଦିଆଯାଇଅଛି । ମାତ୍ର ବାସ୍ତବ ଜୀବନ ସହିତ ଏଗୁଡ଼ିକର ସମ୍ପର୍କ ଥିବା ସ୍ଥଳେ ଦର୍ଶକମାନେ ଏସବୁ ଚିତ୍ରଦ୍ୱାରା ମୁଗ୍ଧ ହେବା ସ୍ୱାଭାବିକ ।

ଅନେକ ନାଟକରେ ସ୍ଥାନେ ସ୍ଥାନେ ହାସ୍ୟରସ ଲେଖକଙ୍କର ଅଭିପ୍ରେତ ନ ହେଲେହେଁ ବାସ୍ତବରେ ଅଭିନୟ ସମୟରେ ହାସ୍ୟରସର ଉଦ୍ରେକ ହୋଇଥାଏ ଓ ନାଟକୀୟ ରସ ସେଥି ସକାଶେ କ୍ଷୁଣ୍ଣ ମଧ୍ୟ ହୋଇଥାଏ । 'କାଞ୍ଚିକାବେରୀ' ନାଟକରେ ପରଶୁରାମ ରାଜା ସନ୍ଦେହଦୋଳାରେ ନିପତିତ ହୋଇ ମାତୃହତ୍ୟା କରିବା ନିମନ୍ତେ ଦୃଢ଼ସଂକଳ୍ପ କରି ଅତ୍ୟନ୍ତ ଉତ୍ତେଜିତ ଭାବରେ ଯବନିକାର ଅନ୍ତରାଳକୁ ଗଲେ, କାରଣ ରଙ୍ଗମଞ୍ଚରେ ହତ୍ୟା—ପୁଣି ନାରୀହତ୍ୟାର ଅଭିନୟ ଅତ୍ୟନ୍ତ ଗର୍ହିତ ହୋଇଥାନ୍ତା । ମାତ୍ର ଦର୍ଶକମାନଙ୍କୁ ମାତୃହତ୍ୟାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ନାଟ୍ୟକାର ଦୁଇ ଜଣ ବନଗୁଆଙ୍କୁ ରଙ୍ଗମଞ୍ଚ ଉପରକୁ ଆଣିଅଛନ୍ତି ଓ ଏମାନଙ୍କର ପ୍ରତିବେଶଦ୍ୱାରା କି କାର୍ଯ୍ୟ ସାଧିତ ହେବ, ତାହା ଅଜ୍ଞାତ ଥିବାରୁ ଦର୍ଶକମାନଙ୍କ ମନରୁ ପୂର୍ବର ଉତ୍ତେଜନା ଦୂରୀଭୂତ ହୋଇ

ଭାଷା ବିକାରଜନିତ ହାସ୍ୟରସର ଅବତାରଣା ହୋଇଅଛି ଓ ପରେ ସେମାନଙ୍କ ମାତୃଭାଷାର ବର୍ଣ୍ଣନା ଦେଲେ ମଧ୍ୟ ତାହା ସମ୍ୟକ୍ ପ୍ରାଣସ୍ପର୍ଶୀ ହୋଇ ନାହିଁ । ବନରକ୍ଷମାନଙ୍କର ପ୍ରବେଶଦ୍ୱାରା ଦର୍ଶକମାନଙ୍କର ଉତ୍ତେଜନାକୁ ଲକ୍ଷ୍ୟ କରାଯାଇ ଯେଉଁ ହାସ୍ୟରସର ସୃଷ୍ଟି କରାଯାଇଅଛି, ତାହା ନାଟ୍ୟକାରଙ୍କ ଅନଭିପ୍ରେତ ବୋଲି ବିଶ୍ୱାସ କରିବାର ଯଥେଷ୍ଟ କାରଣ ଅଛି ।

କେତେକ ନାଟକରେ ହାସ୍ୟରସ ବାକ୍ୟଭଙ୍ଗି ଉପରେ ନିର୍ଭର କରେ, ପୁଣି ଅନ୍ୟ କେତେକ ନାଟକରେ ତାହା ଚରିତ୍ରର ଅସମୟକାଳୀନ କାର୍ଯ୍ୟାବଳୀ ଉପରେ ନିର୍ଭର କରିଥାଏ । 'ସୁରଧର୍ମ' ନାଟକରେ ସାହେବ-ମାନଙ୍କ ବିକୃତ ଓଡ଼ିଆ ଉଚ୍ଚାରଣ, 'କଳିକାଳ' ନାଟକରେ ଓଡ଼ିଶାବାସୀ ପକ୍ଷରେ ବିକୃତ ହିନ୍ଦୀ ବା ବଙ୍ଗଳା ଉଚ୍ଚାରଣର ଅଭିନୟ; ପୁଣି 'ବିଷମୋଦକ' ନାଟକରେ ବଙ୍ଗଦେଶୀୟ ହାକମ ମୁଖରେ ବିକୃତ ଓଡ଼ିଆ ଉଚ୍ଚାରଣ, 'ସୁରଧର୍ମ' ନାଟକରେ ମାନ୍ଦ୍ରାଜ ପଣ୍ଡିତର କଥାବାର୍ତ୍ତା ମଧ୍ୟରେ ଭାଷାଗତ ବିକୃତି, 'ପାଣ୍ଡବ ବନବାସ' ନାଟକରେ (୧୧୦ ପୃଷ୍ଠା) ଦକ୍ଷିଣାଞ୍ଚଳର ଲୋକର ବିକୃତ ଓଡ଼ିଆ ଭାଷା ବ୍ୟବହାର, 'ସମ୍ବଲେଶ୍ୱରୀ' ନାଟକରେ ସମ୍ବଲପୁରୀ ଭାଷାର ଉଦାହରଣ ଓ ଓଡ଼ିଆ ଶବ୍ଦମାନଙ୍କର ଶୁଦ୍ଧ ବିକୃତ ଉଚ୍ଚାରଣ, ଭାଷାଗତ ଏହିପରି ନାନା ବିକୃତି ଦର୍ଶକମାନଙ୍କୁ ହାସ୍ୟମୁଖର କରିଥାଏ । ଅଶ୍ୱିନୀ ବାବୁଙ୍କ 'ପ୍ରେମିକ ଧ୍ରୁବ' ନାଟକରେ ଓ ଅନ୍ୟାନ୍ୟ କେତେକ ନାଟକରେ ମଧ୍ୟ କୌଣସି ଶବ୍ଦର ଅନୁକରଣରେ ବିକୃତ ଶବ୍ଦ ଉଚ୍ଚାରଣ କରିବାଦ୍ୱାରା ହାସ୍ୟରସର ଅବତାରଣା କରାଯାଇଅଛି ଓ ନାନା କଥୋପକଥନରୁ ଏହାର ଯଥେଷ୍ଟ ଉଦାହରଣ ମିଳି ପାରେ । ଅନେକ ସମୟରେ ପୁଣି ପଦମାନଙ୍କର ପ୍ରୟୋଗ ପ୍ରକୃତରେ ହାସ୍ୟକର ନ ହେଲେହେଁ ହାସ୍ୟରସ ଉଦ୍ରେକ କରିବାକୁ ସମର୍ଥ ହୁଏ । 'କାଞ୍ଚିକାବେରୀ' ନାଟକରେ ପଣ୍ଡାମାନଙ୍କର ବୈଠକରେ "ନାରଦ ଋଷି କଣ୍ଟରେ ବସି, ଢଙ୍କାଇ ହସି ମରଇ ଭୁଷି" (୩୮ ପୃଷ୍ଠା), "ନାହି ହେଲେଜଟ୍ଟୁ, ଭୀତା ପାଟ୍ଟୁ, କେବେ ସେ ବ୍ରାହ୍ମଣ ଠା ନ ଭଟ୍ଟୁ" (୩୯ ପୃଷ୍ଠା) ଏହିସବୁ ବାକ୍ୟମାନଙ୍କରେ ତରତମାଳାର ଗୁଣ ଥିବାରୁ ଏଥିରେ ମଧ୍ୟ ହାସ୍ୟରସ ଜାତ ହୋଇ ପାରେ । ଅନ୍ୟ ଅନେକ ଓଡ଼ିଆ ନାଟକରେ ଅସମୟକାଳୀନ କାର୍ଯ୍ୟକଳାପ-ଦ୍ୱାରା ହାସ୍ୟରସ ଜାତ ହୋଇଥାଏ । 'ସୁରଧର୍ମ' ନାଟକରେ ହରିଦାସ ଓ ପ୍ରେମମୟଙ୍କ ମାଳକୁଆ ଚୋବାଇ ଭକ୍ଷଣ କରିବା ଏହିପରି ଗୋଟିଏ ହାସ୍ୟକର ବ୍ୟାପାର ଓ ଏହି ଦୃଶ୍ୟରେ ଏକ ଦିଗରେ ଭକ୍ତିବାଦର ମହତ୍ତ୍ୱ

କ୍ରୋଧାନ୍ଧ ହୋଇ ସୁଧୀମାତାଙ୍କୁ ପ୍ରହାର କରିବା ଓ ଅନ୍ୟ ଦାଗରେ ହରିଦାସ ପଣ୍ଡିତଙ୍କର ମାଲପୁଆ ଗୋଟାଇବା ଅଭିନୟ ସମୟରେ ଏ ଦୃଶ୍ୟକୁ ବିଶେଷଭାବରେ ଆକର୍ଷକ କରିଥାଏ । ପ୍ରେମିକ ଗୁପ୍ତ- ଉମେଶର ପଥିକ ପଣ୍ଡିତଙ୍କୁ ଚୁମ୍ବନ, 'ଉତ୍କଳ ଗୌରବ' ନାଟକରେ (୯୮ ପୃଷ୍ଠାରେ) ସମରେନ୍ଦ୍ରଙ୍କୁ ଚୁମ୍ବନ କରିବାକୁ ଯାଇ ତାର ଦାଢ଼ିରୁ ପୁଳାଏ କାମୁଡ଼ିବା ଦୃଶ୍ୟ ମଧ୍ୟ ଅଭିନୟ ସମୟରେ ପ୍ରୀତିକର ହୁଏ । 'ସଙ୍ଘ' ନାଟକରେ ଦୁଷ୍ଟ ଡକାୟକୁ ବଲ୍ଲୁଅଂଶଦ୍ୱାରା ପ୍ରହାର, ଗୌଡ଼ବଜେତାରେ ଖୁଦୁକର ବ୍ୟବହାର, ହରିଦାସ ଓ ପ୍ରେମମୟଙ୍କର ସୁରଧର୍ମ ନାଟକରେ ଭୂତବେଶ ଧରି ମହନ୍ତଙ୍କୁ ଗୋଡ଼ାଇବା, ସୁଭଦ୍ରାର୍ଜ୍ଜୁନ ନାଟକରେ ଦୁର୍ବାସା ଋଷିଙ୍କର କାଶି କାଶି ପ୍ରବେଶ କରିବା ( ୮୭ ପୃଷ୍ଠା ) ଓ ଧନୁଟିଏ ପରି ଛଡ଼ପିବା ( ୯୦ ପୃଷ୍ଠା ), 'ବୁଢ଼ାବର' ପ୍ରହସନରେ କଳପ ଲଗାଇ ଦାନ୍ତ ନକୁଟିବା ପ୍ରଭୃତି ନାନା କିସ୍ମ ହାସ୍ୟରସର ଅବତାରଣା କରିବା ନିମନ୍ତେ ନାଟ୍ୟକାରମାନେ ନିଜ ନିଜ ନାଟକମାନଙ୍କରେ ସନ୍ନିବେଶିତ କରିଅଛନ୍ତି । ଅନ୍ୟ କେତେକ ଓଡ଼ିଆ ନାଟକରେ ଭାଷା ବା କାର୍ଯ୍ୟକଳାପ-ରେ ହାସ୍ୟରସର ଅବତାରଣା ନ ଥିଲେହେଁ ପରିସ୍ଥିତିରୁ ହାସ୍ୟରସ ଉଦ୍ଭୁତ ହୋଇଅଛି । 'ବୁଡାବର' ପ୍ରହସନରେ ନାଥିଆ ସହିତ ସୁବର୍ଣ୍ଣ ଘର୍ଣ୍ଣୀର ପଳାୟନ, 'ସୁରଧର୍ମ' ନାଟକରେ ଆସେସର ହେବା ଭୟରେ ଚନ୍ଦ୍ରାମଣିଙ୍କର ସାର୍ଟିଫିକେଟ ଲାଭ କରିବା ନିମନ୍ତେ ପ୍ରୟାସ, 'ଅନୁତପ୍ତ' ନାଟକରେ ବେଶ୍ୟାଳୟର ଶଙ୍କ ପ୍ରଭୃତି ଏହି ଶ୍ରେଣୀର ହାସ୍ୟରସଯୁକ୍ତ ଦୃଶ୍ୟ । ଏସବୁ ଦୃଶ୍ୟରେ ନାଟ୍ୟକାର ଏପରି ପରିସ୍ଥିତି ସୃଷ୍ଟି କରନ୍ତି ଯେ, କୌଣସି ବାକ୍ୟ କାର୍ଯ୍ୟ ନ ଥାଇ ମଧ୍ୟ ଅଭିନୟ ସମୟରେ ଦର୍ଶକମାନେ ଏହାକୁ ହାସ୍ୟକର ବୋଲି ଜ୍ଞାନ କରିଥାନ୍ତି ।

କେତେକ ନାଟ୍ୟକାର ହାସ୍ୟରସର ଅବତାରଣା ନିମନ୍ତେ ଅତ୍ୟନ୍ତ ଗମ୍ଭୀର ଘଟଣାକୁ ଲକ୍ଷ୍ୟ କରି କଳ୍ପିତ ରୂପ ଦେଇଥାନ୍ତି । 'ସୁଭଦ୍ରାର୍ଜ୍ଜୁନ' ନାଟକରେ କର୍ମନାଶା ( ୮୩ ପୃଷ୍ଠା ) ଦୁର୍ବାସ କର ତପଃ ପ୍ରଭାବକୁ ଅନୁକରଣ କରିବାର ଲକ୍ଷ୍ୟ ପ୍ରୟାସ ଏହି ଶ୍ରେଣୀର ଦୃଶ୍ୟ । ଅନେକ ନାଟକରେ ପୁଣି ବିଦୂଷକ ରାଜାଙ୍କର ଶୌର୍ଯ୍ୟ ଓ ମନ୍ତ୍ରୀଙ୍କର ଗାମ୍ଭୀର୍ଯ୍ୟକୁ ଏକ୍ଷିପ୍ତ ଭାବରେ ବିକୃତ କରିଥାନ୍ତି ଓ ତାହାଦ୍ୱାରା ମଧ୍ୟ ହାସ୍ୟରସର ସୃଷ୍ଟି ହୋଇଥାଏ । ଗମ୍ଭୀର ବ୍ୟାପାରମାନଙ୍କର ଲଘୁତ୍ୱ ପ୍ରଦାନ କରି ତୁଳନାଦ୍ୱାରା ହାସ୍ୟରସ ସୃଷ୍ଟି କରିବା ପ୍ରୟାସରୁ ସ୍ୱଙ୍ଗନାଟ୍ୟ ବା ଭୁଏଟର ସୃଷ୍ଟି ହୋଇଅଛି

ଓ ନାଟକମାନଙ୍କରେ ସୁରନାଟ୍ୟର ବ୍ୟବହାର କେବଳ ସଙ୍ଗୀତର ମାଧୁର୍ଯ୍ୟ ସହିତ ହାସ୍ୟରସର ଆନନ୍ଦ ଦାନ କରିବା କ୍ଷମତାକୁ ମିଳିତ କରିଥିବାରୁ ଏତେ ଜନପ୍ରିୟ ହୋଇଅଛି । 'ସାବିତ୍ରୀ' ନାଟକର ପ୍ରଥମ ଅଙ୍କରେ ଅଶ୍ୱପତିଙ୍କର ପୁତ୍ରଲାଭ କରିବା ନିମନ୍ତେ ବ୍ୟାକୁଳତାକୁ ଶବର ଶବରୁଣୀଙ୍କର "ଧନ ନାହିଁ ମାତା ଏକ ବୋଲି ସୁତା, ଆସୁ କୃଷ୍ଣା ହୋଇକେ ଇବନ ଯାଉନ" ସୁରନୃତ୍ୟଦ୍ୱାରା ଲଘୁ କରିଯାଇଅଛି, ମାତ୍ର 'ବଶ୍ୱଯଜ୍ଞ'ରେ ମଦନା ଓ ରସକଳୀର ପ୍ରେମଲୀଳାର ନାଟକର ମୂଳ କଥାବସ୍ତୁ ସହିତ ଆଦୌ ସମ୍ପର୍କ ନାହିଁ । ଆଧୁନିକ ନାଟକମାନଙ୍କରେ ସୁରନୃତ୍ୟର ବ୍ୟବହାର ଅଳ୍ପବୟସ୍କ ଦର୍ଶକଙ୍କ ଉଚ୍ଛୃଙ୍ଖଳତାର ପରିଚାୟକ ।

ଓଡ଼ିଆ ନାଟକମାନଙ୍କରେ ମଦ ଇତ୍ୟାଦି ଉତ୍ସବରେ ସଙ୍ଗୀତ, ମଜଲିସ ଦୃଶ୍ୟରେ ମଦ୍ୟପାନ ଓ ମାତାଲାମି ହେବାର ଅଭିନୟ ମଧ୍ୟ ହାସ୍ୟରସର ଉପାଦାନସ୍ୱରୂପ ବ୍ୟବହୃତ ହୋଇଥାଏ । ଉତ୍କଳର ପୁର-ପଲ୍ଲୀରେ ପ୍ରଚଳିତ ଯାତ୍ରାମାନଙ୍କରେ ପ୍ରାୟ ସାଧାରଣତଃ ମଦ ବୋତଲ ଧରି ରଙ୍ଗମଞ୍ଚରେ ପ୍ରବେଶ କରେ ଓ ଦର୍ଶକମାନଙ୍କ ସମ୍ମୁଖରେ ମଦ ଖାଇ ନାନା ପ୍ରକାର ମାତାଲାମିର ଅଭିନୟ ମଧ୍ୟ କରିଥାଏ । ଏପରି ଅଭିନୟ ମଧ୍ୟରେ ବ୍ୟଙ୍ଗର ପ୍ରାଚୁର୍ଯ୍ୟ ଥିବାରୁ ଦର୍ଶକମାନେ ଏଥିରୁ ଆନନ୍ଦ ଲାଭ କରନ୍ତି । ରାମଶଙ୍କର ବାବୁ ପ୍ରଚଳିତ ଯାତ୍ରାକୁ ସଂସ୍କାର କରି 'ବଡ଼ଲୋକ' ଗୀତାଭିନୟ ରଚନା କରିଥିଲେ ଓ ପ୍ରଚଳିତ ଶୈଳୀ ଅନୁଯାୟୀ ସେଥିରେ ମଦ ବିଷୟକ ସଙ୍ଗୀତ ଯୋଗ କରିଥିଲେ ଓ ଦର୍ଶକମାନଙ୍କୁ ଭକତା ମାଳ-ମୁଖରୁ ଲାଲଗୁଲାଲ ବୋତଲର ସ୍ତବ ଶୁଣାଇଥିଲେ । 'ଭ୍ରମରଙ୍ଗ' ନାଟକ ଅତ୍ୟନ୍ତ ଗୁରୁ ଉପଦେଶପୂର୍ଣ୍ଣ ଥିଲେ ମଧ୍ୟ ସେଥିରେ ନାଟ୍ୟକାର ଲୋକନାଥ ଓ ସଙ୍ଗିମାନଙ୍କର ଟଳ ଟଳ ହୋଇ (ରାମଶଙ୍କର ଗ୍ରନ୍ଥାବଳୀ ୩୩ ପୃଷ୍ଠା) ନିଆ ଲାଲପାଣି ଢୋକାନ ଓ ଉର୍ଦ୍ଧ୍ୱର ପାରିପାର୍ଶ୍ୱିକ ଅବସ୍ଥାମାନଙ୍କର ଗୁଣକୀର୍ତ୍ତନ କରିବାଦ୍ୱାରା ଏହି ପ୍ରଚଳିତ ଶୈଳୀ ସ୍ୱୀକାର କରି ନେଇ-ଅଛନ୍ତି । 'କଳିକାଳ' ନାଟକରେ ମଦ ମଜଲିସ ବାସ୍ତବରେ ବଙ୍ଗଳା ନାଟକର 'ଛିନ୍ନତରଙ୍ଗିଣୀ' ପଦ୍ଧତି ଅନୁକରଣ, ମାତ୍ର ଏମନ୍ତ ଅବସ୍ଥାର ଚିତ୍ର ଅନ୍ୟ ଓଡ଼ିଆ ନାଟକରେ ମଧ୍ୟ ବିରଳ ନୁହେଁ । 'ତରବାରି' ନାଟକରେ ଯେଉଁ 'ବୁଲବୁଲ' ସଙ୍ଗୀତ ଦିଆଯାଇଅଛି, ତାହା ସାଂସାର ମୂର୍ତ୍ତି ସଙ୍ଗୀତର ଅନୁକରଣରେ ଓ ଏହା ମଧ୍ୟ ମଦ ସଙ୍ଗୀତର ଗୋଟିଏ ନୂତନ ସଂସ୍କରଣ ମାତ୍ର । 'ପାଣ୍ଡବ ବନବାସ' ନାଟକରେ ପୁଣି ରାଜକବି ସମସ୍ତ କଣାଇ'

ତୁଳନାମୂଳକ ସ୍ତୁତିଗୀତି ସଂଯୋଜିତ କରିଅଛନ୍ତି ( ୧୨୯ ପୃଷ୍ଠା ) ଓ "ମଦରେ ପାଣି ଭରି, ପ୍ରମାଦରେ ଘଡ଼ି ଧରି, ଆଣି ମାଂସ ତର୍କାରି, ଗମାତ କରି, ନାଗରୀ ସଙ୍ଗରେ ସାରି ଦିଏ ଶର୍ବରୀ" କିମ୍ବା "ଦଳ ଅଫିମ ଆଦିଗଂ-ଗୁଳିକି ବାନ୍ଧି ବେକେ, ତିଳଦେଇ ସକେ; ମାଠା ଦୋକାନେ ଗୋପନେ ଯାଇ ମଜିବେ, ଖାଇ ପଡ଼ିବେ" ପ୍ରଭୃତି ସଙ୍ଗୀତଦ୍ୱାରା ନିଶାଦ୍ରବ୍ୟମାନଙ୍କର ଅତିବାସ୍ତବ ଛବି ଦେଇ ଲୋକଙ୍କର ଚିତ୍ତାକର୍ଷଣ କରିବାର ଚେଷ୍ଟା କରି-ଅଛନ୍ତି । ଅଶ୍ୱିନୀ ବାବୁଙ୍କର 'ସେଓଳ' ନାଟକରେ ( ୫୦ ପୃଷ୍ଠା ) ଭଙ୍ଗ ବିଷୟରେ ଏହିପରି ଗୋଟିଏ ଗୀତ ଦିଆଯାଇଅଛି ଓ ଏ ସମସ୍ତ ଗୀତ ବ୍ୟଙ୍ଗାତ୍ମକ ଥିବାରୁ ଦର୍ଶକମାନେ ଏଥିମଧ୍ୟରୁ ହାସ୍ୟରସର ଉପାଦାନ ସହଜରେ ସଂଗ୍ରହ କରି ପାରନ୍ତି ।

ନାଟ୍ୟସ୍ଥ ହାସ୍ୟରସର ଗୋଟିଏ ପ୍ରଧାନ ଉପାଦାନ ଅସାମଞ୍ଜସ୍ୟ । ସାଧାରଣତଃ ଚରିତ୍ରମାନଙ୍କର ଅନ୍ତରଙ୍ଗଦ୍ୱାରା ଏହି ରସ ପ୍ରକାଶିତ କରାଯାଏ । 'ସମଲେଶ୍ୱରୀ' ନାଟକରେ ମଧୁର ଜଳସ୍ପୃହା ନାଟକୀୟ ପରିସ୍ଥିତି ସହିତ ଅସମ ଥିବାରୁ ହାସ୍ୟରସର ଉପାଦାନ ଯୋଗାଇଥାଏ, ପୁଣି 'ପାର୍ବତୀ' ନାଟକରେ ମଧ୍ୟ ଗଜପତିଙ୍କର ବଳାନ ଉପରେ ଏକାନ୍ତ ନିର୍ଭର ମଧ୍ୟ ହାସ୍ୟକର ହୁଏ । 'ବଣ୍ଣପଞ୍ଜ' ନାଟକର ଗାମ୍ଭୀର୍ଯ୍ୟ ସହିତ ଦାଣ୍ଡି ପିଲାମାନଙ୍କର ଗୀତ ( ୧୩୦ ପୃଷ୍ଠା ) ଏକତ୍ର ଉପସ୍ଥିତିରେ ହାସ୍ୟରସ ସୃଷ୍ଟି କରେ ଓ 'ସଂସାରଚିତ୍ର'ରେ ଚୌଧୁରୀଙ୍କର ପ୍ରଭାବ, ପ୍ରତିପତ୍ତି ଓ ତାହାର ପରିଣତି ମଧ୍ୟରେ ଅସାମଞ୍ଜସ୍ୟ ଥିବାରୁ ତାହା ମଧ୍ୟ ହାସ୍ୟକର ହୁଏ । ନାଟକରେ ହାସ୍ୟରସ ପ୍ରଧାନତଃ ବ୍ୟଙ୍ଗ ବା ବିଦ୍ରୂପାତ୍ମକ ହେଲେ ମଧ୍ୟ କେତେକ ଓଡ଼ିଆ ନାଟକରେ ଅନାବିଳ ହାସ୍ୟରସର ଉଦାହରଣ ମିଳେ । 'ସଂସାରଚିତ୍ର'ରେ ଟହଳିଆମାନଙ୍କର ବା ଗୁମାସ୍ତାମାନଙ୍କର କଥୋପ-କଥନ, 'ଯୁଗଧର୍ମ' ନାଟକରେ ପୁଷ୍କରିଣୀତଟରେ ସ୍ତ୍ରୀଲୋକମାନଙ୍କର କଥାବାର୍ତ୍ତା ପ୍ରଭୃତିରେ ଆମ୍ଭେମାନେ ଏହାର ଉଦାହରଣ ପାଉଁ, ମାତ୍ର ସାଧାରଣତଃ ନାଟ୍ୟସ୍ଥ ହାସ୍ୟରସର ଅନ୍ତରାଳରେ ବ୍ୟଙ୍ଗ ସର୍ବଦା ପ୍ରଚ୍ଛନ୍ନ-ଭାବରେ ଅବସ୍ଥାନ କରେ ।

ଓଡ଼ିଆ ନାଟକମାନଙ୍କରେ ଉଚ୍ଚାଙ୍ଗର ହାସ୍ୟରସ ବିରଳ ନୁହେଁ । ସାଧାରଣତଃ ଆମ୍ଭେମାନେ ନାଟକରେ ଏପରି ହାସ୍ୟରସର ନମୁନା ପାଇଥାଉଁ, କିନ୍ତୁ 'ଉତ୍କଳ-ଗୌରବ'ରେ ସମରଭଦ୍ରଙ୍କୁ ଚୁମ୍ବନ କରିବା ଦୃଶ୍ୟ (୯୨ ପୃଷ୍ଠା) ବା 'ସୁଭଦ୍ରାର୍ଜୁନ'ରେ କର୍ମନାଶାର କୃତ୍ରିମ ବିବାଦ ଦୃଶ୍ୟ

ଅଥବା 'ପ୍ରେମିକଗ୍ରନ୍ଥ'ରେ ପଥିକ ପଣ୍ଡା ଚକୁ ଚୁମ୍ବନ କରିବା ଦୃଶ୍ୟ କଳା-ଦୃଷ୍ଟିରୁ ନୀଚଶ୍ରେଣୀୟ ବୋଲି ମନେ କରିବାକୁ ହେବ । ନାଟକ-ମାନଙ୍କରେ ସ୍ତ୍ରୀନୃତ୍ୟ, ମଦ ଖାଇବାର ଦୃଶ୍ୟ, ମଦ୍ୟପାନସୂଚକ ସଙ୍ଗୀତ ପ୍ରଭୃତି ମଧ୍ୟ ଏହିପରି ନିକୃଷ୍ଟ ଶ୍ରେଣୀର ହାସ୍ୟକର ଦୃଶ୍ୟ ଓ ଆଧୁନିକ ନାଟକମାନଙ୍କରେ ଏହିପରି ଦୃଶ୍ୟମାନ ପରିହାର କରାଯାଉଥିବା ସୁଖର ବିଷୟ । ନାଟକୀୟ ହାସ୍ୟରସ ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ବ୍ୟବହୃତ ହାସ୍ୟରସଠାରୁ ଭିନ୍ନ । ନାଟକ ଦ୍ୱନ୍ଦ୍ୱ ଉପରେ ପ୍ରତିଷ୍ଠିତ; ଏଣୁ କେବଳ ହାସ୍ୟକର ବର୍ଣ୍ଣନା ବା ରୂପକଳ୍ପିତ ନାଟକରେ ବ୍ୟବହୃତ ହୋଇ ପାରେ ନାହିଁ । ପୁଣି ନାଟକ ଅଭିନୀତ ହେଉଥିବାରୁ ନାଟ୍ୟକାର କେବଳ ପାଠକର କଳ୍ପନା ଉପରେ ନିର୍ଭର ନ କରି ହାସ୍ୟକର ବ୍ୟାପାରକୁ ଚିତ୍ରିତ ଓ ରୂପବନ୍ତ କରିବାର ଚେଷ୍ଟା କରନ୍ତି । ନାଟକୀୟ ହାସ୍ୟରସ ନିମନ୍ତେ ପୁଣି ପ୍ରତ୍ୟେକ ସ୍ଥାନରେ ପ୍ରଚ୍ଛନ୍ନ ଦ୍ୱନ୍ଦ୍ୱର ଏକାନ୍ତ ପ୍ରୟୋଜନ । ରାଜସଭାର ଗମ୍ଭୀର କାର୍ଯ୍ୟାବଳୀ ସହିତ ବିଦୂଷକର ଭୋଜନବିଳାସର ଦ୍ୱନ୍ଦ୍ୱ, ସୈନିକ ବା ରକ୍ଷୀର କର୍ତ୍ତବ୍ୟ ସହିତ ତାହାର ଭୟ ଓ ଆଳସ୍ୟର ଦ୍ୱନ୍ଦ୍ୱ, ଉଚ୍ଚସ୍ଥାନରେ ଅବସ୍ଥିତ ଲୋକର ଲୁଚ୍ଚାମି ପ୍ରଚେଷ୍ଟା ଓ ତାହାର ପରିଣତି ମଧ୍ୟରେ ଦ୍ୱନ୍ଦ୍ୱ, ସାଧାରଣରେ ବ୍ୟବହୃତ ଭାଷା ଓ ଅଭିନୟକାଳୀନ ବିଶେଷ ଚରିତ୍ରଦ୍ୱାରା ବ୍ୟବହୃତ ସଂସ୍କୃତ ଭାଷାର ଦ୍ୱନ୍ଦ୍ୱ, ଏହିପରି ଦ୍ୱନ୍ଦ୍ୱର ଆଶ୍ରୟ ନ ଥିଲେ କୌଣସି ଦୃଶ୍ୟ ନାଟକରେ ସ୍ଥାନ ପାଇ ନ ପାରେ ଏବଂ ଓଡ଼ିଆ ନାଟକମାନଙ୍କରେ ଏପରି ହାସ୍ୟକର ଦ୍ୱନ୍ଦ୍ୱର ଚିହ୍ନ ଅବିରଳ ଆମ୍ଭେମାନେ ପାଇଥାଉଁ ।

ନାଟକର ପ୍ରଧାନ ଅବଲମ୍ବନ କରୁଣରସ । ହାସ୍ୟରସଦ୍ୱାରା ଦର୍ଶକମାନେ ସାମୟିକ ଆନନ୍ଦିତ ହୋଇ ପାରନ୍ତି, ବ୍ୟଙ୍ଗ ବିଦ୍ରୂପାଦିଦ୍ୱାରା ତାଙ୍କ ମନରେ ଆନନ୍ଦ ସଞ୍ଚାରିତ ହୋଇ ପାରେ, କିନ୍ତୁ ସେମାନଙ୍କ ମନରେ ଆବେଗ ବା ଉତ୍ତେଜନା ଜାଗରୂକ କରିବା ନିମନ୍ତେ, ସ୍ଥାୟୀଭାବ ସଞ୍ଚାର କରିବା ନିମନ୍ତେ, ମାନସିକ ଅନ୍ତର୍ଦ୍ୱନ୍ଦ୍ୱଦ୍ୱାରା ସେମାନଙ୍କ ହୃଦୟକୁ ସ୍ପର୍ଶ କରିବା ନିମନ୍ତେ, କରୁଣରସର ପ୍ରୟୋଜନ । ଏହି କାରଣରୁ ନାଟ୍ୟକାରମାନେ ନିଜ ନାଟକରେ ହାସ୍ୟରସକୁ ସ୍ୱୀକାର କରିଥିଲେହେଁ, କରୁଣରସର ପ୍ରଭାବକୁ ମୃଦୁ କରିବା ନିମନ୍ତେ ଏହାର ବ୍ୟବହାର କରିଥିଲେହେଁ ଏବଂ କ୍ଷୁଦ୍ର କ୍ଷୁଦ୍ର ପ୍ରହସନମାନ ରଚନା କରି କେବଳ ହାସ୍ୟରସର ଅବତାରଣା କରିଥିଲେହେଁ ପଞ୍ଚାଙ୍କ ନାଟକରେ ସାଧାରଣତଃ

କରୁଣରସର ପ୍ରାଧାନ୍ୟ ଦେଖାଯାଏ ଓ ଏହାଦ୍ୱାରା ସେମାନଙ୍କର ପ୍ରସ୍ତାବ ବହୁକ୍ଷଣସ୍ଥାୟୀ ହୋଇଥାଏ । ନାଟକର ମୂଳ ଉଦ୍ଦେଶ୍ୟ ଅଭିନୟଦ୍ୱାରା ଜୀବନର ବାସ୍ତବ ଚିତ୍ର ଅଙ୍କିତ କରି ଦର୍ଶକମାନଙ୍କୁ ଆନନ୍ଦ ଦେବା ଓ ସେମାନଙ୍କର ଚିତ୍ତବିନୋଦନ କରିବା । ଏହି କାରଣରୁ କରୁଣରସର ଚିତ୍ର ନାଟକ ମଧ୍ୟରେ ସ୍ଥାନ ପାଇବା ଅନୁଚିତ ବୋଲି କାହାରି କାହାରି ମତ । ମାତ୍ର କରୁଣରସର ଚିତ୍ର ପ୍ରଦର୍ଶନଦ୍ୱାରା ଲୋକମାନଙ୍କ ମନରେ ଆନନ୍ଦ ଜାତ କରିବା ମଧ୍ୟ ସମ୍ଭବପର ହୋଇଥାଏ । କାରଣ ଏହାଦ୍ୱାରା ଅନେକ ସମୟରେ ସତର ଉତ୍କର୍ଷ ପ୍ରଦର୍ଶିତ ହୋଇ ପାପୀର ପତନ ଦେଖାଇବାଦ୍ୱାରା ଦର୍ଶକମାନଙ୍କ ମନରେ ସଂସାରରେ ନୈତିକ ଶୃଙ୍ଖଳା ଉପରେ ଆସ୍ଥା ଦୃଢ଼ୀଭୂତ ହୁଏ ଓ ଆନନ୍ଦର ସଞ୍ଚାର କରିବା ସମ୍ଭବ ମଧ୍ୟ ହୁଏ । ପୁଣି ଖ୍ୟାତ ବ୍ୟକ୍ତିମାନଙ୍କର ଆକସ୍ମିକ ପତନ ଓ ଅତିଶୟ କଷ୍ଟ ଦେଖାଇବାଦ୍ୱାରା ସାଧାରଣ ମନୁଷ୍ୟମାନଙ୍କର ସାଂସାରିକ କଷ୍ଟର ଲଘୁତା ମଧ୍ୟ ସାଧିତ ହୋଇଥାଏ ଓ ସେମାନଙ୍କୁ ପରୋକ୍ଷଭାବରେ ସାନ୍ତ୍ୱନା ମଧ୍ୟ ଦିଆଯାଇଥାଏ । କିନ୍ତୁ ନାଟକରେ କରୁଣରସର ଯଥାଯଥ ବିନ୍ୟାସ ଓ ଅନ୍ୟ ରସମାନଙ୍କର ଅବତାରଣା କରି ରସସାମ୍ୟ ସ୍ଥାପନ କରିବା ଦୁରୂହ ବ୍ୟାପାର । ଏକ ଦିଗରେ କରୁଣରସର ବାହୁଲ୍ୟ ନାଟକକୁ ଭାରଗ୍ରସ୍ତ କରିଦିଏ ଓ ନାଟଗୃହର ଲୋକମାନଙ୍କୁ ସାମୟିକ ବିଳାସସାମଗ୍ରୀ ଯୋଗାଇ ପାରିଲେହେଁ ଉଚ୍ଚାଙ୍ଗ ସାହିତ୍ୟରସିକମାନେ ଏପରି ଲେଖାକୁ ସମାଦର କରିବା ଅସମ୍ଭବ । ପୁଣି କରୁଣରସ ସହିତ ଅନ୍ୟ ରସମାନଙ୍କର ବ୍ୟବହାର ମଧ୍ୟ ଅନେକ ସମୟରେ ନାଟକକୁ ରସଦୁଷ୍ଟ କରିଦିଏ ଓ ରସବିକ୍ଷୋଭ ଜାତ କରିଥାଏ । 'ତାଜମହଲ' ନାଟକରେ କରୁଣରସର ଏହି ଆଧିକ୍ୟ ଦର୍ଶକମାନଙ୍କୁ ବିଚଳିତ କରିବା ସମ୍ଭବ, ପୁଣି 'କାର୍ତ୍ତବୀର୍ଯ୍ୟ' ନାଟକରେ କରୁଣରସ ସହିତ ଅନ୍ୟାନ୍ୟ ରସମାନଙ୍କର ଏକତ୍ର ଚିତ୍ରଣଯୋଗୁଁ କୌଣସି ରସ ସ୍ଥାୟୀଭାବରେ ଦର୍ଶକମାନଙ୍କ ମନକୁ ଆନ୍ଦୋଳିତ କରି ପାରୁ ନାହିଁ ।

ନାଟକର କରୁଣରସର ମୂଳବସ୍ତୁ କୌଣସି ଖ୍ୟାତ ବ୍ୟକ୍ତିର ପତନ । ଏହି ପତନର ନାନା କାରଣ ଥାଇ ପାରେ, ନାନାପ୍ରକାର ନାୟକର ପତନ ନାନାପ୍ରକାରେ ଓ ନାନା ପରିସ୍ଥିତି ମଧ୍ୟରେ ଘଟି ପାରେ ଓ ନାନା ଦ୍ୱନ୍ଦ୍ୱ ଓ କ୍ରିୟା ପ୍ରତିକ୍ରିୟା ମଧ୍ୟରେ ଏହି ପତନ ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟରୂପେ ଆମ୍ଭମାନଙ୍କ ସମ୍ମୁଖରେ ପ୍ରତିଭାତ ହୋଇ ପାରେ । ଗ୍ରୀକ୍ ନାଟକରେ ଅନ୍ଧ ନିୟତିର ପ୍ରଭାବଦ୍ୱାରା ସଂସାରରେ ପ୍ରଖ୍ୟାତ ଓ ମାନ୍ୟ ଲୋକମାନଙ୍କର

ପତନ ଘଟିବାର ଦୃଶ୍ୟ ରଙ୍ଗମଞ୍ଚରେ ଅଭିନୀତ କରାଯାଇ ଦର୍ଶକମାନଙ୍କ ମନରେ ଭୟ, ସହାନୁଭୂତି ଓ ଅନୁଶୋଚନା ଜାତ କରି ସେମାନଙ୍କୁ ଶିକ୍ଷା ଦେବାର ପ୍ରୟାସ କରାଯାଉଥିଲା ଓ ସେମାନଙ୍କ ମନରୁ କ୍ଷୁଦ୍ର ସାଂସାରିକ ଭାବମାନ ଦୂରୀଭୂତ କରି ଉଚ୍ଚ ଆଦର୍ଶମାନଙ୍କଦ୍ୱାରା ସେମାନଙ୍କୁ ଅନୁପ୍ରାଣିତ କରିବାର ଚେଷ୍ଟା କରାଯାଉଥିଲା। ଇଂରାଜୀ ନାଟକରେ ନିୟତିର ଅନିବାର୍ଯ୍ୟତା ସହିତ ନାୟକର ଚରିତ୍ରକୁ ମଧ୍ୟ ପତନର କାରଣସ୍ୱରୂପ କଳ୍ପନା କରାଯାଉଥିଲା ଓ ନାଟକଦ୍ୱାରା ଶିକ୍ଷା ଦେବାର ଉଦ୍ଦେଶ୍ୟ ପରିସ୍ଫୁଟ ହୋଇ ଲେଖକଙ୍କର ଉପଦେଶଦାନ [illegible] ମୁଖ୍ୟ ଉଦ୍ଦେଶ୍ୟ ସ୍ୱରୂପ ଗଣନା କରାଯାଉଥିଲା। ସଂସ୍କୃତ ନାଟକମାନଙ୍କରେ ନାୟକନାୟିକାମାନଙ୍କର ପତନ ବା ଦୁଃଖ-ବର୍ଣ୍ଣନା କରୁଣରସ ଉଦ୍ରେକ କରିବା ନିମନ୍ତେ ବ୍ୟବହୃତ ହେଉଥିଲା, ସେଥିରେ ଅନ୍ଧନିୟତିର ସ୍ଥାନ ମଧ୍ୟ ନ ଥିଲା ଓ ଲୋକମାନଙ୍କ ମନରେ ଭୟ ବା ଅନୁଶୋଚନା ଜାତ କରିବାର ପ୍ରୟାସ ମଧ୍ୟ ସେଥିରେ ନ ଥିଲା, କାରଣ ସଂସ୍କୃତ ନାଟକର ମୂଳ ଉଦ୍ଦେଶ୍ୟ କାବ୍ୟର ମଧୁର ରସଦ୍ୱାରା ଜନସମାଜକୁ ସୁସ୍ୱାଦ୍ୟଭାବରେ କାନ୍ତର ଶିକ୍ଷା ଦେବା। ଏହି ଉଦ୍ଦେଶ୍ୟଦ୍ୱାରା ଅନୁପ୍ରାଣିତ ହୋଇଥିବାରୁ ଓ ସଂସାରର ନୀତିମାର୍ଗ ବିଷୟରେ ସମ୍ୟକ୍ ଅବଗତ ଥିବାରୁ ଲୋକମାନଙ୍କର କଷ୍ଟକୁ କୌଣସି ପାପକାର୍ଯ୍ୟର ଫଳସ୍ୱରୂପ କଳ୍ପନା କରାଯାଉଥିଲା। ଦୁଷ୍ମନ୍ତଙ୍କର ପ୍ରତ୍ୟାଖ୍ୟାନଜନିତ ଶକୁନ୍ତଳାର କଷ୍ଟ ଅହେତୁକ ନୁହେଁ; କାରଣ ଏହା ଦୁର୍ବାସାଙ୍କ ପ୍ରତି ଅସମ୍ମାନ ଆଚରଣର ପ୍ରତ୍ୟକ୍ଷ ଫଳ। ରାମଙ୍କର ବନବାସଜନିତ ଦଶରଥଙ୍କର କଷ୍ଟ ତାଙ୍କର ସିନ୍ଧୁମୁନିବଧ-ଜନିତ ପାପର ଫଳ, ସୀତାଙ୍କର ବନବାସ ତାଙ୍କର ପୂର୍ବଜନ୍ମକୃତ କୌଣସି ପାପଦ୍ୱାରା ସଞ୍ଜାତ। ପାପ ଓ କଷ୍ଟ ମଧ୍ୟରେ ଏହିପରି ପ୍ରତ୍ୟକ୍ଷ ସମ୍ବନ୍ଧ ଓ ସମ୍ପର୍କ ସ୍ଥାପିତ ହୋଇଥିବା ଫଳରେ ସଂସ୍କୃତ ନାଟକମାନଙ୍କରେ କରୁଣରସାଶ୍ରିତ ଦୃଶ୍ୟମାନ ଲୋକଶିକ୍ଷା ନିମନ୍ତେ କଳ୍ପିତ ହୋଇଥିବାର ସହଜରେ ଅନୁମାନ କରାଯାଇ ପାରେ। ପାଶ୍ଚାତ୍ୟଜଗତରେ ତିନୋଟି ପ୍ରଧାନ ନାଟ୍ୟଗୋଷ୍ଠୀ ମଧ୍ୟରେ କରୁଣରସର ବ୍ୟାଖ୍ୟାନ ବିଷୟରେ ଏହିପରି ତିନୋଟି ଭିନ୍ନ ମନୋଭାବ ଲକ୍ଷିତ ହୋଇଥାଏ।

ଓଡ଼ିଆ ନାଟକମାନ କେତେକ କ୍ଷେତ୍ରରେ ସଂସ୍କୃତ ନାଟ୍ୟକଳା ଉପରେ ପ୍ରତିଷ୍ଠିତ, ଅନ୍ୟ କେତେକ କ୍ଷେତ୍ରରେ ଇଂରାଜୀ ନାଟ୍ୟଶୈଳୀକୁ ଅନୁସରଣ କରିବାରେ ପ୍ରବୃତ୍ତ। 'କାର୍ତ୍ତବୀର୍ଯ୍ୟ' ନାଟକରେ କାର୍ତ୍ତବୀର୍ଯ୍ୟଙ୍କର ପତନ ତାର ଔଦ୍ଧତ୍ୟର ଫଳ ଅର୍ଥାତ୍ କରୁଣରସ କାର୍ତ୍ତବୀର୍ଯ୍ୟର ଚରିତ୍ର

ଉପରେ ପ୍ରତିଷ୍ଠିତ ନାଟ୍ୟକାର ଏହା ସୁସ୍ପଷ୍ଟଭାବରେ ଦେଖାଇଅଛନ୍ତି । ଏହି ନାଟକରେ ନିୟତି ସ୍ୱୟଂ ରଙ୍ଗମଞ୍ଚରେ ଆବିର୍ଭୂତା ହୋଇ ମନୁଷ୍ୟମାନଙ୍କ ଉପରେ ନିଜର ପ୍ରଭାବ କିମ୍ବା କର୍ତ୍ତୃତ୍ୱଜନ୍ୟ କ୍ଷମତାର ପରିଚୟ ଦେବା ପରିବର୍ତ୍ତେ 'ଧର୍ମେ ଜୟ, ପାପେ କ୍ଷୟ, ଶରୀରଜନ ଯତି, ଏ ବଧି ବନ୍ଧନେ ସଦା ଆବଦ୍ଧ ମୁଁ ହାୟ' ଏହିପରି ଶୋକାବହ ସଙ୍ଗୀତରେ ପାପକୁ ପତନର କାରଣସ୍ୱରୂପ ସ୍ପଷ୍ଟ ନିର୍ଦ୍ଦେଶିତ କରୁଅଛନ୍ତି । ଅବଶ୍ୟ 'ଧର୍ମାର୍ଜୁନ' ନାଟକରେ ନିୟତି 'ରଙ୍ଗମଞ୍ଚରେ ଆବିର୍ଭୂତା ହୋଇ "ନିତି ଏ ଗତି"; ସଙ୍ଗୀତରେ ସଂସାରର ପରିବର୍ତ୍ତନଶୀଳତାର କୌଣସି କାରଣ ନିର୍ଦ୍ଦେଶ କରି ନାହାନ୍ତି; ମାତ୍ର ଅନେକ ଓଡ଼ିଆ ନାଟକରେ ଲୋକଶିକ୍ଷା ଦେବାର ଉଦ୍ଦେଶ୍ୟ ସ୍ପଷ୍ଟଭାବରେ ଘୋଷିତ ହୋଇଥିବାରୁ ସେଥିରେ କୌଣସି ବିଖ୍ୟାତ ଲୋକର ପତନ ମାତ୍ର ବର୍ଣ୍ଣିତ ନ ହୋଇ ତାହାର ପତନର କାରଣସ୍ୱରୂପ ପାପ ମଧ୍ୟ ନିର୍ଦ୍ଦେଶିତ ହୋଇଅଛି । ବାସ୍ତବିକ ପୌରାଣିକ ନାଟକମାନଙ୍କରେ ଲୋକମାନଙ୍କୁ କଥାଚ୍ଛଳରେ ଉପଦେଶ ଦେବା ଉଦ୍ଦେଶ୍ୟ ପ୍ରଚ୍ଛନ୍ନଭାବରେ ନିହିତ ଥିବାରୁ ପ୍ରାୟ ପ୍ରତ୍ୟେକ ପୌରାଣିକ ଉପାଖ୍ୟାନରେ ପଣ୍ଡିତବର୍ଗଙ୍କ ଉପଦେଶମାନ ଦିଆଯାଇଅଛି ଓ ଓଡ଼ିଆ ପୌରାଣିକ ନାଟକମାନଙ୍କରେ ମଧ୍ୟ ଏହି ଶିକ୍ଷା ପ୍ରଚେଷ୍ଟା ସ୍ପଷ୍ଟଭାବରେ ଦେଖାଯାଉଅଛି । ଓଡ଼ିଆ କରୁଣରସାଶ୍ରିତ ନାଟକମାନଙ୍କରେ ନାୟକଚରିତ୍ରରେ ଥିବା ପାପ ହେତୁରୁ ତାହାର ପତନ ଅବଶ୍ୟମ୍ଭାବୀ ହୋଇଥିବାରୁ ଇଂରାଜୀ ଓ ସଂସ୍କୃତ ନାଟ୍ୟକାରମାନଙ୍କର ମିଶ୍ରିତ ବ୍ୟବହାର ଏହିପରି ନାଟକରେ ଦେଖାଯାଉଅଛି ।

ନାୟକର ପତନହିଁ ଯେ କେବଳ କରୁଣରସର ମୂଳ ବସ୍ତୁ ତାହା ନୁହେଁ । ଏହି ପତନଜନିତ ପରିସ୍ଥିତି ଓ ପତନର କାରଣସ୍ୱରୂପ ନାଟକୀୟ ଦ୍ୱନ୍ଦ୍ୱ ମଧ୍ୟ କାରୁଣ୍ୟ ସହିତ ଘନିଷ୍ଠଭାବରେ ସମ୍ପୃକ୍ତ । 'ରାମାଭିଷେକ' ନାଟକରେ ରାବଣର ମୃତ୍ୟୁହିଁ ଏକମାତ୍ର କରୁଣରସର ଉତ୍ତେଜକ ନୁହେଁ । ଏହି ମୃତ୍ୟୁଦ୍ୱାରା ରାମ, ମନ୍ଦୋଦରୀ ପ୍ରଭୃତି ଯେପରି ଭାବରେ ଶୋକାକୁଳ ହେଲେ, ତାହାହିଁ ଦର୍ଶକମାନଙ୍କର ମାନସିକ ଉତ୍ତେଜନାର ଉପାଦାନ ଯୋଗାଇଅଛି । ପୁଣି ସେହି ନାଟକରେ ଇନ୍ଦ୍ରଜିତଙ୍କର ମୃତ୍ୟୁ ମଧ୍ୟ ନିଜେ ନିଜେ ଶୋକାବହ ନୁହେଁ । ରାବଣ, ମନ୍ଦୋଦରୀ ଓ ଅନ୍ୟାନ୍ୟ ପୁରଜନମାନଙ୍କ ଉପରେ ଏହାର ପ୍ରଭାବ ନାଟକର ରସବସ୍ତୁର ଆଶ୍ରୟସ୍ୱରୂପ ବର୍ଣ୍ଣନା କରାଯାଇଅଛି । 'ମେଘନାଦବଧ' ନାଟକରେ ଏହିପରି କେବଳ ଇନ୍ଦ୍ରଜିତର

ମୃତ୍ୟୁ କରୁଣରସ ଉଦ୍ରେକ କରୁ ନାହିଁ, ପ୍ରମିଳା ଉପରେ ତା'ର ପ୍ରଭାବହିଁ ବାସ୍ତବରେ ଶୋକାବହ ଓ ସେହି କାରଣରୁ ଉକ୍ତ ନାଟକରେ ନାଟ୍ୟକାର କେବଳ ଇନ୍ଦ୍ରଜିତ ବଧରେ ନାଟକକୁ ସମାପ୍ତ ନ କରି ପ୍ରମିଳାଙ୍କର ସହମୃତ୍ୟୁକୁ ପ୍ରଦର୍ଶିତ କରିଅଛନ୍ତି ଓ 'ଚନ୍ଦ୍ରକଳାସହଗମନ'ରେ ମଧ୍ୟ ଏହି ନୀତି ଅନୁସୃତ ହୋଇଅଛି । 'କଳିକାଳ' ନାଟକରେ ବସୁପାଳପୁରେ କୃଷ୍ଣଚରଣଙ୍କ ଦଣ୍ଡ ପରେ ନାଟ୍ୟକାର ତାଙ୍କର ପରିଜନ ଉପରେ ଏହା'ର ପ୍ରଭାବ ବର୍ଣ୍ଣନା କରିଅଛନ୍ତି ଓ ଘରଶୂନ୍ୟ ଦର୍ଶକମାନଙ୍କ ମନରେ ପରିବାର ମଧ୍ୟରେ ସ୍ତ୍ରୀ ବା ମାତାଙ୍କର ସୁଖ ଦୁଃଖ ସମ୍ପୂର୍ଣ୍ଣରୂପେ ସ୍ୱାମୀ ପୁତ୍ରଙ୍କ ସୁଖ ଦୁଃଖ ସହିତ ସମ୍ପୃକ୍ତ ଥିବାରୁ ନାଟ୍ୟକାରମାନେ ଏହି ସାମାଜିକ ଆବେଷ୍ଟନୀ ବା ପ୍ରଚ୍ଛଦପଟକୁ ମନେ ରଖି ନାଟକ ରଚନାରେ ପ୍ରବୃତ୍ତ ହୋଇଥାନ୍ତି । ଅତି ପ୍ରାକୃତ ପୌରାଣିକ ନାଟକମାନଙ୍କରେ ମଧ୍ୟ ଏହି ପାରିବାରିକ ପରିସ୍ଥିତିର ଆବେଗ ନେଇ କରୁଣରସ ସୃଷ୍ଟି କରାଯାଏ ।

ନାଟକରେ ଦ୍ୱନ୍ଦ୍ୱ ଓ ଉତ୍ତେଜନା ହିଁ ମୁଖ୍ୟବସ୍ତୁ । ଏଣୁ କରୁଣରସର ବ୍ୟଞ୍ଜନା ମଧ୍ୟରେ ନାଟକୀୟ ଦ୍ୱନ୍ଦ୍ୱ ପ୍ରଦର୍ଶିତ କରିବା ବିଧି । ଓଡ଼ିଆ ନାଟକମାନଙ୍କରେ ପ୍ରାୟ ସର୍ବତ୍ର ଏହି ଦ୍ୱନ୍ଦ୍ୱ ଯଥାଯଥଭାବରେ ଚିତ୍ରିତ ହୋଇଅଛି ଓ ଦ୍ୱନ୍ଦ୍ୱଜନିତ କ୍ଲେଶ ଓ ମନସ୍ତାପ କରୁଣରସ ଉଦ୍ରେକ କରିବା ନିମନ୍ତେ ବ୍ୟବହୃତ ହୋଇଅଛି । 'ରାଜମହଲ' ଓ '[illegible]' ନାଟକମାନଙ୍କରେ ପ୍ରେମ ଓ ବିବାହ ମଧ୍ୟରେ ଦ୍ୱନ୍ଦ୍ୱ, 'କୋଣାର୍କ' ନାଟକରେ ରାଜାଙ୍କର ସ୍ୱାର୍ଥ ଓ ଶିଳ୍ପୀମାନଙ୍କର ସମ୍ମାନ ମଧ୍ୟରେ ଦ୍ୱନ୍ଦ୍ୱ, 'ଗୋବିନ୍ଦବିଦ୍ୟାଧର' ନାଟକରେ କର୍ତ୍ତବ୍ୟ ଓ ଦୁରାଶାବଶ ମଧ୍ୟରେ ଦ୍ୱନ୍ଦ୍ୱ ପ୍ରଭୃତି ନାନାପ୍ରକାରର ଦ୍ୱନ୍ଦ୍ୱ କରୁଣରସ ଉଦ୍ରେକ ନିମନ୍ତେ ବ୍ୟବହୃତ ହୋଇଅଛି । ପୁଣି 'କାର୍ତ୍ତବୀର୍ଯ୍ୟ' ନାଟକରେ ପରଶୁରାମଙ୍କ ମନରେ ପିତୃଆଜ୍ଞା ପାଳନ ଓ ମାତୃଭକ୍ତି ମଧ୍ୟରେ ଦ୍ୱନ୍ଦ୍ୱ ମାତୃହତ୍ୟା ବ୍ୟାପାରକୁ ନିତାନ୍ତ କରୁଣ ଓ ଶୋକାବହ କରୁଅଛି । ମୃତ୍ୟୁ ଯଦି କରୁଣରସର ଏକମାତ୍ର ବିଷୟବସ୍ତୁ ହୋଇଥାନ୍ତା, ତେବେ 'ଚୈତନ୍ୟଲୀଳା' ନାଟକରେ ଚୈତନ୍ୟଙ୍କ ଦେହତ୍ୟାଗ ଅତ୍ୟନ୍ତ କରୁଣ ବୋଲି ବୋଧ ହୋଇଥାନ୍ତା, କିନ୍ତୁ ଅନ୍ୟାନ୍ୟ ସମସ୍ତରେ ଏହି ଦୃଶ୍ୟ ଦର୍ଶକମାନଙ୍କ ମନରେ ଏପରି ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୁଏ ନାହିଁ । କାରଣ ମୃତ୍ୟୁ ଏଠାରେ ଉପାଖ୍ୟାନର ଚରମ ପରିଣତି ନୁହେଁ । କ୍ଲେଶ ଯଦି କରୁଣରସର ଏକମାତ୍ର ବିଷୟବସ୍ତୁ ହୋଇଥାନ୍ତା, ତେବେ ଜଗାଇ ମାଧାଇ ଯେତେବେଳେ ଦୁଷ୍ଟ କାର୍ଯ୍ୟର ପ୍ରରୋଚନାରେ ଲୋଷ୍ଟ୍ର ନିକ୍ଷେପ

କରି ଚୈତନ୍ୟଙ୍କୁ ଖତବିଖତ କଲେ ସେତେବେଳେ ତାହା ମଧ୍ୟ ଅତ୍ୟନ୍ତ କରୁଣ ବୋଲି ଆମ୍ଭେମାନେ ମନେ କରି ପାରୁ, କିନ୍ତୁ ତାହା ମଧ୍ୟ ଅଭିନୟ ସମୟରେ ଆମ୍ଭମାନଙ୍କ ଚିତ୍ତକୁ ଏପରି ଭାବରେ ଆଘାତ କରେ ନାହିଁ । ମାତ୍ର ଚୈତନ୍ୟ ଯେତେବେଳେ ସନ୍ନ୍ୟାସ ଗ୍ରହଣ ନିମନ୍ତେ ବ୍ୟଗ୍ର ହୋଇ ନିଜର ମାତା, ପତ୍ନୀ ଓ ସ୍ୱଜନମାନଙ୍କୁ ଛାଡ଼ି ସଂସାରରୁ ପ୍ରସ୍ଥାନ କରିବାକୁ ବ୍ୟଗ୍ର, ସେତେବେଳେ ତାଙ୍କର ସନ୍ନ୍ୟାସଗ୍ରହଣ ଓ ଗାର୍ହସ୍ଥ୍ୟ ଧର୍ମ ମଧ୍ୟରେ ଦ୍ୱନ୍ଦ୍ୱ କରୁଣରସ ସଞ୍ଚାର କରିବାକୁ ସକ୍ଷମ ହୁଏ । ଓଡ଼ିଆ ନାଟକର ସମନ୍ତବର୍ତ୍ତନରେ ଉଚ୍ଚାଙ୍ଗ ନାଟ୍ୟକଳାର ଅନ୍ତଃସ୍ଥଳ କରୁଣରସ-ବ୍ୟଞ୍ଜକ ନାନାପ୍ରକାର ଦ୍ୱନ୍ଦ୍ୱ କଳ୍ପିତ ହୋଇଅଛି । 'ସୌମ୍ୟା' ନାଟକରେ ଏପରି ଦ୍ୱନ୍ଦ୍ୱର ଏକ ଉତ୍କୃଷ୍ଟ ଉଦାହରଣ ମିଳେ । ଏହି ଏକାଙ୍କ କ୍ଷୁଦ୍ରକାୟ ନାଟକରେ ପ୍ରଥମେ ପରିଣୀତାର ସଙ୍କଳ୍ପ ଓ ପ୍ରବୃତ୍ତି ମଧ୍ୟରେ ଦ୍ୱନ୍ଦ୍ୱ, ରାଜାଙ୍କ ପ୍ରବେଶ ପରେ ବାସ୍ତବ ଘଟଣା ଓ ରାଜାଙ୍କ ସନ୍ଦେହ ମଧ୍ୟରେ ଦ୍ୱନ୍ଦ୍ୱ, ରାଜାଙ୍କର ଆଜ୍ଞା ଓ ଯଶୋଧନଙ୍କର ଦେଶପ୍ରେମତା ମଧ୍ୟରେ ଦ୍ୱନ୍ଦ୍ୱ, ସୌମ୍ୟାର ଅନ୍ତରଗତ ମାନସିକ ଦ୍ୱନ୍ଦ୍ୱ ଏହିପରି ନାନା ଦ୍ୱନ୍ଦ୍ୱ କଳ୍ପିତ ହୋଇ ନାଟକଟିକୁ ସରସ କରିଅଛି ଓ କରୁଣରସବସ୍ତୁକୁ କାବ୍ୟର ମାଧୁର୍ଯ୍ୟଦ୍ୱାରା କୋମଳ କରି ଦର୍ଶକମାନଙ୍କୁ କଳ୍ପନାର ଆଶ୍ରୟ ନେଇ ସ୍ଥୂଳ ବସ୍ତୁବସ୍ତୁ ମଧ୍ୟରେ ସୂକ୍ଷ୍ମ ମାନସିକ ଉତ୍ତେଜନା ଉପଭୋଗ କରିବା ନିମନ୍ତେ ପ୍ରବୃତ୍ତି କରୁଅଛି । ସୌମ୍ୟା ଯେତେବେଳେ କହିଲେ 'ଦୋଷୀ ଯଶୋଧନ, କିନ୍ତୁ ଦଣ୍ଡନୀୟା ମୁହିଁ'' କିମ୍ବା ନାଶରେ 'ଜୀବନବନ୍ଧୁ ଦେହର ଦେଖିଛୁ ରୂପ; ଶୁଣି ନାହିଁ ତାର ଗୀତ ମୂର୍ଚ୍ଛନା' ସେତେବେଳେ ସେହି ବାକ୍ୟମାନଙ୍କରେ ନାଶହୃଦୟର · ଅନ୍ତର୍ନିହିତ ଦ୍ୱନ୍ଦ୍ୱ ରସଗ୍ରାହୀ ପାଠକମାନଙ୍କ ମନରେ ଯଥେଷ୍ଟ ପ୍ରଭାବ ବିସ୍ତାର କରି ପାରେ । ମାତ୍ର 'ମୀରକାଶିମ'ରେ ଉପବସ୍ତୁ ଅତି ସ୍ଥୂଳ ପରିସ୍ଥିତି ମଧ୍ୟରେ ପ୍ରଦର୍ଶିତ ହୋଇଥିବାରୁ ଏଥିରେ ବାକ୍ୟଛଟା ଓ କାର୍ଯ୍ୟବ୍ୟସ୍ତତା ଦ୍ୱାରା ଦର୍ଶକର ମନକୁ ଅଭିଭୂତ କରି ନାଟକୀୟ ରସାସ୍ୱାଦନରେ ପ୍ରବୃତ୍ତି କରିବାର ଚେଷ୍ଟା କରାଯାଇଅଛି ।

କରୁଣରସର ଗୋଟିଏ ଆଶ୍ରୟ ଉତ୍ତେଜନା । ହୃଦୟର ଆବେଗ ସମ୍ପର୍କ ପରିସ୍ଫୁଟ ନ ହେଲେ କୌଣସି ନାଟକର ରସ ଚିତ୍ତାକର୍ଷକ ହୋଇ ନ ପାରେ । 'କର୍ଣ୍ଣାର୍ଯ୍ୟ' ନାଟକରେ ଯମଦଗ୍ନିଙ୍କର ମୃତ୍ୟୁଦ୍ୱାରା ପରଶୁରାମଙ୍କ ହୃଦୟରେ ଯେଉଁ ଉତ୍ତେଜନା ଜାତ ହେଲା, ତାହାରି ଫଳରେ ପରବର୍ତ୍ତୀ ଘୋର ଓ କରୁଣରସାଶ୍ରିତ ଦୃଶ୍ୟମାନ ପରିକଳ୍ପିତ । ଏହି ଉତ୍ତେଜନା ନ ଥିଲେ

ନାଟକର ରସବ୍ୟଞ୍ଜନା କେବେହେଁ ସଫଳ ହୋଇ ନ ଥାନ୍ତା । କେତେକ ଓଡ଼ିଆ ନାଟକରେ ଉତ୍ତେଜନା ଅତ୍ୟନ୍ତ କ୍ଷୀଣ କିମ୍ବା ତାହାର ଆନୁଷଙ୍ଗିକ ଘଟଣାମାନ ମଧ୍ୟ ତେତେ ଚିତ୍ତାକର୍ଷକ ନୁହେଁ; ତେଣୁ ନାଟକ ଅଭିନୟ ସମୟରେ ବେଶୀ ହୃଦୟଗ୍ରାହୀ ହୁଏ ନାହିଁ । 'ଗୌରବକେତନ' ନାଟକରେ କୋଣେଲଙ୍କ ମନରେ ଯେଉଁ ଅଶାନ୍ତି ତାହାର କାରଣ ପ୍ରଧାନତଃ ଶାନ୍ତ ସୁତ ଈର୍ଷାମାତ୍ର । ଏହି ଈର୍ଷାକୁ ମଧ୍ୟ ଯଥେଷ୍ଟ କାରଣ ନ ଥିବା ସ୍ଥଳେ ତାହା ଦ୍ୱାରା ବେଶୀ ବଡ଼ ଉତ୍ତେଜନାର ସୃଷ୍ଟି ହେବା ସମ୍ଭବପର ନୁହେଁ ଓ ନାଟକର ପ୍ରଧାନ ବିଷୟବସ୍ତୁ ଏହି ଈର୍ଷା ଉପରେ ପ୍ରତିଷ୍ଠିତ ଥିଲେହେଁ କେବଳ ଦେଶାତ୍ମବୋଧରୁ ଅନ୍ୟ ଗୋଟିଏ ଉତ୍ତେଜନା ନାଟକ ମଧ୍ୟରେ ଥିବାରୁ ଏହାର ଅଭିନୟ ଅନେକ ସମୟରେ ସଫଳ ହୋଇଥାଏ । ପୁଣି 'ପୁରୁଷୋତ୍ତମ ଦେବ' ନାଟକରେ ପୁରୁଷୋତ୍ତମ ଦେବଙ୍କର ଅନ୍ୟାନ୍ୟ ଭାଇମାନଙ୍କ ସହିତ କଳହର ଏକମାତ୍ର କାରଣ ତାଙ୍କ ପିତାଙ୍କର ଆଦେଶ । ଏହି ଆଦେଶଜନିତ ଉତ୍ତେଜନା ଓ ଦ୍ୱନ୍ଦ୍ୱ ଉପରେ କୌଣସି ନାଟକର ଅଭିନୟ ପ୍ରତିଷ୍ଠିତ ହେବା ସମ୍ଭବ ନୁହେଁ । 'ଇରାନ' ନାଟକରେ ନାଟ୍ୟକାର ଯେଉଁ ଦ୍ୱନ୍ଦ୍ୱ ଓ ଉତ୍ତେଜନାର ଅବତାରଣା କରିଅଛନ୍ତି, ତାହା ଜାତି ପ୍ରତି ଅନୁରକ୍ତି ଓ ଗୋଟିଏ ବିଦେଶୀ ବ୍ୟକ୍ତି ପ୍ରତି ପ୍ରେମ ମଧ୍ୟରେ ଦ୍ୱନ୍ଦ୍ୱରୁ ଜାତ ବୋଲି କଳ୍ପିତ; ମାତ୍ର 'ମୀରକାଶିମ' ନାଟକରେ ଯେଉଁ ସବୁ ଉତ୍ତେଜନାର ଚିତ୍ର ଦିଆଯାଇଅଛି, ତାହାର କାରଣ ଯଥାଯଥଭାବରେ ନିର୍ଦ୍ଦେଶିତ ହୋଇ ନାହିଁ ।

ମୃତ୍ୟୁର କରୁଣ ଚିତ୍ର ଅନେକ ଓଡ଼ିଆ ନାଟକରେ ଦେଖାଯାଇଥାଏ । 'ମେଘନାଦବଧ' ନାଟକରେ ଇନ୍ଦ୍ରଜିତଙ୍କର ମୃତ୍ୟୁ, 'ରାମାଭିଷେକ' ନାଟକରେ ରାବଣ ଓ ତାହାଙ୍କର ପୁତ୍ରମାନଙ୍କର ମୃତ୍ୟୁ, 'କାର୍ତ୍ତବୀର୍ଯ୍ୟ' ନାଟକରେ ଜମଦଗ୍ନି, ରେଣୁକା, କାର୍ତ୍ତବୀର୍ଯ୍ୟ, ମନୋରମା ପ୍ରଭୃତିଙ୍କର ମୃତ୍ୟୁ, 'ମୀରକାଶିମ' ନାଟକରେ ମୀରଣର ମୃତ୍ୟୁ, 'ହିନ୍ଦୁ ରମଣୀ'ରେ କମଳାର ମୃତ୍ୟୁ 'ଚୈତନ୍ୟଲୀଳା'ରେ ଚୈତନ୍ୟ ଦେବଙ୍କର ମୃତ୍ୟୁ, 'ନୀଳାବନ୍ତି' ନାଟକରେ ହେମମାଳିନୀଙ୍କ ମୃତ୍ୟୁ ଏହିପରି ନାନା ମୃତ୍ୟୁର ଚିତ୍ର ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଅଛି । ଅନେକ ସମୟରେ ମୃତ୍ୟୁ ହତ୍ୟାରୁ ଘଟିଅଛି, ପୁଣି ଅନେକ ନାଟକରେ ସ୍ୱାଭାବିକ ମୃତ୍ୟୁର ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଅଛି; ମାତ୍ର 'କୋଣାର୍କ' ନାଟକର ଶେଷ ଦୃଶ୍ୟରେ ଯେଉଁ ବହୁ ମୃତ୍ୟୁର ଚିତ୍ର ଦିଆଯାଇଅଛି, ତାହାର କୌଣସି ପ୍ରୟୋଜନ

ନ ଥିଲା । ଧର୍ମୀର ମୃତ୍ୟୁ ପରେ କଣ ଘଟିଲା ଏହାର ବର୍ଣ୍ଣନାଦ୍ୱାରା ନାଟକର କଳେବରକୁ ବୃଦ୍ଧି ନ କରି ଧର୍ମୀର ମୃତ୍ୟୁରେ ନାଟକୀୟ କଥାବସ୍ତୁର ସମାପ୍ତ କରି ପରବର୍ତ୍ତୀ ବିଷୟମାନ ଦର୍ଶକମାନଙ୍କ କଳ୍ପନା ଉପରେ ଛାଡ଼ି ଦେଇଥିଲେ କୌଣସି ପ୍ରକାର ରସହାନି ଘଟି ନ ଥାନ୍ତା । ମାତ୍ର ନାଟ୍ୟକାର ତାହା କରି ନ ଥିବା ସ୍ଥଳେ ସିର, ସରମାଆ ପ୍ରଭୃତିଙ୍କ ମୃତ୍ୟୁର ଚିତ୍ର ଦେବାକୁ ହୋଇଅଛି, କାରଣ ସେମାନଙ୍କର ମୃତ୍ୟୁ ଭିନ୍ନ ନାଟକୀୟ କଥାବସ୍ତୁ ପରିସମାପ୍ତିଲାଭ କରି ନ ପାରେ । 'ଗୋବିନ୍ଦ-ବିଦ୍ୟାଧର' ନାଟକରେ ଏହି ନାଟ୍ୟକାର ମୃତ୍ୟୁର ସକରୁଣ ଚିତ୍ର ଦେଇ-ଅଛନ୍ତି ଓ 'ମାତୃପୂଜା' ନାଟକରେ ମୃତ୍ୟୁର ଯେଉଁ ଚିତ୍ର ଦିଆଯାଇଅଛି, ତନ୍ମଧ୍ୟରେ ଉତ୍ତେଜନାର କାରଣ ଏତେ ସ୍ପଷ୍ଟ ଓ ସମ୍ୟକ୍ ଭାବରେ ନିର୍ଦ୍ଦେଶିତ ଯେ ଏହି ଦୃଶ୍ୟ ଦର୍ଶକମାନଙ୍କ ମନରେ ବହୁକ୍ଷଣସ୍ଥାୟୀ ପ୍ରଭାବ ବିସ୍ତାର କରିବାକୁ ସମର୍ଥ ହୋଇଥାଏ ।

ବିଫଳ ପ୍ରେମର ଅନନ୍ତ ଅନ୍ତର୍ଦ୍ଦାହ, ପ୍ରିୟ ଲୋକର ବିରହରେ କଷ୍ଟ, ଅନ୍ୟର ମନ୍ଦ କରିବାର ଦୁଚେଷ୍ଟାଦ୍ୱାରା କ୍ଷତି ପ୍ରଭୃତି ନାନା କରୁଣ-ରସାତ୍ମକ ଉପାଖ୍ୟାନ ଓଡ଼ିଆ ନାଟକମାନଙ୍କରେ ଅବଲମ୍ବିତ ହୋଇଅଛି । ମାତ୍ର ଏ ସବୁ ଭିତରେ ନ୍ୟାୟର ମର୍ଯ୍ୟାଦା ପ୍ରାୟ ସର୍ବଦା ରକ୍ଷିତ ହୋଇ-ଅଛି ଓ ଅହେତୁକ ନିରର୍ଥକ କଷ୍ଟ ବା ମନଃପୀଡ଼ାର ଚିତ୍ର ଏ ସବୁ ନାଟକରେ ବିରଳ । ନାଟକୀୟ କଥାବସ୍ତୁକୁ ଚିତ୍ତାକର୍ଷକ ଓ ଶିକ୍ଷାପ୍ରଦ କରିବା ଉଦ୍ଦେଶ୍ୟରେ ଓଡ଼ିଆ ନାଟକମାନଙ୍କରେ ମନୁଷ୍ୟର କଷ୍ଟକୁ ମୁଖ୍ୟତଃ ତାହାର ମନ୍ଦ କର୍ମର ପରିଣାମ ବୋଲି କଳ୍ପିତ ହୋଇଅଛି । ମାତ୍ର ସମସ୍ତ ସମୟରେ ଏହାର ବ୍ୟତିକ୍ରମ ମଧ୍ୟ ଦେଖାଯାଏ । 'ବିଷମୋଦକ' ନାଟକରେ ସଦାନନ୍ଦ ପଟ୍ଟନାୟକ ନିଜର ଆଳସ୍ୟ ଓ ସାଂସାରିକ ବୁଦ୍ଧିହୀନତା ଯୋଗୁଁ "ଖାଇବାକୁ ମିଠା; ଜୀବନ ହନ୍ତା" ବିଷମୋଦକ ଗୁଣଦ୍ୱାରା ସର୍ବସ୍ୱାନ୍ତ ହେଲେ । ଦର୍ଶକମାନେ ତାଙ୍କର ବିପଦରେ ସହାନୁଭୂତି ଦେଖାଇବା ପରିବର୍ତ୍ତେ ତାଙ୍କର ଅବିମୃଷ୍ୟକାରିତା ଓ ଆଳସ୍ୟ ଅଧିକ ଉପଭୋଗ କରିଥାନ୍ତି ଓ ବାସ୍ତବିକ ସେ ସାଧୁପ୍ରକୃତିର ଲୋକ ହେଲେହେଁ ତାଙ୍କର ବିପଦ ତାଙ୍କର କୃତକର୍ମର ଫଳ ବୋଲି ଜାଣି ସେଥିପାଇଁ ଦୁଃଖିତ ହୁଅନ୍ତି ନାହିଁ । ମାତ୍ର ନାଟକରେ ନ୍ୟାୟର ଗୌରବ ରକ୍ଷିତ ହୋଇ ନାହିଁ, କାରଣ ବଂଶୀଧର କଣ୍ଟାକର ପ୍ରଭୃତିଙ୍କର ଶଠତାର କୌଣସି ମନ୍ଦ ପରିଣାମ ଚିତ୍ରିତ ହୋଇ ନାହିଁ ଓ ଧନଚତ୍ର ଗ୍ରାମର ମଧ୍ୟ କୌଣସି ବିପଦ କଳ୍ପିତ

ହୋଇ ନାହିଁ । ନାଟକଟିରେ ବାସ୍ତବରେ ଜଣେ ଧର୍ମ ଲୋକର ଚରିତ୍ର ଚିତ୍ରିତ କରାଯାଇଥିଲେହେଁ ନାଟ୍ୟକାର ଏହାକୁ ମୁଖ୍ୟତଃ ହାସ୍ୟରସାତ୍ମକ କରିଥିବାରୁ ଏଥିରେ କରୁଣରସର ସ୍ଥାନ ଅଳ୍ପ ଓ ସେହି କାରଣରୁ ଅନ୍ୟାନ୍ୟ ଚରିତ୍ରମାନଙ୍କର କାର୍ଯ୍ୟର ଫଳ ନାଟ୍ୟକାର ବର୍ଣ୍ଣନା କରି ନାହାନ୍ତି । ମାତ୍ର "ସମାରଣକ" ନାଟକରେ ନାଟ୍ୟକାର କପିଳ ଓ ସୁଧକ ଗୁମାସ୍ତାମାନଙ୍କର ଲୋଭଗ୍ରସ୍ତ ହୋଇ ଲକ୍ଷାମାଟି ଭୁଲିବାର ଚିତ୍ର ଦେଖାଇବା ସାଙ୍ଗ 'ସତ୍ୟମୋହନ' ନାଟକର ଏହି ଅଭାବ ପୂରଣ କରିଅଛନ୍ତି ଓ ସେହି ନାଟକରେ ମହାଜନ ନିଜେ ଜାଲ ଅପରାଧରେ ଦଣ୍ଡିତ ହୋଇ ଅନୁଶୋଚନା କରିବା ଓ ଶୋଚନୀୟଭାବରେ ମୃତ୍ୟୁମୁଖରେ ପତିତ ହେବାର ଚିତ୍ର ଦେଇ ନାଟକକୁ ସମ୍ପୂର୍ଣ୍ଣଭାବରେ କରୁଣରସାତ୍ମକ କରି ତହିଁରେ ନ୍ୟାୟାନୁରକ୍ତିର ଆଦର୍ଶ ପୂର୍ଣ୍ଣଭାବରେ ଦେଇଅଛନ୍ତି । ଅନେକ ନାଟକରେ ପାପୀ ଦୁଷ୍ଟାତ୍ମ ଲୋକମାନଙ୍କର ସ୍ତ୍ରୀ ବା ମାତାଙ୍କର ଚରିତ୍ର ଅତି ମଧୁର ଓ ସରଳ ବୋଲି ଚିତ୍ରିତ ହୋଇଥାଏ ଓ ସ୍ୱାମୀ ସନ୍ତାନ-ଗଣଙ୍କର ଫଳସ୍ୱରୂପ ପାପୀର କାର୍ଯ୍ୟ ନିମନ୍ତେ ପରିବାରର ସମସ୍ତଙ୍କୁ ନିର୍ବିଶେଷରେ ଅଶେଷ ଯାତନା ଭୋଗ କରିବାକୁ ହୁଏ । ଏହାଦ୍ୱାରା ପାପୀ ପ୍ରତି ଦର୍ଶକମାନଙ୍କର ସହାନୁଭୂତି ଜାଗ୍ରତ ନ ହେଲେ ମଧ୍ୟ ନାଟକଟି କରୁଣରସାତ୍ମକ ହୋଇଥାଏ । ପୁରାଣର କଥାଖ୍ୟାନକୁ ଅବଲମ୍ବନ କରି ଲିଖିତ ନାଟକମାନଙ୍କରେ ଗାର୍ହସ୍ଥ୍ୟ ଓ ପାରିବାରିକ ଜୀବନର ଚିତ୍ର ଏହିସବୁ କାରଣମାନଙ୍କରୁ ଆଣିବାକୁ ହୋଇଥାଏ ।

ଅବଶ୍ୟ ବୀର, କରୁଣ, ହାସ୍ୟରସମାନଙ୍କର ପରସ୍ପର ସହାୟକ ରୂପରେ ବ୍ୟବହାରଦ୍ୱାରା ନାଟ୍ୟବସ୍ତୁକୁ ସରସ କରିବାର ଚେଷ୍ଟା ପ୍ରାୟ ସବୁ ଓଡ଼ିଆ ନାଟକରେ ଦେଖାଯାଏ ଓ ରସମାନଙ୍କର ପର୍ଯ୍ୟାୟ ବ୍ୟବହାର ଏକ ବିଶେଷ ନାଟ୍ୟସୌନ୍ଦର୍ଯ୍ୟରୂପେ ପରିଗଣିତ । କାଞ୍ଚିକାବେରୀ, ଭାଣ୍ଡିଗର୍ଜ, ଉତ୍କଳଗୌରବ ପ୍ରଭୃତି ନାନା ନାଟକରେ ଏପରି ବ୍ୟବହାରର ଯଥେଷ୍ଟ ଉଦାହରଣ ମିଳେ । ମାତ୍ର କେତେକ ନାଟ୍ୟକାରଙ୍କ ହସ୍ତରେ ଏପରି ବ୍ୟବହାରଦ୍ୱାରା ରସବିଚ୍ଛେଦ ଘଟିଥିବାର ଉଦାହରଣ ଏଥିପୂର୍ବେ ପ୍ରଦତ୍ତ ହୋଇଅଛି ।

ଓଡ଼ିଆ ନାଟକମାନଙ୍କରେ ବ୍ୟବହୃତ ଚରିତ୍ରମାନଙ୍କ ସମ୍ବନ୍ଧରେ ମଧ୍ୟ ଅନେକପ୍ରକାର ରଚନାଗତ ଆକ୍ଷେପମାନ ଶୁଣିଥାଉଁ । ନାଟକ ବାସ୍ତବ ଜୀବନର ଚିତ୍ର ଦେଉଥିବା ସ୍ଥଳେ, ନାଟକୀୟ ଚରିତ୍ରଗୁଡ଼ିକ ଜୀବନ୍ତ ହେବା ପ୍ରୟୋଜନ ଓ ଚରିତ୍ରଗୁଡ଼ିକ ସେତେ ସାମାଜିକ ଜୀବନକୁ ଅନୁସରଣ

କିନ୍ତୁ ବାସ୍ତବ ବୋଲି ପ୍ରତୀତ ହେବ ନାଟକ ମଧ୍ୟ ସେତେ ଚିତ୍ତାକର୍ଷକ ହେବା ଅବଶ୍ୟମ୍ଭାବୀ । ସାମାଜିକ ପରିସ୍ଥିତି ମଧ୍ୟରେ ଥିବା ଲୋକମାନଙ୍କର ଜୀବନରେ ପାପ ପୁଣ୍ୟ, ସୁଖ ଦୁଃଖ ଉଭୟ ଜଡ଼ିତ ଥାଏ, ଏଣୁ ନାଟକୀୟ ଚରିତ୍ରରେ ମଧ୍ୟ ସେହିପରି ରହିବା ପ୍ରୟୋଜନ । ଜଣେ ଘୋର ପାପୀର ନିଜ ସ୍ତ୍ରୀ ପ୍ରତି ପ୍ରେମ ଥାଇ ପାରେ, ଅନ୍ୟାୟପରାୟଣ ବ୍ୟକ୍ତିର ହୃଦୟରେ ବାତ୍ସଲ୍ୟ, କରୁଣା ପ୍ରଭୃତି ସଦ୍‌ଗୁଣମାନଙ୍କର ଅସ୍ତିତ୍ୱ ଦେଖାଯାଇ ପାରେ ଓ ନାନା ଦୁଷ୍କାର୍ଯ୍ୟରତ ଲୋକର ଜୀବନରେ ମଧ୍ୟ ପୁଣ୍ୟକାର୍ଯ୍ୟ କରିବାର ସୁଯୋଗ ଥାଇ ପାରେ । ଯେଉଁ ଚରିତ୍ରଗୁଡ଼ିକ ଓଡ଼ିଆ ନାଟ୍ୟକାରମାନେ ଦର୍ଶକମାନଙ୍କ ସମକ୍ଷରେ ଉପସ୍ଥାପିତ କରିଅଛନ୍ତି, ସେମାନଙ୍କର ଆଲୋଚନା କରିବା-ବେଳେ ନାଟ୍ୟକାର ପାର୍ଥିବ ବାସ୍ତବ ଜୀବନକୁ କେତେଦୂର ଅନୁସରଣ ଓ ଅନୁକରଣ କରିଅଛନ୍ତି, ତାହା ଦେଖିବା ପ୍ରୟୋଜନ । ପୌରାଣିକ ଆଖ୍ୟାନବସ୍ତୁମାନଙ୍କ ମଧ୍ୟରେ ଯେଉଁସବୁ ଚରିତ୍ର ଅଛି ସେମାନେ ଅପ୍ରାକୃତ, ଅପାର୍ଥିବ ଓ ଦୈବବଳସମ୍ପନ୍ନ, କିନ୍ତୁ ଏହି ଚରିତ୍ରମାନଙ୍କରେ ମଧ୍ୟ ଅତି-ମାନବତା ଓ ଅବାସ୍ତବତାର ଛଦ୍ମାବରଣତଳେ ଲେଖକମାନେ ମାନବିକତା ବିକଶିତ କରିବାର ଯଥେଷ୍ଟ ଚେଷ୍ଟା କରିଥାଆନ୍ତି । ''ସୀତାବନବାସ'' ନାଟକରେ ଏହିପରି ଗୋଟିଏ ସୁନ୍ଦର ଚିତ୍ର ପ୍ରତି ସ୍ୱର୍ଗୀୟ ଅଭସମ ଭଞ୍ଜ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ସୀତା ଦେବୀ ପୁରାଣବର୍ଣ୍ଣିତ ଅତିମାନବୀ, ଆଦର୍ଶଚରିତା ନାରୀ । ମାତ୍ର ଗୋଟିଏ ଦୃଶ୍ୟରେ ସୀତାଙ୍କର ଫୁଲ ଗୁନ୍ଥିବା ଦେଖାଯାଇ ଶ୍ୱଶ୍ରୂ ତାଙ୍କର ମାତା ଅତି ସ୍ନେହରେ ଓ ଭୟରେ ପ୍ରଶ୍ନ କରୁଅଛନ୍ତି ଯେ ଫୁଲ ଗୁନ୍ଥିବା ସମୟରେ ତାଙ୍କ ହାତରେ ଛୁଞ୍ଚି ବିନ୍ଧି ହୋଇଛି କି ନାହିଁ । ଏଠାରେ ନାଟ୍ୟକାର ଅତିମାନବ ଚରିତ୍ର-ମାନଙ୍କୁ ଅପାର୍ଥିବ ଆସନରୁ ଓହ୍ଲାଇ ଆଣି ମାନବରୂପରେ କଳ୍ପନା କରି ଓ ସେମାନଙ୍କ ଉପରେ ମାନବିକତା ଆରୋପ କରି, ସେମାନଙ୍କୁ ଜୀବନ୍ତ କରିବାର ଚେଷ୍ଟା କରିଅଛନ୍ତି ଓ ବାତ୍ସଲ୍ୟରସର ଗୋଟିଏ ପ୍ରକୃଷ୍ଟ ଚିତ୍ର ଦେଇ ସାଧାରଣ ମନୁଷ୍ୟର ଭୟ, କ୍ରୋଧ ପ୍ରଭୃତି ପ୍ରବୃତ୍ତି ପୌରାଣିକ ଚରିତ୍ରମାନଙ୍କ ଉପରେ ଆରୋପ କରି ନାଟକକୁ ସରସ କରିବାର ଚେଷ୍ଟା କରିଅଛନ୍ତି । 'କାଞ୍ଚିଗାର୍ଯ୍ୟ' ନାଟକରେ ଏହିପରି ମନୋରମା ଓ କାଞ୍ଚିଗାର୍ଯ୍ୟଙ୍କର କଥାବାର୍ତ୍ତା ଦୃଶ୍ୟ ସନ୍ନିବେଶିତ କରି ନାଟ୍ୟକାର ବାସ୍ତବ-ଜୀବନରେ ସ୍ୱାମୀ ସ୍ତ୍ରୀ ସମ୍ପର୍କର ଗୋଟିଏ ଚିତ୍ର ଦେଇ ପୌରାଣିକ ଅପ୍ରାକୃତ ଚରିତ୍ରମାନଙ୍କୁ ପାର୍ଥିବ ଓ ବାସ୍ତବ କରିଅଛନ୍ତି । 'ସାବିତ୍ରୀ' ନାଟକରେ

ମଧ୍ୟ ଏହି କାରଣରୁ ଲୀଳାଚରିତର ଅବତାରଣା କରାଯାଇଅଛି । 'ରାମାଭିଷେକ' ନାଟକରେ ମନ୍ଦୋଦରୀଙ୍କ ଶୋକ, 'ମେଘନାଦବଧ' ନାଟକରେ ପ୍ରମିଳାର ସହଗମନ ପ୍ରଭୃତି ମଧ୍ୟ ଏହି କାରଣରୁ ସନ୍ନିବେଶିତ ହୋଇଅଛି ଓ 'କୃଷ୍ଣାର୍ଜୁନ' ନାଟକମାନଙ୍କରେ ମଧ୍ୟ ବାସ୍ତବ ଜୀବନର ଚିତ୍ର ନାନାସ୍ଥାନରେ ଅନୁସରଣ କରିବାର ଚେଷ୍ଟା କରାଯାଇଅଛି । ବାସ୍ତବ ଜୀବନର ଘଟଣାମାନଙ୍କର ଘାତପ୍ରତିଘାତର ଓ କଥୋପକଥନର ଜୀବନ୍ତ ଚିତ୍ର ପୌରାଣିକ ନାଟକମାନଙ୍କରେ ଦିଆଯାଇଥିବାରୁ ନାଟ୍ୟସ୍ଥ ଚରିତ୍ରମାନେ ଜୀବନ୍ତ ଓ ବାସ୍ତବ ବୋଲି ସୂଚିତ ହୁଅନ୍ତି । ଏହି କାରଣରୁ ନାଟକଗୁଡ଼ିକ ମଧ୍ୟ ଚିତ୍ତାକର୍ଷକ ହୋଇଥାଏ ।

ନାଟ୍ୟସ୍ଥ ଚରିତ୍ରମାନଙ୍କ ମଧ୍ୟରୁ କେତେଗୁଡ଼ିଏ ସ୍ୱୟଂ ପ୍ରୟୋଜନ ଓ ଅନ୍ୟ କେତେଗୁଡ଼ିଏ ଚରିତ୍ର ଅବାନ୍ତର କିମ୍ବା ନାୟକର ଚରିତ୍ରକୁ ପରିସ୍ଫୁଟ କରିବା ନିମନ୍ତେ ପ୍ରଯୁକ୍ତ । 'କାଞ୍ଚିକାବେରୀ' ନାଟକରେ ଦାସ ମହାଶୟଙ୍କର ବାସ୍ତବରେ କୌଣସି ପ୍ରୟୋଜନ ନାହିଁ । ମାତ୍ର ନାଟକଟି ଇତିହାସ ଉପରେ ପ୍ରତିଷ୍ଠିତ ଥିବାରୁ ରାଜା ଓ ଜଗନ୍ନାଥ ଦେବଙ୍କ ମଧ୍ୟରେ ସଂଯୋଗ ଆଣିବା ସକାଶେ ଦାସଙ୍କର ପ୍ରୟୋଜନ ହୋଇଅଛି ଓ ଏହି ନାଟକରେ ଅପ୍ରାକୃତ ଘଟଣାମାନ ବର୍ଣ୍ଣନା କରାଯାଇଥିବାରୁ ଭକ୍ତିର ଚିତ୍ର ଦେବା ପ୍ରୟୋଜନ ହୋଇଅଛି । ନାଟକର ବିଷୟବସ୍ତୁ ମଧ୍ୟରେ ସ୍ୱପ୍ନ ଦର୍ଶନ ଦୈବବାଣୀ ପ୍ରଭୃତି ସନ୍ନିବେଶିତ କରି ନାଟ୍ୟସ୍ଥ ଘଟଣାକୁ ଅଗ୍ରସର କରାଯାଇ ପାରିବାର ସମ୍ଭାବନା ଥିଲେ ମଧ୍ୟ ବାସ୍ତବତା ରକ୍ଷା କରିବା ନିମନ୍ତେ ଏ ସମସ୍ତ ପରିତ୍ୟକ୍ତ ହୋଇଅଛି ଓ ଗୁରୁ ଗୋଦାବରୀଶ ମିଶ୍ର ଓ ଦାସ ମହାଶୟଙ୍କର ଚିତ୍ର ଦିଆଯାଇ ନାଟ୍ୟସ୍ଥ କଥାବସ୍ତୁର ଗତି ନିୟନ୍ତ୍ରିତ କରାଯାଇଅଛି । 'କଂସବଧ' ନାଟକରେ ମଧ୍ୟ ସେହିପରି ଅସ୍ତି, ପ୍ରାପ୍ତି ନାମକ କଂସଙ୍କର ଦୁଇ ପତ୍ନୀଙ୍କର କୌଣସି ବିଶେଷ ପ୍ରୟୋଜନ ନାହିଁ, ମାତ୍ର ତାଙ୍କୁ ପ୍ରମତ୍ତ ଅବସ୍ଥାରେ ରଙ୍ଗମଞ୍ଚକୁ ଆଣି ନାଟ୍ୟକାର କଂସଙ୍କର ଅକ୍ଷମତାକୁ ପରିସ୍ଫୁଟ କରିବାର ଚେଷ୍ଟା କରିଅଛନ୍ତି । ନାଟକର କଥାବସ୍ତୁ ସେମାନଙ୍କଦ୍ୱାରା କୌଣସି ସ୍ଥାନରେ ନିୟନ୍ତ୍ରିତ ହୋଇ ନାହିଁ କିନ୍ତୁ ନାଟ୍ୟସ୍ଥ ଚରିତ୍ର ଉପରେ ସେମାନଙ୍କର ପ୍ରଭାବ ଅଙ୍କିତ କରିବାର ପ୍ରୟାସ କରାଯାଇଅଛି । 'କାଞ୍ଚିବିଜୟ' ନାଟକରେ ମନୋରମା ଚରିତ୍ର କେବଳ କାଞ୍ଚିରାଜ୍ୟ

ଚରିତ୍ରକୁ ବାସ୍ତବ କରିବା ନିମନ୍ତେ ଓ ମହେନ୍ଦ୍ରପତ୍ନୀଙ୍କ ସଙ୍ଗତ ସମତା ରକ୍ଷା କରିବା ନିମନ୍ତେ କଳ୍ପିତ ହୋଇଅଛି ।

ଓଡ଼ିଆ ନାଟକରେ ଥିବା ଅନେକଗୁଡ଼ିଏ ଚରିତ୍ର ନାଟ୍ୟଶାସ୍ତ୍ର ଅନୁସରଣ କରି କଳ୍ପିତ, ଅନ୍ୟ ଅନେକ ଚରିତ୍ର ବାସ୍ତବ ଓ କଥାବସ୍ତୁର ଗତି ନିମନ୍ତେ ପ୍ରୟୋଜନ । ନାଟକମାନଙ୍କରେ ରାଣୀ ବା ରାଜକୁମାରୀଙ୍କର ସଖୀ, ରାଜାଙ୍କର ମନ୍ତ୍ରୀ ଓ ସେନାପତି, ବିଦୂଷକ, ସୈନିକ ଅଥବା ନାଗରିକ ଚରିତ୍ରମାନ କେବଳ ପ୍ରଚଳିତ ନାଟ୍ୟଶାସ୍ତ୍ର ଅନୁସାରେ ନାଟକରେ ସ୍ଥାନ ପାଇଅଛନ୍ତି ଓ ସେମାନଙ୍କର କାର୍ଯ୍ୟାବଳୀ ମଧ୍ୟ ପ୍ରଚଳିତ ନାଟ୍ୟଶାସ୍ତ୍ରଦ୍ୱାରା ନିୟନ୍ତ୍ରିତ ହୋଇଅଛି । କୌଣସି ନାଟକରେ ବିଦୂଷକଦ୍ୱାରା ଗୌରବସଂଯୁକ୍ତ କାର୍ଯ୍ୟ କିମ୍ବା ଗୀତ କାର୍ଯ୍ୟର ଚିନ୍ତ ହେବା ଅସମ୍ଭବ । କାରଣ ନାଟ୍ୟଶାସ୍ତ୍ର ଅନୁସାରେ ବିଦୂଷକର ଚରିତ୍ର ଏକ ବିଶେଷ ରୂପରେ ଚିତ୍ରିତ ହେବାର କଥା । ମନ୍ତ୍ରୀ, ସେନାପତି ପ୍ରଭୃତି କଥାବସ୍ତୁ ସହିତ ବିଶେଷ-ଭାବରେ ସଂଶ୍ଳିଷ୍ଟ ଥିଲେହେଁ ସେମାନଙ୍କର ଚରିତ୍ର ମଧ୍ୟ ସଂସ୍କୃତ-ନାଟ୍ୟଶାସ୍ତ୍ର ଉପରେ ପ୍ରତିଷ୍ଠିତ ଓ ଏହି ଚରିତ୍ରମାନଙ୍କୁ ବିଶେଷଭାବରେ ପରିବର୍ତ୍ତନ କରିବା ମଧ୍ୟ ଅସମ୍ଭବ । ପୌରାଣିକ ଚରିତ୍ର ମଧ୍ୟରେ ନାରଦଙ୍କ ଚରିତ୍ର ଏହିପରି ନାଟ୍ୟଶାସ୍ତ୍ର ଉପରେ ପ୍ରତିଷ୍ଠିତ । ନାରଦଙ୍କ ପ୍ରବେଶ ସମୟରେ ଭକ୍ତିରସଯୁକ୍ତ ସଙ୍ଗୀତ ଓ କାର୍ଯ୍ୟାବଳୀ ମଧ୍ୟରେ ବସ୍ତୁଠାରେ ଭକ୍ତ ଓ ଲୋକମାନଙ୍କ ମଧ୍ୟରେ କଳହ ଇତ୍ୟାଦି ଜାତ କରାଇ ଭଗବାନଙ୍କର ଲୀଳା ପ୍ରଦର୍ଶନ କରିବା ପ୍ରଚଳିତ ସତ୍ତ୍ୱ ଓ ଓଡ଼ିଆ ନାଟକମାନଙ୍କରେ ଏହି ରୀତିର ପରିବର୍ତ୍ତନ ସାଧିତ ହୋଇ ନାହିଁ । କୃଷ୍ଣଙ୍କର କୌଶଳ, ଅର୍ଜୁନଙ୍କର ବନ୍ଧୁବିଜୟଶକ୍ତି, କାର୍ତ୍ତବୀର୍ଯ୍ୟଙ୍କର ଦର୍ପ, ରାବଣର ଔଦ୍ଧତ୍ୟ, ରାମଚନ୍ଦ୍ରଙ୍କର ଧୀରତା, ସୀତାଙ୍କର ପତିଭକ୍ତି ପ୍ରଭୃତି ମଧ୍ୟ ପୌରାଣିକ କଥାଶାସ୍ତ୍ର ଉପରେ ପ୍ରତିଷ୍ଠିତ । ଏଣୁ ଏମାନଙ୍କର ମଧ୍ୟ କୌଣସି ବିଶେଷ ପରିବର୍ତ୍ତନ କରିବା ସମ୍ଭବ ନୁହେଁ । ଫୁଲ ଗୁନ୍ଥି ସଖୀଙ୍କୁ ସଜାଇବା, ପ୍ରେମ ବା ଭଗ୍ନ ବିବାହ ବିଷୟରେ କୁମାରୀଙ୍କ ସହିତ ହାସ୍ୟପରିହାସ କରିବା ସଖୀମାନଙ୍କର କାର୍ଯ୍ୟ ଓ କୌଣସି ଓଡ଼ିଆ ନାଟକରେ ଏହାର ବ୍ୟତିକ୍ରମ ଦେଖାଯାଏ ନାହିଁ । ଓଡ଼ିଆ ନାଟକ-ମାନଙ୍କରେ ପାରମ୍ପରିକ ରୀତି ଅନୁସାରେ କେତେଗୁଡ଼ିଏ ଚରିତ୍ର ସନ୍ନିବେଶିତ ହୋଇଥାଏ କେତେକ ଦର୍ଶକମାନେ ଚରିତ୍ରକୁ ନାଟକୀୟ କଥାବସ୍ତୁର ଅଂଶସ୍ୱରୂପ ଗ୍ରହଣ ନ କରି ନାଟ୍ୟକାରଙ୍କର

ପ୍ରତିନିଧିରୂପେ ଗ୍ରହଣ କରିଥାନ୍ତି । 'ସୁଶୀଳା' ନାଟକରେ ଗୋଟିଏ ଚରିତ୍ର ସଦାଶିବ—ପାଗଳ । ଏହି ଚରିତ୍ରଟି ସହିତ କଥାବସ୍ତୁର କୌଣସି ସମ୍ପର୍କ ନାହିଁ କିମ୍ବା କଥାବସ୍ତୁର ଗତି ସହିତ ଚରିତ୍ରଟିର ବିଶେଷ ଯୋଗ ଯୋଗ ନାହିଁ । ଏହି ଚରିତ୍ରଟି ନାଟକର ଦ୍ୱିତୀୟ ଅଙ୍କର ଚତୁର୍ଥ ଦୃଶ୍ୟରେ ଯେଉଁ ବକ୍ତୃତା କରୁଅଛନ୍ତି ତହିଁରେ ପାଗଳାମିର କୌଣସି ଚିହ୍ନ ନାହିଁ । ବରଂ ତାହା ଅତି ସୁବୁଦ୍ଧିର ପରିଚାୟକ ଜ୍ଞାନଗର୍ଭକ କଥାବାର୍ତ୍ତାରେ ପୂର୍ଣ୍ଣ । ଏହି ନାଟକରେ ସଦାଶିବ ବାସ୍ତବରେ ସ୍ୱୟଂ ନାଟ୍ୟକାରଙ୍କର ପ୍ରତିଭୂ । ନାଟ୍ୟକାର ନିଜେ ନାଟକୀୟ କଥାବସ୍ତୁ ଉପରେ ଟିପ୍ପଣୀ କରିବାର ସୁବିଧା ନ ପାଇ ନିଜର ପ୍ରତିନିଧିରୂପେ ଏହି ଚରିତ୍ରଟିକୁ ଅଙ୍କିତ କରିଅଛନ୍ତି ଓ ଦର୍ଶକମାନେ ମଧ୍ୟ ଏହି ଚରିତ୍ରଟିକୁ ନାଟକୀୟ କଥାବସ୍ତୁର ଅଙ୍ଗସ୍ୱରୂପ ଗ୍ରହଣ ନ କରି ନାଟକୀୟ ସତ୍ତା ଅନୁସାରେ ଅଙ୍କିତ ବୋଲି ସ୍ୱୀକାର କରି ନିଅନ୍ତି ଓ ଏହାଙ୍କର ଟିପ୍ପଣୀଦ୍ୱାରା ନାଟ୍ୟକାରଙ୍କର ଚିନ୍ତା ବିଷୟରେ ଜ୍ଞାନ-ଲାଭ କରିବାକୁ ସକ୍ଷମ ହୁଅନ୍ତି । ଓଡ଼ିଆ ନାଟକମାନଙ୍କରେ ଅନେକ ପ୍ରକାର ପାଗଳର ଚିତ୍ର ଆମ୍ଭେମାନେ ପାଇଥାଉଁ । 'ସାବିତ୍ରୀ' ନାଟକରେ ଗଜପତି ପାଗଳ, ମାତ୍ର ତାହା ଅତି ଜ୍ଞାନଜନିତ । ଏହାପରି ସମଲେଶ୍ୱରୀରେ ମଠ ଉନ୍ମତ୍ତ ଓ ତାହାର ଉନ୍ମାଦନା ଜ୍ଞାନ ଲାଭ କରିବା ନିମନ୍ତେ ଏକାନ୍ତ ଆଗ୍ରହରୁ ଜାତ । ଅପରିମିତ ଜ୍ଞାନଲିପ୍ସାରୁ ଜାତ ଏହି ଉନ୍ମତ୍ତତା ମଧ୍ୟରେ ଥିବା ଅତିଶୟୋକ୍ତି ହାସ୍ୟରସ ଉଦ୍ରେକ କରିବା କାରଣ ନାଟକରେ ଦିଆଯାଇଅଛି । କିନ୍ତୁ ଅନ୍ୟ କେତେକ ସ୍ଥାନରେ ଉନ୍ମାଦର ଚିତ୍ର କେବଳ ନାଟ୍ୟସ୍ୱତ୍ତ୍ୱ ଉପରେ ପ୍ରତିଷ୍ଠିତ । 'ଉତ୍କଳଗୌରବ' ନାଟକରେ ଉନ୍ମାଦିନୀର ଯେଉଁ ଚିତ୍ର ଦିଆଯାଇଅଛି, ତାହା ମଧ୍ୟରେ ସଙ୍ଗୀତର ମାଧୁର୍ଯ୍ୟ ଓ ଜ୍ଞାନଗର୍ଭକ ବକ୍ତୃତାର ଅବକାଶ ମଧ୍ୟ ରହିଅଛି ଓ ନାଟକର ଶେଷ ଭାଗରେ ଉନ୍ମାଦିନୀ ନିଜକୁ ମୁକ୍ତା ବୋଲି ପରିଚୟ ଦେଲେ ମଧ୍ୟ (୧୦୬ ପୃଷ୍ଠା) ତାହାର କଥାବାର୍ତ୍ତା ମଧ୍ୟରେ ଉନ୍ମତ୍ତତା କିମ୍ବା କାର୍ଯ୍ୟାବଳୀ ମଧ୍ୟରେ ଅସଙ୍ଗତି ଲକ୍ଷିତ ହୁଏ ନାହିଁ । 'ହସ୍ତାରତାନ' ନାଟକରେ ତରଙ୍ଗିଣୀ ଉନ୍ମାଦିନୀ (୨୧ ପୃଷ୍ଠା) କିନ୍ତୁ ସେ ବିଷ ଖାଇବା ନିମନ୍ତେ ବ୍ୟଗ୍ର ହୋଇ ମଧ୍ୟ "ମୁଁ ତ ବିଷ ଖୋଜିବି, ବିଷ ଭୁଞ୍ଜିବି, ମୋର ବିଷରେ ଆଶା ରହିଗଲା" ପ୍ରଭୃତି ପଦ୍ୟରେ ନିଜର ମନୋଭାବ ବ୍ୟକ୍ତ କରିବାକୁ ସମର୍ଥ । ତୃତୀୟ ଅଙ୍କର ଚତୁର୍ଥ ଦୃଶ୍ୟରେ (୬୩ ପୃଷ୍ଠା) ଏହି ପାଗଳୀ ନିଜର ଉନ୍ମତ୍ତତା ଉପରେ ଟିପ୍ପଣୀ କରି କହୁଅଛି, "ପିତା

କହନ୍ତି ପାଗଳୀ ! ମୁଁ କାହିଁକି ପାଗଳୀ ହେବି ? ଏ ଦୁନିଆ ପାଗଳ, ଏ ପୃଥିବୀ ପାଗଳୀ···ମୁଁ ପାଗଳୀ ନୁହେଁ, ମୋତେ ଯେ ପାଗଳୀ କହେ, ସେହି ପାଗଳ । ମୋର ପିତା ବୁଦ୍ଧି ପାଗଳ, ମୋର ପିତା ଅର୍ଥର ପାଗଳ, ମୋର ପିତା ଅନ୍ଧ", ଏହିସବୁ କଥାମାନ ଅନେକଙ୍କୁ ସମୟରେ ଅବାସ୍ତବ ବୋଧ ହେବା ସ୍ୱାଭାବିକ ଏବଂ ବଙ୍ଗଳା 'ଦଶ' ନାଟକରେ ପ୍ରଚଳିତ ଗୋଟିଏ ନାଟ୍ୟଶୈଳୀକୁ ଅବଲମ୍ବନ କରି ଓ ଅନ୍ୟାନ୍ୟ ବଙ୍ଗଳା ନାଟକର ପ୍ରଭାବରେ ପ୍ରଭାବାନ୍ୱିତ ହୋଇ ଓଡ଼ିଆ ନାଟକମାନଙ୍କରେ ଏପରି ଚରିତ୍ର ଅଙ୍କିତ କରାଯାଇଅଛି । ଖାଲି ଦୈନିକ ଓ ଅଳସ ପ୍ରହରୀ ପରି ଏହି ଉନ୍ମାଦ ଚରିତ୍ର ମଧ୍ୟ କେବଳ ପ୍ରଚଳିତ ନାଟ୍ୟରୀତି ଉପରେ ପ୍ରତିଷ୍ଠିତ । କିନ୍ତୁ କଳକାଳ, ଭୁଦ୍ଧାବର, ଯୁଗଧର୍ମ, ସ୍ୱପ୍ନରମଣୀ, ସଂସାରଚକ୍ର, ସତ୍ୟବନ୍ଧୁ ପ୍ରଭୃତି ନାଟକମାନଙ୍କରେ ସାମାଜିକ ରୂପ ଦେବାର ପ୍ରୟାସ ହୋଇଥିବାରୁ ଓ ବାସ୍ତବ ଜୀବନର ଛାୟା ଅନୁସରଣ କରି ନାଟ୍ୟକାର ସମାଜ ସଂସ୍କାରରେ ବ୍ରତୀ ହୋଇଥିବାରୁ ସତ୍ୟ ଉପରେ ପ୍ରତିଷ୍ଠିତ ଅବାସ୍ତବ ଚରିତ୍ର ଏସବୁ ନାଟକରେ ଆଦୌ ସ୍ଥାନ ପାଇ ନାହାନ୍ତି ।

ଓଡ଼ିଆ ନାଟକମାନଙ୍କରେ ବ୍ୟବହୃତ ଐତିହାସିକ ଚରିତ୍ରମାନ ମଧ୍ୟ ଅନେକାଂଶରେ ଅପରିବର୍ତ୍ତିତ ହେଲେହେଁ ସେମାନଙ୍କୁ ସଜୀବ କରିବାର ଯଥେଷ୍ଟ ଚେଷ୍ଟା ଓଡ଼ିଆ ନାଟକମାନଙ୍କରେ କରାଯାଇଅଛି ଓ ଅନୈତିହାସିକ ଚରିତ୍ର ସୃଷ୍ଟି ଘାତପ୍ରତିଘାତମୂଳକ ଘଟଣାସମାବେଶଦ୍ୱାରା ସେମାନଙ୍କୁ ଜୀବନ୍ତ କରାଯାଇଅଛି । ମୀରକାଶିମ, କଳିଙ୍ଗଗୌରବ ପ୍ରଭୃତିର ଆଲୋଚନାରେ ଏହାର ଅନେକ ଉଦାହରଣ ପାଇଅଛୁଁ ଓ ରାଜମହଲ, ଶ୍ରୀପ୍ରତାପ ପ୍ରଭୃତି ନାଟକମାନଙ୍କରେ ଅନୈତିହାସିକ ଘଟଣାର ନାନାବିଧ ମିଶ୍ରଣର ରୂପ ମିଳେ । ରାଜଭକ୍ତ ନାଟକରେ ଐତିହାସିକ ଚରିତ୍ର ବାସ୍ତବରେ ସମ୍ପୂର୍ଣ୍ଣଭାବରେ ଲେଖକଙ୍କର କଳ୍ପିତ ଓ ପ୍ରିୟଦର୍ଶୀ ନାଟକରେ ଐତିହାସିକ ଚରିତ୍ରମାନ ବାସ୍ତବରେ ଇତିହାସ ଉପରେ ପ୍ରତିଷ୍ଠିତ ହେଲେହେଁ ସେମାନଙ୍କର ମାନବିକତାକୁ ନାନା ଦିଗରୁ ଉତ୍କୃଷ୍ଟ କରିବାର ଚେଷ୍ଟା କରାଯାଇଅଛି ।

ନାଟକୀୟ ଚରିତ୍ରଗୁଡ଼ିକ ବାସ୍ତବ ଓ ଜୀବନ୍ତ ହେଲେହେଁ ଓଡ଼ିଆ ନାଟକମାନଙ୍କରେ Label (ମାର୍କା) ନାମର ବ୍ୟବହାର ମଧ୍ୟ ସୁପ୍ରଚଳିତ ଓ ମାର୍କା ନାମ ବ୍ୟବହାର କରିବାଦ୍ୱାରା ଲେଖକ ମୂଳରୁ ଦର୍ଶକମାନଙ୍କ ମନରେ ଚରିତ୍ରମାନଙ୍କ ବିଷୟରେ ପ୍ରଥମରୁ ସୁସ୍ପଷ୍ଟ ଧାରଣା ଦେବାକୁ

ଚେଷ୍ଟା କରିଥାନ୍ତି ଓ ସାଧାରଣ ନାମ ବ୍ୟବହାର କରିବାଦ୍ୱାରା ଚରିତ୍ରର କାର୍ଯ୍ୟକଳାପ ବିଷୟରେ ସେପରି ଦ୍ୱିଧା ଥାଏ, ମାର୍କା ନାମ ବ୍ୟବହାର କରିବାଦ୍ୱାରା ତାହାର ଅବସର ରହେ ନାହିଁ । ବାସ୍ତବରେ ଦେଖିବାକୁ ଗଲେ ଓଡ଼ିଆରେ ପ୍ରଥମ ନାଟକ କାଞ୍ଚିକାବେରୀ ଲିଖିତ ହେବା ସମୟରୁ ଏହି ମାର୍କା ନାମର ମଧ୍ୟ ପ୍ରଚଳନ ହୋଇଅଛି, କାରଣ ମନ୍ତ୍ରୀର ନାମ ଧୀରପ୍ରଜ୍ଞ, ବିଦୂଷକର ନାମ ନଟବର ଆଚାର୍ଯ୍ୟ ରଖିବା ମଧ୍ୟ ଅନେକାଂଶରେ ମାର୍କା ନାମର ବ୍ୟବହାରକୁ ସମର୍ଥିତ କରୁଅଛି । 'କାଞ୍ଚନମାଳୀ' ନାଟକର କଳନାଢ ଚରିତ୍ରରେ ଆମ୍ଭେମାନେ ମାର୍କା ନାମର ଗୋଟିଏ ଉଦାହରଣ ପାଉଁ, କିନ୍ତୁ ଏଠାରେ ଭଙ୍ଗୀଟି ସୂକ୍ଷ୍ମ ନୁହେଁ, କାରଣ ଏପରି ନାମ ଓଡ଼ିଶାରେ ନିତାନ୍ତ ଅଜ୍ଞାତ ନୁହେଁ । ଏଭଳି ନାମଦ୍ୱାରା କଳି ଓ ବିରୋଧ ସୂଚିତ ହେଲେହେଁ ଦର୍ଶକମାନେ ଏହାକୁ ମାର୍କା ନାମ ବୋଲି ମନେ ନ କରିପାରନ୍ତି । ପରବର୍ତ୍ତୀ ନାଟକମାନଙ୍କରେ ଅନେକ କ୍ଷେତ୍ରରେ ଏହାର ବ୍ୟବହାର ବୃଦ୍ଧି ପାଇଅଛି । 'ଦେଶର ଡାକ'ରେ ଦେଶନିଷ୍ଠ ମହାନ୍ତି ଜଣେ ଦେଶକର୍ମୀ । ଅବନୀଶ ମହାରାଜ ଜଣେ ସମ୍ଭ୍ରାନ୍ତ ବଂଶର ଅପ୍ରସିଦ୍ଧ ସନ୍ତାନ । ଏହିପରି ଚରିତ୍ରଗତ ନିର୍ଦ୍ଦେଶ ଦେବାଦ୍ୱାରା ମାର୍କା ନାମର ବ୍ୟବହାରକୁ ଲେଖକ ପୁଷ୍ଟ କରିଅଛନ୍ତି । 'ଇରମା' ନାଟକରେ ସେଣ୍ଟୁଚନ୍ଦ୍ର ଲଟାବାବୁ ଜଣେ କଣ୍ଟ୍ରାକ୍ଟର, ମାତ୍ର ତାଙ୍କର କାର୍ଯ୍ୟକଳାପ ବା କଥାବାର୍ତ୍ତା ମଧ୍ୟରେ ତତ୍ସଂଗତ କୌଣସି ମର୍ମ ଆମ୍ଭେମାନେ ଦେଖୁ ନାହିଁ । 'ସୁଶୀଳା' ନାଟକରେ S. Das ସାହେବଙ୍କ ସାଙ୍ଗାତ ଅନୁକରଣକାରୀ ଓଡ଼ିଆ ଯୁବକ, ମାତ୍ର ନିଜର ପତ୍ନୀଙ୍କର ଅଗାଧ ପ୍ରେମଦ୍ୱାରା ତାଙ୍କର ସାହେବିଆନାର ପରିବର୍ତ୍ତନ ସାଧିତ ହୋଇଅଛି । ଓଡ଼ିଆ ନାଟକମାନ ଅନୁଶୀଳନ କଲେ ଆମ୍ଭେମାନେ ସାଧାରଣତଃ ଦେଖୁଁ ଯେ ପ୍ରହସନମାନଙ୍କରେ ଏହାପରି ମାର୍କା ନାମର ବ୍ୟବହାର ଅପ୍ରଚଳିତ ଓ ପୌରାଣିକ ବା ଐତିହାସିକ ନାଟକଗୁଡ଼ିକରେ ମାର୍କା ନାମର ବ୍ୟବହାର ଆଦୌ ନାହିଁ । ବରଂ ଏସବୁ ନାଟକରେ କଳ୍ପିତ ଚରିତ୍ର ବ୍ୟବହାର କରିବା ସମୟରେ ବାସ୍ତବ ଜୀବନର ନାମମାନ ବ୍ୟବହୃତ ହୋଇଥାଏ ।

ଓଡ଼ିଆ ନାଟକମାନଙ୍କରେ ମାର୍କା ନାମର ବ୍ୟବହାର ଅଳ୍ପ ହେଲେହେଁ ନାଟକସ୍ଥ ଚରିତ୍ରମାନଙ୍କ ମଧ୍ୟରେ ପରିବର୍ତ୍ତନର ଉଦାହରଣ ମଧ୍ୟ ଅତ୍ୟନ୍ତ ଅଳ୍ପ । ଜୀବନ୍ତ ଚରିତ୍ରର ପରିବର୍ତ୍ତନ ଘଟିବା ସ୍ୱାଭାବିକ ଓ ଘଟଣାର ଘାତପ୍ରତିଘାତଦ୍ୱାରା ନାଟକସ୍ଥ ଚରିତ୍ରର ଭଲ ମନ୍ଦ ପ୍ରବୃତ୍ତିର

ପରିବର୍ତ୍ତନ ଆଶା କରାଯାଇ ପାରେ ଓ ଏହି ପରିବର୍ତ୍ତନଦ୍ୱାରା ନାଟକ ସୁପାଠ୍ୟ ଓ ଜନପ୍ରିୟ ମଧ୍ୟ ହୋଇଥାଏ। 'ସ୍ୱର୍ଣ୍ଣମା' ନାଟକରେ ଘଟଣାର ସାତତ୍ରିଶ ଅଙ୍କଦ୍ୱାରା ୨. D.୧୨ ପ୍ରିନ୍ସଙ୍କୁ ତାଙ୍କ ପ୍ରଦର୍ଶିତ ହୋଇଛି। 'ସୀତାବିବାହ' ନାଟକରେ ମଧ୍ୟ ହେମ୍ବରପତି ବଶୀଭୂତ ଶ୍ୟାମସୁନ୍ଦର ମହାରାଜ ନାନାବିଧ ପାପକାର୍ଯ୍ୟ କରି ପରିଶେଷରେ ନିଜ ଜନନୀ ତରଙ୍ଗିଣୀଙ୍କୁ ଆତ୍ମହତ୍ୟା ଓ ଅନ୍ୟାନ୍ୟ ଘଟଣାସମାବେଶଦ୍ୱାରା ଅନୁଶୋଚନା କରିବାକୁ ଲାଗିଲେ ଓ ଅନୁତାପାନଳରେ ଦଗ୍ଧ ହେଲେ। ମାତ୍ର ଓଡ଼ିଆ ନାଟକମାନଙ୍କରେ ସାଧାରଣତଃ ସେହି ନାଟକୀୟ ଚରିତ୍ର ମନ୍ଦ ସେ ମୂଳରୁ ଶେଷ ପର୍ଯ୍ୟନ୍ତ ଓ ସେ ଭଲ ସେ ମୂଳରୁ ଶେଷପର୍ଯ୍ୟନ୍ତ ଭଲ, ଏହାହିଁ ଆମ୍ଭେମାନେ ଦେଖୁଁ। ଓ କୌଣସି ଚରିତ୍ରର ଆମୂଳ ପରିବର୍ତ୍ତନ କରିବା ନାଟ୍ୟକାରମାନେ ସାଧାରଣତଃ ଅନୁଚିତ ମନେ କରନ୍ତି।

କିନ୍ତୁ ନାଟକୀୟ ଚରିତ୍ରମାନଙ୍କର ବିଭିନ୍ନ ଭାବର ବା ପ୍ରକାଶ ଅନେକ ଓଡ଼ିଆ ନାଟକରେ ପ୍ରଦର୍ଶିତ ହୋଇଥାଏ। ଏକ ଆଡ଼େ ଯୁଦ୍ଧକ୍ଷେତ୍ରରେ ଶୌର୍ଯ୍ୟ, ଅନ୍ୟ ଆଡ଼େ ଅନ୍ତଃପୁରର ସ୍ନେହ ଓ କୋମଳ ଭାବମାନଙ୍କର ବର୍ଣ୍ଣନାଦ୍ୱାରା ନାଟକୀୟ ଚରିତ୍ରମାନଙ୍କୁ ସରସ କରିବାର ଚେଷ୍ଟା ନାଟ୍ୟକାରମାନେ କରିଥାନ୍ତି ଓ ବାସ୍ତବ ଜୀବନର ଅନୁକରଣ ଏହାଦ୍ୱାରା ନାଟକରେ ସହଜରେ କରାଯାଇଥାଏ। କାଞ୍ଚୀକାବେରୀ, ଗୌଡ଼ବିଜେତା, ଉତ୍କଳ ଗୌରବ, କେଶରୀଗଡ଼ ପ୍ରଭୃତି ନାଟକରେ ଏହାର ଉଦାହରଣ ଆମ୍ଭେମାନେ ପାଇଥାଉଁ। ଏହା ଏକ ଅତି ପ୍ରଚଳିତ ନାଟକୀୟ ପନ୍ଥା।

ନାଟକ ଲେଖିବା ସମୟରେ କଥାବସ୍ତୁକୁ ଧାରଣା କରି ପ୍ରୟୋଜନାନୁସାରେ ନାଟକୀୟ ଚରିତ୍ରମାନଙ୍କୁ ସ୍ଥିର କରିବା ନିମନ୍ତେ ନାଟ୍ୟକାର ପକ୍ଷରେ ଗୋଟିଏ ସୂଚୀ ପ୍ରସ୍ତୁତ କରିବା ସ୍ୱାଭାବିକ। ମାତ୍ର ସାଧାରଣତଃ ନାଟକଟି ସମ୍ପୂର୍ଣ୍ଣ ଲେଖା ହୋଇଗଲା ପରେ ନାଟ୍ୟୋଲ୍ଲିଖିତ ବ୍ୟକ୍ତିମାନଙ୍କର ସୂଚୀ ଓ ପରିଚୟ ତାଲିକା ସମ୍ପାଦିତ ହୋଇ ନାଟକର ସହିତ ମୁଦ୍ରିତ ହୋଇଥାଏ। ଏହାଦ୍ୱାରା ପାଠକମାନଙ୍କ ପକ୍ଷରେ ନାଟକୀୟ କଥାବସ୍ତୁକୁ ଅନୁସରଣ କରିବା ସହଜସାଧ୍ୟ ହୁଏ। ନାଟକ ଅଭିନୟ କରିବା ସମୟରେ ସୂଚୀର କୌଣସି ପ୍ରୟୋଜନ ରହେ ନାହିଁ, ଏହି କାରଣରୁ ଆଧୁନିକ ଅନେକ ନାଟକରେ ସୂଚୀପତ୍ର ଦେବା ଅନାବଶ୍ୟକ ବୋଲି ପରିତ୍ୟକ୍ତ ହୋଇଅଛି। 'ପାଇକପୁଅ' ନାଟକରେ ସୂଚୀର ଅଭାବ ଲକ୍ଷିତ ହୋଇ ପାରେ,

'ସୌମ୍ୟା' ଏକାଙ୍କ ନାଟିକାରେ ମଧ୍ୟ ସୂଚୀ ସନ୍ନିବେଶିତ ହୋଇ ନାହିଁ । ଏହି ସୂଚୀଗୁଡ଼ିକ ଯେ ନାଟକ ରଚନା ପରେ କେବଳ ମୁଦ୍ରଣ କରିବା ସମୟରେ ସଙ୍କଳିତ ହୋଇ ପ୍ରଥମରେ ସନ୍ନିବେଶିତ କରାଯାଏ, ଏହାର ପ୍ରମାଣ 'କାଶ୍ମୀରାବେଗମ୍' ନାଟକର ସୂଚୀ ଦେଖିଲେ ସ୍ପଷ୍ଟ ଜଣାପଡ଼େ । କାରଣ ଏଥିରେ ମନ୍ତ୍ରୀମାନଙ୍କର ନାମଦ୍ୱନ୍ଦ୍ୱ, ସେହି ଅଭିନୟରେ ବନ୍ଧୁମାନଙ୍କ ନାମୋଲ୍ଲେଖ ପ୍ରଭୃତିରୁ ଏହା ଯେ ନାଟକ ଲେଖା ହେବା ପରେ ସଙ୍କଳିତ ହୋଇଅଛି, ତାହା ନିଶ୍ଚିତଭାବରେ ଅନୁମାନ କରାଯାଇ ପାରେ ।

କେତେକ ଓଡ଼ିଆ ନାଟକରେ ସ୍ୱଳ୍ପ ନାଟକୀୟ ଚରିତ୍ରର ବ୍ୟବହାର କରାଯାଇଅଛି, ପୁଣି ଅନ୍ୟ କେତେକ ନାଟକରେ ଅନେକଗୁଡ଼ିଏ ଚରିତ୍ର ଅଙ୍କିତ ହୋଇଅଛି । 'ରକ୍ତଅରଣ୍ୟ' ନାଟକ କେବଳ ଦୁଇଗୋଟି ମୁଖ୍ୟ ଚରିତ୍ର ଓ ଯୁଗ ପାଞ୍ଚଗୋଟି ଅପ୍ରଧାନ ଚରିତ୍ର ଯୋଗେ ରଚିତ । 'କୋଣାର୍କ' ନାଟକରେ ମଧ୍ୟ ସେହିପରି କେବଳ ସାତ ଆଠଗୋଟି ଚରିତ୍ର ସ୍ଥାନ ପାଇଅଛି । 'ତାଜମହଲ' ନାଟକରେ ମଧ୍ୟ ବିଷୟବସ୍ତୁ ତୁଳନାରେ ନାଟକୀୟ ଚରିତ୍ରଗୁଡ଼ିକର ଅଳ୍ପତା ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । କିନ୍ତୁ 'ଅଭିରାମ ସିଂହ' ନାଟକଟି ଅପେକ୍ଷାକୃତ କ୍ଷୁଦ୍ରକାୟ ହେଲେହେଁ ନାଟ୍ୟକାରଙ୍କୁ ସେଥିରେ ପ୍ରାୟ ପଚିଶଗୋଟି ଚରିତ୍ର ଏଥିରେ ସନ୍ନିବେଶିତ କରିବାକୁ ହୋଇଅଛି । ଯେଉଁ ନାଟକରେ ଯେତେ ଅଳ୍ପସଂଖ୍ୟକ ଚରିତ୍ର ଥାଏ, ତାହା ଦର୍ଶକମାନଙ୍କ ପକ୍ଷରେ ସେତେ ସୁସ୍ପଷ୍ଟ ହୁଏ; ମାତ୍ର ଯେଉଁ ନାଟକରେ ଅଧିକ ନାଟକୀୟ ଚରିତ୍ର ଥାଏ ଓ ଏକ ପ୍ରକାର ଚରିତ୍ରର ଅନେକଗୁଡ଼ିଏ ଉଦାହରଣ ଥାଏ, ତାହାର ଅଭିନୟ ସମୟରେ ବିଭିନ୍ନ ଚରିତ୍ରମାନଙ୍କର କାର୍ଯ୍ୟକଳାପ ଅନୁସରଣ କରିବାରେ ଦର୍ଶକମାନଙ୍କର ନିତାନ୍ତ ଅସୁବିଧା ହୁଏ । ଏପରି ନାଟକ ଅଭିନୟ କରିବା ମଧ୍ୟ ଏତେ କଷ୍ଟକର ହୁଏ ଯେ ସାଧାରଣଙ୍କର ହୃଦୟଗ୍ରାହୀ ହୋଇ ପାରେ ନାହିଁ । ସାଧାରଣତଃ ନାଟକୀୟ ଦଳରେ ୧୫।୨୦ ଜଣ ଅଭିନେତା ଥାଆନ୍ତି ଓ ଅଭିନୟ ସମୟରେ ଅଧିକ ଲୋକର ପ୍ରୟୋଜନ ହେଲେ ସାଧାରଣତଃ ଗୋଟିଏ ଅଭିନେତାକୁ ଦୁଇ ତିନିଗୋଟି ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼େ, ତାହାଦ୍ୱାରା କଥାବସ୍ତୁକୁ ଅନୁସରଣ କରିବା ସହଜ ହୁଏ ନାହିଁ । ବସ୍ତୁବହୁଳର ଏହିପରି ଜଟିଳତା ଆମ୍ଭେମାନେ 'ବନବାଳା', 'ପୁରୁଷୋତ୍ତମ ଦେବ', 'ଅଭିରାମ ସିଂହ' ପ୍ରଭୃତି ନାଟକମାନଙ୍କରେ ଦେଖିଥାଉଁ । ଏହି ନାଟକମାନଙ୍କର ଅଭିନୟ ଆଜପର୍ଯ୍ୟନ୍ତ ସଫଳ ହୋଇ ନାହିଁ । ପୁଣି

ନାଟକମାନଙ୍କରେ ଅତି ଅଳ୍ପ ଚରିତ୍ର ଥିଲେ ନାଟକର ପ୍ରଧାନ ଉପଯୋଗରୁ ବିଷୟ ଘଟଣାବୈଚିତ୍ର୍ୟ ମଧ୍ୟ ଦେଖାଯାଏ ନାହିଁ ଓ ‘ରଘୁଅରକ୍ଷିତ’ ଅଭିନୟ ଏହି କାରଣରୁ ଚିତ୍ତାକର୍ଷକ ହୁଏ ନାହିଁ । ଏହି ନାଟକରେ ଅଭିନୟ-କାଳୀନ କାର୍ଯ୍ୟ ଅପେକ୍ଷା କଥାସ୍ରୋତ ଅଧିକ ଓ କଥାସ୍ରୋତର ଆଧିକ୍ୟ ନାଟକକୁ ଅଭିନୟ ସମୟରେ ନୀରସ କରିଦିଏ । ପୁଣି ଅଭିନେତାମାନେ ସମସ୍ତେ ସୁଶିକ୍ଷିତ ଥିବା ସ୍ଥଳେ ଓଡ଼ିଆ ନାଟକମାନଙ୍କରେ ଆକର୍ଷଣୀୟ ଗୀତବହୁଳର ଆବଶ୍ୟକ ଅଳ୍ପତା ଆମ୍ଭେମାନେ ପାଉଥାଉଁ । ଅନେକ ସମୟରେ କୌଣସି ବିଶେଷ ନାଟ୍ୟଦଳ ସହିତ ସମ୍ପୃକ୍ତ ନାଟ୍ୟକାର କୌଣସି ବିଶେଷ ଅଭିନେତାଙ୍କୁ ଲକ୍ଷ୍ୟ କରି ନାଟକୀୟ ଚରିତ୍ରମାନ ସନ୍ନିବେଶିତ କରିଥାନ୍ତି । ଆର୍ଟଥିଏଟରରେ ଗୋଟିଏ ବାଳକ ଅଭିନେତାର ଅଭିନୟକାଳୀନ କୃତିତ୍ୱ ଓ ଜନପ୍ରିୟତା ଦେଖି ସୁବର୍ଣ୍ଣାର୍ଜ୍ଜୁନ ପ୍ରଭୃତି ନାଟକରେ ସେ ବାଳକଚରିତ୍ର ସନ୍ନିବେଶିତ ହୋଇଅଛି, ଏହା ଯୁକ୍ତିଯୁକ୍ତରେ କୁହାଯାଇ ନ ପାରିଲେ ମଧ୍ୟ ଏହା ସେହି ଦଳ ସହିତ ସମ୍ପୃକ୍ତ ବ୍ୟକ୍ତିମାନେ ସ୍ୱୀକାର କରିଥାନ୍ତି ।

ଅନେକ ଓଡ଼ିଆ ନାଟକରେ ନାଟକୀୟ ଚରିତ୍ରମାନଙ୍କ ମଧ୍ୟରେ ସମତା ଆଣିବା ପ୍ରକାରେ ନାଟ୍ୟକାରମାନେ ପରସ୍ପରବିରୋଧୀ ଚରିତ୍ରମାନଙ୍କୁ ଏକା ନାଟକରେ ସ୍ଥାନ ଦେଇଥାନ୍ତି । କଥାବସ୍ତୁର ଜଟିଳତା ଏହାଦ୍ୱାରା ସାଧିତ ହୁଏ ଓ ନାଟକକୁ ଚିତ୍ତାକର୍ଷକ କରିବାର ଚେଷ୍ଟା କରାଯାଏ । ‘ସୁଶୀଳା’ ନାଟକରେ ଏକ ଦିଗରେ ସୁଶୀଳାର ପତିପରାୟଣତା ଓ ସ୍ୱାମୀଙ୍କୁ ବିପଦରୁ ରକ୍ଷା କରିବା ନିମନ୍ତେ ସମସ୍ତ ତ୍ୟାଗ କରିବା ଓ ଅନ୍ୟ ଦିଗରେ ସ୍ୱର୍ଣ୍ଣଲତାର ପତିଙ୍କୁ ଘୋର ବିପଦରେ ସାହାଯ୍ୟ କରିବାକୁ ଅନିଚ୍ଛା;—ଏହି ପରସ୍ପରବିପରୀତ ଚିତ୍ର ଦିଆଯାଇଥିବାରୁ ଉଭୟଙ୍କର ଅପର ଚିତ୍ରକୁ ସୁସ୍ପଷ୍ଟ ଓ ସୁପରିସ୍ଫୁଟ କରୁଅଛି । ନାଟକୀୟ ଚରିତ୍ରମାନଙ୍କ ମଧ୍ୟରେ ଏହିପରି ବିପରୀତର ଆଶ୍ରୟ ପ୍ରାୟ ପ୍ରତ୍ୟେକ ନାଟକରେ ଦେଖାଯାଇଥାଏ ଓ ସ୍ଥାନବିଶେଷରେ ବିରୋଧଟି ସ୍ପଷ୍ଟରୂପେ ନିର୍ଦ୍ଦେଶିତ ନ ହେଲେ ମଧ୍ୟ ତାହା ଅନୁମାନ କରିବା ଦର୍ଶକମାନଙ୍କ ପକ୍ଷରେ ଅସମ୍ଭବ ହୁଏ ନାହିଁ । ‘ଧର୍ମପରୀକ୍ଷା’ ନାଟକରେ ଭକ୍ତ ବ୍ରାହ୍ମଣର ଭକ୍ତିକୁ ସୁସ୍ପଷ୍ଟ କରିବା ନିମନ୍ତେ ଭକ୍ତିହୀନ କଳହପ୍ରିୟ ବ୍ରାହ୍ମଣମାନଙ୍କର ଚିତ୍ର ଦିଆଯାଇଅଛି । ‘କାଞ୍ଚନମାଳୀ’, ‘ନୀଳାବେଣୀ’ ପ୍ରଭୃତି ନାଟକରେ ସମାଜସଂସ୍କାରପ୍ରିୟ ଯୁବକମାନଙ୍କର ମନୋବୃତ୍ତିକୁ ସ୍ପଷ୍ଟ କରିବା କାରଣ ସଂସ୍କାରବିରୋଧୀ ଚରିତ୍ରମାନଙ୍କର ବର୍ଣ୍ଣନା, ‘ଯୁଗଧର୍ମ’ ନାଟକରେ ଭଣ୍ଡ

ଧର୍ମଧ୍ୱଜୀ ମଦନଙ୍କର ଚରିତ୍ରଗତ ଜାଲମାନଙ୍କୁ ଉନ୍ମୁକ୍ତ କରିବା କାରଣ ସ୍ୱଳ୍ପପ୍ରେମମୁଗ୍ଧ ହରିଦାସର ଚରିତ୍ର ବର୍ଣ୍ଣନା, 'କଣ୍ଟପଣ୍ଡ' ନାଟକରେ ଅତ୍ୟାଚାରୀ ରାଜାଙ୍କର ଘୋର ନିଷ୍ଠୁରତା ଓ ମତ୍ତତାକୁ ସୁସ୍ପଷ୍ଟ କରିବା ନିମନ୍ତେ ପ୍ରଜାପାଳକ ରାଜାଙ୍କର ଗୁଣ ବ୍ୟାଖ୍ୟାନ ପ୍ରଭୃତି ମଧ୍ୟ ଏହିପରି ଉଦ୍ଦେଶ୍ୟ ସୂଚିତ କରୁଅଛି ମାତ୍ର 'ସୁଶୀଳା'ରେ କଥାବସ୍ତୁର ସମତା ରକ୍ଷା କରିବା ନିମନ୍ତେ ଯେପରି ଦୁଇଗୋଟି ଅସଂଗତ କଥାବସ୍ତୁକୁ ଏକତ୍ର ଗ୍ରଥିତ କରାଯାଇଅଛି, ଅନ୍ୟାନ୍ୟ ଓଡ଼ିଆ ନାଟକରେ ତାହା ବିରଳ ।

ନାଟକୀୟ ଚରିତ୍ରମାନଙ୍କ ମଧ୍ୟରେ କେତେଗୁଡ଼ିଏ ପ୍ରଧାନ ଓ ଅନ୍ୟଗୁଡ଼ିକ ଅପ୍ରଧାନ ହେବା ସ୍ୱାଭାବିକ । ଓଡ଼ିଆ ନାଟକମାନଙ୍କରେ ନାୟକ ନାୟିକାମାନଙ୍କୁ ବାଛିନେବାରେ କୌଣସି ଅସୁବିଧା ଘଟେ ନାହିଁ । 'କାଞ୍ଚିକାବେରୀ' ଓ 'ପୁରୁଷୋତ୍ତମ ଦେବ' ନାଟକମାନଙ୍କରେ ପୁରୁଷୋତ୍ତମ ଦେବ, 'ମୀରକାଶିମ'ରେ ମୀରକାଶିମ, 'ରାମାଭିଷେକ' ନାଟକରେ ଶ୍ରୀରାମଚନ୍ଦ୍ର ଯେ ନାୟକ ସେଥିରେ ସନ୍ଦେହର ଅବକାଶ ନାହିଁ, ମାତ୍ର 'ଧ୍ରୁବଚରିତ' ନାଟକରେ ଧ୍ରୁବଙ୍କୁ ନାୟକ ସ୍ଥାନରେ ଦେଖିବା ସ୍ୱାଭାବିକ ହେଲେହେଁ ଓ ନାଟକର କଥାବସ୍ତୁ ଧ୍ରୁବଙ୍କୁ ଅବଲମ୍ବନ କରି ଗ୍ରଥିତ ହୋଇଥିଲେହେଁ ଧ୍ରୁବମୁଖରେ ଅତ୍ୟଳ୍ପ ମାତ୍ର କଥା ସନ୍ନିବେଶିତ ହୋଇଅଛି । 'ମେଘନାଦବଧ' ନାଟକରେ ମେଘନାଦଙ୍କ ପରାଜୟ ଓ ମୃତ୍ୟୁହେତୁ କାଳେ ସେ ନାୟକସ୍ଥାନରୁ ବଞ୍ଚିତ ହେବେ, ଏହି କାରଣରୁ ନାଟକର କଥାବସ୍ତୁ ନାନା ଉପାଦାନଦ୍ୱାରା ଦର୍ଶକମାନଙ୍କ ମନରେ ତାଙ୍କ ପ୍ରତି ଶ୍ରଦ୍ଧା ଜାତ କରିବାର ଚେଷ୍ଟା କରାଯାଇଅଛି ଓ ଲକ୍ଷ୍ମଣ ଯେ କେବଳ ଦୈବବଳରେ ବଳୀୟାନ୍ ହୋଇ କୌଶଳଦ୍ୱାରା ତାଙ୍କୁ ହତ କରିଥିଲେ, ଏହାର ବର୍ଣ୍ଣନାଦ୍ୱାରା ଲେଖକ ଲକ୍ଷ୍ମଣଙ୍କ ପ୍ରତି ଆନ୍ତରିକ ଅଶ୍ରଦ୍ଧା ଜାତ କରାଇବାର ପ୍ରୟାସ କରିଅଛନ୍ତି । 'ଖଣ୍ଡାର୍ଜୁନ', 'ସୁଭଦ୍ରାର୍ଜ୍ଜୁନ' ପ୍ରଭୃତି ନାଟକମାନଙ୍କର ନାମକରଣ ମଧ୍ୟରେ ନାୟକ ଓ ପ୍ରଧାନ ଚରିତ୍ରମାନଙ୍କର ଇଙ୍ଗିତ ଦିଆଯାଇଥିଲେହେଁ ସେଗୁଡ଼ିକରେ ବାସ୍ତବିକ ଶ୍ରୀକୃଷ୍ଣଙ୍କର ପ୍ରାଧାନ୍ୟ ଅନେକ ସ୍ଥଳରେ ସ୍ୱୀକୃତ ହୋଇଅଛି । ପୁଣି 'କାର୍ତ୍ତବୀର୍ଯ୍ୟ' ନାଟକରେ କେତେଗୁଡ଼ିଏ ଚରିତ୍ରକୁ ପ୍ରାଧାନ୍ୟ ଦିଆଯାଇଅଛି ଯେ ନାଟକର ନାୟକକୁ ସେମାନଙ୍କ ମଧ୍ୟରୁ ବାଛିନେବା କଷ୍ଟକର ଓ ଅନେକ ସ୍ଥଳରେ ସୁମିଷ୍ଟକା ଚରିତ୍ରମାନଙ୍କ ଚରିତ୍ରକୁ ପ୍ରାଧାନ୍ୟ ଦିଆଯାଇଅଛି । 'ସାବିତ୍ରୀ' ଓ 'କାଞ୍ଚନମାଳୀ' ପ୍ରଭୃତି ନାଟକରେ ନାୟିକା ସୁସ୍ପଷ୍ଟ ଓ ପ୍ରଧାନ, ମାତ୍ର

ନାଟକର ପ୍ରାଧାନ୍ୟ ଆଦୌ ସୁସ୍ପଷ୍ଟ ନୁହେଁ । 'ସୀତାବିବାହ' ନାଟକରେ ସୀତାଦେବୀ ଓ ଶ୍ରୀରାମଚନ୍ଦ୍ର ଉଭୟଙ୍କର ପ୍ରାଧାନ୍ୟ ସୁସ୍ପଷ୍ଟ ହେଲେହେଁ 'ସୁଭଦ୍ରାର୍ଜ୍ଜୁନ' ନାଟକରେ ସୁଭଦ୍ରାଙ୍କୁ ଆଦୌ ବିଶିଷ୍ଟ ସ୍ଥାନ ଦିଆଯାଇ ନାହିଁ । 'ଗୌଡ଼ବିଜେତା' ନାଟକରେ ସ୍ୱତ ଚନ୍ଦ୍ରଦେବ ପ୍ରଧାନ ଚରିତ୍ରରୂପେ ପରିଗଣିତ ଓ ସ୍ୱୀକୃତ ହେବା ଉଚିତ ଥିଲା, ମାତ୍ର ଏ ନାଟକରେ ଅନନ୍ତ ପ୍ରଭୃତି ଅନ୍ୟ କେତେକଙ୍କର ଚରିତ୍ରକୁ ଏତେ ପ୍ରାଧାନ୍ୟ ଦିଆଯାଇଅଛି ଯେ, ନାଟକର ନାଟକୀୟ ରସ ବ୍ୟାହତ ହେବା ଅସମ୍ଭବ ନୁହେଁ । 'ଉତ୍କଳ ଗୌରବ' ନାଟକର ମଧ୍ୟ ଏହିପରି ସନ୍ଦେହ ଜାତ ହେବା ସ୍ୱାଭାବିକ । 'ଯୁଗଧର୍ମ' ଓ 'ସ୍ୱର୍ଗଭାରତ' ନାଟକମାନଙ୍କରେ ଅନେକଗୁଡ଼ିଏ ଚରିତ୍ରର ସମ୍ପୃକ୍ତ, ମାତ୍ର ବିଚ୍ଛିନ୍ନ ଘଟଣାପରମ୍ପରାର ଘାତପ୍ରତିଘାତ ଥିବାରୁ ଓ ନାନା ବିଚ୍ଛିନ୍ନ ଦୃଶ୍ୟର ସମନ୍ୱୟରେ କଥାବସ୍ତୁଟି ଗ୍ରଥିତ ହୋଇଥିବାରୁ ଜଣେ କେହି ପ୍ରଧାନ ଚରିତ୍ର ନାହିଁ; ଅନେକଗୁଡ଼ିଏ ଚରିତ୍ର ଆମ୍ଭମାନଙ୍କ ମନରେ ସମାନଭାବରେ ପ୍ରଭାବ ବିସ୍ତାର କରିବାକୁ ସମର୍ଥ ହୋଇଅଛି । ନାଟକୀୟ କଥାବସ୍ତୁ ସହିତ ମୁଖ୍ୟତଃ ଅସମ୍ପୃକ୍ତ ଅନେକ ଚରିତ୍ର ମଧ୍ୟ ଓଡ଼ିଆ ନାଟକମାନଙ୍କରେ ଦେଖାଯାଇଥାଏ । 'ଯୁଗଧର୍ମ' ନାଟକରେ ଗ୍ରାମ୍ୟଜୀବନର ବର୍ଣ୍ଣନା କରାଯାଇଥିବାରୁ ତନ୍ତ୍ରୀମଣି ବାବୁଙ୍କର ଚରିତ୍ର ମୂଳ କଥାବସ୍ତୁ ସହିତ କ୍ଷୀଣଭାବରେ ସମ୍ପୃକ୍ତ ବୋଲି ମନେ ହୋଇ-ପାରେ, କିନ୍ତୁ 'ଚନ୍ଦ୍ରଗୁପ୍ତ' ନାଟକରେ ଆଲେକ୍‌ଜାଣ୍ଡାର ଓ ପୁରୁରାଜଙ୍କର ଯେଉଁ ଦୃଶ୍ୟ ସନ୍ନିବେଶିତ ହୋଇଅଛି, ତାହା ପ୍ରଚଳିତ ଉପାଖ୍ୟାନକୁ ଅନୁସରଣ କରି ଲିଖିତ ହୋଇଥିଲେହେଁ ନାଟକୀୟ କଥାବସ୍ତୁ ସହିତ ଏବଂ ଚରିତ୍ରମାନଙ୍କର କୌଣସି ବିଶେଷ ସମ୍ପର୍କ ନାହିଁ ଓ ଆଲେକଜାଣ୍ଡାରଙ୍କର ମହତ୍ତ୍ୱ ଏହି ଦୃଶ୍ୟଦ୍ୱାରା ଯେପରି ଫୁଟି ଉଠିଅଛି ତାହାର ଚିତ୍ର ଦେବା ନାଟକରେ ନିଷ୍ପ୍ରୟୋଜନ; କାରଣ ଏ ନାଟକରେ ଆଲେକଜାଣ୍ଡାରଙ୍କର ସ୍ଥାନ ମଧ୍ୟ ଉଚ୍ଚରେ ନୁହେଁ । 'ଇରଣୀ' ନାଟକରେ ଧୂର୍ଜଟି ମଧ୍ୟ ଗୋଟିଏ ଅବାନ୍ତର ଅପ୍ରଧାନ ଚରିତ୍ର ଓ ନାଟକର ବିଷୟବସ୍ତୁ ସହିତ ବାସ୍ତବରେ ଅସମ୍ପୃକ୍ତ । 'ପାଇକପୁଅ' ନାଟକରେ ଲକ୍ଷ୍ମଣସେନଙ୍କର ଯେଉଁ ଚିତ୍ର ଦିଆଯାଇଅଛି, ତାହା ମଧ୍ୟ ନିଷ୍ପ୍ରୟୋଜନ । କେବଳ ସ୍ୱଦେଶପ୍ରୀତି ଦେଖାଇବା ନିମନ୍ତେ କଥାବସ୍ତୁ ସହିତ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲେ ମଧ୍ୟ ଏହି ଚରିତ୍ରକୁ ନାଟକରେ ସ୍ଥାନ ଦିଆଯାଇଅଛି । 'ଗୌଡ଼ବିଜେତା' ନାଟକରେ ଇସମାଇଲର ଲୁଚିବସା ରୂପେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ

ହେବାରେ ନାଟକସ୍ଥ କଥାବସ୍ତୁକୁ ଆଜି ଶେଷ ଯୋଡ଼ ଦେବା ଉଦ୍ଦେଶ୍ୟ ସୁସ୍ପଷ୍ଟ କରୁଅଛି, କିନ୍ତୁ ଏହା ଅଭିନୟ ସମୟରେ ପ୍ରଦର୍ଶିତ ହୁଏ ନାହିଁ ।

ସାଧାରଣତଃ ନାଟକସ୍ଥ ପ୍ରଧାନଚରିତ୍ରମାନଙ୍କୁ ପ୍ରଥମରୁ ନାଟକରେ ସ୍ଥାନ ଦିଆଯାଇଥାଏ ଓ ଦୁଇ ତିନୋଟି ଦୃଶ୍ୟ ମଧ୍ୟରେ ନାଟକସ୍ଥ ସମସ୍ତ ଚରିତ୍ରମାନଙ୍କୁ ଦର୍ଶକମାନଙ୍କ ସହିତ ପରିଚିତ କରାଇ ଦିଆଯାଇଥାଏ । ମାତ୍ର କେତେକ ଓଡ଼ିଆ ନାଟକରେ ଏହି ସୂତ୍ରର ବୈଲକ୍ଷଣ୍ୟ ମଧ୍ୟ ଦେଖାଯାଉ-ଅଛି । 'କାର୍ତ୍ତବୀର୍ଯ୍ୟ' ନାଟକରେ ମନୋରମାଙ୍କୁ ଚତୁର୍ଥ ଅଙ୍କର ଶେଷ ଦିଗରୁ ରଙ୍ଗମଞ୍ଚରେ ଉପସ୍ଥାପିତ କରାଯାଇଅଛି ଓ 'ଗୌଡ଼ବିଜେତ'ରେ ମଧ୍ୟ ସୁଭାଷଚନ୍ଦ୍ରଙ୍କୁ ନାଟକର ଶେଷଭାଗରେ ସ୍ଥାନ ଦିଆଯାଇଅଛି । କାଞ୍ଚନମାଳୀ ନାଟକରେ କେତେକ ଚରିତ୍ରଙ୍କୁ କଥାବସ୍ତୁର ଅନେକ ବିକାଶ ପରେ ଉପସ୍ଥାପିତ କରାଯାଇଅଛି ଓ ପ୍ରଥମରୁ ତାଙ୍କ ବିଷୟରେ ଇଙ୍ଗିତ ଦିଆଯାଇଥିଲେହେଁ ତାହା ସମୀଚୀନ ହୋଇ ନାହିଁ । କୋଣାର୍କ ନାଟକରେ ମଧ୍ୟ ରାଜା ଶେଷ ଦୃଶ୍ୟରେ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥିତ ହେଉଅଛନ୍ତି । ଚରିତ୍ରମାନ ଏହିପରି ବିଳମ୍ବରେ ଅବତୀର୍ଣ୍ଣ ହେବାଦ୍ୱାରା ନାଟକୀୟ କଳା କେତେକ ସ୍ଥାନରେ ବ୍ୟାହତ ହେବା ସ୍ୱାଭାବିକ ।

ଓଡ଼ିଆ ନାଟକମାନଙ୍କରେ ଥିବା ସ୍ତ୍ରୀଚରିତ୍ରମାନଙ୍କୁ ଆଲୋଚନା କଲେ ଆମ୍ଭେମାନେ ଦେଖୁଁ ଯେ, ଅଧିକାଂଶ ଚରିତ୍ରମାନଙ୍କର ସାଧାରଣ ଓଡ଼ିଆଜୀବନ ସହିତ ଆଦୌ ସାମଞ୍ଜସ୍ୟ ନାହିଁ । କେତେକ ଓଡ଼ିଆ ନାଟକରେ (ଯଥା—ବୁଝାବଣ, କଳିକାଳ, ମେଷମୋଦକ ପ୍ରଭୃତି), ବିଶେଷରେ ଯେଉଁ ନାଟକରେ ପ୍ରେମ କଥାବସ୍ତୁର ମୁଖ୍ୟ ବିଷୟ ନୁହେଁ ସେହିଠାରେ ସ୍ତ୍ରୀଚରିତ୍ରମାନ ଓଡ଼ିଆଜୀବନକୁ ଅନୁସରଣ କରି ଚିତ୍ରିତ ହୋଇଅଛି ଓ ଓଡ଼ିଆ ସ୍ତ୍ରୀଜାତିର ଦୁଃଖ ସୁଖ କାହାଣୀ ନାନା ଘଟଣାର ଘାତପ୍ରତିଘାତ ମଧ୍ୟରେ ଆତ୍ମପ୍ରକାଶ କରୁଅଛି, ମାତ୍ର 'ସୁଶୀଳା' ନାଟକରେ ସୁଶୀଳାର ଛଦ୍ମବେଶରେ ସ୍ୱାମୀଙ୍କ ପରିଚର୍ଯ୍ୟା କିମ୍ବା 'କାର୍ତ୍ତବୀର୍ଯ୍ୟ' ନାଟକରେ ଚନ୍ଦ୍ରମାଙ୍କର ପଦ୍ମଲର ରୂପରେ ରଙ୍ଗମଞ୍ଚରେ ଆବିର୍ଭାବ ଯେ ଏକାନ୍ତ ଅବାସ୍ତବ ଓ ଓଡ଼ିଶାର ସାମାଜିକ ଓ ଜାତୀୟଜୀବନ ସହିତ ସମ୍ପୂର୍ଣ୍ଣଭାବରେ ଅସମ୍ପୃକ୍ତ ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ଯେଉଁ ନାଟକମାନ ଐତିହାସିକ ବା ପୌରାଣିକ କଥାବସ୍ତୁ ଉପରେ ପ୍ରତିଷ୍ଠିତ, ସେମାନଙ୍କରେ

ନାଟ୍ୟକାର ମୂଳ କଥାବସ୍ତୁକୁ ଅନୁସରଣ କରିଥିବାରୁ ଚରିତ୍ରମାନଙ୍କର ଅବାସ୍ତବତା ବା ଅପ୍ରାକୃତତା ପ୍ରତି ଲକ୍ଷ୍ୟ କରିବାକୁ ଅବସର ପାଆନ୍ତି ନାହିଁ । କିନ୍ତୁ ଯେଉଁସବୁ ଚରିତ୍ର ନାଟ୍ୟକାରଙ୍କର ନିଜ କଳ୍ପିତ, ସେଥିରେ ମଧ୍ୟ ନାନା ଅବାସ୍ତବତା ଦୃଷ୍ଟିଗୋଚର ହୁଏ ଓ କେବଳ ନାଟ୍ୟଗତ ଗୁଣରେ ପ୍ରତିଷ୍ଠିତ ଥିବାରୁ ଏସବୁ ଚରିତ୍ର ଦର୍ଶକମାନେ ଅବାଧରେ ଗ୍ରହଣ କରିଥାଆନ୍ତି । ସୁବର୍ଣ୍ଣ ବର୍ଣ୍ଣନା କରିବା ନିମନ୍ତେ ଏହିପରି ଅବାସ୍ତବ ସ୍ଥିତିରସ ଆତ୍ମମାନେ ଅନେକ ଓଡ଼ିଆ ନାଟକରେ ରହିଥାନ୍ତି । 'କାଞ୍ଚିକାବେରୀ' ନାଟକର ନୃସିଂହ ଓ ପଦ୍ମାବତୀଙ୍କ ଅନ୍ତଃପୁରରେ ପରସ୍ପର ପ୍ରତି ଆସକ୍ତ ହେବା, 'ସମଲେଶ୍ୱରୀ' ନାଟକରେ ଚନ୍ଦ୍ରବଂଶୀ ପୃଥ୍ୱୀ ସିଂହଙ୍କ ପ୍ରତି ଅରୁଣାର ଆକର୍ଷଣ, 'ସେଉଁଳି' ନାଟକରେ ମୃତକଳ୍ପ ସେନାପତିଙ୍କୁ ଜଳ ଦେବା ସମୟରେ ଚଞ୍ଚଳାର ପ୍ରେମପାଶରେ ପଡ଼ିବା, 'ପୁରୁଷୋତ୍ତମ ଦେବ' ନାଟକରେ ଯୁଦ୍ଧକ୍ଷେତ୍ରରେ ଆହତ ପୁରୁଷୋତ୍ତମ ଦେବଙ୍କୁ ସାହାଯ୍ୟ କରିବା ସମୟରେ ତାଙ୍କ ପ୍ରତି ପଦ୍ମାବତୀ ଆକୃଷ୍ଟ ହେବା; ଏସବୁ ଦୃଶ୍ୟ କେବଳ ସଂସ୍କୃତ ଓ ଇଂରାଜୀ ନାଟକମାନଙ୍କର ଅନୁକୃତ ସ୍ତର ଉପରେ ପ୍ରତିଷ୍ଠିତ । ଓଡ଼ିଆ ସାମାଜିକ ଜୀବନ ସହିତ ଏମାନଙ୍କର କୌଣସି ସମ୍ପର୍କ ନାହିଁ । କେତେକ ନାଟକରେ ପ୍ରବନ୍ଧଗୁଡ଼ିକୁ ବାସ୍ତବ କରିବା ପ୍ରୟାସରେ ନାଟକୀୟ ପରିସ୍ଥିତି ବଦଳାଇ ଦେବାର ଚେଷ୍ଟା କରାଯାଇଅଛି ଓ ଏସବୁ ନାଟକରେ ଚରିତ୍ରଗୁଡ଼ିକ ଅନେକାଂଶରେ ଜୀବନ୍ତ ହୋଇଅଛନ୍ତି । 'ଦେଶର ଡାକ' ନାଟକରେ ସାମାଜିକ ପରିବର୍ତ୍ତନ ଯୋଗୁଁ ସୁବର୍ଣ୍ଣର ବର୍ଣ୍ଣନା ସହଜ ହୋଇଅଛି ଓ 'ଭରସା' ନାଟକରେ ଉଚ୍ଚ ଦେଶୀୟ ନାରୀ ବାସ୍ତବତା ରକ୍ଷା କରିବା ନିମନ୍ତେ କଳ୍ପିତ ହୋଇଅଛି । କିନ୍ତୁ ସୁବର୍ଣ୍ଣ ଛଡ଼ା ମଧ୍ୟ ଅନ୍ୟ ସ୍ଥାନରେ ସ୍ତ୍ରୀ ଚରିତ୍ର ଅବାସ୍ତବରୂପେ ଓଡ଼ିଆ ନାଟକମାନଙ୍କରେ ଦେଖାଯାଇଥାଏ । କାଞ୍ଚନମାଳୀ ଚରିତ୍ର ଏହିପରି ଅବାସ୍ତବ ନାରୀଚରିତ୍ରର ଏକ ଉତ୍କୃଷ୍ଟ ଉଦାହରଣ ଓ ନାଟ୍ୟକାର ଉତ୍କୃଷ୍ଟତର କଳ୍ପନାଦ୍ୱାରା ଏହାକୁ ବାସ୍ତବରୂପରେ ଚିତ୍ରିତ କରିବାର ପ୍ରୟାସ କରୁଥିଲେହେଁ ନାନା ଦିଗରୁ ଏହାର ଅବାସ୍ତବତା ଦର୍ଶକମାନଙ୍କୁ ଆଘାତ କରିବା ସମ୍ଭବ । 'ଓଡ଼ିଆ ଝିଅ' ନାଟକରେ ଯେଉଁଭଳି ଶିକ୍ଷିତାର ଚିତ୍ର ଦିଆଯାଇଅଛି, ତାହା ମଧ୍ୟ ଅପ୍ରାକୃତ ଓ ସେହି ବେଶରେ ଓଡ଼ିଆ ସ୍ତ୍ରୀମାନଙ୍କର ଯୁଦ୍ଧଯାତ୍ରା ଦର୍ଶକମାନଙ୍କ ମନରେ ଉତ୍ତେଜନା ସୃଷ୍ଟି କରିବାରେ ସକ୍ଷମ ହେଲେହେଁ, ସାମାଜିକ ଜୀବନର ଶାନ୍ତ ପରିବେଶରେ ଥାଇବା ଅସମ୍ଭବ । ପୁନଶ୍ଚଦେଶ-

ମାନଙ୍କ ନାଟ୍ୟଖଣ୍ଡଗତ ଅବାସ୍ତବତା ଅପେକ୍ଷା ସ୍ୱୀକୃତମାନଙ୍କର ଅବାସ୍ତବତା ଓଡ଼ିଆ ନାଟକରେ ସୁସ୍ପଷ୍ଟଭାବରେ ଦେଖାଯାଇଥାଏ. ମାତ୍ର ଓଡ଼ିଆ ନାଟକର ଅଧିକାଂଶ ଦର୍ଶକମାନେ ଇଂରାଜୀ ଓ ସଂସ୍କୃତ ନାଟ୍ୟଖଣ୍ଡ ସମ୍ପର୍କରେ ଏତେ ଘନିଷ୍ଠଭାବରେ ପରିଚିତ ଓ ଇଂରାଜୀ ଏବଂ ବଙ୍ଗଳା ନାଟକମାନଙ୍କ ଦ୍ୱାରା ଏତେଦୂର ପ୍ରଭାବିତ ଯେ, ସେମାନେ ଏପରି ଉକ୍ତିମାନଙ୍କୁ ସ୍ୱୀକାର କରି ନେବାକୁ ଦ୍ୱିଧା ବୋଧ କରନ୍ତି ନାହିଁ । ନାଟକକୁ କେବଳ ଚିତ୍ତବିନୋଦନର ଉପାୟସ୍ୱରୂପ କଳ୍ପନା କରି ତାହାର ସାହିତ୍ୟିକ ମୂଲ୍ୟ ଆଡ଼େ ଦୃଷ୍ଟି ଦେଇ ନ ଥିବାରୁ ଆବେଗମୟ ଉକ୍ତି ବା ଉତ୍ତେଜନାମୟ ଘଟଣାପରମ୍ପରାଦ୍ୱାରା ପରିଚାଳିତ ହୋଇ ନାଟ୍ୟକାର ବା ଦର୍ଶକ ନାଟକର ଅନ୍ତର୍ନିହିତ ବାସ୍ତବତା ମଧ୍ୟରେ ରସବସ୍ତୁକୁ ସୀମାବଦ୍ଧ କରିବାକୁ ଅକ୍ଷମ ହୁଅନ୍ତି ।

## (ଗ) ଭାଷା

ନାଟକ ରଚନା କରିବା ସମୟରେ ନାଟ୍ୟକାରଙ୍କୁ କେତୋଟି ପରସ୍ପରବିରୋଧୀ ମତ ପ୍ରତି ଦୃଷ୍ଟି ଦେବାକୁ ହୁଏ । ଏକ ଦିଗରେ ନାଟକୀୟ ଚରିତ୍ରମାନଙ୍କୁ ବାସ୍ତବ ଜୀବନରେ ବ୍ୟବହୃତ ଭାଷା ବ୍ୟବହାର କରି ଜୀବନ୍ତ ବୋଲି ପ୍ରମାଣିତ କରାଇବା ପ୍ରୟୋଜନ, ଅନ୍ୟ ଦିଗରେ ନାଟକକୁ ସାହିତ୍ୟର ଆସନରେ ପ୍ରତିଷ୍ଠିତ କରାଇବା ନିମନ୍ତେ ବିଶୁଦ୍ଧ ଭାଷାର ବ୍ୟବହାର କରିବା ପ୍ରୟୋଜନ । ନାଟକ କେବଳ ଲୋକମାନଙ୍କର ସାମୟିକ ଆମୋଦପ୍ରମୋଦର ଉପାଦାନ ନୁହେଁ, ସେଥିରେ କେବଳ ପାଠ-ପ୍ରବୃତ୍ତିର ଲୋକମାନଙ୍କର ଆନନ୍ଦ ପାଇବା ଭଳି ପଦାର୍ଥ ନ ଥାଏ, ତାହା ସାହିତ୍ୟର ଗୋଟିଏ ବିଶିଷ୍ଟ ଅଙ୍ଗ ଓ ଦର୍ଶକ ବା ପାଠକମାନଙ୍କ ମନରେ କୌଣସି ଚିରନ୍ତନ ଭାବକୁ ଅଙ୍କିତ କରିବା ନିମନ୍ତେ ଏହା ସମର୍ଥ । ଏଣୁ କଥ୍ୟ ଭାଷା ଓ ସାହିତ୍ୟିକ ଭାଷା ମଧ୍ୟରେ ଦ୍ୱନ୍ଦ୍ୱ ନାଟକରେ ଅତ୍ୟନ୍ତ ପ୍ରବଳଭାବରେ ଦେଖାଯାଏ । ସାହିତ୍ୟିକ ସଂସ୍କୃତବହୁଳ ଭାଷା ବ୍ୟବହାର କଲେ ନାଟକ ଅଭିନୟର ଅନୁପଯୋଗୀ ହେବ ଓ ଅଭିନୟ ସମୟରେ ଅବାସ୍ତବ ବୋଲି ବୋଧ ହେବ; ପୁଣି ସାହିତ୍ୟିକ ଭାଷାକୁ ପରିତ୍ୟାଗ କରି ନାଟକ ରଚନା କଲେ ତାହା ଉତ୍ତେଜନା ସୃଷ୍ଟି କରିବାକୁ ସକ୍ଷମ ହେଲେ ମଧ୍ୟ ରସବସ୍ତୁର ପ୍ରକାଶ ଭାଷାଦ୍ୱାରା ଅନେକ କ୍ଷେତ୍ରରେ ବ୍ୟାହତ ହେବାର

ଆଶଙ୍କା କରାଯାଇ ପାରେ, ଅବଶ୍ୟ ଯେଉଁଠାରେ କୌଶଳୀ ଲେଖକର ଶକ୍ତିଦ୍ୱାରା କଥାଭାଷା ଓ ସାଧୁଭାଷା ମଧ୍ୟରେ ଦ୍ୱନ୍ଦ୍ୱ ଅନେକାଂଶରେ ଅପନୋଦିତ ହୋଇଅଛି, ସେଠାରେ ଏହି ଅସୁବିଧା କେତେ ପ୍ରବଳ ନୁହେଁ, ମାତ୍ର ଅନ୍ୟତ୍ର ଏହି ଦ୍ୱନ୍ଦ୍ୱ ଯୋଗୁଁ ନାଟ୍ୟକାରଙ୍କୁ ନାନା କ୍ଷେତ୍ରରେ ନାନା ପ୍ରକାର ଭାଷା ବ୍ୟବହାର କରିବାକୁ ହୋଇଅଛି । ଓଡ଼ିଆ ନାଟକ ରଚନା କରିବା ସମୟରେ ନାଟ୍ୟକାରମାନେ କେଉଁ ସମସ୍ୟାମାନଙ୍କର ସମ୍ମୁଖୀନ ହୋଇଅଛନ୍ତି ଓ କିପରିଭାବରେ ତାହାର ସମାଧାନ କରିଅଛନ୍ତି, ବର୍ତ୍ତମାନ ଏହା ଆଲୋଚନା କରାଯାଇ ପାରେ ।

ନାଟକ ରଚନା କରିବା ସମୟରେ ପ୍ରଥମ ସମସ୍ୟା — ଗଦ୍ୟ ବ୍ୟବହୃତ ହେବ, କି ପଦ୍ୟ ବ୍ୟବହୃତ ହେବ । ସାଧାରଣତଃ ଆମ୍ଭେମାନେ ଗଦ୍ୟରେ କଥାବାର୍ତ୍ତା କରୁ, ଏଣୁ ଗଦ୍ୟ ଅଭିନୟ ସମୟରେ ସ୍ୱାଭାବିକ ଭାଷା, ପଦ୍ୟ ସ୍ୱାଭାବିକ ନୁହେଁ; ଏହି ଯୁକ୍ତିକୁ ଅବଲମ୍ବନ କରି ଆଧୁନିକ ନାଟ୍ୟକାରମାନେ ଗଦ୍ୟ ବ୍ୟବହାର କରିବାରେ ବିଶେଷଭାବରେ ବ୍ରତୀ । ମାତ୍ର ଯେତେବେଳେ ମନରେ ପ୍ରବଳ ଉତ୍ତେଜନା ଜାତ ହୁଏ ଓ ଭାଷାରେ ତାହାର ବର୍ଣ୍ଣନା କରିବା ସମ୍ଭବ ହୁଏ ନାହିଁ ଅର୍ଥାତ୍ ଯେତେବେଳେ ମାନସିକ ଉତ୍ତେଜନା ସାଧାରଣ ବାକ୍ୟଦ୍ୱାରା ପ୍ରକାଶ କରିବା ଅସମ୍ଭବ ହୁଏ, ସେତେବେଳେ ନାଟ୍ୟକାରମାନେ ପଦ୍ୟର ବ୍ୟବହାର କରିଥାନ୍ତି ଓ ତାହାଦ୍ୱାରା ମାନସିକ ଉତ୍ତେଜନା ବର୍ଦ୍ଧନ କରିବା ସହଜସାଧ୍ୟ ହୁଏ । କିନ୍ତୁ ପଦ୍ୟର ବ୍ୟବହାରଦ୍ୱାରା ବୀରରସର ବ୍ୟଞ୍ଜନା ସହଜସାଧ୍ୟ ହେଲେ ମଧ୍ୟ ହାସ୍ୟରସ କିମ୍ବା କରୁଣରସର ବ୍ୟଞ୍ଜନା କରିବା ନିମନ୍ତେ ପଦ୍ୟ ବ୍ୟବହୃତ ହେଲେ ତାହା ଅସଙ୍ଗତ ବୋଧ ହେବା ନିଶ୍ଚିତ । 'ଚୈତନ୍ୟଲୀଳା' ନାଟକରେ ଆଦ୍ୟନ୍ତ ଅମିତ୍ରାକ୍ଷର ଛନ୍ଦ ବ୍ୟବହୃତ ହୋଇଥିବାରୁ କାବ୍ୟର ମାଧୁର୍ଯ୍ୟ ମଧ୍ୟରେ ନାଟକୀୟ ଉତ୍ତେଜନା ବିଲୁପ୍ତ ହୋଇଯାଇଅଛି । ପୁଣି ଯେଉଁଠାରେ ପ୍ରବଳ ଉତ୍ତେଜନା ବିଦ୍ୟମାନ, ସେଠାରେ ଗଦ୍ୟର ବ୍ୟବହାର ମଧ୍ୟ ନାଟକକୁ ନୀରସ କରିଦେବା ସମ୍ଭବ । ଏହାର ଗୋଟିଏ ଉଦାହରଣ 'ପାଇକପୁଅ' ନାଟକ, କାରଣ ଏଥିରେ ଯେଉଁ ଉତ୍ତେଜନାମୟ ଘଟଣାମାନ ପ୍ରଦତ୍ତ ହୋଇଅଛି, ତାହାର ରସବସ୍ତୁ ଗଦ୍ୟଦ୍ୱାରା ଦର୍ଶକମାନଙ୍କ ମନରେ ସଞ୍ଚାର କରି ପାରିବା ସମ୍ଭବ ନୁହେଁ । ନାଟକ ଅଭିନୟ କରିବା ସମୟରେ ଅଭିନେତା ଯାହା କହେ, ଦର୍ଶକ ମନରେ ତାହା ଆଘାତ କରିବା ପୂର୍ବରୁ ତାହାର ଶ୍ରବ୍ୟତା ଓ ସରଳତା କିୟତ୍ ପରିମାଣରେ

ନଷ୍ଟ ହୋଇଯାଏ । ଅନେକ ସମୟରେ ପଦ୍ୟର ବ୍ୟବହାରଦ୍ୱାରା ଉତ୍ତେଜନାକୁ ବୃଦ୍ଧି କରି ନାଟ୍ୟକାରମାନେ ଏହି ଶାନ୍ତଭାବ ପ୍ରଶମନକୁ ଅନେକାଂଶରେ ଅପନୋଦନ କରିଥାନ୍ତି । 'କାଞ୍ଚୀକାବେରୀ' ନାଟକରେ ଲାଙ୍ଗୁଳବୃତ୍ତ ମୁଖରେ ଯେଉଁ ବକ୍ତୃତା ଦିଆଯାଇଅଛି, ତାହା ଏହି କାରଣରୁ ସମୀଚୀନ ହୋଇଅଛି ଓ ବାସ୍ତବ ଜୀବନରେ ଏପରି ବକ୍ତୃତା ଅସମ୍ଭବ ହେଲେହେଁ ଘଟଣାର ଉତ୍ତେଜନାରେ ଯେଉଁ ହ୍ରାସ ଘଟେ, ତାହା ପୂରଣ କରିବା ନାଟ୍ୟକାରଙ୍କର ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ଜଣାଯାଏ । ଏହି ବକ୍ତୃତାରେ ବାସ୍ତବିକ ପ୍ରତିପାଦ୍ୟ ବିଷୟ ଓଡ଼ିଶାର ଶ୍ରେଷ୍ଠତ୍ୱ ଓ ଓଡ଼ିଶା ରାଜାଙ୍କର ମହତ୍ତ୍ୱ; ଏହି କାରଣରୁ ଏହା ଦୂତମୁଖନିଃସୃତ ବକ୍ତୃତା ମାତ୍ର ନ ହୋଇ ସ୍ୱଦେଶପ୍ରୀତିର ଆବେଗମୟ ନିଦର୍ଶନସ୍ୱରୂପ ଦର୍ଶକମାନେ ଗ୍ରହଣ କରି-ଥାନ୍ତି । ଏହାର ଅନ୍ତର୍ନିହିତ ଉତ୍ତେଜନା ପଦ୍ୟ ଦ୍ୱାରା ପ୍ରକାଶିତ ହେବା ମଧ୍ୟ ସମ୍ଭବ ନୁହେଁ । କିନ୍ତୁ ଯେଉଁଠାରେ ଉତ୍ତେଜନା ସଞ୍ଚାର କରିବା ନାଟ୍ୟକାରଙ୍କ ଉଦ୍ଦେଶ୍ୟ ନ ଥାଏ, ସେଠାରେ ଅମିତ୍ରାକ୍ଷର ପଦ୍ୟଦ୍ୱାରା ଅବାସ୍ତବ ଭାବ ଅଙ୍କିତ କରିବାର ପ୍ରୟୋଜନ କଣ ? ପୁଣି ଅମିତ୍ରାକ୍ଷର ଛନ୍ଦ ଅବାସ୍ତବ ହେଲେହେଁ ତାହା ଗଦ୍ୟ ସଦୃଶ କେତେକାଂଶରେ ସମ୍ପୃକ୍ତ ଓ ଉତ୍ତେଜନାମୟ ଗଦ୍ୟକୁ ଅନେକ ସମୟରେ ଅମିତ୍ରାକ୍ଷରରେ ଲେଖା-ଯାଇଥାଏ । ଆଜିକାଲି ଯେଉଁ ଭଙ୍ଗ ଅମିତ୍ରାକ୍ଷର ଛନ୍ଦ ପ୍ରଚଳିତ ହୋଇ-ଅଛି, ତାହା ମଧ୍ୟ ଗଦ୍ୟଠାରୁ ବିଶେଷ ପୃଥକ୍ ନୁହେଁ । ଏଣୁ ଅମିତ୍ରାକ୍ଷର ଛନ୍ଦ ଗଦ୍ୟ ଓ ପଦ୍ୟର ମଧ୍ୟବର୍ତ୍ତୀ ସ୍ଥାନ ଅଧିକାର କରୁଥିବାରୁ ନାଟକରେ ଏହାର ବ୍ୟବହାର ଦୂଷଣୀୟ ନୁହେଁ; ମାତ୍ର ଓଡ଼ିଆ ନାଟକରେ ସ୍ଥାନେ ସ୍ଥାନେ ଯେଉଁ ମିତ୍ରାକ୍ଷର କବିତା ବ୍ୟବହୃତ ହୋଇଅଛି, ତାହାର ଅବାସ୍ତବତା ସ୍ୱତଃ ଆମ୍ଭମାନଙ୍କ ମନକୁ ଆଘାତ କରେ । 'ଦଶ୍ୟୁପଞ୍ଚ'ରେ (ଗ୍ରନ୍ଥାବଳୀ ୯୨୭ ପୃଷ୍ଠା) ବିଷ୍ଣୁଦୂତ ଓ ବିଶୁଦ୍ଧାନନ୍ଦ ସ୍ୱାମୀ ଅମିତ୍ରାକ୍ଷର ଛନ୍ଦରେ କଥାବାର୍ତ୍ତା କରୁ କରୁ ହଠାତ୍ ବିଷ୍ଣୁଦୂତ କାହିଁକି ମିତ୍ରାକ୍ଷରଯୁକ୍ତ ପଦ୍ୟ ବ୍ୟବହାର କଲେ, ତାହାର କାରଣ ନିର୍ଦ୍ଦେଶ କରିବା ଅସମ୍ଭବ ଓ ତାହାଦ୍ୱାରା କୌଣସି ନାଟକୀୟ ଅଭିପ୍ରାୟ ସାଧିତ ହୋଇଅଛି ବୋଲି ଅନୁମାନ କରିବା ମଧ୍ୟ ଦୁରୂହ । 'କଂସବଧ'ର ସ୍ଥାନେ ସ୍ଥାନେ (ଗ୍ରନ୍ଥାବଳୀ ୪୬୦, ୪୬୨, ୪୯୮, ୪୯୪, ୫୩୩ ପୃଷ୍ଠା ପ୍ରଭୃତି) ଯେଉଁ ମିତ୍ରାକ୍ଷର ଯୁଗ୍ମପଂକ୍ତି ବ୍ୟବହୃତ ହୋଇଅଛି, ତାହା ଇଂରାଜି ନାଟକର ଅନୁକରଣରେ କରାଯାଇଅଛି ଅର୍ଥାତ୍ ବକ୍ତୃତାର ସମାପ୍ତି ସୂଚନା କରିବା ନିମନ୍ତେ ଏପରି

ଛନ୍ଦ ନାଟ୍ୟଶାସ୍ତ୍ର ଅନୁସାରେ ଦିଆ ଯାଇଅଛି । କିନ୍ତୁ ନାଟ୍ୟକାରଙ୍କ ଅନ୍ୟାନ୍ୟ ଗ୍ରନ୍ଥରେ ଏହି ଶାସ୍ତ୍ର ଅନୁସୃତ ହୋଇ ନ ଥିବାରୁ ଏହା ଅବାସ୍ତବ ଓ ଅପ୍ରୟୋଜନ ବୋଲି ପରିତ୍ୟକ୍ତ ହୋଇଥିବା ସମ୍ଭବ । 'କାଞ୍ଚିକାବେରୀ' ନାଟକରେ ମନୋରମା ମୁଖରେ ସେହି ମିତାକ୍ଷର ପଦ୍ୟର ବକ୍ତୃତା ଦିଆ ଯାଇଅଛି (୧୦୬ ପୃଷ୍ଠା) ତାହା ଅଭିନୟ ସମୟରେ ଅବାସ୍ତବ ପ୍ରତୀତ ହେବା ସ୍ୱାଭାବିକ । 'ବନବାଳା' ଓ 'କଂସବଧ' ନାଟକମାନଙ୍କରେ ବକ୍ତୃତା ଶେଷରେ ମିତାକ୍ଷରଯୁକ୍ତ ଯୁଗ୍ମପଙ୍କ୍ତିର ବ୍ୟବହାରଗତ, 'ରତ୍ନମାଳୀ' ନାଟକରେ ମଧ୍ୟ କେତେକ ସ୍ଥାନରେ ଅନୁସୃତ ହୋଇଅଛି (୬୧ ପୃଷ୍ଠା); ମାତ୍ର ଏପରି ବ୍ୟବହାର ଆଧୁନିକ ନାଟକମାନଙ୍କରେ ଆଦୌ ଦେଖା-ଯାଏ ନାହିଁ । 'ରାମବନବାସ' ନାଟକରେ (ଗ୍ରନ୍ଥାବଳୀ ୨୦୪ ପୃଷ୍ଠା) ରାଜଦୂତ ଓ 'ରାମାଭିଷେକ' ନାଟକରେ ଭରତ (ଗ୍ରନ୍ଥାବଳୀ ୧୦୬୦ ପୃଷ୍ଠା) ମିତାକ୍ଷର ଛନ୍ଦରେ ପ୍ରସ୍ଥାନ କରିବାର ଯେଉଁ ଚିହ୍ନ ଦିଆଯାଇଅଛି, ତାହା ବାସ୍ତବରେ ଗୋଟିଏ ନାଟ୍ୟଶାସ୍ତ୍ର ମତ ଓ ଏହି ମତ ଅନ୍ୟ କେତେକ ନାଟକରେ ମଧ୍ୟ ସ୍ୱୀକୃତ, କିନ୍ତୁ ଓଡ଼ିଆ ନାଟକମାନଙ୍କରେ ଏପରି ଦୃଷ୍ଟାନ୍ତ ମଧ୍ୟ ବିରଳ ।

ଭାଷା ବିଷୟରେ ନାଟ୍ୟକାରଙ୍କ ବିଶେଷ ସମସ୍ୟା ଭାଷାକୁ ନାଟକୀୟ ଚରିତ୍ରର ଅନୁରୂପ କରିବା । 'ମିର୍ କାଶିମ' ଗୋଟିଏ ନାଟକୀୟ ଚରିତ୍ର, ବାସ୍ତବତା ଅନୁରୋଧରୁ ତା ପକ୍ଷରେ ସର୍ବଦା ଉର୍ଦ୍ଦୁ ବା ହିନ୍ଦୀ ଭାଷା ବ୍ୟବହାର କରିବାହିଁ ଉଚିତ, କିନ୍ତୁ ଓଡ଼ିଆ ଦର୍ଶକମାନେ ଚାହାନ୍ତି ଓଡ଼ିଆ-ଭାଷାରେ ନାଟକ, ଏଣୁ ମିର୍ କାଶିମ ବିଶୁଦ୍ଧ ଓଡ଼ିଆ ଅବାଧରେ ବ୍ୟବହାର କରୁଅଛନ୍ତି ଓ ଏହା ଯେ ଗୋଟିଏ ନାଟକୀୟ ସତ୍ୟରେ ପରିଣତ ହୋଇଅଛି, ତାହା ଏଥିପୂର୍ବେ ଦେଖାଇ ଦିଆଯାଇଅଛି । ଏହି ନାଟକୀୟ ସତ୍ୟ ଅନୁସରଣ କରି 'ଚୈତନ୍ୟଲୀଳା' ନାଟକରେ ବୃଦ୍ଧ କାଜିଙ୍କ ମୁଖରେ (ଗ୍ରନ୍ଥାବଳୀ ୭୪୫ ପୃଷ୍ଠା) "ଅବଧା ଆଲ୍ଲାର ସେହି କୁଦରତ୍ ଅପୂର୍ବ" ଓ "କେବଳ ଆଲ୍ଲାର ଧ୍ୱଜା ଆକବର ସେହୁ, ଭେଟିବି କାଫେର ରକ୍ତ ରସୁଲେ ତାଙ୍କର" (୭୪୬ ପୃଷ୍ଠା) କିମ୍ବା "ସେନ ବଖ୍ର ଦୁଆ ମୋର" (୭୪୯ପୃଷ୍ଠା) ଏହିପରି ଉକ୍ତିମାନ ଦିଆଯାଇଅଛି । ନାଟକୀୟ ସତ୍ୟ ଅନୁସରଣ କରି ନାଟ୍ୟକାର ଓଡ଼ିଆ ନାଟକରେ ଯବନଚରିତ୍ର ନିର୍ଦ୍ଦେଶ କରିବା ନିମନ୍ତେ ଓଡ଼ିଆ ଭାଷା ମଧ୍ୟରେ ଉର୍ଦ୍ଦୁ ଶବ୍ଦମାନଙ୍କର ବ୍ୟବହାର କରିଅଛନ୍ତି । 'ଭାରବାଣି' ନାଟକରେ ମଧ୍ୟ (୨୪,୨୫ ପୃଷ୍ଠା) ଅନେକ ସ୍ଥାନରେ ଏହି

ନାଟ୍ୟଖଣ୍ଡ ଅନୁସରଣ କରି 'ଦୁସମନ୍', 'ୟା ଅଲ୍ଲା' ପ୍ରଭୃତି ଶବ୍ଦମାନ ବ୍ୟବହୃତ ହୋଇଅଛି । ଅନେକ ନାଟକରେ ଭାଷାକୁ ଯଥାନୁଯାୟୀ କରିବା ନିମନ୍ତେ ବିକୃତ କରାଯାଇଅଛି । 'ଫଶଓଫିଲ' ଓ 'Reformed Lady' ନାଟକମାନଙ୍କରେ ସାଧାରଣରେ ବ୍ୟବହୃତ ଇଂରାଜ ଓଡ଼ିଆ ମିଶ୍ରିତ ଭାଷାର ନମୁନା ଦିଆଯାଇଅଛି ଓ 'ଯୁଗଧର୍ମ' ନାଟକରେ ସାହେବଙ୍କ ମୁଖରେ ବିକୃତ ଓଡ଼ିଆ ଉଚ୍ଚାରଣ ମଧ୍ୟ ବାସ୍ତବତାକୁ ରକ୍ଷା କରୁଅଛି, ମାତ୍ର ଗୋଟିଏ ନାଟକରେ ସିଭିଲ୍ ସର୍ଭିସ୍ ପାସ କରିଥିବା ଓଡ଼ିଆ ଯୁବକ ମାଧବ ମୁଖରେ 'ଇଷ୍ଟୁପିଟ' ରୂପ ଇଂରାଜୀର ବିକୃତି ଅନୁମୋଦନ କରାଯାଇ ନ ପାରେ । ଇଂରାଜୀ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ କ୍ଷୁଦ୍ରରମଣୀ, ସୁଶୀଳା, ଭଗ୍ନ ପ୍ରଭୃତି ନାଟକର ନାନା ସ୍ଥାନରେ ବିଶୁଦ୍ଧ ଇଂରାଜୀ ଭାଷାର ବ୍ୟବହାର କରାଯାଇଅଛି, ମାତ୍ର ଉର୍ଦ୍ଦୁ ଭାଷାର ବ୍ୟବହାର ନ ଥିବାରୁ କୌଣସି ଓଡ଼ିଆ ନାଟକରେ ଯବନଚରିତ୍ରମାନଙ୍କର ବିଶୁଦ୍ଧ ଉର୍ଦ୍ଦୁ ବା ପାରସିକ ଭାଷା ବ୍ୟବହାର କରିବା ଶିଖ ଦିଆଯାଇ ନାହିଁ । ସାହେବମାନଙ୍କର ବିକୃତ ଓଡ଼ିଆ ବ୍ୟବହାର ଯଥାନୁଯାୟୀ ହେଲେହେଁ କେବଳ ବିକୃତି ଯୋଗୁ ହାସ୍ୟକର ହୋଇଥାଏ ଓ 'କଳିକାଳ' ନାଟକରେ ଗଙ୍ଗାଧରର ବିକୃତ ବଙ୍ଗଳା ଉଚ୍ଚାରଣ ଓ 'ଭ୍ରମମୋଦକ' ନାଟକରେ ଆଲୁ ସାହେବଙ୍କ ବିକୃତ ଓଡ଼ିଆ ଭାଷାର ବ୍ୟବହାର କେବଳ ହାସ୍ୟରସ ଉଦ୍ରେକ କରିବା ନିମନ୍ତେ ସନ୍ନିବେଶିତ ହୋଇଅଛି । ଉଭୟ ନାଟକରେ ଅନ୍ୟ ଚରିତ୍ରଦ୍ୱାରା ଏହି ବିକୃତିକୁ ସମର୍ଥନ କରିବାଦ୍ୱାରା ହାସ୍ୟରସର ବାହୁଲ୍ୟ ଦେଖାଯାଉଅଛି । ଗଙ୍ଗାଧର ଯେତେବେଳେ ବିକୃତ ବଙ୍ଗଳା କହୁଅଛି, ବଂଶୀବାଦନ ତାକୁ ଉତ୍ସାହିତ କରିବା ନିମନ୍ତେ "ତୁଇ ବେଶ ଫଷ୍ଟ ବାଂଲା ବଲତେ ପାରିସ୍" (୬୭ପୃଷ୍ଠା) କହୁଅଛି ଓ ଆଲୁ ସାହେବଙ୍କର ବିକୃତ ଓଡ଼ିଆ ବ୍ୟବହାରକୁ ଓକିଲ ସମର୍ଥନ କରୁଅଛନ୍ତି ।

କେଳା କେଳୁଣୀ, ଶବର ଶବରୁଣୀ ପ୍ରଭୃତିଙ୍କ ଭାଷାର ବ୍ୟବହାର ଦ୍ୱାରା ଅନେକ ଓଡ଼ିଆ ନାଟକରେ ନାନା ପ୍ରକାର କୃତ୍ରିମତା ଦେଖାଯାଏ ଓ ଯୁଗଧର୍ମ, କାଞ୍ଚନମାଳୀ, କଳାବଣ, ସାବିତ୍ରୀ, କାର୍ତ୍ତବୀର୍ଯ୍ୟ ପ୍ରଭୃତି ନାଟକମାନଙ୍କରେ ଏମାନଙ୍କ ମୁଖରେ ଯେଉଁ ଭାଷା ଦିଆଯାଇଅଛି, ତାହା ନାଟକୀୟ ରୀତିରେ ପରିଣତ ହୋଇଅଛି । ଓଡ଼ିଶାର ବିଭିନ୍ନାଞ୍ଚଳର ଭାଷାର ବ୍ୟବହାର ମଧ୍ୟ କେତେକ ଓଡ଼ିଆ ନାଟକରେ ଦେଖାଯାଏ । ସମଲେଶ୍ୱରୀ ନାଟକରେ ସମ୍ବଲପୁରରେ ପ୍ରଚଳିତ ଭାଷାର, ଅଭୁରମ ସିଂହ ନାଟକରେ

ସିଂହଭୂମିରେ ପ୍ରଚଳିତ ଭାଷାର, ମୁରଧର୍ମ ଓ ଶାସ୍ତ୍ରବଦନବାସ ପ୍ରଭୃତି ନାଟକମାନଙ୍କରେ ଦକ୍ଷିଣାଞ୍ଚଳରେ ବ୍ୟବହୃତ ଓଡ଼ିଆ ଭାଷାର ଉଦାହରଣ ଦିଆଯାଇଅଛି । ମାତ୍ର ଏହି ନାଟକମାନଙ୍କର ବହୁଳାଂଶରେ ବିଶୁଦ୍ଧ ଓଡ଼ିଆ ଭାଷା ବ୍ୟବହୃତ ହୋଇଅଛି । ସମ୍ପୂର୍ଣ୍ଣ ପ୍ରାଦେଶିକ ଭାଷାରେ ଲିଖିତ ଓଡ଼ିଆ ନାଟକ ନାହିଁ ଓ ଉତ୍ତରାଞ୍ଚଳର ଲୋକମାନଙ୍କର ବ୍ୟବହୃତ ବିକୃତ ଓଡ଼ିଆ ଭାଷାର ଉଦାହରଣ ମଧ୍ୟ କୌଣସି ଓଡ଼ିଆ ନାଟକରେ ଦିଆଯାଇ ନାହିଁ, କେବଳ 'ବଡ଼ଲୋକ' ନାଟକରେ ତାମ୍ବୁଲୀର ବିକୃତ ବଙ୍ଗଳା ଭାଷାର ବ୍ୟବହାର ମଧ୍ୟରେ ଉତ୍ତରାଞ୍ଚଳରେ ବ୍ୟବହୃତ ଭାଷାର କିଞ୍ଚିତ୍ ନମୁନା ଆମ୍ଭେମାନେ ପାଉଅଛୁଁ ।

ଓଡ଼ିଆ ନାଟକମାନଙ୍କରେ ସ୍ତ୍ରୀଚରିତ୍ର ଓ ପୁରୁଷଚରିତ୍ରମାନଙ୍କ ମଧ୍ୟରେ ଭାଷାଗତ କୌଣସି ପାର୍ଥକ୍ୟ କରାଯାଇ ନାହିଁ । ଏ ବିଷୟରେ ଇଂରାଜୀ ଓ ବଙ୍ଗଳା ନାଟକମାନଙ୍କର ନାଟ୍ୟଶାସ୍ତ୍ର ରୀତି ଓଡ଼ିଆରେ ଅନୁସୃତ ହୋଇଅଛି । କାରଣ ସଂସ୍କୃତ ନାଟକମାନଙ୍କରେ ପାର୍ଥକ୍ୟ ସ୍ଥାପନ କରିବାହିଁ ରୀତି । ଚୈତନ୍ୟଲୀଳା, ଲୀଳାବତୀ, କାର୍ତ୍ତବୀର୍ଯ୍ୟ ନାଟକମାନଙ୍କରେ ସ୍ତ୍ରୀ ଓ ପୁରୁଷ ଉଭୟ ପ୍ରକାର ଚରିତ୍ର ଅବାଧରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରିଅଛନ୍ତି ଓ ଅନ୍ୟାନ୍ୟ ନାଟକରେ ମଧ୍ୟ ଏହି ରୀତି ଅନୁସୃତ ହୋଇଅଛି । ଗଦ୍ୟ ବ୍ୟବହାରରେ ମଧ୍ୟ ସ୍ତ୍ରୀଚରିତ୍ର ପୁରୁଷଚରିତ୍ର ମଧ୍ୟରେ କୌଣସି ପାର୍ଥକ୍ୟ କରାଯାଇ ନାହିଁ । ଅତିପ୍ରାକୃତ ଦେବଚରିତ୍ର କିମ୍ବା ମନୁଷ୍ୟ-ଚରିତ୍ର ଉଭୟେ ଏକାଭଳି ଭାଷା ବ୍ୟବହାର କରିବା ଓଡ଼ିଆ ନାଟକରେ ରୀତିରେ ପରିଣତ ହୋଇଅଛି । କେବଳ ହାସ୍ୟରସପ୍ରଧାନ କଥୋପ-କଥନ କଥ୍ୟ ଭାଷାକୁ ଅନୁସରଣ କରେ ଓ ଗୌରବପ୍ରଧାନ ଭାଷା ସାହିତ୍ୟିକ ଭାଷାକୁ ଅନୁସରଣ କରେ, ଏହାହିଁ ନାଟକୀୟ ରୀତି । ଓଡ଼ିଆ ନାଟକମାନଙ୍କରେ ରସବୈଚିତ୍ର୍ୟଜନିତ ଦୁଇ ପ୍ରକାର ଭାଷାର ପ୍ରଚଳନ କରା-ଯାଇଅଛି ଅର୍ଥାତ୍ ରସ ଅନୁଯାୟୀ ଭାଷାର ପରିବର୍ତ୍ତନ କରାଯାଉଥିଲେହେଁ ଚରିତ୍ର ଅନୁଯାୟୀ ଭାଷାର ପରିବର୍ତ୍ତନ ପୂର୍ବ ନିର୍ଦ୍ଦିଷ୍ଟ ବିଶେଷ ବିଶେଷ ସ୍ଥାନ ଭିନ୍ନ ଅନ୍ୟତ୍ର ଦେଖାଯାଏ ନାହିଁ ।

ଓଡ଼ିଆ ନାଟକର ଭାଷାଗତ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସାହିତ୍ୟିକ ବା କଥ୍ୟ ଭାଷାର ବ୍ୟବହାର । ଓଡ଼ିଆ ନାଟକ ଲେଖା ଆରମ୍ଭ ସମୟରୁ ସଂସ୍କୃତ ଭାଷାର ପ୍ରଭାବ ଲକ୍ଷିତ ହୋଇଅଛି ଓ କାଞ୍ଚିକାବେରୀ ନାଟକରେ ବିଦୂଷକର ଏପରି ଭାଷାର ବ୍ୟବହାରର ଉଦାହରଣ ଏଥିପୂର୍ବେ ଦିଆଯାଇଅଛି ।

ନାଟକୀୟ ଉପାଖ୍ୟାନ ମଧ୍ୟରେ 'ମନ୍ଦମଲୟାନିଳକମ୍ପିତ ଶାଖସ୍ତବକା, ମନୋହାରିଣୀ କୁସୁମକଳିକା'ର ବ୍ୟବହାର କଥାର ଅସ୍ୱାଭାବିକ, ତାହା ସମସ୍ତେ ଅନୁଭବ କରି ପାରୁଥିବେ । ଦକ୍ଷିଣାଞ୍ଚଳସ୍ଥ ରାଜନ୍ୟମାନଙ୍କ ରଚିତ ନାଟକମାନଙ୍କରେ ସଂସ୍କୃତ ଭାଷାର ପ୍ରାଧାନ୍ୟ ସୁସ୍ପଷ୍ଟ ଓ ଏହି ଭାଷା ଏତେ କଠିନ ଯେ, ଅଭିନୟ ସମୟରେ ସାଧାରଣ ଅଭିନେତା ଏହାକୁ ଯଥାଯଥ ବ୍ୟବହାର କରିବା ଅସମ୍ଭବ । ଦର୍ଶକମାନେ ମଧ୍ୟ ଏହାର ରସ ଗ୍ରହଣ କରି ପାରିବା ସମ୍ଭବ ନୁହେଁ । 'ହେ ଭୂଧର କ ମନୋହରମୂର୍ତ୍ତି',...ଯାହାର ଶରୀରର ଛାୟାରେ ଛାୟାବଲମ୍ବିଙ୍କ କରଜାଳ ମହାଦେବଙ୍କୁ ସ୍ପର୍ଶ କଲା ନାହିଁ" ଏପରି ଭାଷା ଯେ ନାଟକରେ ବ୍ୟବହାରର ଅଯୋଗ୍ୟ, ତାହ ଅସ୍ୱୀକାର କରିବା ସମ୍ଭବ ନୁହେଁ । ମାତ୍ର ଭାଷାର କାଠିନ୍ୟ ବିଷୟରେ ଇଙ୍ଗି ଦେବାକୁ କେତେକ ନାଟକରେ ଲେଖକମାନେ ଏପରି ଭାଷାକୁ ସମର୍ଥନ କରିଅଛନ୍ତି ଓ ଅବାଧରେ ଏପରି ଭାଷା ନିଜ ରଚିତ ଓ ଆନୁକୂଲ୍ୟରେ ପ୍ରକାଶିତ ନାଟକମାନଙ୍କରେ ବ୍ୟବହାର କରିଅଛନ୍ତି । ସାଧାରଣ ଓଡ଼ିଆ ନାଟକମାନଙ୍କରେ ମଧ୍ୟ ସଂସ୍କୃତର ପ୍ରଭାବ ନାନା ସ୍ଥାନରେ ଲକ୍ଷିତ ହୋଇ-ଥାଏ । 'ସାବିତ୍ରୀ'ରେ (୫୩ ପୃଷ୍ଠା) ଦୁର୍ଦ୍ଦାନ୍ତସିଂହ "ପ୍ରାର୍ଥୟିଷ୍ୟେ କରଣୀୟା" ଏହିପରି ପଦ ବ୍ୟବହାର କରୁଅଛି ଓ ଅନ୍ୟତ୍ର (୭୮ ପୃଷ୍ଠା) ସାବିତ୍ରୀ "ପିତଃ ପିତଃ" ବୋଲି ନିଜର ଆବେଗ ପିତାଙ୍କ ଗୋଚର କରୁଅଛି । 'ସୁଦାମା' ନାଟକରେ ଏହିପରି (୫୭ ପୃଷ୍ଠା) "ଆକାଶରେ ଭ୍ରମଣ କରି ମୋର ମାନ-ଭୁକ୍ତି କରାଇଲ" ବାକ୍ୟାଂଶରେ ସଂସ୍କୃତର ପ୍ରଭାବ ସ୍ପଷ୍ଟ । 'ଭାସ୍ୱତୀ' (୭, ୮, ୩୦ ପୃଷ୍ଠା), 'କାର୍ତ୍ତବୀର୍ଯ୍ୟ' (୮୩ ପୃଷ୍ଠା), 'କୋଣାର୍କ' (୫୨ ପୃଷ୍ଠା), 'ସମଲେଶ୍ୱରୀ' (୨୯ ପୃଷ୍ଠା) ପ୍ରଭୃତି ନାନା ଓଡ଼ିଆ ନାଟକରେ ସଂସ୍କୃତ ଭାଷାର ପ୍ରଭାବର ଉଦାହରଣ ଆମ୍ଭେମାନେ ପାଇଥାଉଁ । ଲିଖିତ ସାହିତ୍ୟର ଭାଷା ଓ କଥିତ ଭାଷା ମଧ୍ୟରେ ବ୍ୟବଧାନ ଥିବାରୁ କେବଳ ଅଭିନୟ ନିମନ୍ତେ ଲିଖିତ ନାଟକରେ (ଯଥା—ମୀର କାଶିମ, ପାଇକପୁଅ ପ୍ରଭୃତି) ଏହାର ଉଦାହରଣ ବିଶେଷ ନ ମିଳିଲେହେଁ ଅନ୍ୟାନ୍ୟ ସବୁ ନାଟକର ନାନା ସ୍ଥାନରେ ଏହିପରି ଭାଷା ବ୍ୟବହୃତ ହୋଇଅଛି । କେବଳ ପ୍ରହସନ-ମାନଙ୍କରେ ଏପରି ଭାଷାର ବ୍ୟବହାର ଏକାନ୍ତ ବିରଳ ଏବଂ ଏହାହିଁ ସ୍ୱାଭାବିକ ।

କିନ୍ତୁ ନାଟକୀୟ ଭାଷା ଅନ୍ୟାନ୍ୟ ସାହିତ୍ୟିକ ଭାଷାଠାରୁ ଭିନ୍ନ । ନାଟକରେ ଉତ୍ତେଜନା ଓ ଆବେଗ ପ୍ରକାଶ କରିବା ନିମନ୍ତେ ଭାଷାର

ବ୍ୟବହାର କରଯାଏ ଓ ଉତ୍ତେଜନା ପ୍ରକାଶ କରିବାର ଭାଷା ସାଧାରଣ ବର୍ଣ୍ଣନା କରିବା ସମୟରେ ବ୍ୟବହୃତ ଭାଷାଠାରୁ ଭିନ୍ନ । 'ରାମାଭିଷେକ' ନାଟକରେ ବ୍ୟବହୃତ ଭାଷା ଉକ୍ତାଙ୍କର ସାହିତ୍ୟିକ ଭାଷା, ମାତ୍ର ତାହା ନାଟକୀୟ ଭାଷା ନୁହେଁ । ସେହି ନାଟକର ଏକ ସ୍ଥାନରେ ଲକ୍ଷ୍ମଣ ଇନ୍ଦ୍ରଜିତଙ୍କର ଯୁଦ୍ଧ ଓ ମୃତ୍ୟୁ ବର୍ଣ୍ଣନା କରୁଅଛନ୍ତି:—"ଲକ୍ଷ୍ମଣ ଇନ୍ଦ୍ରଜିତଙ୍କର ଧନୁ କାଟି ପକାଇବାରୁ ସେ ଆଉ ଗୋଟିଏ ଧନୁ ନେଇ ଗୁଣ ଲଗାନ୍ତେ ଲଗାନ୍ତେ ଲକ୍ଷ୍ମଣ ତାହାକୁ ସୁଦ୍ଧା କାଟିପକାଇ ପ.ଞ୍ଚଗୋଟି ବାଣରେ ତାହାର ବକ୍ଷ ଭେଦ କରିବାରୁ ସେ ରକ୍ତ ବାନ୍ତି କଲା, ତଥାପି ହଟି ନ ଯାଇ ଅନ୍ୟ ଧନୁ ନେଇ ଲଢ଼ିଲା । ପୁଣି ତାହାର ସାରଥି ଓ ଘୋଡ଼ାମାନ କଟା ହେଲେ । କଟ, ମୁଦ୍‌ଗର, ଶୂଳ, ଭୁଶୁଣ୍ଡି, ଗଦା, ଖଡ୍‌ଗ ପ୍ରଭୃତି ଅସ୍ତ୍ର ପରିଚାଳନାର ମଧ୍ୟ ସୀମା ରହିଲା ନାହିଁ । ଇନ୍ଦ୍ରଜିତର ଆଗ୍ନେୟ ଅସ୍ତ୍ର ଲକ୍ଷ୍ମଣ ସୌର୍ଯ୍ୟ ଅସ୍ତ୍ରରେ କାଟିଲେ । ଅବଶେଷରେ ଐନ୍ଦ୍ର ଅସ୍ତ୍ରଦ୍ୱାରା ଇନ୍ଦ୍ରଜିତର କିରୀଟକୁଣ୍ଡଳାବୃତ ମୁଣ୍ଡ କଟିଯାଇ ଭୂଇଁରେ ଗଡ଼ିବାରୁ ଯେଉଁ ରାକ୍ଷସସେନା ବଞ୍ଚିଲେ, ସେମାନେ ପଟ୍ଟିଶ, ପରଶୁ ପ୍ରଭୃତି ଛାଡ଼ି ଡରେ ପଳାଇ ଗଲେ" (୧୯୧ ପୃଷ୍ଠା) । ଏହି ଉକ୍ତିର ଭାଷା ମଧ୍ୟରେ ସଂସ୍କୃତର ପ୍ରଭାବ ତେତେ ନାହିଁ, ମାତ୍ର ଏହା ବର୍ଣ୍ଣନାର ଭାଷା, ନାଟକର ଭାଷା ନୁହେଁ, ଏହା ମଧ୍ୟରେ ଆବେଗ ବା ଉତ୍ତେଜନା ପରିବର୍ତ୍ତେ ଉପନ୍ୟାସସୁଲଭ ବର୍ଣ୍ଣନା ମାତ୍ର ରହିଯାଇଅଛି ଓ ନାଟ୍ୟକାରଙ୍କର ବାଲ୍ୟାବସ୍ଥା ପ୍ରକାଶିତ ହେଉଥିଲେହେଁ ନାଟକକୁ ଅଭିନୟର ଅନୁପଯୋଗୀ କରୁଅଛି । ପଦ୍ୟମୟ ନାଟକରେ ମଧ୍ୟ ଏପରି ଭାଷାର ବ୍ୟବହାର ଦେଖାଯାଏ । 'ଚୈତନ୍ୟଲୀଳା' ନାଟକରେ ଏହାର ଭୂରି ଭୂରି ଉଦାହରଣ ମିଳିପାରେ ଓ (୨୫୩ ପୃଷ୍ଠା)

"ଶୁଣି ଧନ୍ୟଜନ ତୋର ଭଳି ବଶୀଭୂତ
ହୋଇଲୁ ସନ୍ୟାସୀ ଯେବେ ବିବାହ ଦେବାକୁ
ହୋଇଲୁ ଉଦ୍‌ବେଗୀ, କାହିଁ ପଳାଇଣ ଗଲୁ
ଛିଣ୍ଡାଇ ସ୍ନେହର ଡୋର ଅଜାଣତେ ସବୁ ।

ଏହିପରି ପଦ୍ୟରେ ହୃଦୟର ଉତ୍ତେଜନା ପ୍ରକାଶ କରିବା ଅସମ୍ଭବ । ଏହା ସାହିତ୍ୟିକ ବର୍ଣ୍ଣନାତ୍ମକ ପଦ୍ୟର ନମୁନା ମାତ୍ର ।

ନାଟକ ରଚନା କରିବା ସମୟରେ ଭାଷାଗତ ଚତୁର୍ଥ ସମସ୍ୟା ନାଟକର କଥୋପକଥନ ମଧ୍ୟରେ ଉତ୍ତେଜନା ପ୍ରକାଶ କରିବା ଦ୍ୱାରା ନାଟକକୁ ଅଭିନୟର ଉପଯୋଗୀ କରିବା, ପୁଣି ନାଟକ ମଧ୍ୟରେ ସରସ

ସୁମଧୁର ବାକ୍ୟାବଳୀ ସଂଯୋଜିତ କରି ତାହାକୁ ସାହିତ୍ୟିକ ରୂପ ଦେବା । ଅନେକ ସ୍ଥାନରେ ସାହିତ୍ୟିକ ଭାଷା ବ୍ୟବହାର କରିବା ଦ୍ୱାରା ଉତ୍ତେଜନା ପ୍ରକାଶିତ ହୋଇ ପାରୁ ନାହିଁ, ପୁଣି ଅନେକ ସ୍ଥାନରେ ଉତ୍ତେଜନାର ଅଯଥା ଆଧିକ୍ୟଦ୍ୱାରା ମଧ୍ୟ ନାଟକର ରସ ଆସ୍ୱାଦନରେ ବାଧା ଜାତ ହେଉଅଛି । ଉତ୍ତେଜନା ପ୍ରକାଶ କରିବା ନିମନ୍ତେ ଅନେକ ନାଟକରେ ଭଗ୍ନ ଭାଷାର ବ୍ୟବହାର କରାଯାଏ ଅର୍ଥାତ୍ ନାଟକରେ ପୂର୍ଣ୍ଣବାକ୍ୟ ବ୍ୟାକରଣର ନିର୍ଦ୍ଦେଶକୁ ଅନୁସରଣ କରି ଲିଖିତ ହୁଏ ନାହିଁ ।

'ମୀର୍ କାଶିମ' ନାଟକରେ ଏହାର ଅନେକ ଉଦାହରଣ ମିଳ ପାରେ । ଯଥା—"ଲୁଟେରେ—ଲୁଟେରେ ମୀରନ୍—ହିଂସ୍ର ପଶୁ ମଧ୍ୟ କୃତଜ୍ଞତା ଜଣାଇବାକୁ ପଦଲେହନ କରେ, ତାର ପ୍ରଭୁର—ହିଂସ୍ର ପଶୁ ମଧ୍ୟ ଚିତ୍କାର କରି ଉଠେ ବକ୍ଷରକ୍ତପାନ କରିବାକୁ ତାର ପାଳକର—ଆଉ ଲୁଟେରେ—ପିତୃସମ ପାଳକର—ଅନ୍ନଦାତାର—ସର୍ବୋପରି ପ୍ରଜାର ଗାତ୍ର ଛିନ୍ନ ରକ୍ତ ପାନ କରୁଛ ଉଲ୍ଲାସରେ" ଇତ୍ୟାଦି । (୭ ପୃଷ୍ଠା) "ଜହାପିନ୍ନାହେ ହଜୁର—ଏଇ ମାଣିକଜାଆଁ ଯେପରି ଅଗ୍ନିସରଣୀ—ସେଥିରେ ତାକୁ ବିଶ୍ୱାସ ନାହିଁ—ଏଇ ଝଙ୍କାଳେଇ ଦେଖାଇ ଯେ ଯାହା କହି କହିନିଏ—ଜାଣନ୍ତି ତ ସ୍ୱୀକ କଥା" (୧୮ପୃଷ୍ଠା) । "ଏ କଣ ? ଏ କି ବିଂଶଦ ଅନୁଭବ କରୁଛି ? ମୁଁ ବୁଝିନା କାହିଁକି ? ଜଣକର ପ୍ରାଣ ବିନାଶ କରି ମୋର ପଦ ପୁରସ୍କାର କରୁଛି ବୋଲି ? ପ୍ରଲୋଭନ ସମ୍ମୁଖରେ ଲୁବ୍ଧ ହୋଇ ମୋର କାର୍ଯ୍ୟ କରୁଛି ବୋଲି ? ବେଶ୍—ସତ୍ୟ କଥା ? ଚୁପ ଚୁପ, ଠିକ୍ କହୁଛ, ଠିକ୍ କହୁଛ, ପ୍ରଲୋଭନକୁ ଆୟତ୍ତ କରି କାର୍ଯ୍ୟ କରିବାହିଁ ପ୍ରକୃତ ବୀରତ୍ୱ—ପ୍ରାଣୀର ପ୍ରାଣରକ୍ଷା କରି ସୁପଥରେ ଅଗ୍ରସର ହେବାହିଁ ପ୍ରକୃତ କର୍ତ୍ତବ୍ୟ-ପାଳନ" (ସମଲେଶ୍ୱର ୧୭ପୃଷ୍ଠା) । "ଏଁ, ଏଁ, କଏ ଏଠି ? ଭାଇ ! ଭାଇ ! ନିଷ୍ଠୁର ଏହା ମାୟାବି—ଈଶ୍ୱରଙ୍କ କରୁଣା—ଦୁର୍ଦ୍ଦାନ୍ତ କବଳରୁ ଆମ୍ଭମାନଙ୍କୁ ରକ୍ଷା କରିବା ସକାଶେ ସୃଷ୍ଟି ହୋଇଥିଲ । —ଦେଖ ନାହିଁ, ଏ ସେହି ନରପିଶାଚ" (ସାବିତ୍ରୀ ୧୦୪ ପୃଷ୍ଠା) ।'ତାଜମହଲ', 'ସେଉଟି', 'ମାତୃପୂଜା', 'ପାଇକପୁଅ' ପ୍ରଭୃତି ନାଟକମାନଙ୍କରେ ଏହିପରି ଭଗ୍ନ କଥା ଓ ଶବ୍ଦମାନଙ୍କର ନାଟକୀୟ ବିନ୍ୟାସଗତର ଉଦାହରଣ ମଧ୍ୟ ମିଳେ । ସାଧାରଣତଃ ବାକ୍ୟରେ ପଦମାନଙ୍କର ଯେପରି ବିନ୍ୟାସ ହେବା ଉଚିତ ତାହାର ବ୍ୟତିକ୍ରମଦ୍ୱାରା ଉତ୍ତେଜନା ପ୍ରକାଶ କରିବାକୁ ନାଟକୀୟ ବିନ୍ୟାସ

ସ୍ପଷ୍ଟ ବୋଲି ଜଣାଯାଇ ପାରେ ଓ ଆଧୁନିକ ଅନେକ ନାଟକରେ ଏହି ହାସ୍ୟାସ୍ପଦ ଅନୁକୃତ ହୋଇଅଛି ।

ଉତ୍ତେଜନା ପ୍ରକାଶ କରିବାର ଆଉ ଏକ ଉପାୟ ଏକ ଶବ୍ଦର ବା ଏକାର୍ଥବୋଧକ ଶବ୍ଦମାନଙ୍କର ପୁନଃ ପୁନଃ ବ୍ୟବହାର ଓ ଓଡ଼ିଆ ନାଟକମାନଙ୍କରେ ଏପରି ବ୍ୟବହାର ମଧ୍ୟ ବିରଳ ନୁହେ । "ଭ୍ରାନ୍ତ—ଭ୍ରାନ୍ତ ତୁମ୍ଭେ ମୀରନ୍—ତୁମ୍ଭେ ନବାବୀ କରିବାକୁ ଆସିନାହଁ—ତୁମ୍ଭେ ଆସିଛ ସମୃଦ୍ଧ ଅନ୍ତର ଶୋଣିତ ଶୋଷିବାକୁ—ଧର୍ମ, ମହତ୍ତ୍ୱ, ମର୍ଯ୍ୟାଦାରେ ଜଳାଞ୍ଜଳି ଦେଇ ବିଳାସର ପଦଲେହନ କରିବାକୁ । ମୁଁ ଆଜ ରକ୍ଷା କରିବି, ଏହି ପିଶାଚର ଦୃଷ୍ଟ ଆବେଷ୍ଟନୀରୁ—ମୁକ୍ତ କରିବି କଳଙ୍କମୟ ଜୀବନରୁ" (ମୀର କାଶିମ, ୭ପୃଷ୍ଠା) କିମ୍ବା

କୁମାର—ଅରୁଣା ଶାଲ୍ୱଦେଶ ବୋଲି ଶୁଣୁଛି ପିତଃ ।

ହେମପ୍ରଭା—ଅରୁଣା ଶାଲ୍ୱଦେଶ । କିପରି ? ନା, ନା ! ସମ୍ୟକ୍ ଅନୁସନ୍ଧାନ କରିହୋଇଛି ତ ?

ରତ୍ନ—ସେ ଯେ ତଳଗର୍ଭରେ ଶାୟିତା, ମନୁଷ୍ୟ ସନ୍ଧାନର ବହିର୍ଭୂତା ।

ହେମପ୍ରଭା—ବହିର୍ଭୂତା । ତେବେ କ ପ୍ରକୃତରେ ଅରୁଣା ନାହିଁ ?

(ସମଲେଶ୍ୱରୀ ୩୩ ପୃଷ୍ଠା) ।

ଏହିପରି ଉକ୍ତି ପ୍ରତ୍ୟୁକ୍ତିମାନଙ୍କ ମଧ୍ୟରେ ପୁନରୁକ୍ତିଦ୍ୱାରା ଉତ୍ତେଜନାର ଆଭାସ ଦିଆଯାଇଅଛି ଓ ଏହିପରି ଭାଷା ନାଟକୀୟ ଭାଷା ବୋଲି ଓଡ଼ିଆ ନାଟକର ନାନା ସ୍ଥାନରେ ଦେଖିବାକୁ ମିଳେ, ମାତ୍ର ଆଧୁନିକ ନାଟକମାନଙ୍କର ଅନେକ ସ୍ଥଳରେ ମାନସିକ ଉତ୍ତେଜନା ପ୍ରକାଶ ନିମନ୍ତେ ଏହିପରି କୃତ୍ରିମ ଭାଷାର ବ୍ୟବହାର କରା ନ ଯାଇ ସାଧାରଣ କଥୋପକଥନ ମଧ୍ୟରେ ଉତ୍ତେଜନା ପ୍ରକାଶ କରିବାର ପ୍ରୟାସ କରାଯାଇ-ଥାଏ । ଏପରି ନାଟକ ରଚନା କରିବା ସୁକଠିନ ଓ ଉନ୍ନତ କଳା-ଜ୍ଞାନର ନିଦର୍ଶନ । 'ଦେଶର ଡାକ' ନାଟକରେ ଏହିପରି ଭାଷା ଆଦ୍ୟନ୍ତ ବ୍ୟବହୃତ ହୋଇଅଛି ।

ଅନେକ ସମୟରେ ଅତି ଅଳ୍ପ କଥାଦ୍ୱାରା ମଧ୍ୟ ଉତ୍ତେଜନା ପ୍ରକାଶିତ ହୋଇପାରେ ଓ ଓଡ଼ିଆ ନାଟକମାନଙ୍କରେ ଏହାର ଉଦାହରଣ ମଧ୍ୟ ବିରଳ ନୁହେଁ । ଯଥା—ସମଲେଶ୍ୱରୀ (୩୨ ପୃଷ୍ଠା) ।

ଶେଖର—କଅଣ ହୋଇଛି ?

କୁମାର—ଅମୂଳପୁତ୍ରଜନକଙ୍କିଙ୍କ ସମସ୍ତ ଶାନ୍ତ ହୋଇଛି ।

ଶେଖର—କିପ୍ରସ୍ତୁ ?

ଜାନକୀ—ସ୍ୱୟମ୍ଭୁ ମହାଦେବ ।

ଏହି କଥୋପକଥନରେ ବାକ୍ୟାଂଶ ଅତି ଅଳ୍ପ, ମାତ୍ର ହୃଦୟର ଉତ୍ତେଜନା ଦେଖାଇବା ନିମନ୍ତେ ଏହି ଅଳ୍ପ ବାକ୍ୟାଂଶହିଁ ଯଥେଷ୍ଟ । ଅଭିନୟ ସମୟରେ ଅଭିନେତାର ଅଙ୍ଗଭଙ୍ଗୀଦ୍ୱାରା ଏହା ପୂର୍ଣ୍ଣତା ଲାଭ କରୁଥିବାରୁ ଅଭିନୟ ନିମନ୍ତେ ଲିଖିତ ନାଟକମାନଙ୍କରେ ଖଣ୍ଡ ଭାଷାର ବ୍ୟବହାର ଅଶୋଭନ ନୁହେଁ । 'ପାଳକପୁତ୍ର', 'ଘାତମହଲ' ପ୍ରଭୃତି ନାଟକମାନଙ୍କରେ ଏହାର ଉଦାହରଣ ନାନା ସ୍ଥାନରେ ମିଳିଥାଏ, ମାତ୍ର ନାଟକକୁ ପାଠ କରିବା ସମୟରେ ଅଭିନେତାର ସାହାଯ୍ୟ ମିଳିବା ଅସମ୍ଭବ ହୋଇଥିବାରୁ ନାଟକ ମୁଦ୍ରାଙ୍କନ ସମୟରେ ନାନା ପ୍ରକାର ଅଭିନୟନିର୍ଦ୍ଦେଶ ଅନ୍ତର୍ନିହିତ ଭାବମାନଙ୍କୁ ସୁପ୍ରକାଶିତ କରିବା ପ୍ରୟୋଜନ ହୁଏ ।

କିନ୍ତୁ ଅନେକ ସମୟରେ ନାଟକୀୟ ଭାଷାର ଅପବ୍ୟବହାର ମଧ୍ୟ ଓଡ଼ିଆ ନାଟକରେ ଦେଖାଯାଏ । 'ମୀର କାଶିମ' ନାଟକରେ ଅତ୍ୟନ୍ତ ନାଟକୀୟ ଉତ୍ତେଜନାପୂର୍ଣ୍ଣ ଅନେକସ୍ଥଳ ଭାଷା ବ୍ୟବହୃତ ହୋଇଅଛି, ତେଣୁ ଅଭିନୟ ସମୟରେ ଏହା ହୃଦୟଗ୍ରାହୀ ହେଲେହେଁ ନାଟକଟି ପାଠକମାନଙ୍କର ଚିତ୍ତାକର୍ଷକ ହୁଏ ନାହିଁ । 'ଶୁଭଦର୍ଶନ'ରେ (୨୯ ପୃଷ୍ଠା) "ତରବାରି, ପ୍ରହାର, ପଦାଘାତ, ସଦାଶିବ ।... ଛୁଆ ପଡ଼ିଲେ କାନ୍ଥ ଅଚଳା ହେବ" କିମ୍ବା 'ଭୂଇଁଭୂବନ'ରେ (୭୩ ପୃଷ୍ଠା)

ତଳସି—କେଉଁଠ ତ ଲାଗୁ ନାହିଁ ପଣ୍ଡାଂ—

ବୋହିବା ଶୁଣ ପାଇଥାନ୍ତା ପଣ୍ଡାଂ ?

ଜନାର୍ଦ୍ଦନ—ଧଣ୍ଡାଂ, ମଣ୍ଡାଂ, ଦଣ୍ଡାଂ ।

କନକ—ଅଛା, ଅର୍ଜ୍ଜ ।

ଜନାର୍ଦ୍ଦନ—ଖଣ୍ଡା, ଖଣ୍ଡା ।

ପ୍ରଭୃତି କଥୋପକଥନ ମଧ୍ୟରେ ତଥା 'ଗୋପାଳ ବିଦ୍ୟାଧର' ନାଟକର (୧୨୭ ପୃଷ୍ଠା), "ପ୍ରଥମ ଦର୍ଶ—ପଶୁଙ୍କୁ ଅଧମ ହେଉଛି ଧର୍ମାତ୍ମା" କହିବା ମଧ୍ୟରେ ଯେଉଁ ଧ୍ୱନିର ପୁନରାବୃତ୍ତି ନାଟକୀୟ ଉକ୍ତିରୂପେ ବ୍ୟବହୃତ ହୋଇଅଛି, ତାହା ବାସ୍ତବରେ ହାସ୍ୟକର ଓ ଏହା ହାସ୍ୟରସ ନାଟ୍ୟକାରଙ୍କ ଅନଭିପ୍ରେତ ବୋଲି ମନେ ହେବା ସ୍ୱାଭାବିକ ।

'ରାମବନବାସ' ନାଟକରେ (୨୫୮, ୨୫୯, ୨୬୬ ପୃଷ୍ଠା) ଲକ୍ଷ୍ମଣଙ୍କ ମୁଖରେ ଯେଉଁ ସୁଦୀର୍ଘ ବକ୍ତୃତା ଦିଆଯାଇଅଛି, ସେଥିରେ "ଗ୍ରୀବା ବର୍ଣ୍ଣାଭରଣଃ କ୍ରୋଧ ହବରେ" ଓ "ଜନ୍ମ ତେଜୋଦୀପ୍ତ ହୋଇ" ପ୍ରଭୃତିର ନିର୍ଦ୍ଦେଶ ଥିଲେ ମଧ୍ୟ ସାହିତ୍ୟିକ ରୂପର ଆଡ଼ମ୍ବର ମଧ୍ୟରେ ସମସ୍ତ ଉତ୍ତେଜନା ବିଲୁପ୍ତ ହୋଇ ଯାଇଅଛି" ଓ ସୀତା ମଧ୍ୟ କୋପ-ସମନ୍ୱିତା ହୋଇ "ହଂସ-ଚାରେଣ୍ଡ୍ରବ-ସମାକୀର୍ଣ୍ଣ ପଦ୍ମପୁଷ୍ପଶୋଭିତ ସରୋବର ଦେଖିବାକୁ ମୋର ଇଚ୍ଛା ଅଛି" ପ୍ରଭୃତି କହିବା ସମୟରେ (୨୬୮ ପୃଷ୍ଠା) ଦର୍ଶକ ବା ପାଠକମାନେ ଉତ୍ତେଜନାର କ୍ଷୀଣ ଆଭାସ ମଧ୍ୟ ପାଇବା ଅସମ୍ଭବ । ଏହି ନାଟ୍ୟକାର ଦୁଃଖର ଉତ୍ତେଜନା ପ୍ରକାଶ କରିବା ନିମନ୍ତେ 'କଂସବଧ' ନାଟକରେ (୫୨୧ ପୃଷ୍ଠା) ଶବ୍ଦୀ ମୁଖରେ ଭଗ୍ନ ଗଦ୍ୟ ସନ୍ନିବେଶିତ କରି ମାନସିକ ଉତ୍ତେଜନାକୁ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି । 'କୋଣାର୍କ' ନାଟକରେ ଅଶ୍ୱିନୀବାବୁ ଉତ୍ତେଜନାର ଆଧିକ୍ୟ ପ୍ରଦର୍ଶନ କରିବା ନିମନ୍ତେ ହଠାତ୍ ଗଦ୍ୟ ଛାଡ଼ି ଅମିତ୍ରାକ୍ଷର ଛନ୍ଦକୁ ଅନୁସରଣ କରିଛନ୍ତି (୫୨ ପୃଷ୍ଠା) ଓ ଏହା ମଧ୍ୟ ଗୋଟିଏ ନାଟକୀୟ ରୀତିରୂପେ ଅନ୍ୟ ନାଟକମାନଙ୍କରେ ବ୍ୟବହୃତ ହୋଇଅଛି । ଓଡ଼ିଆ ନାଟକମାନଙ୍କରେ ଉତ୍ତେଜନା ପ୍ରକାଶ ନିମନ୍ତେ ନାନାବିଧ ରୀତି ଅନୁସୃତ ହୋଇଅଛି ଓ ନାଟ୍ୟକାରମାନେ ନାନା ଉପାୟରେ ସାହିତ୍ୟିକ ଭାଷା ଓ ନାଟକୀୟ ଭାଷା ମଧ୍ୟରେ ସମତା ରକ୍ଷା କରିବାର ଚେଷ୍ଟା କରିଅଛନ୍ତି ।

---

Printed by P. Kar. Utkal Sahitya Press, Cuttack.